# ଧରିତ୍ରୀ
DHARITRI

ଭୁବନେଶ୍ୱର, ଶନିବାର, ଜୁଲାଇ ୨୦/୨୦୧୯ (୨୦ ପୃଷ୍ଠା+ପିଲାଙ୍କ ଧରିତ୍ରୀ) | Bhubaneswar, Saturday, July 20/2019 (Career & Appointment) | ★★★★★★

୪୫ଶ ଭାଗ ୨୩୫ ସଂଖ୍ୟା | www.orissakhabar.com/www.dharitri.com | Printed at Bhubaneswar, Sambalpur, Angul and Rayagada | ମୂଲ୍ୟ ₹ ୫/-




**'ମିଶନ୍ ମଙ୍ଗଲ'ର ଟ୍ରେଲର ରିଲିଜ୍**
ସୁପରଷ୍ଟାର ଅକ୍ଷୟ କୁମାରଙ୍କ ଅଭିନୀତ 'ମିଶନ ମଙ୍ଗଲ'ର ଟ୍ରେଲର ରିଲିଜ ହୋଇଥିବାବେଳେ ଏହା ସୋସିଆଲ ମିଡିଆ ୟୁଜରଙ୍କୁ ଖୁବ୍ ଅନୁପ୍ରେରିତ କରିଛି । ୦୭

୧୯ **ହଲ୍ ଅଫ୍ ଫେମ୍‌ରେ ତେନ୍ଦୁଲକର**
ଭାରତୀୟ ବ୍ୟାଟିଂ ଆଇକନ୍ ସଚିନ ତେନ୍ଦୁଲକରଙ୍କୁ ଆଇସିସି ହଲ୍ ଅଫ୍ ଫେମ୍‌ରେ ସାମିଲ କରାଯାଇଛି ।




କଟକରେ ଚାଲିଥିବା ରାଜ୍ୟଗୋଷ୍ଠୀ ଟେବୁଲ ଟେନିସ ଚାମ୍ପିୟନଶିପ୍‌ର ଦଳଗତ ମହିଳା ଓ ପୁରୁଷ ବିଭାଗରେ ଚାମ୍ପିୟନ ହୋଇଥିବା ଭାରତୀୟ ଦଳ । (ରିପୋର୍ଟ ଖେଳ ପୃଷ୍ଠାରେ)

# କାହିଁ ଏତେ ଅନୁକମ୍ପା

**ଚିଦାନନ୍ଦ ଜେନା**
ଭୁବନେଶ୍ୱର,୧୯।୭

ଗ୍ରାମାଞ୍ଚଳ କଥା ଛାଡ଼ନ୍ତୁ, ଖୋଦ୍ ରାଜଧାନୀ ଭୁବନେଶ୍ୱରର ସବୁ ଅଞ୍ଚଳରେ ୨୪ ଘଣ୍ଟା ନିରବଚ୍ଛିନ୍ନ ବିଦ୍ୟୁତ୍ ଯୋଗାଣ ହୋଇପାରୁନାହିଁ। ଏନେଇ ପ୍ରତିକ୍ରିୟା ପ୍ରକାଶ ପାଇଲେ ରାଜ୍ୟରେ ବିଦ୍ୟୁତ୍ ସଂଯୋଗୀକରଣ, ବଣ୍ଟନ ଓ ଶୁଳ୍କ ଆଦାୟ ପାଇଁ ଦାୟିତ୍ୱ ନେଇଥିବା ସଂସ୍ଥା ସେସୁ, ସାଉଥ୍‌କୋ, ନେସ୍କୋ, ୱେସ୍‌କୋ ପକ୍ଷରୁ କ୍ଷତି ସହୁଥିବା କୁହାଯାଉଛି। ଏପରି କି ବିଜୁଳି ଦର ବଢ଼ାଇବା ପାଇଁ ଏହି ସଂସ୍ଥାଗୁଡ଼ିକ ପକ୍ଷରୁ ବିଭିନ୍ନ ସମୟରେ ଦାବି କରାଯାଉଛି। କିନ୍ତୁ ଶକ୍ତି ବିଭାଗ ଓ ସେସୁର କେତେଜଣ ଅଧିକାରୀଙ୍କ ଫ୍ରାଞ୍ଚାଇଜ୍ କମ୍ପାନୀ ପ୍ରୀତି ପାଇଁ ଉପଭୋକ୍ତାମାନେ ନିମ୍ନମାନର ବିଦ୍ୟୁତ୍ ସେବା ପାଉଛନ୍ତି। ଏପରି କି ସେହି ଅଧିକାରୀମାନଙ୍କ କାରସାଦି ଯୋଗୁ ଲୋକେ ଆଗାମୀ ଦିନରେ ମଧ୍ୟ ଦୁର୍ଦ୍ଦଶା ଭୋଗିବାର ଆଶଙ୍କା ଦେଖାଗଲାଣି। ସେସୁ ନିଜ ଅଧୀନରେ ଆସୁଥିବା ସଂଖ୍ୟାଧିକ ଅଞ୍ଚଳର କାର୍ଯ୍ୟ ଫ୍ରାଞ୍ଚାଇଜ୍ ଭାବେ ଏକାଧିକ ଘରୋଇ ସଂସ୍ଥାକୁ ଦେଇଆସୁଛି। ଉପଭୋକ୍ତାଙ୍କୁ ନିରବଚ୍ଛିନ୍ନ ବିଦ୍ୟୁତ ଯୋଗାଇ ଦେବା ଏହି ଘରୋଇ ସଂସ୍ଥାଗୁଡିକର ପ୍ରାଥମିକତା ହେବା କଥା। ହେଲେ ଫ୍ରାଞ୍ଚାଇଜ କମ୍ପାନୀଗୁଡିକ ଉପଭୋକ୍ତାଙ୍କଠାରୁ ଠିକ୍ ସମୟରେ ଶୁଳ୍କ ଆଦାୟ କରୁଥିଲେ ମଧ୍ୟ ସେସୁ ନିକଟରେ ଜମା କରୁନାହାନ୍ତି ବୋଲି ସୂଚନା ଅଧିକାର(ଆରଟିଆଇ) ଆଇନ ଜରିଆରେ ମିଳିଥିବା ତଥ୍ୟରୁ ଜଣାପଡିଛି। ହେଲେ ବିପୁଳ ପରିମାଣର ଅର୍ଥ ବକେୟା ରଖିଥିବା ଫ୍ରାଞ୍ଚାଇଜ୍ କମ୍ପାନୀର ଚୁକ୍ତି ଅବଧି ସରିଆସୁଥିଲେ ମଧ୍ୟ ସେଗୁଡ଼ିକୁ ପୁନଃ ଦାୟିତ୍ୱ ଦେବାକୁ ପ୍ରୟାସ କରାଯାଉଛି। ଏଭଳି ଫ୍ରାଞ୍ଚାଇଜ୍ କମ୍ପାନୀ ପ୍ରତି କାହିଁ ଏତେ ଅନୁକମ୍ପା ବୋଲି ପ୍ରଶ୍ନଉଠିଛି।

ଶକ୍ତି ବିଭାଗର ଜଣେ ବରିଷ୍ଠ ଅଧିକାରୀଙ୍କ କହିବାନୁଯାୟୀ, ଫ୍ରାଞ୍ଚାଇଜ ନେଇଥିବା କମ୍ପାନୀ ବହୁ କୋଟି ଟଙ୍କା ବାକି ରଖିଥିଲେ ବି କୌଣସି କାର୍ଯ୍ୟାନୁଷ୍ଠାନ ହେଉନାହିଁ। ଶକ୍ତି ବିଭାଗ ଏବଂ ସେସୁର କେତେଜଣ ଅସାଧୁ ଅଧିକାରୀଙ୍କ ପ୍ରଚ୍ଛନ୍ନ ସହଯୋଗରେ ଏହା ହେଉଛି। ଫ୍ରାଞ୍ଚାଇଜ ନେଉଥିବା ସମୟରେ କରାଯାଉଥିବା ଚୁକ୍ତି ଖିଲାପି ପରେ ବକେୟା ଅର୍ଥ ନ ଦେଇ ଘରୋଇ କମ୍ପାନୀ ଚୁପଚାପ ବସିଯାଉଛନ୍ତି। ଆଶ୍ଚର୍ଯ୍ୟର ବିଷୟ ଫ୍ରାଞ୍ଚାଇଜ୍ କମ୍ପାନୀ ପୁନର୍ବାର କିପରି ଶକ୍ତି ବିଭାଗର ବ୍ୟବସ୍ଥା ମଧ୍ୟକୁ ଆସି ଲୁଟ୍ କରିପାରିବେ, ସେ ନେଇ ରାସ୍ତା ପ୍ରଶସ୍ତ କରାଯାଉଛି।

ଘରୋଇ କମ୍ପାନୀ ରିଭର୍‌ସାଇଡ୍ ୟୁଟିଲିଟିଜ୍ ପ୍ରା. ଲିଃ(ଆରୟୁପିଏଲ୍) ଏବଂ ସିସାଇଡ୍ ୟୁଟିଲିଟିଜ୍ ପ୍ରା. ଲିଃ(ଏସ୍‌ୟୁପିଏଲ୍) ବ୍ୟାପକ ପରିମାଣର ବକେୟା ସେସୁକୁ ଦେବାକୁ ରହିଛି। ଆର୍ଥିକ ବର୍ଷ ୨୦୧୩-୧୪ରେ କେବଳ କଟକ ଡିଭିଜନ(ସିଇଡି) ଅଞ୍ଚଳ ପାଇଁ ବକେୟା ୧୩,୭୯,୯୧,୮୪୬.୪୧(ପ୍ରାୟ ୧୪ କୋଟି) ଟଙ୍କା ରହିଛି। ଆଠଗଡ ଅଞ୍ଚଳ ପାଇଁ ମାର୍ଚ୍ଚ, ୨୦୧୪ ସୁଦ୍ଧା ୯,୨୫,୪୫,୩୮୩.୩୨ ଟଙ୍କା, ସାଲେପୁର ଅଞ୍ଚଳ ପାଇଁ ୨,୮୧,୬୪,୬୩୩.୬୭ ଟଙ୍କା ରହିଛି। ସମାନ ସମୟରେ ନିମାପଡା ଡିଭିଜନ ବାବଦକୁ ସେସୁକୁ ଦେବାକୁ ଥିବା ବକେୟାର ପରିମାଣ ୮,୧୮,୨୮,୪୬୭.୬୦ ଟଙ୍କା ରହିଛି। ଏହା ବ୍ୟତୀତ ଆର୍ଥିକ ବର୍ଷ ୨୦୧୪-୧୫ରେ ଆଠଗଡ ଶକ୍ତି ଅଞ୍ଚଳ ବାବଦକୁ କେବଳ ଆରୟୁପିଏଲ୍ ୮୦,୫୫,୨୨୯ ଟଙ୍କା ବକେୟା ରଖିଛି। ସୂଚନା ଅଧିକାର ଜରିଆରେ ମିଳିଥିବା ପ୍ରତି ପୃଷ୍ଠାରେ କେବଳ ବହୁ କୋଟି ବକେୟା ରାଶି ସମ୍ପର୍କରେ ସ୍ପଷ୍ଟ ଉଲ୍ଲେଖ ରହିଛି। ସେହିପରି ଏସ୍‌ୟୁପିଏଲ୍ ମଧ୍ୟ ବହୁ କୋଟି ଟଙ୍କା ବକେୟା ରଖିଥିବା ତଥ୍ୟରୁ ଜଣାପଡିଛି। ନିମାପଡ଼ା ଅଞ୍ଚଳ ପାଇଁ ୨୦୧୮ ମାର୍ଚ୍ଚ ସୁଦ୍ଧା ୯,୨୬,୯୩,୨୮୦ ଟଙ୍କା ବକେୟା ରହିଛି। ସେହି ବର୍ଷ ନଭେମ୍ବର ବେଳକୁ ଏହି ବକେୟା ରାଶିର ପରିମାଣ ୧୧,୯୯,୫୫,୮୮୦ ଟଙ୍କାରେ ପହଞ୍ଚିଥିଲା। ସାଲେପୁର ଡିଭିଜନ୍ ପାଇଁ ୮,୭୮,୨୬,୫୦୪ ଟଙ୍କା ଆରୟୁପିଏଲ୍ ପକ୍ଷରୁ ବକେୟା ରଖାଯାଇଛି। ଆଠଗଡ ଅଞ୍ଚଳ ପାଇଁ ୧୦,୮୦,୯୧,୭୬୩ ଟଙ୍କାର ବକେୟା ରହିଛି। ସୂଚନା ଅଧିକାର ତଥ୍ୟରେ ନିର୍ଦ୍ଦିଷ୍ଟ ପ୍ରଶ୍ନ ପଚରାଯାଉଥିଲେ ବି ଆବଶ୍ୟକ ଉତ୍ତର ଆସୁନାହିଁ। ଜାଣିଶୁଣି ଉତ୍ତର ଦିଆଯାଉ ନ ଥିବା ଲକ୍ଷ୍ୟ କରାଯାଉଛି। କେତେ ଟଙ୍କା ଫ୍ରାଞ୍ଚାଇଜ କମ୍ପାନୀ ପୈଠ କରିଛନ୍ତି, ସେ ନେଇ ମଧ୍ୟ ସ୍ପଷ୍ଟ ଉତ୍ତର ରଖାଯାଇନାହିଁ। ଆରୟୁପିଏଲ୍, ଏସ୍‌ୟୁପିଏଲ୍ ଏବଂ ଏନ୍‌ଜେନ୍ ଭଳି ସଂସ୍ଥା ମଧ୍ୟ ବିଭାଗର ଅନୁରୂପ ଅବସ୍ଥା କରିଛନ୍ତି। ଏନ୍‌ଜେନ୍ ପ୍ରାୟ ୧୩ କୋଟି ଟଙ୍କା ବକେୟା ରଖିଛି।



**ଶକ୍ତି ବିଭାଗ ଓ ସେସୁ ଅଧିକାରୀଙ୍କ ଫ୍ରାଞ୍ଚାଇଜ୍ ପ୍ରୀତି**

ବିଭିନ୍ନ ଫ୍ରାଞ୍ଚାଇଜ୍ କମ୍ପାନୀ ସହ ସେସୁର ଚୁକ୍ତି ସମାପ୍ତ ହେଲାଣି। ନିଜ ତରଫରୁ ବିଦ୍ୟୁତ ବଣ୍ଟନ, ବିତରଣ ଓ ଶୁଳ୍କ ଆଦାୟ ନ କରି ପୁନର୍ବାର ଘରୋଇ କମ୍ପାନୀ ଲାଗି ବାଟ ପ୍ରଶସ୍ତ କରାଯାଇଛି। ଗତ ୨୯ ତାରିଖରେ ସେସୁ ମୁଖ୍ୟାଳୟର ଆଇବିଏଫ୍/୧୧୭୧୭ ନୋଟିସ ଦ୍ୱାରା ୧୫ଟି ଇଲେକ୍ଟ୍ରିକାଲ ଡିଭିଜନ ପାଇଁ ପ୍ରସ୍ତାବ ଆହ୍ୱାନ କରାଯାଇଛି। ପୂର୍ବରୁ ଖିଲାପ କରିଥିବା କମ୍ପାନୀଗୁଡିକ ପାଇଁ ପ୍ରସ୍ତାବରେ କୌଣସି ବାରଣ ରଖାଯାଇନାହିଁ। ଏହି ଘରୋଇ କମ୍ପାନୀମାନେ ପୁନର୍ବାର ଫ୍ରାଞ୍ଚାଇଜ୍ ପାଇଲେ ଅନ୍ୟୂନ ୧୦ ବର୍ଷ ସୁଯୋଗ ପାଇବେ। ଏଥିସହିତ ଏହି ୧୦ ବର୍ଷିଆ ଚୁକ୍ତି ଅବଧି ବୃଦ୍ଧି ନେଇ ମଧ୍ୟ ଆବେଦନ ପତ୍ର ଆହ୍ୱାନ ନୋଟିସରେ ଉଲ୍ଲେଖ କରାଯାଇଛି। ପ୍ରତି ଡିଭିଜନରେ ପ୍ରାୟ ଏକ ଲକ୍ଷରୁ ୧.୫ ଲକ୍ଷ ଉପଭୋକ୍ତା ରହିଛନ୍ତି। ତେଣୁ ଆସନ୍ତା ଆର୍ଥିକ ବର୍ଷରୁ ପ୍ରାୟ ୨୦ ଲକ୍ଷରୁ ଅଧିକ ଉପଭୋକ୍ତା ପୂର୍ବ ପରି ନିମ୍ନମାନର ସେବା ପାଇବା ସହ ଘରୋଇ କମ୍ପାନୀକୁ ଟିକସ ଦେବେ, ଏଥିରେ ସାମାନ୍ୟ ସନ୍ଦେହ ନାହିଁ।

## ଗୋରୁ ଚୋରି ସନ୍ଦେହ: ୩ ଜଣଙ୍କୁ ପିଟି ହତ୍ୟା

**ପାଟନା,୧୯।୭**

ବିହାରର ସରନ୍ ଜିଲାରେ ଗୁରୁବାର ବିଳମ୍ବିତ ରାତିରେ ଗୋରୁଚୋରି ସନ୍ଦେହରେ ୩ ଜଣଙ୍କୁ ଉତ୍ତ୍ୟକ୍ତ ଲୋକେ ପିଟିପିଟି ମାରିଦେଇଛନ୍ତି। ଏହି ଭିଡ଼ହିଂସାରେ ଅନ୍ୟ ଜଣେ ଗୁରୁତର ହୋଇଛନ୍ତି। ପାଟନାଠାରୁ ୬୦ କିମି ଉତ୍ତରରେ ବଣିଆପୁର ଥାନା ଅନ୍ତର୍ଗତ ନନ୍ଦଲାଲ ଟୋଲାରେ ଏହି ହିଂସାକାଣ୍ଡ ଘଟିଛି। ଉପରୋକ୍ତ ୪ ଜଣ ଗାଁ ବାହାରେ ଏକ ପିକ୍-ଅପ୍ ଭ୍ୟାନରେ ସନ୍ଦେହଜନକ ଭାବେ ଏପଟସେପଟ ହେଉଥିବା ଦେଖାଯାଇଥିଲା। ସେମାନେ ରାଜବଳି ରାମ୍‌ଙ୍କ ୩ଟି ମଇଁଷି ଓ ୩ ଛେଳି ନେଇ ଖସିପଳାଇବାକୁ ଉଦ୍ୟମ କରୁଥିବାବେଳେ ଧରାପଡିଯାଇଥିଲେ ବୋଲି ଗାଁ ଲୋକେ କହିଛନ୍ତି। ଲୋକେ ଠେଙ୍ଗା ଓ ଲୁହାରଡ୍‌ରେ ନିର୍ଦ୍ଧୂମ ପିଟିବାରୁ ସେମାନେ ଗୁରୁତର ଆହତ ହୋଇଥିଲେ। ସେମାନଙ୍କୁ ବଣିଆପୁର ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ରକୁ ନିଆଯାଇଥିବାବେଳେ ଡାକ୍ତର ୩ ଜଣଙ୍କୁ ମୃତ ଘୋଷଣା କରିଥିଲେ। ଖବର ପାଇ ସରନ୍ ଏସ୍‌ପି ହରିକିଶୋର ରାୟଙ୍କ ସମେତ ବରିଷ୍ଠ ପୋଲିସ ଅଧିକାରୀମାନେ ଘଟଣାସ୍ଥଳରେ ପହଞ୍ଚି ଘଟଣାର ତଦନ୍ତ ଚଳାଇଛନ୍ତି। ଶବ ବ୍ୟବଚ୍ଛେଦ ପାଇଁ ଛାପ୍ରା ସଦର ହସ୍ପିଟାଲକୁ ନିଆଯାଇଛି। ମୃତକମାନେ ରାଜୁ ନାଟ୍, ବିଦେଶ ନାଟ୍ ଓ ନୌଶାଦ କୁରେଶୀ। ଘଟଣାର ନିରପେକ୍ଷ ତଦନ୍ତ ଲାଗି ସେମାନଙ୍କ ସମ୍ପର୍କୀୟମାନେ ଦାବି କରିଛନ୍ତି। ଅପ୍ରୀତିକର ପରିସ୍ଥିତି ଉପୁଜିବା ଆଶଙ୍କାରେ ସେଠାରେ ଅତିରିକ୍ତ ପୋଲିସ ସଶସ୍ତ୍ର ବାହିନୀକୁ ମୁତୟନ କରାଯାଇଛି। ଏହି ଘଟଣାକୁ ନେଇ ଏଆଇଏମ୍‌ଆଇଏମ୍ ଅଧ୍ୟକ୍ଷ ଆସାଦୁଦ୍ଦିନ ଓୱାଇସି ଲୋକସଭାରେ ପ୍ରଶ୍ନଉଠାଇଛନ୍ତି। (ଫଟୋ: ପୃଷ୍ଠା-୭)

**ଲୁଟ୍‌ର ଶିକାର ହେଉଛନ୍ତି ରୋଗୀ**

# କୋର୍ଟ, ସରକାରଙ୍କ ନିର୍ଦ୍ଦେଶ ମାନୁନାହାନ୍ତି ଘରୋଇ ହସ୍ପିଟାଲ

**ଭୁବନେଶ୍ୱର,୧୯।୭(ବ୍ୟୁରୋ)**

ଘରୋଇ ହସ୍ପିଟାଲରେ ରୋଗୀଙ୍କୁ ଲୁଟ କରାଯାଉଛି। ଏପରି କି ମୃତ୍ୟୁ ପରେ ମଧ୍ୟ ଟଙ୍କା ନ ଦେଲେ ମୃତଦେହ ଛଡ଼ା ଯାଉନାହିଁ। ଦୀର୍ଘ ସମୟ ଧରି ମୃତଦେହ ଅଟକ ରଖାଯାଉଛି। ସରକାରଙ୍କଠାରୁ ଜମି ନେଇ ହସ୍ପିଟାଲ କରୁଥିବା ଘରୋଇ ସଂସ୍ଥା ଗରିବ ଲୋକଙ୍କୁ ମାଗଣା ସେବା ଯୋଗାଇବା ପରିବର୍ତ୍ତେ ଲୁଟି ଚାଲିଛନ୍ତି। କୋର୍ଟ, କେନ୍ଦ୍ର ସରକାର, ରାଜ୍ୟ ସରକାର ଓ ବାଚସ୍ପତିଙ୍କ ନିର୍ଦ୍ଦେଶକୁ ମଧ୍ୟ ଘରୋଇ ହସ୍ପିଟାଲଗୁଡିକ ବେଖାତିର କରି ଚାଲିଛନ୍ତି। ଏ ପ୍ରସଙ୍ଗ ନେଇ ଶୁକ୍ରବାର ବିଧାନସଭାରେ ଭାଜପା ସଭ୍ୟମାନେ ଗଭୀର ଉଦ୍‌ବେଗ ପ୍ରକାଶ କରିଥିଲେ। ଘରୋଇ ହସ୍ପିଟାଲ ଉପରେ ଅଙ୍କୁଶ ଲଗାଇବାକୁ ଦାବି କରିଥିଲେ। ଶୂନ୍ୟକାଳରେ ଭାଜପା ସଭ୍ୟ ବିଷ୍ଣୁଚରଣ ସେଠୀ ଆମ୍ରି ହସ୍ପିଟାଲରେ ଜଣେ ରୋଗୀଙ୍କ ମୃତ୍ୟୁ ଓ ତାଙ୍କ ସମ୍ପର୍କୀୟଙ୍କଠାରୁ ଜବରଦସ୍ତ ଅର୍ଥ ଆଦାୟ କରୁଥିବା ପ୍ରସଙ୍ଗ ଉଠାଇଥିଲେ। ସେ କହିଥିଲେ ଯେ, ରାଜ୍ୟ ସରକାର ଘରୋଇ ହସ୍ପିଟାଲଗୁଡିକୁ ମାଗଣାରେ ଜମି ଯୋଗାଇ ଦେଉଛନ୍ତି। ୨୫ ପ୍ରତିଶତ ରୋଗୀଙ୍କୁ ମାଗଣା ଚିକିତ୍ସା ଯୋଗାଇ ଦେବା ନାଁରେ ଜମି ନେଉଛନ୍ତି। ସେବା ଯୋଗାଇବା ବଦଳରେ ରୋଗୀଙ୍କୁ ଲୁଟ୍ କରାଯାଉଛି । ଗତ କିଛିଦିନ ତଳେ ଆପୋଲୋ ହସ୍ପିଟାଲରେ ଟଙ୍କା ଜମା ନ ଦେବାରୁ ପାଟକୁରାର ସୁନାକର ସାହୁଙ୍କ ପୁତ୍ରର ମୃତଦେହ ଛାଡି ନ ଥିଲେ। ସେହିପରି ବିରୋଧୀଦଳ ମୁଖ୍ୟ ସଚେତକ ମୋହନ ମାଝିଙ୍କୁ ମଧ୍ୟ କଳିଙ୍ଗ ହସ୍ପିଟାଲରେ ଦୁର୍ବ୍ୟବହାର କରାଗଲା। ମୁଖ୍ୟମନ୍ତ୍ରୀଙ୍କ ନିର୍ବାଚନମଣ୍ଡଳୀର ରୋଗୀଙ୍କୁ ଆମ୍ରିରେ ୧ଲକ୍ଷ ୯୯ ହଜାର ଟଙ୍କା ଜମା ନ ଦେବାରୁ ଛାଡୁ ନାହାନ୍ତି। ଘରୋଇ ହସ୍ପିଟାଲଗୁଡିକ ଦାଦାଗିରି କରୁଛନ୍ତି। ବିରୋଧୀଦଳ ନେତା ପ୍ରଦୀପ୍ତ କୁମାର ନାୟକ ଏହି ପ୍ରସଙ୍ଗରେ କହିଥିଲେ ଯେ, ସରକାର ମାହାଳିଆ ଜମି ଦେଉଛନ୍ତି। ଘରୋଇ ହସ୍ପିଟାଲ ୨୫ ପ୍ରତିଶତ ମାଗଣା ରୋଗୀସେବା ଦେବା କଥା। ମଲା ପରେ ମଧ୍ୟ ମୃତଦେହକୁ ସମ୍ମାନ ମିଳୁନାହିଁ। ଭାଜପା ସଭ୍ୟମାନେ ଛିଡାହୋଇ ପାଟି କରିବା ସହ ଗୃହର ମଧ୍ୟଭାଗକୁ ଆସି କ୍ଷୋଭପ୍ରକାଶ କଲେ। ସଂସଦୀୟ ବ୍ୟାପାର ମନ୍ତ୍ରୀ ବିକ୍ରମ କେଶରୀ ଆରୁଖ ସେମାନଙ୍କୁ ବୁଝାଶୁଝା କରି ଫେରାଇ ଦେଇଥିଲେ।

**ବିଧାନସଭାରେ ଉଦ୍‌ବେଗ**

ବାଚସ୍ପତି ଘରୋଇ ହସ୍ପିଟାଲଙ୍କ କାର୍ଯ୍ୟକଳାପ ବିଷୟରେ ସ୍ୱାସ୍ଥ୍ୟମନ୍ତ୍ରୀ, ବିରୋଧୀ ଦଳ ନେତା, ବିରୋଧୀ ଦଳ ମୁଖ୍ୟ ସଚେତକ ଏବଂ ସରକାରୀ ଦଳ ମୁଖ୍ୟ ସଚେତକଙ୍କ ସହ ଆଲୋଚନା କରି ପଦକ୍ଷେପ ନେବାକୁ ପ୍ରତିଶ୍ରୁତି ଦେଇଛନ୍ତି।






# ଆଜି ପାଟକୁରା ଭୋଟ

**ଭୁବନେଶ୍ୱର,୧୯।୭(ବ୍ୟୁରୋ)**- ପାଟକୁରା ବିଧାନସଭା ଆସନ ଲାଗି ଶନିବାର ଭୋଟଗ୍ରହଣ ହେବ। ଏନେଇ ସମସ୍ତ ପ୍ରସ୍ତୁତି ଶେଷ ହୋଇଛି। ମତଦାନ ପାଇଁ ୩୦୯ଟି ପୋଲିଂ ବୁଥ୍ କରାଯାଇଛି। ସେଥିରେ ୧୩୮ ସମ୍ବେଦନଶୀଳ ବୁଥ୍ ରହିଛି। ସେହି ବୁଥଗୁଡିକରେ କେନ୍ଦ୍ରୀୟ ସୁରକ୍ଷା ବାହିନୀ, ମୋବାଇଲ ପାଟ୍ରୋଲିଂ ଟିମ୍ ଏବଂ ଇଭିଏମ ସୁରକ୍ଷା କର୍ମୀ ମୁତୟନ ହେବେ। ମତଦାନ ପରିଚାଳନା ପାଇଁ ୧୭୦୦ କର୍ମଚାରୀଙ୍କୁ ନିୟୋଜିତ କରାଯାଇଛି। ଏହି ବିଧାନସଭାରେ ମୋଟ ୨,୪୪,୭୪୭ ଭୋଟର ସେମାନଙ୍କର ମତଦାନ ସାବ୍ୟସ୍ତ କରିବେ। ସକାଳ ୭ଟାରୁ ଭୋଟ ଗ୍ରହଣ ଆରମ୍ଭ ହୋଇ ସନ୍ଧ୍ୟା ୬ଟା ଯାଏ ଚାଲିବ। ୨୪ ତାରିଖରେ ଭୋଟ ଗଣନା କରାଯିବ। ଏହି ନିର୍ବାଚନରେ ପାଟକୁରାର ପୂର୍ବତନ ବିଧାୟକ ସ୍ୱର୍ଗତ ବେଦ ପ୍ରକାଶ ଅଗ୍ରୱାଲଙ୍କ ସ୍ତ୍ରୀ ତଥା ବିଜେଡି ପ୍ରାର୍ଥୀ ସାବିତ୍ରୀ ଅଗ୍ରୱାଲ, ଭାଜପା ପ୍ରାର୍ଥୀ ବିଜୟ ମହାପାତ୍ର ଏବଂ କଂଗ୍ରେସ ପ୍ରାର୍ଥୀ ଜୟନ୍ତ ମହାନ୍ତିଙ୍କ ମଧ୍ୟରେ ପ୍ରତିଦ୍ୱନ୍ଦ୍ୱିତା ହେବ।






**ଆଜିର ସମ୍ପାଦକୀୟ**

ହ୍ୱିସିଲ୍‌ବ୍ଲୋୟରଙ୍କୁ ସମର୍ଥନ

**ଆଜିର ମନ୍ତବ୍ୟ**

"କର୍ଣ୍ଣାଟକ ରାଜ୍ୟପାଳ ଭଜୁଭାଇ ଭାଲା ଭାଜପାର ଏଜେଣ୍ଟ ଭଳି କାର୍ଯ୍ୟ କରୁଛନ୍ତି ।
-କେ.ସି. ବେଣୁଗୋପାଳ, ଏଆଇସିସି ସାଧାରଣ ସମ୍ପାଦକ

**କିଛି ତଥ୍ୟ**

ଜୁଲାଇ ୧୬ ସୁଦ୍ଧା ୧.୪୬ କୋଟି ଆଇଟି ରିଟର୍ନ ଫାଇଲ କରାଯାଇଛି।
– ସିବିଡିଟି


NECC – NATIONAL EGG CO-ORDINATION COMMITTEE | 19.07.2019 | Vencobb CHICKEN

| Dist | Farm Gate/Kg | With Skin/Kg | Skinless /Kg |
|---|---|---|---|
| BBSR | 64 | 111 | 121 |
| CTC | 64 | 111 | 121 |
| DKL | 64 | 111 | 121 |
| BDK | 62 | 109 | 119 |
| BLS | 62 | 109 | 119 |
| ANG | 62 | 109 | 119 |
| BHM | 62 | 109 | 119 |

*Conditions Apply
Eggs Retail Price- 46/-Dozen
Issued in the Interest of Consumers





"ବିଭିନ୍ନ ରାଜ୍ୟରେ ବିରୋଧୀ ଦଳ ଗଠନ କରିଥିବା ସରକାରକୁ ଭାଙ୍ଗିବା ଲାଗି ଭାଜପା ଷଡ଼ଯନ୍ତ୍ର କରୁଛି। ଏବେ ବିଧାୟକଙ୍କ ସ୍ୱାଧୀନତା ବିପଦରେ ଥିବାବେଳେ ଗଣତନ୍ତ୍ରକୁ ହତ୍ୟା କରାଯାଉଛି।
-ଅଧୀର ରଞ୍ଜନ ଚୌଧୁରୀ,
ଲୋକ ସଭାରେ କଂଗ୍ରେସ ନେତା



■ ବଢ଼ି ଚାଲିଛି କର୍ନାଟକ ଅଡୁଆ: ୨୨ ଯାଏ ବିଧାନସଭା ସ୍ଥଗିତ

# ରହିଲାନି ମହଲତ ମୂଲ୍ୟ

ବେଙ୍ଗାଲୁରୁ,୧୯।୭(ପି.ଟି.)

କର୍ନାଟକ ବିଧାନସଭାରେ ଆସ୍ଥାଭୋଟ ପାଇଁ ଦୁଇଦିନ ଧରି ଚାଲିଥିବା କସରତ ଶେଷରେ ଅମୀମାଂସିତ ହୋଇ ରହିଯାଇଛି। ବାଚସ୍ପତି କେ.ଆର୍. ରମେଶ କୁମାର ସୋମବାର ଯାଏ ଗୃହକୁ ମୁଲତବୀ ଘୋଷଣା କରିଛନ୍ତି। ଫଳରେ ମୁଖ୍ୟମନ୍ତ୍ରୀ ଏଚ୍.ଡି. କୁମାରସ୍ୱାମୀଙ୍କୁ ଶୁକ୍ରବାର ସନ୍ଧ୍ୟା ୬ଟା ସୁଦ୍ଧା ଶକ୍ତିପରୀକ୍ଷାର ସମ୍ମୁଖୀନ ହୋଇ ସଂଖ୍ୟାଗରିଷ୍ଠତାର ପ୍ରମାଣ ଦେବାକୁ ରାଜ୍ୟପାଳ ଭଜୁଭାଇ ଭାଲା ଦେଇଥିବା ଦ୍ୱିତୀୟ ମହଲତ୍‌ର କିଛି ମୂଲ୍ୟ ରହିଲାନାହିଁ। ସେପଟେ ରାଜ୍ୟପାଳଙ୍କ ନିର୍ଦ୍ଦେଶକୁ କୁମାରସ୍ୱାମୀ ସୁପ୍ରିମକୋର୍ଟରେ ଚ୍ୟାଲେଞ୍ଜ କରିଥିବାବେଳେ ୧୫ ବିଦ୍ରୋହୀ ବିଧାୟକଙ୍କ ଉପରେ ହ୍ୱିପ୍ ଜାରି କରିବା ସମ୍ପର୍କିତ ୧୭ ତାରିଖର ରାୟକୁ ନେଇ ଶୀର୍ଷ ଅଦାଲତଙ୍କ ସ୍ପଷ୍ଟୀକରଣ ଲୋଡ଼ିଛି କଂଗ୍ରେସ। ପାର୍ଲାମେଣ୍ଟରେ ବିରୋଧୀ ସଦସ୍ୟମାନେ କର୍ନାଟକ ପ୍ରସଙ୍ଗ ଉଠାଇ ହଟ୍ଟଗୋଳ କରିଛନ୍ତି। ଏସବୁକୁ ନେଇ କର୍ନାଟକ ଅଡୁଆ ବଢ଼ି ଚାଲିଥିବାବେଳେ ଜାତୀୟ ରାଜନୀତିର ତାପମାତ୍ରା ଉପରକୁ ଉଠିଛି।

ଶାସକ ଧର୍ମନିରପେକ୍ଷ ଜନତା ଦଳ(ଜେଡିଏସ୍)-କଂଗ୍ରେସ ମେଣ୍ଟର ୧୫ ବିଧାୟକଙ୍କ ଇସ୍ତଫା ଏବଂ ୨ ସ୍ୱାଧୀନ ସଦସ୍ୟ ସରକାରରୁ ଓହରି ଭାଜପା ପଟେ ଢଳିବା ପରେ କର୍ନାଟକରେ ରାଜନୈତିକ ସଙ୍କଟ ସୃଷ୍ଟି ହୋଇଛି। କୁମାରସ୍ୱାମୀ ସରକାର ସଂଖ୍ୟାଲଘୁ ପାଲଟିଯାଇଥିବା ଦର୍ଶାଇ ଭାଜପା ବିଧାୟକ ଦଳ ନେତା ବି.ଏସ୍. ୟେଦୁରପ୍ପା ତାଙ୍କର ଇସ୍ତଫା ଦାବି କରିବା ପରେ ଗୁରୁବାର ବିଧାନସଭାରେ ଆସ୍ଥାଭୋଟ ଆଗତ ହୋଇଥିଲା। ଉଭୟ ପକ୍ଷଙ୍କ ହଟ୍ଟଗୋଳ ମଧ୍ୟରେ ବାଚସ୍ପତି ଗୃହକୁ ଦିନକ ପାଇଁ ସ୍ଥଗିତ ରଖିଥିଲେ। ଏହାର ପ୍ରତିବାଦରେ ୟେଦୁରପ୍ପାଙ୍କ ସମେତ ଭାଜପା ବିଧାୟକମାନେ ବିଧାନସଭାରେ ଧାରଣା ଦେବା ସହ ରାତ୍ରିଯାପନ କରିଥିଲେ। ଇତିମଧ୍ୟରେ ଭାଜପା ନେତାମାନେ ରାଜ୍ୟପାଳଙ୍କ ହସ୍ତକ୍ଷେପ ଲୋଡ଼ି ସାରିଥିଲେ। ରାଜ୍ୟପାଳ ଭଜୁଭାଇ ଭାଲା ଶୁକ୍ରବାର ଅପରାହ୍ନ ଦେଢ଼ଟା ସୁଦ୍ଧା ସଂଖ୍ୟାଗରିଷ୍ଠତାର ପ୍ରମାଣ ଦେବାକୁ ମୁଖ୍ୟମନ୍ତ୍ରୀଙ୍କୁ ଗୁରୁବାର ରାତିରେ ମହଲତ ଦେଇଥିଲେ।



ବାଚସ୍ପତି କେ.ଆର. ରମେଶ କୁମାର

**ଶୁକ୍ରବାର ସନ୍ଧ୍ୟା ୬ଟା ସୁଦ୍ଧା ଆସ୍ଥାଭୋଟ କରାଇବାକୁ ନିର୍ଦ୍ଦେଶ ଦେଇଥିଲେ ରାଜ୍ୟପାଳ**

ଶୁକ୍ରବାର ଗୃହକାର୍ଯ୍ୟ ଆରମ୍ଭ ହେବା ପରେ ମୁଖ୍ୟମନ୍ତ୍ରୀ ଏଚ୍.ଡି. କୁମାରସ୍ୱାମୀ କହିଥିଲେ, ରାଜ୍ୟପାଳଙ୍କଠାରୁ ଦ୍ୱିତୀୟ ପ୍ରେମପତ୍ର ଆସିଛି, ଯାହାକୁ ନେଇ ସେ ବ୍ୟଥିତ ହୋଇଛନ୍ତି। ହେଲେ ସେ ରାଜ୍ୟପାଳଙ୍କୁ ସମାଲୋଚନା କରିପାରିବେ ନାହିଁ। ତେବେ ରାଜ୍ୟପାଳ ଏଭଳି ମହଲତ୍ ଦେଇପାରିବେ କି ନାହିଁ ସେନେଇ ନିଷ୍ପତ୍ତି ନେବା ଲାଗି କୁମାରସ୍ୱାମୀ ବାଚସ୍ପତି କେ.ଆର୍. ରମେଶ କୁମାରଙ୍କୁ ଅନୁରୋଧ କରିଥିଲେ। ଏହାସହ ବିଧାୟକମାନଙ୍କୁ ୪୦-୫୦ ଲକ୍ଷ ଟଙ୍କା ଲେଖାଏ ଲୋଭ ଦେଖାଯାଉଛି। ସେଇ ଟଙ୍କା କାହାର ବୋଲି ଭାଜପାକୁ ସେ ଟାର୍ଗେଟ କରିଥିଲେ। ସେହିପରି ଜେଡିଏସ୍ ବିଧାୟକ ଶ୍ରୀନିବାସ ଗୌଡ଼ା ମଧ୍ୟ ମେଣ୍ଟ ସରକାରଙ୍କ ପତନ ଘଟାଇବା ପାଇଁ ତାଙ୍କୁ ଭାଜପା ପକ୍ଷରୁ ୫ କୋଟି ଟଙ୍କା ଲାଞ୍ଚ ଯଚାଯାଇଥିବା ଅଭିଯୋଗ ଆଣିଥିଲେ। କଂଗ୍ରେସ ବିଧାୟକ ଦଳ ନେତା ସିଦ୍ଧାରାମାୟା କହିଥିଲେ, ବିଧାୟକମାନଙ୍କୁ ଭାଜପା କିଣି ସାରିଥିବାରୁ ଭୋଟିଂ ପାଇଁ ତରତର ହେଉଛି। ହେଲେ ବିତର୍କ ସୋମବାର ଯାଏ ଚାଲିପାରେ। ଅନେକ ବିଧାୟକ ବିତର୍କରେ ଭାଗନେବା ପାଇଁ ନିଜ ନାମ ଦେଇଥିବାରୁ ଏହା ଶେଷ ହେବା ପରେ ହିଁ ଆସ୍ଥାଭୋଟ କରାଯାଉ। ଏହାର ଜବାବରେ ବାଚସ୍ପତି କହିଥିଲେ, ସବୁକିଛି ସାମ୍ବିଧାନିକ ନିୟମାନୁସାରେ ଚାଲିବ। କାରଣ ସାରା ବିଶ୍ୱ ନିକଟରେ ସେ ଉତ୍ତରଦାୟୀ ଓ ଆଗକୁ ସେ ହିଁ ଲୋକଙ୍କୁ ସାମ୍ନା କରିବେ। ସେପଟେ ଅପରାହ୍ନ ଦେଢ଼ଟା ହେବା ମାତ୍ରେ ଆସ୍ଥାଭୋଟ ଉପରେ ମତ ବିଭାଜନ ପାଇଁ ଭାଜପା ଦାବି କରିଥିଲା। ରାଜ୍ୟପାଳଙ୍କ ଭୂମିକାକୁ ନେଇ ଭାଜପା ଏବଂ କଂଗ୍ରେସ ପକ୍ଷରୁ ଚାଲିଥିବା ହୋହଲ୍ଲା ମଧ୍ୟରେ ୩ଟା ପର୍ଯ୍ୟନ୍ତ ଗୃହକୁ ମୁଲତବୀ କରାଯାଇଥିଲା। ପରେ ୟେଦୁରପ୍ପା କହିଥିଲେ, ରାଜ୍ୟପାଳ ତାଙ୍କର ଶେଷ ଚିଠିରେ ଶୁକ୍ରବାର ସୁଦ୍ଧା ଆସ୍ଥାଭୋଟ କରାଇବାକୁ କହିଛନ୍ତି। ଯେତେ ବିଳମ୍ବିତ ରାତି ହେଲେ ବି ଭାଜପା ସଦସ୍ୟ ଶାନ୍ତିଶୃଙ୍ଖଳାର ସହ ବସିରହିବେ। ରାଜ୍ୟପାଳଙ୍କ ନିର୍ଦ୍ଦେଶକୁ ସମ୍ମାନ ଦେଇ ଆସ୍ଥାଭୋଟ କରାଯାଉ ବୋଲି ବାଚସ୍ପତିଙ୍କ ନିକଟରେ ଦାବି କରିଥିଲେ। ଶେଷରେ ରାଜ୍ୟପାଳଙ୍କ ନିର୍ଦ୍ଦେଶକୁ ଅଣଦେଖା କରି ବାଚସ୍ପତି ଗୃହକୁ ୨୨ ତାରିଖ ପର୍ଯ୍ୟନ୍ତ ସ୍ଥଗିତ ଘୋଷଣା କରିଥିଲେ। ଏହାସହ ସୋମବାର ହିଁ ଆସ୍ଥାଭୋଟ କରାଯିବ। ଏହି ବିଷୟକୁ କୌଣସି ପରିସ୍ଥିତିରେ ଅଧିକ ସମୟ ଗଡ଼ାଯିବ ନାହିଁ ବୋଲି ସେ ସ୍ପଷ୍ଟ କରିଥିଲେ।

## ସୁପ୍ରିମକୋର୍ଟ ଗଲେ କୁମାରସ୍ୱାମୀ

ନୂଆଦିଲ୍ଲୀ,୧୯।୭(ପି.ଟି.)



■ରାଜ୍ୟପାଳଙ୍କ ନିର୍ଦ୍ଦେଶକୁ ଚ୍ୟାଲେଞ୍ଜ
■୧୭ର ରାୟ ବିରୋଧରେ କଂଗ୍ରେସ ବି ସ୍ପଷ୍ଟୀକରଣ ଲୋଡ଼ିଲା

କର୍ନାଟକ ମୁଖ୍ୟମନ୍ତ୍ରୀ ଏଚ୍.ଡି. କୁମାରସ୍ୱାମୀ ଶୁକ୍ରବାର ରାଜ୍ୟପାଳ ଭଜୁଭାଇ ଭାଲାଙ୍କ ନିର୍ଦ୍ଦେଶକୁ ଚ୍ୟାଲେଞ୍ଜ କରି ସୁପ୍ରିମକୋର୍ଟଙ୍କ ଦ୍ୱାରସ୍ଥ ହୋଇଛନ୍ତି। କେବେ ଓ କିପରି ଭାବେ ଆସ୍ଥାଭୋଟ କରାଯିବ ସେନେଇ ବିଧାନସଭାକୁ ରାଜ୍ୟପାଳ ପାଠ ପଢ଼ାଇପାରିବେ ନାହିଁ ବୋଲି କୁମାରସ୍ୱାମୀ ନିଜ ଆବେଦନରେ ଉଲ୍ଲେଖ କରିଛନ୍ତି। ଏହାସହ ରାଜ୍ୟପାଳ ଦେଇଥିବା ମହଲତକୁ ନେଇ ମଧ୍ୟ ସେ ପ୍ରଶ୍ନ ଉଠାଇଛନ୍ତି।

କୁମାରସ୍ୱାମୀ ନିଜ ପିଟିଶନରେ କହିଛନ୍ତି, ରାଜ୍ୟପାଳ ଶୁକ୍ରବାର ଅପରାହ୍ନ ଦେଢ଼ଟା ମଧ୍ୟରେ ଆସ୍ଥାଭୋଟ କରାଇବାକୁ ନିର୍ଦ୍ଦେଶ ଦେଇ ଏକ ପତ୍ର ପଠାଇଛନ୍ତି। କିନ୍ତୁ ଗୃହରେ ଆସ୍ଥାଭୋଟ ପ୍ରସ୍ତାବ ଆଗତ ହୋଇ ବିତର୍କ ଚାଲିଛି। ବିତର୍କ ଶେଷ ହେବା ପରେ ହିଁ ଆସ୍ଥାଭୋଟ କରାଯିବ ବୋଲି ବାଚସ୍ପତି କେ. ଆର. ରମେଶ କୁମାର ମଧ୍ୟ ମତ ଦେଇସାରିଛନ୍ତି। ଏହାସତ୍ତ୍ୱେ ଶୁକ୍ରବାର ସନ୍ଧ୍ୟା ସୁଦ୍ଧା ଆସ୍ଥାଭୋଟ କରାଇବା ପାଇଁ ରାଜ୍ୟପାଳ ଆଉ ଏକ ପତ୍ରରେ ମହଲତ୍ ଦେଇଛନ୍ତି। ବିତର୍କ ଚାଲିଥିବା ପରିପ୍ରେକ୍ଷୀରେ ରାଜ୍ୟପାଳ ଏଭଳି ନିର୍ଦ୍ଦେଶ ଦେଇପାରିବେ ନାହିଁ। ତାଙ୍କର ନିର୍ଦ୍ଦେଶନାମା ରାଜ୍ୟପାଳଙ୍କ କ୍ଷମତାକୁ ନେଇ ସର୍ବୋଚ୍ଚ ଅଦାଲତଙ୍କ ଆଇନ ଏବଂ ରାୟର ବିରୁଦ୍ଧାଚରଣ କରୁଛି ବୋଲି ସେ ଦର୍ଶାଇଛନ୍ତି। ଏହାସହ କଂଗ୍ରେସ-ଜେଡିଏସ୍ ମେଣ୍ଟର ଇସ୍ତଫା ଦେଇଥିବା ୧୫ ବିଧାୟକଙ୍କୁ ବିଧାନସଭାରେ ଉପସ୍ଥିତ ରହିବା ପାଇଁ ବାଧ୍ୟ କରାଯାଇପାରିବ ନାହିଁ ବୋଲି ଗତ ୧୭ରେ ସୁପ୍ରିମକୋର୍ଟଙ୍କ ରାୟକୁ ନେଇ ମଧ୍ୟ କୁମାରସ୍ୱାମୀ ସ୍ପଷ୍ଟୀକରଣ ଲୋଡ଼ିଛନ୍ତି। ସେହିପରି କଂଗ୍ରେସ ମଧ୍ୟ ଜୁଲାଇ ୧୭ ତାରିଖର ରାୟ ବିରୋଧରେ ସର୍ବୋଚ୍ଚ ଅଦାଲତଙ୍କ ଦ୍ୱାରସ୍ଥ ହୋଇଛି। ସୁପ୍ରିମକୋର୍ଟଙ୍କ ରାୟ ଆସ୍ଥାଭୋଟ ବେଳେ କଂଗ୍ରେସ-ଜେଡିଏସ୍‌ର ୧୫ ବିଧାୟକଙ୍କ ଉପରେ ଜାରି ଦଳୀୟ ହ୍ୱିପ୍‌ର ବାଟ ଓଗାଳୁଛି ବୋଲି କର୍ନାଟକ କଂଗ୍ରେସ ସଭାପତି ଦୀନେଶ ଗୁଣ୍ଡୁ ଏକ ପିଟିଶନ ଦାଏର କରି ସ୍ପଷ୍ଟୀକରଣ ଲୋଡ଼ିଛନ୍ତି।

## ଲୋକ ସଭାରେ ପ୍ରସଙ୍ଗ ଉଠାଇଲେ ବିରୋଧୀ

ନୂଆଦିଲ୍ଲୀ,୧୯।୭(ପି.ଟି.)

କର୍ନାଟକରେ ଗଣତନ୍ତ୍ରକୁ ହତ୍ୟା କରାଯାଉଛି। ବ୍ୟବସ୍ଥାପିକାର ସ୍ୱାଧୀନତା ପ୍ରତି ବିପଦ ସୃଷ୍ଟି କରାଯାଉଛି। କର୍ନାଟକରେ ରାଜନୈତିକ ସଙ୍କଟକୁ ନେଇ ଶୁକ୍ରବାର କଂଗ୍ରେସ ଏଭଳି ଭାବେ ଭାଜପାକୁ ଘେରିଛି। ନିମ୍ନ ସଦନରେ କଂଗ୍ରେସ ନେତା ଅଧୀର ରଞ୍ଜନ ଚୌଧୁରୀ କର୍ନାଟକ ପ୍ରସଙ୍ଗ ଉଠାଇ କହିଥିଲେ, ବିରୋଧୀ କ୍ଷମତାସୀନ ଥିବା ରାଜ୍ୟଗୁଡ଼ିକରେ ସରକାରଙ୍କ ପତନ ଘଟାଇବା ପାଇଁ ଭାଜପା ଷଡ଼ଯନ୍ତ୍ର ରଚୁଛି। କର୍ନାଟକରେ ଯାହା ଘଟୁଛି ତାହା ଗଣତନ୍ତ୍ରକୁ ହତ୍ୟା ସହ ସମାନ। ଏହାକୁ ନେଇ ବାଚସ୍ପତି ଓମ୍ ବିର୍ଲା କହିଥିଲେ, ସେ ଗୃହରେ ଏହି ପ୍ରସଙ୍ଗ ଉଠାଇବା ପାଇଁ ଅନୁମତି ଦେଇଛନ୍ତି। କିନ୍ତୁ ଅନ୍ୟ କୌଣସି ରାଜ୍ୟ ବିଧାନସଭା କିମ୍ବା ସାମ୍ବିଧାନିକ ପଦବୀରେ ଆସୀନ ବ୍ୟକ୍ତିଙ୍କ ସମ୍ପର୍କରେ ଅଧୀର କିଛି କହିପାରିବେ ନାହିଁ। ଏହା ପୂର୍ବରୁ କଂଗ୍ରେସ, ଡିଏମ୍‌କେ ଏବଂ ଅନ୍ୟ ବିରୋଧୀ ଦଳର ୩୦ରୁ ଊର୍ଦ୍ଧ୍ୱ ସଦସ୍ୟ ଗୃହର ମଧ୍ୟଭାଗକୁ ଯାଇ 'ୱି ୱାଣ୍ଟ ଜଷ୍ଟିସ୍' ବୋଲି ସ୍ଲୋଗାନ ଦେବା ସହ ହଟ୍ଟଗୋଳ କରିଥିଲେ। ସେମାନେ ଧରିଥିବା ପ୍ଲାକାର୍ଡରେ ଲେଖାଥିଲା, 'ଗଣତନ୍ତ୍ରକୁ ବଞ୍ଚାଅ'।

## ଅମରାବତୀ ପ୍ରକଳ୍ପକୁ ୨ ହଜାର କୋଟିର ଋଣ ବାତିଲ

ହାଇଦ୍ରାବାଦ,୧୯।୭

ଆନ୍ଧ୍ରପ୍ରଦେଶର ନୂଆ ରାଜଧାନୀ ଅମରାବତୀ ପାଇଁ ପ୍ରସ୍ତାବିତ ୨୦୦୦ କୋଟି ଟଙ୍କା (୩୦୦ ନିୟୁତ ଡଲାର) ଋଣ ପ୍ରଦାନ ପାଇଁ ବିଶ୍ୱବ୍ୟାଙ୍କ ମନା କରିଦେଇଛି। କେନ୍ଦ୍ର ସରକାର ଆବେଦନ ପ୍ରତ୍ୟାହାର କରିବା ପରେ ଏହି ଋଣ ବାତିଲ କରାଯାଇଥିବା ବିଶ୍ୱବ୍ୟାଙ୍କ ମୁଖପାତ୍ର ସୁଦୀପ ମଜୁମ୍‌ଦାର ସୂଚନା ଦେଇଛନ୍ତି। ଆନ୍ଧ୍ରପ୍ରଦେଶର ବିଭାଜନ ପରେ ପୂର୍ବତନ ମୁଖ୍ୟମନ୍ତ୍ରୀ ଏନ୍. ଚନ୍ଦ୍ରାବାବୁ ନାଇଡୁଙ୍କ ଡ୍ରିମ୍ ପ୍ରୋଜେକ୍ଟ ଥିବା ଅମରାବତୀ ପ୍ରକଳ୍ପରେ ୧ ଲକ୍ଷ କୋଟି ଟଙ୍କାରୁ ଊର୍ଦ୍ଧ୍ୱ ଖର୍ଚ୍ଚ କରାଯିବା ପାଇଁ ଯୋଜନା ହୋଇଥିଲା।

## ଅରୁଣାଚଳରେ ଭୂକମ୍ପ

ଗୁଆହାଟୀ/ସିଲଂ, ୧୯।୭

ଅରୁଣାଚଳପ୍ରଦେଶରେ ଶୁକ୍ରବାର ତିନିଥର ଭୂକମ୍ପ ଅନୁଭୂତ ହୋଇଛି। ଏହାର ତୀବ୍ରତା ଯଥାକ୍ରମେ ୫.୬, ୩.୮ ଏବଂ ୪.୯ ଥିଲା। ପ୍ରଥମ ଭୂକମ୍ପ ଅପରାହ୍ନ ୨ଟା ୫୨ ମିନିଟରେ ହୋଇଥିଲା, ଯାହାର ତୀବ୍ରତା ୫.୬ ଥିଲା। ଏହାର କେନ୍ଦ୍ରସ୍ଥଳ ଅରୁଣାଚଳପ୍ରଦେଶର ପୂର୍ବ କାମେଙ୍ଗ ଜିଲାର ୧୦ କି.ମି. ଗଭୀରରେ ବୋଲି ପାଣିପାଗ ବିଭାଗ କହିଛି। ଦ୍ୱିତୀୟ ଭୂକମ୍ପ ୩ଟା ୪ ମିନିଟ ଓ ତୃତୀୟ କମ୍ପନ ୩ଟା ୨୧ ମିନିଟରେ ହୋଇଥିଲା। ଏହାର କମ୍ପନ ଆସାମର ଗୁଆହାଟୀ ଓ ଅନ୍ୟ କେତେକ ଅଞ୍ଚଳ, ନାଗାଲାଣ୍ଡର ଦିମାପୁରରେ ଅନୁଭୂତ ହୋଇଥିଲା।

## ଆସାମ, ବିହାର ବନ୍ୟା ମୃତ୍ୟୁସଂଖ୍ୟା ୧୫୦

ନୂଆଦିଲ୍ଲୀ,୧୯।୭(ପି.ଟି.)

**କୋଟିଏରୁ ଅଧିକ ପ୍ରଭାବିତ**

ବିହାର ଓ ଉତ୍ତରପୂର୍ବାଞ୍ଚଳ ରାଜ୍ୟରେ ବନ୍ୟା ସ୍ଥିତିରେ ସାମାନ୍ୟ ଉନ୍ନତି ଦେଖାଦେଇଥିବାବେଳେ ୧ କୋଟି ୧୫ ଲକ୍ଷ ଲୋକ ପ୍ରଭାବିତ ହୋଇଛନ୍ତି। ବର୍ଷା ଓ ବନ୍ୟାଜନିତ ମୃତ୍ୟୁସଂଖ୍ୟା ୧୫୦ ଛୁଇଁଛି। ଦିଲ୍ଲୀ ବ୍ୟତୀତ ସମଗ୍ର ଉତ୍ତର ଭାରତରେ ସ୍ୱଳ୍ପରୁ ମଧ୍ୟମ ବୃଷ୍ଟିପାତ ହୋଇଛି। ବିହାରରେ ଶୁକ୍ରବାର ସୁଦ୍ଧା ବନ୍ୟାଜନିତ ମୃତ୍ୟୁସଂଖ୍ୟା ୯୨ରେ ପହଞ୍ଚିଛି। ବନ୍ୟାଞ୍ଚଳରେ ଉଦ୍ଧାର ଓ ରିଲିଫ କାର୍ଯ୍ୟକୁ ଜୋରାଦାର କରାଯାଇଛି। ବନ୍ୟା ପ୍ରଭାବିତ ଲୋକଙ୍କ ବ୍ୟାଙ୍କ ଆକାଉଣ୍ଟକୁ ସିଧାସଳଖ ସହାୟତା ରାଶି ପଠାଯାଉଛି। ଏଥିପାଇଁ ମୁଖ୍ୟମନ୍ତ୍ରୀ ନୀତୀଶ କୁମାର ୧୮୦ କୋଟି ଟଙ୍କା ମଞ୍ଜୁର କରିଛନ୍ତି। ସର୍ବାଧିକ କ୍ଷତିଗ୍ରସ୍ତ ସୀତାମାଢ଼ି ଜିଲାରେ ୨୭ ଜଣଙ୍କ ମୃତ୍ୟୁ ଘଟିଛି। ୧୨ ଜିଲାରୁ ମୋଟ ୬୬.୭୬ ଲକ୍ଷ ଲୋକ ପ୍ରଭାବିତ ହୋଇଛନ୍ତି।

ସେହିପରି ଆସାମର ୨୭ ଜିଲାରୁ ୪୮.୮୭ ଲକ୍ଷ ଲୋକ ବନ୍ୟା ପ୍ରଭାବିତ ହୋଇଥିବାବେଳେ ମୃତ୍ୟୁସଂଖ୍ୟା ୪୭ରେ ପହଞ୍ଚିଛି। କାଜିରଙ୍ଗା ଜାତୀୟ ଉଦ୍ୟାନର ୯୦ ଭାଗ ଏବଂ ୧.୭୯ ଲକ୍ଷ ହେକ୍ଟର କୃଷିକ୍ଷେତ୍ର ଜଳାର୍ଣ୍ଣବ ହୋଇଛି।

## ଦୁର୍ଘଟଣାରେ ଶିଶୁ କଳାକାର ମୃତ



ଶିବଲେଖ ସିଂ

ରାୟପୁର,୧୯।୭(ଆଇଏଏନ୍ଏସ୍)

'ଶଶୁରାଲ ସିମର କା' ର ଶିଶୁ କଳାକାର ଶିବଲେଖ ସିଂ ଗୁରୁବାର କାର୍ ଦୁର୍ଘଟଣାରେ ମୃତ୍ୟୁବରଣ କରିଛନ୍ତି। ତାଙ୍କୁ ୧୪ବର୍ଷ ହୋଇଥିଲା। ଶିବଲେଖ ଏବଂ ତାଙ୍କ ମାତାପିତା ବିଳାସପୁରରୁ ରାୟପୁର କାର୍‌ରେ ବସି ଯାଉଥିବା ବେଳେ କାର୍‌ଟି ରାୟପୁରଠାରେ ଏକ ଟ୍ରକ୍ ସହ ପିଟି ହୋଇଯାଇଥିଲା। ଧର୍ସିୱା ପୋଲିସ ଷ୍ଟେଶନ୍‌ର ଭାରପ୍ରାପ୍ତ ପୋଲିସ ଅଧିକାରୀ ନରେନ୍ଦ୍ର ବନ୍‌ଛୋର୍‌ଙ୍କ କହିବାନୁସାରେ, ଗୁରୁବାର ଅପରାହ୍ନ ୨ଟାରେ ଘଟିଥିବା ଦୁର୍ଘଟଣାରେ ଶିବଲେଖ ଘଟଣାସ୍ଥଳରେ ହିଁ ପ୍ରାଣ ହରାଇଥିଲେ। ତାଙ୍କ ମାତାପିତାଙ୍କ ସମେତ ଆଉ ଜଣେ ବ୍ୟକ୍ତି ଆହତ ହୋଇ ହସ୍ପିଟାଲ୍‌ରେ ଚିକିତ୍ସାଧୀନ ଅଛନ୍ତି। ଶିବଲେଖ ଟିଭି ଶୋ' 'ସଙ୍କଟମୋଚନ ହନୁମାନ' ସିରିୟଲ୍‌ରେ ଅଭିନୟ କରିଛନ୍ତି।



କେନ୍ଦ୍ରୀୟ ଆମେରିକୀୟ ରାଷ୍ଟ୍ର କୋଷ୍ଟାରିକାରେ ଏକ ବିଶାଳ କୁମ୍ଭୀର ଉପରେ ଉଡ଼ୁଛି ପ୍ରଜାପତି। ପୁଣ୍ଟାରେନାସ୍ ପ୍ରଦେଶସ୍ଥିତ ଟାରକୋଲେସ୍ ନଦୀରେ ରହିଛନ୍ତି ବିଶ୍ୱର ସର୍ବାଧିକ କୁମ୍ଭୀର ।

## କୁଳଭୂଷଣଙ୍କୁ ମିଳିବ ଆଇନଗତ ସହାୟତା

ନୂଆଦିଲ୍ଲୀ,୧୯।୭



ପାକିସ୍ତାନରେ ମୃତ୍ୟୁଦଣ୍ଡାଦେଶ ପାଇଥିବା ଭାରତର ପୂର୍ବତନ ନୌସେନା ଅଧିକାରୀ କୁଳଭୂଷଣ ଯାଦବଙ୍କ ସମ୍ପର୍କରେ ହେଗ୍‌ସ୍ଥିତ ଅନ୍ତର୍ଜାତୀୟ ନ୍ୟାୟିକ ଅଦାଲତ (ଆଇସିଜେ) ରାୟ ପ୍ରଦାନ କରିବାର ଦୁଇ ଦିନ ପରେ ଇସ୍‌ଲାମାବାଦ ତାଙ୍କୁ କନ୍‌ସୁଲାର ଆକ୍ସେସ୍ (ଦୂତାବାସ ମାଧ୍ୟମରେ ଆଇନଗତ ସହାୟତା) ଲାଗି ମଞ୍ଜୁରୀ ପ୍ରଦାନ କରିଛି। ସେ ଭାରତୀୟ କୂଟନୀତିଜ୍ଞ ଓ ଅଫିସରମାନଙ୍କ ସହ ସମ୍ପର୍କ ରଖିବାର ଅଧିକାର ପାଇବେ। ଏକ ଦାୟିତ୍ୱ ସମ୍ପନ୍ନ ରାଷ୍ଟ୍ର ଭାବରେ ପାକିସ୍ତାନ ଭିଏନା ଚୁକ୍ତିର ଅନୁଚ୍ଛେଦ ୩୬ର ଧାରା ୧(ବି) ଅନୁଯାୟୀ କୁଳଭୂଷଣଙ୍କୁ ଉପରୋକ୍ତ ଅଧିକାର ମିଳିବ ବୋଲି ଏହାର ବହିର୍ବ୍ୟାପାର ମନ୍ତ୍ରଣାଳୟ ମୁଖପାତ୍ରଙ୍କ କାର୍ଯ୍ୟାଳୟ ପକ୍ଷରୁ ଏକ ପ୍ରେସ୍ ବିବୃତିରେ କୁହାଯାଇଛି। ଆଇସିଜେର ରାୟକୁ ପାକିସ୍ତାନ ପାଳନ କରୁ ବୋଲି ଗୁରୁବାର ଭାରତ ପକ୍ଷରୁ ଦାବି କରାଯାଇଥିଲା।

## ବଜେଟ ଅଧିବେଶନ ୩ ଦିନ ବଢ଼ିପାରେ

ନୂଆଦିଲ୍ଲୀ, ୧୯।୭(ପି.ଟି.)

ସଂସଦର ବଜେଟ ଅଧିବେଶନ ଜାରି ରହିଥିବାବେଳେ ଏହାର ସମୟ ଅଧିକ ୨ରୁ ୩ ଦିନ ବୃଦ୍ଧି କରାଯାଇପାରେ ବୋଲି ଜଣାପଡ଼ିଛି। ମଙ୍ଗଳବାର ଭାଜପା ସଂସଦୀୟ ଦଳ ବୈଠକରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଏହା ସପକ୍ଷରେ ମତ ଦେଇଥିଲେ। ଭାଜପା ନେତାମାନେ ଏଥିଲାଗି ବିରୋଧୀ ଦଳର ନେତାଙ୍କୁ ମନାଇବା ଲାଗି ପ୍ରୟାସ ଆରମ୍ଭ କରିଥିବା ଜଣାପଡ଼ିଛି। ସପ୍ତଦଶ ଲୋକ ସଭାର ପ୍ରଥମ ଅଧିବେଶନ ଜୁନ ୧୭ରୁ ଆରମ୍ଭ ହୋଇଥିବାବେଳେ ଜୁଲାଇ ୨୬ରେ ଶେଷ ହେବାର ଥିଲା। ଗତ ୨୦ ବର୍ଷ ମଧ୍ୟରେ ଏହି ଅଧିବେଶନ ବେଶ୍ ଫଳପ୍ରଦ ରହିଛି। ସଂସଦୀୟ କାର୍ଯ୍ୟ ଶେଷ କରିବା ଲାଗି ଦୁଇଦିନ ମଧ୍ୟରାତ୍ର ପର୍ଯ୍ୟନ୍ତ ଅଧିବେଶନ ଚାଲିଥିଲା।

## ମାନବାଧିକାର ସୁରକ୍ଷା ବିଲ୍ ଲୋକ ସଭାରେ ଗୃହୀତ

ନୂଆଦିଲ୍ଲୀ, ୧୯।୭

ଲୋକ ସଭାରେ ଶୁକ୍ରବାର ମାନବାଧିକାର ସୁରକ୍ଷା ସଂଶୋଧନ ବିଲ୍ ଗୃହୀତ ହୋଇଛି। ଏହା କାର୍ଯ୍ୟକାରୀ ହେଲେ ଜାତୀୟ ମାନବାଧିକାର କମିଶନ (ଏନ୍ଏଚ୍ଆର୍‌ସି)ର ଅଧ୍ୟକ୍ଷ ଓ ଅନ୍ୟ ସଦସ୍ୟଙ୍କ ନିଯୁକ୍ତି ପ୍ରକ୍ରିୟା ତ୍ୱରାନ୍ୱିତ ହୋଇପାରିବ। ସ୍ୱରାଷ୍ଟ୍ର ରାଷ୍ଟ୍ରମନ୍ତ୍ରୀ ନିତ୍ୟାନନ୍ଦ ରାୟ ମାନବାଧିକାର ସୁରକ୍ଷା (ସଂଶୋଧନ) ବିଲ୍, ୨୦୧୯ ଉପରେ ଆଲୋଚନା ଆରମ୍ଭ କରି ଏହା ବର୍ତ୍ତମାନର ଆଇନ ଅପେକ୍ଷା ଜନସାଧାରଣଙ୍କ ଅଧିକାରର ସୁରକ୍ଷାରେ ଅଧିକ ପ୍ରଭାବଶାଳୀ ହୋଇପାରିବ ବୋଲି କହିଥିଲେ। ସଂଶୋଧିତ ବିଲ୍‌ର ବ୍ୟବସ୍ଥା ଅନୁଯାୟୀ ଜାତୀୟ ଓ ରାଜ୍ୟ ମାନବାଧିକାର ଆୟୋଗର ଅଧ୍ୟକ୍ଷଙ୍କ କାର୍ଯ୍ୟକାଳ ୫ ବର୍ଷରୁ ୩ ବର୍ଷକୁ ହ୍ରାସ କରାଯିବ। ପୂର୍ବତନ ପ୍ରଧାନ ବିଚାରପତିଙ୍କ ସମେତ ସୁପ୍ରିମକୋର୍ଟର ପୂର୍ବତନ ବିଚାରପତି ମଧ୍ୟ ଏନ୍ଏଚ୍ଆର୍‌ସି ଅଧ୍ୟକ୍ଷ ହୋଇପାରିବେ। ସେହିପରି ରାଜ୍ୟ ମାନବାଧିକାର କମିଶନ ଅଧ୍ୟକ୍ଷ ହାଇକୋର୍ଟର ଜଣେ ପୂର୍ବତନ ବିଚାରପତି ହୋଇପାରିବେ ବୋଲି ବିଲ୍‌ରେ ବ୍ୟବସ୍ଥା ରହିଛି। ଉକ୍ତ ସଂସ୍ଥାକୁ ଅଧିକ ପ୍ରଶାସନିକ ଓ ଆର୍ଥିକ କ୍ଷମତା ମିଳିବ ବୋଲି ମନ୍ତ୍ରୀ କହିଥିଲେ। ବିଜେଡି ସଂସଦୀୟ ଦଳ ନେତା ପିନାକୀ ମିଶ୍ର କହିଥିଲେ, ସଶସ୍ତ୍ର ବଳ ବିରୋଧରେ ବହୁ ମାନବାଧିକାର ଉଲ୍ଲଂଘନ ଅଭିଯୋଗ ଆସୁଛି। ଏନ୍ଏଚ୍ଆର୍‌ସି ସେଗୁଡ଼ିକର ତଦନ୍ତ କରିବା ଆବଶ୍ୟକ। ବିନା ଆଇନଗତ ପ୍ରକ୍ରିୟାରେ ହତ୍ୟା, ତାହା ପୋଲିସ ଦ୍ୱାରା ହେଉ କି ସେନା ବା ଅର୍ଦ୍ଧସାମରିକ ବାହିନୀର ଯବାନ, ସେଥିରେ କିଛି ପାର୍ଥକ୍ୟ ନାହିଁ। ତେବେ ସଶସ୍ତ୍ର ବଳକୁ ମାନବାଧିକାର କମିଶନଙ୍କ ପ୍ରତ୍ୟକ୍ଷ ତଦନ୍ତରୁ ବାଦ୍ ଦେବା ଠିକ୍ ନୁହେଁ। ମାମଲାର ତ୍ୱରନ୍ତ ବିଚାର ପାଇଁ ପର୍ଯ୍ୟାପ୍ତ କର୍ମଚାରୀ ନିଯୁକ୍ତି ପାଇବା ଜରୁରୀ ବୋଲି ପିନାକୀ କହିଥିଲେ।

■ ସ୍ୱତନ୍ତ୍ର ବିଚାରପତିଙ୍କୁ ସୁପ୍ରିମକୋର୍ଟଙ୍କ ନିର୍ଦ୍ଦେଶ

# ୯ ମାସ ମଧ୍ୟରେ ରାୟ ଦିଅ

ନୂଆଦିଲ୍ଲୀ, ୧୯।୭(ପି.ଟି.)



**ବାବ୍ରୀ ମସ୍‌ଜିଦ ଭଙ୍ଗ ମାମଲା**

ବହୁଚର୍ଚ୍ଚିତ ବାବ୍ରୀ ମସ୍‌ଜିଦ ଭଙ୍ଗ ମାମଲାର ଶୁଣାଣି କରୁଥିବା ସ୍ୱତନ୍ତ୍ର ବିଚାରପତି ଆଗାମୀ ୯ ମାସ ମଧ୍ୟରେ ରାୟ ପ୍ରଦାନ କରିବାକୁ ସୁପ୍ରିମକୋର୍ଟ ଶୁକ୍ରବାର ନିର୍ଦ୍ଦେଶ ଦେଇଛନ୍ତି। ଏହି ମାମଲାରେ ଭାଜପାର ବରିଷ୍ଠ ନେତା ଲାଲକୃଷ୍ଣ ଆଡ଼ଭାନୀ, ମୁରଲୀ ମନୋହର ଜୋଷୀ, ଉମା ଭାରତୀ , ବିନୟ କଟିଆର୍ , ସାଧ୍ୱୀ ଋତମ୍ଭରା ପ୍ରମୁଖ ଅଛନ୍ତି।

ବିଚାରପତି ଆର୍.ଏଫ୍. ନରିମନ୍ ଓ ବିଚାରପତି ସୂର୍ଯ୍ୟକାନ୍ତଙ୍କୁ ନେଇ ଗଠିତ ଖଣ୍ଡପୀଠ କହିଛନ୍ତି ଯେ, ରାଜନୈତିକ ସମ୍ବେଦନଶୀଳ ମାମଲାର ରେକର୍ଡ଼ିଂ ତଥ୍ୟ ୬ ମାସ ମଧ୍ୟରେ ଶେଷ କର। ଏଥିସହ ସେପ୍ଟେମ୍ବର ୩୦ରେ ଅବସର ଗ୍ରହଣ କରିବାକୁ ଥିବା ସ୍ୱତନ୍ତ୍ର ବିଚାରପତିଙ୍କ କାର୍ଯ୍ୟକାଳ ବୃଦ୍ଧି ଲାଗି ୪ ସପ୍ତାହ ମଧ୍ୟରେ ଉଚିତ ନିର୍ଦ୍ଦେଶନାମା ଜାରି କରିବା ଲାଗି ଖଣ୍ଡପୀଠ ଉତ୍ତରପ୍ରଦେଶ ସରକାରଙ୍କୁ ନିର୍ଦ୍ଦେଶ ଦେଇଛନ୍ତି। ମାମଲାର ଶୁଣାଣି ଶେଷକରିବା ଓ ଚୂଡ଼ାନ୍ତ ରାୟ ଦେବା ଲାଗି ସ୍ୱତନ୍ତ୍ର ବିଚାରପତିଙ୍କ କାର୍ଯ୍ୟକାଳ ବୃଦ୍ଧିକରାଯାଉଥିବା ସର୍ବୋଚ୍ଚ ଅଦାଲତ ସ୍ପଷ୍ଟ କରିଛନ୍ତି। କାର୍ଯ୍ୟକାଳ ବୃଦ୍ଧି ସମୟରେ ସେ ଆଲ୍ଲାହାବାଦ ହାଇକୋର୍ଟଙ୍କ ପ୍ରଶାସନିକ ନିୟନ୍ତ୍ରଣରେ ରହିବେ। ଏଠାରେ ସୂଚନାଯୋଗ୍ୟ ଯେ, ଗତ ସୋମବାର ସ୍ୱତନ୍ତ୍ର ଅଦାଲତ ମାମଲା ଶେଷ କରିବା ଲାଗି ସୁପ୍ରିମକୋର୍ଟଙ୍କୁ ଅଧିକ ୬ ମାସ ସମୟ ମାଗିଥିଲେ। ବାବ୍ରୀ ମସ୍‌ଜିଦ ଭଙ୍ଗ ମାମଲାରେ ଅନ୍ୟ ଅଭିଯୁକ୍ତଙ୍କ ମଧ୍ୟରୁ ଗିରିରାଜ କିଶୋର, ବିଶ୍ୱ ହିନ୍ଦୁ ପରିଷଦ ନେତା ଅଶୋକ ସିଂଘଲ ଓ ବିଷ୍ଣୁହରି ଡାଲମିଆ ଶୁଣାଣି ଚାଲିଥିବାବେଳେ ପ୍ରାଣ ହରାଇଥିଲେ। ସେମାନଙ୍କ ନାମ ଏବେ ମାମଲାରୁ ହଟାଇ ଦିଆଯାଇଛି। ବାବ୍ରୀ ମସ୍‌ଜିଦ ଭଙ୍ଗବେଳେ ଉତ୍ତରପ୍ରଦେଶର ମୁଖ୍ୟମନ୍ତ୍ରୀ ଥିବା କଲ୍ୟାଣ ସିଂ ଏବେ ରାଜସ୍ଥାନ ରାଜ୍ୟପାଳ ଥିବାରୁ ସମ୍ବିଧାନ ଦୃଷ୍ଟିରୁ କାର୍ଯ୍ୟକାଳ ଶେଷ ପର୍ଯ୍ୟନ୍ତ ତାଙ୍କୁ ଏଥିରେ ସାମିଲ କରାଯାଇ ପାରିବ ନାହିଁ ବୋଲି ଜଣାପଡ଼ିଛି।



ଇଜିପ୍ଟର ଅଶାନ୍ତ ଉତ୍ତର ସିନାଇ ଉପଦ୍ୱୀପରେ ଇସଲାମିକ୍ ଉଗ୍ରପନ୍ଥୀଙ୍କୁ ଲକ୍ଷ୍ୟ କରି ଆକାଶମାର୍ଗରୁ ଆକ୍ରମଣ କରାଯିବାରୁ ଅନ୍ୟୂନ ୨୦ଜଣ ପ୍ରାଣ ହରାଇଛନ୍ତି। ଉଗ୍ରପନ୍ଥୀମାନେ ଲୁଚିଥିବା ପ୍ରାୟ ୧୦୦ଟି ପର୍ବତାଞ୍ଚଳ ଉପରେ ଇଜିପ୍ଟର ବାୟୁସେନା ପକ୍ଷରୁ ଶୁକ୍ରବାର ଆକାଶମାର୍ଗରୁ ଆକ୍ରମଣ କରାଯାଇଥିଲା। ନିରାପତ୍ତା ବାହିନୀକୁ ସହଯୋଗ କରୁଥିବା ଅଭିଯୋଗରେ ଉଗ୍ରପନ୍ଥୀମାନେ ବିର୍ ଅଲ-ଆବଦ୍ ଅଞ୍ଚଳର ୪ଜଣ ଲୋକଙ୍କ ମୁଣ୍ଡକାଟ କରିବା ସହିତ ଜଣଙ୍କୁ ଅପହରଣ କରିନେଇଥିଲେ।



**ରାଜ୍ୟଗୋଷ୍ଠୀ ଟେବୁଲ ଟେନିସ୍‌ରେ ଭାରତୀୟ ମହିଳା ଓ ପୁରୁଷ ଦଳକୁ ସ୍ୱର୍ଣ୍ଣ**




# ଖୁବ୍‌ଶୀଘ୍ର ନୂଆ କ୍ରୀଡ଼ା ନୀତି

ଭୁବନେଶ୍ୱର,୧୯।୭(ବ୍ୟୁରୋ)

ରାଜ୍ୟରେ ଖୁବ୍‌ଶୀଘ୍ର ନୂତନ କ୍ରୀଡ଼ା ନୀତି (ସ୍ପୋର୍ଟ୍ସ ପଲିସି) ଆସିବ। ଏଥିପାଇଁ ଚିଠା ନୀତି ପ୍ରସ୍ତୁତି ଚାଲିଛି। କ୍ରୀଡ଼ା ଓ କ୍ରୀଡ଼ାବିତ୍‌ଙ୍କୁ ପ୍ରୋତ୍ସାହନ ଦେବା ସକାଶେ ପ୍ରଥମ ଥର ପାଇଁ ଏକ ସ୍ପୋର୍ଟ୍ସ ପଲିସି ପ୍ରସ୍ତୁତ କରାଯାଉଛି ବୋଲି କ୍ରୀଡ଼ା ଓ ଯୁବ ବ୍ୟାପାର ମନ୍ତ୍ରୀ ତୁଷାରକାନ୍ତି ବେହେରା କହିଛନ୍ତି। ଶୁକ୍ରବାର ପ୍ରଶ୍ନୋତ୍ତର କାର୍ଯ୍ୟକ୍ରମ ବେଳେ ମନ୍ତ୍ରୀ କହିଛନ୍ତି ଯେ, ରାଜ୍ୟରେ ଏବେ ସୁଦ୍ଧା କୌଣସି କ୍ରୀଡ଼ା ନୀତି ନାହିଁ। ଜାତୀୟ କ୍ରୀଡ଼ା ନୀତି-୨୦୦୧ ଓଡ଼ିଶାରେ କାର୍ଯ୍ୟକାରୀ ହେଉଛି। ଏହି ପଲିସିରେ ୪୭ଟି କ୍ରୀଡ଼ାକୁ ଅନ୍ତର୍ଭୁକ୍ତ କରାଯାଇଛି। ଓଡ଼ିଶାରେ ୩୯ଟି କ୍ରୀଡ଼ା ଅନ୍ତର୍ଭୁକ୍ତ ହୋଇଛି। ସେଗୁଡ଼ିକୁ

**୯୬ କ୍ରୀଡ଼ାବିତ୍‌ଙ୍କୁ ଚାକିରି ମିଳିଛି**

୩ଟି ବର୍ଗରେ ବିଭକ୍ତ କରାଯାଇଛି। 'ଏ' ବର୍ଗରେ ୬ଟି କ୍ରୀଡ଼ା ଯଥା ଆଥ୍‌ଲେଟିକ୍, ଧନୁଚାଳନା, କ୍ରିକେଟ, ଫୁଟବଲ୍, ହକି ଏବଂ ଭାରୋତ୍ତୋଳନକୁ ସାମିଲ କରାଯାଇଛି। ସେହିପରି 'ବି' ବର୍ଗରେ ବ୍ୟାଡ଼ମିଣ୍ଟନ, ବାସ୍କେଟବଲ, ବକ୍ସିଂ, ଚେସ୍, ସାଇକେଲିଂ, ଜିମ୍ନାଷ୍ଟିକ୍, ଜୁଡୋ, କବାଡ଼ି, ଖୋ ଖୋ, କରାଟେ, ସୁଇମିଂ, ଟେନିସ୍, ଟେବୁଲ୍ ଟେନିସ୍, ଟାଏକୋଣ୍ଡୋ, ଭଲିବଲ୍ ଏବଂ ରେସ୍‌ଲିଂ ଅନ୍ତର୍ଭୁକ୍ତ। 'ସି' ବର୍ଗରେ ୧୦ଟି ଏବଂ 'ଡି' ବର୍ଗରେ ୭ଟି ଖେଳକୁ ଅନ୍ତର୍ଭୁକ୍ତ କରାଯାଇଛି। ବିଜେଡି ସଭ୍ୟ ଭୂପିନ୍ଦର ସିଂ ରାଜ୍ୟରେ ଖେଳକୁ ପ୍ରୋତ୍ସାହନ ଦେବା ପାଇଁ ସରକାର କାହିଁକି ସ୍ପୋର୍ଟ୍ସ ପଲିସି କରୁନାହାନ୍ତି ବୋଲି ପଚାରିଥିଲେ। ଭାଜପା ସଭ୍ୟ ବିଷ୍ଣୁ ଚରଣ ସେଠୀ କହିଥିଲେ, ସରକାର ଅବକାରୀ ପାଇଁ ପଲିସି କରୁଛନ୍ତି। ମାତ୍ର କ୍ରୀଡ଼ା ପାଇଁ ହେଉନି। ପାରମ୍ପରିକ ଖେଳପ୍ରତି ସରକାର ଅଧିକ ଧ୍ୟାନ ଦେବା ଦରକାର। ଭାଜପା ସଭ୍ୟ ଶଙ୍କର ଓରାମ, ଜୟନାରାୟଣ ମିଶ୍ର, କୁସୁମ ଟେଟେ ଏବଂ ବିଜେଡି ସଭ୍ୟ ପ୍ରଫୁଲ୍ଲ ସାମଲ ପ୍ରମୁଖ ରାଜ୍ୟରେ କ୍ରୀଡ଼ା ଓ କ୍ରୀଡ଼ାବିତ୍‌ଙ୍କ ପାଇଁ ସରକାର ଆବଶ୍ୟକ ପଦକ୍ଷେପ ନେଉ ନ ଥିବା ଅଭିଯୋଗ କରିଥିଲେ। ଓଡ଼ିଶାରେ ଯେତେ କ୍ରୀଡ଼ା ଛାତ୍ରାବାସ ରହିଛି ସେଠାରୁ ଅନ୍ତର୍ଜାତୀୟ ଖେଳାଳି ସୃଷ୍ଟି ହୋଇପାରୁ ନାହାନ୍ତି। କ୍ରୀଡ଼ା ସଂଗଠନଗୁଡିକରେ ଅଣଖେଳାଳିମାନଙ୍କୁ ସଭାପତି ଓ ସମ୍ପାଦକ କରାଯାଉଛି। ସେମାନଙ୍କ ସ୍ଥାନରେ ଅନ୍ତର୍ଜାତୀୟ କ୍ରୀଡ଼ାବିତ୍‌ଙ୍କୁ ନିଯୁକ୍ତି ଦେବା ଦରକାର। ଓଡ଼ିଶାରେ କେତେ ଖେଳାଳି ଅଛନ୍ତି, ସେମାନଙ୍କ ମଧ୍ୟରୁ କେତେଜଣ ଅନ୍ତର୍ଜାତୀୟ ଖେଳରେ ସାମିଲ ହୋଇଛନ୍ତି ବୋଲି ପଚାରିଥିଲେ। ମନ୍ତ୍ରୀ କହିଥିଲେ ଯେ, ରାଜ୍ୟରେ କେତେ ଖେଳାଳି ଅଛନ୍ତି ଏ ନେଇ କୌଣସି ସର୍ଭେ କରାଯାଇ ନାହିଁ। ଜାତୀୟ ଓ ଅନ୍ତର୍ଜାତୀୟ ପଦକ ବିଜେତାଙ୍କୁ ଓଡ଼ିଶା ପୋଲିସରେ ଚାକିରି ଦିଆଯାଉଛି। ଏ ପର୍ଯ୍ୟନ୍ତ ୯୬ ଜଣଙ୍କୁ ନିଯୁକ୍ତି ଦିଆଯାଇଛି। ସେମାନଙ୍କ ମଧ୍ୟରୁ ଓଏମ୍‌ସିରେ ଦୂତୀ ଚାନ୍ଦ ଏବଂ ଓଏଚ୍‌ପିସିରେ ଶ୍ରାବଣୀ ନନ୍ଦଙ୍କୁ ଚାକିରି ଦିଆଯାଇଛି ବୋଲି ମନ୍ତ୍ରୀ କହିଥିଲେ।

## କେନ୍ଦ୍ରୀୟ ଡେପୁଟେଶନରେ ଯିବେ ରାଜେଶ ବର୍ମା

ଭୁବନେଶ୍ୱର,୧୯।୭(ବ୍ୟୁରୋ): ଓଡ଼ିଶା କ୍ୟାଡର ବରିଷ୍ଠ ଆଇଏଏସ୍ ଅଫିସର ତଥା ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ପ୍ରମୁଖ ସଚିବ ରାଜେଶ ବର୍ମା କେନ୍ଦ୍ରୀୟ ଡେପୁଟେଶନରେ ଯିବେ। ସେ କେନ୍ଦ୍ର ସରକାରଙ୍କ କୃଷି ଓ କୃଷକ କଲ୍ୟାଣ ମନ୍ତ୍ରଣାଳୟର ଅତିରିକ୍ତ ସଚିବ ଭାବେ କାର୍ଯ୍ୟ କରିବେ ବୋଲି ଜଣାପଡିଛି। ୧୯୮୭ ବ୍ୟାଚ ଆଇଏଏସ୍ ଅଫିସର ବର୍ମା ଆଇଏଏସ୍ ଅଫିସର ୟୁ.ଏନ ବେହେରାଙ୍କ ପରେ ୨୦୧୭ ଜାନୁୟାରୀରୁ ମୁଖ୍ୟମନ୍ତ୍ରୀଙ୍କ ପ୍ରମୁଖ ସଚିବ ଭାବେ ଦାୟିତ୍ୱ ତୁଲାଇ ଆସୁଛନ୍ତି। ଏହା ପୂର୍ବରୁ ସେ କୃଷି ଓ ଶକ୍ତି ବିଭାଗର ପ୍ରମୁଖ ସଚିବ ଥିଲେ।

# ବର୍ଷା, ଚାଷୀ ଆତ୍ମହତ୍ୟା ନେଇ ଗୃହରେ ଉଦ୍‌ବେଗ

ଭୁବନେଶ୍ୱର,୧୯।୭(ବ୍ୟୁରୋ)

- ଧୋକା ଦେଉଛି ମୌସୁମୀ
- ୫ ଜିଲାରେ ସ୍ଥିତି ସଙ୍ଗିନ
- ବଲାଙ୍ଗୀରରେ ଚାଷୀ ଭକ୍ତବନ୍ଧୁ ପ୍ରାଣ ହାରିଲେ
- ଗୃହ କମିଟି ପଠାଇ ସ୍ଥିତି ଅନୁଧ୍ୟାନ କରିବାକୁ କଂଗ୍ରେସର ଦାବି

ଦକ୍ଷିଣ ପଶ୍ଚିମ ମୌସୁମୀ ବାୟୁ ଧୋକା ଦେଇଛି। ରାଜ୍ୟରେ ନିଅଣ୍ଟିଆ ବର୍ଷା। ଜୁନ ପହିଲାରୁ ଜୁଲାଇ ୧୯ ତାରିଖ ମଧ୍ୟରେ ରାଜ୍ୟରେ ୨୬ ପ୍ରତିଶତ ବର୍ଷା କମ୍ ହୋଇଛି। ଶ୍ରାବଣ ମାସରେ ଧାନ ବିଲ ଫାଟି ଆଁ କରିଛି। ରୁଆ ବେଉଷଣ ଏ ପର୍ଯ୍ୟନ୍ତ ଆରମ୍ଭ ହୋଇନାହିଁ।। ତେବେ ୫ ଜିଲାରେ ସ୍ଥିତି ସଙ୍ଗିନ। ବାଲେଶ୍ୱରରେ ୫୦ ପ୍ରତିଶତରୁ କମ୍ ବର୍ଷା ହୋଇଥିବା ବେଳେ ଗଜପତି ୫୧, ମୟୂରଭଞ୍ଜ ୪୦, କନ୍ଧମାଳ ୩୯ ଏବଂ ବଲାଙ୍ଗୀରରେ ୩୭ ପ୍ରତିଶତ କମ୍ ବର୍ଷା ହୋଇଛି। ବଲାଙ୍ଗୀର ସମେତ ୫ଟି ଜିଲାରେ ମରୁଡି ପରିସ୍ଥିତି ନେଇ କଂଗ୍ରେସ ସଭ୍ୟମାନେ ଗୃହରେ ଉଦ୍‌ବେଗ ପ୍ରକାଶ କରିଥିଲେ। ସରକାର ତୁରନ୍ତ ଗୃହ କମିଟି ପଠାଇ ଜିଲାର ପରିସ୍ଥିତି ଅନୁଧ୍ୟାନ କରନ୍ତୁ। ଶୀଘ୍ର ପଦକ୍ଷେପ ନ ନେଲେ ଚାଷୀ ଆତ୍ମହତ୍ୟା ବୃଦ୍ଧି ପାଇବ ବୋଲି ଶୁକ୍ରବାର ସଭ୍ୟମାନେ ସରକାରଙ୍କୁ ଚେତାଇ ଦେଇଛନ୍ତି।

ଶୂନ୍ୟକାଳରେ ଏହି ପ୍ରସଙ୍ଗ ଉଠାଇ କଂଗ୍ରେସ ସଦସ୍ୟ ସନ୍ତୋଷ ସିଂ ସାଲୁଜା କହିଥିଲେ ଯେ, ବର୍ଷା ଅଭାବରୁ ରାଜ୍ୟରେ ମରୁଡି ପରିସ୍ଥିତି ଦେଖାଦେଇଛି। ବଲାଙ୍ଗୀର ଜିଲାରେ ଭୟଙ୍କର ପରସ୍ଥିତି। ଏଥରକୁ ମିଶାଇ ଲଗାତର ବଲାଙ୍ଗୀରରେ ମରୁଡି ପଡିଲାଣି। ଭକ୍ତବନ୍ଧୁ ଦଣ୍ଡସେନା ନାମକ ଜଣେ ଚାଷୀ ଫସଲ ବୀମା ନ ପାଇ ନିଜ ଜମିରେ ବିଷ ପିଇଲେ। ବୁର୍ଲା ହସ୍ପିଟାଲରେ ତାଙ୍କର ମୃତ୍ୟୁ ହେଲା। ବଲାଙ୍ଗୀର ଜିଲାକୁ ମରୁଡି ପ୍ରବଣ ଘୋଷଣା କରିବା କଥା। ଚାଷୀ ଇନ୍‌ପୁଟ ସବ୍‌ସିଡି ପାଇ ପାରୁ ନାହିଁ। ବଲାଙ୍ଗୀର ସମେତ ୫ ଜିଲାକୁ ମରୁଡି ଘୋଷଣା କରାଯାଉ ନଚେତ ଚାଷୀମାନେ ମାଛ ଭଳି ମରିବେ। କଂଗ୍ରେସ ଦଳ ନେତା ନରସିଂହ ମିଶ୍ର କହିଲେ କଣ୍ଟାବାଞ୍ଜି ବିଧାୟକଙ୍କ ସହ ମୁଁ ଏକମତ। ବଲାଙ୍ଗୀରରେ ଚଳିତ ବର୍ଷ ମରୁଡି ନିଶ୍ଚିତ। ଶ୍ରାବଣ ମାସ ହେଲାଣି ବର୍ଷା ନାହିଁ। ତଳି ପକା ହୋଇନି। ଚାଷ ରୁଳିକି ଗଲାଣି। ପିଇବା ପାଣି ନାହିଁ। ଲୋକେ ବଞ୍ଚିବେ କେମିତି? ସରକାରୀ ତଥ୍ୟ କହୁଛି ବଲାଙ୍ଗୀରରେ ୩୩ ପ୍ରତିଶତ ଜଳ ସେଚନ ହୋଇଛି। ୩ ପ୍ରତିଶତ ଜଳ ସେଚନ ହୋଇ ନାହିଁ। ଗୃହ କମିଟି ଗଠନ କରି ପରିସ୍ଥିତି ଅନୁଧ୍ୟାନ କରାଯାଉ। କଂଗ୍ରେସ ସଭ୍ୟମାନେ ହୋ ହଲ୍ଲା କରିଥିଲେ। ବଲାଙ୍ଗୀର ମରୁଡି ବିଷୟରେ ରାଜସ୍ୱ ମନ୍ତ୍ରୀ ଆସନ୍ତା ୨ ଦିନ ମଧ୍ୟରେ ଗୃହରେ ବିବୃତି ଦେବାକୁ ବାଚସ୍ପତି ନିର୍ଦ୍ଦେଶ ଦେଇଥିଲେ।

ରାଜସ୍ୱ ମନ୍ତ୍ରୀ ଗୃହରେ ଏ ନେଇ ଏକ ବିବୃତି ଦିଅନ୍ତୁ ବୋଲି ନରସିଂହ ଦାବି କରିଥିଲେ। ବିଜେଡି ସଭ୍ୟ ପ୍ରଦୀପ ମହାରଥୀ ନରାଜ ଠାରେ ଥିବା ଆଇନ ବିଶ୍ୱବିଦ୍ୟାଳୟରେ ଓଡିଆ ଛାତ୍ରୀଛାତ୍ରଙ୍କ ସ୍ଥାନ ସଂରକ୍ଷଣ ମିଳୁ ନ ଥିବା ନେଇ ବାଚସ୍ପତିଙ୍କ ଦୃଷ୍ଟିଆକର୍ଷଣ କରିଥିଲେ। ବିଜେଡି ସଭ୍ୟ ବଦ୍ରିନାରାୟଣ ପାତ୍ର ଏବଂ ସିପିଆଇ(ଏମ) ସଦସ୍ୟ ଲକ୍ଷ୍ମଣ ମୁଣ୍ଡା, ଭାଜପା ସଭ୍ୟ ମୋହନ ମାଝି ପ୍ରମୁଖ ନଂ ୨୧୫ ଜାତୀୟ ରାଜପଥ କେନ୍ଦୁଝରର ରାଜମୁଣ୍ଡାରୁ ପାଣିକୋଇଲି ରାସ୍ତା ବିଷୟ ଉଠାଇଥିଲେ। ଫଳରେ ପିଲାମାନେ ସ୍କୁଲକୁ ଯାଇ ପାରୁନାହାନ୍ତି। ୨୦୨୦ ସୁଦ୍ଧା ଖଣି ବନ୍ଦ ହେବ ବୋଲି ଖଣିମାଲିକମାନେ ୧ ହଜାର ଟନ ଜାଗାରେ ୨୫ ହଜାର ଟନ ମାଲ ବୋହୁଛନ୍ତି। ଜାତୀୟ ରାଜପଥ ପ୍ରତି ସରକାର ଧ୍ୟାନ ଦେବାକୁ ଦାବି କରିଥିଲେ।

# ଖୋର୍ଦ୍ଧାରେ ୮ ବୃହତ୍ ଶିଳ୍ପରେ ନିଯୁକ୍ତି ପାଇଛନ୍ତି ୭୧୪୮ ଜଣ

ଭୁବନେଶ୍ୱର,୧୯।୭(ବ୍ୟୁରୋ)

ଖୋର୍ଦ୍ଧା ଜିଲାରେ ରାଜ୍ୟସ୍ତରୀୟ ସିଙ୍ଗଲ ୱିଣ୍ଡୋ କମିଟି କର୍ତ୍ତୃପକ୍ଷଙ୍କ ଅନୁମୋଦନ ଦ୍ୱାରା ୮ଟି ବୃହତ୍ ଶିଳ୍ପ ସ୍ଥାପିତ ହୋଇଛି। ସେଗୁଡିକ ହେଲା ହିନ୍ଦୁସ୍ଥାନ ଅର୍ବାନ୍ ଇନ୍‌ଫ୍ରାଷ୍ଟ୍ରକ୍ଚର, ବ୍ରିଟାନିଆ ଇଣ୍ଡଷ୍ଟ୍ରିଜ୍, ଏସ୍‌ଏମ୍‌ଏସ୍ ଇଣ୍ଡିଆ, ଇଣ୍ଡୋ ନିଶିନ ଫୁଡ୍‌ସ୍, ଅନ୍‌ମୋଲ ବିସ୍କୁଟ୍‌ସ, ପାର୍ଲେ ଆଗ୍ରୋ, ସାଇ ଏକ୍ସପୋର୍ଟ, ପାଣ୍ଟାଲୁନ୍ ଫ୍ୟାଶନ। ଏହି ୮ଟି ଶିଳ୍ପ ପାଇଁ ୧୦୬୯. ୫୯କୋଟି ଟଙ୍କା ପୁଞ୍ଜିନିବେଶ ହୋଇଥିବା ବେଳେ ୭୧୪୮ ଜଣଙ୍କୁ ନିଯୁକ୍ତି ଦିଆଯାଇଛି। ଶୁକ୍ରବାର ପ୍ରଶ୍ନୋତ୍ତରବେଳେ ଶିଳ୍ପମନ୍ତ୍ରୀ ଦିବ୍ୟଶଙ୍କର ମିଶ୍ର ବିଧାନସଭାରେ ଏହି ସୂଚନା ଦେଇଛନ୍ତି। କଂଗ୍ରେସ ସଭ୍ୟ ସୁରେଶ କୁମାର ରାଉତରାୟ କହିଥିଲେ ଯେ, ଜାନକୀ ବାବୁଙ୍କ ସମୟରେ ହଜାରେ ଦିନରେ ହଜାରେ ଶିଳ୍ପ କରାଯାଇଥିଲା।

**ଶିଳ୍ପ ପାଇଁ ଜମି ନେଇ ସ୍କୁଲ, କଲେଜ ହୋଇଛି**

ଖୋର୍ଦ୍ଧାଠାରୁ ଆରମ୍ଭକରି ମଞ୍ଚେଶ୍ୱର, ରସୁଲଗଡ଼, ଜଗତ୍‌ପୁର, ବାଲେଶ୍ୱର ଆଦି ରାଜ୍ୟର ବିଭିନ୍ନ ସ୍ଥାନରେ ଶିଳ୍ପ ସ୍ଥାପନ ହୋଇଥିଲା। ଖୋର୍ଦ୍ଧା ଜିଲାରେ ଇଡ୍‌କୋଠାରୁ ଜମି ନେଇ ଶିଳ୍ପ କରିବା ବଦଳରେ କଲେଜ, ସ୍କୁଲ ଖୋଲିଛି। ଏହାର ଅନୁସନ୍ଧାନ କରାଯାଉ। ଯେଉଁ ଜମି ଦିଆଯାଇଥିଲା ସେଥିରେ ଶିଳ୍ପ ହୋଇଛି କି ନାହିଁ। ସେ ବିଷୟରେ ଯାଞ୍ଚ କରାଯାଉ ବୋଲି ସେ କହିଥିଲେ। ମନ୍ତ୍ରୀ କହିଥିଲେ, କେବଳ ଶିକ୍ଷାନୁଷ୍ଠାନ ନୁହେଁ, ଖୋର୍ଦ୍ଧା ଜିଲାରେ ବହୁ ବଡ଼ ବଡ଼ ଶିଳ୍ପ ସ୍ଥାପନ କରାଯାଇଛି। ଆଗାମୀ ଦିନରେ ଆହୁରି ବଡ଼ ବଡ଼ ଶିଳ୍ପ ସ୍ଥାପନ ହେବ ବୋଲି କହିଥିଲେ।

# ଦୁଇଭାଗ ହେବ ଭୁବନେଶ୍ୱର ସହରାଞ୍ଚଳ ପୋଲିସ ଜିଲା

ଭୁବନେଶ୍ୱର, ୧୯।୭(ବ୍ୟୁରୋ)




- ରହିବେ ଦୁଇଜଣ ଡିସିପି
- ଆଉ ୩ଟି ନୂଆ ଥାନା କରାଯିବ
- ଡିଜିପିଙ୍କୁ ପ୍ରସ୍ତାବ ଦେଲେ ପୋଲିସ କମିଶନର

୨୦୦୮ରେ କମିଶନରେଟ ପୋଲିସ ପ୍ରତିଷ୍ଠା ହେବା ସମୟରେ ଭୁବନେଶ୍ୱର ସହରାଞ୍ଚଳ ପୋଲିସ ଜିଲାରେ ଜନସଂଖ୍ୟା ଥିଲା ୧୦ଲକ୍ଷ। ବର୍ତ୍ତମାନ ଏହା ୧୬ ଲକ୍ଷ ଟପିଗଲାଣି। ଜନସଂଖ୍ୟା ସହ ବଢ଼ିଚାଲିଛି ଅପରାଧ। ପ୍ରତିବର୍ଷ ମାମଲା ସଂଖ୍ୟା ମଧ୍ୟ ବଢୁଛି। ତେଣୁ ଅପରାଧ ନିୟନ୍ତ୍ରଣ ସହ ଅନ୍ୟ ସମସ୍ୟାର ସମାଧାନ ପାଇଁ ଭୁବନେଶ୍ୱରକୁ ୨ଟି ସହରାଞ୍ଚଳ ପୋଲିସ ଜିଲାରେ ଭାଗ କରାଯିବ। ପୋଲିସ ଡିଜିଙ୍କୁ ଏଭଳି ପ୍ରସ୍ତାବ ଦେଇଛନ୍ତି ପୋଲିସ କମିଶନର ସତ୍ୟଜିତ ମହାନ୍ତି। ପୋଲିସ ଡିଜି ଉକ୍ତ ପ୍ରସ୍ତାବକୁ ଖୁବ୍‌ଶୀଘ୍ର ଗୃହ ବିଭାଗକୁ ପଠାଇବେ। ଗୃହ ବିଭାଗର ସୀକୃତି ମିଳିବା ପରେ ଭୁବନେଶ୍ୱରକୁ ଦୁଇଟି ପୋଲିସ ଜିଲାରେ ପରିଣତ କରାଯିବ ବୋଲି କମିଶନର ମହାନ୍ତି କହିଛନ୍ତି।

ତାଙ୍କ ସୂଚନା ଅନୁଯାୟୀ, ନର୍ଥ ଓ ସାଉଥ୍ ଦୁଇଟି ପୋଲିସ ଜିଲା ରହିବ। ଦାୟିତ୍ୱରେ ଦୁଇଜଣ ଡିସିପି ରହିବେ। ଦୁଇ ଡିସିପିଙ୍କ ମଧ୍ୟରେ ସମନ୍ୱୟ ରଖିବା ପାଇଁ ନିୟମିତ ବୈଠକ ହେବ। ଗୋଟିଏ ପୋଲିସ ଜିଲାରେ ୧୨ଟି ଥାନା ରହିବ। ଶହୀଦନଗର, ମଞ୍ଚେଶ୍ୱର ଓ ଖଣ୍ଡଗିରି ଆଦି ଥାନାର ପରିସୀମା ଅଧିକ ରହିଛି। ତେଣୁ ଏହିସବୁ ଥାନା ପରିସୀମାକୁ ବଣ୍ଟାଯାଇ ଆଉ ୩ଟି ନୂଆ ଥାନା କରାଯିବ। ସେହିଭଳି ବର୍ତ୍ତମାନ ଭୁବନେଶ୍ୱରରେ ୨୪ ଥାନା ରହିଥିବାବେଳେ ୨ଟି ଟ୍ରାଫିକ ଥାନା ରହିଛି। ଏହାସହ ୭ଟି ପୋଲିସ ଜୋନ୍ ରହିଛି। ଏସବୁକୁ ଦାୟିତ୍ୱରେ ଜଣେ ଡିସିପି ରହିଥିବାରୁ ଆଇନଶୃଙ୍ଖଳା ସହ ଭିଆଇପି ସୁରକ୍ଷା ଓ ଅପରାଧ ନିୟନ୍ତ୍ରଣ କାଠିକରପାଠ ହେଉଛି। ପୁଣି ସହର ବଢ଼ିବା ସହ ଶିକ୍ଷାନୁଷ୍ଠାନ, ମେଡିକାଲ, ବ୍ୟାବସାୟିକ ପ୍ରତିଷ୍ଠାନ ଗଢ଼ି ଉଠୁଛି। ରାଜ୍ୟର ବିଭିନ୍ନ ଜିଲାରୁ ଲୋକେ ଭୁବନେଶ୍ୱରକୁ ଚାଲିଆସୁଥିବାରୁ ଏଠାରେ ଜନସଂଖ୍ୟା ବୃଦ୍ଧି ପାଇଚାଲିଛି। ଆହୁରି ମଧ୍ୟ ବିଧାନସଭା ସଭା, ରାଜଭବନ, ମୁଖ୍ୟମନ୍ତ୍ରୀଙ୍କ ସୁରକ୍ଷା ସମେତ ରାଲି, ଧାରଣା, ଭିଆଇପିଙ୍କ ସୁରକ୍ଷା, ବିଭିନ୍ନ ପ୍ରକାର ଫେଷ୍ଟିଭାଲ ସମୟରେ ଏକାଧିକ ପୋଲିସ ନିୟୋଜିତ ହେଉଛନ୍ତି। ତେଣୁ ଦୁଇଟି ପୋଲିସ ଜିଲା ହେବାପରେ ଏଠାରେ ଆହୁରି ଅଧିକ ପୋଲିସ ନିୟୋଜିତ ହେବେ ଓ ଲ' ଆଣ୍ଡ୍ ଅର୍ଡର ସମସ୍ୟା ଦୂର ହୋଇପାରିବ ବୋଲି ପୋଲିସ କମିଶନର ଆଶା ରଖିଛନ୍ତି। ପ୍ରକାଶଯୋଗ୍ୟ, ୱାଇ.ବି ଖୁରାନିଆ ପୋଲିସ କମିଶନର ଥିବା ସମୟରେ ସେ ଏନେଇ ମଧ୍ୟ ଡିଜିପିଙ୍କ ସହ ଆଲୋଚନା କରିଥିଲେ। ହେଲେ ସେତେବେଳେ ତାହା ସମ୍ଭବ ହୋଇପାରି ନ ଥିଲା।

**୧୦ ବର୍ଷରେ ଅପରାଧ ଦୁଇଗୁଣ ବୃଦ୍ଧି**

ଭୁବନେଶ୍ୱର ସହରାଞ୍ଚଳ ପୋଲିସ ଜିଲାରେ ୧୦ବର୍ଷ ମଧ୍ୟରେ ଅପରାଧ ଦୁଇଗୁଣ ବୃଦ୍ଧି ପାଇଛି। ୨୦୦୮ରେ ୪ହଜାର ୫୬୬ ଅପରାଧ ଘଟିଥିବାବେଳେ, ୨୦୧୧ରେ ୪୪୧୭, ୨୦୧୪ରେ ୫୮୨୮, ୨୦୧୭ରେ ୭୧୩୯ ଓ ୨୦୧୮ରେ ଆପରାଧିକ ମାମଲା ସଂଖ୍ୟା ୭୨୧୯ରେ ପହଞ୍ଚିଥିବା ବିଭାଗୀୟ ରିପୋର୍ଟରୁ ଜଣାପଡିଛି। କେବଳ ଅପରାଧ ନୁହେଁ, ଜନସଂଖ୍ୟା ଓ ଗାଡିମୋଟର ସଂଖ୍ୟା ବଢ଼ିଛି। ୨୦୦୮ରେ ୩୯୮୭୩ ଗାଡି ପଞ୍ଜିକୃତ ହୋଇଥିବାବେଳେ ୨୦୧୧ରେ ୭୬୭୬୫, ୨୦୧୫ରେ ୯୩୪୬୭ ଓ ୨୦୧୬ରେ ଏହି ସଂଖ୍ୟା ୧୦୬୦୧୧ରେ ପହଞ୍ଚିଛି।

# ବାଚସ୍ପତିଙ୍କ ଗାଇଡ୍ କି ମେଣ୍ଟର୍ ନୁହନ୍ତି ରାଜ୍ୟପାଳ

ନୂଆଦିଲ୍ଲୀ,୧୯।୭(ପି.ଟି.)



**୨୦୧୬ ଅରୁଣାଚଳ ମାମଲାରେ ସୁପ୍ରିମକୋର୍ଟଙ୍କ ରାୟ**

କର୍ନାଟକରେ ରାଜନୈତିକ ସଙ୍କଟ ସୃଷ୍ଟି ହୋଇଥିବାବେଳେ ରାଜ୍ୟପାଳ ଭଜୁଭାଇ ଭାଲା ସଂଖ୍ୟାଗରିଷ୍ଠତାର ପ୍ରମାଣ ଦେବା ପାଇଁ ମୁଖ୍ୟମନ୍ତ୍ରୀ ଏଚ୍.ଡି. କୁମାରସ୍ୱାମୀଙ୍କୁ ଦୁଇଥର ମହଲତ୍ ଦେଇସାରିଲେଣି। କିନ୍ତୁ ମୁଖ୍ୟମନ୍ତ୍ରୀ କିମ୍ବା ବାଚସ୍ପତି କେ.ଆର୍. ରମେଶ କୁମାର ଏହାକୁ ଅବଜ୍ଞା କରିଥିବା କୁହାଯାଉଛି। ତେବେ ବାଚସ୍ପତିଙ୍କୁ ରାଜ୍ୟପାଳ ଏଭଳି ନିର୍ଦ୍ଦେଶ ଦେଇପାରିବେ କି ନାହିଁ ସେ ନେଇ ବିବାଦ ଓ ବିତର୍କ ମୁଣ୍ଡ ଟେକିଛି। ଏହି ପରିପ୍ରେକ୍ଷୀରେ ୨୦୧୬ରେ ଅରୁଣାଚଳ ପ୍ରଦେଶ ମାମଲାରେ ସୁପ୍ରିମକୋର୍ଟଙ୍କ ରାୟର ଅବତାରଣା କରାଯାଇପାରେ। ରାଜ୍ୟପାଳ ବାଚସ୍ପତିଙ୍କ ଗାଇଡ୍ (ମାର୍ଗଦର୍ଶକ) ବା ମେଣ୍ଟର (ଅଭିଜ୍ଞ ଉପଦେଷ୍ଟା) ନୁହନ୍ତି। ତେଣୁ ସେ ବାଚସ୍ପତିଙ୍କ କାର୍ଯ୍ୟଧାରାରେ ହସ୍ତକ୍ଷେପ କରିପାରିବେ ନାହିଁ ବୋଲି ସର୍ବୋଚ୍ଚ ଅଦାଲତ ଦେଇଥିବା ରାୟ ବିଶେଷ ତାତ୍ପର୍ଯ୍ୟପୂର୍ଣ୍ଣ।

୨୦୧୬ରେ ଅରୁଣାଚଳ ପ୍ରଦେଶ ରାଜ୍ୟପାଳ ଜେ.ପି. ରାଜଖୋୱା ଆସ୍ଥାଭୋଟ କରାଇବା ପାଇଁ ନିଷ୍ପତ୍ତି ନେଇଥିଲେ, ଯାହାକୁ ସୁପ୍ରିମକୋର୍ଟ ଅସାମ୍ବିଧାନିକ ବୋଲି ଘୋଷଣା କରିଥିଲେ। ତତ୍କାଳୀନ ପ୍ରଧାନ ବିଚାରପତି ଜେ.ଏସ୍. ଖେହରଙ୍କ ଅଧ୍ୟକ୍ଷତାରେ ଗଠିତ ୫ ଜଣିଆ ସାମ୍ବିଧାନିକ ପୀଠ ଅରୁଣାଚଳର ନବାମ ତୁକିଙ୍କ ନେତୃତ୍ୱାଧୀନ ବରଖାସ୍ତ ହୋଇଥିବା କଂଗ୍ରେସ ସରକାରଙ୍କୁ ପୁନଃ ଅବସ୍ଥାପିତ କରିଥିଲେ। ଏହାସହ ସମ୍ବିଧାନ ଅନୁସାରେ ରାଜ୍ୟପାଳଙ୍କୁ ତାଙ୍କ କ୍ଷମତାର ପରିସର ବତାଇଦେଇଥିଲେ। ଖଣ୍ଡପୀଠ କହିଥିଲେ, ରାଜ୍ୟପାଳ ବାଚସ୍ପତିଙ୍କ ଗାଇଡ୍ ଅଥବା ମେଣ୍ଟର ନୁହନ୍ତି। ବାଚସ୍ପତି ଓ ରାଜ୍ୟପାଳଙ୍କ ସ୍ୱାଧୀନ ସାମ୍ବିଧାନିକ ଉତ୍ତରଦାୟିତ୍ୱ ରହିଛି। ତେଣୁ ବାଚସ୍ପତି କିମ୍ବା ଉପବାଚସ୍ପତି ଗୃହକୁ କିପରି ପରିଚାଳନା କରିବେ ତାହା ତାଙ୍କ ଉପରେ ନିର୍ଭର କରେ। ବାଚସ୍ପତିଙ୍କ ଉପରେ କର୍ତ୍ତୃତ୍ୱ ଜାହିର କରିବାର ଅଧିକାର ରାଜ୍ୟପାଳଙ୍କ ନାହିଁ। ଏକ ସଂଖ୍ୟାଗରିଷ୍ଠ ସରକାର ଜରିଆରେ ବିଧାନସଭାର ଗଣତାନ୍ତ୍ରିକ ପ୍ରକ୍ରିୟା ଚାଲିଥିବାବେଳେ ରାଜ୍ୟପାଳ ସେଥିରେ ହସ୍ତକ୍ଷେପ କରିପାରିବେ ନାହିଁ। ସେ ନିଜକୁ କୌଣସି ରାଜନୈତିକ ଗୋଷ୍ଠୀ ମଧ୍ୟରେ ଆବଦ୍ଧ କରିପାରିବେ ନାହିଁ। କୌଣସି ରାଜନୈତିକ ଦଳର ଅସହମତି, ଅସନ୍ତୋଷ, ଅମେଳ ବା କନ୍ଦଳରୁ ରାଜ୍ୟପାଳ ନିଜକୁ ଦୂରେଇ ରଖିବା ଜରୁରୀ। ଏକ ରାଜନୈତିକ ଦଳର କାର୍ଯ୍ୟକଳାପ, ସମସ୍ୟା ବା ଦଳ ମଧ୍ୟରେ ଅଶାନ୍ତି ରାଜ୍ୟପାଳଙ୍କ ଚିନ୍ତାର ଊର୍ଦ୍ଧ୍ୱରେ। ତେଣୁ ଘୋଡ଼ାବେପାର ଚାଲିଥିଲେ ଏପରି କି ଅରୁଚିକର ରାଜନୈତିକ ଘଟଣାକ୍ରମ ଘଟୁଥିଲେ ଏହାର ନୈତିକତା ଯାହା ହେଉନା କାହିଁକି ରାଜ୍ୟପାଳ ସେଥିରୁ ଦୂରେଇ ରହିବା ଉଚିତ ବୋଲି ଖଣ୍ଡପୀଠ ଏକ ଐତିହାସିକ ରାୟ ଦେଇଥିଲେ।

# କ୍ଷୁଦ୍ର ଜଳବିଦ୍ୟୁତ୍ ପ୍ରକଳ୍ପ ପାଇଁ ୮୭ ସ୍ଥାନ ଚିହ୍ନଟ

ଭୁବନେଶ୍ୱର, ୧୯।୭(ବ୍ୟୁରୋ)

**ଉତ୍ପାଦନ ହେବ ୩୪୦ ମେଗାୱାଟ୍**

ରାଜ୍ୟରେ ୧ରୁ ୨୫ ମେଗାୱାଟ୍ କ୍ଷୁଦ୍ର ଜଳ ବିଦ୍ୟୁତ୍ ପ୍ରକଳ୍ପ ପାଇଁ ୮୭ଟି ସ୍ଥାନ ଚିହ୍ନଟ କରାଯାଇଛି। ଏହିସବୁ ପ୍ରକଳ୍ପ କେନ୍ଦ୍ରାପଡ଼ା, ରାୟଗଡ଼ା, କନ୍ଧମାଳ, କୋରାପୁଟ, ଦେବଗଡ଼, ଜଗତ୍‌ସିଂହପୁର, ସମ୍ବଲପୁର, ଅନୁଗୋଳ, ବରଗଡ଼, କେନ୍ଦୁଝର, କଳାହାଣ୍ଡି, ନୂଆପଡ଼ା, ଗଜପତି ଓ ସୁନ୍ଦରଗଡ଼ ଜିଲାରେ କରାଯିବ। ଏଥିପାଇଁ ସର୍ଭେ କାର୍ଯ୍ୟ ଶେଷ ହୋଇଛି। ଏ ସମସ୍ତ ପ୍ରକଳ୍ପ କାର୍ଯ୍ୟକାରୀ ହେଲେ କ୍ଷୁଦ୍ର ଜଳ ବିଦ୍ୟୁତ୍ ପ୍ରକଳ୍ପରୁ ରାଜ୍ୟକୁ ୩୪୦ ମେଗାୱାଟ୍ ବିଦ୍ୟୁତ୍ ଶକ୍ତି ମିଳିପାରିବ। ସେଥିରୁ ଏ ପର୍ଯ୍ୟନ୍ତ ୩ଟି ପ୍ରକଳ୍ପ କାର୍ଯ୍ୟ ଶେଷ ହୋଇ ୫୭ ମେଗାୱାଟ୍ ବିଦ୍ୟୁତ୍ ଉତ୍ପାଦନ କରାଯାଉଥିବା ବେଳେ ୬୬ ମେଗାୱାଟ୍ ଶକ୍ତି ଉତ୍ପାଦନ ପାଇଁ ପ୍ରକଳ୍ପ କାର୍ଯ୍ୟ ଚାଲିଛି। ସର୍ଭେ କରାଯାଇଥିବା ସମୁଦାୟ ପ୍ରକଳ୍ପରୁ ଏ ପର୍ଯ୍ୟନ୍ତ ୩୩ ପ୍ରତିଶତ କ୍ଷୁଦ୍ର ଜଳ ବିଦ୍ୟୁତ୍ ପ୍ରକଳ୍ପରୁ ବିଦ୍ୟୁତ୍ ଶକ୍ତି ଉତ୍ପାଦନ କରାଯାଇପାରିଛି। ଅନ୍ୟ କେତେକ ପ୍ରକଳ୍ପ କାର୍ଯ୍ୟ ଜଙ୍ଗଲ ଓ ପରିବେଶ ମଞ୍ଜୁରୀ ମିଳି ନ ଥିବାରୁ ଆରମ୍ଭ ହୋଇପାରି ନାହିଁ। ଶୁକ୍ରବାର ବିଧାନସଭା ପ୍ରଶ୍ନୋତ୍ତର ବେଳେ ଏହି ସୂଚନା ଦେଇଛନ୍ତି ଶକ୍ତିମନ୍ତ୍ରୀ ଦିବ୍ୟଶଙ୍କର ମିଶ୍ର। ମୂଳ ପ୍ରଶ୍ନକର୍ତ୍ତା କଂଗ୍ରେସ ସଭ୍ୟ ତାରାପ୍ରସାଦ ବାହିନୀପତି ରାଜ୍ୟରେ କେଉଁ ନଦୀ ଓ ଝରଣାରୁ କ୍ଷୁଦ୍ର ଜଳ ବିଦ୍ୟୁତ୍ କେନ୍ଦ୍ର ସ୍ଥାପନ ପାଇଁ ସର୍ଭେ ହୋଇଛି, ସେଗୁଡ଼ିକ ମଧ୍ୟରେ କୋରାପୁଟ ଜିଲାର କେଉଁ ସ୍ଥାନ ଅନ୍ତର୍ଭୁକ୍ତ। ଏହି ପ୍ରକଳ୍ପ କରିବା ପାଇଁ ଘରୋଇ ଉଦ୍ୟୋଗକୁ ସାମିଲ କରାଯାଉଛି କି। ଏଥିପାଇଁ ସରକାର କି ପ୍ରୋତ୍ସାହନ ଦେଉଛନ୍ତି ବୋଲି ପଚାରିଥିଲେ। ବିଜେଡି ସଭ୍ୟ ରଘୁରାମ ପଡ଼ାଲ କୋରାପୁଟର ମୀନାକ୍ଷୀ ପ୍ରୋଜେକ୍ଟ ବିଳମ୍ବ ହେଉଥିବା ନେଇ ମନ୍ତ୍ରୀଙ୍କ ଦୃଷ୍ଟିଆକର୍ଷଣ କରିଥିଲେ। ବିଜେଡି ସଭ୍ୟ ଭାଗୀରଥି ସେଠୀ, କଂଗ୍ରେସ ସଭ୍ୟ ସୁରେଶ କୁମାର ରାଉତରାୟ କହିଥିଲେ ଯେ, ରାଜ୍ୟରେ କ୍ଷୁଦ୍ର ଜଳସେଚନ ପ୍ରକଳ୍ପ ପାଇଁ ସରକାର କି ବ୍ୟବସ୍ଥା କରିଛନ୍ତି। କଂଗ୍ରେସ ଶାସନ ବେଳେ ବିଦ୍ୟୁତ୍ କ୍ଷେତ୍ରରେ ଓଡ଼ିଶା ବଳକା ରାଜ୍ୟ ଥିଲା। ଫନୀରେ ବହୁ କ୍ଷୟକ୍ଷତି ହୋଇଥିଲେ ମଧ୍ୟ ଏ ପର୍ଯ୍ୟନ୍ତ ଲୋକଙ୍କୁ ବିଦ୍ୟୁତ୍ ମିଳିପାରି ନାହିଁ। ୨୪ ଘଣ୍ଟା ବିଦ୍ୟୁତ୍ କାଟ ହେଉଛି। ତାରା ଅତିରିକ୍ତ ପ୍ରଶ୍ନରେ କହିଥିଲେ ଯେ, ୨୦୦୨-୦୩ରେ ମୀନାକ୍ଷୀ ପ୍ରୋଜେକ୍ଟ ଆରମ୍ଭ ହେଲା। ଏଥିପାଇଁ ହଜାର ହଜାର ଗଛ କାଟି ଦିଆଗଲା। ୱାଟର ଫଲ୍ ନଷ୍ଟ ହେଲା। ଏ ପର୍ଯ୍ୟନ୍ତ ଏହି ପ୍ରକଳ୍ପ କାହିଁକି କାର୍ଯ୍ୟକାରୀ ହୋଇ ନାହିଁ? ସେହିପରି ତେଲିଙ୍ଗିରି, ଜଳାପୁଟ, ମାଛକୁଣ୍ଡ ଆଦି କେତେକ ସ୍ଥାନରେ ଜଳ ବିଦ୍ୟୁତ୍ ପ୍ରକଳ୍ପ ହେବ ବୋଲି ମୁଁ ପିଲାବେଳୁ ଶୁଣି ଆସୁଛି। ବୁଢ଼ା ହେବାକୁ ବସିଲିଣି, ତଥାପି ପ୍ରକଳ୍ପ କାମ ସରୁନାହିଁ। କେତେଦିନ ଭିତରେ ପ୍ରକଳ୍ପ କାମ ଶେଷ ହେବ ବୋଲି ସେ ମନ୍ତ୍ରୀଙ୍କଠାରୁ ଜବାବ ମାଗିଥିଲେ। ମନ୍ତ୍ରୀ କହିଥିଲେ ଯେ, ରାଜ୍ୟରେ ୮୭ଟି ସ୍ଥାନରେ କ୍ଷୁଦ୍ର ଜଳ ବିଦ୍ୟୁତ୍ ପ୍ରକଳ୍ପ ପାଇଁ ସ୍ଥାନ ଚିହ୍ନଟ କରାଯାଇଥିବା ବେଳେ କୋରାପୁଟ ଜିଲାରୁ ୧୭ଟି ଜାଗାରେ ପ୍ରକଳ୍ପ କରିବା ପାଇଁ ସ୍ଥାନ ଚିହ୍ନଟ କରାଯାଇଛି। ପୂର୍ବରୁ ଫାଷ୍ଟ କମ୍ ଫାଷ୍ଟ ସର୍ଭିସ୍ ଅନୁଯାୟୀ ପ୍ରକଳ୍ପ କରିବାକୁ ଅନୁମତି ମିଳୁଥିଲା। ୨୦୧୬ରେ ରାଜ୍ୟରେ ନୂତନ କ୍ଷୁଦ୍ର ଜଳ ବିଦ୍ୟୁତ୍ ପ୍ରକଳ୍ପ ପାଇଁ ସରକାର ଓଡ଼ିଶା ଅଣ ପାରମ୍ପରିକ ଶକ୍ତି ନୀତି -୨୦୧୬ କାର୍ଯ୍ୟକାରୀ କରିଛନ୍ତି। ଏହି ନୀତି ଅନୁସାରେ ଘରୋଇ ସଂସ୍ଥାଗୁଡ଼ିକୁ ଟେଣ୍ଡର ଜରିଆରେ ପ୍ରକଳ୍ପ କାର୍ଯ୍ୟକାରୀ କରିବାକୁ ଅନୁମତି ଦିଆଯାଉଛି। ଏହି ନୀତି ଅନୁଯାୟୀ ଉଦ୍ୟୋଗୀମାନଙ୍କୁ ଜମି ଅଧିଗ୍ରହଣ, ଟିକସ ରିହାତି, ବିଦ୍ୟୁତ୍ ଶକ୍ତି ବିକ୍ରି ଆଦି ପ୍ରୋତ୍ସାହନ ଦିଆଯାଉଛି ବୋଲି ମନ୍ତ୍ରୀ କହିଥିଲେ।

# ଯୁବକ ଦେଖୁଛନ୍ତି ପରିଣତ ବୟସର ମୁହଁ

**ନୂଆଦିଲ୍ଲୀ, ୧୯।୭:** ବର୍ତ୍ତମାନ ଫେସ୍‌ଆପ୍ ଭଳି ଏକ ସବୁଠୁ ଲୋକପ୍ରିୟ ଅପ୍ସନ୍ ବ୍ୟବହାର କରି ଲୋକେ ଖୁସି ମନାଉଛନ୍ତି। ରୁଷିଆରେ ବିକଶିତ ଏହି ଆପ୍ଲିକେଶନ ଚଳିତ ସପ୍ତାହରେ ପ୍ରତ୍ୟେକ ସୋସିଆଲ ମିଡିଆ ବ୍ୟବହାରକାରୀଙ୍କ ପାଇଁ ଖେଳର ଖୋରାକ ହୋଇଛି। ତେବେ ଏହି ଅପ୍ସନକୁ ଥରେ ଡାଉନଲୋଡ୍ କରିଦେଲେ ଆପଣ ନିଜ ମୁହଁର ବିଭିନ୍ନ ଆକୃତି ବୟସ ଅନୁସାରେ ଦେଖିପାରିବେ। ସେଥିପାଇଁ ୮ଟି ବିକଳ୍ପ ମଧ୍ୟରୁ ଗୋଟିଏ ବାଛିବାକୁ ହେବ। ସେହିସବୁ ବିକଳ୍ପ ହେଲା: ମୁହଁର ଭଙ୍ଗୀ, ମୁହଁର ସଜ୍ଜୀକରଣ, ହସ, କେଶର ରଙ୍ଗ, କେଶର ଷ୍ଟାଇଲ୍, ଚଷମା ପିନ୍ଧା ମୁହଁ, ମୁହଁରେ ବୟସର ଛାପ ଏବଂ ଦାଢ଼ିଯୁକ୍ତ ମୁହଁ।

ପ୍ରତ୍ୟେକ ଅପ୍ସନରେ ବିଭିନ୍ନ ଶୋଧନ ପଦ୍ଧତି ରହିଛି। ସେଗୁଡିକୁ ମୁହଁରେ ପ୍ରୟୋଗ କରାଯାଇପାରିବ। ନିଜ ମୁହଁର ଆକୃତି କେତେ ଭିନ୍ନ ପ୍ରକାର ହୋଇପାରେ ସେଗୁଡିକୁ ଦେଖି ଖୁବ୍ ଖୁସି ହୋଇପାରିବେ ଆପଣ। ଖୁବ୍ ମଜାଦାର ବିଷୟ ହେଉଛି ନିଜ ମୁହଁର ବିଭିନ୍ନ ଭଙ୍ଗୀକୁ ନେଇ ଖେଳିପାରିବେ ଏବଂ ବିଭିନ୍ନ ପରିସ୍ଥିତିରେ ଆପଣ କିପରି ଦିଶୁଛନ୍ତି ତାହା ଜାଣିପାରିବେ। ଚନ୍ଦାମୁଣ୍ଡିଆ ଲୋକେ 'ହିଟମ୍ୟାନ୍' ଅପ୍ସନ ବ୍ୟବହାର କରି ମୁଣ୍ଡରେ କେଶ ଥିବା ଭଳି ଦେଖାଯିବେ। ମୁହଁକୁ ସୁନ୍ଦର କରିବା, କେଶ ଲମ୍ବା କରିବା ଏବଂ ଚଷମା ପିନ୍ଧି ନିଜ ମୁହଁ ଦେଖିବାର ଅପ୍ସନ ମଧ୍ୟ ରହିଛି।

**'ଫେସ୍‌ଆପ୍' ମାନିଆ**



ଫେସ୍‌ଆପ୍‌ରେ 'ଫିଲ୍ଟର୍ସ', 'ଲେନ୍ସ ବ୍ଲର' ଏବଂ 'ବ୍ୟାକ୍‌ଗ୍ରାଉଣ୍ଡ' ଭଳି ଅପ୍ସନ ରହିଛି। ନିଜ ମୁହଁ କିପରି ଦିଶୁଛି ବୋଲି କିଛି ସମୟ ନିରେଖି ଦେଖିବା ପରେ ଏକାଧିକ ଅପ୍ସନ୍ ଫେସ୍‌ଆପ୍‌ରେ ଖେଳିବୁଲିବ। ବିଶେଷକରି ଫିଲ୍ଟର୍ସ ଅପ୍ସନ ବ୍ୟବହାର କରି ନିଜର ମୁହଁର ସମ୍ପୂର୍ଣ୍ଣ ରୂପକୁ ବଦଳେଇ ଦେଇପାରିବେ। ଲେନ୍ସ ବ୍ଲର ଅପ୍ସନ ବ୍ୟବହାର କରି ମୁହଁର ଭବିଷ୍ୟତର ରୂପ ଏବଂ ବ୍ୟାକ୍‌ଗ୍ରାଉଣ୍ଡ ଅପ୍ସନ ବ୍ୟବହାର କରି ଅନ୍ୟ ସ୍ଥାନରେ ନିଜେ ଥିବା ଭଳି ଦେଖାଯିବେ। ଏହି ୩ ଅପ୍ସନ ମଧ୍ୟରୁ ସବୁଠୁ ମଜାଦାର ଅପ୍ସନ ହେଉଛି ବ୍ୟାକ୍‌ଗ୍ରାଉଣ୍ଡ ଅପ୍ସନ। ଏହାଦ୍ୱାରା ବିଭିନ୍ନ ନଗରୀରେ ନିଜେ ଥିବାର ଦେଖିପାରିବେ।



ବ୍ରିଟିଶ ପାର୍ଲାମେଣ୍ଟର ଏକ ପ୍ରଭାବଶାଳୀ ଗୋଷ୍ଠୀ ଜଣେ ଭାରତୀୟଙ୍କୁ ଆଇଏମ୍ଏଫ୍ ମୁଖ୍ୟ ଭାବରେ ସମର୍ଥନ ଜଣାଇବେ। ଏ ସମ୍ପର୍କରେ ଉକ୍ତ ଗୋଷ୍ଠୀ ବ୍ରିଟେନ୍‌ର ଫରେନ୍ ଆଣ୍ଡ କମନ୍‌ୱେଲ୍‌ଥ କାର୍ଯ୍ୟାଳୟକୁ ଚିଠି ଲେଖିଛି। ଭାରତରୁ ପରବର୍ତ୍ତୀ ଆଇଏମ୍ଏଫ୍ ମୁଖ୍ୟ ଚୟନ ପାଇଁ ଉଦ୍ୟମ କରିବାକୁ ଏହି ଚିଠିରେ ପ୍ରସ୍ତାବ ଦିଆଯାଇଛି।



## ଜନ୍ମଦିନର ଶୁଭେଚ୍ଛା

ନାମ: ..............................
ବୟସ:..............................
ଜନ୍ମ ତାରିଖ: ..............................



ଧର୍ମେନ୍ଦ୍ର
ପରିବାରବର୍ଗ



ଡୁଗୁଲୁ
ପରିବାରବର୍ଗ



ସଂହତି
ପରିବାରବର୍ଗ



ଲରେନ୍
ପରିବାରବର୍ଗ

ଏଠାରେ ୨ X ୨ ସେ.ମି. ଫଟୋ ଲଗାନ୍ତୁ

ସର୍ତ୍ତାବଳୀ: ଏହି କୁପନ ବ୍ୟବହାର କରି ସମ୍ପୂର୍ଣ୍ଣ ମାଗଣାରେ ଜନ୍ମଦିନର ଶୁଭେଚ୍ଛା ଜଣାନ୍ତୁ। ଫଟୋଗ୍ରାଫ ସହିତ କୁପନଟି ପ୍ରକାଶନ ତାରିଖର ୭ ଦିନ ପୂର୍ବରୁ ଜନ୍ମଦିନ ଶୁଭେଚ୍ଛା, ଧରିତ୍ରୀ, ବି-୨୬, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୧୦ ଠିକଣାରେ ପହଞ୍ଚିବା ଆବଶ୍ୟକ।

# ଜମି ମାଫିଆ ତାଲିକାରେ ଆଜମ୍‌ଙ୍କ ନାଁ

**ରାମପୁର୍, ୧୯।୭ :** ଜମି ମାଫିଆ ଭାବେ ମାମଲା ରୁଜୁ କରାଯିବା ପରେ ସମାଜବାଦୀ ପାର୍ଟି(ଏସ୍‌ପି)ର ରାମପୁର ଏମ୍‌ପି ଆଜମ୍ ଖାନ୍‌ଙ୍କ ନାମ ଜିଲା ପ୍ରଶାସନ ପକ୍ଷରୁ ଅନ୍‌ଲାଇନ୍ ତାଲିକାରେ ସ୍ଥାନିତ କରାଯାଇଛି। ଏହାକୁ ନେଇ ଏସ୍‌ପି ପକ୍ଷରୁ ତୀବ୍ର ପ୍ରତିବାଦ କରାଯିବା ସହ ବିଧାନ ପରିଷଦରେ ଦଳର ନେତାମାନେ ସ୍ୱର ଉଠାଇ ବିକ୍ଷୋଭ କରିଥିଲେ। ଏମିତିକି ସର୍ବଦଳୀୟ ବୈଠକ ବସି ମାମଲାର ତର୍ଜମା କରିବାକୁ କୁହାଯାଇଥିଲା। ହେଲେ ଗୃହର ଅଧକ୍ଷ ଏହାକୁ ବିରୋଧ କରିଥିଲେ। ହଟ୍ଟଗୋଳ ଯୋଗୁ ଗୃହ କାର୍ଯ୍ୟ ଚାଲିପାରି ନ ଥିବାବେଳେ ଅଧକ୍ଷ ବିଧାନ ପରିଷଦକୁ ସୋମବାର ପର୍ଯ୍ୟନ୍ତ ମୁଲତବୀ ରଖିଥିଲେ। ମହମ୍ମଦ ଅଲ୍ଲି ଜୌହର ବିଶ୍ୱବିଦ୍ୟାଳୟର ଜମି ବଳପୂର୍ବକ ଆଜମ୍ ଦଖଲ କରିଥିବା ନେଇ ଏଫ୍ଆଇଆର୍ ଦିଆଯାଇଥିଲା। ଚାଷୀମାନେ ବିଶ୍ୱବିଦ୍ୟାଳୟ ଲାଗି ସେମାନଙ୍କ ଜମି ଜବରଦଖଲ କରାଯାଇଥିବା ଅଭିଯୋଗ କରିଥିଲେ। ରାମପୁର ଜିଲାପାଳ ଏ.କେ.ସିଂ ଆଜମ୍‌ଙ୍କୁ ବଦନାମ୍ କରିବା ଲାଗି ଏଭଳି ଷଡ଼ଯନ୍ତ୍ର କରିଥିବା ଏସ୍‌ପି ପକ୍ଷରୁ ଅଭିଯୋଗ କରାଯାଇଛି। ଏସ୍‌ପି ଅଧକ୍ଷ ଅଖିଳେଶ ଯାଦବ ଏ ନେଇ ବିଧାନ ପରିଷଦରେ ବିରୋଧୀ ଦଳ ନେତା ଅହମଦ ହାସନ୍‌ଙ୍କ ନେତୃତ୍ୱରେ ୨୧ ଜଣିଆ କମିଟି ଗଠନ କରିଛନ୍ତି। ଏହି କମିଟି ଆଜମ୍‌ଙ୍କ ବିରୋଧରେ ହୋଇଥିବା ମିଥ୍ୟା ମାମଲାର ତଦନ୍ତ କରିବ।

## ■ ପଞ୍ଚାୟତିରାଜ ଓ ପାନୀୟ ଜଳ ବିଭାଗ ଖର୍ଚ୍ଚ ଦାବି ଗୃହୀତ

# ଆମ ଗାଁ ଆମ ବିକାଶ ପାଇଁ ଏଥର ୪୦୦କୋଟି

**ଭୁବନେଶ୍ୱର, ୧୯।୭(ବ୍ୟୁରୋ)**

ବିଧାନସଭାର ଶୁକ୍ରବାର ଦ୍ୱିତୀୟାର୍ଦ୍ଧରେ ପଞ୍ଚାୟତିରାଜ ଓ ପାନୀୟ ଜଳ ବିଭାଗର ଖର୍ଚ୍ଚ ଦାବି ଗୃହୀତ ମିଳିଛି। ଏନେଇ ଗୃହର ସଦସ୍ୟମାନେ ଆଲୋଚନା କରିଛନ୍ତି। ପଞ୍ଚାୟତିରାଜ ମନ୍ତ୍ରୀ ପ୍ରତାପ ଜେନାଙ୍କ ପାଇଁ ମନ୍ତ୍ରୀ ପଦ୍ମନାଭ ବେହେରା ଉତ୍ତର ରଖି କହିଛନ୍ତି ଯେ, ଦାରିଦ୍ର୍ୟ ଦୂରୀକରଣ ଲାଗି ଚାର୍ଜ ବ୍ୟୟ ବରାଦ ୬ କୋଟି ୬୭ ଲକ୍ଷ ଟଙ୍କାକୁ ମିଶାଇ ମୋଟ୍ ୧୮ହଜାର ୯ଶହ ୩୪ କୋଟି ୩ ଲକ୍ଷ ଟଙ୍କାର ବଜେଟ ବ୍ୟୟ ବରାଦ କରାଯାଇଛି। ସେଥିରୁ ୧୩ ହଜାର ୯ଶହ ୪୧କୋଟି ୧୭ଲକ୍ଷ ଟଙ୍କା ଯୋଜନା ସମ୍ବନ୍ଧୀୟ ବ୍ୟୟ ବାବଦରେ ଏବଂ ୪ ହଜାର ୯ଶହ ୯୨ କୋଟି ୮୬ ଲକ୍ଷ ଟଙ୍କା ପ୍ରଶାସନିକ ବ୍ୟୟ ବରାଦ ପ୍ରସ୍ତାବ ରଖାଯାଇଛି। ବିଭିନ୍ନ ଯୋଜନା ମାଧ୍ୟମରେ ରାଜ୍ୟର ଗ୍ରାମାଞ୍ଚଳରେ ଥିବା ସମସ୍ତ ଗୃହଶୂନ୍ୟ ଏବଂ କଚ୍ଚା ଘରେ ବାସ କରୁଥିବା ପରିବାରଗୁଡିକୁ ପକ୍କାଘର ଯୋଗାଇ ଦେବା ପାଇଁ ରାଜ୍ୟ ସରକାର ପ୍ରତିଶ୍ରୁତିବଦ୍ଧ। ୨୦୧୯-୨୦ ଆର୍ଥିକ ବର୍ଷ ନିମନ୍ତେ ପକ୍କାଘର ନିର୍ମାଣ ପାଇଁ ୪ହଜାର ୮ଶହ ୨୦ କୋଟି ଟଙ୍କା ବ୍ୟୟ ବରାଦ ଲାଗି ପ୍ରସ୍ତାବ ରହିଛି। ଏମ୍‌ଜିଏନ୍‌ଆରଇଜିଏସ୍‌ରେ ଗ୍ରାମୀଣ ପରିବାରକୁ ୨୦୧୯-୨୦ ଆର୍ଥିକ ବର୍ଷ ଲାଗି ୧୦୦୦ ଲକ୍ଷ ମାନବ ଦିବସ ସୃଷ୍ଟି କରାଯିବା ସହ ୧୨ଶହ କୋଟି ଟଙ୍କା ବ୍ୟୟ ବରାଦ କରାଯିବାକୁ ପ୍ରସ୍ତାବ ରହିଛି। ସେହିପରି ଗୋପବନ୍ଧୁ ଗ୍ରାମୀଣ ଯୋଜନା ରାଜ୍ୟ ସରକାରଙ୍କ ନିଜସ୍ୱ ପାଣ୍ଠିରୁ ସମଗ୍ର ରାଜ୍ୟରେ କାର୍ଯ୍ୟକାରୀ ହୋଇଛି। ଏହି ଯୋଜନାରେ ଚଳିତ ଆର୍ଥିକ ବର୍ଷରେ ୫ଶହ ୪୦ କୋଟି ଟଙ୍କାର କାମ କରିବାକୁ ବ୍ୟୟ ବରାଦ ରଖାଯାଇଛି। ଜାତୀୟ ଗ୍ରାମୀଣ ଜୀବିକା ମିଶନରେ ପଞ୍ଚାୟତିରାଜ ଓ ପାନୀୟ ଜଳ ବିଭାଗ ଦ୍ୱାରା ସ୍ଥାୟୀ ଗୋଷ୍ଠୀଭିତ୍ତିକ ଅନୁଷ୍ଠାନଗୁଡିକୁ ପ୍ରୋତ୍ସାହିତ କରି ଗ୍ରାମୀଣ ଦରିଦ୍ର ଲୋକଙ୍କ ସାମାଜିକ ଓ ଅର୍ଥନୈତିକ ସ୍ଥିତିରେ ଉନ୍ନତି ଅଣାଯିବ। ଏହି ଯୋଜନାରେ ୩୩୦ କୋଟି ଟଙ୍କା ବ୍ୟୟ ବରାଦ କରାଯାଇଛି। ଆମ୍ ଆଦ୍‌ମୀ ବୀମା ଯୋଜନାରେ ୧୫ଲକ୍ଷ ପରିବାରକୁ ଅନ୍ତର୍ଭୁକ୍ତ କରିବା ପାଇଁ ୧୦କୋଟି ଟଙ୍କାର ବ୍ୟୟ ବରାଦ ପ୍ରସ୍ତାବ ରହିଛି। ଆମ ଗାଁ ଆମ ବିକାଶ ଯୋଜନାରେ ଚଳିତ ଆର୍ଥିକ ବର୍ଷ ୪୦୦ କୋଟି ଟଙ୍କାର ବ୍ୟୟ ବରାଦ ପ୍ରସ୍ତାବ ରହିଛି। ସେହିପରି ବସୁଧା ଯୋଜନାରେ ୨୧୪୦ କୋଟି ଟଙ୍କା ବ୍ୟୟ ବରାଦ ରଖାଯାଇଛି। ସ୍ୱଚ୍ଛ ଭାରତ ମିଶନରେ ୨୦୧୯-୨୦ ଆର୍ଥିକ ବର୍ଷ ପାଇଁ ୫୦୦ କୋଟି ରଖାଯାଇଛି। ସେହିଭଳି କେନ୍ଦ୍ରୀୟ ଚତୁର୍ଦ୍ଦଶ ଅର୍ଥ କମିଶନରେ ଗ୍ରାମପଞ୍ଚାୟତକୁ ସିଧାସଳଖ ଅନୁଦାନ ରାଶି ପ୍ରଦାନ କରାଯାଉଛି। ଚଳିତ ଆର୍ଥିକ ବର୍ଷ ଏଥିପାଇଁ ମୌଳିକ ଅନୁଦାନ ବାବଦରେ ୨ହଜାର ୩ ଶହ ୮୯କୋଟି ୫୪ଲକ୍ଷ ଟଙ୍କା ବ୍ୟୟ ବରାଦ ପ୍ରସ୍ତାବ ରଖାଯାଇଛି। ଚତୁର୍ଥ ରାଜ୍ୟ ଅର୍ଥ କମିଶନ ହସ୍ତାନ୍ତରୀକରଣ ପାଣ୍ଠି, ସମ୍ମାନ ସୂଚକ ଭତ୍ତା ଓ ଦରମା, ଗ୍ରାମପଞ୍ଚାୟତ ଏବଂ ପଞ୍ଚାୟତ ସମିତି, ଜିଲା ପରିଷଦଙ୍କୁ ସହାୟକ ଅନୁଦାନ ଲାଗି ସୁପାରିସ କରାଯାଇଛି। ୨୦୧୯-୨୦ ଆର୍ଥିକ ବର୍ଷ ପାଇଁ ୧୮ଶହ ୯୮କୋଟି ୧୪ଲକ୍ଷ ଟଙ୍କାର ବ୍ୟୟବରାଦ କରାଯାଇଥିବା ମନ୍ତ୍ରୀ ସୂଚନା ଦେଇଛନ୍ତି।

# ସାପ ସହ ଖେଳିବା ମହଙ୍ଗା ପଡ଼ିଲା

## ସୋସିଆଲ ମିଡ଼ିଆରେ ଭିଡିଓ ଛାଡ଼ି ଯୁବକ ଅଟକ

**ବରଗଡ଼ ଅଫିସ/ଭଟଲି, ୧୯।୭**

ବିଷଧର ସାପ ସହିତ ଖେଳିବା ତଥା ସାପଫଣାକୁ ଚୁମ୍ବନ ଦେବା ଭିଡ଼ିଓ ଭାଇରାଲ ଘଟଣା ଉପରେ ବନ ବିଭାଗ ତନାଘନା ଆରମ୍ଭ କରିଛି। ସେଭଳି ଭିଡ଼ିଓ କ୍ଲିପିଂ ସୋସିଆଲ ମିଡ଼ିଆରେ ଛାଡ଼ିଥିବା ଅଭିଯୋଗରେ ବରଗଡ଼ ନିକଟ ପ୍ରଧାନପାଲି ଅଞ୍ଚଳର ଜଣେ ଯୁବକ ରୋହିତ ମେହେରଙ୍କୁ ଶୁକ୍ରବାର ବରଗଡ଼ ବନ ବିଭାଗ ଅଟକ ରଖିଛି। ତାଙ୍କୁ ଏପର୍ଯ୍ୟନ୍ତ ଗିରଫ କରାଯାଇ ନାହିଁ, ଅଟକ ରଖି ପଚରାଉଚୁରା ଚାଲିଛି ବୋଲି ବରଗଡ଼ ବନଖଣ୍ଡ ଅଧିକାରୀ(ଡିଏଫ୍ଓ) ପି. ସନ୍ଦୀପ କହିଛନ୍ତି। ପ୍ରକାଶ ଯେ, କେତେଜଣ ଯୁବତୀ ସାପଫଣାକୁ ଚୁମ୍ବନ ଦେବା, ସାପକୁ କାଖେଇବା ଭଳି ଭିଡ଼ିଓ କ୍ଲିପିଂ ଗତ କିଛିମାସ ତଳେ ସୋସିଆଲ ମିଡ଼ିଆରେ ଭାଇରାଲ ହୋଇ ଆସୁଥିଲା। ସେଭଳି ଭିଡ଼ିଓ କ୍ଲିପିଂ ଭାଇରାଲ କରିବା ବନ୍ୟପ୍ରାଣୀ ଆଇନକୁ ଉଲ୍ଲଂଘନ କରୁଥିବାରୁ ଏହି ଘଟଣାକୁ ନେଇ ଅବୈତନିକ ବନ୍ୟପ୍ରାଣୀ ତତ୍ତ୍ୱାବଧାରକ ଶୁଭେନ୍ଦୁ ମଲ୍ଲିକ ମୁଖ୍ୟ ବନ୍ୟପ୍ରାଣୀ ସଂରକ୍ଷକଙ୍କୁ ଫେରାଦ ହୋଇ କାର୍ଯ୍ୟାନୁଷ୍ଠାନ ଦାବି କରିଥିଲେ। ଏହାପରେ ବନ୍ୟପ୍ରାଣୀ ତଥା ବନ ବିଭାଗ ଏହାର ଖୋଳତାଡ଼ କରିଥିଲା। ତନାଘନା ପରେ ସେହି ଭିଡ଼ିଓ କ୍ଲିପିଂ ଭାଇରାଲ କରିଥିବା ଯୁବକ ଜଣକ ବରଗଡ଼ ଅଞ୍ଚଳର ରୋହିତ ବୋଲି ଜଣାପଡ଼ିଥିଲା। ଏହାପରେ ବରଗଡ଼ ଡିଏଫ୍ଓ ପି. ସନ୍ଦୀପ ତାଙ୍କୁ ନିଜ କାର୍ଯ୍ୟାଳୟକୁ ଡାକି ପଚରାଉଚୁରା ଜାରି ରଖିଛନ୍ତି। ତେବେ ସାପଙ୍କ ସହିତ ସେଭଳି ଖେଳୁଥିବା ଏବଂ ସାପଫଣାରେ ଚୁମ୍ବନ ଦେଉଥିବା ସମ୍ପୃକ୍ତ ଯୁବତୀମାନେ କିଏ ଏବଂ କେଉଁ ଅଞ୍ଚଳର ତାକୁ ନେଇ ଚର୍ଚ୍ଚା ଜୋର୍ ଧରିଛି। ସେମାନେ କେଉଁ ଉଦ୍ଦେଶ୍ୟରେ ଏବଂ କିଭଳି ବିଷଧର ସାପଙ୍କ ସହିତ ଏଭଳି ଖେଳିବାକୁ ସାହସ କଲେ, ତାହା ମଧ୍ୟ ଚର୍ଚ୍ଚାର ବିଷୟ ହୋଇଛି। ସେମାନଙ୍କୁ ମଧ୍ୟ ତଦନ୍ତ ପରିସରକୁ ଆଣିବା ପାଇଁ ସାଧାରଣରେ ମତପ୍ରକାଶ ପାଇଛି।

# '୧୦ ଲକ୍ଷ ଯୁବକଙ୍କୁ ଭାଜପା ସଦସ୍ୟ କରାଯିବ'

**ଭୁବନେଶ୍ୱର, ୧୯।୭(ବ୍ୟୁରୋ)**

ରାଜ୍ୟରେ ଚାଲିଛି ଭାଜପାର ସଦସ୍ୟତା ଅଭିଯାନ। ଅନ୍ୟୂନ ୧୦ ଲକ୍ଷ ଯୁବକଙ୍କୁ ଦଳର ସଦସ୍ୟ କରିବାକୁ ବିଧିବଦ୍ଧ ଅଭିଯାନ ଚାଲିଛି। ଏନେଇ ଯୁବମୋର୍ଚ୍ଚାର କାର୍ଯ୍ୟକର୍ତ୍ତାମାନେ ଯୋଜନା ପ୍ରସ୍ତୁତ କରିଛନ୍ତି। ଭାଜପା ରାଜ୍ୟ କାର୍ଯ୍ୟାଳୟଠାରେ ଆୟୋଜିତ ଖବରଦାତା ସମ୍ମିଳନୀରେ ଯୁବମୋର୍ଚ୍ଚା ରାଜ୍ୟ ସଭାପତି ଟଙ୍କଧର ତ୍ରିପାଠୀ ଏହା କହିଛନ୍ତି। ଆସନ୍ତା ୨୬ ତାରିଖରେ କାର୍ଗିଲ ବିଜୟ ଦିବସ ଏବଂ ଅଗଷ୍ଟ ୯ରେ କ୍ରାନ୍ତି ଦିବସ ଅବସରରେ ସାରା ରାଜ୍ୟରେ ବୁଥସ୍ତର ପର୍ଯ୍ୟନ୍ତ ଯୁବମୋର୍ଚ୍ଚା ତରଫରୁ ବ୍ୟାପକ ସଦସ୍ୟତା ଅଭିଯାନ କରାଯିବ ବୋଲି ଟଙ୍କଧର କହିଛନ୍ତି।

# ଆଜିର ରାଶିଫଳ

ଜ୍ୟୋତିର୍ବିଦ୍ୟା ବିଶାରଦ ପ୍ରସନ୍ନ କୁମାର ମହାପାତ୍ର
ମଙ୍ଗରାଜପୁର ଶାସନ, କାଦୁଆ, ଗଞ୍ଜାମ

**ମେଷ**



ବନ୍ଧୁଙ୍କ ପରାମର୍ଶରେ ବହୁତ ଦିନରୁ ସ୍ଥଗିତ କାମଟିକୁ ହଠାତ୍ ଆରମ୍ଭ କରିବା ସକାଶେ ମନ ବଳାଇବେ। ଆଜି ଯେଉଁ କାମରେ ଯାତ୍ରା କରୁଛନ୍ତି ସେଥିରେ କିଛି ଅସୁବିଧା ହେବ ନାହିଁ। ଆକସ୍ମିକ ଭାବରେ ପଡୋଶୀ କିମ୍ବା ସହକର୍ମୀଙ୍କ ମନୋଭାବ ବଦଳିଯିବା କାରଣରୁ ପରିସ୍ଥିତି ମଧ୍ୟ ବଦଳି ଯିବ। ଯାତ୍ରା ସମୟରେ ଜିନିଷପତ୍ର ପ୍ରତି ସତର୍କ ରହିବା ଭଲ।

**ବୃଷ**



ଆର୍ଥିକ ସମସ୍ୟା ଦୂରେଇବାରେ ଜଣେ ବିଜାତୀୟ ବନ୍ଧୁ ସାହାଯ୍ୟ କରିପାରନ୍ତି। ନିକଟ ଅତୀତର ପରିସ୍ଥିତିକୁ ଯେତିକି ଜଟିଳ ମନେ କରୁଛନ୍ତି ବାସ୍ତବରେ ସେପରି କିଛି ହେବନି। ସଭାସମିତି, ସଙ୍ଗଠନ, ରାଜନୀତି, ପ୍ରଶାସନ, ଆଲୋଚନା କ୍ଷେତ୍ରରୁ ପ୍ରଶଂସିତ ହେବେ। ପାରିବାରିକ କ୍ଷେତ୍ରରେ ପାରସ୍ପରିକ ସଦ୍‌ଭାବ ବୃଦ୍ଧି ପାଇବା ଲକ୍ଷ୍ୟକରି ଖୁସୀ ହୋଇପାରନ୍ତି।

**ମିଥୁନ**



ବନ୍ଧୁଙ୍କଠାରୁ ହାତ ଉଧାରି ଟଙ୍କା ଆଣି ଆବଶ୍ୟକତାକୁ ପୂରଣ କରିବା ପାଇଁ ମନସ୍ଥ କରିପାରନ୍ତି। ପଡୋଶୀ କେହି ପ୍ରତିବାଦର ସ୍ୱର ଉତ୍ତୋଳନ କରିପାରନ୍ତି। କେତେକ କ୍ଷେତ୍ରରେ ସୁଯୋଗ ପାଇଲେ ମଧ୍ୟ ସଦ୍‌ବ୍ୟବହାର କରିବା କାଠିକର ପାଠ ହୋଇପାରେ। ଯାତ୍ରା, ବାଣିଜ୍ୟ, ବ୍ୟବସାୟ ଓ ପରିବହନରେ ସମସ୍ୟା ସୁଧୁରି ଯିବ।

**କର୍କଟ**



ଏକାଧିକ ଗ୍ରହ ରାଶିରେ ଶାରୀରିକ କିମ୍ବା ମାନସିକ ଅସୁସ୍ଥତାକୁ ନିମନ୍ତ୍ରଣ କରିପାରନ୍ତି। ଯାନବାହନ, ଧାତୁ ଅଳଙ୍କାର, ଯାନ୍ତ୍ରିକ ଜିନିଷ, ବ୍ୟବସାୟରେ ଆଶାନୁରୂପ ସଫଳତା ପାଇବେ। ପରୋକ୍ଷ ଶତ୍ରୁତା କାରଣରୁ କର୍ମକ୍ଷେତ୍ରରେ କିଛି ନା କିଛି ସମସ୍ୟାର ସମ୍ମୁଖୀନ ହେବାକୁ ପଡିପାରେ। ସଭାସମିତି, ପରିବହନ, ସାହିତ୍ୟ କ୍ଷେତ୍ରରୁ ସୁଫଳ ମିଳିବ।

**ସିଂହ**



ଅଧିକାଂଶ ସମୟ ବାହାରେ ରହିବା କାରଣରୁ ମନ ଭଲ ରହି ନ ପାରେ। କାମଗୁଡିକ ବହୁତ ବିଳମ୍ବରେ ହେଉଥିବାରୁ ଉଦ୍‌ବେଗ ପ୍ରକାଶ କରିବେ। କାର୍ଯ୍ୟବ୍ୟସ୍ତ ଯୋଗୁ ମଜା ମଉଜ କରିବାକୁ ଅବସର ପାଇବେ ନାହିଁ। ପରିସ୍ଥିତିବଶତଃ ରଖିଥିବା ଅର୍ଥ ଭିନ୍ନ ବାଟରେ ଖର୍ଚ୍ଚ ହୋଇଯାଇପାରେ।

**କନ୍ୟା**



ସାମାଜିକ ସ୍ତରରେ କିମ୍ବା କର୍ମକ୍ଷେତ୍ରରେ ଉଚିତ ପଦକ୍ଷେପ ନେଇ କୃତକାର୍ଯ୍ୟ ହେବେ। ନିକଟ ସମ୍ପର୍କୀୟ ମାନଙ୍କ ଭଲ କରିବାକୁ ଯାଇ ନିଜକୁ ବହୁତ କଷ୍ଟ ସ୍ୱୀକାର କରିବାକୁ ପଡିପାରେ। ଅସାବଧାନତା ଦ୍ରବ୍ୟ ନଷ୍ଟ କିମ୍ବା ଧନ ହାନି ଘଟିବା କାରଣରୁ ଦୁଃଖପ୍ରକାଶ କରିପାରନ୍ତି। ସଙ୍ଗୀତ, ଚଳଚ୍ଚିତ୍ର ଓ କ୍ରୀଡା, ସାହିତ୍ୟ କ୍ଷେତ୍ରରେ ବେଶ୍ ଆଦୃତ ହେବେ।

**ତୁଳା**



ଅଧିକାଂଶ ସମୟରେ ବିଭିନ୍ନ ପ୍ରକାର ଦୁର୍ଭାବନା ବଢି ଚାଲିବା ହେତୁ ମନ ଓ କାମ ଶୃଙ୍ଖଳିତ ରହିବ ନାହିଁ। ଅଭାବ ନ ଥିଲେ ମଧ୍ୟ ଆକସ୍ମିକ ଆବଶ୍ୟକତା ସକାଶେ ବନ୍ଧୁଙ୍କ ସାହାଯ୍ୟ ଲୋଡିପାରନ୍ତି। ଆଜିର ଫେରନ୍ତା ବାଟରୁ ଆପଣ କହିଥିବା ଜିନିଷଟି ଧରି ବନ୍ଧୁ ନିଶ୍ଚୟ ଆସିବେ। ବ୍ୟବସାୟରେ ବିଶେଷ ଲାଭ ନ ହେଲେ ସୁଦ୍ଧା କ୍ଷତିର ସମ୍ଭାବନା ପ୍ରାୟତଃ ନାହିଁ କହିଲେ ଚଳେ।

**ବିଛା**



କୃଷ୍ଣପକ୍ଷର ଚତୁର୍ଥଚନ୍ଦ୍ର କଲ୍ୟାଣଚନ୍ଦ୍ର ଯୋଗୁ ସମସ୍ୟା ରହିଥିଲେ ମଧ୍ୟ କାମ ଅଟକିବ ନାହିଁ। ଯେକୌଣସି ବିବାଦୀୟ ପରିସ୍ଥିତିରେ ସମାଧାନ ପାଇଁ ତତ୍ପରତା ପ୍ରକାଶ କରିପାରିଲେ ଅବଶ୍ୟ ସଫଳତା ପାଇପାରିବେ। ପରିବାର ଭିତରେ ଭୁଲ୍ ବୁଝାମଣା ହେତୁ ସମସ୍ୟା ବଢିପାରେ। ନିକଟ ସମ୍ପର୍କୀୟ ଉପର ମନରେ ସ୍ନେହ ଦେଖାଇ ଭିତରେ ଚେର କାଟି ପାରନ୍ତି।

**ଧନୁ**



ନୂତନ ଯୋଜନା ପାଇଁ ପରିବାରରୁ ପୂର୍ଣ୍ଣ ସହଯୋଗ ପାଇ କାମ ହାସଲ କରିପାରିବେ। ପ୍ରଶାସନିକ ସ୍ତରରେ କେତେକ ଦିଗରୁ ଚାପର ସମ୍ମୁଖୀନ ହୋଇପାରନ୍ତି। ଦୀର୍ଘ ପଥ ଭ୍ରମଣ ସ୍ୱାସ୍ଥ୍ୟ ସକାଶେ ବାଧକଜନିତ ସାମୟିକ ଅସୁସ୍ଥତା ଦେଖାଦେଇପାରେ। ବ୍ୟବସାୟିକ ସଫଳତା ସାଙ୍ଗକୁ ସାମାଜିକ ସ୍ତରରେ ଲୋକପ୍ରିୟତା ବୃଦ୍ଧି ମନକୁ ଖୁସୀ କରାଇପାରେ।

**ମକର**



ଚନ୍ଦ୍ରଙ୍କ ରାଶି ପରିବର୍ତ୍ତନ ମାନସିକ ଟେନ୍‌ସନକୁ ଲାଘବ କରିଦେବ। ଅନ୍ୟମାନଙ୍କ ସହମତିରେ କାମ କରିବା ଫଳରେ କର୍ମକ୍ଷେତ୍ରରେ ସମ୍ମାନ ଲାଭ ଓ ପଦମର୍ଯ୍ୟାଦା ବୃଦ୍ଧି ପାଇବ। ଯାତ୍ରା ସମୟରେ ଯାନ୍ତ୍ରିକ ତ୍ରୁଟି ସମସ୍ୟାକୁ ବଢାଇଦେବାର ଆଶଙ୍କା ରହିଛି। ଭୁଲ୍ ବୁଝାମଣା, ବୃଥା ସନ୍ଦେହଜନିତ ପାରିବାରିକ କ୍ଷେତ୍ର ଅସନ୍ତୁଳିତ ରହିବ।

**କୁମ୍ଭ**



ଅନ୍ୟମନସ୍କତା କିମ୍ବା ସତର୍କତାର ଅଭାବ ଯୋଗୁ ଅର୍ଥ କିମ୍ବା ଦରକାରୀ କାଗଜପତ୍ର ହଜାଇ ଦେଇପାରନ୍ତି। ବନ୍ଧୁମାନଙ୍କ ସହମତି ସ୍ଥଗିତ ଯୋଜନାକୁ ତ୍ୱରାନ୍ୱିତ କରିବାରେ ସାହାଯ୍ୟ କରିବ। ସହଯୋଗ ପ୍ରତିବେଶୀଙ୍କ ନିକଟରୁ ପାଇବାର ସମ୍ଭାବନା ରହିଛି । ସଭାସମିତି, ରାଜନୀତି, ପ୍ରଶାସନ ତଥା ବ୍ୟବସାୟ ପାଇଁ ଦିନଟି ବହୁତ ଭଲ।

**ମୀନ**



କର୍ମକ୍ଷେତ୍ରରେ ଅବହେଳାଜନିତ ଅଟକି ରହିଥିବା କାର୍ଯ୍ୟ ସକାଶେ ଅନୁତାପ କରିପାରନ୍ତି। ସାମାଜିକ କ୍ଷେତ୍ର, ବ୍ୟବସାୟିକ ସ୍ଥିତି, ଗବେଷଣା, ଆଲୋଚନା, ସେବାସଂସ୍ଥା, ରାଜନୀତି ଓ କଳା, ସାହିତ୍ୟରୁ ପ୍ରଶଂସିତ ହେବେ। ଛୋଟ ଛୋଟ କଥାକୁ ନେଇ ପରିବାରରେ ବିବାଦୀୟ ସ୍ଥିତି ଉପୁଜିଥିବାରୁ ଭାବାନ୍ତର ରହିବେ।

ଆଜି ଶ୍ରାବଣ କୃଷ୍ଣ (ସକାଳ ଘ୯।୧୦ମି. ପରେ) ଚତୁର୍ଥୀ, ଶନିବାର, ଜୁଲାଇ ୨୦ ତାରିଖ, ରାଶିନକ୍ଷତ୍ର-ଶତଭିଷା/କୁମ୍ଭ, ଶରଣଂ, ଚତୁର୍ଥୀର ଏକୋଦ୍ଦିଷ୍ଟ ଶ୍ରାଦ୍ଧ, ଦିବା ଘ୧୦।୪୫ମି. ଗତେ ଘ୧।୨୬ମି. ମଧ୍ୟେ, ଘ୨।୫୮ମି. ଗତେ ଘ୪।୩୫ମି. ମଧ୍ୟେ ଅମୃତବେଳା। ଦିବା ଘ୬।୫୦ମି. ଗତେ ଘ୮।୨୭ମି. ମଧ୍ୟେ ମାହେନ୍ଦ୍ର ବେଳା। ସକାଳ ଘ୮।୩୭ମି. ଗତେ ଘ୧୦।୧୫ମି. ମଧ୍ୟେ ରାହୁକାଳ।


# classifieds Everyday
0674-2580101, 2549302





**SALE**

ହଂସପାଳଠାରୁ 2k.m Puri Canalକୁ ଲାଗି 30' road, boundary plot ବିକ୍ରିହେବ। 9438056978. D-66711

**Gharabari boundary plot Tamando MCL boundary side, direct owner: 8144391451.** D-66739

**Ready to move 4BHK flat near Hotel Mayfair, Jaydev Vihar, price Rs.5500/- per sqft & triplex and duplex at Rangabazar near BJEM English Medium School-II. Price start Rs.45 lakhs. Call: 9040046767, 9040007267.** D-67305

Rathayatra special: Book BDA and bank approved flat nearly ready to move having all luxurious amenities. Few remain at Patrapada, Bhubaneswar, 500 meters from NH. 9238326233 / 9040072544. D-38559

**Plot sale at Bailo, Cuttack (Officers complex) @ 120/- per sqft with road 20k.m from Cuttack/ Bhubaneswar. 7809525452, 8249851363.** D-66927

SUM hospital ନିକଟରେ ଏବଂ Tamando ବଜାର Infocity-2 ପାଖରେ plot ମିଳୁଅଛି। 9439864322. D-66715

1BHK simplex 15,00,000/- finishing Hanspal, duplex Nakhara Road-8093465134, 9668194157. D-67013

**Conversion demarcation plot sale ନଖରାରୁ ୬କିଲୋମିଟର ବ୍ରାହ୍ମଣଝରିଲୋ ପିଚୁରୋଡ଼ sideରେ 1200sqft. 6,60,000/-. 9437306208.** D-66728

**ଭୁବନେଶ୍ୱର Infocity-2 boundaryକୁ ଲାଗି mega plotting project sqft. 350/- ରେ (Sidhavihar Colony)ରେ plot କିଣନ୍ତୁ। 9114955347, 8658962508.** D-66729

**ଭୁବନେଶ୍ୱର ତମାଣ୍ଡୋ କେନ୍ଦ୍ରିୟ ବିହାର ନିକଟରେ BDA yellowzone plot 30'road, ଇଲେକ୍ଟ୍ରିସିଟି ଥାଇ sqft 999/-, ପିପିଲି bypass ପାଖରେ 399/- ରେ ବିକ୍ରିହେବା। 8917502591.** D-66732

**SUM hospital କ୍ରିଷ୍ଣାପୁରି କଲୋନି, Patrapada NH ପାଖରେ yellowzone plot ତୁରନ୍ତ ବିକ୍ରିହେବା। 9938991256, 8917502591.** D-66731

Yellowzone gharabari plots 3,166 sqft Badagada canalroad, simplex BJEM-(2) 12,80,000/- finance available, 7735738102. D-13481

**ଭୁବନେଶ୍ୱର ପିତାପଲ୍ଲିଛକ ପାଖରେ Viswass +2 Science କଲେଜକୁ ଲାଗି yellowzone ପ୍ଲଟ ମିଳୁଅଛି। 9348261968.** D-66738

Bhubaneswar-Pitapalli Chhaka ଠାରୁ 100 ମିଟର ଦୂରରେ BDA plot, Road, Electric, ପାଚେରି ସହିତ ଶସ୍ତାରେ କିଣନ୍ତୁ। Contact: 9439101373, 6371719107. D-13424

**ଭୁବନେଶ୍ୱର ଗୀତା କଲେଜରୁ 4k.m ମେଣ୍ଢାଶାଳ ମୌଜାରେ satellitecity ପାଖରେ Demarcated Plot sqft.300/-ରେ ମିଳୁଅଛି। 9439857581.** D-66733

**3storied commercial building for sale at Canal Road, Laxmisagar. Present rental income 1,30,000/- Construction area 4610 sqft., land 2200sqft. 6371449544.** D-13466

Prime property at Khandagiri (Land & building) 2 storied with underground cost Rs. 1.75 crore (Negotiable) phone: 9338579645. D-64988

**Bhubaneswar AIIMS Medical ନିକଟରେ Govt. roadକୁ ଲାଗି BDA approved yellowzone gharabari plot- 1499/- 9777553622.** D-66736

**Bhubaneswar Mount Literazee School ଲାଗିକି ଘରବାରି ପ୍ଲଟ ନେଇ ଘର କରନ୍ତୁ। 9438859527.** D-66740

**2600 sft corner plot sale at CET College (SUM Hospital) near Durga Mandap, Bhubaneswar. Contact Deepak: 9937329999.** D-66262

**4000 sft plot sale at Satya Nagar, Bhubaneswar. Directly buyer contact Deepak: 9937329999 (Broker excuse).** D-66264

**2Bedroom ready to move flat at Pokhariput, Bhubaneswar, genuine buyers directly contact Deepak: 9937329999.** D-66265

**4BHK ready to move duplex independent house at Khandagiri (Aiginia), Bhubaneswar (200 meters from NH-5) for immediate sale. Contact Deepak: 9937329999.** D-66263

**2/3 BHK ready to move flats for sale at DHPL Pride, Ghatikia near DAV Kalinga Nagar, starting at Rs.32Lakhs, Contact - 9937059891, 8908292617.** D-13507

**3BHK ready to move Premium Duplex at DHPL Sahoo Residency near Mancheswar Railway Station. Contact: 9937059891, 8908292617.** D-13500





**Built your Residential & Commercial Project with best quality Material @ 1349/- Onwards with 20 years experienced Technical team. We provide Architecture, Structural & BDA Plan approval. SMPL Infratech - 9040008777.** D-13499





1000 sqft ଅଫିସ୍ ପାଇଁ ୪୮୧, ସହିଦ ନଗରରେ ଭଡା ଦିଆଯିବ। SBI ମାର୍କେଟ ବ୍ରାଞ୍ଚ ପାଖ: 9078675838, 9937298412. D-66261

Fully furnished room with attached toilet, AC, LED, fridge, bed, sofa, working executives preferred. Also furnished office space of 150 & 100 sqft AC, CCTV, Wifi: 9437030054, 7978988326. D-66260





Fully refreshed/ relaxed body massage by expert therapist, Shastri Nagar. 7377984773. D-67312

Rejuvenate and ayurvedic full body massage by smart therapist: 9114402304. D-67311

Full body herbal massage with refreshment, expert therapist. 7381239385, 0674-2540855. D-67313

Experience full body massage with us (expert). Call: 7377048581, 0674-2597822. D-67314

Herbal full body massage by smart/expert therapist. Contact: 8338067247. D-67315

Summer special mesmerizing offer expert therapeutic refreshing massage appointment: 9668374480. D-67307

Ayurvedic full body massage ladies & gents smart therapist. 9040900385. D-66926

Ayurvedic full body massage ladies/gents smart experts therapist. 9114697517. D-66929

Kajal ayurvedic massage club fully relaxed by smart lady, home service available. 9937637219. D-66930

Newly opening Ayurvedic body massage smart therapist, Shree herbal, 775 0020754. D-67317

## BUSINESS

Offering immediate stitching contract for Bedsheet, Pillow covers on monthly basis. 9438804164. D-13465

## LOST

ମୁଁ ଅଞ୍ଜନା ରାଏ, 15.07.2019 ତାରିଖରେ ଗୌରୀନଗର ଏରିଆରେ ଯିବାବେଳେ ମୋର ଦଲିଲ୍ ନଂ 9144 ହଜିଯାଇଛି। ଯଦି କୌଣସି ସହୃଦୟ ବ୍ୟକ୍ତି ପାଇଥିବେ ନିମ୍ନ ଠିକଣାରେ ପଠାଇବାକୁ ଅନୁରୋଧ। ପ୍ଲଟ୍ ନଂ 277, ଗୌରୀନଗର, ଲୁଇସ୍‌ରୋଡ଼, ଭୁବନେଶ୍ୱର-2। D-59861

## AFFIDAVIT

I, Jikhariya Pradhan S/o Samuel Pradhan R/o Vill- Guluda, PO- Tillory, Dist- Kandhamal (Odisha)- 762103 vide affidavit dated on 16.07.2019 that have changed my name to Sidharth Pradhan forever. D-13498


**ପାଠକଙ୍କ ପାଇଁ ସୂଚନା:**
କ୍ଲାସିଫାଏଡରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଉଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।



## ଜିଲ୍ଲା ଚିଠି ଖୋର୍ଦ୍ଧା

# ଅସମାହିତ ପ୍ରଶ୍ନ

ଖୋର୍ଦ୍ଧାରେ ବିସ୍ତାର ଲାଭ କରିଆସିଛି ଖଣି ଓ ଡ୍ରଗ୍ସ ମାଫିଆଙ୍କ ବ୍ୟବସାୟ। କେଇଟା ମାସ, ବର୍ଷ ଭିତରେ ସେମାନଙ୍କୁ କୋଟିପତି ଓ ଲକ୍ଷପତି କରି ପକାଇଛି। ବ୍ୟବସାୟକୁ ବଞ୍ଚାଇବା ପାଇଁ ରାଜନୈତିକ ଓ ପ୍ରଶାସନିକ ଢାଲ ସୃଷ୍ଟି କରାଯାଇଥିଲା। ମାସିକ କୋଟା ଓ ଉପହାର ପୋଲିସ ଏବଂ ଅବକାରୀ ବିଭାଗ ମୁହଁରେ ତାଲା ଝୁଲାଇ ଦେଇଥିଲା। ଟିକିଏ ଟିକିଏ କଥାରେ ଫୁଟୁଥିଲା ଗୁଳି, ବୋମା, ବୁଲୁଥିଲା ଭୁଜାଲି ଓ ମାରଣାସ୍ତ୍ର। ଅଭିଯୋଗ କରୁଥିଲେ ମିଳୁ ନ ଥିଲା ସୁଫଳ। ଏଭଳିସ୍ଥଳେ କ୍ରାଇମ୍‌ବ୍ରାଞ୍ଚ ଏସ୍‌ଟିଏଫ୍‌ର ଏନ୍‌କାଉଣ୍ଟର ଓ ଅଭିଯୁକ୍ତଙ୍କୁ ଗିରଫଦାରି ପୋଲିସ, ଅବକାରୀ ଓ ପ୍ରଶାସନର ସ୍ୱଚ୍ଛତାକୁ ପଦାରେ ପକାଇଥିଲା। ଏହି ଘଟଣାରେ ଗିରଫ ଓ ଏନ୍‌କାଉଣ୍ଟର ସଂଖ୍ୟା ବଢ଼ିଚାଲିଥିଲାବେଳେ ଖୋର୍ଦ୍ଧାର ନିଶା ସାମ୍ରାଜ୍ୟର ଅଭିଯୁକ୍ତ ସୁଧାଂଶୁ ପରିଡ଼ା ଓରଫ୍ ଛୋଟା ଆତ୍ମସମର୍ପଣ କରି ଜେଲ ଯିବା ଘଟଣା ଚର୍ଚ୍ଚାରେ ରହିଛି। ଛୋଟା ଆତ୍ମସମର୍ପଣ ବେଳେ କୋର୍ଟରେ ଓକିଲ ଓ ଏସ୍‌ଟିଏଫ୍‌ଙ୍କ ମଧ୍ୟରେ ବିବାଦ ଦେଖାଦେଇଥିଲା। ପରେ ଗୁରୁଜଙ୍ଗ ଜବରଦସ୍ତପୁର ଦ୍ୱାରିକାନଗରରେ ସରକାରୀ ଜମିରେ ଥିବା ଛୋଟାର କୋଟିଏ ଟଙ୍କାର ଘର ଉଚ୍ଛେଦ ବି ହୋଇଛି। ଏସ୍‌ଟିଏଫ୍‌ର ଚଢ଼ାଉ ପରେ ବେଆଇନ କଳାମୁଗୁନି ପଥର ଖଣିରେ ଲଗାମ ଲାଗିଥିଲେ ହେଁ ଡ୍ରଗ୍ସ କାରବାର ରୋକିବାରେ ସକ୍ଷମ ହୋଇପାରିନାହିଁ। ବ୍ରାଉନସୁଗାର କାରବାର ରୋକିବାକୁ ଖୋର୍ଦ୍ଧା ସ୍ୱପ୍ନେଶ୍ୱର ସାହିର ମହିଳା ଅଣ୍ଟା ଭିଡ଼ିଛନ୍ତି। ଏହି ଦୁଇ କାରବାରରେ କେତେଜଣ ପ୍ରତିଷ୍ଠିତ ଲୋକଙ୍କ ସମ୍ପୃକ୍ତି ଥିବାରୁ ଘଟଣା ଶୀତଳଭଣ୍ଡାରକୁ ଫୋପାଡ଼ିବାର ଉଦ୍ୟମ ଚାଲିଛି। ସେହିଭଳି ଜିଲାରେ ଘଟିଥିବା ଆଉ କିଛି ସମ୍ବେଦନଶୀଳ ଘଟଣା ଚିନ୍ତା ସୃଷ୍ଟି କରିଛି। ଭୁବନେଶ୍ୱରର ଏକ ସରକାରୀ ଛାତ୍ରୀ ନିବାସରେ ୪ଜଣ ନାବାଳିକା ଛାତ୍ରୀ ଗର୍ଭବତୀ ହେବାର ଖବର ବିଧାନସଭାରେ ଝଡ଼ ସୃଷ୍ଟି କରିଥିଲା। ଏଭଳି ଘଟଣା ଜିଲାକୁ ବଦନାମ କରିଥିବାବେଳେ ରାଜ୍ୟର ସରକାରୀ ଛାତ୍ରୀନିବାସର ଅନ୍ତେବାସୀ କେତେ ଅସୁରକ୍ଷିତ ତାହା ନିୟମିତ ବ୍ୟବଧାନରେ ସାମ୍ନାକୁ ଆସୁଛି। କିନ୍ତୁ ଏଭଳି ପରିସ୍ଥିତିର ଦୃଢ଼ ମୁକାବିଲା ପାଇଁ ପ୍ରଶାସନ ତଥା ସରକାରଙ୍କ ପକ୍ଷରୁ କିଛି ପଦକ୍ଷେପ ନିଆଯାଇପାରିଲାନାହିଁ। ଚିନ୍ତା ବଢ଼ିଲା ଭଳି ଆଉ ଏକ ଘଟଣା ହେଲା ୬୦ ବର୍ଷର କୀଟନାଶକ ଜଟଣୀସ୍ଥିତ ମାର୍କଫେଡ୍ ଗୋଦାମର ଗର୍ତ୍ତରେ ପୋତାଯିବା। ଏଗୁଡ଼ିକ ଏକ୍ସପାଏରୀ ହୋଇଥିଲେ ମଧ୍ୟ ମାଟିରେ ପୋତିଲେ ଏହାର ଭୟାବହତା କ'ଣ ହେବ ତା'ର ସମୀକ୍ଷା କରାଯାଇ ନ ଥିଲା। ବର୍ଷା ପରେ ପୋତା ଯାଇଥିବା କୀଟନାଶକର ପ୍ରଭାବ ପଡ଼ିଲା କି ନାହିଁ ତା'ର ମଧ୍ୟ ସମୀକ୍ଷା ହୋଇ ନ ଥିଲା। କୀଟନାଶକ ପୋତାଯିବା ପରେ ଜଟଣୀ ସହରର ୧୧ ନମ୍ବର ୱାର୍ଡର ଜଳ ଜହର ପାଲଟିଯାଇଛି। ଏଭଳି ବହୁ ଅସମାହିତ ପ୍ରଶ୍ନ ଓ ଘଟଣା ରହିଛି, ଯାହା ଜିଲାବାସୀଙ୍କୁ ଦୁଃଖ ଦେଇଚାଲିଛି। ଲୋକେ କେବଳ ଅପେକ୍ଷା କରି ରହିଛନ୍ତି କେବେ ନ୍ୟାୟ ମିଳିବ, କାର୍ଯ୍ୟାନୁଷ୍ଠାନ ହେବ ଏବଂ ପରିବର୍ତ୍ତନର ସୂର୍ଯ୍ୟ ଉଇଁବ।

– ଲୋକନାଥ ମିଶ୍ର

■ ଏସ୍‌ସିବିରେ ଲିଭର ଟ୍ରାନ୍ସପ୍ଲାଣ୍ଟ ୟୁନିଟ୍ ସ୍ଥାପନ ପ୍ରସଙ୍ଗ

# ଡିସେମ୍ବର ପ୍ରଥମ ସପ୍ତାହ ସୁଦ୍ଧା ପ୍ରସ୍ତୁତି ସାରିବାକୁ ନିର୍ଦ୍ଦେଶ

ଭୁବନେଶ୍ୱର/କଟକ ଅଫିସ, ୧୯।୭(ବ୍ୟୁରୋ)

ଆସନ୍ତା ଡିସେମ୍ବର ପ୍ରଥମ ସପ୍ତାହ ସୁଦ୍ଧା କଟକ ଏସ୍‌ସିବି ମେଡିକାଲ କଲେଜ ଓ ହସ୍ପିଟାଲରେ ଯକୃତ ପ୍ରତିରୋପଣ (ଲିଭର ଟ୍ରାନ୍ସପ୍ଲାଣ୍ଟ) ୟୁନିଟ୍ ସ୍ଥାପନ ପାଇଁ ସମସ୍ତ ପ୍ରସ୍ତୁତି ସାରିବାକୁ ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ମନ୍ତ୍ରୀ ନବ କିଶୋର ଦାସ ନିର୍ଦ୍ଦେଶ ଦେଇଛନ୍ତି। ଶୁକ୍ରବାର ରାଜ୍ୟ ଔଷଧ ନିଗମ ସମ୍ମିଳନୀ କକ୍ଷରେ ଏ ସଂକ୍ରାନ୍ତରେ ଏକ ସମୀକ୍ଷା ବୈଠକ ଅନୁଷ୍ଠିତ ହୋଇଥିଲା। ଆସନ୍ତା ଏକମାସ ମଧ୍ୟରେ ଯକୃତ ପ୍ରତିରୋପଣ ନିମନ୍ତେ ଆବଶ୍ୟକ ତାଲିମପ୍ରାପ୍ତ ମାନବସମ୍ବଳ ବ୍ୟବସ୍ଥା ପାଇଁ କୁହାଯାଇଛି। ଏଥିସହିତ ଆବଶ୍ୟକ ପଡୁଥିବା ମଡ୍ୟୁଲାର ଓଟି ଓ ଉପକରଣ ଆଦି ପ୍ରସ୍ତୁତ କରିବା ଲାଗି ଦୁଇମାସ ସମୟ ଦିଆଯାଇଛି। ସମୀକ୍ଷା ଅବସରରେ ମନ୍ତ୍ରୀ କହିଛନ୍ତି ଯେ, ଯକୃତ ପ୍ରତିରୋପଣ ପାଇଁ ଓଡ଼ିଶାର ରୋଗୀମାନେ ରାଜ୍ୟ ବାହାରକୁ ଯାଇ ବହୁ ଖର୍ଚ୍ଚାନ୍ତ ହେଉଛନ୍ତି। ଶୀଘ୍ର ସେମାନଙ୍କୁ ରାଜ୍ୟ ଭିତରେ ଏହି ଚିକିତ୍ସା ସୁବିଧା ଅତି କମ୍ ଖର୍ଚ୍ଚରେ ଯୋଗାଇ ଦିଆଯିବ। ସେଥିପାଇଁ ଏସ୍‌ସିବି ମେଡିକାଲରେ ଶୀଘ୍ର ଯକୃତ ପ୍ରତିରୋପଣ ୟୁନିଟ୍ କାର୍ଯ୍ୟକାରୀ କରାଯିବ ବୋଲି ସେ କହିଛନ୍ତି।

ସୂଚନାଯୋଗ୍ୟ, ୨୦୧୨ରୁ ଏସ୍‌ସିବିରେ ଯକୃତ ପ୍ରତିରୋପଣ ୟୁନିଟ୍ ଖୋଲିବା ପାଇଁ ଉଦ୍ୟମ ଆରମ୍ଭ ହୋଇଥିଲେ ମଧ୍ୟ ଏପର୍ଯ୍ୟନ୍ତ ତାହା ପୂର୍ଣ୍ଣାଙ୍ଗ ହୋଇପାରିନାହିଁ।



ସମୀକ୍ଷା ବୈଠକରେ ଅଧିକାରୀଙ୍କ ସହ ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ମନ୍ତ୍ରୀ ନବ କିଶୋର ଦାସ ଆଲୋଚନା କରୁଛନ୍ତି।

■ ସାତବର୍ଷ ହେବ ଚାଲିଛି ପ୍ରକ୍ରିୟା

■ ଏକମାସ ମଧ୍ୟରେ ମାନବ ସମ୍ବଳ ବ୍ୟବସ୍ଥା

■ ଓଟି ଓ ଯନ୍ତ୍ରପାତି ପ୍ରସ୍ତୁତି ଲାଗି ଦିଆଗଲା ଦୁଇମାସ

ସେ ସମ୍ପର୍କରେ ବିଶଦ ଆଲୋଚନା କରାଯାଇ ଦେଖାଦେଇଥିବା ସମସ୍ୟାକୁ ଦୂର କରାଯାଇ ତୁରନ୍ତ ସମସ୍ତ ପ୍ରସ୍ତୁତି କାର୍ଯ୍ୟ ସାରିବା ଉପରେ ମନ୍ତ୍ରୀ ଗୁରୁତ୍ୱ ଦେଇଛନ୍ତି। ସେହିଭଳି ବୈଠକରେ କେନ୍ଦୁଝର, ଝାରସୁଗୁଡ଼ା, ସମ୍ବଲପୁର ଜିଲାରେ ସ୍ୱାସ୍ଥ୍ୟ ଭିତ୍ତିଭୂମିର ବିକାଶ କ୍ଷେତ୍ରରେ ଜମି ସମସ୍ୟା ନେଇ ଆଲୋଚନା ହୋଇଥିଲା। ଏହିସବୁ ଜିଲାରେ ସ୍ୱାସ୍ଥ୍ୟ ଭିତ୍ତିଭୂମିର ବିକାଶ ବା ସମ୍ପ୍ରସାରଣ ସହିତ ନୂତନ ସ୍ୱାସ୍ଥ୍ୟ ଅନୁଷ୍ଠାନ ଖୋଲିବା ପାଇଁ ଜମିର ଯାହା ଆବଶ୍ୟକତା ରହିଛି ଓ ଯେଉଁ ଜମି ମିଳିଛି ତାହାକୁ ତୁରନ୍ତ ଦଖଲକୁ ନେଇ କାର୍ଯ୍ୟ ଆରମ୍ଭ କରିବାକୁ ମନ୍ତ୍ରୀ ନିର୍ଦ୍ଦେଶ ଦେଇଛନ୍ତି। ବିଭାଗୀୟ କମିଶନର ତଥା ଶାସନ ସଚିବ ଡା. ପ୍ରମୋଦ କୁମାର ମେହେର୍ଦ୍ଦା, ନିଗମର ପରିଚାଳନା ନିର୍ଦ୍ଦେଶିକା ଯାମିନୀ ଷଡ଼ଙ୍ଗୀ, ବିଭାଗର ଯୁଗ୍ମ ସଚିବ ଗୁହା ପୁନମ ତାପସ କୁମାର, ସ୍ୱତନ୍ତ୍ର ସଚିବ ଶରତ ଚନ୍ଦ୍ର ମିଶ୍ର, ଏସ୍‌ସିବି ଅଧ୍ୟକ୍ଷା ପ୍ରଫେସର ଜୟଶ୍ରୀ ମହାନ୍ତି, ଅଧ୍ୟକ୍ଷ ପ୍ରଫେସର ସି.ବି.କେ. ମହାନ୍ତି, ବିଭାଗୀୟ ମୁଖ୍ୟ ପ୍ରଫେସର ଶରତ ଚନ୍ଦ୍ର ଜୟସିଂହଙ୍କ ସମେତ ସମ୍ପୃକ୍ତ ଜିଲାର ଜିଲାପାଳ ଓ ଅନ୍ୟ ବିଭାଗୀୟ ପଦାଧିକାରୀ ଉପସ୍ଥିତ ଥିଲେ।

# ରେଳଯାତ୍ରୀଙ୍କ ସୁବିଧା ପାଇଁ ବହୁ କାର୍ଯ୍ୟ ହୋଇଛି: ରତନ

ଭୁବନେଶ୍ୱର, ୧୯।୭(ବ୍ୟୁରୋ)

ଅନୁସୂଚିତ ଜାତିଙ୍କ ବିକାଶ ପାଇଁ ଗତ ୫ବର୍ଷ ଶାସନରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ସରକାର ବହୁ କଲ୍ୟାଣକାରୀ ଯୋଜନା ଆଣିଛନ୍ତି। ଏହାର ସଫଳ କାର୍ଯ୍ୟାନ୍ୱୟନ ମଧ୍ୟ ସରକାର ଠିକ୍ ଭାବେ କରିଛନ୍ତି । ମଭବିଶେଷକରି ଅନୁସୂଚିତ ଜାତି ଆର୍ଥିକ, ଶିକ୍ଷା, ସ୍ୱାସ୍ଥ୍ୟର ବିକାଶ ପାଇଁ ଗତ ୫ବର୍ଷର କାର୍ଯ୍ୟକୁ ଅଧିକ ତ୍ୱରାନ୍ୱିତ କରିବା ପାଇଁ ପ୍ରଧାନମନ୍ତ୍ରୀ ଦୃଢ଼ ପ୍ରତିଶ୍ରୁତିବଦ୍ଧ ବୋଲି ୩ ଦିନିଆ ଓଡ଼ିଶା ଗସ୍ତରେ ଆସିଥିବା ଭାଜପା ଅନୁସୂଚିତ ଜାତି ମୋର୍ଚ୍ଚା ରାଷ୍ଟ୍ରୀୟ ଉପ ସଭାପତି ଓ ରେଳଯାତ୍ରୀ ସେବା କମିଟିର ଚେୟାରମ୍ୟାନ ରମେଶ ଚନ୍ଦ୍ର ରତନ କହିଛନ୍ତି। ଭାଜପା ରାଜ୍ୟ କାର୍ଯ୍ୟାଳୟଠାରେ ଶୁକ୍ରବାର ଖବରଦାତା ସମ୍ମିଳନୀରେ ରମେଶ କହିଛନ୍ତି, କେନ୍ଦ୍ରରେ ଭାଜପା ଶାସନ କ୍ଷମତାକୁ ଆସିବା ପରେ ଦେଶରେ ରେଲୱେ କ୍ଷେତ୍ରରେ ବହୁ କାର୍ଯ୍ୟ ହୋଇଛି। ବିଶେଷଭାବେ ରେଳଯାତ୍ରୀଙ୍କ ସୁରକ୍ଷା, ଖାଦ୍ୟ, ଶୌଚାଳୟ, ବିଭିନ୍ନ ମୌଳିକ ଭିତ୍ତିଭୂମିର ବିକାଶ ହୋଇଛି ବୋଲି ସେ କହିଛନ୍ତି।

# ଜଗଦଳପୁର ଓ ଜୁନାଗଡ଼କୁ ପୃଥକ୍ ଟ୍ରେନ୍ ଚଳାଚଳ ପାଇଁ ଅନୁରୋଧ

ଭୁବନେଶ୍ୱର, ୧୯।୭(ବ୍ୟୁରୋ)

## ରେଳମନ୍ତ୍ରୀଙ୍କୁ ଧର୍ମେନ୍ଦ୍ରଙ୍କ ଚିଠି

ଭୁବନେଶ୍ୱର-ଜଗଦଳପୁର ଏବଂ ଭୁବନେଶ୍ୱର-ଜୁନାଗଡ଼କୁ ପୃଥକ୍ ଟ୍ରେନ୍ ଚଳାଚଳ ପାଇଁ ରେଳମନ୍ତ୍ରୀ ପୀୟୂଷ ଗୋୟଲଙ୍କୁ ଚିଠି ଲେଖି କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ଅନୁରୋଧ କରିଛନ୍ତି। ଧର୍ମେନ୍ଦ୍ର ରେଳମନ୍ତ୍ରୀଙ୍କୁ ଲେଖିଥିବା ଚିଠିରେ ଉଲ୍ଲେଖ କରିଛନ୍ତି ଯେ, ଉପରୋକ୍ତ ପୃଥକ୍ ଟ୍ରେନ୍ ଚଳାଚଳ ଲାଗି କଳାହାଣ୍ଡି ଜିଲାର ଭବାନୀପାଟଣା ଓ ଜୁନାଗଡ଼ ଅଞ୍ଚଳ ଲୋକମାନେ ଦୀର୍ଘଦିନରୁ ଦାବି କରି ଆସୁଛନ୍ତି। ବର୍ତ୍ତମାନ ଭୁବନେଶ୍ୱରରୁ ଯାଉଥିବା ଟ୍ରେନ୍‌ରୁ ୧୦ଟି ବଗି ରାୟଗଡ଼ା ଷ୍ଟେଶନରେ ଅଲଗା ହୋଇ ଜୁନାଗଡ଼ ଅଭିମୁଖେ ଯାଉଛି। ଅବଶିଷ୍ଟ ୧୨ଟି ବଗି ଜଗଦଳପୁର ଅଭିମୁଖେ ଯାତ୍ରା କରୁଛି। ଫେରିବା ସମୟରେ ଉଭୟ ଜଗଦଳପୁର ଏବଂ ଜୁନାଗଡରୁ ଆସୁଥିବା ଭିନ୍ନଭିନ୍ନ ଟ୍ରେନ୍ ରାୟଗଡା ଷ୍ଟେଶନରେ ଗୋଟିଏ ଇଞ୍ଜିନରେ ଯୋଡ଼ିହୋଇ ଭୁବନେଶ୍ୱର ଅଭିମୁଖେ ଯାତ୍ରା କରୁଛି। ଉପରୋକ୍ତ ବ୍ୟବସ୍ଥା ବିଶେଷ ଭାବରେ କଳାହାଣ୍ଡିର ଟ୍ରେନ୍ ଯାତ୍ରୀଙ୍କ ପାଇଁ ସମସ୍ୟା ସୃଷ୍ଟି କରୁଛି । ସଚେତନ ନ ଥିବା ଯାତ୍ରୀମାନେ ଅନେକ ସମୟରେ ଠିକ୍ ବଗିରେ ଚଢ଼ିପାରୁନାହାନ୍ତି। ତେଣୁ ଉପରୋକ୍ତ ପ୍ରସ୍ତାବ ସ୍ୱୀକୃତ ହେଲେ ଭୁବନେଶ୍ୱର ଓ କଳାହାଣ୍ଡି ମଧ୍ୟରେ ଯାତାୟାତ ଲାଗି ଯାତ୍ରୀଙ୍କୁ ଅସୁବିଧା ଭୋଗିବାକୁ ପଡ଼ିବନି। ଏହାବ୍ୟତୀତ ଯାତ୍ରୀଙ୍କ ପାଇଁ ଅଧିକ ସଂଖ୍ୟକ ସଂରକ୍ଷିତ ବଗି ଉପଲବ୍ଧ ହୋଇପାରିବ।






# ରାଜ୍ୟ ମୁଖ୍ୟ ନିର୍ବାଚନ ଅଧିକାରୀଙ୍କ ନିକଟରେ ଫେରାଦ ହେଲା ଭାଜପା

## ପାଟକୁରା ନିର୍ବାଚନ

ଭୁବନେଶ୍ୱର, ୧୯।୭(ବ୍ୟୁରୋ)




ସିଇଓଙ୍କ ଅଫିସ ଆଗରେ ଭାଜପା ନେତାମାନେ।

ପାଟକୁରା ବିଧାନସଭା ନିର୍ବାଚନମଣ୍ଡଳୀରେ ଭୋଟ ବ୍ୟବସ୍ଥାରେ ରହିଥିବା ଅଧିକାରୀମାନେ ମୁଖ୍ୟ ନିର୍ବାଚନ ଆୟୋଗଙ୍କ ନିୟମକୁ ଖୋଲାଖୋଲି ଉଲ୍ଲଂଘନ କରୁଥିବା ଭାଜପା ଅଭିଯୋଗ କରିଛି। ଶାସକ ଦଳ ନେତାମାନେ ପାଟକୁରାରେ ଆପରାଧିକ କାର୍ଯ୍ୟକଳାପ କରିବାସହ ଭୋଟ ହାତେଇବା ପାଇଁ ଟଙ୍କା ବାଣ୍ଟୁଛନ୍ତି। ସେହିପରି ଦଳୀୟ ନେତାମାନେ ନିର୍ବାଚନ ଜିତିବା ପାଇଁ ଚୋରା ମଦ ବାଣ୍ଟିଚାଲିଛନ୍ତି ବୋଲି ଦଳ ପକ୍ଷରୁ ଅଭିଯୋଗ କରାଯାଇଛି। ଏନେଇ ଏକ ପ୍ରତିନିଧି ଦଳ ଶୁକ୍ରବାର ରାଜ୍ୟ ମୁଖ୍ୟ ନିର୍ବାଚନ ଅଧିକାରୀଙ୍କୁ ଭେଟିବା ସହ ଅଭିଯୁକ୍ତମାନଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଦାବି କରିଛି । ନିର୍ବାଚନର ୪୮ଘଣ୍ଟା ପୂର୍ବରୁ ସବୁ ମଦ ଦୋକାନକୁ ବନ୍ଦ କରାଯାଇଥିବା ବେଳେ ଭୋଟ ହାତେଇବା ପାଇଁ ବିଜେଡି ଖୁଲମ୍‌ଖୁଲା ଲୋକଙ୍କୁ ମଦ ଏବଂ ଟଙ୍କା ବାଣ୍ଟିଚାଲିଛି। ପ୍ରଶାସନ ଏବଂ ପୋଲିସ ପକ୍ଷରୁ ଚଢାଉ କରି ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଉ ବୋଲି ଏହି ପ୍ରତିନିଧି ଦଳ ରାଜ୍ୟ ମୁଖ୍ୟ ନିର୍ବାଚନ ଅଧିକାରୀଙ୍କୁ ଦାବି କରିଛନ୍ତି। ଲେଖାଶ୍ରୀ ସାମନ୍ତସିଂହାରଙ୍କ ନେତୃତ୍ୱରେ ରାଜ୍ୟ ମୁଖ୍ୟ ନିର୍ବାଚନ ଅଧିକାରୀଙ୍କୁ ଭେଟିଥିବା ଟିମ୍ ଆହୁରି ଦାବି କରିଛି ଯେ, ବାହାରୁ ଯାଇ ପାଟକୁରାରେ ପ୍ରଚାର ଚଳାଇଥିବା ବିଜେଡି ନେତାମାନଙ୍କୁ ଚିହ୍ନଟ କରି ବାହାର କରିବା ପାଇଁ ଜିଲାପାଳ, ଏସ୍‌ପିଙ୍କୁ ନିର୍ଦ୍ଦେଶ ଦିଅନ୍ତୁ ବୋଲି ଦାବି କରାଯାଇଛି।

# ଆଦିବାସୀ ଅଞ୍ଚଳରେ ମୋବାଇଲ କ୍ଲିନିକ୍ ସ୍ଥାପନ ଦାବି

ନୂଆଦିଲ୍ଲୀ, ୧୯।୭

ଆଦିବାସୀବହୁଳ ଅଞ୍ଚଳରେ ଅଧିକ ରୋଗ ବ୍ୟାପିବାର ବିପଦ ଥିବାରୁ ସେଠାରେ ମୋବାଇଲ ହେଲ୍‌ଥ କ୍ଲିନିକ୍ ପ୍ରତିଷ୍ଠା କରିବା ଲାଗି କନ୍ଧମାଳର ବିଜେଡି ସାଂସଦ ଅଚ୍ୟୁତ ସାମନ୍ତ କେନ୍ଦ୍ର ସ୍ୱାସ୍ଥ୍ୟମନ୍ତ୍ରୀଙ୍କ ଆଗରେ ଦାବି କରିଛନ୍ତି। ଲୋକ ସଭାର ପ୍ରଶ୍ନକାଳରେ ସେ ସ୍ୱାସ୍ଥ୍ୟମନ୍ତ୍ରୀ ହର୍ଷବର୍ଦ୍ଧନଙ୍କୁ କହିଛନ୍ତି ଯେ, ଓଡ଼ିଶାରେ ଅନେକ ଆଦିବାସୀ ଲୋକ ରହୁଥିବାବେଳେ ବିଭିନ୍ନ ପ୍ରକାର ରୋଗ ସେମାନଙ୍କୁ ହେଉଛି। ଉପଯୁକ୍ତ ରାସ୍ତାଘାଟ ଓ ଭିତ୍ତିଭୂମି ନ ଥିବାରୁ ଯାତାୟାତରେ ସେମାନେ ଅନେକ ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ସେମାନଙ୍କ ଲାଗି ମୋବାଇଲ କ୍ଲିନିକ(ଭ୍ୟାନ୍ ସହ ଓଟି, ଡାକ୍ତର ଓ ଔଷଧ ସୁବିଧା) ଯୋଗାଇ ଦିଆଯିବା ଦରକାର ବୋଲି ସାମନ୍ତ କହିଥିଲେ। ତେବେ ସ୍ୱାସ୍ଥ୍ୟ ହେଉଛି ରାଜ୍ୟ ତାଲିକାର ଅଂଶବିଶେଷ ବୋଲି କେନ୍ଦ୍ର ସ୍ୱାସ୍ଥ୍ୟମନ୍ତ୍ରୀ ଦର୍ଶାଇଥିଲେ। ବିଭିନ୍ନ ଯୋଜନାରେ କେନ୍ଦ୍ର ରାଜ୍ୟଗୁଡ଼ିକୁ ସ୍ୱାସ୍ଥ୍ୟ ସୁବିଧା ଯୋଗାଇଥାଏ। ନିର୍ଦ୍ଦିଷ୍ଟ ଆଦିବାସୀ ଅଞ୍ଚଳକୁ ଏଭଳି ସ୍ୱାସ୍ଥ୍ୟସେବାର ଆବଶ୍ୟକତା ଥିଲେ, ଏମ୍‌ପି ରାଜ୍ୟ ସରକାରଙ୍କ ଜରିଆରେ ଯୋଜନା ପ୍ରସ୍ତୁତ କରି ଜଣାଇପାରିବେ ଓ କେନ୍ଦ୍ର ଏନେଇ ପଦକ୍ଷେପ ଗ୍ରହଣ କରିବ ବୋଲି କେନ୍ଦ୍ରମନ୍ତ୍ରୀ ହର୍ଷବର୍ଦ୍ଧନ କହିଥିଲେ।




"ଗୋଟିଏ ମୁହୂର୍ତ୍ତ ଲାଗି ମଧ୍ୟ ଭୁଲିଯାଅନା ଯେ, ଏସବୁ କିଛି ସେହି ଭଗବାନ ହିଁ ନିଜ ଭିତରୁ ନିଜେ ସୃଷ୍ଟି କରିଛନ୍ତି। ସେ ଯେ କେବଳ ସର୍ବତ୍ର ଉପସ୍ଥିତ ଅଛନ୍ତି– ତା'ନୁହେଁ। ସେ କିନ୍ତୁ ନିଜେ ହିଁ ସବୁ ହୋଇଛନ୍ତି। ପାର୍ଥକ୍ୟ କେବଳ ରହିଛି– ପ୍ରକାଶ ଓ ଅଭିବ୍ୟକ୍ତିରେ। ଯଦି ତୁମେ ଏତିକି କଥା ଭୁଲି ଯାଅ– ତେବେ ତୁମେ ସବୁ କିଛି ହରାଇ ବସିବ।"
–ଶ୍ରୀଅରବିନ୍ଦ

# ହ୍ବିଶିଲ୍‌ବ୍ଲୋୟରଙ୍କୁ ସମର୍ଥନ



## ଦିଲ୍ଲୀକା ବାବୁ

ଦିଲୀପ ଚେରିଏନ୍

ଭାରତୀୟ ବନସେବା ଅଧିକାରୀ ତଥା ହ୍ବିଶିଲ୍‌ବ୍ଲୋୟର (ଦୁର୍ନୀତିଧରାଳି) ସଞ୍ଜୀବ ଚତୁର୍ବେଦୀ ପୁଣି ଚର୍ଚ୍ଚାକୁ ଆସିଛନ୍ତି। କେନ୍ଦ୍ରମନ୍ତ୍ରୀମାନଙ୍କ ବିରୋଧରେ କରାଯାଇଥିବା ଦୁର୍ନୀତି ଅଭିଯୋଗଗୁଡ଼ିକର ପୂର୍ଣ୍ଣାଙ୍ଗ ବିବରଣୀ ଦେବାକୁ ସେ କରିଥିବା ଆର୍‌ଟିଆଇ ଆବେଦନ ଉପରେ କେନ୍ଦ୍ରୀୟ ସୂଚନା ଆୟୋଗ (ସିଆଇସି) ସମ୍ବେଦନାମୂଳକ ଶୁଣାଣି କରିଛନ୍ତି। ୨୦୦୨ ବ୍ୟାଚ୍‌ର ଏହି ବନସେବା ଅଧିକାରୀ ଜଣକ ୨୦୧୭ରେ ଏପରି ଏକ ଆର୍‌ଟିଆଇ ଆବେଦନ କରିଥିଲେ, ଯାହା ଉପରେ ତଥ୍ୟ ଦେବାକୁ ପ୍ରଧାନମନ୍ତ୍ରୀଙ୍କ କାର୍ଯ୍ୟାଳୟ (ପିଏମ୍‌ଓ) ମନା କରିଦେଇଥିଲେ। ଏହା ବିରୋଧରେ ଚତୁର୍ବେଦୀ ସିଆଇସିର ଦ୍ୱାରସ୍ଥ ହୋଇଥିଲେ। ସିଆଇସି ଏହାର ଉତ୍ତରରେ ଜଣାଇଥିଲେ ଯେ ଏହା ଉପରେ ପିଏମ୍‌ଓ ଠିକ୍ ଓ ନିର୍ଦ୍ଦିଷ୍ଟ ଉତ୍ତର/ସୂଚନା ଦେଇନାହାନ୍ତି। ସିଆଇସି ମଧ୍ୟ ପ୍ରଧାନମନ୍ତ୍ରୀଙ୍କ କାର୍ଯ୍ୟାଳୟର କେନ୍ଦ୍ରୀୟ ପବ୍ଲିକ୍ ଇନ୍‌ଫର୍ମେଶନ ଅଫିସରଙ୍କୁ ୧୫ ଦିନ ଭିତରେ ଆବେଦନକାରୀଙ୍କୁ ସୂଚନା ଦେବାକୁ ନିର୍ଦ୍ଦେଶ ଦେଇଥିଲେ। କିନ୍ତୁ ପିଏମ୍‌ଓ ସୂଚନା ଦେବାକୁ ଏଡ଼ାଇ ଚାଲୁଥିବା ବେଳେ ଚତୁର୍ବେଦୀ ସିଆଇସିରେ ଆଉ ଏକ ଅଭିଯୋଗ ଦାଏର କରି ଏହାର ଅକ୍ଟୋବର ୧୬ ତାରିଖର ଆଦେଶନାମା ଉପରେ ଆର୍‌ଟିଆଇ ଆଇନର ୧୮ ଧାରା ଅନୁସାରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ଆବେଦନ କରିଥିଲେ। ଆଉ ଦୁଇଥର ଶୁଣାଣି ପରେ କମିଶନ ଚଳିତମାସ ପ୍ରାରମ୍ଭରେ ଚତୁର୍ବେଦୀଙ୍କ ଆବେଦନ ଉପରେ ସୂଚନା ଦେବା ଲାଗି ପିଏମ୍‌ଓର ଆପତ୍ତିକୁ ଖାରଜ କରିଦେଇଛନ୍ତି। ମୁଖ୍ୟ ସୂଚନା ଆୟୁକ୍ତ ସୁଧୀର ଭାର୍ଗବ ତାଙ୍କ ଆଦେଶନାମାରେ କହିଛନ୍ତି ଯେ, ପିଏମ୍‌ଓ ଯେଉଁ ଉତ୍ତର ଦେଇଛି ତାହା ଠିକ୍ ନୁହେଁ। ତେବେ ପିଏମ୍‌ଓ କ'ଣ ସିଆଇସିଙ୍କ ଆଦେଶ ମାନିବ ନା ଚତୁର୍ବେଦୀଙ୍କ ଦ୍ୱାରା ମଗାଯାଇଥିବା ସୂଚନା ଦେବାକୁ ନାନା ଆଳ ଦେଖାଇ ମନା କରିବ?

### ଉଚ୍ଚ ସ୍ତରୀୟ ନିଯୁକ୍ତି

କେନ୍ଦ୍ର ସରକାର ଆଇପିଏସ୍ ଅଫିସର ସାମନ୍ତ ଗୋଏଲଙ୍କୁ ଭାରତର ବାହ୍ୟ ଗୋଇନ୍ଦା ସଂସ୍ଥା ରିସର୍ଚ୍ଚ ଆଣ୍ଡ୍ ଆନାଲିସିସ୍ ୱିଙ୍ଗ୍ (ର)ର ନୂତନ ମୁଖ୍ୟ ଭାବେ ନିଯୁକ୍ତି ଦେଇଛନ୍ତି। ଆଉ ଜଣେ ଆଇପିଏସ୍ ଅଫିସର ଅରବିନ୍ଦ କୁମାରଙ୍କୁ ମଧ୍ୟ ଇଣ୍ଟେଲିଜେନ୍ସ ବ୍ୟୁରୋ (ଆଇବି)ର ନିର୍ଦ୍ଦେଶକ ଭାବେ ନିଯୁକ୍ତି ଦିଆଯାଇଛି। ଉଭୟ ନିଯୁକ୍ତି ଦୁଇବର୍ଷ ପାଇଁ ଦିଆଯାଇଛି। ପ୍ରାପ୍ତ ସୂଚନା ଅନୁସାରେ ଉଭୟ ଅଫିସରଙ୍କ ପ୍ରତି ଜାତୀୟ ସୁରକ୍ଷା ପରାମର୍ଶଦାତା ଅଜିତ୍ ଡୋଭାଲଙ୍କ ସମର୍ଥନ ରହିଛି। କୌତୂହଳର ବିଷୟ ହେଲା, ଏହି ଦୁଇ ବରିଷ୍ଠ ପଦବୀରେ ନିଯୁକ୍ତିରେ ୧୯୮୪ ବ୍ୟାଚ୍‌ର ଅଫିସରଦ୍ୱୟ ମୋଦି ସରକାରର ସୁରକ୍ଷା ଓ ଗୋଇନ୍ଦା ସଂସ୍ଥାରେ ସବୁଠାରୁ ଶକ୍ତିଶାଳୀ ଗୋଷ୍ଠୀ ଭାବେ ଉଭା ହୋଇଛନ୍ତି। ଜଣାପଡ଼ିଛି ଯେ, ସୀମା ସୁରକ୍ଷା ବାହିନୀ (ବିଏସ୍‌ଏଫ୍)ର ନିର୍ଦ୍ଦେଶକ ରଜନୀକାନ୍ତ ମିଶ୍ର, ଭାରତ–ତିବ୍ବତୀୟ ସୀମା ପୋଲିସ (ଆଇଟିବିପି) ମହାନିର୍ଦ୍ଦେଶକ ଏସ୍.ଏସ୍. ଦେସ୍ୱାଲ, କେନ୍ଦ୍ରୀୟ ଶିଳ୍ପ ସୁରକ୍ଷା ବାହିନୀ (ସିଆଇଏସ୍‌ଏଫ୍) ମହାନିର୍ଦ୍ଦେଶକ ରାଜେଶ ରଞ୍ଜନ, ଜାତୀୟ ତଦନ୍ତ ସଂସ୍ଥା (ଏନ୍‌ଆଇଏ) ମହାନିର୍ଦ୍ଦେଶକ ୱାଇ.ସି. ମୋଦି, ଜାତୀୟ ସୁରକ୍ଷା ଗାର୍ଡ (ଏନ୍‌ଏସ୍‌ଜି) ମୁଖ୍ୟ ସୁଦୀପ ଲାଖଟାକିଆ ଏବଂ ବେସାମରିକ ବିମାନ ଚଳାଚଳ ବ୍ୟୁରୋ (ବିସିଏଏସ୍) ମହାନିର୍ଦ୍ଦେଶକ ରାକେଶ ଆସ୍ଥାନା– ଏମାନେ ସମସ୍ତେ ହେଉଛନ୍ତି ୧୯୮୪ ବ୍ୟାଚ୍ ଅଫିସର।

### ଆୟକର ଅଧିକାରୀଙ୍କ ପଦାବନତି

କେନ୍ଦ୍ର ସରକାର ଦୁର୍ନୀତି ଅଭିଯୋଗରେ ଆୟକର ବିଭାଗର ଏକ ଡଜନ ଅଫିସରଙ୍କୁ ବାଧ୍ୟତାମୂଳକ ଅବସର ଦେବା ପରେ କେନ୍ଦ୍ରୀୟ ପ୍ରତ୍ୟକ୍ଷ କର ବୋର୍ଡ (ସିବିଡିଟି) ଚାରିଜଣ ଅଫିସରଙ୍କୁ ସେମାନଙ୍କ ବିରୋଧରେ ଭିଜିଲାନ୍ସ କେସ୍ ରହିଥିବା କାରଣରୁ ପଦାବନତ କରିଛନ୍ତି। ଯୁଗ୍ମ କମିଶନର ପାହ୍ୟାର ଏହି ଚାରିଜଣ ଅଫିସରଙ୍କୁ ଡେପୁଟି କମିଶନର ପାହ୍ୟାକୁ ଖସାଇ ଦିଆଯାଇଛି। ସିବିଡିଟି ମୁଖ୍ୟ ପି.ସି. ମୋଦି ମଧ୍ୟ ଟିକସଦାତାମାନଙ୍କର ଅଭିଯୋଗଗୁଡ଼ିକର ସମାଧାନ କରିବାରେ ଆୟକର ଅଧିକାରୀମାନଙ୍କର ଅବହେଳାକୁ ନେଇ ଉଦ୍‌ବେଗ ପ୍ରକାଶ ପୂର୍ବକ ଅଫିସରମାନଙ୍କୁ ଏକ ଚିଠି ଦେଇଛନ୍ତି। ବିଭାଗର ଆଞ୍ଚଳିକ ମୁଖ୍ୟମାନଙ୍କୁ ମୋଦି ଲେଖିଥିବା ଚିଠିରେ ସେମାନେ ଯେପରି ଟିକସଦାତାମାନଙ୍କ ଅଭିଯୋଗ ଓ ସମସ୍ୟାଗୁଡ଼ିକର ସମାଧାନ କରିବାରେ ତତ୍ପରତା ପ୍ରଦର୍ଶନ କରନ୍ତି, ସେଥି ଲାଗି ନିର୍ଦ୍ଦେଶ ଦେଇଛନ୍ତି। ଯାହା ଜଣାଯାଏ, ବର୍ତ୍ତମାନ ସୁଦ୍ଧା ୨,୬୪୭ଟି ଅଭିଯୋଗ ମଧ୍ୟରୁ ୮୮୫ଟିର ଫଇସଲା ନ ହୋଇ ମାସାଧିକ କାଳ ହେଲା ପଡ଼ିରହିଛି। ସେହିପରି ୩୪,୦୨୬ଟି ଇ–ନିବାରଣ (ଅନ୍‌ଲାଇନ ଆପତ୍ତି ସମାଧାନ ବ୍ୟବସ୍ଥା) ମାମଲା ଏବେ ବି ଅସମାହିତ ହୋଇ ପଡ଼ିରହିଛି ବୋଲି ମୋଦି ଦର୍ଶାଇଛନ୍ତି। ବିଧିବଦ୍ଧ ଭାବରେ ନିର୍ଦ୍ଦିଷ୍ଟ ସମୟସୀମା ମଧ୍ୟରେ ସମସ୍ତ ଅଭିଯୋଗର ସମାଧାନ କରିବାକୁ ସେ ଅଫିସରମାନଙ୍କୁ ଆଦେଶ ଦେଇଛନ୍ତି।

Email: dilipcherian@gmail.com

# ବିଦ୍ୟୁତ୍‌ଚାଳିତ ଗାଡ଼ି–ଆବଶ୍ୟକତା ଓ ସମସ୍ୟା



ଇଂ. ମାୟାଧର ସ୍ୱାଇଁ

ପୃଥିବୀର ପ୍ରାୟ ପ୍ରତ୍ୟେକ ଦେଶରେ ବାୟୁ ପ୍ରଦୂଷଣ ହେଉଛି ଗୋଟିଏ ମୁଖ୍ୟ ସମସ୍ୟା। ବିଶେଷକରି ସହରାଞ୍ଚଳରେ ଏହା ଅତି ସାଂଘାତିକ ହେଲାଣି। ବିଶ୍ୱ ସ୍ୱାସ୍ଥ୍ୟ ସଙ୍ଗଠନ ଅନୁଯାୟୀ ପୃଥିବୀରେ ୨୦୧୮ ମସିହାରେ ବାୟୁ ପ୍ରଦୂଷଣ ଯୋଗୁ ୮.୮ ନିୟୁତ ଲୋକ ମୃତ୍ୟୁବରଣ କରିଛନ୍ତି। ଅନ୍ୟ ଦେଶ ଅପେକ୍ଷା ଆମ ଦେଶର ସହରଗୁଡ଼ିକ ଅଧିକ ପରିମାଣରେ ପ୍ରଦୂଷିତ। ପୃଥିବୀର ୨୦ଟି ଶ୍ରେଷ୍ଠ ପ୍ରଦୂଷିତ ସହର ମଧ୍ୟରେ ଭାରତର ୧୫ଟି ସହର ଅଛି।

ବାୟୁ ପ୍ରଦୂଷଣର ମୁଖ୍ୟ କାରଣ ମଧ୍ୟରେ ତାପଜ ବିଦ୍ୟୁତ୍ କେନ୍ଦ୍ର ଓ କଳକାରଖାନା ପରେ ଯାନବାହନର ଅବଦାନ ବେଶି। ବିଶେଷକରି ସହରାଞ୍ଚଳରେ ପ୍ରଦୂଷଣର ମୁଖ୍ୟ କାରଣ ଭାବେ ଯାନବାହନକୁ ବିଚାର କରାଯାଇଥାଏ। ଦିନକୁ ଦିନ ଯାନବାହନର ସଂଖ୍ୟାବୃଦ୍ଧି ଏହି ସମସ୍ୟାକୁ ଅଧିକ ଜଟିଳ କରିଦେଇଛି। ଗାଡ଼ିଗୁଡ଼ିକରେ ଥିବା ଆଭ୍ୟନ୍ତରୀଣ ଦହନ ଇଞ୍ଜିନ ଡିଜେଲ ଓ ପେଟ୍ରୋଲ ଭଳି ଜୀବାଶ୍ମ ଇନ୍ଧନ ଦ୍ୱାରା କାର୍ଯ୍ୟ କରିଥାଏ। ଜୀବାଶ୍ମ ଦହନ ଯୋଗୁ ଏଥିରୁ କାର୍ବନ ମନୋକ୍ସାଇଡ୍, ଅଙ୍ଗାରକାମ୍ଳ, ସଲ୍‌ଫର ଡାଇଅକ୍ସାଇଡ୍, ନାଇଟ୍ରୋଜେନ୍ ଅକ୍ସାଇଡ୍ ଭଳି ପ୍ରଦୂଷକ ଗ୍ୟାସ୍ ଏବଂ କ୍ଷୁଦ୍ର କଣିକା ବାୟୁମଣ୍ଡଳକୁ ନିର୍ଗତ ହୋଇଥାଏ।

ଯାନବାହନଜନିତ ବାୟୁ ପ୍ରଦୂଷଣର ନିରାକରଣର ଉପାୟ ହେଉଛି ଯାନବାହନ ସଂଖ୍ୟା ହ୍ରାସ କରିବା, ଯାହା ସମ୍ଭବ ନୁହେଁ। ଅନ୍ୟ ବିକଳ୍ପ ହେଉଛି ଏଥିରେ ଆଭ୍ୟନ୍ତରୀଣ ଦହନ ଇଞ୍ଜିନ ବଦଳରେ ଅନ୍ୟ ଏକ ଇଞ୍ଜିନ ବ୍ୟବହାର କରିବା, ଯେଉଁଥିରେ ପେଟ୍ରୋଲ କିମ୍ବା ଡିଜେଲ ବ୍ୟବହାର ହେବ ନାହିଁ। ବୈଜ୍ଞାନିକମାନେ ଏପରି ଏକ ବିଦ୍ୟୁତ୍ ଇଞ୍ଜିନ ବିକାଶ କରିଛନ୍ତି ଯାହା ବ୍ୟାଟେରିରୁ ବିଦ୍ୟୁତ୍ ଶକ୍ତି ନେଇ କାର୍ଯ୍ୟ କରିବ। ଅନେକ ଦେଶରେ ଏହା ଉପରେ ଗବେଷଣା ଚାଲିଛି ଏବଂ ପରୀକ୍ଷାମୂଳକ ଭାବେ ବିଦ୍ୟୁତ୍ ଗାଡ଼ି ବ୍ୟବହୃତ ହେଲାଣି। କେତେକ ଗାଡ଼ି ନିର୍ମାତା ମଧ୍ୟ ବ୍ୟବସାୟିକ ଭାବେ ବିଦ୍ୟୁତ୍ ଗାଡ଼ି ଉତ୍ପାଦନ ଆରମ୍ଭ କଲେଣି। କିନ୍ତୁ ଅଧିକ ମୂଲ୍ୟ ହେତୁ ଏହାର ବ୍ୟବସାୟିକ ଦିଗ ପ୍ରତି ଲକ୍ଷ୍ୟ ରଖାଯାଇଛି।

ବିଦ୍ୟୁତ୍ ଇଞ୍ଜିନକୁ ବ୍ୟାଟେରିରୁ ଶକ୍ତି ଯାଏ। ବର୍ତ୍ତମାନ ସମସ୍ତ ଗାଡ଼ିରେ ଲିଥିୟମ୍ ଆୟନ୍ ବ୍ୟାଟେରି ବ୍ୟବହୃତ ହେଉଛି। ଏହି ବ୍ୟାଟେରି ମଧ୍ୟ ମୋବାଇଲ ଫୋନ୍, ଲାପ୍‌ଟପ୍ ଆଦିରେ ବ୍ୟବହୃତ ହେଉଛି ; ମାତ୍ର ସେଥିରେ ଏହାର କ୍ଷମତା କମ୍ ଥାଏ। ବ୍ୟାଟେରିର ଅଧିକ ମୂଲ୍ୟ ହେତୁ ବିଦ୍ୟୁତ୍ ଗାଡ଼ିର ମୂଲ୍ୟ ଅଧିକ ହେଉଛି। ଏହା ମଧ୍ୟ ଦୂରଯାତ୍ରା ପାଇଁ ଅସୁବିଧାଜନକ। କାରଣ ବ୍ୟାଟେରିକୁ ଏକ ନିର୍ଦ୍ଦିଷ୍ଟ ଦୂରତା ପରେ ଚାର୍ଜ କରିବାକୁ ପଡ଼ିଥାଏ। ଉଦାହରଣ ସ୍ୱରୂପ, ହ୍ୟୁଣ୍ଡାଇ କମ୍ପାନୀ ନିକଟରେ ବିକାଶ କରିଥିବା କାର୍‌ରେ ଦୁଇପ୍ରକାର ବ୍ୟାଟେରି ବ୍ୟବହାର କରୁଛି। ଗୋଟିଏର କ୍ଷମତା ହେଉଛି ୩୯ ଆମ୍ପିୟର ଆୱାର ଓ ଅନ୍ୟଟିର କ୍ଷମତା ହେଉଛି ୬୪ ଆମ୍ପିୟର ଆୱାର। ପ୍ରଥମଟିକୁ ୨୮୯ କି.ମି. ପରେ ଓ ଦ୍ୱିତୀୟକୁ ୪୪୯ କି.ମି. ପରେ ଚାର୍ଜ କରିବାକୁ ପଡୁଛି।

ସାଧାରଣତଃ ଗୋଟିଏ ବ୍ୟାଟେରିର ଓଜନ ୫୦୦ କି.ଗ୍ରା. ହୋଇଥାଏ ଏବଂ ଏଥିରେ ଶହ ଶହ ଲିଥିୟମ୍–ଆୟନ୍ କୋଷ ଥାଏ, ଯେଉଁଥିରେ ଲିଥିୟମ୍, କୋବାଲ୍ଟ , ନିକେଲ ଓ ମାଙ୍ଗାନିଜ ଧାତୁ ବ୍ୟବହୃତ ହୋଇଥାଏ। ପ୍ରତ୍ୟେକ ଧାତୁର ଅଲଗା ଅଲଗା କାମ ଥାଏ। ଲିଥିୟମ ଇଲେକ୍ଟ୍ରନ୍ ପ୍ରବାହ ସୃଷ୍ଟିକରେ ଓ ବ୍ୟାଟେରିକୁ ଚାର୍ଜ କରିଥାଏ। କୋବାଲ୍ଟ ବ୍ୟାଟେରିକୁ ଉତ୍ତାପରୁ ରକ୍ଷା କରିଥାଏ। ସମସ୍ୟା ହେଉଛି ଯେ ଲିଥିୟମ୍ ଓ କୋବାଲ୍ଟ ପୃଥିବୀରେ ବହୁ କମ୍ ପରିମାଣରେ ଗଚ୍ଛିତ ଅଛି, ଯାହାଦ୍ୱାରା ପୃଥିବୀର ସମସ୍ତ ଯାନବାହନକୁ ବିଦ୍ୟୁତ୍‌ଚାଳିତ କରିବା ସମ୍ଭବପର ମନେହେଉନାହିଁ। ପୁନଶ୍ଚ ଏହି ଧାତୁ ପୃଥିବୀର ଅତି ଅଳ୍ପ କେତୋଟି ଦେଶରେ ଉପଲବ୍ଧ। ଉଦାହରଣ ସ୍ୱରୂପ, ପୃଥିବୀର ୬୫ ପ୍ରତିଶତ ଲିଥିୟମ୍ ବଲିଭିଆ ଓ ଚିଲିରେ ଏବଂ ୬୦ ପ୍ରତିଶତ କୋବାଲ୍ଟ କଙ୍ଗୋରେ ଅଛି। କମ୍ ଯୋଗାଣ ହେତୁ ଏଇ ଦୁଇ ଧାତୁର ମୂଲ୍ୟ ହେଉଛି ଅଧିକ। ହିସାବ କରାଯାଇଛି ଯେ, ଦୁଇଚକିଆ ବିଦ୍ୟୁତ୍ ଯାନର ମୋଟ ମୂଲ୍ୟର ୭୦ ପ୍ରତିଶତ ଓ ବିଦ୍ୟୁତ୍ କାର୍ ମୂଲ୍ୟର ୫୦ ପ୍ରତିଶତ ହେଉଛି ବ୍ୟାଟେରିର ମୂଲ୍ୟ। ଏଣୁ ବିଦ୍ୟୁତ୍ ଗାଡ଼ିର ସ୍ୱପ୍ନ ଅଳ୍ପ କେତୋଟି ଦେଶରୁ କୋବାଲ୍ଟ ଓ ଲିଥିୟମ୍ ଆମଦାନି ଉପରେ ନିର୍ଭର କରୁଛି। ଗାଡ଼ି ନିର୍ମାତାମାନଙ୍କ ପାଇଁ ଏହା ହେଉଛି ବଡ଼ ସମସ୍ୟା। ଚାଇନା ନିଜର ଦୂରଦୃଷ୍ଟି ଯୋଗୁ ଏହି ସମସ୍ୟାରେ ନାହିଁ। ନିଜ ଦେଶରେ ଏହି ଦୁଇ ଧାତୁର ଖଣି ନ ଥିଲେ ମଧ୍ୟ ଏହା କଙ୍ଗୋ, ବଲିଭିଆ, ଚିଲି ଓ ଅଷ୍ଟ୍ରେଲିଆରେ କେତେକ ଖଣିକୁ କିଣିନେଇଛି। ଏପରିକି କଙ୍ଗୋର ଅଧା କୋବାଲ୍ଟ ଖଣି ଏହା ନିୟନ୍ତ୍ରଣରେ ଅଛି। ଏଣୁ ଚାଇନା ବର୍ତ୍ତମାନ ବ୍ୟାଟେରି ଓ ବିଦ୍ୟୁତ୍ ଗାଡ଼ି ଉତ୍ପାଦନରେ ପୃଥିବୀରେ ପ୍ରଥମ ସ୍ଥାନ ଅଧିକାର କରିଛି। ପୃଥିବୀର ବ୍ୟାଟେରି ବଜାରର ୬୦ ପ୍ରତିଶତ ଏହା ନିୟନ୍ତ୍ରଣ କରୁଛି। ଏହା ୨୦୧୮ ମସିହାରେ ଦଶଲକ୍ଷରୁ ଅଧିକ ବିଦ୍ୟୁତ୍ ଗାଡ଼ି ଉତ୍ପାଦନ କରିଛି।

ହାରାହାରି ଭାବେ ଗୋଟିଏ ବିଦ୍ୟୁତ୍ ଗାଡ଼ିର ମୂଲ୍ୟ ହେଉଛି ପେଟ୍ରୋଲ ଗାଡ଼ିର ଦୁଇଗୁଣ। ଏଥିପାଇଁ ଗ୍ରାହକମାନେ ମଧ୍ୟ ଏହାକୁ ପସନ୍ଦ କରୁନାହାନ୍ତି। ବ୍ୟାଟେରି ପ୍ରଯୁକ୍ତିବିଦ୍ୟାର ବିକାଶ ଘଟି ଏହାର ମୂଲ୍ୟ ହ୍ରାସ ନ ହେଲେ ଏହା ଲୋକପ୍ରିୟ ହୋଇପାରିବ ନାହିଁ। ଏଥିପାଇଁ ଅବଶ୍ୟ ଅନେକ ଦେଶରେ ଗବେଷଣା ଚାଲିଛି। ପାନାସୋନିକ୍, ଟେସ୍‌ଲା, ଟୋୟୋଟା ଓ ଚାଇନା ନିର୍ମାତାମାନେ ଏହି ଗବେଷଣାର ଶୀର୍ଷରେ ଅଛନ୍ତି। ମୂଲ୍ୟବାନ୍ କୋବାଲ୍ଟ ବଦଳରେ ଗନ୍ଧକ, ସୋଡିୟମ୍ କିମ୍ବା ମାଗ୍ନେସିୟମ୍ ବ୍ୟବହାର କରିବା ପାଇଁ ଗବେଷଣା ଚାଲିଛି।

ଆମ ଦେଶରେ ଲିଥିୟମ୍ ଆୟନ ବ୍ୟାଟେରି ଉତ୍ପାଦନ ହେଉନାହିଁ ଏବଂ ଏହାକୁ ବାହାର ଦେଶରୁ ଆମଦାନି କରାଯାଉଛି। ଯାହା ଜଣାପଡୁଛି, ଆମ ଦେଶରେ ବିଦ୍ୟୁତ୍ ଗାଡ଼ିର ବହୁଳ ବ୍ୟବହାର ପାଇଁ ଦଶବର୍ଷରୁ ଅଧିକ ସମୟ ଲାଗିବ। ଜାପାନରେ ଦଶବର୍ଷ ପୂର୍ବରୁ ବିଦ୍ୟୁତ୍ ଗାଡ଼ିର ପ୍ରଚଳନ ହୋଇଥିଲେ ସୁଦ୍ଧା ବ୍ୟାଟେରି ପ୍ରଯୁକ୍ତିବିଦ୍ୟାର ବିକାଶ ହୋଇ ନ ଥିବାରୁ ଏହାର ସଂଖ୍ୟା ସୀମିତ ଅଛି। ଏଥିରେ ଯନ୍ତ୍ରାଂଶ କମ୍ ଥିବାରୁ ଏହା କମ୍ ମରାମତି ଦରକାର କରିଥାଏ। ବିଦ୍ୟୁତ୍ ମୋଟର ସମସ୍ତ ବେଗରେ ସମାନ ଟର୍କ ଉତ୍ପାଦନ କରୁଥିବାରୁ ଏହି ଗାଡ଼ିରେ କ୍ଲଚ୍, ଗିୟର ବକ୍ସ ଓ ବେଗ ସଞ୍ଚାରଣ ବ୍ୟବସ୍ଥା ଆଦି ଯନ୍ତ୍ରାଂଶର ଆବଶ୍ୟକ ହୋଇ ନ ଥାଏ। ଗୋଟିଏ ବିଦ୍ୟୁତ୍ ଗାଡ଼ିରେ ୨୦ଟି ଗତିଶୀଳ ଯନ୍ତ୍ରାଂଶ ଥିବାବେଳେ ପେଟ୍ରୋଲ କିମ୍ବା ଡିଜେଲ ଇଞ୍ଜିନରେ ଏହି ସଂଖ୍ୟା ହେଉଛି ୨୦୦୦ରୁ ଅଧିକ।

ଭାରତ ବ୍ୟାଟେରି ପ୍ରଯୁକ୍ତିବିଦ୍ୟାରେ ଗବେଷଣା କରିବା ସହ ବିଦ୍ୟୁତ୍ ଗାଡ଼ି ଉତ୍ପାଦନ ପାଇଁ ନିର୍ମାତାମାନଙ୍କୁ ଆର୍ଥିକ ସୁବିଧା ଦେବା ଉଚିତ। ଏହାଦ୍ୱାରା ଦେଶରେ ବାୟୁ ପ୍ରଦୂଷଣ ହ୍ରାସହେବା ସଙ୍ଗେ ସଙ୍ଗେ ପେଟ୍ରୋଲ ଓ ଡିଜେଲର ଚାହିଦା କମିଯିବ। ଅଧିକାଂଶ ପେଟ୍ରୋଲିୟମ୍ ପଦାର୍ଥ ଆମଦାନି ହେଉଛି ଏବଂ ଏଥିପାଇଁ ଦେଶର ମୂଲ୍ୟବାନ୍ ବୈଦେଶିକ ପୁଞ୍ଜି ବ୍ୟୟ କରିବାକୁ ପଡୁଛି। ପୁନଶ୍ଚ ତେଲଖଣି ଥିବା ଉପସାଗରୀୟ ଦେଶଗୁଡ଼ିକରୁ ଏହାର ଆମଦାନିର ନିରାପତ୍ତା ମଧ୍ୟ ସନ୍ଦେହଜନକ ହୋଇପଡ଼ିଲାଣି। ନୀତି ଆୟୋଗ ଗତ ଜୁନ ୧୭ ତାରିଖରେ ପ୍ରସ୍ତାବ ଦେଇଛି ଯେ, ୨୦୩୦ ମସିହା ପରେ ଦେଶରେ କେବଳ ବିଦ୍ୟୁତ୍ ଗାଡ଼ି ବିକ୍ରି ହେବା ଉଚିତ। ଏହା ପୂର୍ବରୁ ନୀତି ଆୟୋଗର ମୁଖ୍ୟ କାର୍ଯ୍ୟନିର୍ବାହୀ ଅଧିକାରୀ ଅମିତାଭ କାନ୍ତଙ୍କ ଅଧ୍ୟକ୍ଷତାରେ ଗଠିତ କମିଟି ପ୍ରସ୍ତାବ ଦେଇଥିଲା ଯେ, ୨୦୨୫ ମସିହା ପରେ ଦେଶରେ ୧୫୦ ଘନ ସେ.ମି. କ୍ଷମତା ବିଶିଷ୍ଟ କେବଳ ବିଦ୍ୟୁତ୍‌ଚାଳିତ ଦୁଇଚକିଆ ଓ ତିନିଚକିଆ ଗାଡ଼ି ବିକ୍ରି ହେବା ଉଚିତ। ବର୍ତ୍ତମାନ କାର୍‌କୁ ଏଥିରେ ସାମିଲ କରାଯାଇଛି। ନୀତି ଆୟୋଗର ଗଣନା ଅନୁସାରେ ବିଦ୍ୟୁତ୍ ଗାଡ଼ି ପ୍ରଚଳନ ଫଳରେ ଦେଶରେ ବାର୍ଷିକ ତିନିଲକ୍ଷ କୋଟି ଟଙ୍କା ତେଲ ଆମଦାନିରୁ ବଞ୍ଚିଯିବ ଏବଂ ଦଶଲକ୍ଷରୁ ଅଧିକ ବ୍ୟକ୍ତି ପ୍ରତ୍ୟକ୍ଷ ବା ପରୋକ୍ଷ ଭାବରେ ବ୍ୟାଟେରି ନିର୍ମାଣ ଶିଳ୍ପରେ ନିଯୁକ୍ତି ପାଇବେ।

୭୦, ଲକ୍ଷ୍ମୀବିହାର, ଭୁବନେଶ୍ୱର,
ମୋ–୯୪୩୮୬୯୩୭୨୪

# ଚାଷୀ କ'ଣ ଦୟାର ପାତ୍ର



ସବ୍ୟସାଚୀ ଅମିତାଭ

ଚାଷୀଙ୍କୁ ନେଇ ବିଧାନସଭା ପଢୁଛି ଉଠୁଛି। ବିରୋଧୀଙ୍କ ପ୍ରଶ୍ନବାଣରେ ଶାସକ ଦଳ ଜର୍ଜରିତ। କିଛି କରିନ, ଖାଲି ପ୍ରତିଶ୍ରୁତି ଦେଉଛ। ଚାଷୀଙ୍କ ଭାଗ୍ୟ କେବେ ବଦଳିବ? କେବେ ଚାଷୀଙ୍କର ଆୟ ଦୁଇଗୁଣ ହେବ? କେବେ ତା' ଜମିକୁ ପାଣି ମାଡିବ? କେବେ ତା' ପାଇଁ ଶୀତଳଭଣ୍ଡାର ହେବ? ଏମିତି କେତେ ପ୍ରଶ୍ନ। ଏହି 'ନାହିଁ–ନାହିଁ'ର ଶବ୍ଦଜାଲ ଭିତରେ ଆଉ ଗୋଟିଏ ପ୍ରଶ୍ନ ହେଉଛି– ସତରେ କ'ଣ ଆମ ରାଜ୍ୟର ଚାଷୀ କାହା ଦୟାର ପାତ୍ର!

କେବେ ଅମଳ ହେଉନି ତ କେବେ ଅମଳ ହେଲେ ବିକ୍ରି ନାହିଁ। ଲହୁଲୁହକୁ ଏକାଠି କରି ପ୍ରକୃତି ସହ ଲଢ଼େଇ କରି ଫସଲ ମୁଠାକ ଅମଳ କଲେ ବି ସାଇତି ରଖିବାକୁ ଶୀତଳଭଣ୍ଡାର ନାହିଁ। କେଉଁଠି ବଜାର ନାହିଁ ତ କେଉଁଠି ମଣ୍ଡି ଖୋଲିନି। ବଜାର ଥିଲେ ଚାଷୀଙ୍କୁ ସୁଯୋଗ ନାହିଁ, ମଣ୍ଡିରେ ଦଲାଲଙ୍କ ରାଜୁତି। ମାଟି ସହ ମାଟି ହୋଇ, ଖରାତରାକୁ ଖାତିର ନ କରି ନିଜ ଚାରିପୁରୁଷର ପାରମ୍ପରିକ ଚାଷକୁ ଆଦରିବାକୁ ଚେଷ୍ଟା କଲାବେଳକୁ ଜମିକୁ ପାଣି ମାଡୁନି। କେନାଲ ଅଛି, ପାଣି ପଞ୍ଚାୟତ ଅଛି, ହେଲେ ସରକାରୀ କାଗଜକଲମରେ କେବଳ ପାଣି ମାଡୁଛି। ପଡିଆ ପଡୁଛି ଚାଷୀର ଜମି। ବର୍ଷାର ଦୟାରୁ ଚାଷଜମିକୁ ବତର କରି ଫସଲ ଉପୁଜାଇବାକୁ ଉଦ୍ୟମ କଲାବେଳେ ରୋଗପୋକ ମାଡିବସୁଛି ଚାଷୀର ସ୍ୱପ୍ନକୁ। ସାର–ଔଷଧ ପାଇଁ ତାକୁ ହାତ ପତାଇବାକୁ ପଡୁଛି ମହାଜନ ପାଖରେ, ନ ହେଲେ ମହିଳା ସ୍ୱୟଂସହାୟକ ଗୋଷ୍ଠୀ ପାଖରେ। ସରକାର ଚାଷୀଙ୍କୁ ଋଣ ଦେବା ପାଇଁ ଖୋଲିଛନ୍ତି ସମବାୟ ବ୍ୟାଙ୍କ। ହେଲେ ସେଠି ବିଲରେ ଖଟୁଥିବା ଚାଷୀଙ୍କୁ ନୁହେଁ ବରଂ ବିଲ ଦେଖି ନ ଥିବା ଚାଷୀ ନେତାଙ୍କୁ ମିଳୁଛି ଲକ୍ଷ ଲକ୍ଷ ଟଙ୍କାର ଋଣ। ଅସଲ ଚାଷୀଟି ଋଣ ନ ପାଇ କରଜରେ ବୁଡୁଛି। ଆଉ ଫସଲ ଉଜୁଡିଗଲେ ଋଣ ଶୁଝି ନ ପାରିବାର ଆଶଙ୍କାରେ ଆତ୍ମହତ୍ୟାକୁ ଆଦରି ନେଉଛି।

ସରକାର ପରେ ସରକାର ଆସୁଛନ୍ତି। ଚାଷୀ ପାଇଁ ଯୋଜନା ପରେ ଯୋଜନା ତିଆରି ହେଉଛି। ପୁରସ୍କାର ପରେ ପୁରସ୍କାର ମିଳୁଛି। କିନ୍ତୁ ବାସ୍ତବତା ସମ୍ପୂର୍ଣ୍ଣ ଶୂନ୍ୟ। ସରକାରଙ୍କ କୌଣସି ଯୋଜନା ପ୍ରକୃତ ଚାଷୀ ପାଖେ ପହଞ୍ଚିପାରୁନି। ତାକୁ ଅଧା ବାଟରେ ହରିଲୁଟ୍ କରୁଛନ୍ତି ବିଭିନ୍ନ ରାଜନୈତିକ ଦଳର ମୁଖାପିନ୍ଧା ନକଲି ଚାଷୀ।

ଟିକେ ନିରିଖେଇ ଦେଖିଲେ ଚାଷଜମି ଥିବା ଅଧିକାଂଶ ଲୋକ ଚାଷୀ ନୁହନ୍ତି। କିଏ ପୂର୍ବ ଜମିଦାରି ସୂତ୍ରରେ ଅବା ପୈତୃକ ଚାଷଜମିର ମାଲିକାନା ଜାହିର କରନ୍ତି। କିନ୍ତୁ କେବେ ସେମାନେ ଚାଷଜମିକୁ ଗଡିନାହାନ୍ତି। ସେମାନଙ୍କ ଚାଷଜମି ଭାଗସୂତ୍ରରେ ଲାଗିଛି। ଆଉ ଭାଗଚାଷୀଟି ପ୍ରତିକୂଳ ପରିସ୍ଥିତିରେ ମାଟି ସହିତ ଯୁଝି ଫସଲ ଅମଳ କଲାବେଳକୁ ପ୍ରକୃତି ବିପତ୍ତି ଆଣୁଛି। ସରକାର ଯେଉଁ କ୍ଷତିପୂରଣ ଦେଉଛନ୍ତି, ତାହାର ପ୍ରକୃତ ହିତାଧିକାରୀ ହେଉଛି ଜମି ମାଲିକ। ଅର୍ଥାତ୍, ଫସଲ ଉଜୁଡୁଛି ଚାଷୀର ଆଉ କ୍ଷତିପୂରଣ ପାଉଛି ଗୋଡ଼ର କାଣିଆଙ୍ଗୁଠି କେବେ କାଦୁଅ କରି ନ ଥିବା ଜମି ମାଲିକ। କାରଣ ଏଯାଏ ଆମ ରାଜ୍ୟରେ ଭାଗଚାଷୀ ଚିହ୍ନଟ ହୋଇପାରିନି। ପ୍ରକୃତ ଚାଷୀ କେତେ, କିଏ ଚାଷୀ, କିଏ କି ପ୍ରକାର ଚାଷୀ, ଏହାର ଠିକ୍ ହିସାବ ବା ସଂଖ୍ୟା ସରକାରଙ୍କ ପାଖରେ ନାହିଁ। ଯେଉଁମାନଙ୍କୁ ସରକାର ଓ ପ୍ରଶାସନ ଚାଷୀ ବୋଲି ଦେଖାଇ ଅନୁକମ୍ପା ଓ ସହାୟତା ଦେଇ ଚାଲିଛନ୍ତି, ସେମାନଙ୍କ ଭିତରୁ ୭୦ରୁ ୮୦ ପ୍ରତିଶତ ହେଉଛନ୍ତି ଚାଷର ଚ ଅକ୍ଷର ଜାଣି ନ ଥିବା ଲୋକ।

ଚାଷୀ ମାଗୁଛି ପ୍ରାଇସ୍, ପ୍ରେଷ୍ଟିଜ୍ ଓ ପେନସନ୍। କିନ୍ତୁ ସରକାର ସେମାନଙ୍କର ତାଲିକା କରିପାରୁନାହାନ୍ତି। କାରଣ ସରକାରଙ୍କ ପାଖରେ ନାହିଁ ଚାଷୀର ତାଲିକା। ସରକାର ଯେଉଁ ଉଜୁଡ଼ା ଫସଲ କ୍ଷତିପୂରଣ, ମୋବାଇଲ୍, ମାଗଣା ଉପକରଣ ବାଣ୍ଟୁଛନ୍ତି, ସେମାନେ ଅଧିକାଂଶ ନକଲି ମୁଖାପିନ୍ଧା ଚାଷୀ।

ଏବେ ଆସିବା କୃଷିଋଣ ଛାଡ଼ ପ୍ରସଙ୍ଗକୁ। ପ୍ରଶ୍ନ ଉଠୁଛି ସମବାୟ ବ୍ୟାଙ୍କରୁ ଋଣ ନେଉଥିବା ତଥାକଥିତ ଚାଷୀଙ୍କ ମଧ୍ୟରୁ କେତେ ଜଣ ଚାଷ କରନ୍ତି? ଚାଷ ପାଇଁ ସେମାନେ ଋଣ ନେଉଛନ୍ତି ନା ଅନ୍ୟ କୌଣସି କାମ ପାଇଁ? ଚାଷ କରୁଥିବା, ସକାଳ ହେଲେ ବିଲକୁ ଗଡୁଥିବା କେତେ ଜଣ ଚାଷୀ ଋଣ ନେଇଛନ୍ତି? ଏସବୁ ଉତ୍ତର କାହା ପାଖରେ ନାହିଁ। ଏବେ ଯଦି ନିକଟସ୍ଥ ସମବାୟ କାର୍ଯ୍ୟାଳୟକୁ କେହି ଯାଆନ୍ତି, କାନ୍ଥରେ ଲେଖାଥିବ ଋଣ ଖିଲାପକାରୀ ଅଧିକାଂଶଙ୍କୁ ଚିହ୍ନି ପାରିବେ, ସେମାନେ କେଉଁ ଭଳିଆ ଚାଷୀ?

ବାସ୍ତବତାକୁ ନିରିଖେଇଲେ ଜଣାପଡେ, ଚାଷୀକୁ କେବେ ଋଣ ମିଳେନା। ଋଣ ପାଇଁ ସମବାୟ ବ୍ୟାଙ୍କ୍ ପିଣ୍ଡାରେ ଶହ ଶହ ଥର ଆଣ୍ଠେଇଲେ ବି ଋଣ କିନ୍ତୁ ତାକୁ ମିଳି ନ ଥାଏ। ତେଣୁ ସେ ମହାଜନ ଗୋଡ଼ ତଳେ ପଡି ଧାରକରଜ କରି ଚାଷ ଉଠାଏ। ତେଣୁ ଋଣଛାଡ ଦ୍ୱାରା ଯେ ପ୍ରକୃତ ଚାଷୀ ଉପକୃତ ହୋଇପାରିବ ତାହା ଭାବିବା ବୋକାମି। ଚାଷୀଙ୍କୁ ଦୟା ଦରକାର ନାହିଁ। ଦରକାର ଖେତକୁ ପାଣି। ଦରକାର ମଣ୍ଡିରେ ଧାନ ବିକିବାର ସମ୍ମାନ। ତାକୁ ଦରକାର ତା'ର ହାଡଭଙ୍ଗା ପରିଶ୍ରମର ପାଉଣା। ତାକୁ ଜମିର ମାଲିକାନା ନୁହେଁ ଫସଲର ମାଲିକାନା ଲୋଡ଼ା। ତେବେ ଯାଇ ଚାଷୀର ଭାଗ୍ୟ ବଦଳିପାରିବ।

ଭୁବନେଶ୍ୱର, ମୋ– ୯୪୩୮୨୯୬୫୧୯

## ଏଇ ଭାରତରେ

ନବଜାତ ଶିଶୁକନ୍ୟାକୁ ନାଳରେ ଫୋପାଡ଼ିଲେ ମା'। ଉଦ୍ଧାର କଲା କୁକୁର। ଏପରି ଏକ ଅଭାବନୀୟ ଘଟଣା ଘଟିଛି ହରିୟାଣାରେ। ଏହି ରାଜ୍ୟର କୈଥାଲ୍‌ରେ ଜଣେ ମହିଳା ଶିଶୁକନ୍ୟାକୁ ଜନ୍ମ ଦେବାର ମାତ୍ର କେଇ ଘଣ୍ଟା ପରେ ପଲିଥିନରେ ଗୁଡାଇ ନାଳରେ ଫିଙ୍ଗି ଦେଇଥିଲେ। ହେଲେ ସେଠାରେ ଥିବା ଏକ କୁକୁର ପଲିଥିନକୁ ଉପରକୁ ଟାଣି ଆଣିବା ସହ ଭୁକିବାକୁ ଆରମ୍ଭ କରିଥିଲା। କୁକୁର ପଲିଥିନ ପାଖରେ ଠିଆହୋଇ ଭୁକୁଥିବା ଦେଖି ସ୍ଥାନୀୟ ଲୋକେ ପଲିଥିନ ମଧ୍ୟରୁ ନବଜାତ ଶିଶୁକନ୍ୟାଟିକୁ ଉଦ୍ଧାର କରି ପୋଲିସ ସହାୟତାରେ ତୁରନ୍ତ ହସ୍ପିଟାଲରେ ଭର୍ତ୍ତି କରିଥିଲେ। ଏବେ ଶିଶୁକନ୍ୟାର ସ୍ୱାସ୍ଥ୍ୟାବସ୍ଥା ସ୍ଥିର ଥିବା ବେଳେ ଡାକ୍ତର ଶିଶୁଟିର ଚିକିତ୍ସା ଜାରି ରଖିଥିବା ସୂଚନା ମିଳିଛି। ପ୍ରତ୍ୟକ୍ଷଦର୍ଶୀଙ୍କ କହିବା କଥା ହେଲା ଗୁରୁବାର ସକାଳେ ମହିଳା ଜଣକ ଶିଶୁଟିକୁ ଜନ୍ମକରି ନାଳରେ ଫୋପାଡ଼ିବା ପରେ କୁକୁର ପଲିଥିନ ବାହାରକୁ ଆଣି ଭୁକିବାକୁ ଆରମ୍ଭ କରିଥିଲା। ଏହି ସମୟରେ ସେଠାରେ ଥିବା ମୁଖ୍‌ତାର ନାମକ ଜଣେ ବ୍ୟକ୍ତି ଛୋଟପିଲାର କ୍ରନ୍ଦନ ଶୁଣି ପଲିଥିନ ନିକଟକୁ ଆସି ଦେଖିଲେ ସେଥିରେ ନବଜାତ ଶିଶୁଟି ବନ୍ଧା ହୋଇ ପଡିଛି। ଏହାପରେ ମୁଖ୍‌ତାର ପାଖ ପଡୋଶୀଙ୍କ ସହାୟତାରେ ପୋଲିସକୁ ଖବର ଦେଇ ଶିଶୁଟିକୁ ହସ୍ପିଟାଲରେ ଭର୍ତ୍ତି କରିଥିଲେ। ନିକଟରେ ଲାଗିଥିବା ଏକ ସିସିଟିଭି କ୍ୟାମେରାରେ ଏ ସମସ୍ତ ଘଟଣା ରେକର୍ଡ ହୋଇଯାଇଥିଲା। ଉକ୍ତ ଘଟଣା ସ୍ଥାନୀୟ ଅଞ୍ଚଳରେ ଚର୍ଚ୍ଚାର ବିଷୟ ହୋଇଛି।

## ଚିରନ୍ତନୀ

ପରୁଷର ସ୍ୱର୍ଗ ତୁମେ, ଧର୍ମ ତପ
ରମଣୀର ପ୍ରେମ
ସବୁ ବନ୍ଧନର ଗ୍ରନ୍ଥି ହେ ଅସ୍ଥିର
ହେ ଅମୂଲ୍ୟ ହେମ!
ସାଧୁକୁ କରିଲ ହନ୍ତା ପଣ୍ଡିତକୁ
କରିଲ ପାଷାଣ୍ଡ
ସୂକ୍ଷ୍ମତମ କେନ୍ଦ୍ର ତୁମେ ବିଶ୍ୱର
ବିରାଟ ମାନଦଣ୍ଡ!
(ସୁନା)
–କାଳିନ୍ଦୀ ଚରଣ ପାଣିଗ୍ରାହୀ

## ୨୫ ବର୍ଷ ତଳର ଧରିତ୍ରୀ

୨୦ ଜୁଲାଇ ୧୯୯୪

- ଚାଇନାର ସମାଜ ବିଜ୍ଞାନୀ ଫେଇସିଆଓ–ତୁଙ୍ଗ୍ ଓ ଆଫଗାନିସ୍ତାନର ମହିଳା ଡାକ୍ତର ସୀମା ସମର ଚଳିତବର୍ଷର ମାଗାସେସ୍ ପୁରସ୍କାର ପାଇବାକୁ ଯୋଗ୍ୟ ବିବେଚିତ।
- ସୋଭିଏତ୍ ସଂଘର ଅନ୍ୟତମ ରାଷ୍ଟ୍ର ୟୁକ୍ରେନ୍‌ର ନୂତନ ରାଷ୍ଟ୍ରପତି ଭାବେ ଲିଓନିଡ କୁଚମାଙ୍କ ଦାୟିତ୍ୱ ଗ୍ରହଣ।

## su | do | ku ସୁ–ଡୋ–କୁ



ଏହାର ଉତ୍ତର ଆସନ୍ତାକାଲି ପ୍ରକାଶ ପାଇବ

ଉପରେ ପ୍ରଦତ୍ତ ସୁଡୋକୁର ଏପରି ସମାଧାନ କରିବାକୁ ହେବ, ଯେପରି ପ୍ରତ୍ୟେକ ଧାଡି, ସ୍ତମ୍ଭ ଓ ଆୟତକାର ବାକ୍ସ ଭିତରେ ୦ରୁ ୯ ପର୍ଯ୍ୟନ୍ତ ଅଙ୍କ ଓ A ରୁ E ପର୍ଯ୍ୟନ୍ତ ଇଂଲିଶ ଲିପି ରହିବ।



ଗତକାଲିର ଉତ୍ତର

## ପାଠକ ଶ୍ରେଷ୍ଠ ବିଚାରକ

### ବନ୍ୟା ମୁକାବିଲା ପ୍ରସ୍ତୁତି

ମହାଶୟ,

ଏବେ ବର୍ଷା ନାହିଁ। ପରେ ଲଗାଣ ବର୍ଷା ହୋଇ ବନ୍ୟା ପରିସ୍ଥିତି ସୃଷ୍ଟି ହୋଇପାରେ। ରାଜ୍ୟରେ ବନ୍ୟାର ଅବ୍ୟବହିତ ପୂର୍ବରୁ ପ୍ରାକ୍ ପ୍ରସ୍ତୁତି ରହିବା ଆବଶ୍ୟକ। ଗତ ଫନୀରେ ଅଭାବନୀୟ ପରିସ୍ଥିତି ଉପୁଜିଥିଲା। ପ୍ରଶାସନ ସଚେତନ ହୋଇ ଅତ୍ୟାବଶ୍ୟକ ଦ୍ରବ୍ୟ ଚୁଡା, ଗୁଡ଼, ଅଟା ଇତ୍ୟାଦି ମହଜୁଦ ରଖି ନ ଥିଲେ। ବର୍ତ୍ତମାନ ସୁଦ୍ଧା ବହୁ ପ୍ରପୀଡ଼ିତ ଲୋକ ଅନାହାରରେ କାଳାତିପାତ କରୁଛନ୍ତି। ଏବେଠାରୁ ସେପରି ବ୍ୟତିକ୍ରମ ପ୍ରତି ଯଥେଷ୍ଟ ସତର୍କତା ଦରକାର। ଦୁର୍ବଳ ନଦୀବନ୍ଧଗୁଡିକ ମରାମତି କରି ତଳିଆ ଅଞ୍ଚଳ ପ୍ରତି ଗୁରୁତ୍ୱ ଦିଆଯାଉ। ନ ହେଲେ ବାହାଘର ବେଳେ ବାଇଗଣ ରୁଆ ସଦୃଶ ହେବ।

ରମେଶ ଚନ୍ଦ୍ର ବେହେରା, ଆୟତପୁର, କିଶନନଗର, କଟକ

### ବିହନ ବିଶୋଧନ କାର୍ଯ୍ୟକ୍ରମ

ଧରିତ୍ରୀ(୬।୭)ରେ ପ୍ରକାଶ ପାଇଛି 'ବିରିଡି ବ୍ଲକ୍‌ରେ ବିହନ ବିଶୋଧନ କାର୍ଯ୍ୟକ୍ରମ ଏକ ଧୂଆଁବାଣ'। ବିହନ କାହିଁ ଯେ ବିଶୋଧନ ହେବ? ଆମର ତଳି ଯେତେ ବଡ଼ ହେଲାଣି କେନାଲରେ ପାଣି ଆସିଲେ ରୋଇବୁ। ବିହନ ବିଶୋଧନ କେବେ କରିବୁ? ବିହନ ଚାଷୀମାନଙ୍କୁ ମାଗଣାରେ ଯୋଗାଇ ଦିଆଯିବ। ସେ ବିହନକୁ ନେଇ ଚାଷୀ କ'ଣ ଚୁଡା କୁଟି ଖାଇବେ। ସ୍ୱର୍ଣ୍ଣ ସବ୍–୧ ପାଇଁ ଏ ଅଞ୍ଚଳ ଉପଯୁକ୍ତ ନୁହେଁ। ତେଣୁ ବିହନ ବିଶୋଧନ ଏବଂ ମାଟି ପରୀକ୍ଷା ଏକ ପ୍ରହସନରେ ପରିଣତ ହୋଇଛି। ସବୁଥର ଶୁଣୁଛୁ ଭ୍ରାମ୍ୟମାଣ ଟିମ୍ ମାଟି ପରୀକ୍ଷା ପାଇଁ ଆସିବେ। ମୁଁ ଚାଷ କରିବାର ୧୯ ବର୍ଷ ଭିତରେ ଦିନେ ହେଲେ ମାଟି ପରୀକ୍ଷା ହୋଇନାହିଁ। ଆମ ପଞ୍ଚାୟତରେ ବିହନ ମିଳେନି, ବିଶୋଧନ ଦୂରର କଥା।

ଅଦ୍ୱୈତ ପ୍ରସାଦ ବେହେରା, ଅରଣା, ଗଡ଼ମା, ଜଗତ୍‌ସିଂହପୁର

### ସରକାରୀ ସ୍କୁଲ୍‌ର ଭାଗ୍ୟ

ସରକାରୀ ସ୍କୁଲର ଭାଗ୍ୟ ଦିନକୁ ଦିନ ତଳକୁ ଯାଉଛି। ଗାଁ ଗାଁ ବୁଲି ପିଲାଙ୍କୁ ଡାକିହାକି ସ୍କୁଲକୁ ଅଣାଯାଉଛି। ଡ୍ରେସ୍ ଓ ମଧ୍ୟାହ୍ନଭୋଜନ ମାଗଣାରେ ଦିଆଯାଉଛି। ତଥାପି ସ୍କୁଲରେ ପିଲା ହେଉନାହାନ୍ତି। ପରୀକ୍ଷାରେ ଫେଲ୍‌କୁ ମଧ୍ୟ ଉଠାଇ ଦିଆଯାଇଛି। ତଥାପି ଅନେକ ସ୍କୁଲରେ ୧୦ଟି ପିଲା ବି ହେଉନାହାନ୍ତି। କେଉଁଠି ଶିକ୍ଷକଙ୍କ ସଂଖ୍ୟା ମେଞ୍ଚାଏ ତ କେଉଁଠି କେଞ୍ଚାଏ। ୧୦ରୁ କମ୍ ପିଲା ଥିବା ୯୬୬ଟି ସ୍କୁଲକୁ ଚିହ୍ନଟ କରାଯାଇଛି। ସେଥିରେ ତାଲା ପଡିବ। ସେହି ସ୍କୁଲଠାରୁ ନିକଟ ହେଉ ବା ଦୂରରେ ଗଢିଉଠିଥିବା ଶିଶୁମନ୍ଦିର ଭଳି ବେସରକାରୀ ସ୍କୁଲଗୁଡ଼ିକରେ ପିଲାଙ୍କର ଅସମ୍ଭବ ଭିଡ଼। ସରକାର ଏହାର ତର୍ଜମା କରିବା ଉଚିତ। ଶିକ୍ଷକମାନଙ୍କୁ ଯଥେଷ୍ଟ ଦରମା ଦିଆଯାଉଛି। ସ୍କୁଲଘର ଓ ଆସବାବପତ୍ର ଅଛି, ପାଚେରି ଅଛି, ଖେଳପଡିଆ ବି ଅଛି। ଏହା ପୁଣି ଦଣ୍ଡମୁକ୍ତ ଅଞ୍ଚଳ। ଅଥଚ ଏ ସ୍କୁଲରେ ପିଲା ହେଉନାହାନ୍ତି କି ରେଜଲ୍ଟ ଭଲ ହେଉନାହିଁ। ଭଲ ଘରର ଲୋକେ ଏ ସ୍କୁଲରେ ନିଜ ପିଲାଙ୍କୁ ପଢ଼ାଉନାହାନ୍ତି। ଫଳରେ ଏ ସ୍କୁଲଗୁଡିକ ଅଣଦେଖା ହୋଇଯାଉଛି।

ଅକ୍ଷୟ ମହାନ୍ତି, ତେନ୍ତୁଳିପଦା, ଜଗତ୍‌ସିଂହପୁର

ପାଠକ ଶ୍ରେଷ୍ଠ ବିଚାରକ ସ୍ତମ୍ଭକୁ ପତ୍ର ପଠାଇବାର ଠିକଣା: ସମ୍ପାଦକ, ଧରିତ୍ରୀ, ବି–୧୫, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର–୭୫୧୦୧୦
କେବଳ ସମ୍ପାଦକଙ୍କୁ ପତ୍ର, ଖବର ପାଇଁ ବ୍ୟବହାର କରନ୍ତୁ : E-mail:dharitripress@gmail.com (Use only for letters to Editor, news & news photos) କେବଳ ବିଜ୍ଞାପନ ପାଇଁ ବ୍ୟବହାର କରନ୍ତୁ: E-mail:advt@dharitri.com :miku11@yahoo.com (Use only for advertisements,commercial queries)

**ଏସ୍‌ପିଓଙ୍କୁ ହତ୍ୟା**

ଜମ୍ମୁ-କଶ୍ମୀରର ଅନନ୍ତନାଗ ଜିଲାରେ ଆତଙ୍କବାଦୀମାନେ ପିଡିପି ନେତା ମୁଫ୍‌ତି ସଜାଦ୍‌ଙ୍କ ବ୍ୟକ୍ତିଗତ ସୁରକ୍ଷା କର୍ମୀ (ଏସ୍‌ପିଓ) ଫାରୁକ ଅହମ୍ମଦଙ୍କୁ ଗୁଳିକରି ହତ୍ୟା କରିଛନ୍ତି। ପୂର୍ବତନ ମୁଖ୍ୟମନ୍ତ୍ରୀ ମେହବୁବା ମୁଫ୍‌ତିଙ୍କ ଜଣେ ସମ୍ପର୍କୀୟଙ୍କ ସହ ସଜାଦ୍ ବିଜ୍‌ବେହାରସ୍ଥିତ ଏକ ମସ୍‌ଜିଦ୍‌କୁ ଯାଉଥିବାବେଳେ ଆତଙ୍କବାଦୀମାନେ ଅତି ନିକଟରୁ ଗୁଳି କରିଥିଲେ । ସଜାଦ ଅଳ୍ପକେ ବର୍ତ୍ତି ଯାଇଛନ୍ତି। ଉକ୍ତ ସ୍ଥାନକୁ କର୍ଡନ କରାଯାଇ ସର୍ଚ୍ଚ ଅପରେଶନକୁ ଜୋର୍‌ଦାର କରାଯାଇଛି।

# ବିଶ୍ୱବିଦ୍ୟାଳୟ ନିକଟରେ ବିସ୍ଫୋରଣ: ୮ ନିହତ

**କାବୁଲ୍, ୧୯।୭(ପି.ଟି.)**



ଆଫଗାନିସ୍ତାନର କାବୁଲସ୍ଥିତ ବିଶ୍ୱବିଦ୍ୟାଳୟର ଦକ୍ଷିଣ ଫାଟକ ନିକଟରେ ଏକ ବିସ୍ଫୋରଣ ହେବା ଫଳରେ ୮ଜଣ ବ୍ୟକ୍ତିଙ୍କ ପ୍ରାଣହାନି ଘଟିଛି। ଏଥିରେ ୩୩ ଜଣ ଆହତ ମଧ୍ୟ ହୋଇଛନ୍ତି। ଛାତ୍ରୀଛାତ୍ରମାନେ ପରୀକ୍ଷା ଦେବା ଲାଗି ଅପେକ୍ଷା କରିଥିବାବେଳେ ଏହି ବିସ୍ଫୋରଣ ହୋଇଥିଲା। ତେବେ ଏଥିରେ ଅଧିକାଂଶ ସାଧାରଣ ନାଗରିକ ପ୍ରାଣ ହରାଇଥିବା ଜଣାପଡ଼ିଛି। ଏହି ବିସ୍ଫୋରଣ ପଛରେ ହାତ ନ ଥିବା ତାଲିବାନ୍ ପକ୍ଷରୁ ସ୍ପଷ୍ଟ କରାଯାଇଛି। ଏକାଧିକ ଆହତ ଆଇନ ଛାତ୍ରୀଛାତ୍ରଙ୍କୁ ଚିକିତ୍ସା କରାଯାଉଥିବା ସ୍ୱାସ୍ଥ୍ୟ ମନ୍ତ୍ରଣାଳୟର ମୁଖପାତ୍ର ୱାହିଦୁଲ୍ଲା ମାୟାର ପ୍ରକାଶ କରିଛନ୍ତି। ବିସ୍ଫୋରଣର ତଦନ୍ତ କାବୁଲ ପୋଲିସ ଆରମ୍ଭ କରିଛି। ପ୍ରକାଶଥାଉ କି, ଗତ ସପ୍ତାହରେ ନଙ୍ଗରହାର ପ୍ରଦେଶରେ ଏକ ବିବାହ ଉତ୍ସବ ଅବସରରେ ହୋଇଥିବା ଆତ୍ମଘାତୀ ବିସ୍ଫୋରଣ ଲାଗି ଆଇଏସ୍ ଆତଙ୍କବାଦୀ ଗୋଷ୍ଠୀ ନିଜକୁ ଦାୟୀ କରିଥିଲା।

କାବୁଲ ଦୀର୍ଘ ୧୮ ବର୍ଷ ଧରି ତାଲିବାନ ଓ ଆଇଏସ୍‌ର ଟାର୍ଗେଟରେ ରହିଆସିଛି। କଠୋରପନ୍ଥୀ ସୁନ୍ନୀ ଆତଙ୍କବାଦୀମାନେ ଏଠାରେ ସକ୍ରିୟ ଅଛନ୍ତି। ଆମେରିକା ପକ୍ଷରୁ ତାଲିବାନ୍ ସହ ଚୁକ୍ତି କରି ଶାନ୍ତି ପ୍ରତିଷ୍ଠା କରିବାକୁ ଉଦ୍ୟମ କରାଯାଉଛି। ଏଥିସହ ଆତଙ୍କ ବିରୋଧୀ ଅଭିଯାନକୁ ଜୋର୍‌ଦାର କରାଯାଇଥିବା ବେଳେ ଏହି ଆତଙ୍କବାଦୀଙ୍କ ଉତ୍ପାତ ବଢ଼ିବାରେ ଲାଗିଛି।




ବିହାରର ଶରନ ଜିଲାରେ ଶୁକ୍ରବାର ଭୋରରେ ଗୋରୁ ଚୋରି ସନ୍ଦେହରେ ୩ ଜଣଙ୍କୁ ପିଟି ପିଟି ମାରିଦିଆଯାଇଛି। ହସ୍ପିଟାଲ ବାହାରେ ପୋଲିସ ଅଧିକାରୀଙ୍କ ଗୋଡ଼ଧରି ନ୍ୟାୟ ମାଗୁଛନ୍ତି ମୃତକଙ୍କ ସମ୍ପର୍କୀୟ।

# ସୋନଭଦ୍ରା ଯିବାବେଳେ ପ୍ରିୟଙ୍କା ଅଟକ

**ଲକ୍ଷ୍ନୌ/ନୂଆଦିଲ୍ଲୀ,୧୯।୭(ପି.ଟି.)**

ଜମି ବିବାଦକୁ ନେଇ ଉତ୍ତରପ୍ରଦେଶର ସୋନଭଦ୍ରାରେ ବୁଧବାର ୧୦ ଜଣଙ୍କୁ ଗୁଳିକରି ହତ୍ୟା କରାଯାଇଥିଲା। କଂଗ୍ରେସ ସାଧାରଣ ସମ୍ପାଦିକା ପ୍ରିୟଙ୍କା ଗାନ୍ଧୀ ଭଦ୍ରା ଶୁକ୍ରବାର ମୃତକମାନଙ୍କ ପରିବାର ସଦସ୍ୟଙ୍କୁ ଭେଟିବାକୁ ଯାଉଥିବାବେଳେ ଉତ୍ତରପ୍ରଦେଶ ପୋଲିସ ତାଙ୍କୁ ମିର୍ଜାପୁର ଜିଲାର ନାରାୟଣପୁରଠାରେ ଅଟକାଇଥିଲା। ପ୍ରିୟଙ୍କା ରାସ୍ତାରେ ସମର୍ଥକମାନଙ୍କ ସହ ଧାରଣାରେ ବସିବା ପରେ ପୋଲିସ ତାଙ୍କୁ ଚୁନାର ଗେଷ୍ଟହାଉସ୍‌କୁ ନେଇଯାଇଛି।

ପ୍ରିୟଙ୍କାଙ୍କ ଗିରଫଦାରି ବେଆଇନ ବୋଲି କଂଗ୍ରେସ ନେତା ରାହୁଲ ଗାନ୍ଧୀ ଓ ଅନ୍ୟମାନେ କହିବା ସହ ଉତ୍ତରପ୍ରଦେଶ ସରକାର ଗଣତନ୍ତ୍ରକୁ ଧ୍ୱଂସ କରିଦେବାକୁ ଉଦ୍ୟମ କରୁଥିବା ଅଭିଯୋଗ କରିଛନ୍ତି। ଅନ୍ୟପକ୍ଷରେ ଗୁଳିକାଣ୍ଡ ଘଟିଥିବା ଅଞ୍ଚଳରେ ୧୪୪ ଧାରା ଜାରି ହୋଇଥିବାବେଳେ ଏହାର ଉଲ୍ଲଂଘନ ଅଭିଯୋଗରେ ପ୍ରିୟଙ୍କାଙ୍କୁ ଅଟକ ରଖାଯାଇଥିବା ପୋଲିସ କହିଛି। ଉକ୍ତ ଧାରା ଅନୁଯାୟୀ ୪ରୁ ଅଧିକ ଲୋକ ଏକାଠି ହୋଇପାରିବେ ନାହିଁ।

ପ୍ରିୟଙ୍କା କହିଛନ୍ତି, ସେ ଶାନ୍ତିପୂର୍ଣ୍ଣ ଭାବେ ମୃତକମାନଙ୍କ ପରିବାର ସଦସ୍ୟଙ୍କୁ ଭେଟିବାକୁ ଯାଉଥିଲେ। ତାଙ୍କୁ ପୋଲିସ କୁଆଡ଼େ ନେଇଯାଉଛି ତାହା ସେ ଜାଣନ୍ତି ନାହିଁ। ତେବେ ସେ ଭୟଭୀତ ନୁହନ୍ତି ବୋଲି କଂଗ୍ରେସ ନେତ୍ରୀ କହିଛନ୍ତି। ସେ ୪ ଜଣଙ୍କୁ ସାଙ୍ଗରେ ନେଇ ସୋନଭଦ୍ରା ଯିବେ ବୋଲି ପ୍ରଶାସନକୁ ପ୍ରତିଶ୍ରୁତି ଦେଇଥିଲେ। ଏହା ସତ୍ତ୍ୱେ ପ୍ରଶାସନ ତାଙ୍କୁ ଯିବା ପାଇଁ ଅନୁମତି ଦେଲାନାହିଁ। କ'ଣ ପାଇଁ ତାଙ୍କୁ ଅଟକ ରଖାଗଲା ତାହା ପୋଲିସ ସ୍ପଷ୍ଟ କରୁ ବୋଲି ପ୍ରିୟଙ୍କା ଧାରଣାସ୍ଥଳରେ ଦାବି କରିଥିଲେ। ଦୁଇ ସମ୍ପ୍ରଦାୟ ମଧ୍ୟରେ ଜମି ବିବାଦରୁ ଗୁଳିକାଣ୍ଡ ଘଟଣାରେ ପ୍ରିୟଙ୍କା ରାଜ୍ୟର ଆଇନଶୃଙ୍ଖଳା ସ୍ଥିତିକୁ ସମାଲୋଚନା କରିଥିଲେ।

ଗୁଳିକାଣ୍ଡ ଘଟଣାକୁ ନେଇ ରାଜନୀତି ଜୋର ଧରୁଥିବାବେଳେ ମୃତକଙ୍କ ପରିବାରକୁ ନ୍ୟାୟ ପ୍ରଦାନ ଲାଗି ମୁଖ୍ୟମନ୍ତ୍ରୀ ଯୋଗୀ ଆଦିତ୍ୟନାଥ ପ୍ରତିଶ୍ରୁତି ଦେଇଛନ୍ତି। ଏହି ଘଟଣାରେ ଜଣେ ସବ୍‌ଡିଭିଜନ ସ୍ତରୀୟ ମାଜିଷ୍ଟ୍ରେଟ୍ ଓ ୪ ଜଣ ଅଫିସରଙ୍କୁ ନିଲମ୍ବନ କରାଯାଇଛି। ଗାଁ ମୁଖିଆ ଭାଗ୍ୟ ଦତ୍ତ, ତାଙ୍କ ଭାଇଙ୍କ ସମେତ ୨୯ ଜଣଙ୍କୁ ଗିରଫ କରାଯାଇଛି। ଗୁଳିକାଣ୍ଡ ସମ୍ପର୍କରେ ୧୦ ଦିନ ମଧ୍ୟରେ ରିପୋର୍ଟ ଦେବାକୁ ଅତିରିକ୍ତ ମୁଖ୍ୟ ସଚିବଙ୍କ ନେତୃତ୍ୱରେ ଏକ କମିଟି ଗଠନ କରାଯାଇଥିବା ମୁଖ୍ୟମନ୍ତ୍ରୀ ବିଧାନସଭାରେ କହିଛନ୍ତି।

ବୁଧବାର ସୋନଭଦ୍ରାର ଘୋରୱାଲ ଅଞ୍ଚଳରେ ଗାଁ ମୁଖିଆଙ୍କ ସମର୍ଥକ ଏବଂ ଗୋଣ୍ଡ ଆଦିବାସୀ ସମ୍ପ୍ରଦାୟ ମଧ୍ୟରେ ସଂଘର୍ଷ ଘଟି ୧୦ ଜଣଙ୍କ ମୃତ୍ୟୁହେବା ସହ ୧୮ ଜଣ ଆହତ ହୋଇଥିଲେ। ମୁଖିଆ ଦତ୍ତଙ୍କ ସମର୍ଥକମାନେ ଆଦିବାସୀମାନଙ୍କ ଉପରକୁ ଗୁଳି ଚଳାଇଥିଲେ ବୋଲି ଅଭିଯୋଗ ହୋଇଛି। ପ୍ରିୟଙ୍କାଙ୍କୁ ଗିରଫ କରିବା ଓ ସୋନଭଦ୍ରାକୁ ନ ଛାଡିବା ଦ୍ୱାରା ସରକାର ୧୦ ଜଣ ଆଦିବାସୀଙ୍କୁ ହତ୍ୟା ଘଟଣାକୁ ଘୋଡାଇଦେଇପାରିବେ କି ବୋଲି କଂଗ୍ରେସ ମୁଖପାତ୍ର ରଣଦୀପ ସୁର୍ଜେୱାଲା ପ୍ରଶ୍ନ କରିଛନ୍ତି।

ସୂଚନାଯୋଗ୍ୟ, ୨୦୨୨ ଉତ୍ତରପ୍ରଦେଶ ବିଧାନସଭା ନିର୍ବାଚନ ଉପରେ ତାଙ୍କର ଫୋକସ୍ ରହିଛି ବୋଲି ପ୍ରିୟଙ୍କା ଲୋକ ସଭା ନିର୍ବାଚନ ପ୍ରଚାର ବେଳେ କହିଥିଲେ। ୨୦୨୨ରେ ଯେପରି ଭାଜପାକୁ ପରାଜିତ କରାଯାଇପାରିବ ସେଥିପାଇଁ ସେ କଂଗ୍ରେସକୁ ସୁଦୃଢ଼ କରିବାକୁ ଚାହାନ୍ତି ବୋଲି କଂଗ୍ରେସ ନେତ୍ରୀ ସୂଚନା ଦେଇଥିଲେ। ୟୁପି ବିଧାନସଭା ନିର୍ବାଚନ ଲାଗି ପ୍ରିୟଙ୍କାଙ୍କୁ କଂଗ୍ରେସର ମୁଖ୍ୟମନ୍ତ୍ରୀ ପ୍ରାର୍ଥୀ ଘୋଷଣା କରିବା ପାଇଁ କିଛିଦିନ ପୂର୍ବରୁ ରାଜ୍ୟର ଦଳୀୟ କର୍ମୀମାନେ ଦାବି କରିଥିଲେ। ସେପଟେ ରାହୁଲ ଗାନ୍ଧୀ କଂଗ୍ରେସ ଅଧ୍ୟକ୍ଷ ପଦ ଛାଡ଼ିବା ପରେ ଏପର୍ଯ୍ୟନ୍ତ କାହାକୁ ନେତା ନିର୍ବାଚନ କରାଯାଇପାରୁ ନାହିଁ। ବରିଷ୍ଠ ନେତାମାନେ ସୋନିଆଙ୍କୁ ପୁଣିଥରେ ଏହି ପଦବୀରେ ଦେଖିବା ପାଇଁ ଚାହୁଁଥିଲେ। ତେବେ ସେ ଅନିଚ୍ଛା ପ୍ରକାଶ କରିବା ପରେ ପ୍ରିୟଙ୍କାଙ୍କୁ ଦଳର ନେତୃତ୍ୱ ଦେବା ପାଇଁ ବରିଷ୍ଠ ନେତାମାନେ ଅଣ୍ଟା ଭିଡ଼ିଥିବା କୁହାଯାଉଛି।



ମିର୍ଜାପୁର ଜିଲାର ନାରାୟଣପୁରଠାରେ ପୋଲିସ ପ୍ରିୟଙ୍କାଙ୍କୁ ଅଟକାଇବାପରେ ସେ କର୍ମୀମାନଙ୍କ ସହ ରାସ୍ତାରେ ଧାରଣାରେ ବସିଛନ୍ତି।

**ତେଜିଲା ରାଜନୀତି**

- ଗିରଫଦାରିକୁ ବେଆଇନ କହିଲା କଂଗ୍ରେସ
- ୧୪୪ ଧାରା ଉଲ୍ଲଙ୍ଘନ କରିଛନ୍ତି ପ୍ରିୟଙ୍କା: ୟୁପି ପୋଲିସ

## ବିବେକ କୁମାର ପ୍ରଧାନମନ୍ତ୍ରୀଙ୍କ ବ୍ୟକ୍ତିଗତ ସଚିବ

**ନୂଆଦିଲ୍ଲୀ, ୧୯।୭(ପି.ଟି.)**



ଭାରତୀୟ ବିଦେଶ ସେବା (ଆଇଏଫ୍‌ଏସ୍) ଅଫିସର ବିବେକ କୁମାର ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ବ୍ୟକ୍ତିଗତ ସଚିବ ନିଯୁକ୍ତ ହୋଇଛନ୍ତି। ପ୍ରଧାନମନ୍ତ୍ରୀଙ୍କ ଅଧ୍ୟକ୍ଷତାରେ ଗଠିତ ନିଯୁକ୍ତି ସମ୍ପର୍କିତ କ୍ୟାବିନେଟ କମିଟି ବିବେକଙ୍କ ନିଯୁକ୍ତିକୁ ଅନୁମୋଦନ କରିଛି। ୨୦୦୪ ବ୍ୟାଚ୍‌ର ଏହି ଆଇଏଫ୍‌ଏସ୍ ଅଫିସର ଏବେ ପ୍ରଧାନମନ୍ତ୍ରୀଙ୍କ କାର୍ଯ୍ୟାଳୟରେ ନିର୍ଦ୍ଦେଶକ ଭାବେ କାର୍ଯ୍ୟ କରୁଛନ୍ତି। ତାଙ୍କର ନିଯୁକ୍ତି ଦାୟିତ୍ୱଗ୍ରହଣ ଦିନରୁ ଆରମ୍ଭ ହେବ ଏବଂ ଚାକିରି କାର୍ଯ୍ୟକାଳ ଶେଷ କିମ୍ବା ପରବର୍ତ୍ତୀ ନିର୍ଦ୍ଦେଶ ପର୍ଯ୍ୟନ୍ତ ସେ ଏହି ପଦବୀରେ ରହିବେ ବୋଲି କାର୍ମିକ ଓ ତାଲିମ ବିଭାଗ ପକ୍ଷରୁ ପ୍ରକାଶିତ ବିଜ୍ଞପ୍ତିରେ କୁହାଯାଇଛି। ଆଇଆଇଟି ବମ୍ବେରୁ କେମିକାଲ ଇଞ୍ଜିନିୟରିଂରେ ବିଟେକ୍ ଡିଗ୍ରୀ ହାସଲ କରିଥିବା ବିବେକ ପୂର୍ବରୁ ରୁଷିଆ ଓ ଅଷ୍ଟ୍ରେଲିଆରେ ଭାରତର କୂଟନୀତିଜ୍ଞ ଭାବେ କାର୍ଯ୍ୟ କରିଥିଲେ।

**Birthday Wish**



Heartiest blessings for your long and prosperous life on your birthday.
Happy Birthday to Lauren
From:
ବାବା, ମମି, ଜେଜେ, ମା, ପିଉସା, ନାନୀ, ସୋନୁଭାଇ, ଗୁଡୁଭାଇ, ଅଜା, ଆଈ, ମଉସା, ମାଉସୀ, ମାମୁ ଓ ଅନ୍ୟ Near and dear one.
D-13442

**ଜନ୍ମଦିନ ଶୁଭେଚ୍ଛା**



ତନ୍ମୟ କୁମାର ମହାରଣା
(ଢୁଗୁଲୁ)
ମହାପ୍ରଭୁ ଜଗନ୍ନାଥ ଓ ଭଗବାନ ବିଶ୍ୱକର୍ମା ତୋର ଚଲାପଥ କୁସୁମିତ କରନ୍ତୁ।
ଶୁଭେଚ୍ଛା ସହ
ଜେଜେ ମା', ଜେଜେ, ଅଜା, ଆଈ, ବାବା, ମାମା, ଦାଦା, ଖୁଡୀମାନେ, ମାମୁ ଏବଂ ଗ୍ରାମର ସମସ୍ତ ଗୁରୁଜନମାନେ।
ଧ-୧୩୫୦୬

**ମନେ ପଡ଼ନ୍ତି**

ଏକାଦଶାହ ଉପଲକ୍ଷେ
ଅଶ୍ରୁଳ ଶ୍ରଦ୍ଧାଞ୍ଜଳି



୰ ବୀରକିଶୋର ମହାରଣା
ନୂଆପାଟଣା (ଶିବସାହୁ ଲେନ୍), ମଙ୍ଗଳାବାଗ, କଟକ-୧
ଆବିର୍ଭାବ : ୧୪।୧୨।୧୯୩୭
ତିରୋଧାନ : ୧୦।୦୭।୨୦୧୯
ଆପଣ ଆମ୍ଭମାନଙ୍କୁ ଛାଡ଼ି ଚାଲିଗଲେ, କିନ୍ତୁ ଆପଣଙ୍କର ଆଦର୍ଶ, ସ୍ନେହ, ଶ୍ରଦ୍ଧା, ତ୍ୟାଗ ଓ ଭଲପାଇବା ଆମେମାନେ କେବେ ଭୁଲିପାରିବୁ ନାହିଁ। ଆପଣଙ୍କର ସ୍ୱର୍ଗତ ଆତ୍ମାର ସଦ୍‌ଗତି ନିମନ୍ତେ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ନିକଟରେ ବିନମ୍ର ପ୍ରାର୍ଥନା କରୁଛୁ।
ଶୋକସନ୍ତପ୍ତ ବନ୍ଧୁ ଓ ଗ୍ରାଣ୍ଡ ଜୁଏଲର୍ସର ପରିବାରବର୍ଗ
ଧ-୧୩୪୮୦

ଦ୍ୱାଦଶାହ ଉପଲକ୍ଷେ
ଅଶ୍ରୁଳ ଶ୍ରଦ୍ଧାଞ୍ଜଳି



ସ୍ୱର୍ଗତ ଉମାକାନ୍ତ ପଟ୍ଟନାୟକ
ଗଜପତି ନଗର, ୩-ଲେନ୍ ବ୍ରହ୍ମପୁର
ଆବିର୍ଭାବ: ୨୬।୦୮।୧୯୩୮
ତିରୋଧାନ: ୧୦।୦୭।୨୦୧୯
ଆପଣଙ୍କର ଅମର ଆତ୍ମାର ସଦ୍‌ଗତି ନିମନ୍ତେ ଶ୍ରୀଜଗନ୍ନାଥଙ୍କ ନିକଟରେ ଆମ୍ଭେ ବିନମ୍ର ପ୍ରାର୍ଥନା କରୁଛୁ।
ଶୋକସନ୍ତପ୍ତ:
ପରିବାରବର୍ଗ ଓ ଜ୍ଞାତିକୁଟୁମ୍ବ
ଧ-୬୬୬୦୮

ଦ୍ୱାଦଶାହ ଉପଲକ୍ଷେ
ଅଶ୍ରୁଳ ଶ୍ରଦ୍ଧାଞ୍ଜଳି



ସ୍ୱର୍ଗତା ବସନ୍ତ ଓତା
ଆବିର୍ଭାବ: ୧୭.୦୧.୧୯୨୯
ତିରୋଧାନ: ୦୯।୦୭।୨୦୧୯
ଆପଣଙ୍କ ଅମର ଆତ୍ମାର ସଦ୍‌ଗତି ନିମନ୍ତେ ଭକ୍ତିପୂତ ଶ୍ରଦ୍ଧାଞ୍ଜଳି।
ଶୋକସନ୍ତପ୍ତ:
ପୁତ୍ର: ଅଖିଳ ବିହାରୀ ଓତା, ପୁତ୍ରବଧୂ: ଅହଲ୍ୟା ଓତା, ପରିବାରବର୍ଗ ଓ ଆତ୍ମୀୟସ୍ୱଜନ।
ଧ-୧୩୪୩୯

ଏକାଦଶାହ ଉପଲକ୍ଷେ



ସ୍ୱର୍ଗତ ସଚ୍ଚିଦାନନ୍ଦ ମହାନ୍ତି
ଢେଙ୍କାନାଳ
ଆବିର୍ଭାବ: ୨୪।୦୫।୧୯୪୭
ତିରୋଧାନ: ୧୦।୦୭।୨୦୧୯
ଆପଣଙ୍କ ଅମରାତ୍ମା ଶାନ୍ତି ଓ ସଦଗତି ଲାଭକରୁ, ଏତିକି ପ୍ରଭୁ ଶ୍ରୀ ଜଗନ୍ନାଥଙ୍କ ନିକଟରେ ପ୍ରାର୍ଥନା କରୁଛୁ।
ଶୋକସନ୍ତପ୍ତ:
ବନ୍ଧୁ, ପରିବାରବର୍ଗ ଓ ଆତ୍ମୀୟସ୍ୱଜନ।
ଧ-୬୬୮୧୧

In loving memory on your 1st death anniversary



Late Maya Rani Pal
Mayapuri Apartment, BBSR-2
Date of Birth: 28.08.1955
Date of Demise: 20.07.2018
Time flies but you are in our thoughts every moment. You are missed by your family & friends.
Your everloving: Husband, daughters & family members.
D-52899

ଦ୍ୱାଦଶାହ ଉପଲକ୍ଷେ
ଅଶ୍ରୁଳ ଶ୍ରଦ୍ଧାଞ୍ଜଳି



ସ୍ୱର୍ଗତ ଇଂ. ସତ୍ୟବାଦୀ ପଟ୍ଟନାୟକ
ଗଜପତି ନଗର, ୧୧-ଲେନ୍ ବ୍ରହ୍ମପୁର
ଆବିର୍ଭାବ: ୦୪।୦୭।୧୯୪୨
ତିରୋଧାନ: ୧୦।୦୭।୨୦୧୯
ଆପଣଙ୍କର ଅମର ଆତ୍ମାର ସଦ୍‌ଗତି ନିମନ୍ତେ ଶ୍ରୀଜଗନ୍ନାଥଙ୍କ ନିକଟରେ ଆମ୍ଭେ ବିନମ୍ର ପ୍ରାର୍ଥନା କରୁଛୁ।
ଶୋକସନ୍ତପ୍ତ:
ପରିବାରବର୍ଗ ଓ ଜ୍ଞାତିକୁଟୁମ୍ବ
ଧ-୬୬୬୦୭

**[ଇତିହାସର ଆଇନାରେ]**

## ଜୁଲାଇ ୨୦ର ପ୍ରମୁଖ ଘଟଣା

୧୯୮୯ ଜୁଲାଇ ୨୦ରେ ବର୍ମାର ଶାସକ ଜୁଣ୍ଟା, ବିରୋଧୀ ଦଳ ନେତା ଅଙ୍ଗ୍ ସାନ୍ ସୁ୍ୟ କିଙ୍କୁ ଗୃହବନ୍ଦୀ କରି ରଖିଥିଲେ। ରିପବ୍ଲିକ୍ ଅଫ୍ ଦି ୟୁନିୟନ୍ ଅଫ୍ ମ୍ୟାନ୍‌ମାରକୁ ସରକାରୀ ଭାବେ ବର୍ମା କୁହାଯାଏ। ଏହା ଦକ୍ଷିଣ-ପୂର୍ବ ଏସିଆର ଏକ ଦେଶ। ଏହାର ସୀମାକୁ ଲାଗି ଭାରତ, ବାଂଲାଦେଶ, ଥାଇଲାଣ୍ଡ ଓ ଚାଇନା ରହିଛି।

୨୦୧୫ ଜୁଲାଇ ୨୦ରେ ତୁର୍କିର ସୁରୁକ୍ ସହରରେ ପ୍ରଚଣ୍ଡ ବିସ୍ଫୋରଣ ଯୋଗୁ ୩୧ଜଣଙ୍କ ମୃତ୍ୟୁ ଘଟିବା ସହିତ ୧୦୦ରୁ ଊର୍ଦ୍ଧ୍ୱ ଆହତ ହୋଇଥିଲେ। ସୋସିଆଲିଷ୍ଟ ୟୁଥ୍ ଆସୋସିଏସନ୍ସ ଫେଡେରେଶନ୍‌କୁ ଟାର୍ଗେଟ କରି ଏହି ଆକ୍ରମଣ କରାଯାଇଥିଲା।

## ବିମାନ ଦୁର୍ଘଟଣାରେ ୩ ମୃତ



**ବର୍ଲିନ୍, ୧୯।୭**

ଜର୍ମାନ ସୀମାରେ ଏକ ଛୋଟ ବିମାନ ଦୁର୍ଘଟଣା ହେବା ଫଳରେ ୩ଜଣ ପ୍ରାଣ ହରାଇଥିବା ଅଷ୍ଟ୍ରିଆର ଅଧିକାରୀ ପ୍ରକାଶ କରିଛନ୍ତି। ଗୁରୁବାର ସନ୍ଧ୍ୟାରେ ଏହି ଦୁର୍ଘଟଣା ଘଟିଥିଲା। ଲିଉଟସ୍କ ସହର ନିକଟ ଏକ ପାହାଡ଼ରେ ଧକ୍କା ଖାଇବାରୁ ବିମାନଟି ଧ୍ୱଂସ ପାଇଯାଇଥିଲା। ଏହା ପରେ ବିମାନଟିରେ ନିଆଁ ଲାଗିଯାଇଥିଲା ବୋଲି ଅଷ୍ଟ୍ରିଆ ପୋଲିସ କହିଛି।

## ଅଗଷ୍ଟ ୧୫ରେ 'ମିଶନ୍ ମଙ୍ଗଲ' ରିଲିଜ୍




**ମୁମ୍ବାଇ:** ଅଗଷ୍ଟ ୧୫ରେ 'ମିଶନ୍ ମଙ୍ଗଲ' ରିଲିଜ ହେବାକୁ ଯାଉଛି। ଏହାର ଟ୍ରେଲର ରିଲିଜ ହୋଇସାରିଥିବାବେଳେ ଏହା ସୋସିଆଲ ମିଡିଆ ୟୁଜର୍ସଙ୍କୁ ଅନୁପ୍ରେରିତ କରିଛି। ସବୁଠୁ ଅଧିକ ଆକର୍ଷଣୀୟ ହୋଇଛି ଅଭିନେତା ଅକ୍ଷୟ କୁମାରଙ୍କ ଦମ୍‌ଦାର ସଂଳାପ: 'ମୁଝେ ଅଭିତକ୍ ନହି ପତା କୈସେ କରେଙ୍ଗେ, ପାର୍ କରେଙ୍ଗେ ସାର୍। କର୍‌ନା ହି ହୋଗା'(ମୁଁ ତଥାପି ଜାଣେନାହିଁ, ଏହା କିପରି କରିବାକୁ ହେବ। କିନ୍ତୁ ସାର୍, ଆମେ ଏହା କରିବୁ। ଆମକୁ ହିଁ କରିବାକୁ ହେବ)। ସଂଳାପ ଉପରେ ଜଣେ ୟୁଜର ଲେଖିଛନ୍ତି, ଇଞ୍ଜିନିୟରିଂ ଛାତ୍ରଟି ପରୀକ୍ଷାର ଦିନକ ପୂର୍ବରୁ ସାରା ସିଲାବସ୍‌ର ପାଠପଢ଼ା ଶେଷ କରିବାକୁ ଉଦ୍ୟମ କରୁଛି। ଆଉ ଜଣେ ଲେଖିଛନ୍ତି, 'ପୁରେ ଦୁନିଆ ତୋ କପି'। ପରୀକ୍ଷା ହଲ୍‌କୁ କପି ନେଇଯିବା ହିଁ ମୁଖ୍ୟ କଥା। 'ମିଶନ୍ ମଙ୍ଗଲ'ର ମୁଖ୍ୟ ଚରିତ୍ରରେ ଅଭିନୟ କରିଛନ୍ତି ଅକ୍ଷୟ କୁମାର, ସୋନାକ୍ଷୀ ସିହ୍ନା, ବିଦ୍ୟା ବାଲାନ୍, ତାପସୀ ପନ୍ନୁ, କୀର୍ତ୍ତି କୁଲ୍‌ହାରି, ନିଥ୍ୟା ମେନନ୍ ଏବଂ ଶ୍ରମନ୍ ଜୋଷୀ। ଏଥିରେ ମହିଳା ବୈଜ୍ଞାନିକଙ୍କର ଏକ ଟିମ୍ ସାମିଲ ଅଛି, ଯିଏ ଭାରତର ମାର୍ସ ଅର୍ବିଟର ମିଶନ୍ (ଏମ୍‌ଓଏମ୍)କୁ ସଫଳ କରାଇପାରିଛି।

**ନିଯୁକ୍ତି ମେଳା - ୨୦୧୯**
ODISHA SKILL DEVELOPMENT AUTHORITY | National Career Service
ତାରିଖ: ୨୪।୦୭।୨୦୧୯, (ସମୟ: ଦିବା ୦୯.୦୦ ଘଟିକାରୁ ଅପରାହ୍ନ ୦୨.୦୦ ଘଟିକା ପର୍ଯ୍ୟନ୍ତ)
ସ୍ଥାନ: ନେତାଜୀ ସୁଭାଷ ଚନ୍ଦ୍ର ବୋଷ କଲେଜ, ସମ୍ବଲପୁର
ଓଡ଼ିଶା ସରକାରଙ୍କ ଦକ୍ଷତା ବିକାଶ ପ୍ରାଧିକରଣ (OSDA) ତରଫରୁ ନେତାଜୀ ସୁଭାଷ ଚନ୍ଦ୍ର ବୋଷ କଲେଜ, ସମ୍ବଲପୁରଠାରେ ତା୨୪।୦୭।୨୦୧୯ରିଖ (ସମୟ ଦିବା ୦୯.୦୦ ଘଟିକାରୁ ଅପରାହ୍ନ ୦୨.୦୦ ଘଟିକା ପର୍ଯ୍ୟନ୍ତ) ଏକ ନିଯୁକ୍ତି ମେଳାର ଆୟୋଜନ କରାଯାଇଛି। ଉକ୍ତ ନିଯୁକ୍ତି ମେଳାରେ ପାଠ୍ୟକ୍ରମ ଛାଡ଼ିଥିବା ସ୍କୁଲ ଏବଂ କଲେଜ (ଅଷ୍ଟମ ଶ୍ରେଣୀରୁ ସ୍ନାତକ) ଏବଂ ITI/DIPLOMA ପାସ୍ କରିଥିବା ପ୍ରାର୍ଥୀ/ପ୍ରାର୍ଥିନୀମାନେ ଯୋଗ ଦେଇ ନିଜର ଶିକ୍ଷାଗତ ଯୋଗ୍ୟତା ଅନୁଯାୟୀ ବିଭିନ୍ନ ସଂସ୍ଥାରେ ଆବେଦନ ପତ୍ର ଦାଖଲ କରିପାରିବେ।
ସବିଶେଷ ବିବରଣୀ ପାଇଁ Visit: ncs.gov.in

**RAMA DEVI WOMEN'S UNIVERSITY**
Vidya Vihar, Bhoinagar, Bhubaneswar-751022
**WALK-IN-INTERVIEW**
A **walk-in interview** will be conducted on **29.07.2019 (Monday)** for the engagement of **One Project Coordinator, One Research Officer/ Statistician, One Field Investigator and One Typist with Computer Proficiency** under the research project ***'Workplace Gender Discrimination in Odisha: Mechanism to Arrest it'*** funded by the NCW, New Delhi to be conducted by the Dept. of Gender Studies of Rama Devi Women's University. Interested candidates are advised to visit University website **www.rdwuniversity.nic.in** for details on qualification and experience.
***Sd./- (Project Director)***

**NOTICE**
**IN THE DEBTS RECOVERY TRIBUNAL, CUTTACK**
**C-71, SECTOR-7, CDA, CUTTACK-753014**
**O.A. No. 397 OF 2018**
**IDBI Bank Limited, Puri Branch,** At/P.O: Puri, Dist.: Puri ..Applicant
-Versus-
**M/s. Jagannath Omfed Parlour and other** ...Defendants
To
1. **M/s. Jagannath Omfed Parlour,** At: Balagandi Chhaka, Balagandi, At/P.O.: Puri, Dist.: Puri-752001, represented through its Prop.: Mr. Prashanta Kumar Mohanty.
2. **Prasanta Kumar Mohanty,** Aged about 50 years, S/o- Netrananda Mohanty, At: Gangarama Nuasahi, Puri Municipality, Kumbharpada, Dist.: Puri-752001, Odisha.
3. **Rina Mohanty,** Aged about 43 years, W/o- Prasanta Kumar Mohanty, At: Gangarama Nuasahi, Puri Municipality, Kumbharpada, Dist.: Puri-752001, Odisha.

**SUMMONS BY PAPER PUBLICATION FOR SHOWING CAUSE AS TO WHY THE RELIEF PRAYED SHOULD NOT BE GRANTED**
Take notice that the Applicant has instituted a suit in **O.A. No. 397 of 2018** in the Court of Debts Recovery Tribunal at Cuttack for a recovery of **Rs.12,36,098.98** only together with current and future interest, costs and other relief's. The above mentioned defendants are therefore hereby directed to appear before this tribunal in person or through an Advocate or duly authorized agent, in support of their defense to show cause within **30 days** from the date of publication or on **23rd day of Aug. 2019 at 10.30A.M.** as to why relief's prayed for should not be granted.
Take notice that in case of default the application will be heard and determined in their absence.
Given under my hand and seal of this Tribunal on this **01st day of July 2019.**
**Sd/- Registrar, Debts Recovery Tribunal**



କମେଡି କିଙ୍ଗ କପିଲ ଶର୍ମାଙ୍କ ମୁମ୍ବାଇସ୍ଥିତ ଫ୍ଲାଟରେ ନିଆଁ ଲାଗି ଯାଇଥିବା ଖବର ମିଳିଛି। ଏଥିରେ କେହି ମୃତାହତ ହୋଇ ନ ଥିବା ବେଳେ ନିଆଁ ଲାଗିବାର କାରଣ ଏ ପର୍ଯ୍ୟନ୍ତ ସ୍ପଷ୍ଟ ହୋଇନାହିଁ। ରୋଷେଇ ଘରୁ ପ୍ରଥମେ ନିଆଁ ବାହାରିଥିବା ଦେଖି ପଡୋଶୀ ତୁରନ୍ତ ଦମକଳ ବାହିନୀକୁ ଖବର ଦେଇଥିଲେ। ଦମକଳ ବାହିନୀ ପହଞ୍ଚି ମାତ୍ର ଅଧଘଣ୍ଟା ମଧ୍ୟରେ ନିଆଁକୁ ଆୟତ୍ତ କରିଥିଲେ।

## ସଂକ୍ଷେପରେ

■ ସୁପ୍ରିମକୋର୍ଟରେ କେନ୍ଦ୍ର ଓ ଆସାମର ନିବେଦନ

### ଏନ୍ଆର୍‌ସି ଡେଡ୍‌ଲାଇନ ବଢ଼ାଯାଉ

ନୂଆଦିଲ୍ଲୀ, ୧୯।୭(ପି.ଟି.) : ଜାତୀୟ ନାଗରିକ ପଞ୍ଜିକା (ଏନ୍ଆର୍‌ସି)ର ଚୂଡ଼ାନ୍ତ ସମୟସୀମା ବୃଦ୍ଧି କରିବା ଲାଗି କେନ୍ଦ୍ର ଓ ଆସାମ୍ ସରକାରଙ୍କ ପକ୍ଷରୁ ସୁପ୍ରିମକୋର୍ଟରେ ନିବେଦନ କରାଯାଇଛି। ଏନ୍ଆର୍‌ସିରେ ଭୁଲଭାବେ ନାମ ସାମିଲ କରାଯିବା ଓ ବାଦ୍ ଦିଆଯିବା ଭଳି କାର୍ଯ୍ୟ ହୋଇଛି, ତେଣୁ ଡେଡ୍‌ଲାଇନ ବଢ଼ାଯିବା ଦରକାର ବୋଲି ସରକାର ଦର୍ଶାଇଛନ୍ତି। ଭାରତକୁ ଶରଣାର୍ଥୀଙ୍କ ରାଜଧାନୀ ହେବାକୁ ଦିଆଯିବ ନାହିଁ ବୋଲି ସରକାର କହିଛନ୍ତି। ପ୍ରକାଶଥାଉ କି, ଏନ୍ଆର୍‌ସି ଲାଗି ଚୂଡ଼ାନ୍ତ ସମୟ ସୀମା ଜୁଲାଇ ୩୧ ଧାର୍ଯ୍ୟ କରାଯାଇଥିଲା। ପ୍ରଧାନ ବିଚାରପତି ଜଷ୍ଟିସ ରଞ୍ଜନ ଗୋଗୋଇ ଓ ଜଷ୍ଟିସ ଆର୍‌ଏଫ୍ ନରିମନଙ୍କୁ ନେଇ ଗଠିତ ଖଣ୍ଡପୀଠ ସରକାରଙ୍କ ଆବେଦନ ସଲିସିଟର ଜେନେରାଲ ତୁସାର ମେହତାଙ୍କଠାରୁ ଗ୍ରହଣ କରିଥିଲେ। ଏନ୍ଆର୍‌ସିରେ ୨୦% ନାମ ସାମିଲ ସର୍ଭେରେ ଭୁଲ ରହିଥିବା ଦର୍ଶାଯାଇଛି। ତେବେ ଏହା ଉପରେ ଆଲୋଚନା କରିବାକୁ କୋର୍ଟ ଜୁଲାଇ ୨୩ ତାରିଖ ଧାର୍ଯ୍ୟ କରିଛନ୍ତି। ସ୍ଥାନୀୟ ଅଧିକାରୀଙ୍କୁ ସର୍ଭେ ଦାୟିତ୍ୱ ଦିଆଯାଇଥିବାରୁ ବାଂଲା ସୀମାରେ ଅନେକ ଲୋକ ଭୁଲରେ ସାମିଲ ହେବା ଓ ବାଦ୍ ପଡ଼ିଥିବା ମେହତା ଦର୍ଶାଇଛନ୍ତି। ଏହାର ପୁନଃସମୀକ୍ଷା କରାଯିବା ଉପରେ ଗୁରୁତ୍ୱ ଦିଆଯାଇଛି।

■ ମୁଲତବୀ ଆଲୋଚନା

# 'ବାଡ ଫସଲ ଖାଇଲେ...

■ ଛାତ୍ରୀ ନିବାସରେ ଆଦିବାସୀ ଝିଅ ଅସୁରକ୍ଷିତ: ବିରୋଧୀ

■ ଛାତ୍ରୀଙ୍କ ସ୍ୱାସ୍ଥ୍ୟ, ସୁରକ୍ଷା ପାଇଁ ଅନେକ ପଦକ୍ଷେପ ନିଆଯାଇଛି: ମନ୍ତ୍ରୀ

ଭୁବନେଶ୍ୱର,୧୯।୭(ବ୍ୟୁରୋ)

କେଉଁ ବଣ ଜଙ୍ଗଲ ଅଞ୍ଚଳ ନୁହେଁ,ଖୋଦ ରାଜଧାନୀରେ ଆଦିବାସୀ ନାବାଳିକାଙ୍କୁ ବଳାତ୍କାର କରାଯାଉଛି। ବାଡ ଯଦି ଫସଲ ଖାଇବ ତେବେ କଥା ସରିଲା। ସରକାରଙ୍କ ଆଦିବାସୀ ଉନ୍ନୟନ ବିଭାଗ ଦ୍ୱାରା ପରିଚାଳିତ ଛାତ୍ରୀ ନିବାସରେ ଛାତ୍ରୀମାନେ ସୁରକ୍ଷିତ ନାହାନ୍ତି। ସ୍କୁଲ ଶିକ୍ଷକ ଓ ଚତୁର୍ଥ ଶ୍ରେଣୀ କର୍ମଚାରୀଙ୍କ ଦ୍ୱାରା ଗର୍ଭବତୀ ହେଉଛନ୍ତି। ରାଜ୍ୟ ସରକାର ୫ ବର୍ଷରେ ୨୦ଜଣ ଝିଅ ଗର୍ଭବତୀ ହୋଇଥିବା ସୂଚନା ଦେଉଛନ୍ତି। ମାତ୍ର ବହୁ ଘଟଣା ଲୋକଲୋଚନକୁ ଆସି ପାରୁନାହିଁ। ଆଦିବାସୀମାନଙ୍କ ପାଇଁ ଆସୁଥିବା ଅର୍ଥ ବିକାଶ କ୍ଷେତ୍ରରେ ଲାଗୁନାହିଁ। ସରକାରଙ୍କ ଜନଜାତିଙ୍କ ପ୍ରତି ଉଦସୀନ ମନୋଭାବ ପୋଷଣ କରୁଛନ୍ତି ବୋଲି ଶୁକ୍ରବାର ମୁଲତବୀ ଆଲୋଚନା ବେଳେ ଭାଜପା ଓ କଂଗ୍ରେସ ସଦସ୍ୟମାନେ ସରକାରଙ୍କୁ କଡା ସମାଲୋଚନା କରିଥିଲେ।

ରାଜ୍ୟରେ ଅନୁସୂଚୀତ ଜନଜାତି ବିଭାଗ ଦ୍ୱାରା ପ୍ରତିଷ୍ଠିତ ଛାତ୍ରୀ ନିବାସରେ ଅବ୍ୟବସ୍ଥା ଓ ଅସଦାଚରଣ ଶୀର୍ଷକ ମୁଲତବୀ ପ୍ରସ୍ତାବ ଆଗତ କରି ବିରୋଧୀ ଦଳ ମୁଖ୍ୟ ସଚେତକ ମୋହନ ମାଝି କହିଛନ୍ତି ଯେ ସ୍କୁଲରେ ଛାତ୍ରୀଙ୍କୁ ପ୍ରଧାନଶିକ୍ଷକ ବଳାତ୍କାର କରି ଗିରଫ ହୋଇଛନ୍ତି। ଏ ନେଇ ଓଡିଶା ପୋଷ୍ଟରେ ଖବର ପ୍ରକାଶ ପାଇଛି। ସରକାର କହୁଛନ୍ତି ସ୍କୁଲରେ ଛାତ୍ରୀମାନେ ଗର୍ଭବତୀ ହେଉ ନାହାନ୍ତି, ଗାଁରେ ହେଉଛନ୍ତି। ଏହି ଘଟଣାରେ ସରକାର କଣ କହିବେ ବୋଲି ସେ ପ୍ରଶ୍ନ କରିଥିଲେ। କେନ୍ଦୁଝର ଜିଲାରେ ଜଣେ ଚତୁର୍ଥ ଶ୍ରେଣୀ କର୍ମଚାରୀ ଗିରଫ କରାଯାଇଥିଲା। ସରକାର ଆଦିବାସୀ ବିଭାଗକୁ ଗୁରୁତ୍ୱ ଦେଉ ନାହାନ୍ତି ବୋଲି ସେ ଅଭିଯୋଗ କରିଥିଲେ। ଭାଜପା ସଦସ୍ୟ ମୁକେଶ ମହାଲିଙ୍ଗ, ସନାତନ ବିଜୁଳି , କଂଗ୍ରେସ ସଭ୍ୟ ତାରା ପ୍ରସାଦ ବାହିନିପତି ପ୍ରମୁଖ ସ୍କୁଲରେ ଆଦିବାସୀ ଛାତ୍ରୀ ବଳାତ୍କାରକୁ ନେଇ ଉଦ୍‌ବେଗ ପ୍ରକାଶ କରିଥିଲେ। ଛାତ୍ରୀ ନିବାସ ପରିବେଶକୁ ନେଇ ସେମାନେ ଅସନ୍ତୋଷ ବ୍ୟକ୍ତ କରିଥିଲେ। ଛାତ୍ରୀ ନିବାସଗୁଡିକରେ ମହିଳା ଶିକ୍ଷକ ଓ କର୍ମଚାରୀ ନିଯୁକ୍ତ କରିବାକୁ ଦାବି କରିଥିଲେ। ଦୃଷ୍ଟି ଆକର୍ଷଣ ପ୍ରସ୍ତାବ ଆଣି ଶାସକ ଦଳ ସଦସ୍ୟ ପ୍ରମୋଦ ମଲ୍ଲିକ, ଭାଗିରଥୀ ସେଠୀ, ଶ୍ରୀକାନ୍ତ ସାହୁ, ରଘୁରାମ ପଡାଲ ଆଦିବାସୀ ଛାତ୍ରୀଛାତ୍ରଙ୍କ ଶିକ୍ଷା ଓ ବିକାଶ ପାଇଁ ସରକାର ନେଇଥିବା ପଦକ୍ଷେପ ସମ୍ପର୍କରେ ସୂଚନା ଦେଇଥିଲେ। ଏଥିସହିତ ଛାତ୍ରୀମାନଙ୍କର ସୁରକ୍ଷା ପାଇଁ ସରକାର ବଦ୍ଧପରିକର ବୋଲି କହିଥିଲେ। ମୁଲତବୀ ପ୍ରସ୍ତାବ ଆଲୋଚନାର ଜବାବରେ ଅନୁସୂଚୀତ ଜାତି, ଜନଜାତି ଓ ପଛୁଆ ବର୍ଗ କଲ୍ୟାଣ ମନ୍ତ୍ରୀ ଜଗନ୍ନାଥ ସାରକା କହିଛନ୍ତି ଯେ ଏସ୍‌ସି, ଏସ୍‌ଟିଙ୍କ ସାମୁହିକ ବିକାଶ ପାଇଁ ଶିକ୍ଷା ମୁଖ୍ୟ ମାଧ୍ୟମ। ଓଡିଶା ଏକମାତ୍ର ରାଜ୍ୟ ଯେଉଁଠି ୬ ଲକ୍ଷ ଅନୁସୂଚୀତ ଜାତି ଓ ଜନଜାତି ଛାତ୍ରୀଛାତ୍ରଙ୍କୁ ୬୫୦୦ ହଷ୍ଟେଲରେ ରଖାଯାଇ ଆବାସିକ ବିଦ୍ୟାଳୟରେ ଶିକ୍ଷାଦାନ କରାଯାଉଛି। ସେମାନଙ୍କ ମଧ୍ୟରୁ ପ୍ରାୟ ୩.୩୦ ଲକ୍ଷ ହେଉଛନ୍ତି ଛାତ୍ରୀ। ଛାତ୍ରୀଛାତ୍ରଙ୍କ ସୁରକ୍ଷା, ନିରାପତ୍ତା ଓ ସ୍ୱାସ୍ଥ୍ୟ ପ୍ରତି ସରକାର ସଚେତନ ଥିବାରୁ ଏହାକୁ ଗୁରୁତ୍ୱ ଦେଇ ଷ୍ଟାଣ୍ଡାର୍ଡ ଅପରେଟିଂ ପ୍ରୋସିଡ୍ୟୁର(ଏସଓପି) ଅନୁସରଣ କରିବାକୁ ପ୍ରାଧନ ଶିକ୍ଷକ ଓ ମଙ୍ଗଳଅଧିକାରୀଙ୍କୁ ଅବଗତ କରାଯାଇଛି। ୩୦୦ ମାଟ୍ରନ ଛାତ୍ରୀ ନିବାସରେ ନିୟୋଜିତ କରାଯାଇଛି। ଏଏନ୍‌ଏମ୍‌ଙ୍କ ସହ ଯୋଗାଯୋଗ କରି ଛାତ୍ରୀମାନଙ୍କୁ ମାଟ୍ରନମାନେ ସ୍ୱାସ୍ଥ୍ୟ ସେବା ଯୋଗାଇବାରେ ସହାୟକ ହେଉଛନ୍ତି। ରାଜ୍ୟ ସରକାର ୩୩୮ ଏଏନ୍‌ଏମ୍ ପଦବୀ ସୃଷ୍ଟି କରି ପ୍ରତି ୫/୬ଟି ସ୍କୁଲ ହଷ୍ଟେଲ ପାଇଁ ଜେଣ ଲେଖାଏ ଏଏନ୍‌ଏମ୍‌ଙ୍କୁ ନିୟୋଜିତ କରାଯାଇଛି। ଛାତ୍ରୀମାନଙ୍କ ଅଭିଯୋଗ ଶୁଣାଣି ପାଇଁ ରାଜ୍ୟ ସ୍ତରରେ ଏକ ସ୍ୱତନ୍ତ୍ର ସ୍କୁଲ ହଷ୍ଟେଲ ମନିଟରିଂ ୟୁନିଟ ରହିଛି। ଭୁବନେଶ୍ୱର ପ୍ରଦର୍ଶନୀ ପଡିଆଠାରେ ଏକ କଣ୍ଟ୍ରୋଲ ରୁମ ଖୋଲା ଯାଇଛି। ଆବାସିକ ବିଦ୍ୟାଳୟ ପରିସର ଉପରେ ନଜର ରଖିବାକୁ ୧୧୨୦ଟି ସିସିଟିଭି କ୍ୟାମେରା ଲଗାଯାଇଛି ବୋଲି ମନ୍ତ୍ରୀ ଗୃହକୁ ଅବଗତ କରାଇଛନ୍ତି।

## ଢଗଢମାଳି

(କ୍ରମେ ଲୋକମୁଖରୁ ଓ ଜନମାନସରୁ ବିସ୍ମୃତ ହେଉଥିବା ଢଗଢମାଳିକୁ ପାଠିକା-ପାଠକଙ୍କ ନିକଟରେ ପହଞ୍ଚାଇବା ସକାଶେ ଧରିତ୍ରୀର ପ୍ରୟାସ)

**ଘର ଦେଖ, ବର ଦେଖ,**
**କାନ୍ଥ ଭାଙ୍ଗି କୁଜ ଦେଖ ।**

ଝିଅଟିଏ ବିବାହ ଦେବା ପୂର୍ବରୁ ପୁଅ ଘରର ଖାନଦାନି, ଚାଲିଚଳନ, ପୁଅର ଖୁଣ, ଗୁଣ, ସ୍ୱଭାବ, ରୂପ, ରୋଗ ବୈରାଗ ଆଦି ଦେଖି ସବୁ ଜାଣି ଧୀରସ୍ଥିର ଭାବରେ ସ୍ଥିର କରିବା ଦରକାର। କୌଣସି ନିଷ୍ପତ୍ତି ନେବା ଆଗରୁ ଘଟଣାଟିକୁ ଭଲ ଭାବରେ ସବୁ ଦିଗରୁ ତର୍ଜମା କରି ବୁଝିବା ଯଥାର୍ଥ ଅର୍ଥରେ ଏଭଳି ଉକ୍ତି ଉଲ୍ଲେଖ କରାଯାଇଛି।

**ଘଇତା ଅଯୋଗ୍ୟ ପଣେ,**
**ମାଇପ ଶୁଏ ସନ୍ତରା ବଣେ ।**

ଗୃହକର୍ତ୍ତା ବା ସ୍ୱାମୀ ଅଯୋଗ୍ୟ ହେଲେ ସ୍ତ୍ରୀର ଦୁଃଖକଷ୍ଟ ଦ୍ୱିଗୁଣିତ ହୋଇଯାଏ। ଫଳରେ ଘର ଚଳେଇବା ପାଇଁ ସେ ପରର ଆଶ୍ରା ନେଇଥାଏ। ପରଲୋକ ଯାହା କୁହେ ସେ ସେଇ ଅନୁସାରେ ଚଳିଥାଏ ଓ ସେଥିରେ ସାଲିସ କରିନେବା ଛଡ଼ା ତା'ପକ୍ଷେ ଆଉ କିଛି ଚାରା ରହୁ ନ ଥିବା ଅର୍ଥରେ ଏଭଳି ଉକ୍ତି ପ୍ରକାଶ କରାଯାଇଛି।

ନିର୍ବାଚିତ ଢଗଢମାଳି, ପ୍ରବାଦ, ପ୍ରବଚନ ଓ ଅନ୍ୟାନ୍ୟ
– ପ୍ରାଚୀ ସାହିତ୍ୟ ପ୍ରତିଷ୍ଠାନ

## ଆଜି ଯୁକ୍ତ୨ ସ୍ପଟ୍ ସିଲେକ୍ସନ ମେରିଟ୍ ଲିଷ୍ଟ

ଭୁବନେଶ୍ୱର, ୧୯।୭(ବ୍ୟୁରୋ)

ଯୁକ୍ତ୨ ପ୍ରଥମ ବର୍ଷ ନାମଲେଖା ପାଇଁ ଦୁଇଟି ପର୍ଯ୍ୟାୟ ନାମଲେଖା ଶେଷ ହୋଇଛି। ଶନିବାର ସ୍ପଟ୍ ସିଲେକ୍ସନ ମେରିଟ୍ ଲିଷ୍ଟ ପ୍ରକାଶ ପାଇବ। ଏଥିରେ ମନୋନୀତ ଛାତ୍ରୀଛାତ୍ରମାନେ ଆସନ୍ତା ୨୫ରୁ ୨୭ ତାରିଖ ମଧ୍ୟରେ ନାମ ଲେଖାଇବେ। ନାମଲେଖାଇଥିବା ଛାତ୍ରୀଛାତ୍ରଙ୍କ ଚୂଡ଼ାନ୍ତ ତଥ୍ୟ ୨୭ ତାରିଖ ଅପରାହ୍ନ ୫ଟାରେ ଇ-ସ୍ପେସ୍‌ରେ ପ୍ରକାଶ ପାଇବ। ୨୯ ତାରିଖରୁ ପାଠପଢ଼ା ଆରମ୍ଭ ହେବ ବୋଲି ଉଚ୍ଚ ମାଧ୍ୟମିକ ଶିକ୍ଷା ନିର୍ଦ୍ଦେଶାଳୟ ପକ୍ଷରୁ ସୂଚନା ଦିଆଯାଇଛି।

■ ପଞ୍ଚାୟତିରାଜ ଓ ପାନୀୟ ଜଳ ବିଭାଗ ଖର୍ଚ୍ଚ ଦାବି ଆଲୋଚନା

# ପେସା ଆଇନ କଥା ଉଠାଇଲେ ନରସିଂହ

ଭୁବନେଶ୍ୱର, ୧୯।୭(ବ୍ୟୁରୋ)

ବିଧାନସଭାରେ ଶୁକ୍ରବାର ଅପରାହ୍ନରେ ପଞ୍ଚାୟତିରାଜ ଓ ପାନୀୟ ଜଳ ବିଭାଗର ଖର୍ଚ୍ଚ ଦାବି ଉପରେ ଆଲୋଚନା ପାଇଁ ବାଚସ୍ପତି ସୂର୍ଯ୍ୟ ନାରାୟଣ ପାତ୍ର କହିଥିଲେ। ଏହି ସମୟରେ କଂଗ୍ରେସ ସଦସ୍ୟ ସୁରେଶ କୁମାର ରାଉତରାୟ ପଏଣ୍ଟ ଅଫ ଅର୍ଡର ଆଣି ନନ୍ଦନକାନନ ସୁରକ୍ଷା ବିଷୟରେ କହିଥିଲେ। ବାତ୍ୟା ଫନୀ ଯୋଗୁ ନନ୍ଦନକାନନ ପ୍ରାଣୀ ଉଦ୍ୟାନର ଅନେକ ଗଛ ଭାଙ୍ଗିଯାଇଛି। ବହୁ ପଶୁ, ପକ୍ଷୀଙ୍କ ମୃତ୍ୟୁ ଘଟିଛି। ଆଉ ପଶୁ ଏବଂ ପକ୍ଷୀ ଆଣିବା ବ୍ୟବସ୍ଥା କରାଯାଉନାହିଁ। ଏହା ରାଜ୍ୟର ଜଣାଶୁଣା ପର୍ଯ୍ୟଟନସ୍ଥଳୀ। ବାହାର ରାଜ୍ୟରୁ ବହୁ ପର୍ଯ୍ୟଟକ ଆସୁଛନ୍ତି। ବିଭାଗୀୟ ମନ୍ତ୍ରୀ କେମିତିକା ଲୋକ, ଏନେଇ ଟିକେ ହେଲେ ଚିନ୍ତା କରୁନାହାନ୍ତି। ତୁରନ୍ତ ଏ ଦିଗରେ ଗୁରୁତ୍ୱ ଦେବା ପାଇଁ ସୁରେଶ କହିଥିଲେ। ଏହାପରେ ଉପରୋକ୍ତ ଖର୍ଚ୍ଚ ଦାବି ଆଲୋଚନା ଆରମ୍ଭ ହୋଇଥିଲା। ଭାଜପା ସଦସ୍ୟ ବିଷ୍ଣୁଚରଣ ସେଠୀ ପଞ୍ଚାୟତିରାଜ ଓ ପାନୀୟ ଜଳ ବିଭାଗ ଖର୍ଚ୍ଚ ଦାବିକୁ ସମର୍ଥନ କରୁ ନ ଥିବା କହିଥିଲେ। ସେ କହିଥିଲେ ଯେ, କାମଚଳା ମନ୍ତ୍ରୀ ଯେଉଁ ବଜେଟ୍ ଆଗତ କରିଛନ୍ତି, ସେଥିରେ କେବଳ ଭୁଲ୍ ତଥ୍ୟ ଦିଆଯାଇଛି। ୭୨ବର୍ଷ ତଳେ ଦେଶକୁ ଦଳେ ଗୋରା ସାହେବ ଶାସନ କରୁଥିଲେ। ବର୍ତ୍ତମାନ କେତେଜଣ କୃଷ୍ଣ ସାହେବ ଶାସନ ଚଳାଇଛନ୍ତି। ପିସି ଦେଇଦେଲେ ସରକାରୀ ଯୋଜନା ମିଳିବାରେ ଅସୁବିଧା ନାହିଁ। ଘର ନ କଲେ ମଧ୍ୟ ସରକାରୀ ଯୋଜନାରେ ଗୃହ ନିର୍ମାଣ ପାଇଁ ବିଲ୍ ମିଳିଯିବ। ଏହି ଅବସରରେ ଜଣେ ମହିଳା ଖବରଦାତାଙ୍କୁ ପାଟକୁରାରେ ଆକ୍ରମଣ ନେଇ ସେ ସରକାରଙ୍କୁ ଟାର୍ଗେଟ କରିଥିଲେ। ଏହାପରେ ବରିଷ୍ଠ କଂଗ୍ରେସ ନେତା ନରସିଂହ ମିଶ୍ର ବିଭାଗର ବିଭିନ୍ନ ପ୍ରକାର ଅନିୟମିତତାର ତଥ୍ୟ ରଖି ରାଜ୍ୟ ସରକାରଙ୍କ ଉପରେ ବର୍ଷିଥିଲେ। ଏହାସହ ଆଦିବାସୀଙ୍କ ସଶକ୍ତୀକରଣ ଓ ସ୍ୱାର୍ଥ ସୁରକ୍ଷା ସମ୍ପର୍କିତ ପେସା(ପଞ୍ଚାୟତ ଏକ୍ସଟେନଶନ ଟୁ ଦି ସିଡ୍ୟୁଲ ଏରିଆଜ୍) ଆଇନ କଥା ଉଠାଇଥିଲେ। ପେସା ଆଇନ ପାର୍ଲାମେଣ୍ଟରେ ପାସ୍ ହୋଇଯାଇଛି। ଏହାର ରୁଲ୍ ରେଗୁଲେଶନ ରାଜ୍ୟ କରିବା କଥା। ଏହାହେଲେ ଆଦିବାସୀ ଜିଲାଗୁଡିକ ଅଧିକ କ୍ଷମତା ପାଇପାରିବେ। ସେଥିର ସବୁ ପଦ ପଦବୀରେ ଏସ୍‌ସି, ଏସ୍‌ଟି ରହିବେ। ସେହିପରି ପଞ୍ଚାୟତ ଆକ୍ଟ ଆମେଣ୍ଡମେଣ୍ଟ କରାଯିବା କଥା ମଧ୍ୟ କହି ସେ ବର୍ଷିଥିଲେ। ନରସିଂହ ଆହୁରି କହିଥିଲେ ଯେ, ପିଇବା ପାଣି କଥା ଉଠିଲେ ବଲାଙ୍ଗୀର ଜିଲା ସିକାପାଲି ବ୍ଲକ କଥା ମନେପଡ଼େ। ପ୍ରଥମେ ସେଠାକାର ଲୋକେ ପଥର ଖାଇ ବଞ୍ଚୁଥିଲେ। ଶେଷରେ ପାଣି ପିଇ ବହୁ ଲୋକ ମରିଲେ। ମୁଖ୍ୟମନ୍ତ୍ରୀ ପାଣି ସମସ୍ୟା ସମାଧାନ ପାଇଁ ରାଜି ହୋଇଗଲେ। ମାତ୍ର ଟେଣ୍ଡର ପ୍ରକ୍ରିୟାକୁ ନେଇ ସରକାରୀ ଖେଳ ଚାଲିଲା। ଏବେ ମଧ୍ୟ ସେହି ମାମଲା କୋର୍ଟରେ ଅଛି। ଏହି ଘଟଣାକୁ ୧୫ ବର୍ଷ ହୋଇଗଲା, ଅର୍ଥାତ୍ ସେହି ଗ୍ରାମ ଲୋକ କେବେହେଲେ ଭଲ ପାଣି ପିଇବେନାହିଁ। ଅନ୍ୟପଟେ ନାଥୁରାମ ଗଡ୍‌ସେଙ୍କ ମନ୍ଦିର ଭାଜପା ତିଆରି କରିବାକୁ ଚାହୁଁଥିବା କହି ସେ ବର୍ଷିଛନ୍ତି।

## ଆଉ ୫ ମାମଲାରୁ ନିର୍ଦ୍ଦୋଷରେ ଖଲାସ ହେଲେ ସବ୍ୟସାଚୀ

ପାରଳାଖେମୁଣ୍ଡି, ୧୯।୭ (ସ୍ୱ.ପ୍ର.)

ମାଓବାଦୀ ନେତା ସବ୍ୟସାଚୀ ପଣ୍ଡା ଆଉ ୫ଟି ମାମଲାରୁ ନିର୍ଦ୍ଦୋଷରେ ଖଲାସ ହୋଇଛନ୍ତି। ଗୁରୁବାର ଅତିରିକ୍ତ ଜିଲା ଦୌରାଜଜ୍ ଅରୁଣ ସାହୁଙ୍କ କୋର୍ଟରେ ରାଇପଙ୍କା ବସ୍ ପୋଡ଼ି, ଟାୱାର ପୋଡ଼ି ଓ ବିରିକୋଟ ଟାୱାରପୋଡ଼ି ମାମଲାର ଶୁଣାଣି କରି ସାକ୍ଷ୍ୟ ପ୍ରମାଣ ଅଭାବରୁ ତାଙ୍କୁ ନିର୍ଦ୍ଦୋଷରେ ଖଲାସ କରିଥିଲେ। ସେହିପରି ଶୁକ୍ରବାର ପାରଳାଖେମୁଣ୍ଡିସ୍ଥିତ ଜିଲା କୋର୍ଟ ପରିସରରେ ଅନ୍ୟ ୨ଟି ମାମଲା ଯଥା ୨୦୧୨ ଜୁନ୍ ୨୨ରେ ଲୁହାଗୁଡ଼ିଠାରେ ମାଓବାଦୀ ସାମଗ୍ରୀ ଜବତ ଘଟଣା ଓ ୨୦୧୩ ପ୍ରକାଶ ଦଳବେହେରା ଓ ପ୍ରଫୁଲ ଦଳବେହେରା ଅପହରଣ ମାମଲାରେ ତାଙ୍କୁ ଖଲାସ କରାଯାଇଛି।

ROGI KALYAN SAMITI, DHH, DEOGARH
(OFFICE OF THE CHIEF DISTRICT MEDICAL & PUBLIC HEALTH OFFICER)
Department of Health & Family Welfare, Govt. of Odisha
No.137-E
No.3484
TENDER CALL NOTICE
Date: 18.07.2019
Sealed tenders are invited in the prescribed format from reputed, credible, experienced Firms / Agencies / Company having valid EPF, ESI, IT returns of last three Assessment years (i.e 2015-16, 2016-17 & 2017-18), valid PAN, valid Goods & Service Tax (GST) certificate and having adequate experience in Bio-Medical Waste Management. The Last date of receiving the tender is dtd.03.08.2019 up to 05:00 P.M. for the detail advertisement and terms & conditions please log on to www.deogarh.nic.in.
Sd./-
10113/11/0001/1920
CDM & PHO-cum-Co-Chairperson, RKS DHH, Deogarh

CLASSIFIED DISPLAY
TARIFF — MORE SPACE • SAME PRICE — GST 5%

| For Single Day | | For 7 Days | | For 15 Days | | For 30 days | |
|---|---|---|---|---|---|---|---|
| 6 x 4 | 12 x 4 | 6 x 4 | 12 x 4 | 6 x 4 | 12 x 4 | 6 x 4 | 12 x 4 |
| 1,500.00 | 2,000.00 | 6,000.00 | 12,000.00 | 12,000.00 | 25,000.00 | 20,000.00 | 40,000.00 |

ALL EDITION - B/W (Everyday)
for Booking Contact:
0674-2580385, 7894447148, 7894447131, 9337021532, 7894447167, 7894447165

ଫ୍ରି ସେବା କୌଣସି ଫିସ୍ ନାହିଁ
ଭଲ କାମର ପରିଣତି ଭଲ ହୋଇଥାଏ
MY PROMISE
ଅଘୋରୀ ତାନ୍ତ୍ରିକ ବାବା ଓମପ୍ରକାଶ ଶାସ୍ତ୍ରୀ
ବଶୀକରଣ, ମୁଠକରଣୀ ସ୍ପେଶାଲିଷ୍ଟ
ପ୍ରେମବିବାହ, ମନ ଚାହୁଁଥିବା ପ୍ରେମ, ଗୃହକ୍ଲେଶ, ଚାକିରି, ବ୍ୟବସାୟ, ବିବାହରେ ବାଧା, ସ୍ୱାମୀ, ସ୍ତ୍ରୀ ମନୋମାଳିନ୍ୟ, ସଉତୁଣୀ, ଶତ୍ରୁ ମୁକ୍ତି, 3 ଘଣ୍ଟାରେ ଘରେ ବସି ସମାଧାନ।
Khamarisahi, Mahipur, Nayagarh
81 26 92 24 05

FINANCE

ଲୋନ! ଲୋନ! ଲୋନ
BFC FINANCE
୧ ରୁ ୫୦ ଲକ୍ଷ୍ୟ ଲୋନ
ଗୃହଋଣ, ମାର୍କସିଟ ପର୍ସନାଲ, ବିଜନେସ୍, କୃଷି, ବ୍ୟବସାୟ, ସମ୍ପତି, କୁକୁଡାପାଳନ, ଇଟାଭାଟି, ଆଧାର କାର୍ଡ, ରାସନ କାର୍ଡ, ଆଦି ସମସ୍ତ ଋଣ
ବେରୋଜଗାର ଓ ମହିଳାଙ୍କୁ ବିଶେଷ ଛାଡ
୧% ସୁଧ ୫୦% ରିହାତି
85058-11813
85058-50178
bharatloanonline@gmail.com
A-25 8th Floor Ambadeep Building Connaught Place, New Delhi - 110001

BANA DURGA FINANCE
BANA DURGA FINANCE
ସମସ୍ତ ପ୍ରକାର LOAN ଠିକ୍ ସୁଧରେ ଘରେ ବସି ପାଆନ୍ତୁ। ପର୍ସନାଲ, ବିଜନେସ୍, ମାର୍କସିଟ୍, ଗୃହ, କୃଷି, ଶିକ୍ଷା, କୁକୁଡ଼ା ପାଳନ ଓ ଗାଈ LOAN ଆଦି ସମସ୍ତ ପ୍ରକାର LOAN ପାଇପାରିବେ। ସୁଧ–1% ।
Help LINE
9658224556
7381163847
C-47/8, A-Block, Vijay Enclave Burrari, New Delhi-75, Maipada, Chhindeikela, Paikmal, Bargarh-768050

ଖର୍ଚ୍ଚ ଋଣ ମଞ୍ଜୁର ହେବା ପରେ
25 ବର୍ଷ ଧରି ଆପଣଙ୍କ ସେବାରେ
JEEVANJYOTI FINANCE PVT. LTD.
ମାର୍କଶିଟ୍, ପ୍ରପର୍ଟି ଆଧାରକାର୍ଡ, ପର୍ସନାଲ
ସବୁ ଋଣ ମାତ୍ର 24 ଘଣ୍ଟାରେ
2% ସୁଧ, 50% ରିହାତି
ଠକାମିର ଶିକାର ବ୍ୟକ୍ତି ନିଶ୍ଚୟ କଲ୍ କରନ୍ତୁ
କାମ ଆମର, ବିଶ୍ୱାସ ଆପଣଙ୍କର
ମହିଳା, ବିଦ୍ୟାର୍ଥୀଙ୍କ ପାଇଁ ବିଶେଷ ରିହାତି
8765256101
B-36/7 A-Block Vijay Enclave Burari, New Delhi-74

ଲୋନ! ଲୋନ! ଲୋନ
୧ ରୁ ୫୦ ଲକ୍ଷ୍ୟ ଲୋନ
LAXMI NARAYAN FINANCE
ଗୃହଋଣ, ମାର୍କସିଟ ପର୍ସନାଲ, ବିଜନେସ୍, କୃଷି, ବ୍ୟବସାୟ, ସମ୍ପତି, କୁକୁଡାପାଳନ, ଇଟାଭାଟି, ଆଧାର କାର୍ଡ, ରାସନ କାର୍ଡ, ଆଦି ସମସ୍ତ ଋଣ
ବେରୋଜଗାର ଓ ମହିଳାଙ୍କୁ ବିଶେଷ ଛାଡ
୧% ସୁଧ ୫୦% ରିହାତି
88102-23468
laxminarayanfinancemp@gmail.com
82871-99144
Pandey bhawan hinoo ranchi

Laxmi Finance
ଲୋନ ପାଇବାର ସୁବର୍ଣ୍ଣ ସୁଯୋଗ। ସମସ୍ତ ପ୍ରକାରର ଲୋନ ଠିକ୍ ସୁଧରେ ଘରେ ବସି ପାଆନ୍ତୁ, CIBIL Defaulter ମଧ୍ୟ ସମ୍ପର୍କ କରନ୍ତୁ। ମହିଳାଙ୍କ ପାଇଁ ବିଶେଷ ଛାଡ଼, ବିଜ୍‌ନେସ୍ ପାଇଁ ସମ୍ପର୍କ କରନ୍ତୁ।
Address :-
201,202, 2nd floor, Shree Geeta Complex, MG Road, Bhojeswar, Porbandar- 360575
9818583049

ଭଗବାନ ଚାହିଁଲେ ଲହୁର ଲୁହ ବୁହାଇବାକୁ ଦେବି ନାହିଁ
କେବଳ 2 ଘଣ୍ଟାରେ ଘରେ ବସି 100% ଗ୍ୟାରେଣ୍ଟିଯୁକ୍ତ ସମାଧାନ
ମୁଁ କରିଥିବା କାମକୁ କାଟିଥିବା ବ୍ୟକ୍ତିଙ୍କୁ ଦାବି ମୁତାବକ ପୁରସ୍କାର
ସ୍ପେ. ପ୍ରେମବିବାହ, ସନ୍ତାନ ସମସ୍ୟା, ବିଦେଶ ଯାତ୍ରା, ରୋଗରେ ଔଷଧ କାମ ନ କରିବା, ଚାକିରିରେ ପଦୋନ୍ନତି, ପ୍ରପର୍ଟି, ସଉତୁଣୀ ଓ ଶତ୍ରୁ ମୁକ୍ତି, ଭୂତ-ପ୍ରେତ, ଗୁଣିଗାରେଡ଼ି, ମୁଠକରଣୀ, ତନ୍ତ୍ର-ମନ୍ତ୍ର ବଶୀକରଣ, କଳା ଯାଦୁ ଇତ୍ୟାଦି।
ମିଆଁ ମଲଖାନ ଜୀ
09870155846

ଅଲ୍ ଇଣ୍ଡିଆ ଖୋଲା ଚ୍ୟାଲେଞ୍ଜ
2 ଘଣ୍ଟାରେ 100% ଗ୍ୟାରେଣ୍ଟିଡ୍ ସମାଧାନ
ତାନ୍ତ୍ରିକ ମାଷ୍ଟର କିଙ୍ଗ୍ ଖାନ୍‌ଙ୍କ ଖୋଲା ଘୋଷଣା
ବ୍ୟବସାୟ, ପ୍ରେମରେ ସମସ୍ୟା ଓ ଶତ୍ରୁ ମୁକ୍ତି, ଗୃହକ୍ଲେଶ ଓ ସ୍ୱାମୀ-ସ୍ତ୍ରୀଙ୍କ ଝଗଡ଼ା, ପ୍ରେମବିବାହ, ପ୍ରପର୍ଟି, କୋର୍ଟ କେସ୍, ଗୁପ୍ତରୋଗରେ ଔଷଧ କାମ ନ କରିବା, ପୁରୁଣା ପୀଡ଼ାରେ ଔଷଧ କାମ ନ କରିବା, ଯାଦୁ-ଟୋନା, ବଶୀକରଣ, ଗୁଣିଗାରେଡ଼ି, ବିବାହରେ ବାଧା, ମନପସନ୍ଦ ପ୍ରେମ।
A to Z ସମସ୍ୟାର ସମାଧାନ ଘରେ ବସି।
ସ୍ପେଶାଲିଷ୍ଟ ବଶୀକରଣ, ମୁଠକରଣୀ ଏବଂ କଳା ଯାଦୁ
ଆମେ କରିଥିବା କାମକୁ ଯଦି କୌଣସି ଜ୍ୟୋତିଷ, ପଣ୍ଡିତ କିମ୍ବା ମୌଲବୀ କାଟିଦିଅନ୍ତି ତେବେ ତାଙ୍କୁ ଦାବି ମୁତାବକ ପୁରସ୍କାର।
ବାବା ଆମିଲ ସୁଫି
9540938429
9903852257
ରାମ ମନ୍ଦିର, ସତ୍ୟନଗର, ଭୁବନେଶ୍ୱର

FINANCE
କ୍ୟାପିଟାଲ ଫାଇନାନ୍ସ
ସରକାରୀ ଯୋଜନା ଦ୍ୱାରା ନିଜର ମାର୍କସିଟ, ଆଧାରକାର୍ଡ, କୃଷି, ସମ୍ପତି, ବ୍ୟକ୍ତିଗତ ଋଣ ମାତ୍ର ୨୪ ଘଣ୍ଟାରେ ।
୨% ସୁଧ ୪୦%ଛାଡ । ଘରେ ବସି ପାଆନ୍ତୁ ।
ମହିଳା ଓ ବିଦ୍ୟାର୍ଥୀମାନଙ୍କ ପାଇଁ ସ୍ୱତନ୍ତ୍ର ସୁବିଧା
Mahaveer Nagar, Lewis Road, Bangalore
7894251618

ଖର୍ଚ୍ଚ ଋଣ ମଞ୍ଜୁର ହେବା ପରେ
CAPITAL FINANCE LTD.
(Registration No. - U6519TN198PLC00855)
ମାର୍କଶିଟ୍, ପ୍ରପର୍ଟି, ପର୍ସନାଲ, ଇଟାଭାଟି, ପଶୁପାଳନ, ମତ୍ସ୍ୟଚାଷ, ରାଶନ କାର୍ଡ ଏବଂ ସବୁ ପ୍ରକାର ଋଣ ଘରେ ବସି ପାଆନ୍ତୁ 2ରୁ 3 ଦିନରେ 2% ସୁଧ 40% ରିହାତି। ମହିଳା ଓ ବିଦ୍ୟାର୍ଥୀଙ୍କ ପାଇଁ ବିଶେଷ ରିହାତି।
- Helpline -
08765350210
PO- BARAHAGODA, BARAHAGODA, BARGARH, ODISHA 768040

ASTROLOGY

ଭଟକିବାରୁ ବଞ୍ଚନ୍ତୁ କୌଣସି ବି କାମ
ବାବା ଅଘୋରୀ ତାନ୍ତ୍ରିକ
(ସ୍ପେଶାଲିଷ୍ଟ - ବଶୀକରଣ)
ପ୍ରେମବିବାହ,ପତି-ପତ୍ନି ମଧ୍ୟରେ ଝଗଡା, ବ୍ୟବସାୟରେ ସମସ୍ୟା, ସଉତୁଣୀ, ଶତ୍ରୁଠାରୁ ମୁକ୍ତି, ରାଗିଥିବା ଲୋକଙ୍କୁ ମନେଇବା, ଗୃହକ୍ଲେଶ,ବିବାହରେ ସମସ୍ୟା, ଔଷଧ କାମ ନ କରିବା, ଜାଦୁଟୋନା, କୋର୍ଟ କେସ୍, ତନ୍ତ୍ରମନ୍ତ୍ର ସମ୍ରାଟ, ମୁଠାକରଣୀ ଖୋଲା ଚ୍ୟାଲେଞ୍ଜ, ୩ ଘଣ୍ଟାରେ ୧୦୦% ସମାଧାନ - A To Z ଘରେବସି
ଗୋଟିଏ ଫୋନ୍ ଆପଣଙ୍କ ଜୀବନ ବଦଳେଇପାରେ
ମୁଁ କରିଥିବା କାମକୁ କାଟିବା ଲୋକଙ୍କୁ ମନମୁତାବକ ପୁରସ୍କାର
ସଚ୍ଚାପ୍ରେମୀ ନିରାଶ କାହିଁକି ?
କାଳି ମନ୍ଦିର, ବରମୁଣ୍ଡା ପାଖ, ଭୁବନେଶ୍ୱର
9899587663
8743922900

COLOR DISPLAY CLASSIFIED

| SIZE | 15 days | 8 days | 4 days | Single day |
|---|---|---|---|---|
| 6 X 8 | 40,000 | 20,000 | 11,000 | 2,800 |

GST 5% will be added extra
on every Tuesday & Friday

**ପାଠକଙ୍କ ପାଇଁ ସୂଚନା:** ଏହି ପୃଷ୍ଠାରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଇଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।

# DISTRICT OFFICE, KHORDHA

**Special Land Acquisition (NH) Cell,**
**Land Acquisition Officer (NH) and Competent Authority,**
**Plot No. 318 (Dharakote House), Kharvel Nagar, Unit-III, Bhubaneswar-751001,**
**Tel. No.: (0674)-2394492**

## PUBLIC NOTICE

**No.: 447** **Date: 19.07.2019**

In exercise of powers conferred by sub-section (1) of section 3(A) of the National Highway Act, 1956 (48 of 1956) (hereinafter referred to as the said Act), the Central Government, after being satisfied that for the public purpose, the land, the brief description of which is given in the Schedule below, is required for building (widening / two lane with paved shoulder/four laning etc.), maintenance, management and operation of National Highway No. 57, in the Stretch of land from Km.294.2 to Km.300.3 (Khordha Bypass) in the district of KHORDHA in the State of ODISHA, hereby declares its intention to acquire such land vide their Gazette Notification No. S.O. 2019(E) dt. 20th June, 2019.

Any person interested in the said land may, within twenty-one days from the date of the publication of this notification, object to the use of such land for the aforesaid purpose under sub-section (1) of section 3C of the said Act.

Every such objection shall be made to the **Competent Authority-cum-L.A.O.(NH) Khordha at Bhubaneswar** in writing and shall set out the grounds thereof and the competent authority shall give the objector an opportunity of being heard, either in person or by a legal practitioner, and may, after hearing all such objections and after making such further enquiry, if any, as the competent authority thinks necessary, by order, either allow or disallow the objections. Such objection addressed to CA-cum-L.A.O (NH) may either be delivered to the staff deployed in the **Khordha Collectorate, Nizarat Section** or sent by post in the following address-

Land Acquisition Officer (NH) and Completent Authority, Plot No. 318 (Dharakote House), Kharavela Nagar, Unit-III, Bhubaneswar-751001, Tel. No. (0674) 2394492.

Any order made by the competent authority under sub-section (2) of section 3C of the said Act shall be final.

The land plans and other details of the land to be acquired under this notification are available and can be inspected by the interested person at the aforesaid office of the competent authority during working hours.

**Sd/-**
**Land Acquisition Officer (NH) & Competent Authority,**
**Khordha, Bhubaneswar**

**MINISTRY OF ROAD TRANSPORT AND HIGHWAYS**

## NOTIFICATION

**New Delhi, the 20th June, 2019**

**S.O: 2019(E)-** In exercise of powers conferred by sub-section (1) of section 3A of the National Highways Act, 1956 (48 of 1956) (hereinafter referred to as the said Act), the Central Government, after being satisfied that for the public purpose, the land, the brief description of which is given in the Schedule below, is required for building (widening / two lane with paved shoulder/four laning etc.), maintenance, management and operation of NH57 in the stretch of land from Km. 294.2 to Km. 300.3 (Khordha Bypass) in the district of KHORDHA in the state of ODISHA, hereby declares its intention to acquire such land.

Any person interested in the said land may, within twenty-one days from the date of publication of this notification in the Official Gazette, object to the use of such land for the aforesaid purpose under sub-section (1) of section 3C of the said Act.

Every such objection shall be made to the Competent Authority, namely, Land Acquisition Officer (NH) & Competent Authority, Khordha at Bhubaneswar in writing and shall set out the grounds thereof and the Competent Authority shall give the objector an opportunity of being heard, either in person or by a legal practitioner, and may, after hearing all such objections and after making such further enquiry, if any, as the Competent Authority thinks necessary, by order, either allow or disallow the objections.

Any order made by the Competent Authority under sub-section (2) of section 3C of the said Act shall be final.

The land plans and other details of the land to be acquired under their notification are available and can be inspected by the interested person at the aforesaid office of the Competent Authority.

**SCHEDULE**

**Brief description of the land to be acquired with or without structure falling NH57 in the stretch of land from 294.2 to 300.3 (Khordha Bypass) in the district of KHORDHA in the state of ODISHA.**

**State: ODISHA District: KHORDHA**

| Sl. No. | Survey / Plot Number | Type of Land | Nature of Land | Area (in Local Unit) | Area (in Hectare) |
|---|---|---|---|---|---|
| **Taluk : Khordha** | | | | | |
| **Village: Gurujanga** | | | | | |
| 1. | 1053 | Government | Sadak | 0.0243000(Hectare) | 0.0243000 |
| 2. | 1079 | Private | Sarad -3 | 0.1983000(Hectare) | 0.1983000 |
| 3. | 1080 | Private | Sarad -2 | 0.0890000(Hectare) | 0.0890000 |
| 4. | 1081 | Private | Sarad -2 | 0.1659000(Hectare) | 0.1659000 |
| 5. | 1082 | Private | Sarad -2 | 0.0243000(Hectare) | 0.0243000 |
| 6. | 1095 | Private | Sarad Dofasli -2 | 0.0040000(Hectare) | 0.0040000 |
| 7. | 1096 | Private | Sarad -2 | 0.2104000(Hectare) | 0.2104000 |
| 8. | 1096/1800 | Private | Sarad -2 | 0.0324000(Hectare) | 0.0324000 |
| 9. | 1097 | Private | Sarad -2 | 0.0040000(Hectare) | 0.0040000 |
| 10. | 1098 | Private | Sarad Dofasali -2 | 0.1457000(Hectare) | 0.1457000 |
| 11. | 1099 | Private | Sarad Dofasali -2 | 0.1862000(Hectare) | 0.1862000 |
| 12. | 1101 | Private | Sarad Dofasali -2 | 0.1659000(Hectare) | 0.1659000 |
| 13. | 1102 | Private | Sarad Dofasali -2 | 0.0809000(Hectare) | 0.0809000 |
| 14. | 1103 | Private | Sarad -2 | 0.2104000(Hectare) | 0.2104000 |
| 15. | 1104 | Private | Sarad Dofasali -2 | 0.1012000(Hectare) | 0.1012000 |
| 16. | 1105 | Private | Sarad Dofasali -2 | 0.0546000(Hectare) | 0.0546000 |
| 17. | 1133 | Private | Sarad Dofasali -2 | 0.2995000(Hectare) | 0.2995000 |
| 18. | 1134 | Private | Sarad Dofasali -2 | 0.0405000(Hectare) | 0.0405000 |
| 19. | 1135 | Private | Sarad -2 | 0.1619000(Hectare) | 0.1619000 |
| 20. | 1136 | Private | Sarad Dofasali -2 | 0.1093000(Hectare) | 0.1093000 |
| 21. | 1137 | Private | Sarad Dofasali -2 | 0.3683000(Hectare) | 0.3683000 |
| 22. | 1138 | Private | Sarad -2 | 0.0040000(Hectare) | 0.0040000 |
| 23. | 1139 | Private | Sarad Dofasali -2 | 0.1821000(Hectare) | 0.1821000 |
| 24. | 1140 | Private | Sarad Dofasali -2 | 0.0607000(Hectare) | 0.0607000 |
| 25. | 1141 | Private | Sarad -2 | 0.0567000(Hectare) | 0.0567000 |
| 26. | 1142 | Private | Sarad -2 | 0.0526000(Hectare) | 0.0526000 |
| 27. | 1143 | Private | Sarad -2 | 0.0445000(Hectare) | 0.0445000 |
| 28. | 1144 | Private | Sarad -2 | 0.0162000(Hectare) | 0.0162000 |
| 29. | 1147 | Private | Sarad Dofasali -2 | 0.0607000(Hectare) | 0.0607000 |
| 30. | 1148 | Private | Sarad Dofasali -2 | 0.0243000(Hectare) | 0.0243000 |
| 31. | 1198 | Private | Sarad -2 | 0.0971000(Hectare) | 0.0971000 |
| 32. | 1199 | Private | Sarad -2 | 0.1497000(Hectare) | 0.1497000 |
| 33. | 1200 | Private | Sarad -2 | 0.1052000(Hectare) | 0.1052000 |
| 34. | 1201 | Private | Sarad -2 | 0.0040000(Hectare) | 0.0040000 |
| 35. | 1202 | Government | Paninal | 0.0567000(Hectare) | 0.0567000 |
| 36. | 30 | Government | Puratan Patit | 0.9470000(Hectare) | 0.9470000 |
| 37. | 32 | Private | Sarad -3 | 0.0040000(Hectare) | 0.0040000 |
| 38. | 53 | Private | Sarad -3 | 0.0060000(Hectare) | 0.0060000 |
| 39. | 56 | Private | Sarad -3 | 0.0510000(Hectare) | 0.0510000 |
| 40. | 57 | Private | Sarad -3 | 0.0506000(Hectare) | 0.0506000 |
| 41. | 58 | Private | Puratan Patit | 0.1979000(Hectare) | 0.1979000 |
| 42. | 62 | Government | Puratan Patit | 0.3460000(Hectare) | 0.3460000 |
| 43. | 69 | Private | Sarad -3 | 0.0121000(Hectare) | 0.0121000 |
| 44. | 70 | Private | Sarad -3 | 0.0850000(Hectare) | 0.0850000 |
| 45. | 71 | Private | Sarad -3 | 0.0607000(Hectare) | 0.0607000 |
| 46. | 72 | Private | Sarad -3 | 0.0486000(Hectare) | 0.0486000 |
| 47. | 73 | Private | Sarad -3 | 0.1133000(Hectare) | 0.1133000 |
| 48. | 74 | Private | Sarad -3 | 0.0567000(Hectare) | 0.0567000 |
| 49. | 74/1938 | Private | Sarad -3 | 0.0486000(Hectare) | 0.0486000 |
| 50. | 75 | Private | Sarad -3 | 0.0526000(Hectare) | 0.0526000 |
| 51. | 891 | Government | Puratan Patit | 1.5460000(Hectare) | 1.5460000 |
| 52. | 895 | Private | Puratan Patit | 0.1012000(Hectare) | 0.1012000 |
| 53. | 896 | Government | Gochar | 0.9349000(Hectare) | 0.9349000 |
| 54. | 897 | Government | Sadak | 0.0283000(Hectare) | 0.0283000 |
| 55. | 897/1791 | Government | Nayanjori | 0.0162000(Hectare) | 0.0162000 |
| 56. | 897/1792 | Government | Nayanjori | 0.0121000(Hectare) | 0.0121000 |
| 57. | 898 | Government | Gochar | 1.7038000(Hectare) | 1.7038000 |
| 58. | 90 | Government | Puratan Patit | 0.1263000(Hectare) | 0.1263000 |
| 59. | 91 | Private | Puratan Patit | 0.1886000(Hectare) | 0.1886000 |
| 60. | 916 | Private | Bagayat -2 | 0.0971000(Hectare) | 0.0971000 |
| 61. | 917 | Government | Gochar | 0.2590000(Hectare) | 0.2590000 |
| 62. | 918 | Private | Puratan Patit | 0.1133000(Hectare) | 0.1133000 |
| 63. | 919 | Private | Puratan Patit | 0.0850000(Hectare) | 0.0850000 |
| 64. | 921 | Private | Sarad -3 | 0.0081000(Hectare) | 0.0081000 |
| 65. | 922 | Private | Sarad -3 | 0.0648000(Hectare) | 0.0648000 |
| 66. | 923 | Private | Sarad -3 | 0.0324000(Hectare) | 0.0324000 |
| 67. | 923/1916 | Private | Sarad -3 | 0.0931000(Hectare) | 0.0931000 |
| 68. | 924 | Private | Sarad -3 | 0.0870000(Hectare) | 0.0870000 |
| 69. | 925 | Private | Sarad -3 | 0.0567000(Hectare) | 0.0567000 |
| 70. | 926 | Private | Puratan Patit | 0.0081000(Hectare) | 0.0081000 |
| 71. | 928 | Private | Sarad -3 | 0.0040000(Hectare) | 0.0040000 |
| 72. | 93 | Government | Puratan Patit | 0.9915000(Hectare) | 0.9915000 |
| 73. | 97 | Private | Sarad -3 | 0.0121000(Hectare) | 0.0121000 |
| 74. | 98 | Government | Puratan Patit | 0.0526000(Hectare) | 0.0526000 |
| **Village: Kanjiama** | | | | | |
| 1. | 242 | Government | Sarad -2 | 0.0607000(Hectare) | 0.0607000 |
| 2. | 243 | Private | Sarad -3 | 0.0364000(Hectare) | 0.0364000 |
| 3. | 244 /789 & 244 /955 | Private | Sarad -2 | 0.1052000(Hectare) | 0.1052000 |
| 4. | 247 | Private | Sarad -2 | 0.0243000(Hectare) | 0.0243000 |
| 5. | 248 | Private | Sarad -2 | 0.0963000(Hectare) | 0.0963000 |
| 6. | 249 | Private | Sarad -2 | 0.1052000(Hectare) | 0.1052000 |
| 7. | 258 | Private | Sarad -2 | 0.2104000(Hectare) | 0.2104000 |
| 8. | 261 | Private | Sarad -2 | 0.1093000(Hectare) | 0.1093000 |
| 9. | 262 | Private | Gharabari | 0.0081000(Hectare) | 0.0081000 |
| 10. | 263 | Private | Sarad -3 | 0.0688000(Hectare) | 0.0688000 |
| 11. | 264 | Private | Sarad -2 | 0.1295000(Hectare) | 0.1295000 |
| 12. | 265 | Private | Sarad -2 | 0.1497000(Hectare) | 0.1497000 |
| 13. | 267 | Private | Sarad -2 | 0.0081000(Hectare) | 0.0081000 |
| 14. | 268 | Private | Sarad -2 | 0.3399000(Hectare) | 0.3399000 |
| 15. | 271 | Private | Sarad -2 | 0.4654000(Hectare) | 0.4654000 |
| 16. | 273 | Private | Sarad -2 | 0.0971000(Hectare) | 0.0971000 |
| 17. | 273/486 | Private | Sarad -2 | 0.0052000(Hectare) | 0.0052000 |
| 18. | 274 | Private | Sarad-2 | 0.2914000(Hectare) | 0.2914000 |
| 19. | 275 | Private | Sarad-2 | 0.0243000(Hectare) | 0.0243000 |
| 20. | 276 | Private | Sarad-2 | 0.0769000(Hectare) | 0.0769000 |
| 21. | 277 | Government | Sarad-2 | 0.0486000(Hectare) | 0.0486000 |
| 22. | 278 | Private | Sarad-2 | 0.0809000(Hectare) | 0.0809000 |
| 23. | 279 | Private | Sarad -2 | 0.0202000(Hectare) | 0.0202000 |
| 24. | 280 | Private | Sarad -2 | 0.0004000(Hectare) | 0.0004000 |
| **Village: Kumbharbasta** | | | | | |
| 1. | 1621 | Private | Sarad-2 | 0.0405000(Hectare) | 0.0405000 |
| 2. | 1178 | Private | Sarad-2 | 0.0364000(Hectare) | 0.0364000 |
| 3. | 1179 | Private | Sarad-2 | 0.0162000(Hectare) | 0.0162000 |
| 4. | 1180 | Private | Sarad-2 | 0.0121000(Hectare) | 0.0121000 |
| 5. | 1215 | Private | Sarad-2 | 0.0405000(Hectare) | 0.0405000 |
| 6. | 1226 | Private | Sarad-2 | 0.0445000(Hectare) | 0.0445000 |
| 7. | 1227 | Private | Sarad-2 | 0.0728000(Hectare) | 0.0728000 |
| 8. | 1229 | Private | Sarad-2 | 0.0607000(Hectare) | 0.0607000 |
| 9. | 1230 | Private | Sarad-2 | 0.0486000(Hectare) | 0.0486000 |
| 10. | 1231 | Private | Sarad-3 | 0.0567000(Hectare) | 0.0567000 |
| 11. | 1232 | Private | Sarad-2 | 0.0405000(Hectare) | 0.0405000 |
| 12. | 1233 | Private | Sarad-2 | 0.0243000(Hectare) | 0.0243000 |
| 13. | 1234 | Private | Sarad-2 | 0.0769000(Hectare) | 0.0769000 |
| 14. | 1235 | Private | Sarad-2 | 0.0324000(Hectare) | 0.0324000 |
| 15. | 1237 | Private | Sarad-2 | 0.1012000(Hectare) | 0.1012000 |
| 16. | 1238 | Private | Sarad-2 | 0.0020000(Hectare) | 0.0020000 |
| 17. | 1239 | Private | Sarad-2 | 0.0324000(Hectare) | 0.0324000 |
| 18. | 1241 | Private | Sarad-2 | 0.1902000(Hectare) | 0.1902000 |
| 19. | 1243 | Private | Sarad-2 | 0.0809000(Hectare) | 0.0809000 |
| 20. | 1244 | Private | Sarad-2 | 0.0445000(Hectare) | 0.0445000 |
| 21. | 1246 | Private | Sarad-2 | 0.1578000(Hectare) | 0.1578000 |
| 22. | 1572 | Government | Paninal | 0.0283000(Hectare) | 0.0283000 |
| 23. | 1573 | Private | Sarad-2 | 0.0688000(Hectare) | 0.0688000 |
| 24. | 1574 | Private | Sarad-2 | 0.0121000(Hectare) | 0.0121000 |
| 25. | 1577 | Private | Sarad-2 | 0.0040000(Hectare) | 0.0040000 |
| 26. | 1578 | Private | Sarad-2 | 0.0283000(Hectare) | 0.0283000 |
| 27. | 1579 | Private | Sarad-2 | 0.0162000(Hectare) | 0.0162000 |
| 28. | 1580 | Private | Sarad-2 | 0.0121000(Hectare) | 0.0121000 |
| 29. | 1581 | Private | Sarad-2 | 0.0142000(Hectare) | 0.0142000 |
| 30. | 1582 | Private | Sarad-2 | 0.0081000(Hectare) | 0.0081000 |
| 31. | 1583 | Private | Sarad-2 | 0.0040000(Hectare) | 0.0040000 |
| 32. | 1585 | Private | Sarad-2 | 0.0567000(Hectare) | 0.0567000 |
| 33. | 1586 | Private | Sarad-2 | 0.0890000(Hectare) | 0.0890000 |
| 34. | 1587 | Private | Sarad-2 | 0.0648000(Hectare) | 0.0648000 |
| 35. | 1588 | Private | Sarad-2 | 0.0040000(Hectare) | 0.0040000 |
| 36. | 1590 | Private | Sarad-2 | 0.0040000(Hectare) | 0.0040000 |
| 37. | 1591 | Private | Sarad-2 | 0.0809000(Hectare) | 0.0809000 |
| 38. | 1592 | Private | Sarad-2 | 0.0648000(Hectare) | 0.0648000 |
| 39. | 1593 | Private | Sarad-2 | 0.0344000(Hectare) | 0.0344000 |
| 40. | 1594 | Private | Sarad-2 | 0.0728000(Hectare) | 0.0728000 |
| 41. | 1595 | Private | Sarad-2 | 0.0607000(Hectare) | 0.0607000 |
| 42. | 1596 | Private | Sarad-2 | 0.0223000(Hectare) | 0.0223000 |
| 43. | 1597 | Private | Sarad-2 | 0.0121000(Hectare) | 0.0121000 |
| 44. | 1599 | Government | Paninal | 0.0324000(Hectare) | 0.0324000 |
| 45. | 1601 | Private | Sarad-2 | 0.0567000(Hectare) | 0.0567000 |
| 46. | 1603 | Private | Sarad-2 | 0.0688000(Hectare) | 0.0688000 |
| 47. | 1604 | Private | Sarad-2 | 0.1214000(Hectare) | 0.1214000 |
| 48. | 1608 | Private | Sarad-2 | 0.0486000(Hectare) | 0.0486000 |
| 49. | 1609 | Private | Sarad-2 | 0.1659000(Hectare) | 0.1659000 |
| 50. | 1609/2062 | Private | Sarad-2 | 0.1943000(Hectare) | 0.1943000 |
| 51. | 1610 | Private | Sarad-2 | 0.0931000(Hectare) | 0.0931000 |
| 52. | 1614 | Private | Sarad-2 | 0.0850000(Hectare) | 0.0850000 |
| 53. | 1615 | Private | Sarad-2 | 0.1902000(Hectare) | 0.1902000 |
| 54. | 1616 | Private | Sarad-2 | 0.1133000(Hectare) | 0.1133000 |
| 55. | 1617 | Private | Sarad-2 | 0.0405000(Hectare) | 0.0405000 |
| 56. | 1622 | Private | Sarad-2 | 0.1093000(Hectare) | 0.1093000 |
| 57. | 1623 | Private | Sarad-2 | 0.0324000(Hectare) | 0.0324000 |
| 58. | 1624 | Private | Sarad-2 | 0.1497000(Hectare) | 0.1497000 |
| 59. | 1625 | Private | Sarad-2 | 0.0202000(Hectare) | 0.0202000 |
| 60. | 1625/1937 | Private | Sarad-2 | 0.0081000(Hectare) | 0.0081000 |
| 61. | 1625/2058 | Private | Sarad-2 | 0.0081000(Hectare) | 0.0081000 |
| 62. | 1626 | Private | Sarad-2 | 0.1093000(Hectare) | 0.1093000 |
| 63. | 1691 | Private | Sarad-2 | 0.0040000(Hectare) | 0.0040000 |
| 64. | 1710 | Private | Sarad-2 | 0.0445000(Hectare) | 0.0445000 |
| 65. | 1711 | Private | Sarad-2 | 0.0445000(Hectare) | 0.0445000 |
| 66. | 1712 | Private | Sarad-2 | 0.0971000(Hectare) | 0.0971000 |
| 67. | 1734 | Private | Sarad-2 | 0.0931000(Hectare) | 0.0931000 |
| 68. | 1735 | Private | Sarad-2 | 0.1133000(Hectare) | 0.1133000 |
| 69. | 1746 | Private | Sarad-2 | 0.0243000(Hectare) | 0.0243000 |
| 70. | 1747 | Private | Sarad-2 | 0.1012000(Hectare) | 0.1012000 |
| 71. | 1748 | Private | Sarad-2 | 0.0809000(Hectare) | 0.0809000 |
| 72. | 1749 | Private | Sarad-2 | 0.0486000(Hectare) | 0.0486000 |
| 73. | 1756 | Private | Sarad-2 | 0.1416000(Hectare) | 0.1416000 |
| 74. | 1812 | Private | Sarad-2 | 0.0364000(Hectare) | 0.0364000 |
| 75. | 1813 | Private | Sarad-2 | 0.0890000(Hectare) | 0.0890000 |
| 76. | 1814 | Private | Sarad-2 | 0.0243000(Hectare) | 0.0243000 |
| 77. | 1815 | Private | Sarad-2 | 0.0607000(Hectare) | 0.0607000 |
| 78. | 1816 | Private | Sarad-2 | 0.1174000(Hectare) | 0.1174000 |
| 79. | 1823 | Private | Sarad-2 | 0.1174000(Hectare) | 0.1174000 |
| 80. | 1824 | Private | Sarad-2 | 0.1214000(Hectare) | 0.1214000 |
| 81. | 1825 | Private | Sarad-2 | 0.0931000(Hectare) | 0.0931000 |
| 82. | 1827 | Private | Sarad-2 | 0.1012000(Hectare) | 0.1012000 |
| 83. | 1828 | Private | Sarad-2 | 0.0405000(Hectare) | 0.0405000 |
| 84. | 1829 | Private | Sarad-2 | 0.1214000(Hectare) | 0.1214000 |
| 85. | 1830 | Private | Sarad-2 | 0.0364000(Hectare) | 0.0364000 |
| 86. | 1831 | Private | Sarad-2 | 0.0040000(Hectare) | 0.0040000 |
| 87. | 1835 | Private | Sarad-2 | 0.0101000(Hectare) | 0.0101000 |
| 88. | 1836 | Private | Sarad-2 | 0.0971000(Hectare) | 0.0971000 |
| 89. | 1837 | Private | Sarad-2 | 0.1093000(Hectare) | 0.1093000 |
| 90. | 1842 | Private | Sarad-2 | 0.0850000(Hectare) | 0.0850000 |
| 91. | 1843 | Private | Sarad-2 | 0.1093000(Hectare) | 0.1093000 |
| 92. | 1870 | Private | Sarad-2 | 0.0769000(Hectare) | 0.0769000 |
| 93. | 1871 | Private | Sarad-2 | 0.0121000(Hectare) | 0.0121000 |
| 94. | 1872 | Private | Sarad-2 | 0.0182000(Hectare) | 0.0182000 |
| 95. | 1873 | Private | Sarad-2 | 0.0567000(Hectare) | 0.0567000 |
| 96. | 1874 | Private | Sarad-2 | 0.1012000(Hectare) | 0.1012000 |
| 97. | 1883 | Private | Sarad-2 | 0.0486000(Hectare) | 0.0486000 |
| 98. | 1884 | Private | Sarad-2 | 0.0405000(Hectare) | 0.0405000 |
| 99. | 1888 | Private | Sarad-2 | 0.1902000(Hectare) | 0.1902000 |
| 100. | 1889 | Private | Sarad-2 | 0.1012000(Hectare) | 0.1012000 |
| 101. | 1890 | Private | Sarad-2 | 0.0486000(Hectare) | 0486000 |
| 102. | 1894 | Private | Sarad-2 | 0.0263000(Hectare) | 0.0263000 |
| 103. | 1895 | Private | Sarad-2 | 0.0809000(Hectare) | 0.0809000 |
| 104. | 1898 | Private | Sarad-2 | 0.0121000(Hectare) | 0.0121000 |
| 105. | 1898/2069 | Private | Sarad-2 | 0.1619000(Hectare) | 0.1619000 |
| 106. | 1899 | Private | Sarad-1 | 0.0445000(Hectare) | 0.0445000 |
| 107. | 1910 | Private | Sarad-2 | 0.0890000(Hectare) | 0.0890000 |
| 108. | 1911 | Private | Sarad-2 | 0.0769000(Hectare) | 0.0769000 |
| 109. | 1913 | Private | Sarad-2 | 0.1821000(Hectare) | 0.1821000 |
| 110. | 1914 | Private | Sarad-2 | 0.1416000(Hectare) | 0.1416000 |
| 111. | 1915 | Private | Sarad-2 | 0.0202000(Hectare) | 0.0202000 |
| **Village: Saradhapur** | | | | | |
| 1. | 297 | Government | Panimahara | 0.0648000(Hectare) | 0.0648000 |
| 2. | 298 | Private | Chak | 0.1052000(Hectare) | 0.1052000 |
| 3. | 299 | Private | Gharabari | 0.2914000(Hectare) | 0.2914000 |
| 4. | 300 | Private | Chak | 0.0688000(Hectare) | 0.0688000 |
| 5. | 301 | Private | Gharabari | 0.0243000(Hectare) | 0.0243000 |
| 6. | 302 | Private | Sarad Jalasechita Ekafasali | 0.0971000(Hectare) | 0.0971000 |
| 7. | 303 | Private | Sarad Jalasechita Ekafasali | 0.0728000(Hectare) | 0.0728000 |
| 8. | 304 | Private | Chak | 0.0526000(Hectare) | 0.0526000 |
| 9. | 305 | Private | Chak | 0.1214000(Hectare) | 0.1214000 |
| 10. | 329 | Private | Chak | 0.1174000(Hectare) | 0.1174000 |
| 11. | 330 | Private | Chak | 0.1012000(Hectare) | 0.1012000 |
| 12. | 331 | Private | Chak | 0.4249000(Hectare) | 0.4249000 |
| 13. | 332 | Private | Chak | 0.1214000(Hectare) | 0.1214000 |
| 14. | 335 | Private | Chak | 0.0081000(Hectare) | 0.0081000 |
| 15. | 342 | Private | Chak | 0.0202000(Hectare) | 0.0202000 |
| 16. | 343 | Private | Chak | 0.0004000(Hectare) | 0.0004000 |
| 17. | 345 | Private | Chak | 0.1336000(Hectare) | 0.1336000 |
| 18. | 346 | Private | Chak | 0.3319000(Hectare) | 0.3319000 |
| 19. | 347 | Private | Chak | 0.0283000(Hectare) | 0.0283000 |
| 20. | 348 | Private | Gharabari | 0.0445000(Hectare) | 0.0445000 |
| 21. | 349 | Private | Sarad Jalasechita Ekafasali | 0.2266000(Hectare) | 0.2266000 |
| 22. | 350 | Private | Sarad Jalasechita Ekafasali | 0.0121000(Hectare) | 0.0121000 |
| 23. | 356 | Government | Nayanijori | 0.0911000(Hectare) | 0.0911000 |
| 24. | 385 | Private | Gharabari | 0.0040000(Hectare) | 0.0040000 |
| **Village: Taratua** | | | | | |
| 1. | 547 | Private | Chak | 0.0769000(Hectare) | 0.0769000 |
| 2. | 548 | Government | Patit | 1.0805000(Hectare) | 1.0805000 |
| 3. | 550 | Government | Patit | 0.1133000(Hectare) | 0.1133000 |
| 4. | 552 | Private | Chak | 0.0101000(Hectare) | 0.0101000 |
| **Village: Wilkisannagar** | | | | | |
| 1. | 540 | Private | Sarad-3 | 0.0971000(Hectare) | 0.0971000 |
| 2. | 541 | Private | Sarad-3 | 0.0506000(Hectare) | 0.0506000 |
| 3. | 542 | Private | Sarad-3 | 0.0202000(Hectare) | 0.0202000 |
| 4. | 543 | Private | Sarad-3 | 0.1093000(Hectare) | 0.1093000 |
| 5. | 544 | Private | Chua | 0.0040000(Hectare) | 0.0040000 |
| 6. | 545 | Private | Sarad-2 | 0.0324000(Hectare) | 0.0324000 |
| 7. | 555 | Private | Sarad-2 | 0.0931000(Hectare) | 0.0931000 |
| 8. | 556 | Private | Sarad-1 | 0.0688000(Hectare) | 0.0688000 |
| 9. | 557 | Private | Sarad-1 | 0.0040000(Hectare) | 0.0040000 |
| 10. | 558 | Private | Sarad-1 | 0.1497000(Hectare) | 0.1497000 |
| 11. | 560 | Private | Sarad-2 | 0.2550000(Hectare) | 0.2550000 |
| 12. | 790 | Government | Sadak | 0.0202000(Hectare) | 0.0202000 |
| | | | Total | 26.9242 | 26.9242 |

**[F.No. RO/BBSR/11017/By-passes/100/2018/3A]**
**RAJESH GUPTA, Dy. Secy.**



ସର୍ବଦା ଅହିଂସା ଆଚରଣ କର। କାରଣ ଅହିଂସା ପରମ ଧର୍ମ, ପରମ ତପ, ପରମ ଜ୍ଞାନ ଓ ଅହିଂସା ପରମ ପଦ ଅଟେ।
- ବ୍ୟାସଦେବ



## ଆଜି କ'ଣ କେଉଁଠି

**ଭୁବନେଶ୍ୱର**

- ମିଳିତ ସ୍ୱେଚ୍ଛାସେବୀ ସମନ୍ୱୟ ସଙ୍ଗଠନମାନଙ୍କ ଦ୍ୱାରା ସାମୂହିକ ବୃକ୍ଷରୋପଣ, ହୋମିଓପାଥି କଲେଜ ପ୍ରାଙ୍ଗଣ, ଖାରବେଳ ନଗର, ସକାଳ ୭ଟା ୩୦।
- ସିନର୍ଜି ୨୦୧୯ ର ଉଦ୍‌ଘାଟନ କାର୍ଯ୍ୟକ୍ରମ, ଲୋୟଲା ସ୍କୁଲ, ସକାଳ ୮ଟା ୩୦।
- ଶିଶୁରୋଗ ସମ୍ବନ୍ଧୀୟ ସ୍ୱାସ୍ଥ୍ୟସେବା ଶିବିର ଉଦ୍‌ଘାଟନ, ଶ୍ରୀ ସତ୍ୟସାଇ କମ୍ୟୁନିଟି ସେଣ୍ଟର, ୟୁନିଟ-୩, ସକାଳ ୯ଟା।
- ଗ୍ରୀନ ୱାର୍ଲଡ ଟ୍ରଷ୍ଟ ପକ୍ଷରୁ ବୃକ୍ଷରୋପଣ କାର୍ଯ୍ୟକ୍ରମ, ହରିହର ବିଦ୍ୟାପୀଠ, ନାଗେଶ୍ୱର ଟାଙ୍ଗୀ, ସକାଳ ୯ଟା।
- ଶ୍ରୀମଦ୍ ଭଗବଦ ଗୀତା ବିଦ୍ୟାମନ୍ଦିର ପକ୍ଷରୁ ରକ୍ତଦାନ ଶିବିର, ବିଦ୍ୟାଳୟ ପରିସର, ଭଗବଦ ବିହାର, ହୋଟେଲ ପ୍ରେସିଡେନ୍ସି ନିକଟ, ଆଇଆରସି ଭିଲେଜ, ସକାଳ ୯ଟା।
- ଗ୍ଲୋବାଲ କ୍ୟାମ୍ପେନ, ହୋଟେଲ ଏକ୍ସଲେନ୍ସି, ମାଷ୍ଟର କ୍ୟାଣ୍ଟିନ ନିକଟ, ଅପରାହ୍ନ ୧୨ଟା ୩୦।
- ପରିଚୟ ଫାଉଣ୍ଡେଶନ ପକ୍ଷରୁ ଶ୍ରୀ ଆୱାର୍ଡସର ୪ର୍ଥ ସଂସ୍କରଣ ଉତ୍ସବ, ହୋଟେଲ କ୍ରାଉନ, ଅପରାହ୍ନ ୫ଟା।
- ଦେବପ୍ରସାଦ ନୃତ୍ୟ ପ୍ରତିଷ୍ଠାନ ପକ୍ଷରୁ ୪ର୍ଥ ଗୁରୁକୃପା ନୃତ୍ୟ ସମାରୋହ, ଭଞ୍ଜକଳା ମଣ୍ଡପ, ଅପରାହ୍ନ ୫ଟା।
- ପିପିଇଓ(ପୁର ପିପୁଲ୍ସ ଏନର୍ଜି ଆଉଟଲୁକ)ର ଉଦ୍‌ଘାଟନ, ହୋଟେଲ ସ୍ୱାଣ୍ଡି ଟାୱାର, ଅପରାହ୍ନ ୫ଟା।
- ବ୍ଲୁ ଷ୍ଟ୍ରିପ୍ସ ଏଣ୍ଟରଟେନମେଣ୍ଟ ଏବଂ ସ୍ପର୍ଶ ହସ୍ପିଟାଲର ମିଳିତ ଆନୁକୂଲ୍ୟରେ 'ଆୱାଜ ଦିଲ ସେ', ସୂଚନା ଭବନ, ସନ୍ଧ୍ୟା ୬ଟା ୩୦।

**କଟକ**

- ରୁଚି ପରିବାର ଓ ରୁଚି ପ୍ରତିଭା ଫାଉଣ୍ଡେଶନ ପକ୍ଷରୁ ୨୩ତମ ରୁଚି ପ୍ରତିଭା ସମ୍ମାନ. ଶହୀଦ ଭବନ, ସନ୍ଧ୍ୟା ୬ଟା।

**ଖୋର୍ଦ୍ଧା**

- ଆଇଆଇଟି କଲେଜରେ ପିଜି ଆଣ୍ଡ ପିଏଚ୍‌ଡି ଛାତ୍ରୀଛାତ୍ରଙ୍କ ସ୍ୱାଗତ ଉତ୍ସବ, ନ୍ୟୁ ବ୍ରହ୍ମପୁତ୍ର କମନ୍ ହଲ, ଅରଗୁଳ, ପୂର୍ବାହ୍ନ ୧୦ଟା।

# ସ୍ମାର୍ଟ ସିଟି ସର୍ବସାଧାରଣ ସ୍ଥାନର ଜାତୀୟ ମାନ ନିର୍ଦ୍ଧାରଣ ହେବ

## ପ୍ରସ୍ତୁତି ଚାଲିଛି ନୂଆ ଆପ୍, ମିଳିବ ସମସ୍ତ ତଥ୍ୟ

- ପ୍ରଥମ ସ୍ମାର୍ଟ୍ ସିଟି ଭାବେ ଭୁବନେଶ୍ୱରରେ ହେବ ପରୀକ୍ଷଣ
- ସ୍ଥାନକୁ ନେଇ ନିଜ ମତାମତ ଦେଇପାରିବେ ଜନସାଧାରଣ

ଭୁବନେଶ୍ୱର, ୧୯।୭(ବ୍ୟୁରୋ)

ମୋବାଇଲରେ ଜାଣିହେବ ଦେଶରେ ଥିବା ସ୍ମାର୍ଟସିଟିଗୁଡ଼ିକର ସବିଶେଷ ତଥ୍ୟ। ବିଶେଷକରି ପାର୍କ, ମାର୍କେଟ, ଐତିହ୍ୟସ୍ଥଳ, ଜଳାଶୟ, ରାସ୍ତା ଆଦି ସର୍ବସାଧାରଣ ସ୍ଥାନ ସଂକ୍ରାନ୍ତରେ ଜାଣିବା ପାଇଁ ସ୍ମାର୍ଟ ସିଟି ମିଶନ ପକ୍ଷରୁ ନୂଆ ଆପ୍ କାର୍ଯ୍ୟକାରୀ କରାଯିବ। ସ୍ମାର୍ଟସିଟି ଭୁବନେଶ୍ୱରରେ ପ୍ରଥମେ ଏହି ଆପ୍ଲିକେଶନ (ଆପ୍)କୁ ପରୀକ୍ଷାମୂଳକ ଭାବେ ପ୍ରଚଳନ କରାଯିବ। ପ୍ରସ୍ତୁତିରେ ଥିବା ଏହି ଆପ୍/ଡିଜିଟାଲ ପ୍ଲାଟ୍‌ଫର୍ମ ବିଶେଷକରି ବାହାରର ଅତିଥି ବା ସହରର ନାଗରିକଙ୍କ ପାଇଁ ବେଶ୍ ସହାୟକ ହେବ। ଉକ୍ତ ସ୍ଥାନର ଅବସ୍ଥିତି, ରୁଟ୍ ମ୍ୟାପ୍, ରହିଥିବା ସୁବିଧାସୁଯୋଗ ଓ ସୁରକ୍ଷା ଆଦି ବିଭିନ୍ନ ବ୍ୟବସ୍ଥା ସଂକ୍ରାନ୍ତରେ ସୂଚନା ଦେବ। ଏହି ଆପ୍ ଜରିଆରେ ସ୍ମାର୍ଟସିଟି ସର୍ବସାଧାରଣ ସ୍ଥାନଗୁଡ଼ିକର ଜାତୀୟ ରେଟିଂ କରାଯିବ।

ଏହି ପରିପ୍ରେକ୍ଷୀରେ ସ୍ମାର୍ଟ ସିଟି ଫେଲୋ ଶୁଭାଶ୍ୱେତୀ ସିହ୍ନା, ମାନସୀ ନାଇଡୁ ଓ କୀର୍ତ୍ତି କାୱାଲେ ଏବେ ଭୁବନେଶ୍ୱର ଆସି ଏ ସଂକ୍ରାନ୍ତ ତଥ୍ୟ ସଂଗ୍ରହ କରିଛନ୍ତି। ସେମାନେ କହିଛନ୍ତି, ଏହାଦ୍ୱାରା ସମସ୍ତ ସ୍ମାର୍ଟ ସିଟି ମିଶନ ଅଧିନ ସହରରେ ଥିବା ପାର୍କ ଓ ସର୍ବସାଧାରଣ ସ୍ଥାନଗୁଡ଼ିକର ଏକ ଜାତୀୟ ମାନ ନିର୍ଦ୍ଧାରଣ ପାଇଁ ବାଟ ଫିଟିବ। ସବୁଠାରୁ ଉପଯୋଗୀ ପଦକ୍ଷେପ ସ୍ୱରୂପ ନାଗରିକଙ୍କ ମତାମତକୁ ଗୁରୁତ୍ୱ ଦିଆଯାଇ ଏହି ଆପ୍ ତିଆରି ହେବ। ବ୍ୟବହାରକାରୀଙ୍କ ଦ୍ୱାରା ଦିଆଯାଉଥିବା ମତାମତ ଓ ସମସ୍ତ ଅପ୍‌ଡେଟ୍ ଆପ୍‌ର ମୁଖ୍ୟ ପେଜ୍‌ରେ ପ୍ରଦର୍ଶିତ କରାଯିବ। ଯଦି ଲୋକେ ଗୋଟିଏ ପାର୍କ ବା ସର୍ବସାଧାରଣ ସ୍ଥାନକୁ ୧୦ରୁ ୬.୫ ନମ୍ବର ଦେଲେ ତେବେ ଆହୁରି ଉନ୍ନତୀକରଣ ଦିଗରେ କାର୍ଯ୍ୟ କରାଯିବ। ୮.୫ କିମ୍ବା ୯ ନମ୍ବର ରହିଲେ ତା'ହେଲେ ଉକ୍ତ ସ୍ଥାନର ସ୍ଥିତି ସେମାନଙ୍କୁ ସନ୍ତୋଷଜନକ ବୋଲି ଜଣାପଡିବ। ଏହି ଅନୁସାରେ ଜାତୀୟ ମାନ ନିର୍ଦ୍ଧାରଣ କରାଯିବ ବୋଲି ସ୍ମାର୍ଟସିଟି ଫେଲୋମାନେ ସୂଚନା ଦେଇଛନ୍ତି।

ଗୃହ ଓ ନଗର ଉନ୍ନୟନ ମନ୍ତ୍ରଣାଳୟ ଅନ୍ତର୍ଗତ ସ୍ମାର୍ଟ ସିଟି ମିଶନ ଅଧୀନରେ ବିଶିଷ୍ଟ ନଗର ଉନ୍ନୟନ ବିଶାରଦ ପ୍ରଫେସର କେ.ଟି. ରବୀନ୍ଦ୍ରନ୍‌ଙ୍କ ତତ୍ତ୍ୱାବଧାନରେ ସ୍ମାର୍ଟ ସିଟି ଫେଲୋମାନେ କାର୍ଯ୍ୟକରୁଛନ୍ତି। ଭିନ୍ନ ଭିନ୍ନ କ୍ଷେତ୍ରରୁ ଆସିଥିବା ଏହି ଫେଲୋମାନେ ଭାରତର ସମସ୍ତ ସ୍ମାର୍ଟସିଟିକୁ ଗସ୍ତ କରି ଅଭିଜ୍ଞତା ଓ ତଥ୍ୟ ସଂଗ୍ରହ କରୁଛନ୍ତି।






ଭୁବନେଶ୍ୱର ବାଣୀବିହାର ରାସ୍ତାପାର୍ଶ୍ୱରେ ପ୍ଲାଷ୍ଟର ଅଫ ପ୍ୟାରିସରେ ପ୍ରସ୍ତୁତ ମୁଖାକୁ ବିକ୍ରି ପାଇଁ ଜଣେ ବାଳିକା ସଜାଇ ରଖୁଛନ୍ତି।

## ଲୋକ ସଭା ପ୍ରାର୍ଥିନୀଙ୍କ ଫଟୋ ଭାଇରାଲ ଘଟଣା
## ୩ ଅଭିଯୁକ୍ତଙ୍କୁ ହାଇକୋର୍ଟରୁ ଜାମିନ ମିଳିଲା

କଟକ ଅଫିସ, ୧୯।୭

ସାଧାରଣ ନିର୍ବାଚନ ସମୟରେ ଜଣେ ଲୋକ ସଭା ପ୍ରାର୍ଥିନୀଙ୍କ ଫଟୋ ସୋସିଆଲ ମିଡିଆରେ ଭାଇରାଲ ହୋଇଥିଲା। ଏହି ଘଟଣାରେ ଗିରଫ ହୋଇଥିବା ୩ ଅଭିଯୁକ୍ତ ସୀମାଞ୍ଚଳ ପାତ୍ର, ଚିନ୍ମୟ ସେନାପତି ଓ ଜୟଦୀପ ଗିରିଙ୍କୁ ହାଇକୋର୍ଟ ଜାମିନ ଦେଇଛନ୍ତି। ସୂଚନାଯୋଗ୍ୟ ଯେ, ନିର୍ବାଚନବେଳେ ଉକ୍ତ ପ୍ରାର୍ଥିନୀଙ୍କ ଭାବମୂର୍ତ୍ତିକୁ ସାଧାରଣରେ ନଷ୍ଟ କରିବା ପାଇଁ ମିଥ୍ୟା ଫଟୋକୁ ଭାଇରାଲ କରାଯାଇଥିଲା। ଏ ନେଇ ପ୍ରାର୍ଥିନୀ ଥାନାରେ ଏତଲା ଦେବା ପରେ ପୋଲିସ ୩ ଜଣଙ୍କୁ ଗିରଫ କରିଥିଲା। ତଳ କୋର୍ଟରେ ଅଭିଯୁକ୍ତଙ୍କ ଜାମିନ ଖାରଜ ହେବା ପରେ ସେମାନେ ହାଇକୋର୍ଟ ଆସିଥିଲେ।

## ଠାବ ହୋଇଥିଲା ବିପୁଳ ସମ୍ପତ୍ତି
## ସହକାରୀ ନିର୍ବାହୀଯନ୍ତ୍ରୀ ଗିରଫ

କଟକ ଅଫିସ, ୧୯।୭

ମୟୂରଭଞ୍ଜ ମାଇନର ଇରିଗେଶନ ଡିଭିଜନର ସହକାରୀ ନିର୍ବାହୀଯନ୍ତ୍ରୀ ହୃଦେଶ୍ୱର ବେହେରାଙ୍କୁ ଶୁକ୍ରବାର ଭିଜିଲାନ୍ସ ଗିରଫ କରିଛି। ଏ ନେଇ ବାଲେଶ୍ୱର ଭିଜିଲାନ୍ସ ଥାନାରେ ଏକ ମାମଲାକ ରୁଜୁ ହୋଇଛି। ବେହେରାଙ୍କ ବିରୋଧରେ ଆୟ ବହିର୍ଭୂତ ସମ୍ପତ୍ତି ଠୁଳ ଅଭିଯୋଗ ହୋଇଥିଲା। ଏହି ଅଭିଯୋଗକୁ ଭିତ୍ତିକରି ଭିଜିଲାନ୍ସ ପକ୍ଷରୁ ଗତ ଗୁରୁବାର ବେହେରାଙ୍କ ଘର, ଅଫିସ ସମେତ ମୋଟ ୬ଟି ସ୍ଥାନରେ ଏକକାଳୀନ ଯାଞ୍ଚ କରାଯାଇଥିଲା। ଯାଞ୍ଚ ପରେ ମୋଟ ୧ କୋଟି ୬୪ ଲକ୍ଷ ୨ହଜାର ୯୮୪ ଟଙ୍କାର ସ୍ଥାବର ଅସ୍ଥାବର ସମ୍ପତ୍ତି ଠାବ କରାଯାଇଥିଲା। ଠାବ ସମସ୍ତ ସମ୍ପତ୍ତି ବେହେରା ଓ ତାଙ୍କ ପରିବାରବର୍ଗଙ୍କ ଦଖଲରେ ରହିଛି।

# ନନ୍ଦନକାନନରୁ ସାତକୋଶିଆ ଗଲେ ୫ ଘଡ଼ିଆଳ କୁମ୍ଭୀର

ବାରଙ୍ଗ, ୧୯।୭(ଡି.ଏନ୍.ଏ.)

ପ୍ରାଣୀ ଉଦ୍ୟାନ ନନ୍ଦନକାନନରୁ ଶୁକ୍ରବାର ୫ଟି ଘଡିଆଳ କୁମ୍ଭୀର ସାତକୋଶିଆରେ ଛଡାଯାଇଛି। ନନ୍ଦନକାନନର ତିନିଜଣିଆ ଟିମ ଏହି ଘଡିଆଳ କୁମ୍ଭୀରଙ୍କୁ ସାଙ୍ଗରେ ନେଇ ଅପରାହ୍ନରେ ଯାତ୍ରା ଆରମ୍ଭ କରିଛନ୍ତି। ନନ୍ଦନକାନନରେ ଘଡିଆଳ କୁମ୍ଭୀରମାନଙ୍କ ସଂଖ୍ୟା ବୃଦ୍ଧିପାଇବା ପରେ ନନ୍ଦନକାନନ କର୍ତ୍ତୃପକ୍ଷ ଏଭଳି ପଦକ୍ଷେପ ନିଆଯାଇଛି। ଗତ କିଛିଦିନ ହେବ ନନ୍ଦନକାନନରେ ଘଡିଆଳକୁମ୍ଭୀର ସଂଖ୍ୟା କମିବାରେ ଲାଗିଥିଲା। ନନ୍ଦନକାନନ ଉପନିର୍ଦ୍ଦେଶକ ଜୟନ୍ତ କୁମାର ଦାସଙ୍କ ନିର୍ଦ୍ଦେଶରେ ଏକ ଟିମ ରାଜନଗର କୁମ୍ଭୀରବସାରୁ ଅଣ୍ଡା ସଂଗ୍ରହ କରି ଆଣି ନନ୍ଦନକାନନରେ ଏହାର କୃତ୍ରିମ ପ୍ରଜନନ କରିବାପରେ ଏହା ସଫଳ ହୋଇଥିଲା। ଏହାସହ ଏମାନଙ୍କ ସଂଖ୍ୟା ବୃଦ୍ଧିପାଇ ୭୪ରେ ପହଞ୍ଚିଥିଲା ବୋଲି ଜନ୍ତୁବିଭାଗ ଦାୟିତ୍ୱରେ ଥିବା ଏସିଏଫ ଅଶୋକ କୁମାର ଦାସ କହିଛନ୍ତି। ଏତେ ସଂଖ୍ୟକ କୁମ୍ଭୀରମାନଙ୍କ ରକ୍ଷଣାବେକ୍ଷଣ ସାଙ୍ଗକୁ ସୁରକ୍ଷା ପ୍ରଶ୍ନବାଚୀ ସୃଷ୍ଟି କରିବାରୁ ସେମାନଙ୍କୁ ସାତକୋଶିଆ, ମହାନଦୀର ଅବବାହିକା ଆଦି ସ୍ଥାନରେ ଛାଡିବାକୁ ନିଷ୍ପତ୍ତି ହୋଇଥିଲା। ଦୀର୍ଘ ୧୮ବର୍ଷର ବ୍ୟବଧାନ ପରେ ନନ୍ଦନକାନନ ପୁଣିଥରେ କୁମ୍ଭୀର ଛାଡିବା ପ୍ରକ୍ରିୟା ଆରମ୍ଭ କରିଛି। ୨୬ଲକ୍ଷ ଟଙ୍କାର ବ୍ୟୟବରାଦରେ ୪ବର୍ଷର ସମୟସୀମା ଭିତରେ କୁମ୍ଭୀରମାନଙ୍କୁ ସ୍ଥାନାନ୍ତର କରିବାକୁ ସିଦ୍ଧାନ୍ତ ହୋଇଥିବାବେଳେ ପ୍ରାଥମିକ ପର୍ଯ୍ୟାୟରେ ଶୁକ୍ରବାର ପ୍ରାୟ ଦେଢବର୍ଷ ବୟସର ୨ଟି ଅଣ୍ଡିରା ଓ ୩ଟି ମାଈ ଘଡିଆଳକୁମ୍ଭୀର ଛାଡିବାକୁ ଟିମ ଯାଇଛି। ପରୀକ୍ଷାମୂଳକ ଭାବେ ଏହି କୁମ୍ଭୀରକୁ ଛଡାଯାଉଛି। ରାଜସ୍ଥାନ ଚମ୍ବଲପୁରରୁ ଏକ ସଂସ୍ଥାଠାରୁ ୫ଟି ଟ୍ରାନ୍ସମିଟର କିଣାଯାଇ କୁମ୍ଭୀରଙ୍କ ଦେହରେ ଲଗାଯାଇଛି। ଯାହା ପରବର୍ତ୍ତୀ ସମୟରେ ସେମାନଙ୍କ ଗତିବିଧି ଉପରେ ଲକ୍ଷ ରଖାଯାଇପାରିବ। ତେବେ ପ୍ରଥମ ବର୍ଷରେ ୩୫ଟି କୁମ୍ଭୀର ଛଡାଯିବାକୁ କର୍ତ୍ତୃପକ୍ଷ ନିଷ୍ପତ୍ତି ନେଇଥିବାର ଜଣାପଡିଛି।

## ଲିଙ୍ଗରାଜଙ୍କ ଜମିକୁ ନେଇ ହାଇକୋର୍ଟରେ ମାମଲା

କଟକ ଅଫିସ, ୧୯।୭-ଭୁବନେଶ୍ୱରର ଭୀମପୁର ମୌଜାରେ ମହାପ୍ରଭୁ ଲିଙ୍ଗରାଜଙ୍କ ୨ ଏକର ୩୫୬ ଡେସିମିଲ ଜମିକୁ ଦିଲ୍ଲୀର ଏକ ଘରୋଇ ସଂସ୍ଥାକୁ ୯୯ ବର୍ଷ ପାଇଁ ଲିଜ୍ ଆକାରରେ ଟେକି ଦିଆଯାଇଛି। ସରକାରୀ ଧାର୍ଯ୍ୟ ମୂଲ୍ୟରୁ ଅଧା ଦାମ୍‌ରେ ଏହି ଜମିକୁ ଲିଜ୍ ଦିଆଯାଇଛି। ଏହାକୁ ବିରୋଧ କରି ଭାରତୀୟ ବିକାଶ ପରିଷଦ ପକ୍ଷରୁ ହାଇକୋର୍ଟରେ ମାମଲା ରୁଜୁ କରାଯାଇଛି। ପରିଷଦର ସଭାପତି ସୁରେନ୍ଦ୍ର ପାଣିଗ୍ରାହୀ ଏହି ମାମଲା ରୁଜୁ କରିଛନ୍ତି। ପାଣିଗ୍ରାହୀ ହାଇକୋର୍ଟଙ୍କୁ ପିଟିଶନରେ ନିବେଦନ କରିଛନ୍ତି ଯେ, ଉକ୍ତ ବହୁମୂଲ୍ୟ ଜମିକୁ ବେଆଇନ ଭାବେ ଘରୋଇ ସଂସ୍ଥାକୁ ହସ୍ତାନ୍ତର କରାଯାଇଛି। ତେଣୁ ଉକ୍ତ ଲିଜ୍‌କୁ ରଦ୍ଦ କରାଯିବା ସହିତ ଜମିକୁ ପୂର୍ବବତ ଲିଙ୍ଗରାଜଙ୍କ ଖାତାକୁ ଫେରାଇ ଆଣିବାକୁ ସେ ନିବେଦନ କରିଛନ୍ତି। ଏଥିପୂର୍ବରୁ ପାଣିଗ୍ରାହୀ ରାଜ୍ୟ ସରକାର ଓ କେନ୍ଦ୍ର ସରକାରଙ୍କ ନିକଟରେ ଅଭିଯୋଗ କରିଥିଲେ। ମାତ୍ର କୌଣସି ସୁଫଳ ନ ମିଳିବାରୁ ସେ ବାଧ ହୋଇ ହାଇକୋର୍ଟଙ୍କୁ ଆସିଥିବା କହିଛନ୍ତି। ଆବେଦନକାରୀ ପାଣିଗ୍ରାହୀଙ୍କ ପକ୍ଷରୁ ଆଡଭୋକେଟ ବାସୁଦେବ ବାରିକ ମାମଲା ପରିଚାଳନା କରୁଛନ୍ତି।

## ପଦ୍ମଶ୍ରୀ ଭବାନୀ ପଟ୍ଟନାୟକ ପାଇବେ ଗାନ୍ଧୀ ସେବା ସମ୍ମାନ



**କଟକ ଅଫିସ, ୧୯।୭:** ସ୍ୱାଧୀନତା ସଂଗ୍ରାମୀ ଓ ପ୍ରାକ୍ତନ ଏମ୍‌ପି ପଦ୍ମଶ୍ରୀ ଭବାନୀ ଚରଣ ପଟ୍ଟନାୟକ ମର୍ଯ୍ୟାଦାଜନକ ଗାନ୍ଧୀ ସେବା ସମ୍ମାନ ପାଇବାକୁ ଯୋଗ୍ୟ ବିବେଚିତ ହୋଇଛନ୍ତି। ଆସନ୍ତା ୨୨ ତାରିଖ ସନ୍ଧ୍ୟା ୬ଟାରେ ବିଜୁ ପଟ୍ଟନାୟକ ଛକସ୍ଥିତ ସାରସ୍ୱତ ପୀଠ ଶାରଳା ଭବନଠାରେ ଶାରଳା ସାହିତ୍ୟ ସଂସଦ ପକ୍ଷରୁ ଜାତିର ପିତା ମହାତ୍ମା ଗାନ୍ଧୀଙ୍କ ୧୫୦ତମ ଜୟନ୍ତୀ ପାଳନ ଅବସରରେ ପଟ୍ଟନାୟକଙ୍କୁ ଏହି ସମ୍ମାନ ପ୍ରଦାନ କରାଯିବ ବୋଲି ସଂସଦର ପ୍ରତିଷ୍ଠାତା ଓ ସଭାପତି ପ୍ରଫେସର ଇଂ.ପ୍ରଭାକର ସ୍ୱାଇଁ ଏକ ପ୍ରେସ୍ ବିଜ୍ଞପ୍ତିରେ ଜଣାଇଛନ୍ତି। ପଟ୍ଟନାୟକ ତାଙ୍କର ସମଗ୍ର ଜୀବନ ମାନବ କଲ୍ୟାଣ ପାଇଁ ଉତ୍ସର୍ଗ କରିଛନ୍ତି। ଛାତ୍ରାବସ୍ଥାରୁ ସେ ସ୍ୱାଧୀନତା ସଂଗ୍ରାମରେ ଯୋଗ ଦେଇଥିଲେ।

## ମହାପ୍ରଭୁଙ୍କୁ ଦର୍ଶନ କଲେ ବିଶ୍ୱଭୂଷଣ

ପୁରୀ ଅଫିସ, ୧୯।୭: ଆନ୍ଧ୍ରପ୍ରଦେଶର ରାଜ୍ୟପାଳ ଭାବେ ନିଯୁକ୍ତି ପାଇଥିବା ବିଶ୍ୱଭୂଷଣ ହରିଚନ୍ଦନ ଶୁକ୍ରବାର ଅପରାହ୍ନରେ ଶ୍ରୀମନ୍ଦିର ଆସି ମହାପ୍ରଭୁଙ୍କୁ ଦର୍ଶନ କରିଛନ୍ତି। ପ୍ରାୟ ଅଧଘଣ୍ଟା ମନ୍ଦିରରେ ବିତାଇବା ପରେ ସେ ଫେରିଥିଲେ। ସିଂହଦ୍ୱାରଠାରେ ଗଣମାଧ୍ୟମକୁ କହିଥିଲେ, ପ୍ରଭୁ ଶ୍ରୀଜଗନ୍ନାଥଙ୍କ ଆଶୀର୍ବାଦରୁ ମୋତେ ରାଜ୍ୟପାଳ ଭାବେ ନିଯୁକ୍ତି ମିଳିଛି। ଠାକୁରଙ୍କୁ ଦର୍ଶନ କରି ମୋର କୃତଜ୍ଞତା ଜଣାଇଛି। ଏହାପରେ ସେ ଗୋବର୍ଦ୍ଧନ ମଠକୁ ଯାଇ ଶଙ୍କରାଚାର୍ଯ୍ୟ ସ୍ୱାମୀ ନିଶ୍ଚଳାନନ୍ଦ ସରସ୍ୱତୀଙ୍କୁ ସାକ୍ଷାତ୍ କରିଥିଲେ।ଏହି ଅବସରରେ ବିଶ୍ୱଭୂଷଣଙ୍କୁ ପୁରୀ ଜିଲା ନାଗରିକ କମିଟି ପକ୍ଷରୁ ସମ୍ବର୍ଦ୍ଧନା ଦିଆଯାଇଛି। ସଦ୍‌ଭାବନା ସଭାଗୃହରେ ସମ୍ବର୍ଦ୍ଧନା ସଭା ଆୟୋଜିତ ହୋଇଥିଲା। କାର୍ଯ୍ୟକ୍ରମକୁ ଜିଲା ଭାଜପା ସଭାପତି ପ୍ରଭଞ୍ଜନ ମହାପାତ୍ର ପରିଚାଳନା କରିଥିବାବେଳେ ବିଧାୟକ ଜୟନ୍ତ କୁମାର ଷଡ଼ଙ୍ଗୀ, ଭାଜପା ରାଜ୍ୟ ସାଧାରଣ ସମ୍ପାଦକ ପୃଥ୍ୱୀରାଜ ହରିଚନ୍ଦନ, କେନ୍ଦ୍ରୀୟ ନାରିକେଳ ବୋର୍ଡର ଉପସଭାପତି ବିଶ୍ୱନାଥ ରଥ, ଜିଲା ମହିଳା ମୋର୍ଚ୍ଚା ସଭାନେତ୍ରୀ ଜ୍ୟୋତି ମହାପାତ୍ର, ଜିଲା ଯୁବ ସଭାପତି ଜୟନ୍ତ କୁମାର ଦାଶ, ସୋମନାଥ ଖୁଣ୍ଟିଆ, ମଧୁସୂଦନ ସିଂହାରୀ, ମିଡିଆ ସଂଯୋଜକ ବିଶ୍ୱଜିତ ଦାଶ ପ୍ରମୁଖ ଉପସ୍ଥିତ ଥିଲେ।



ଶ୍ରୀମନ୍ଦିରରୁ ମହାପ୍ରଭୁଙ୍କ ଦର୍ଶନ ସାରି ବିଶ୍ୱଭୂଷଣ ହରିଚନ୍ଦନ ଫେରୁଛନ୍ତି।

## ସେଲ୍‌ଫି କର୍ଣ୍ଣର ଧରିତ୍ରୀ

ସୀମିତ ସ୍ଥାନ ଯୋଗୁ ଏଠାରେ ସମସ୍ତ ସେଲ୍‌ଫି ଛାପି ହେଉନାହିଁ।
ଅଧିକ ସେଲ୍‌ଫି ଦେଖିବା ପାଇଁ ଯାଆନ୍ତୁ ଆମ ୱେବ୍‌ସାଇଟ୍
www.dharitri.com/main/selfie_list/
ଆମକୁ ପଠାନ୍ତୁ ଆପଣଙ୍କ ସେଲ୍‌ଫି : metroselfie@gmail.com



ଅର୍ଜୁନ



ବିଭୁକଲ୍ୟାଣ



ରାଜେଶ



ସତୀଶ



ନିତ୍ୟଶ୍ରୀ



ସତ୍ୟରଞ୍ଜନ



ଗୌରାଙ୍ଗ



ସାଧୁ ଅନ୍ୟଙ୍କୁ ଦୁଃଖରୁ ରକ୍ଷା କରିବାକୁ ଯାଇ କଷ୍ଟ ସହିଥାନ୍ତି, ମାତ୍ର ଦୁଷ୍ଟ ଲୋକ ଅନ୍ୟକୁ ଦୁଃଖ ଦେଇ ସୁଖ ପାଏ।
- ମହର୍ଷି ବାଲ୍ମୀକି



## ସଂକ୍ଷେପରେ

### ଚିକିତ୍ସାଧୀନ ଅବସ୍ଥାରେ ଶ୍ରମିକଙ୍କ ମୃତ୍ୟୁ

**କଟକ ରୋଡ,୧୯।୭(ଡି.ଏନ୍.ଏ.):** ଲକ୍ଷ୍ମୀସାଗର ଥାନା ଅଞ୍ଚଳରେ ଥିବା ଏକ ଘରୋଇ ହସ୍ପିଟାଲରେ ଶୁକ୍ରବାର ଚିକିତ୍ସାଧୀନ ଅବସ୍ଥାରେ ଜଣେ ଶ୍ରମିକଙ୍କ ମୃତ୍ୟୁ ଘଟିଛି। ସେ ହେଲେ ଉତ୍ତରପ୍ରଦେଶ ରାଜ୍ୟର ଦେବେନ ଚୌବେ(୨୬)। ପୋଲିସ ସୂଚନା ଅନୁଯାୟୀ, ଦେବେନ ଗତ ୧୪ ତାରିଖରେ ଗଞ୍ଜାମ ଜିଲା ଆସିକା କଲେଜ ଛକ ନିକଟରେ ନିର୍ମାଣ ଚାଲିଥିବା ଏକ ସ୍କୁଲର ସମ୍ପ୍ରସାରଣ କାର୍ଯ୍ୟରେ ନିୟୋଜିତ ଥିଲେ। ସେ ତଳେ ରହି କାମ କରୁଥିବା ବେଳେ ୩ ମହଲା ଛାତରୁ ଏକ ଲୁହାରଡ ତାଙ୍କ ମୁଣ୍ଡ ଉପରେ ଖସିପଡିଥିଲା। ଫଳରେ ସେ ଘଟଣାସ୍ଥଳରେ ଗୁରୁତର ହୋଇପଡିଥିଲେ। ଚିକିତ୍ସା ପାଇଁ ତାଙ୍କୁ ପ୍ରଥମେ ଆସିକା ଓ ପରେ ବ୍ରହ୍ମପୁର ଡାକ୍ତରଖାନାରେ ଭର୍ତ୍ତି କରାଯାଇଥିଲା। ପରେ ସ୍ୱାସ୍ଥ୍ୟାବସ୍ଥା ସଙ୍କଟାପନ୍ନ ହେବାରୁ ତାଙ୍କୁ ଗତ ୧୭ତାରିଖରେ ଭୁବନେଶ୍ୱର ସ୍ଥାନାନ୍ତର କରାଯାଇଥିଲା। ଶୁକ୍ରବାର ମଧ୍ୟାହ୍ନ ପ୍ରାୟ ୧୨ଟାରେ ଦେବେନଙ୍କ ମୃତ୍ୟୁ ଘଟିଥିଲା। ଖବରପାଇ ପୋଲିସ ପହଞ୍ଚି ମୃତଦେହ ଜବତ କରିବା ସହ ବ୍ୟବଚ୍ଛେଦ ପାଇଁ କ୍ୟାପିଟାଲ ହସ୍ପିଟାଲକୁ ପଠାଇଥିଲା। ଏ ନେଇ ଥାନାରେ ଏକ ଅପମୃତ୍ୟୁ ମାମଲା (ନଂ.୨୧/୧୯)ରୁଜୁ ହୋଇଛି।

### ୪.୩୮ ଲକ୍ଷ ଟଙ୍କା, ୧୨ଗ୍ରାମ ବ୍ରାଉନସୁଗାର ଜବତ
### ମହିଳା ବ୍ୟବସାୟୀ ଗିରଫ

**ଖୋର୍ଦ୍ଧା ଅଫିସ,୧୯।୭:** ବ୍ରାଉନସୁଗାର ବିକ୍ରି ଅଭିଯୋଗରେ ଶୁକ୍ରବାର ଖୋର୍ଦ୍ଧା ଆଦର୍ଶ ଥାନା ପୋଲିସ ଜଣେ ମହିଳା ବ୍ୟବସାୟୀଙ୍କୁ ଗିରଫ କରିଛି। ସେ ହେଲେ ଭାଲିଆବାଡିର ସରସ୍ୱତୀ ପଲେଇ(୩୭)। ତାଙ୍କଠାରୁ ୧୨ଗ୍ରାମ ୨୦୦ମିଲିଗ୍ରାମ ବ୍ରାଉନସୁଗାର ଜବତ ହୋଇଛି। ଜବତ ନିଶାଦ୍ରବ୍ୟର ଆନୁମାନିକ ମୂଲ୍ୟ ୧ଲକ୍ଷ ୨୫ ହଜାର ଟଙ୍କା ହେବ ବୋଲି ଜଣାପଡିଛି। ସେହିପରି ପୋଲିସ ତାଙ୍କ ଘର ଉପରେ ଚଢ଼ାଉ କରି ୪ଲକ୍ଷ ୩୭ହଜାର ୯୯୦ଟଙ୍କା ଜବତ କରିଛି। ସୂଚନା ଅନୁଯାୟୀ, ଦୀର୍ଘଦିନ ହେବ ସରସ୍ୱତୀ ବ୍ରାଉନସୁଗାର ବିକ୍ରି କରୁଥିବା ନେଇ ପୋଲିସ ସୂଚନା ପାଇଥିଲା। ଶୁକ୍ରବାର ଖୋର୍ଦ୍ଧା ସହର ଟିଏଲସି ରୋଡର ଶ୍ମଶାନ ମଣ୍ଡପ ନିକଟରେ ସରସ୍ୱତୀ ବ୍ରାଉନସୁଗାର ବିକ୍ରି କରୁଥିବା ବେଳେ ପୋଲିସ ତାଙ୍କୁ ଧରିଥିଲା। ଏ ସମ୍ପର୍କରେ ପୋଲିସ ସରସ୍ୱତୀଙ୍କ ନାଁରେ ୨୧(ବି) ଏନଡିପିଏସ୍ ଆକ୍ଟରେ ଏକ ମାମଲା (ନଂ.୨୦୮/୧୯)ରୁଜୁ କରି ଗିରଫ କରିବା ସହ ତାଙ୍କୁ କୋର୍ଟ ଚାଲାଣ କରିଥିଲା। ଜାମିନ ନାମଞ୍ଜୁର ପରେ ତାଙ୍କୁ ଖୋର୍ଦ୍ଧା ସବଜେଲକୁ ପଠାଇ ଦିଆଯାଇଥିବା ପୋଲିସ ସୂତ୍ରରୁ ଜଣାପଡିଛି।

### ବାଘମାରି ବିଟ୍ ହାଉସ୍‌କୁ ଥାନା ଘୋଷଣା

**ଭୁବନେଶ୍ୱର, ୧୯।୭(ବ୍ୟୁରୋ):** ଖୋର୍ଦ୍ଧା ଜିଲା ଅନ୍ତର୍ଗତ ଖୋର୍ଦ୍ଧା ଥାନା ଅଧୀନରେ ଥିବା ବାଘମାରି ବିଟ୍‌ହାଉସ୍‌ର ପାହ୍ୟା ବୃଦ୍ଧି କରାଯାଇ ବିଧିବଦ୍ଧ ଭାବେ ଥାନା ଘୋଷଣା କରାଯାଇଛି। ପୂର୍ବରୁ ଜାରି ଅଧିସୂଚନାଗୁଡିକର ଅଧିକ୍ରମଣ ନେଇ ରାଜ୍ୟପାଳଙ୍କ ଆଦେଶକ୍ରମେ ଅତିରିକ୍ତ ମୁଖ୍ୟ ଶସନ ସଚିବ ଅସିତ ତ୍ରିପାଠୀ ଏଥିରେ ମୋହର ମାରିଛନ୍ତି। ବର୍ତ୍ତମାନ ବାଘମାରି ଥାନା ଅଧୀନରେ ବାଘମାରୀ, ପଙ୍ଗାରସିଂହ, ପୋଡ଼ାଡିହ, ସାରୁଅ, ସିମୋର ପଞ୍ଚାୟତ ଅନ୍ତର୍ଭୁକ୍ତ କରାଯାଇଛି। ବାଘମାରି ପଞ୍ଚାୟତର ବାଘମାରି, ଅଟ୍ରି, ବାହାଣ୍ଡା, ଶରଧାପୁର, ପଣସବସ୍ତ, ପରିଖେତା, କଳାଙ୍ଗ ଗ୍ରାମ, ପଙ୍ଗାରସିଂହ ପଞ୍ଚାୟତର ଗୋଡିପୋଖରୀ, ଚିରମାରୁ, ପାଇକସାହି, ଭୋଗଡା, ପଙ୍ଗାରସିଂହ, କୁରାଢିଲୋ,ସାମନ୍ତରାପୁର, ଲେଖନପୁର ଗ୍ରାମ, ପୋଡାଡିହ ପଞ୍ଚାୟତର ସାନତୁଳସୀପୁର, ବଡ଼ତୁଳସୀପୁର, ଦିନିୟାରୀ, ନୀଳକଣ୍ଠପୁର, ତଳଗଡ, ପାଇକରାସାହି, ପୋଡାଡିହପାଟଣା, ପୋଡାଡିହ, ବରସାହି, କୋଟପଲ୍ଲା, ଓସ୍ତପୁର ଗ୍ରାମ, ସାରୁଅ ପଞ୍ଚୟତର ସପନେଶ୍ୱରପୁର, ପତନିବର, ଲୋକନାଥପୁର, ସାରୁଅ, କାଠ ଖୁଣ୍ଟିଆ ଗ୍ରାମ ଓ ସିମୋର ପଞ୍ଚାୟତର କଣ୍ଟାମଲିମା, ଗଣପୁର, ଚମ୍ପତିସାହି, ସିମୋରପାଟଣା, ସିମୋର ଓ ହାଟସାହି ଗ୍ରାମ ବାଘମାରି ଥାନା ପରିସୀମାରେ ରହିଛି।

> ଆଜି କ'ଣ କେଉଁଠି ସ୍ତମ୍ଭରେ କୌଣସି କାର୍ଯ୍ୟକ୍ରମ ସ୍ଥାନିତ କରିବାକୁ ଚାହୁଁଥିଲେ ସମ୍ପୂର୍ଣ୍ଣ ବିବରଣୀ ସହ ନିକଟସ୍ଥ ପ୍ରତିନିଧି କିମ୍ବା ଧରିତ୍ରୀ ମୁଖ୍ୟ କାର୍ଯ୍ୟାଳୟ ସହ ଯୋଗାଯୋଗ କରନ୍ତୁ।

# ନୃତ୍ୟାଭିନୟରେ ଦ୍ରୌପଦୀଙ୍କ କଥା

**ଭୁବନେଶ୍ୱର,୧୯।୭(ବ୍ୟୁରୋ)**

ରାଜା ଦ୍ରୁପଦଙ୍କ କନ୍ୟାଭାବେ ପରିଚିତ ଦ୍ରୌପଦୀଙ୍କ ଜନ୍ମ ହୋଇଥିଲା ଯଜ୍ଞରୁ। ଆଉ ଏଥିପାଇଁ ସେ ଯାଜ୍ଞସେନୀ ଭାବେ ପରିଚିତ ଥିଲେ। ଯାଜ୍ଞସେନୀ ଦେଖିବାକୁ ଯେତିକି ସୁନ୍ଦର ଥିଲେ ସେତିକି ବୁଦ୍ଧିମତୀ ମଧ୍ୟ ଥିଲେ। ଯାଜ୍ଞସେନୀଙ୍କ ବିବାହ ପାଇଁ ଆୟୋଜିତ ସ୍ୱୟମ୍ବରରେ ଆଶାୟୀ ରାଜକୁମାରମାନଙ୍କ ମଧ୍ୟରେ ଆୟୋଜିତ ହୋଇଥିଲା ତୀରଚାଳନା ପ୍ରତିଯୋଗିତା। ତେବେ ରାଜକୁମାର ହୋଇ ନ ଥିବାରୁ ବୀର କର୍ଣ୍ଣଙ୍କୁ ପ୍ରତିଯୋଗିତାରୁ ବାଦ୍ ଦିଆଯାଇଥିଲା, ଆଉ ୩ୟ ପାଣ୍ଡବ ଅର୍ଜୁନ ତୀରଚାଳନା କରି ଦ୍ରୌପଦୀଙ୍କ ହୃଦୟ ଜିତିଥିଲେ। ହେଲେ ଦୁର୍ଯ୍ୟୋଧନ ଓ ଶକୁନିଙ୍କ କପଟ ଚକ୍ରାନ୍ତରେ ନିଜ ରାଜ୍ୟ ଓ ସ୍ତ୍ରୀ ଦ୍ରୌପଦୀଙ୍କୁ ହରାଇ ବସନ୍ତି ପାଣ୍ଡବମାନେ। ଭରା ସଭାରେ ଦ୍ରୌପଦୀ ଅପମାନିତ ହୁଅନ୍ତି। ଏହି ଝିମିଟି ଖେଳରୁ ଆରମ୍ଭହୁଏ ମହାଭାରତ ଯୁଦ୍ଧ। ଦ୍ରୌପଦୀଙ୍କ ଅପମାନର ପ୍ରତିଶୋଧ ନିଅନ୍ତି ପାଣ୍ଡବ। ମହାଭାରତର କଥାବସ୍ତୁ ଉପରେ ଆଧାରିତ ଦ୍ରୌପଦୀଙ୍କ ଚରିତ୍ରର ଅବତାରଣାକୁ ନେଇ ପ୍ରସ୍ତୁତ ନୃତ୍ୟନାଟିକା 'ଦ୍ରୌପଦୀ' ଶୁକ୍ରବାର ରବୀନ୍ଦ୍ର ମଣ୍ଡପଠାରେ ମଞ୍ଚସ୍ଥ ହୋଇଥିଲା। ଭାରତୀୟ ସାଂସ୍କୃତିକ ସମ୍ବନ୍ଧ ପରିଷଦ(ଆଇସିସିଆର୍) ଏବଂ ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗ ପକ୍ଷରୁ ଏହା ଆୟୋଜିତ ହୋଇଥିଲା। ଏହି ସ୍ୱତନ୍ତ୍ର ସନ୍ଧ୍ୟାରେ ମୟୂର ଲଳିତର ନିର୍ଦ୍ଦେଶିକା ତଥା ଓଡ଼ିଶୀ ନୃତ୍ୟଶିଳ୍ପୀ ଦେବମିତ୍ରା ସେନ୍‌ଗୁପ୍ତା ଓ ସାଥୀଙ୍କ ଦ୍ୱାରା ନୃତ୍ୟନାଟିକା ପରିବେଷିତ ହୋଇଥିଲା। ନୃତ୍ୟାଭିନୟର ସଙ୍ଗୀତ ସଂଯୋଜନା ଡ. ବିଜୟ କୁମାର ଜେନା କରିଥିବାବେଳେ ଆଲେଖ୍ୟରେ ପଣ୍ଡିତ ନିତ୍ୟାନନ୍ଦ ମିଶ୍ର, ତାଳବାଦ୍ୟ ରଚନାରେ ଗୁରୁ ରତିକାନ୍ତ ମହାପାତ୍ର ଓ ନୃତ୍ୟ ସଂଯୋଜନା କରିଥିଲେ ଦେବମିତ୍ରା ସେନ୍‌ଗୁପ୍ତା। ଆଇସିସିଆର୍‌ର ନିର୍ଦ୍ଦେଶିକା ମୀନାକ୍ଷୀ ମିଶ୍ର କାର୍ଯ୍ୟକ୍ରମର ପରିଚାଳନା ଓ ଅନନ୍ୟା ମିଶ୍ର ସଂଯୋଜନା କରିଥିଲେ।



**ରେଭେନ୍‌ଶା ବିଶ୍ୱବିଦ୍ୟାଳୟ:** ନାମଲେଖାରେ ଅସନ୍ତୋଷ

# ନିର୍ଦ୍ଧାରିତ ସିଟ୍‌ର ଦୁଇଗୁଣା ଛାତ୍ରୀଛାତ୍ରଙ୍କୁ ନିମନ୍ତ୍ରଣ

- ନାମଲେଖା ପ୍ରକୋଷ୍ଠ ବାହାରେ ହୋହଲ୍ଲା
- ନିରାଶ ହୋଇ ଫେରିଗଲେ



**କଟକ ଅଫିସ,୧୯।୭**

ରେଭେନ୍‌ଶା ବିଶ୍ୱବିଦ୍ୟାଳୟରେ ଶୁକ୍ରବାର ଆଇଏସ୍‌ସି ଓ ଆଇଟିଏମ୍ ବିଭାଗରେ ନାମଲେଖା ସମୟରେ ଅଭିଭାବକ ଏବଂ ଛାତ୍ରୀଛାତ୍ରଙ୍କ ମଧ୍ୟରେ ଅସନ୍ତୋଷ ଦେଖାଯାଇଛି। ନିର୍ଦ୍ଧାରିତ ସିଟ୍‌ଠାରୁ ଅଧିକ ଛାତ୍ରୀଛାତ୍ରଙ୍କୁ ବିଶ୍ୱବିଦ୍ୟାଳୟ କର୍ତ୍ତୃପକ୍ଷ ନାମଲେଖା ନିମନ୍ତେ ନିମନ୍ତ୍ରଣ କରିଥିଲେ। ସିଟ୍ ପୂରଣ ହୋଇଯିବା ଯୋଗୁ ବହୁସଂଖ୍ୟକ ଛାତ୍ରୀଛାତ୍ର ଓ ସେମାନଙ୍କ ଅଭିଭାବକଙ୍କୁ ନିରାଶ ହେବାକୁ ପଡ଼ିଥିଲା। ଦୂରଦୂରାନ୍ତରୁ ଆସିଥିବା ଅଭିଭାବକମାନେ ନାମଲେଖା ପ୍ରକୋଷ୍ଠ ବାହାରେ ହୋହଲ୍ଲା କରିବା ଦେଖିବାକୁ ମିଳିଥିଲା।

ଶୁକ୍ରବାର ବିଶ୍ୱବିଦ୍ୟାଳୟରେ ଆଇଏସସି ଓ ଆଇଟିଏମ୍ (ସେଲ୍ଫ ଫାଇନାନ୍ସିଂ) ବିଭାଗରେ ସାଧାରଣବର୍ଗ ଓ ସଂରକ୍ଷିତବର୍ଗଙ୍କୁ ମିଶାଇ ମୋଟ ୪୦୦ ସିଟରେ ନାମଲେଖା ଯାଇଥିଲା। ବିଶ୍ୱବିଦ୍ୟାଳୟ ପକ୍ଷରୁ ମୋଟ ୮୦୦ ଛାତ୍ରୀଛାତ୍ରଙ୍କୁ ନାମଲେଖା ପ୍ରକ୍ରିୟା ପାଇଁ ନିମନ୍ତ୍ରଣ ଦିଆଯାଇଥିଲା। କମ୍ ସମୟ ଭିତରେ ସାଧାରଣବର୍ଗଙ୍କ ପାଇଁ ଉଦ୍ଦିଷ୍ଟ ସମସ୍ତ ସିଟ୍ ପୂରଣ ହୋଇଯାଇଲା। ପରେ ସଂରକ୍ଷଣ ଭିତିରେ ଆଇଏସସି ବିଭାଗରେ ୫୩ ଏବଂ ଆଇଟିଏମ୍ ବିଭାଗରେ ୮୭ଟି ସିଟ ବଳକା ରହିଥିଲା। ନାମଲେଖା ପାଇଁ ରାଜ୍ୟ ଏବଂ ରାଜ୍ୟ ବାହାରୁ ଅନେକ ଛାତ୍ରୀଛାତ୍ର ଓ ସେମାନଙ୍କ ସାଥିରେ ଅଭିଭାବକ ବିଶ୍ୱବିଦ୍ୟାଳୟ ଆସିଥିଲେ। ନାମଲେଖା ପାଇଁ ଅଳ୍ପ ସଂଖ୍ୟକ ସିଟ୍ ଥିବାବେଳେ ଏତେ ସଂଖ୍ୟକ ଛାତ୍ରୀଛାତ୍ରଙ୍କୁ କାହିଁକି ଡକାଯାଇଥିଲା ବୋଲି ଅଭିଭାବକ ପ୍ରଶ୍ନ କରିଛନ୍ତି। ବିଶ୍ୱବିଦ୍ୟାଳୟ ପକ୍ଷରୁ ନାମଲେଖା ଲାଗି ଆଇଏସ୍‌ସି ଓ ଆଇଟିଏମ୍ ବିଷୟ ପାଇଁ ଯଥାକ୍ରମେ ୩୦ହଜାର ଓ ୩୫ହଜାର ଟଙ୍କାର ଡିମାଣ୍ଡ ଡ୍ରାଫ୍ଟ ଆଣିବା ପାଇଁ ନିର୍ଦ୍ଦେଶ ରହିଥିଲା। ତେଣୁ ନାମ ଲେଖାଇ ପାରି ନ ଥିବା ଛାତ୍ରୀଛାତ୍ରଙ୍କୁ ଏବେ ଉକ୍ତ ଡ୍ରାଫ୍ଟକୁ ବ୍ୟାଙ୍କରେ କ୍ୟାନ୍‌ସଲ କରିବାକୁ ପଡିବ। ନାମ ଲେଖାଇବା ପାଇଁ ଛାତ୍ରୀଛାତ୍ର ସକାଳୁ ସନ୍ଧ୍ୟାଯାଏ ଅପେକ୍ଷା କରି ନିରାଶ ହେବାକୁ ପଡିଥିଲା।

### ଏମାନେ କ'ଣ କୁହନ୍ତି...

ଏତେ ଦୂରରୁ ଆମେ ଆସି ସକାଳୁ ଅପେକ୍ଷା କରିଥିଲୁ। ନାନା କଷ୍ଟ ସହି ମୁଁ ନାମଲେଖା ଫି' ସଂଗ୍ରହ କରି ବ୍ୟାଙ୍କରୁ ଡିମାଣ୍ଡ ଡ୍ରାଫ୍ଟ ଆଣିଥିଲି। ହେଲେ ଶେଷ ଯାଏ ଅପେକ୍ଷା କରି ମଧ୍ୟ ନିରାଶ ହେବାକୁ ପଡିଲା। ଏତେ ସଂଖ୍ୟକ ପିଲାଙ୍କୁ ଡାକିବା କ'ଣ ଦରକାର ଥିଲା।

**– ପ୍ରିୟବ୍ରତ ଦାସ, ଢେଙ୍କାନାଳ ବାସିନ୍ଦା**

ଦୂରଦୂରାନ୍ତରୁ ଅନେକ ସ୍ୱପ୍ନ ନେଇ ଆସୁଛନ୍ତି ପିଲାମାନେ। ଏପରି ଖାମଖିଆଲ ଭାବେ ଡାକିଦେଇ ବିଦା କରିବାଟା କେତେ ଦୂର ଯୁକ୍ତିଯୁକ୍ତ ! ମୋଟ ସିଟ୍‌ର ଅଳ୍ପ କିଛି ଅଧିକ ପିଲାଙ୍କୁ ପ୍ରଥମ ପର୍ଯ୍ୟାୟରେ ନାମ ଲେଖାଇବାକୁ ଡକାଯାଇଥାନ୍ତା। ଯଦି ସିଟ୍ ବଳିଥାନ୍ତା ତା'ହେଲେ ଦ୍ୱିତୀୟ ପର୍ଯ୍ୟାୟରେ ଡାକିଥିଲେ ଭଲ ହୋଇଥାନ୍ତା।

**– ନିର୍ମଳା ଦେଇ, ନୟାଗଡ ବାସିନ୍ଦା**

ଯଥାଶୀଘ୍ର ପଢା ଆରମ୍ଭ କରିବା ଲାଗି ସମସ୍ତ ସିଟ୍ ପୂରଣ କରିବାକୁ ନିର୍ଦ୍ଧାରିତଠାରୁ ଅଧିକ ଛାତ୍ରୀଛାତ୍ରଙ୍କୁ ଆମେ ନିମନ୍ତ୍ରଣ କରି ଦେଇଥିଲୁ। ବାକି ରହିଯାଇଥିବା ସମସ୍ତ ରିଜରଭେଶନ ସିଟ ଖୁବ୍‌ଶୀଘ୍ର ଦ୍ୱିତୀୟ ପର୍ଯ୍ୟାୟରେ ପୂରଣ କରାଯିବ। ଏଥିରେ ମେଧା ହିସାବରେ ଯୋଗ୍ୟ ଛାତ୍ରୀଛାତ୍ରଙ୍କୁ ଆଗ ସୁଯୋଗ ମିଳିବ।

**– ଅଶୋକ କୁମାର ଦାସ, ରେଭେନ୍‌ଶା କୁଳସଚିବ**

ମହିଳା ପୋଲିସଙ୍କଠାରୁ ଛିନ୍‌ତାଇ ମାମଲା

# ଅଭିଯୁକ୍ତଙ୍କୁ ୭ ବର୍ଷ ଜେଲଦଣ୍ଡ

**କଟକ ଅଫିସ,୧୯।୭**

୨୦୧୬ ଅଗଷ୍ଟ ୧୩ ପୂର୍ବାହ୍ନ ୧୧ଟା ୪୫ ମିନିଟ୍‌ରେ କଟକ ମହିଳା ଥାନାରେ ସବ୍‌ଇନ୍‌ସପେକ୍ଟର ଭାବେ କାର୍ଯ୍ୟରତ ଶୁଭାଷିନୀ ଜେନା ସ୍କୁଟିରେ କନଷ୍ଟେବଳ ବାସନ୍ତିଲତା ବିଶ୍ୱାଳଙ୍କ ସହିତ ଡିସିପିଙ୍କ କାର୍ଯ୍ୟାଳୟକୁ ଯାଉଥିଲେ। ଏହିସମୟରେ କ୍ୟାଣ୍ଟନମେଣ୍ଟ ରୋଡ ନିକଟରେ ଜଣେ ଅଚିହ୍ନା ଯୁବକ ଶୁଭାଷିନୀଙ୍କ ପଛପଟୁ ଏକ ବାଇକ୍‌ରେ ଆସି ସେ ପିନ୍ଧିଥିବା ସୁନାଚେନ ଓ ମଙ୍ଗଳସୂତ୍ରକୁ ଛିଡାଇ ନେଇଥିଲେ। ଏପରି କି ପଛପଟୁ ଧକ୍କା ମାରିବାରୁ ଶୁଭାଷିନୀ ସ୍କୁଟିରୁ ତଳେ ପଡ଼ି ଆହତ ହୋଇଥିଲେ। ମାତ୍ର ଅଭିଯୁକ୍ତ ଦ୍ରୁତଗତିରେ ପଳାଇ ଯାଉଥିବାବେଳେ ଶୁଭାସିନୀ ଚିତ୍କାର କରିବାରୁ ସ୍ଥାନୀୟ ଲୋକ ଓ ମଙ୍ଗଳାବାଗ ପୋଲିସ ଅଭିଯୁକ୍ତଙ୍କୁ କାବୁ କରି ନେଇଥିଲେ। ଅଭିଯୁକ୍ତ ଜଣକ ଥିଲେ ମାନସିଂପାଟଣା ଅଞ୍ଚଳର ସିଦ୍ଧେଶ୍ୱର କର। ତାଙ୍କ ନିକଟରୁ ଛିନତାଇ ହୋଇଥିବା ସୁନା ସାମଗ୍ରୀ ପୋଲିସ ଜବତ କରିଥିଲା। ଶୁଭାଷିନୀଙ୍କ ଏତଲା କ୍ରମେ ମଙ୍ଗଳାବାଗ ଥାନାରେ ଏକ ମାମଲା ରୁଜୁ ହୋଇଥିଲା। ଶୁକ୍ରବାର ମାମଲାର ଶୁଣାଣି କରି ଆସିଷ୍ଟାଣ୍ଟ ସେସନ୍ସ ଜଜ୍ ହରପ୍ରସାଦ ପଟ୍ଟନାୟକ ରାୟ ଶୁଣାଇ ଅଭିଯୁକ୍ତ ସିଦ୍ଧେଶ୍ୱରଙ୍କୁ ୭ ବର୍ଷ ସଶ୍ରମ କାରାଦଣ୍ଡ ସହ ୧୦ହଜାର ଟଙ୍କା ଜରିମାନାରେ ଦଣ୍ଡିତ କରିଛନ୍ତି। ସରକାରଙ୍କ ପକ୍ଷରୁ ଅତିରିକ୍ତ ପବ୍ଲିକ ପ୍ରସିକ୍ୟୁଟର ଏମ୍.ଏମ୍. ବେଗ ଓ ସହଯୋଗୀ ଓକିଲ ନୀଳାମ୍ବର ଜେନା ମାମଲାର ପରିଚାଳନା କରୁଥିଲେ।

# ପୂର୍ବତନ କର୍ପୋରେଟର ରଞ୍ଜିତା ବିଶ୍ୱାଳଙ୍କୁ ହାଇକୋର୍ଟରୁ ଜାମିନ

**କଟକ ଅଫିସ,୧୯।୭**

କଟକ ମହାନଗର ନିଗମ(ସିଏମ୍‌ସି)ର ପୂର୍ବତନ କର୍ପୋରେଟର ତଥା ଧଳସାମନ୍ତ ଭ୍ରାତାଙ୍କ ସହଯୋଗୀ ରଞ୍ଜିତା ବିଶ୍ୱାଳଙ୍କୁ ହାଇକୋର୍ଟରୁ ଜାମିନ ମିଳିଛି। ବନ୍ଧୁକ କାରବାର ଅଭିଯୋଗରେ ଗତ ଏପ୍ରିଲ ୧୦ରେ ରଞ୍ଜିତାଙ୍କୁ ପୋଲିସ ଗିରଫ କରିଥିଲା। ତେବେ ସିଆର୍‌ପିସିର ଧାରା ୪୩୭ ଅନୁଯାୟୀ ରଞ୍ଜିତାଙ୍କୁ ଜାମିନ ମିଳିଛି। ଜାମିନରେ ଥିବା ସମୟରେ ସମାନ ଧରଣର କୌଣସି କାର୍ଯ୍ୟ ସହିତ ଲିପ୍ତ ନ ରହିବା ପାଇଁ ରଞ୍ଜିତାଙ୍କୁ କୋର୍ଟଙ୍କ ନିର୍ଦ୍ଦେଶ ରହିଛି। ସୂଚନାଥାଉ କି, ଆଲୋକ ପୃଷ୍ଟି ନାମକ ରଞ୍ଜିତାଙ୍କ ଜଣେ ସହଯୋଗୀଙ୍କୁ ପୋଲିସ ପ୍ରଥମେ ଗିରଫ କରିଥିଲା। ଆଲୋକଙ୍କୁ ପୋଲିସ ପଚରାଉଚରା କରିବାରୁ ସେ ରଞ୍ଜିତାଙ୍କ ନାମ ନେଇଥିଲେ। ଆଲୋକଙ୍କ ବୟାନ ଆଧାରରେ ରଞ୍ଜିତାଙ୍କୁ ଗିରଫ କରାଯାଇଥିଲା। ତାଙ୍କ ନିକଟରୁ ଗୋଟିଏ ରିଭଲଭର୍ ଓ ୪ ରାଉଣ୍ଡ ଗୁଳି ପୋଲିସ ଜବତ କରିଥିଲା। ନିମ୍ନ ଅଦାଲତରେ ରଞ୍ଜିତାଙ୍କ ଜାମିନ ଆବେଦନ ଖାରଜ ହେବାରୁ ସେ ହାଇକୋର୍ଟକୁ ଆସିଥିଲେ। ରଞ୍ଜିତାଙ୍କ ପକ୍ଷରୁ ଆଡଭୋକେଟ ମାନସ ଚାନ୍ଦ ମାମଲା ପରିଚାଳନା କରୁଥିଲେ।



# ରାଜ୍ୟସ୍ତରୀୟ ଜନଜାତି ଶିଶୁ ଚିତ୍ରକଳା ପ୍ରଦର୍ଶନୀ

**ଭୁବନେଶ୍ୱର,୧୯।୭(ବ୍ୟୁରୋ)**

ଓଡ଼ିଶା ଲଳିତ କଳା ଏକାଡେମୀ ଏବଂ ସଂସ୍କୃତି ବିଭାଗର ମିଳିତ ଆନୁକୂଲ୍ୟରେ ସ୍ଥାନୀୟ ଭଞ୍ଜକଳା ମଣ୍ଡପଠାରେ ରାଜ୍ୟସ୍ତରୀୟ ଜନଜାତି ଶିଶୁ ଚିତ୍ରକଳା ପ୍ରଦର୍ଶନୀ ଓ ପୁରସ୍କାର ପ୍ରଦାନ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ଏଥିରେ ମୁଖ୍ୟଅତିଥି ଭାବେ ସଂସ୍କୃତି ଓ ପର୍ଯ୍ୟଟନ ମନ୍ତ୍ରୀ ଜ୍ୟୋତିପ୍ରକାଶ ପାଣିଗ୍ରାହୀ ଓ ସମ୍ମାନିତ ଅତିଥି ଭାବେ ପ୍ରମୁଖ ଶାସନ ସଚିବ ମନୋରଞ୍ଜନ ପାଣିଗ୍ରାହୀ ଯୋଗ ଦେଇଥିଲେ। ଏଥିରେ ଅଷ୍ଟମରୁ ଦଶମ ଶ୍ରେଣୀ ପର୍ଯ୍ୟନ୍ତ ୫୦୦ରୁ ଉର୍ଦ୍ଧ୍ୱ ଛାତ୍ରୀଛାତ୍ର ଭାଗ ନେଇଥିଲେ। ପ୍ରତିଯୋଗୀମାନଙ୍କ ମଧ୍ୟରୁ ୧୦୦ଜଣଙ୍କୁ ସାର୍ଟିଫିକେଟ୍ ପ୍ରଦାନ କରିବା ସହ ଶ୍ରେଷ୍ଠ ବିବେଚିତ ୧୨ ଜଣଙ୍କୁ ପୁରସ୍କାର ସହ ଅର୍ଥରାଶି ଦିଆଯାଇଛି। ଶେଷରେ କୃତୀ ପ୍ରତିଯୋଗୀଙ୍କୁ ମୁଖ୍ୟଅତିଥିଙ୍କ ଦ୍ୱାରା ପୁରସ୍କୃତ କରାଯାଇଥିଲା। ଅନ୍ୟ ଅତିଥିଙ୍କ ମଧ୍ୟରେ ବିଭାଗୀୟ ସଚିବ ବିଜୟ କୁମାର ନାୟକ, ଏକାଡେମୀ ସଚିବ ମନସ୍ୱିନୀ ସାହୁ ଉପସ୍ଥିତ ଥିଲେ।

### ଦୀପକ ଗୁପ୍ତା ଜାମିନ ମାମଲା
### ୨୩ରେ ପରବର୍ତ୍ତୀ ଶୁଣାଣି

**କଟକ ଅଫିସ,୧୯।୭**

ରାଜ୍ୟର ବହୁଚର୍ଚ୍ଚିତ କେନ୍ଦୁଝର ଉଲିବୁରୁ ଖଣି ଦୁର୍ନୀତି ମାମଲାର ମୁଖ୍ୟ ଅଭିଯୁକ୍ତ ଦୀପକ ଗୁପ୍ତାଙ୍କ ଜାମିନ ଆବେଦନର ଶୁଣାଣି ହାଇକୋର୍ଟରେ ଜାରି ରହିଛି। ଶୁକ୍ରବାର ଏହି ଶୁଣାଣିରେ ଭିଜିଲାନ୍ସ ପକ୍ଷରୁ ଜବାବସୁଆଲ କରାଯାଇଥିଲା। ଭିଜିଲାନ୍ସର ଜବାବସୁଆଲ ଶେଷ ନ ହେବାରୁ ପରବର୍ତ୍ତୀ ଶୁଣାଣି ପାଇଁ ଆସନ୍ତା ୨୩କୁ ଦିନଧାର୍ଯ୍ୟ ହୋଇଛି। ସୂଚନାଥାଉ କି, ୧୮୦୦ କୋଟି ଟଙ୍କାର ଏହି ମହାଦୁର୍ନୀତି ଘଟଣାରେ ଭିଜିଲାନ୍ସ ପକ୍ଷରୁ ଦୀପକ ଗୁପ୍ତାଙ୍କ ସମେତ ଗୁପ୍ତା ପରିବାରର ଅନ୍ୟ କେତେଜଣଙ୍କୁ ଗିରଫ କରାଯାଇଥିଲା। ଜାମିନ ପାଇବା ପାଇଁ ଦୀପକ ୫ ଥର ହାଇକୋର୍ଟରେ ଓ ୨ ଥର ସୁପ୍ରିମକୋର୍ଟରେ ଆବେଦନ କରିଥିଲେ। ମାତ୍ର ସମସ୍ତ ଆବେଦନ ଖାରଜ ହୋଇଥିଲା। ଜାମିନ ପାଇବା ପାଇଁ ଷଷ୍ଠ ଥର ନିମନ୍ତେ ଦୀପକ ହାଇକୋର୍ଟଙ୍କ ଦ୍ୱାରସ୍ଥ ହୋଇଛନ୍ତି। ମାମଲା ପରିଚାଳନା ନିମନ୍ତେ ଭିଜିଲାନ୍ସ ପକ୍ଷରୁ ବରିଷ୍ଠ ଆଇନଜୀବୀ ଏନ୍.ସି. ପାଣିଗ୍ରାହୀ ନିଯୁକ୍ତ ହୋଇଛନ୍ତି।

ବିଜେଡି କାଉନସିଲର ହତ୍ୟା ମାମଲା

# ନିମ୍ନ ଅଦାଲତର ବିଚାର ପ୍ରକ୍ରିୟା ସ୍ଥିତି ଜଣାଇବାକୁ ନିର୍ଦ୍ଦେଶ

**କଟକ ଅଫିସ,୧୯।୭**

ଗଞ୍ଜାମ ଜିଲା ଛତ୍ରପୁରର ବିଜେଡି କାଉନସିଲର ଲକ୍ଷ୍ମୀଦତ୍ତ ପ୍ରଧାନ ହତ୍ୟା ମାମଲାର ମୁଖ୍ୟ ଅଭିଯୁକ୍ତ କୃଷ୍ଣଚନ୍ଦ୍ର ନାୟକ ଜାମିନ ପାଇଁ ହାଇକୋର୍ଟଙ୍କ ଦ୍ୱାରସ୍ଥ ହୋଇଛନ୍ତି। ସ୍ତ୍ରୀଙ୍କ ସ୍ୱାସ୍ଥ୍ୟାବସ୍ଥା ଖରାପ ଦର୍ଶାଇ ଜାମିନ ନେବାକୁ କୃଷ୍ଣ ହାଇକୋର୍ଟରେ ଆବେଦନ କରିଛନ୍ତି। ଉକ୍ତ ମାମଲାର ଶୁଣାଣି ତଳ କୋର୍ଟରେ ଚାଲିଛି। ଶୁଣାଣି ପ୍ରକ୍ରିୟାର ସ୍ଥିତି ସମ୍ପର୍କରେ ଜବାବ ରଖିବାକୁ ହାଇକୋର୍ଟ ରାଜ୍ୟ ସରକାରଙ୍କୁ ନିର୍ଦ୍ଦେଶ ଦେଇଛନ୍ତି। ସୂଚନାଥାଉ କି, ୨୦୧୭ ସେପ୍ଟେମ୍ବର ୧୬ରେ ଲକ୍ଷ୍ମୀଦତ୍ତଙ୍କୁ ତାଙ୍କ ଘର ଆଗରେ ସଂଘବଦ୍ଧ ଭାବେ ହତ୍ୟା କରାଯାଇଥିଲା। ଉକ୍ତ ଘଟଣାରେ ପୋଲିସ ଭାଜପା ନେତା କୃଷ୍ଣଚନ୍ଦ୍ର ନାୟକ ଓ ଦୁର୍ଯ୍ୟୋଧନ ରେଡ୍ଡୀଙ୍କ ସମେତ କେତେଜଣଙ୍କୁ ଉତ୍ତରାଖଣ୍ଡର ଏକ ଗେଷ୍ଟ ହାଉସରୁ ଗିରଫ କରିଥିଲା। ତେବେ କୃଷ୍ଣଙ୍କ ବିରୋଧରେ ପୋଲିସ ଚାର୍ଜଶିଟ ଦାଖଲ କରିସାରିଛି। କୃଷ୍ଣଙ୍କ ଜାମିନ ଆବେଦନର ପରବର୍ତ୍ତୀ ଶୁଣାଣି ପାଇଁ ଅଗଷ୍ଟ ୨ ତାରିଖକୁ ଦିନଧାର୍ଯ୍ୟ ହୋଇଛି।

## ଫଟୋରେ ଖବର



ଭାଜପା ରାଷ୍ଟ୍ରୀୟ ମହାସଚିବ କୈଳାଶ ବିଜୟଭର୍ଗୀୟ ସପରିବାର ଶୁକ୍ରବାର ପୁରୀ ଶ୍ରୀମନ୍ଦିରରୁ ମହାପ୍ରଭୁଙ୍କ ଦର୍ଶନ ସାରି ଫେରୁଛନ୍ତି।



ପୁରୀ ଶ୍ରୀମନ୍ଦିର ସମ୍ମୁଖରେ ଥିବା ଶ୍ରୀଜୀଉଙ୍କ ତିନିରଥରୁ ଶୁକ୍ରବାର କନା କଢ଼ାଯାଇଛି।



ସନ୍ତୋଷ ହେଉଛି ପ୍ରକୃତିଦତ୍ତ ସମ୍ପଦ, ଆଉ ବିଳାସ ଅନ୍ୟନାମ ହେଉଛି କୃତ୍ରିମ ଦାରିଦ୍ର୍ୟ
- ସକ୍ରେଟିସ



## ସଂକ୍ଷେପରେ

### ମହିଳାଙ୍କ ଝୁଲନ୍ତା ମୃତଦେହ ଉଦ୍ଧାର

ବାଲିଅନ୍ତା,୧୯।୭(ଡି.ଏନ୍.ଏ.): ବାଲିଅନ୍ତା ଥାନା କାକରୁଦ୍ରପୁର ପଞ୍ଚାୟତ ଅଧୀନ ପରିଆପାଟପୁର ଗ୍ରାମରେ ଲକ୍ଷ୍ମୀପ୍ରିୟା ଭୋଇ(୨୬)ଙ୍କ ମୃତଦେହ ଶୁକ୍ରବାର ଝୁଲନ୍ତା ଅବସ୍ଥାରେ ଉଦ୍ଧାର କରାଯାଇଛି। ସୂଚନାଯୋଗ୍ୟ, ଅପରାହ୍ଣ ୧ଟା ସମୟରେ ଘରଠାରୁ କିଛିବାଟ ଦୂରରେ ଥିବା ଏକ ଆମ୍ବଗଛରେ ଲୁଗା ବାନ୍ଧି ଝୁଲୁଥିବା ଅବସ୍ଥାରେ ସ୍ଥାନୀୟ ଲୋକେ ଦେଖିଥିଲେ। ପରେ ପରିବାର ଲୋକେ ଜାଣିବା ପରେ ସେଠାରୁ ତାଙ୍କୁ ଉଦ୍ଧାର କରି କ୍ୟାପିଟାଲ ହସ୍ପିଟାଲ ନେଇଥିଲେ। କିନ୍ତୁ ସେଠାରେ ଡାକ୍ତର ତାଙ୍କର ମୃତ ଘୋଷଣା କରିଥିଲେ। ଖବରପାଇ ବାଲିଅନ୍ତା ଥାନା ପୋଲିସ ପହଞ୍ଚି ମୃତଦେହକୁ ଜବତ କରିଥିବାବେଳେ ଶନିବାର ବ୍ୟବଚ୍ଛେଦ କରାଯିବ। ଏ ନେଇ ପୋଲିସ ନଂ ୨୬/୧୯ରେ ଏକ ଅପମୃତ୍ୟୁ ମାମଲା ରୁଜୁ କରିଛି। ତେବେ ପୂର୍ବରୁ ଲକ୍ଷ୍ମୀଙ୍କ ପେଟରେ ଏକ ଅପରେଶନ ହୋଇଥିବାବେଳେ ତାହା ଠିକ ହୋଇ ନ ଥିବାରୁ ଅସୁସ୍ଥତା ସହ ମନବିପ୍ଳାପ କାରଣରୁ ସେ ଆତ୍ମହତ୍ୟା କରିଥିବା ପୋଲିସ ସନ୍ଦେହ କରୁଛି।

### ଚୋରି ମୋବାଇଲ, ଟଙ୍କା ଜବତ: ୩ ଗିରଫ

ଭୁବନେଶ୍ୱର, ୧୯।୭(ବ୍ୟୁରୋ): ଶହୀଦନଗର ଥାନା ଅଞ୍ଚଳରେ ଏକ ଘରେ ପଶି ଚୋରି କରୁଥିବା ୩ଜଣ ଅଭିଯୁକ୍ତଙ୍କୁ ପୋଲିସ ଗିରଫ କରିବା ସହ ସେମାନଙ୍କଠାରୁ ମୋବାଇଲ ଫୋନ ଓ ୪ ହଜାର ଟଙ୍କା ଜବତ କରିଛି। ସେମାନେ ହେଲେ ଏହି ଥାନା ଅନ୍ତର୍ଗତ ପଥରବନ୍ଧ ବସ୍ତି ଅଞ୍ଚଳର ଦୀପକ ମୁଦୁଲି, କବି ବିଶ୍ୱାଳ ଓ ଚନ୍ଦ୍ରଶେଖରପୁର ଥାନା ବିଡିଏ କଲୋନୀ ଅଞ୍ଚଳର ଅମିତ କୁମାର ସ୍ୱାଇଁ। ସୂଚନା ମୁତାବକ, ପଥରବନ୍ଧ ବସ୍ତି ଅଞ୍ଚଳରେ ସୁଲୋଚନା ସାହୁ ପରିବାର ସହ ରୁହନ୍ତି। ଗୁରୁବାର ରାତିରେ ସେମାନେ ସୁଲୋଚନାଙ୍କ ଘରେ ପଶି ଚୋରି କରି ଫେରାର ହୋଇଯାଇଥିଲେ। ଏ ନେଇ ସୁଲୋଚନା ଥାନାରେ ଅଭିଯୋଗ କରିବା ପରେ ପୋଲିସ ୩୨୫/୧୯ନଂରେ ଏକ ମାମଲା ରୁଜୁ କରି ଘଟଣାର ତଦନ୍ତ ଆରମ୍ଭ କରିଥିଲା।

### ବରିଷ୍ଠ ନାଗରିକଙ୍କଠାରୁ ବ୍ୟାଗ୍ ଲୁଟ୍ କରି ୨ ଗିରଫ

ଭୁବନେଶ୍ୱର, ୧୯।୭(ବ୍ୟୁରୋ): ଖାରବେଳନଗର ଥାନା ଅଞ୍ଚଳରେ ଜଣେ ବରିଷ୍ଠ ନାଗରିକଙ୍କଠାରୁ ବ୍ୟାଗ୍ ଲୁଟ୍ କରିଥିବା ୨ ଅଭିଯୁକ୍ତଙ୍କୁ ପୋଲିସ ଗିରଫ କରିଛି। ସେମାନେ ହେଲେ ଖାରବେଳନଗର ଥାନା ଅଞ୍ଚଳରେ ରହୁଥିବା ଅଟୋ ଚାଳକ ଜଗତ୍‌ସିଂହପୁରର ସନାତନ ଦାସ ଓ ଯାଜପୁରର ଅଭୟ ନାୟକ। ସୂଚନା ମୁତାବକ, ୟୁନିଟ-୯ ଅଞ୍ଚଳର ଦେବବ୍ରତ ମିଶ୍ର ରାତି ୧୦ଟାବେଳେ ମାଷ୍ଟର କ୍ୟାଣ୍ଟିନ ରେଲ୍‌ୱେ ଷ୍ଟେଶନ ପାଖରେ ଚାଲିଚାଲି ଯାଉଥିବାବେଳେ ଏହି ଦୁଇଜଣ ତାଙ୍କଠାରୁ ବ୍ୟାଗ ଛଡାଇନେଉଥିଲେ। ସେଠାରେ ଉପସ୍ଥିତ କେତେଜଣ ଲୋକ ସେମାନଙ୍କୁ କାବୁ କରି ପୋଲିସ ଜିମା ଦେଇଥିଲେ। ପୋଲିସ ୧୮୧/୧୯ରେ ଏକ ମାମଲା ରୁଜୁ କରିଛି।

### ଯୁବତୀଙ୍କୁ ପିଛା କରି ରୋମିଓ ଅଟୋ ଚାଳକ ଗିରଫ

ଭୁବନେଶ୍ୱର, ୧୯।୭(ବ୍ୟୁରୋ): ଯୁବତୀଙ୍କୁ ପିଛା କରି ହଇରାଣ ହରକତ କରୁଥିବା ଅଭିଯୋଗରେ ଜଣେ ଅଟୋ ଚାଳକଙ୍କୁ ଚନ୍ଦ୍ରଶେଖରପୁର ଥାନା ପୋଲିସ ଗିରଫ କରିଛି। ସେ ହେଲେ ପୁରୀ ଜିଲା ସତ୍ୟବାଦୀ ଅଞ୍ଚଳର ନିରଞ୍ଜନ ସେଠୀ। ସୂଚନା ମୁତାବକ, ଶୁକ୍ରବାର ଡମଣା ଛକରେ ଚାଲିଚାଲି ଜଣେ ଯୁବତୀ ଯାଉଥିଲେ। ଏହି ସମୟରେ ଅଟୋ ଚାଳକ ନିରଞ୍ଜନ ନିଶାସକ୍ତ ଅବସ୍ଥାରେ ଥାଇ ତାଙ୍କୁ ପିଛା କରିବା ସହ କମେଣ୍ଟ ମାରିଥିଲେ। ଏ ନେଇ ଯବୁତୀ ଜଣକ ପ୍ରତିବାଦ କରିବାରୁ ସେ ତାଙ୍କୁ ଖରାପ ଭାଷାରେ ଗାଳି ଗୁଲଜ କରିଥିଲେ। ଯୁବତୀ ଜଣକ ପୋଲିସ କଣ୍ଟ୍ରୋଲ ରୁମ୍‌କୁ ଫୋନ କରି ଚୁପ୍‌ଚାପ ଠିଆ ହୋଇଥିଲେ। ଅଟୋ ଚାଳକ ଯୁବତୀଙ୍କ କମେଣ୍ଟ ମାରିଚାଲିଥିଲେ। କିଛି ସମୟ ମଧ୍ୟରେ ପିସିଆର ଭ୍ୟାନ ପହଞ୍ଚି ଅଟୋ ଚାଳକ ନିରଞ୍ଜନଙ୍କୁ ଗିରଫ କରିଥିଲା।

# ଚାକରାଣୀଙ୍କ ଛୁରା ମାଡ଼ରେ ବୃଦ୍ଧ ଗୁରୁତର

- କାମ କରିବାକୁ ମନା କରିଥିଲେ ପରିବାର ଲୋକେ
- ମହିଳା ଜଣକ ଲୁଟ୍ ଉଦ୍ଦେଶ୍ୟରେ ଆସିଥିବା ଅଭିଯୋଗ

ଭୁବନେଶ୍ୱର, ୧୯।୭(ବ୍ୟୁରୋ)

ଏୟାରଫିଲ୍ଡ ଥାନା ଅନ୍ତର୍ଗତ କପିଳପ୍ରସାଦ ଅଞ୍ଚଳରେ ଚାକରାଣୀଙ୍କ ଛୁରା ମାଡ଼ରେ ଜଣେ ୯୦ ବର୍ଷୀୟ ବୃଦ୍ଧ ଗୁରୁତର ଆହତ ହୋଇଛନ୍ତି। ତାଙ୍କ ବେକ, ହାତ, ନାକ ଆଦି ଶରୀରର ବିଭିନ୍ନ ସ୍ଥାନରେ ଗଭୀର କ୍ଷତ ସୃଷ୍ଟି ହୋଇଛି। ଆହତ ବୃଦ୍ଧ ଜଣକ ହେଲେ ଧରଣୀଧର ରାଉତରାୟ। ତାଙ୍କୁ ଗୁରୁତର ଅବସ୍ଥାରେ କ୍ୟାପିଟାଲ ହସ୍ପିଟାଲରେ ଭର୍ତ୍ତି କରାଯାଇଛି। ଅଭିଯୋଗ ପରେ ପୋଲିସ ଘଟଣାର ଖୋଳତାଡ଼ ଆରମ୍ଭ କରିଛି। ତେବେ ଏକ ଅଭିଯୋଗ ହେବା ପରେ ପୋଲିସ ଘଟଣାର ଖୋଳତାଡ଼ ଚଳାଇଛି। ମହିଳା ଜଣକ ତାଙ୍କ ଘରୁ ଚୋରି କରିବା ଉଦ୍ଦେଶ୍ୟରେ ଆସିଥିଲେ। ବୃଦ୍ଧ ଜଣକ ବିରୋଧ କରିବାରୁ ଆଣିଥିବା ଛୁରିରେ ବେକକୁ କାଟିଦେବା ସହ ଶରୀର ବିଭିନ୍ନ ଜାଗାରେ ଭୁସିଦେଇ ଫେରାର ହୋଇଥିଲେ ବୋଲି ପରିବାର ଲୋକେ ଅଭିଯୋଗ ଆଣିଛନ୍ତି।

ଅଭିଯୋଗ ଅନୁଯାୟୀ, ଧରଣୀଧର ପରିବାର ସହ କପିଳ ପ୍ରସାଦ ବିଡିଏ କଲୋନୀ ଏଚ୍‌ଆଇଜି-୧/୬ରେ ରହୁଛନ୍ତି। ତାଙ୍କ ଘର କାମ କରିବାକୁ ଆସୁଥିବା ଜଣେ ଚାକରାଣୀଙ୍କର ଦେହ ଖରାପ ହେବାରୁ ସେ କିଛିଦିନ ହେବ ଆସିପାରି ନ ଥିଲେ। ତେଣୁ ଧରଣୀଧର ତାଙ୍କର ଜଣେ ଚିହ୍ନା ଲୋକଙ୍କୁ ଏ ସମ୍ପର୍କରେ ଜଣାଇବାରୁ ସେ ଜଣେ ଚାକରାଣୀଙ୍କୁ ପଠାଇଥିଲେ। ସେ ତାଙ୍କ ଘରକୁ ଆସି କାମ କରୁଥିଲେ। ହେଲେ ପୂର୍ବରୁ କାମ କରୁଥିବା ଚାକରାଣୀଙ୍କର ଦେହ ସୁସ୍ଥ ହୋଇଯିବାରୁ ସେ ପହଞ୍ଚି ଦୁଇଦିନ ପରେ ଆସି କାମ କରିବାକୁ କହିଥିଲେ। ତେଣୁ ଧରଣୀଧର କାର୍ଯ୍ୟରତ ଚାକରାଣୀକୁ ଆଉ ନ ଆସିବାକୁ କହିଥିଲେ। କିନ୍ତୁ ଶୁକ୍ରବାର ସକାଳେ ସେ ହଠାତ୍ ପହଞ୍ଚି କାମ କରିବାକୁ ଜିଦ୍ ଧରିଥିଲେ। ଏଥିରେ ଧରଣୀଧର ଓ ତାଙ୍କ ପରିବାର ଲୋକେ ଚକିତ ହୋଇପଡିବା ସହ କଥାବାର୍ତ୍ତାକୁ ନେଇ ତାଙ୍କ ଉପରେ ସନ୍ଦେହ କରି ତୁରନ୍ତ ଚାଲିଯିବାକୁ କହିଥିଲେ। ହେଲେ ଉକ୍ତ ମହିଳା ଜଣକ ସେଠାରୁ ଯିବାର ୫ ମିନିଟ୍ ପରେ ପୁଣି ଆସି ସେଠାରେ ପହଞ୍ଚି ଝାଡୁ କରିବାକୁ ମ୍ୟାଡାମ୍ ପଠାଇଥିବା କହିଥିଲେ। ହେଲେ ଧରଣୀଧର ତାଙ୍କୁ ଘର ବାରଣ୍ଡାରେ ବସାଇ କେଉଁ ମ୍ୟାଡାମ କହିଛନ୍ତି ସେ ଆସିଲେ ଝାଡୁ କରିବ ବୋଲି କହି ବାରଣ୍ଡାରେ ବସାଇଥିଲେ। ସେତେବେଳେ ଘରେ ଧରଣୀଧର ଓ ତାଙ୍କ ବୋହୂ ଥିଲେ। କିଛି ସମୟ ପରେ ବୋହୂ ବାଥରୁମ୍‌କୁ ଗାଧୋଇବାକୁ ଯାଇଥିବାବେଳେ ଧରଣୀଧର ଠାକୁର ପୂଜା କରୁଥିଲେ। ଏହି ସମୟରେ ଚାକରାଣୀ ଜଣକ ହଠାତ ଘର ଭିତରକୁ ପଶି ବାଥ୍‌ରୁମ୍ କବାଟକୁ ବାହାରୁ ବନ୍ଦ କରିଦେଇଥିଲେ। ଫଳରେ ବୋହୂଙ୍କ ଚିତ୍କାର ଶୁଣି ଧରଣୀଧର ପହଞ୍ଚିବାରୁ ଚାକରାଣୀ ଜଣକ ଲୁଚାଇ ରଖିଥିବା ଛୁରିରେ ତାଙ୍କୁ ଆକ୍ରମଣ କରିଥିଲେ। ଫଳରେ ରକ୍ତ ଜୁଡୁବୁଡୁ ଅବସ୍ଥାରେ ଧରଣୀଧର ତଳେ ପଡି ଛଟପଟ ହେଉଥିଲେ ମଧ୍ୟ ଚାକରାଣୀ ତାଙ୍କ ଶରୀରକୁ ବାରମ୍ବାର ଛୁରିରେ ଭୁସି ଚାଲିଥିଲେ। ପାଟିଶୁଣି ପଡୋଶୀ ଲୋକେ ଆସିଯିବାରୁ ଚାକରାଣୀ ଜଣକ ଘଟଣାସ୍ଥଳରୁ ଦୌଡ଼ି ପଳାଇଥିଲେ। ପଡୋଶୀ ଲୋକେ ଧରଣୀଧରଙ୍କୁ ଉଦ୍ଧାର କରି ଡାକ୍ତରଖାନାରେ ଭର୍ତ୍ତି କରିବା ସହ ପୋଲିସକୁ ଖବର ଦେଇଥିଲେ।

## ଘରଭଙ୍ଗା ବିପନ୍ନଙ୍କୁ ସାହାଯ୍ୟର ହାତବଢ଼ାଇଲେ କମ୍ରେଡ



ସିପିଆଇ(ଏମଏଲ)ର ସଦସ୍ୟ ଜଣେ ବିପନ୍ନଙ୍କୁ ସହାୟତା ରାଶି ଦେଉଛନ୍ତି।

ପୁରୁଣା ଭୁବନେଶ୍ୱର, ୧୯।୭ (ଡି.ଏନ୍.ଏ.)

ବାତ୍ୟା ଫନୀ ଯିବାର ୨ମାସ ୧୪ଦିନ ପରେ ମଧ୍ୟ ବିପନ୍ନଙ୍କୁ ଏଯାବତ ସହାୟତା ମିଳିପାରି ନାହିଁ। ସମ୍ପୂର୍ଣ୍ଣ ଘର ଭାଙ୍ଗିଥିବା ବିପନ୍ନଙ୍କ ନାଁ ବ୍ଲକ ତାଲିକାରେ ନ ଥିବାବେଳେ ତାହା ଆଂଶିକ ଘରଭଙ୍ଗା ତାଲିକାରେ ରହିଥିବା ନେଇ ଅଞ୍ଚଳବାସୀ ଉଦ୍‌ବେଗ ପ୍ରକାଶ କରିଛନ୍ତି। ଇତିମଧ୍ୟରେ ସହାୟତା ରାଶି ନ ପାଇ ବର୍ଷାରେ ବିପନ୍ନମାନେ ବହୁ ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ଏଭଳି ସ୍ଥଳରେ ସ୍ଥାନୀୟ ଉତ୍ତରା ଫାଣ୍ଡି ଅଧୀନ ତିଗିରିଆ ଗାଁରେ ବାତ୍ୟାରେ କାନ୍ଥପଡ଼ି ମୃତ୍ୟୁବରଣ କରିଥିବା କେଶବ ବେହେରା(୪୦)ଙ୍କ ପରିବାରକୁ ସହଯୋଗର ହାତ ବଢାଇଛନ୍ତି ସିପିଆଇଏମଏଲ(ଲିବରସନ) କେନ୍ଦ୍ର କମିଟି। ତାଙ୍କ ପରିବାରକୁ ତତ୍‌କାଳ ସହଯୋଗ ପାଇଁ ମୃତକ କେଶବଙ୍କ ବାପା କାଶିନାଥଙ୍କୁ ୧ଲକ୍ଷ ଟଙ୍କାର ନଗଦରାଶି ପ୍ରଦାନ କରାଯାଇଛି। ଶୁକ୍ରବାର ଏହି ରାଶିକୁ ଦଳର ବରିଷ୍ଠ ନେତା ସାଥୀ ଦିବାକର ବେଉରା ସ୍ୱତନ୍ତ୍ର କାର୍ଯ୍ୟକ୍ରମରେ ପ୍ରଦାନ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଦଳର ରାଜ୍ୟ ସମ୍ପାଦକ ଯୁଧିଷ୍ଠିର ମହାପାତ୍ର, ଜିଲା ସମ୍ପାଦକ ଅଶୋକ ପ୍ରଧାନ ବ୍ଲକ ସମ୍ପାଦକ ସର୍ବେଶ୍ୱର ଭାରତୀ, ରାଜକିଶୋର ଶତପଥୀ, ଲକ୍ଷ୍ମୀଧର ପ୍ରଧାନ ଉପସ୍ଥିତ ଥିଲେ।

### କେନ୍ଦ୍ରାପଡ଼ାରେ ଖବରଦାତାଙ୍କୁ ଦୁର୍ବ୍ୟବହାର ଘଟଣା

## ଏସ୍‌ପିଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ପାଇଁ ଓଏଚ୍‌ଆରସିରେ ଅଭିଯୋଗ




ଖବରଦାତାଙ୍କୁ ମାଡ ଘଟଣାରେ ଓଏଚଆରସି ନିକଟରେ ଦାବିପତ୍ର ଦେବାକୁ ଆସିଥିବା ଓଡିଶା ବିକାଶ ପରିଷଦର ସଦସ୍ୟ।

ଭୁବନେଶ୍ୱର,୧୯।୭(ବ୍ୟୁରୋ)

କେନ୍ଦ୍ରାପଡାରେ କାର୍ଯ୍ୟରତ ଜଣେ ଟିଭି ଖବରଦାତାଙ୍କୁ ଏସ୍‌ପି ନୀତି ଶେଖର ହାତ ଉଠାଇବା ସହ ଦୁର୍ବ୍ୟବହାର କରିଥିଲେ। ଏହି ଘଟଣାକୁ ନେଇ ରାଜ୍ୟବ୍ୟାପୀ ତୀବ୍ର ପ୍ରତିକ୍ରିୟା ପ୍ରକାଶ ପାଇଥିବାବେଳେ ଶୁକ୍ରବାର ଓଡ଼ିଶା ବିକାଶ ପରିଷଦ ପକ୍ଷରୁ ରାଜ୍ୟ ମାନବାଧିକାର କମିଶନ(ଓଏଚଆରସି)ଙ୍କ ନିକଟରେ ଅଭିଯୋଗ ହୋଇଛି। ସଂଗଠନ ସଭାପତି ସୁଶାନ୍ତ କୁମାର ପାଢ଼ୀ ଦେଇଥିବା ପିଟିଶନ୍‌ରେ ଉଲ୍ଲେଖ କରିଛନ୍ତି ଯେ, ମୁଖ୍ୟମନ୍ତ୍ରୀଙ୍କ କାର୍ଯ୍ୟକ୍ରମରେ ଖବରଦାତା ଜଣକ ଖବର ସଂଗ୍ରହ ପାଇଁ ଯାଇଥିଲେ। ସେ କୌଣସି ବିଶୃଙ୍ଖଳା କରି ନ ଥିଲେ ମଧ୍ୟ ମୁଖ୍ୟମନ୍ତ୍ରୀଙ୍କୁ ସୁରକ୍ଷା ଦେବା ଆଳରେ ଏସ୍‌ପି ତାଙ୍କୁ ଦୁର୍ବ୍ୟବହାର କରିଥିଲେ। ଗୋଟିଏ ହାତରେ ଖବରଦାତାଙ୍କ ଶାର୍ଟ କାଲର ଭିଡି ଅନ୍ୟ ହାତ ମାରିବା ପାଇଁ ଉଠାଇବା ଏସ୍‌ପିଙ୍କ ଗୁଣ୍ଡାରାଜର ପ୍ରମାଣ କରୁଛି। ତେଣୁ ରାଜ୍ୟରେ ଚତୁର୍ଥସ୍ତମ୍ଭ ଗଣମାଧ୍ୟମ ମଧ୍ୟ ସୁରକ୍ଷିତ ନାହିଁ। ଗଣତନ୍ତ୍ର ବଦଳରେ ପୋଲିସତନ୍ତ୍ର ଚାଲିଛି। ଏହାଦ୍ୱାରା ଖବରଦାତାଙ୍କ ମାନବିକ ଅଧିକାର ଉଲ୍ଲଂଘନ ହୋଇଛି। ତେଣୁ ଏସ୍‌ପିଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ପାଇଁ ଗୃହ ବିଭାଗର ମୁଖ୍ୟ ଶାସନ ସଚିବ,ପୋଲିସ ଡିଜି ଓ କେନ୍ଦ୍ରାପଡା ଜିଲାପାଳଙ୍କୁ ତଦନ୍ତ ନିର୍ଦ୍ଦେଶ ଦେବା ପାଇଁ କମିଶନରଙ୍କୁ ପାଢୀ ନିବେଦନ କରିଛନ୍ତି।

## ସ୍କୁଲ ପରିସରରେ ଚାରାରୋପଣ

ବାଲିଅନ୍ତା,୧୯।୭(ଡି.ଏନ୍.ଏ.)

ଭୁବନେଶ୍ୱର ମହାନଗର ନିଗମର ୪ନଂ ୱାର୍ଡ ଅଧୀନ ନହରକଣ୍ଟାସ୍ଥିତ କୋମଳ ପ୍ଲେ ସ୍କୁଲ ପରିସରରେ ଶୁକ୍ରବାର ଚାରାରୋପଣ କରାଯାଇଛି। ଏଥିରେ ଭୁବନେଶ୍ୱର ଉତ୍ତର ବିଧାୟକ ସୁଶାନ୍ତ କୁମାର ରାଉତ ମୁଖ୍ୟଅତିଥି ଭାବେ ଯୋଗଦେଇ ଚାରା ଚାରାରୋପଣ କରିଥିଲେ। ସ୍କୁଲ ଅଧ୍ୟକ୍ଷା ରଶ୍ମିତା ପ୍ରଧାନଙ୍କ ସଭାପତିତ୍ୱରେ ବିଧାୟକ ରାଉତ ଚାରାରୋପଣର ଆବଶ୍ୟକତା ଉପରେ ପିଲାମାନଙ୍କୁ ଅବଗତ କରାଇଥିଲେ। ଏହାସହ ସ୍କୁଲ ପରିସରକୁ ସବୁଜ ଓ ସୁନ୍ଦର କରିବାକୁ ପରାମର୍ଶ ଦେଇଥିଲେ। ଏହି ଅବସରରେ ସ୍କୁଲ କମିଟଇ ପକ୍ଷରୁ ବିଧାୟକ ରାଉତଙ୍କୁ ମାନପତ୍ର ଓ ଉତ୍ତରୀୟ ଦେଇ ସମ୍ବର୍ଦ୍ଧିତ କରାଯାଇଥିଲା।

## ଆକ୍ରମଣ: ଅଭିଯୁକ୍ତ ଗିରଫ

ଭୁବନେଶ୍ୱର, ୧୯।୭(ବ୍ୟୁରୋ)

କ୍ୟାପିଟାଲ ଥାନା ଅଞ୍ଚଳରେ ଜଣେ ଯୁବକଙ୍କୁ ମରଣାନ୍ତକ ଆକ୍ରମଣ ଘଟଣାରେ ପୋଲିସ ଅଭିଯୁକ୍ତଙ୍କୁ ଶୁକ୍ରବାର ଗିରଫ କରିଛି। ସେ ହେଲେ ୟୁନିଟ୍ ୬ ସଡକ ବସ୍ତିରେ ରହୁଥିବା ବିଦେଶୀ ଦଳେଇ। ସୂଚନା ମୁତାବକ, ସେହି ବସ୍ତି ଅଞ୍ଚଳରେ ରହୁଥିବା ରବି ନାୟକଙ୍କ ସହ ଅଭିଯୁକ୍ତ ବିଦେଶୀଙ୍କର କୌଣସି କାରଣକୁ ନେଇ ଶୁକ୍ରବାର ମଧ୍ୟାହ୍ନରେ ବଚସା ହୋଇଥିଲା। ବିଦେଶୀ ଉତ୍‌କ୍ଷିପ୍ତ ହୋଇ ରବିଙ୍କୁ ମାଡ଼ମାରିବା ସହ ମୁଣ୍ଡ ଫଟାଇ ଫେରାର ହୋଇଯାଇଥିଲେ। ଏ ନେଇ ରବିଙ୍କ ମାଆ ମିନି ଥାନାରେ ଅଭିଯୋଗ କରିବା ପରେ ପୋଲିସ ନଂ.୨୫୦/୧୯ରେ ମାମଲା ରୁଜୁ କରି ବିଦେଶୀଙ୍କୁ ଗିରଫ କରିଥିଲା।

### ଡକାୟତି ଯୋଜନା

## ଜେଲ ଗଲେ ୫ ଅଭିଯୁକ୍ତ

**ଖଣ୍ଡା, ଭୁଜାଲି, ଅଟୋ ଜବତ**

ଖୋର୍ଦ୍ଧା ଅଫିସ,୧୯।୭

ଡକାୟତି ଯୋଜନା କରୁଥିବା ବେଳେ ଶୁକ୍ରବାର ଖୋର୍ଦ୍ଧା ଆଦର୍ଶ ଥାନା ପୋଲିସ ୫ଜଣ ଅଭିଯୁକ୍ତଙ୍କୁ ଗିରଫ କରି ଖୋର୍ଦ୍ଧା ଏଡିଜେ କୋର୍ଟକୁ ଚାଲାଣ କରିଥିଲା। ଜାମିନ ନାମଞ୍ଜୁର ହେବାରୁ ସେମାନଙ୍କୁ ଖୋର୍ଦ୍ଧା ସବ୍‌ଜେଲକୁ ପଠାଇ ଦିଆଯାଇଥିବା ପୋଲିସ କହିଛି। ଅଭିଯୁକ୍ତମାନେ ହେଲେ ବ୍ରାଉନସୁଗାର କାରବାରର ମାଷ୍ଟରମାଇଣ୍ଡ ତଥା ଖୋର୍ଦ୍ଧା ପଥରଖଣି ଉପତ୍ୟକାରେ ରାଜ କରୁଥିବା ସୁଧାଂଶୁ ପରିଡା ଓରଫ ଛୋଟାଙ୍କ ଭାଇ ଗୋପୀନାଥ ସାହିର ଶୁଭେନ୍ଦୁ ପରିଡା(୩୭), ଯାଜପୁର ଜିଲା ସୁକିନ୍ଦା ଥାନା ହରିପୁର ଗ୍ରାମର ଦୀପକ ପ୍ରଧାନ(୨୭), ଜଟଣୀ ଥାନା ଉତ୍ତର ମୁଣ୍ଡମାଳ ଗ୍ରାମର ଦିଲ୍ଲୀପ ପ୍ରଧାନ(୩୨), ଝାଁଳା ଫାଣ୍ଡି ଅଞ୍ଚଳର ଅଭୟ ନାୟକ ଓ ସୁମନ ନାୟକ(୨୬)। ଏମାନଙ୍କଠାରୁ ଗୋଟିଏ ଅଟୋ, ୧ଖଣ୍ଡା, ୨ଭୁଜାଲି, ୨ଟି ଆଇରନ ରଡ ଜବତ ହୋଇଛି। ସୂଚନାଥାଉ କି, କୋଲକାତା-ମାଡ୍ରାସ ୧୬ନଂ. ଜାତୀୟ ରାଜପଥ ଏସ୍‌ପିଙ୍କ କାର୍ଯ୍ୟାଳୟ ନିକଟସ୍ଥ ସତ୍‌ସଙ୍ଗ ମନ୍ଦିର ନିକଟରେ ଅଭିଯୁକ୍ତମାନେ ଡକାୟତି ପାଇଁ ଯୋଜନା କରୁଥିବାବେଳେ ଖବରପାଇ ପୋଲିସ ସେମାନଙ୍କୁ କାବୁ କରିଥିଲା।

## ଏନ୍‌ଇଟିରେ କୃତକାର୍ଯ୍ୟ ହେଲେ ରେଭେନ୍‌ଶାର ୨୨ ବିଦ୍ୟାର୍ଥୀ

କଟକ ଅଫିସ୍, ୧୯।୭

ରେଭେନ୍‌ଶା ବିଶ୍ୱବିଦ୍ୟାଳୟରେ ସ୍ନାତକୋତ୍ତର ଅର୍ଥଶାସ୍ତ୍ର ବିଭାଗର ୨୨ଜଣ ବିଦ୍ୟାର୍ଥୀ ନ୍ୟାଶନାଲ ଏଲିଜିବିଲିଟି ଟେଷ୍ଟ (ଏନ୍‌ଇଟି)ରେ କୃତକାର୍ଯ୍ୟ ହୋଇଛନ୍ତି। ଗୋଟିଏ ବିଭାଗର ଏତେ ସଂଖ୍ୟକ ଛାତ୍ରୀଛାତ୍ର ଜାତୀୟ ସ୍ତରର ପରୀକ୍ଷାରେ ଉତ୍ତୀର୍ଣ୍ଣ ହେବା ବିଶ୍ୱବିଦ୍ୟାଳୟ ନିମନ୍ତେ ମଧ୍ୟ ଗୌରବର ବିଷୟ। ଉକ୍ତ ୨୨ଜଣଙ୍କ ମଧ୍ୟରୁ ଛାତ୍ର ମହମ୍ମଦ ନାଜମୁଲ ହୁଡ଼ା ଫେଲୋଶିପ ମଧ୍ୟ ପାଇଛନ୍ତି। ବିଭାଗର ପ୍ରାଧ୍ୟାପକ ପ୍ରଫେସର ଚିତ୍ତରଞ୍ଜନ ନାୟକ ବିଦ୍ୟାର୍ଥୀମାନଙ୍କୁ ଶୁଭେଚ୍ଛା ଜଣାଇଛନ୍ତି।

## ମନ୍ଦିରର ପାର୍କିଂସ୍ଥଳରେ ବନ୍ଦହେଲା ମିନାବଜାର

ପୁରୁଣା ଭୁବନେଶ୍ୱର, ୧୯।୭ (ଡି.ଏନ୍.ଏ.)

ମହାପ୍ରଭୁ ଶ୍ରୀ ଲିଙ୍ଗରାଜ ମନ୍ଦିର ସମ୍ମୁଖରେ ଥିବା ପାର୍କିଂସ୍ଥଳରେ ଏକ ମୀନା ବଜାର ପଡ଼ିବାପାଇଁ ପ୍ରସ୍ତୁତି ଚାଲିଥିଲା। ଏଥିପାଇଁ ଆୟୋଜକ ଅନୁଷ୍ଠାନ ଦୋଳି ସହ ଅନ୍ୟାନ୍ୟ ଉପକରଣ ରଖିବା ପାଇଁ ନିର୍ମାଣ କାର୍ଯ୍ୟ ଜୋରସୋର ଚଳାଇଥିଲେ। ଶ୍ରାବଣ ମାସ ଥିବାରୁ ଏଠାରେ ମିନାବଜାର ପଡ଼ିବା କେତେଦୂର ଯଥାର୍ଥ ଏହାନେଇ ସ୍ଥାନୀୟବାସିନ୍ଦା ପ୍ରଶ୍ନ ଉଠାଇଥିଲେ। ଏପରିକି ଏହି ଖବର କମିଶନରେଟ ପୋଲିସ ଓ ମନ୍ଦିର ପ୍ରଶାସନ ପାଖରେ ଖବର ନ ଥିବା ଆହୁରି ଚକିତ କରିଥିଲା। ଫଳରେ ଏହି ଘଟଣା ସମ୍ବନ୍ଧରେ ଶୁକ୍ରବାର ଧରିତ୍ରୀରେ ଏକ ଖବର ପ୍ରକାଶିତ ହୋଇଥିଲା। ପ୍ରସାରିତ ହେବାପରେ ଅପରାହ୍ଣ ସୁଦ୍ଧା ଆୟୋଜକ ପକ୍ଷରୁ ଦୋଳି ଉଠାଯିବା ସହ ମିନାବଜାର ବନ୍ଦ ହୋଇଥିଲା।

## ଫନୀକୁ ବିତିଲା ୨ମାସ, ସଳଖିହେଉନି ସୂଚନାଫଳକ

ନରାଜ,୧୯।୭(ଡି.ଏନ୍.ଏ.)

ବାରଙ୍ଗ ଅଞ୍ଚଳରେ ବିଭିନ୍ନ ଅଞ୍ଚଳକୁ ରାସ୍ତା ଜଣାଇବା ପାଇଁ ଥିବା ସୂଚନାଫଳକଗୁଡିକ ବାତ୍ୟା ଫନୀରେ ଭାଙ୍ଗି ଯାଇଥିଲା। ଫନୀ ଯିବାର ଦୁଇମାସରୁ ଉର୍ଦ୍ଧ୍ୱ ହୋଇଯାଇଥିଲେ ବି ଭଙ୍ଗା ସୂଚନାଫଳକଗୁଡିକ ଏପର୍ଯ୍ୟନ୍ତ ଠିକ କରାଯାଇନାହିଁ। ତ୍ରିଶୁଳିଆ ଛକରୁ ବାଙ୍କୀ ଓ ଭୁବନେଶ୍ୱର ରାସ୍ତାର ପାର୍ଶ୍ୱରେ ଥିବା ବହୁ ଦାମୀ ଷ୍ଟିଲ ସୂଚନାଫଳକଗୁଡିକ ସେଭଳି ଭଙ୍ଗା ଅବସ୍ଥାରେ ପଡିରହିଛି। କିଛି ଚୋରି ହୋଇଯାଇଥିଲେ ମଧ୍ୟ ବିଭାଗୀୟ ଅଧିକାରୀଙ୍କ ଦୃଷ୍ଟିରେ ଏସବୁ ପଡୁନାହିଁ। ଏହି ଅଞ୍ଚଳକୁ ବାହାରୁ ପର୍ଯ୍ୟଟକ ନନ୍ଦନକାନନ ଓ ବାଙ୍କୀରେ ଚର୍ଚ୍ଚିକା ଭଳି ପର୍ଯ୍ୟଟନସ୍ଥଳୀକୁ ବୁଲିବାକୁ ଆସିଥାନ୍ତି। ଏହି ରାସ୍ତାରେ ରାଜ୍ୟ ତଥା ରାଜ୍ୟ ବାହାରୁ ବହୁ ପର୍ଯ୍ୟଟକ ଯିବା ଆସିବା କରୁଥିବାରୁ ସୂଚନାଫଳକର ନିହାତି ଆବଶ୍ୟକତା ରହିଛି। ଏହି ରାସ୍ତାରେ ବିଭାଗୀୟ କର୍ମଚାରୀମାନେ ସବୁବେଳେ ଯିବାଆସିବା କରୁଥିଲେ ମଧ୍ୟ ଏଥିପ୍ରତି ଧ୍ୟାନ ନ ଦେବା ଜଣାପଡୁଛି। ଆଗକୁ ପର୍ଯ୍ୟଟନ ଋତୁ ଆସୁଥିବାରୁ ଖୁବଶୀଘ୍ର ସୂଚନାଫଳକଗୁଡିକୁ ଠିକ କରିବା ପାଇଁ ସାଧାରଣରେ ଦାବି ହୋଇଛି।



ବାତ୍ୟାରେ ଭାଙ୍ଗିଯାଇଥିବା ଏକ ସୂଚନା ଫଳକ।

### ଶ୍ରୀ ଅନନ୍ତ ବାସୁଦେବ ମନ୍ଦିର

## ଐଶାନ୍ୟ କୋଣରେ ନିର୍ମାଣ ହେବ ରୋଷଘର

- ମନ୍ଦିରର ବିକାଶ ପାଇଁ ବ୍ୟୟ ହେବ ୮କୋଟି
- ବେଆଇନ ନିର୍ମାଣ ସାଜୁଛି ବାଧକ

ପୁରୁଣା ଭୁବନେଶ୍ୱର, ୧୯।୭ (ଡି.ଏନ୍.ଏ.)

ଐତିହ୍ୟ ଅନନ୍ତ ବାସୁଦେବ ମନ୍ଦିରର ରୂପରେଖ ବଦଳିବ। ବର୍ଷ ବର୍ଷ ଧରି ମନ୍ଦିର ପରିସରରେ ଥିବା ରୋଷଘର ମନ୍ଦିରର କାରୁକାର୍ଯ୍ୟ ନଷ୍ଟ କରୁଛି। ଏପରିକି ଏହି ରୋଷଘରରେ ଅବଢ଼ା ପ୍ରସାଦ ପ୍ରସ୍ତୁତ ହେଲାବଳେ ଅନେକଥର ନିଆଁଲାଗି ରୋଷଘରଗୁଡ଼ିକ ସମ୍ପୂର୍ଣ୍ଣ ଜଳିଯାଇଥାଏ। ଘର ପୋଡ଼ିରେ ପ୍ରବଳ ଧୂଆଁ ନିର୍ଗତ ହେବାରୁ ମନ୍ଦିରଟିର ପରିପାଟି ନଷ୍ଟ ହୋଇଯାଏ। ତେଣୁ ଏଭଳି ସମସ୍ୟା ବହୁ ବର୍ଷ ପୂର୍ବରୁ ଦେଖାଦେଇଥିଲେ ହେଁ ପ୍ରତିକାର ସ୍ୱରୂପ ନାଁ ମନ୍ଦିର ପ୍ରଶାସନ ନା ଏଏସଆଇ କୌଣସି ବାଟ ଖୋଜିପାଇପାରୁ ନ ଥିଲେ। ଏହି ମନ୍ଦିରକୁ ଅଧିକ ଆକର୍ଷଣୀୟ କରିବାପାଇଁ ପର୍ଯ୍ୟଟନ ବିଭାଗ ପକ୍ଷରୁ ଗତବର୍ଷ ୮କୋଟି ବ୍ୟୟ ହୋଇଛି। ଖୁବ୍‌ଶୀଘ୍ର ଏହି କାର୍ଯ୍ୟର ଶୁଭାରମ୍ଭ ହେବ। ସୂଚନା ଥାଉକି ମନ୍ଦିର ଐଶାନ୍ୟ କୋଣରେ ଏକ ରୋଷଘର ନିର୍ମାଣ କରାଯିବ। ଏଥିପାଇଁ ବାସ୍ତୁଅନୁସାରେ ଜାଗା ଚିହ୍ନଟ କରାଯାଇଛି। ୧୫ବର୍ଷ ତଳୁ ବିଏମସି ଦ୍ୱାରା ପ୍ରାୟ ୧୦୦ଟି ରୋଷଗୃହ ଅର୍ଦ୍ଧନିର୍ମିତ ଅବସ୍ଥାରେ ପଡ଼ି ରହିଛି।



ମନ୍ଦିର ନିକଟରେ ରୋଷ ଘର ପାଇଁ ଚିହ୍ନଟ ହୋଇଥିବା ସ୍ଥାନ।

ଏହା ଦ୍ୱାରା ମନ୍ଦିରକୁ ଧୂଆଁ ଆବରଣରୁ ରକ୍ଷା କରାଯିବା ସହ ମନ୍ଦିର ବେଢା ପରିକ୍ରମାରେ ଶ୍ରଦ୍ଧାଳୁମାନଙ୍କୁ ସହଜ ଓ ସୁବିଧା ହେବ। ସେହିଭଳି ରୋଷଘରଠାରୁ ଲିଙ୍ଗରାଜ ମନ୍ଦିର କୋଟତୀର୍ଥ ରୋଡ଼କୁ ନୂତନ ରାସ୍ତା ସଂଲଗ୍ନ ହେବ । ଫଳରେ ଅବଢ଼ା ପ୍ରସାଦକୁ ଶ୍ରଦ୍ଧାଳୁମାନେ ପୁରୁଣା ବିନ୍ଦୁସାଗର ରୋଡ଼ ପରିବର୍ତ୍ତେ ଏଠାରୁ ସହଜରେ ନେଇପାରିବେ। ଏଥିପାଇଁ ପ୍ରସାଦ ବୋହିବା ପାଇଁ ମଧ୍ୟ ସ୍ୱତନ୍ତ୍ର ଯାନର ବ୍ୟବସ୍ଥା କରାଯିବ। ମନ୍ଦିର ଭିତରେ ଥିବା ସମସ୍ତ ରୋଷଘର ଏବଂ ପିଣ୍ଡିଗୁଡ଼ିକୁ ଉଚ୍ଛେଦ କରାଯିବା ସହ ବେଢାକୁ ପ୍ରସତିକରଣ କରାଯିବ। ଏଭଳି ଯୋଜନା କାର୍ଯ୍ୟକାରୀ ହେବାକୁ ଯାଉଥିବାବେଳେ ଗୁରୁବାର ଏଏସଆଇର ଗାଇଡ଼ ଲାଇନ ବିରୋଧରେ ଯାଇ କେତେକ ବ୍ୟକ୍ତି ବାଲି ସିମେଣ୍ଟରେ ପିଣ୍ଡିଟି ନର୍ମାଣ କରିବା ଚର୍ଚ୍ଚାର ବିଷୟ ହୋଇଛି । ଘଟଣା ନେଇ ଏଏସ୍‌ଆଇ ପକ୍ଷରୁ ବିରୋଧ କରାଯାଇଥିଲା। ମାତ୍ର ସମ୍ପୃକ୍ତ ବ୍ୟକ୍ତିମାନେ ଏଥିପ୍ରତି ଭ୍ରୂକ୍ଷେପ ନ କରି ସେମାନଙ୍କର କାର୍ଯ୍ୟଧାରା ଜାରି ରଖିବା ନେଇ ପ୍ରଶାସନର କେଉଁ ଅଧିକାରୀ ପଛଦପଟରେ ରହିଛନ୍ତି ତାହା ପ୍ରଶ୍ନବାଚୀ ସୃଷ୍ଟି ହୋଇଛି। ଶୁକ୍ରବାର ଅପରାହ୍ଣ ସୁଦ୍ଧା ନିର୍ମାଣକାର୍ଯ୍ୟ ଜୋରସୋର ଜାରି ରହିଥିବା ହଜାର ହଜାର ଶ୍ରଦ୍ଧାଳୁଙ୍କୁ ବ୍ୟଥିତ କରିଛି । ଏ ନେଇ ଏଏସଆଇର ସଂରକ୍ଷଣ ଅଧୀକ୍ଷକ ତୈଲୋକ ନାଥ ବେହେରା କୁହନ୍ତି, ଆମ୍ଭର ବିରୋଧ ସତ୍ତ୍ୱେ ମନ୍ଦିର ନିଷିଦ୍ଧାଞ୍ଚଳରେ ବେଆଇନ ନିର୍ମାଣ କାର୍ଯ୍ୟ ଜୋର ଜବରଦସ୍ତ ଚଲାଇଥିବା ବ୍ୟକ୍ତିଙ୍କ ବିରୋଧରେ ପ୍ରଥମ କାରଣ ଦର୍ଶାଅ ନୋଟିସ୍ ପଠାଇବୁ ପରେ ଏଥିରେ ବ୍ୟତିକ୍ରମ ହେଲେ ଦୃଢ କାର୍ଯ୍ୟାନୁଷ୍ଠାନ ନିଆଯିବ ।



ସାପର ବିଷ ତାର ଦନ୍ତରେ ଥାଏ। ମାଛିର ବିଷ ତାର ମସ୍ତକରେ ଥାଏ, ବିଛାର ବିଷ ଲାଙ୍ଗୁଡରେ ଥାଏ। କିନ୍ତୁ ଦୁର୍ଜନର ବିଷ ତା' ସର୍ବାଙ୍ଗରେ ଥାଏ। - **ଚାଣକ୍ୟ**



## ସଂକ୍ଷେପରେ

### ସୁନାଚେନ୍ ଲୁଟ୍ ଘଟଣା, ୪ ଗିରଫ

**ଫୁଲନଖରା,୧୯।୭(ଡି.ଏନ୍.ଏ.):** କଟକ ସଦର ପୋଲିସ ଫୁଲନଖରା ଓଭରବ୍ରିଜଠାରୁ ଗୋପାଳପୁର ମଧରେ ନିୟମିତ ରାସ୍ତାରେ ସୁନାଚେନ ଚୋରି କରୁଥିବା ଦୁଇ ଲୁଟେରାଙ୍କୁ ଓ ଚୋରି ସୁନା କିଣୁଥିବା ଦୁଇ ଦୋକାନୀଙ୍କୁ ଗିରଫ କରି ଶୁକ୍ରବାର କୋର୍ଟଚାଲାଣ କରିଛି। ସେମାନେ ହେଲେ ବାରଙ୍ଗ ଥାନା ଜୟପୁର ସାମଲ ସାହିର ଆଲୋକ ସାମଲ(୨୪), ବିକାଶ ନାୟକ ଓରଫ ଅନୁ(୨୨), ପ୍ରଶାନ୍ତ ନାୟକ ଓରଫ ବାଟୁଆ(୩୭) ଓ ଭଦ୍ରକ ଧାମନଗର ଅଞ୍ଚଳର ଆଶିଷ କୁମାର ସାହୁ(୩୨)। ପୋଲିସ ସେମାନଙ୍କଠାରୁ ୪୦ଗ୍ରାମ ଓଜନର ୬ଟି ସୁନାଚେନ, ଗୋଟିଏ ଓଡି ୦୫ ଏସି ୫୩୦୦ନଂ ବିଶିଷ୍ଟ ଅଟୋ, ଓଡି ୦୫ଏମ ୭୪୬୩ ନଂ ବିଶିଷ୍ଟ ଏକ କଳାରଙ୍ଗର ପଲସର ବାଇକ ଓ ୩ଟି ମୋବାଇଲ ଫୋନ ଜବତ କରିଛି। ଏ ନେଇ ଥାନାରେ ନଂ ୩୦୪/୨୦୧୯ରେ ଏକ ମାମଲା ରୁଜୁ ହୋଇଛି। ସୂଚନା ଅନୁଯାୟୀ, ଗତ ସୋମବାର ଜଗତ୍‌ସିଂହପୁର ତିର୍ତ୍ତୋଲ ଥାନା ଅନ୍ତର୍ଗତ ତନରା ଗ୍ରାମର ଧ୍ରୁବଚରଣ ଓଝା ନିଜ ସ୍କୁଟିରେ ସ୍ତ୍ରୀଙ୍କୁ ନେଇ ଭୁବନେଶ୍ୱରରୁ କଟକ ଫେରୁଥିଲେ। ଆଲୋକ ଓ ଅନୁ ପୂର୍ବରୁ ବାଇକରେ ତାଙ୍କର ପିଛାକରି ଫୁଲନଖରା ଛକ ଓଭରବ୍ରିଜ ଉପରୁ ଧ୍ରୁବଙ୍କ ସ୍ତ୍ରୀଙ୍କ ବେକରୁ ସୁନାଚେନ ଝାମ୍ପିବା ପାଇଁ ଉଦ୍ୟମ କରୁଥିବାବେଳେ ସେ ଲୁଟେରାଙ୍କ ଟି-ଶାର୍ଟକୁ ଧରି ଟାଣିଦେଇଥିଲେ। ଫଳରେ ଉଭୟେ ରାସ୍ତାରେ ପଡିଯାଇଥିଲେ। ଏହି ସମୟରେ ଦମ୍ପତିଙ୍କ ପାଟିକରିବାରୁ ଲୁଟେରାଦ୍ୱୟ ଚେନ ଲୁଟି ବ୍ରିଜ ଉପରୁ ତଳକୁ ଡେଇଁ ପଡିଥିଲେ। ସେଠାରୁ ଆଲୋକ ଫେରାର ହୋଇଯାଇଥିବାବେଳେ ସ୍ଥାନୀୟ ଲୋକେ ଅନୁକୁ କାବୁ କରି ପୋଲିସକୁ ଖବର ଦେଇଥିଲେ। ଖବରପାଇ ପୋଲିସ ପହଞ୍ଚି ଅନୁକୁ ଥାନାକୁ ନେଇ ପଚରାଉଚରା କରିବା ପରେ ସମ୍ପୃକ୍ତ ଅନ୍ୟମାନଙ୍କୁ ଗୁରୁବାର ଧରିବାରେ ସକ୍ଷମ ହୋଇପାରିଛି। ଆଲୋକ ଓ ଅନୁ ନିୟମିତ ଫୁଲନଖରା ସମେତ ବମ୍ପକୁଦ, ତେଲଙ୍ଗାପେଣ୍ଠ, ବାଲିକୁଦା ଆଦି ସ୍ଥାନରୁ ଚୋରି କରି ବିକୁଥିବା ନେଇ ସ୍ୱୀକାର କରିଥିବା ଆଇଆଇସି ସୁଧାଂଶୁ ଭୂଷଣ ଜେନା କହିଛନ୍ତି। ଗିରଫ ବ୍ୟକ୍ତିମାନଙ୍କ ନାମରେ ପୂର୍ବରୁ କଟକ ସଦର ଥାନାରେ ୫ଟି, ମର୍କତ ନଗର ଥାନାରେ ୪ଟି ଓ ବାରଙ୍ଗ ଥାନାରେ ଗୋଟିଏ ମୋଟ ୧୦ଟି ମାମଲା ରହିଛି।

### ଓୟୁଏଟି କର୍ମଚାରୀଙ୍କୁ ମିଳୁନି ୭ମ ବେତନ ପେନ୍‌ସନ

**ଭୁବନେଶ୍ୱର,୧୯।୭(ବ୍ୟୁରୋ):** ଓୟୁଏଟି ସମ୍ପୂର୍ଣ୍ଣ ଭାବେ ସରକାରଙ୍କ ଅନୁଦାନରେ ପରିଚାଳିତ। କିନ୍ତୁ ଅବସରପ୍ରାପ୍ତ ଓୟୁଏଟି କର୍ମଚାରୀଙ୍କୁ ୭ମ ବେତନ ଆଧାରରେ ପେନସନ ଯୋଗାଇ ଦିଆଯାଉନାହିଁ। ୨୦୧୬ରୁ କାର୍ଯ୍ୟରତ ସମସ୍ତ କର୍ମଚାରୀଙ୍କୁ ୭ମ ବେତନ ଆଧାରରେ ଦରମା ମିଳୁଛି କିନ୍ତୁ ଅବସର ନେଲା ପରେ ସେମାନଙ୍କୁ ସପ୍ତମ ବେତନ ଆଧାରରେ ପେନସନ ମିଳୁ ନାହିଁ। ୪ ମାସ ତଳେ ଓୟୁଏଟି ୱେବସାଇଟରେ ଏନେଇ ଆବେଦନ କରିବା ଲାଗି ଦିଆଯାଇଥିଲା। ଫଳରେ ସମସ୍ତ ଅବସରପ୍ରାପ୍ତ କର୍ମଚାରୀମାନେ ଆବେଦନ କରିଥିଲେ ମଧ ଏଯାବତ୍ କୌଣସି ସୁଫଳ ମିଳିଲା ନାହିଁ। ଏଥିପ୍ରତି ଯଦି କୃଷିମନ୍ତ୍ରୀ ଦୃଷ୍ଟି ଦିଅନ୍ତି, ତେବେ ୭ମ ବେତନ ପେନସନ ମିଳିବାରେ କୌଣସି ଅସୁବିଧା ହେବନି ବୋଲି ବରିଷ୍ଠ ପେନସନ୍‌ଭୋଗୀ ନଳିନୀକାନ୍ତ ପଟ୍ଟନାୟକ କହିଛନ୍ତି।

## ମାତିଛନ୍ତି ନିଶାଦିଆ ଲୁଟେରା ଗ୍ୟାଙ୍ଗ୍

# ଯାତ୍ରୀଙ୍କୁ ଖାଦ୍ୟରେ ନିଶାଦେଇ ଲୁଟ୍

**କଟକ ଅଫିସ,୧୯।୭**

ଟ୍ରେନରେ ମାତିଛନ୍ତି ନିଶାଦିଆ ଲୁଟେରା ଗ୍ୟାଙ୍ଗ। ରାଜ୍ୟ ବାହାରୁ ଟ୍ରେନରେ ଓଡ଼ିଶା ଆସୁଥିବା ଯାତ୍ରୀମାନଙ୍କୁ ଏହି ଗ୍ୟାଙ୍ଗର ସଦସ୍ୟମାନେ ଟାର୍ଗେଟ କରୁଛନ୍ତି। ଟ୍ରେନ୍‌ରେ ଯାତ୍ରୀଙ୍କ ସହ ଭାବ ବିନିମୟ କରୁଛନ୍ତି। ତାଙ୍କ ବିଷୟରେ ସବୁକିଛି ଜାଣିବା ପରେ ଖାଦ୍ୟ କିମ୍ବା ପାନୀୟରେ ନିଶାଦ୍ରବ୍ୟ ମିଶାଇ ଖାଇବାକୁ ଦେଉଛନ୍ତି। ସେମାନେ ବେହୋସ ହେବା ପର ସେମାନଙ୍କଠାରୁ ଟଙ୍କା, ମୋବାଇଲ, ସୁନା ଅଳଙ୍କାର ଭଳି ବିଭିନ୍ନ ସାମଗ୍ରୀ ଲୁଟି ନେଉଛନ୍ତି। ଆଉ କେତେକ କ୍ଷେତ୍ରରେ ଖାଦ୍ୟରେ ନିଶାଦ୍ରବ୍ୟ ମିଶାଇ ଯାତ୍ରୀମାନଙ୍କୁ ଖାଇବାକୁ ଦେଉଛନ୍ତି। ରେଳ ଷ୍ଟେଶନରୁ ଓହ୍ଲାଇ ବାହାରକୁ ଆସିବା ପରେ ନିଶାସକ୍ତ ଅବସ୍ଥାରେ ସେମାନଙ୍କୁ ଲୁଟେରାମାନେ କାବୁ କରିନେଉଛନ୍ତି। ସେମାନଙ୍କଠାରୁ ବିଭିନ୍ନ ମୂଲ୍ୟମାନ ସାମଗ୍ରୀ ଲୁଟ କରିବା ପରେ ସେମାନଙ୍କୁ ବାହାରେ ପକାଇ ଦେଉଛନ୍ତି। ରେଲୱେ ପକ୍ଷରୁ ସେମାନଙ୍କୁ ଧରିବା ପାଇଁ କୌଣସି ପ୍ରୟାସ କରାଯାଉ ନ ଥିବାରୁ ଏଭଳି ଘଟଣା ବୃଦ୍ଧି ପାଇବାରେ ଲାଗିଛି।

ଜଗତ୍‌ସିଂହପୁର ଜିଲା କୁଜଙ୍ଗ ଥାନା ଅନ୍ତର୍ଗତ ପଙ୍କପାଳ ଅଞ୍ଚଳର ଜାହିଦ ଉଦ୍ଦିନ ହାଇଦ୍ରାବାଦରେ କାର୍ଯ୍ୟ କରନ୍ତି। ଗତ ଜୁନରେ ସେ ଟ୍ରେନରେ ହାଇଦ୍ରାବାଦରୁ କଟକ ଆସୁଥିଲେ। ସେ କଟକରେ ପହଞ୍ଚି ପରିବାର ଲୋକଙ୍କୁ ଜଣାଇବା ସହ ବସ୍‌ରେ ଘରକୁ ଯିବେ ବୋଲି କହିଥିଲେ। ଏହାପରେ ତାଙ୍କ ଫୋନ ଲାଗି ନ ଥିଲା। ଦୁଇଦିନ ପରେ ଜାହିଦ୍ ଘରେ ପହଞ୍ଚିଥିଲେ। ଜାହିଦଙ୍କ କହିବା ଅନୁଯାୟୀ, ଟ୍ରେନରେ ତାଙ୍କ ସହ କିଛି ବ୍ୟକ୍ତିଙ୍କର ଦେଖା ହୋଇଥିଲା। ସେମାନେ କଟକ ଯାଉଥିବା କହିବା ସହ ତାଙ୍କୁ ଟ୍ରେନ୍‌ରେ ଚା' ପିଇବାକୁ ଦେଇଥିଲେ। ପରେ ସେ କଟକ ଷ୍ଟେଶନରେ ଓହ୍ଲାଇ ଅଟୋରେ ଆସୁଥିବା ସମୟରେ ଚେତା ହରାଇ ବସିଥିଲେ। ଗୋଟିଏ ଦିନ ପରେ ସେ ଏସ୍‌ସିବି ମେଡିକାଲ ପାଖରେ ଥିବା ଏକ ପରିତ୍ୟକ୍ତ ଘରେ ପଡିଥିବାବେଳେ ତାଙ୍କର ନିଦ ଭାଙ୍ଗି ଥିଲା। ହେଲେ ସେ ଆଣିଥିବା ୩୦୦୦ ଟଙ୍କା, ବ୍ୟାଗ ସେମାନେ ନେଇଯାଇଥିଲେ।

ସେହିପରି ଗତ ୧୬ ତାରିଖରେ ଇଷ୍ଟକୋଷ୍ଟ ଟ୍ରେନରେ ସିକନ୍ଦରାବାଦରୁ ଭୁବନେଶ୍ୱର ଅସିଥିଲେ କେନ୍ଦ୍ରାପଡ଼ା ଜିଲା ରାଜନଗର ଅଞ୍ଚଳର ଗୋପାଳ ମଣ୍ଡଳ। ଉକ୍ତ ଦିନ ସକାଳେ ସେ ଟ୍ରେନରୁ ଓହ୍ଲାଇବା ପରେ ପରିବାର ଲୋକଙ୍କୁ ଫୋନ କରି ବସ୍ ଯୋଗେ ଘରକୁ ଯିବେ ବୋଲି କହିଥିଲେ। ଏହାପରେ ତାଙ୍କ ଫୋନ ସୁଇଚ ଅଫ ଦର୍ଶାଇଥିଲା। ତାଙ୍କ ଘର ଲୋକ ଭୁବନେଶ୍ୱର ଆସି ଖୋଜାଖୋଜି କରିଥିଲେ ମଧ ପାଇ ନ ଥିଲେ। ଏ ନେଇ ୧୭ ତାରିଖରେ ତାଙ୍କ ପରିବାର ଲୋକ ଭୁବନେଶ୍ୱର ଜିଆର୍‌ପି ଥାନାରେ ଅଭିଯୋଗ କରିଥିଲେ। ଷ୍ଟେଶନରେ ଲାଗିଥିବା ସିସିଟିଭି ଯାଞ୍ଚ କରିବାରୁ ଗୋପାଳ ଷ୍ଟେଶନରୁ ବାହାରକୁ ଆସିଥିବା ଦେଖାଯାଇଥିଲା। ଗତ ୧୮ ତାରିଖ ସନ୍ଧ୍ୟାରେ ସେ ଘରେ ପହଞ୍ଚିଥିଲେ। ଗୋପାଳଙ୍କ କହିବା ଅନୁଯାୟୀ, ଖୋର୍ଦ୍ଧା ନିକଟରେ ଟ୍ରେନରେ ଆସୁଥିବା କେତେଜଣ ବ୍ୟକ୍ତିଙ୍କ ସହିତ ତାଙ୍କର ବାର୍ତ୍ତାଳାପ ହୋଇଥିଲା। ପରେ ସେମାନେ ତାଙ୍କୁ କୋଲ୍‌ଡ ଡ୍ରିଙ୍କ୍‌ସ ପିଇବାକୁ ଦେଇଥିଲେ। ସେ ଭୁବନେଶ୍ୱର ଷ୍ଟେଶନରେ ଓହ୍ଲାଇ ଅଟୋରେ ବସି ବସ୍‌ଷ୍ଟାଣ୍ଡ ଯାଉଥିବାବେଳେ ଚେତାଶୂନ୍ୟ ହୋଇଯାଇଥିଲେ। ୧୮ ତାରିଖ ସକାଳେ ଖଣ୍ଡଗିରି ପାହାଡ଼ ଉପରେ ପଡ଼ିଥିବାବେଳେ ତାଙ୍କର ଚେତା ଫେରିଥିଲା। ତାଙ୍କ ପାଖରେ ଥିବା ୫ହଜାର ଟଙ୍କା ଏବଂ ବ୍ୟାଗ୍‌କୁ ଲୁଟେରାମାନେ ନେଇ ଯାଇଥିଲେ।

ଏଭଳି ବହୁ ଘଟଣା ଘଟୁଥିଲେ ମଧ ଏ ନେଇ ଅଭିଯୋଗ ହେଉନାହିଁ। କେତେକ ଅଭିଯୋଗ ଆସୁଥିଲେ ମଧ ପୋଲିସ ଏଥିପ୍ରତି ଗୁରୁତ୍ୱ ଦେଉନାହିଁ। ଫଳରେ ଲୁଟେରାମାନଙ୍କ କାର୍ଯ୍ୟକଳାପ ବୃଦ୍ଧି ପାଉଛି।

> ଲୋକମାନେ ସଚେତନ ନ ହେବା ଯୋଗୁ ଏଭଳି ଲୁଟର ଶିକାର ହେଉଛନ୍ତି। ଲୋକମାନଙ୍କୁ ସଚେତନ କରିବା ପାଇଁ ଆରପିଏଫ୍ ପକ୍ଷରୁ ବିଭିନ୍ନ ସଚେତନମୂଳକ କାର୍ଯ୍ୟକ୍ରମ କରାଯାଉଛି। **-ପ୍ରବୀଣ କୁମାର, କଟକ ଆର୍‌ପିଏଫ୍ ଥାନା ଅଧିକାରୀ**

> ଏଭଳି ଘଟଣା ରେଳଷ୍ଟେଶନ ବାହାରେ ଘଟୁଛି। ତେବେ ଅଭିଯୋଗ ଆସିଲେ ଆମେ ତଦନ୍ତ କରି ଗିରଫ କରୁଛୁ। ଗତ ମାସରେ ଆମେ ଏଭଳି କେତେଜଣ ଲୁଟେରାଙ୍କୁ ଧରିଥିଲୁ। ତେବେ ଲୋକେ ଏଥିପ୍ରତି ସଚେତନ ହେବା ଆବଶ୍ୟକ। **- ଭରତ ସାହୁ, ଭୁବନେଶ୍ୱର ଜିଆରପି ଥାନା ଅଧିକାରୀ**

**ଟ୍ରେନରୁ ଟାର୍ଗେଟ**

**ଲୁଟ କରି ପକାଇ ଦେଉଛନ୍ତି**

## ବିକାଶରେ ରାଷ୍ଟ୍ରାୟତ୍ତ ବ୍ୟାଙ୍କଗୁଡିକର ଭୂମିକା ଗୁରୁତ୍ୱପୂର୍ଣ୍ଣ




**ଭୁବନେଶ୍ୱର, ୧୯-୭(ବ୍ୟୁରୋ)**

**ବ୍ୟାଙ୍କ ଜାତୀୟକରଣର ୫୦ ବର୍ଷ ପୂର୍ତ୍ତି ପାଳନ**

ବର୍ତ୍ତମାନ ସାରା ଦେଶରେ ରାଷ୍ଟ୍ରାୟତ୍ତ ବ୍ୟାଙ୍କ ଶାଖା ୧.୪୧ ଲକ୍ଷ ଛୁଇଁଛି। ବ୍ୟାଙ୍କଗୁଡିକ ଦେଶର ୯୫% ଲୋକଙ୍କ ନିକଟରେ ପହଞ୍ଚି ପାରିଛନ୍ତି। ଦେଶର ଭିତ୍ତିଭୂମି ବିକାଶ, ଶିଳ୍ପ, କୃଷି ଏବଂ ଅନ୍ୟ କ୍ଷେତ୍ର ବିକାଶରେ ବ୍ୟାଙ୍କଗୁଡିକ ପ୍ରମୁଖ ଭୂମିକା ଗ୍ରହଣ କରିଛନ୍ତି। ସର୍ବଭାରତୀୟ ବ୍ୟାଙ୍କ ଅଧିକାରୀ ମହାସଂଘ(ଏଆଇବିଓସି) ପକ୍ଷରୁ ସ୍ଥାନୀୟ ଇଡ୍‌କଲ ଅଡିଟୋରୀୟମଠାରେ ଶୁକ୍ରବାର ଅନୁଷ୍ଠିତ ବ୍ୟାଙ୍କ ଜାତୀୟକରଣର ୫୦ବର୍ଷ ପୂର୍ତ୍ତି କାର୍ଯ୍ୟକ୍ରମରେ ଏହା ମତ ପ୍ରକାଶ ପାଇଛି। ଏଥିରେ ମୁଖ୍ୟ ଅତିଥି ଭାବେ ବିଜୟ କୁମାର ସାହୁ ଯୋଗ ଦେଇ ଅର୍ଥନୀତିରେ ଜାତୀୟକରଣ ବ୍ୟାଙ୍କଗୁଡିକର ଭୂମିକା ଏବଂ ସରକାରଙ୍କ ପୁଞ୍ଜୀକରଣ ପଦକ୍ଷେପ ଉପରେ ଗୁରୁତ୍ୱାରୋପ କରିଥିଲେ। ବ୍ୟାଙ୍କ ଶିଳ୍ପର ଇତିହାସ ଏବଂ ଜାତୀୟକରଣର ଆବଶ୍ୟକତା ଉପରେ ମତ ରଖି ଅର୍ଥନୀତିଜ୍ଞ ଡ.ଦିବାକର ନାୟକ କହିଛନ୍ତି, ରାଷ୍ଟ୍ରାୟତ୍ତ ବ୍ୟାଙ୍କର ସହଭାଗିତା ବିନା ୫ ଲକ୍ଷ କୋଟି ଡଲାର ଅର୍ଥନୀତି କଥା ଚିନ୍ତା କରାଯାଇ ନ ପାରେ। କାର୍ଯ୍ୟକ୍ରମରେ ରାଜ୍ୟ ଏଆଇବିଓସି ସଭାପତି ମନୋରଞ୍ଜନ ଦାସ ଏଥିରେ ସଭାପତିତ୍ୱ କରିଥିଲେ। ସମ୍ପାଦକ ସବ୍ୟସାଚୀ ସ୍ୱାଇଁ ଅତିଥିଙ୍କୁ ସ୍ୱାଗତ କରିଥିଲେ। ଏଥିରେ ସର୍ବଭାରତୀୟ ଷ୍ଟେଟବ୍ୟାଙ୍କ ଅଫିସର୍ସ ମହାସଂଘ ସଭାପତି ସମ୍ବିତ ମିଶ୍ର, ରାଜ୍ୟ ସଭାପତି ଅରୁଣ ବିଶୋୟୀ, ପିଏନ୍‌ବି ଅଧିକାରୀ ସଂଘ ଅଧକ୍ଷ ପ୍ରମୋଦ ମେକାପ, ଏଆଇବିଓସି ଜାତୀୟ କାର୍ଯ୍ୟକାରିଣୀ ସଦସ୍ୟ ତଥା ସେଣ୍ଟ୍ରାଲ ବ୍ୟାଙ୍କ ଅଧିକାରୀ ସଂଘ ସାଧାରଣ ସମ୍ପାଦକ ଦାମୋଦର ନନ୍ଦ ପ୍ରମୁଖ ଉପସ୍ଥିତ ଥିଲେ।




୮ ଦଫା ଦାବି ନେଇ ନିର୍ମାଣ ଶ୍ରମିକ ୟୁନିୟନ ସମନ୍ୱୟ କମିଟି ଓଡ଼ିଶା ପକ୍ଷରୁ ଶୁକ୍ରବାର ଭୁବନେଶ୍ୱର ୟୁନିଟ୍-୩ସ୍ଥିତ ଶ୍ରମ କମିଶନରଙ୍କ କାର୍ଯ୍ୟାଳୟ ସମ୍ମୁଖରେ ବିକ୍ଷୋଭ।

## ଶ୍ରମ କମିଶନରଙ୍କ କାର୍ଯ୍ୟାଳୟ ଘେରିଲେ ନିର୍ମାଣ ଶ୍ରମିକ

**ଭୁବନେଶ୍ୱର, ୧୯।୭(ବ୍ୟୁରୋ)**

ନିର୍ମାଣ ଶ୍ରମିକଙ୍କ ପାଇଁ ଉଦ୍ଦିଷ୍ଟ ସହାୟତା କଲ୍ୟାଣ ବୋର୍ଡର ପ୍ରତ୍ୟାହାର ନିଷ୍ପତ୍ତି ବିରୋଧରେ ଶୁକ୍ରବାର ଶ୍ରମ କମିଶନରଙ୍କ କାର୍ଯ୍ୟାଳୟ ଘେରାଉ ହୋଇଛି। ନିର୍ମାଣ ଶ୍ରମିକମାନଙ୍କ ପିଲାଙ୍କ ଶିକ୍ଷା ଲାଗି ପ୍ରଚଳିତ ସହାୟତା ରାଶି କେବଳ ସରକାରୀ ଶିକ୍ଷାନୁଷ୍ଠାନରେ ଅଧ୍ୟୟନ କରୁଥିଲେ ଦିଆଯିବ ବୋଲି ହୋଇଥିବା ନୂତନ ନିର୍ଦ୍ଦେଶ ବିରୋଧରେ ଶତାଧିକ ଶ୍ରମିକ ଓଡ଼ିଶା ଶ୍ରମ କମିଶନରଙ୍କ କାର୍ଯ୍ୟାଳୟ ସମ୍ମୁଖରେ ବିକ୍ଷୋଭ ପ୍ରଦର୍ଶନ କରିଛନ୍ତି। ନିର୍ମାଣ ଶ୍ରମିକ ୟୁନିୟନ୍ ସମନ୍ୱୟ କମିଟି ଓଡ଼ିଶା ଆହ୍ୱାନରେ ଆୟୋଜିତ ଏହି ସମାବେଶରେ ଏଆଇଟିୟୁସି ରାଜ୍ୟ ଉପସାଧାରଣ ସମ୍ପାଦକ ବିଜୟ ଜେନା, ସୁର ଜେନା, ଜୟନ୍ତ ଦାସ, ପ୍ରଣତୀ ମିଶ୍ର, କିଶୋର ଜେନା, ବିପ୍ଳବ କେଶରୀ ମହାପାତ୍ର, ଶଙ୍କର୍ଷଣ ବେହେରା, ମନୋରଞ୍ଜନ ମହାରଣା, ମହାବୀର ମିଶ୍ର, ମହେନ୍ଦ୍ର ପରିଡ଼ା, ବସନ୍ତ ସାହୁ, ବିଦ୍ୟାଧର ମହାନ୍ତି, ସୋମନାଥ ଗିରି, କରୁଣା ଦାସ ଏହି ବିକ୍ଷୋଭର ନେତୃତ୍ୱ ନେଇଥିଲେ। ବିଭିନ୍ନ ଶ୍ରମିକ ସଂଗଠନ ଯଥା ଏଆଇଟିୟୁସି, ଏଚ୍‌ଏମ୍‌ଏସ୍, ଆଇଏନ୍‌ଟିୟୁସି, ବିଏମ୍‌ଏସ୍, ଏଆଇସିସିଟିୟୁ ସମେତ ୫୦ରୁ ଅଧିକ ଶ୍ରମିକ ସଂଗଠନ ଓ ୟୁନିୟନମାନେ ଅଂଶଗ୍ରହଣ କରିଥିଲେ। ଏକ ମିଳିତ ନିର୍ମାଣ ଶ୍ରମିକ ଶୋଭାଯାତ୍ରାରେ ସହର ପରିକ୍ରମା କରି ଶ୍ରମ କମିଶନର କାର୍ଯ୍ୟାଳୟଠାରେ ପହଞ୍ଚିଥିଲେ। ବିକ୍ଷୋଭ ପରେ ପ୍ରତିନିଧି ମଣ୍ଡଳୀ ରାଜ୍ୟ ଶ୍ରମ କମିଶନର ନାରାୟଣ ଚନ୍ଦ୍ର ସାହୁଙ୍କୁ ସାକ୍ଷାତ କରି ୯ ଦଫା ସମ୍ବଳିତ ଦାବିପତ୍ର ଉପସ୍ଥାପନ କରିଥିଲେ। ଦାବିଗୁଡ଼ିକର ଯଥାର୍ଥକୁ ଶ୍ରମ କମିଶନର ସ୍ୱୀକାର କରିବା ସହ ଛାତ୍ରୀଛାତ୍ରଙ୍କ ଶିକ୍ଷାବୃତ୍ତିରୁ କୌଣସି ନିର୍ମାଣ ଶ୍ରମିକ ହିତାଧିକାରୀ ଯେଭଳି ବଞ୍ଚିତ ନ ହେବେ ସେଥିପାଇଁ ବ୍ୟବସ୍ଥା କରିବ ବୋଲି ପ୍ରତିଶ୍ରୁତି ଦେବାପରେ ବିକ୍ଷୋଭରୁ ଓହରିଥିଲେ।

## ଗୋପ ବ୍ଲକ୍‌ରେ ଭତ୍ତା ଟଙ୍କା ସୁଧ ଲାଗିବା ଘଟଣା

### ଭିଜିଲାନ୍ସ ହାତକୁ ଗଲା ୧୭ ପଞ୍ଚାୟତର ଫାଇଲ୍

**ଗୋପ, ୧୯।୭(ଡି.ଏନ୍.ଏ.)**

ବର୍ଷବର୍ଷଧରି ଗୋପ ବ୍ଲକ୍ କର୍ମଚାରୀମାନେ ଭତ୍ତା ଟଙ୍କା ନେଇ ବଳକା ଟଙ୍କା ନ ଫେରାଇବା ସହିତ ସୁଧ ଲଗାଇବା ଘଟଣା ଲୋକ ଲୋଚନକୁ ଆସିବା ସହ ଭିଜିଲାନ୍ସରେ ଏ ସମ୍ପର୍କରେ ଅଭିଯୋଗ ହୋଇଥିଲା। ଶୁକ୍ରବାର ପୁରୀ ଭିଜିଲାନ୍ସ ପକ୍ଷରୁ ଗୋପ ବ୍ଲକ୍‌କୁ ୧୭ପଞ୍ଚାୟତର ୩ବର୍ଷ ପୁରୁଣା ଫାଇଲ୍ ମଗାଯାଇଥିଲା। ବ୍ଲକ ପକ୍ଷରୁ ଏହା ପ୍ରଦାନ କରାଯାଇଛି।

ଗୋପ ବ୍ଲକ୍‌ର ୩୧ ପଞ୍ଚାୟତରେ କାର୍ଯ୍ୟ କରୁଥିବା ଭିଏଲ୍‌ଡବ୍ଲୁମାନେ ପ୍ରତି ମାସରେ ଭତ୍ତା ଟଙ୍କା ନେଇ ହିତାଧିକାରୀମାନଙ୍କୁ ବଣ୍ଟନ କରୁଥିଲେ। ବଣ୍ଟନ ଶେଷ ପରେ ବଳକା ରହୁଥିବା ଅର୍ଥ ନ ଫେରାଇବା ସହ ଏହି ଟଙ୍କାକୁ ସୁଧ ଲଗାଉଥିବା ଅଭିଯୋଗ ହେଉଥିଲା। କିଛିଦିନ ପୂର୍ବରୁ ନିମାପଡ଼ା ବିଧାୟକ ସମୀର ରଞ୍ଜନ ଦାଶ ପଞ୍ଚାୟତ ସମିତି ବୈଠକରେ ଭତ୍ତା ଟଙ୍କା ସୁଧ ଲାଗିବା ଘଟଣା ସମ୍ପର୍କରେ ତଦନ୍ତ କରାଯାଇ ଟଙ୍କା ନେଉଥିବା ଭିଏଲ୍‌ଡବ୍ଲୁ ଓ ଜିଆର୍‌ଏସ୍‌ମାନଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ନେବା ପାଇଁ ନିର୍ଦ୍ଦେଶ ଦେଇଥିଲେ। ମାତ୍ର ତତ୍କାଳୀନ ବିଡିଓ ଏହି ନିର୍ଦ୍ଦେଶକୁ କାର୍ଯ୍ୟକାରୀ ନ କରିବା ସହ ବ୍ଲକ୍ କର୍ମଚାରୀମାନେ ଟଙ୍କା ଫେରସ୍ତ କରି ନ ଥିଲେ। ଏ ସମ୍ପର୍କରେ ବିଡିଓ ଦୀପ୍ତିରାଣୀ ଦାସ କୁହନ୍ତି, ଗଣମାଧ୍ୟମରେ ପ୍ରକାଶିତ ତଥ୍ୟକୁ ନେଇ ଶୁକ୍ରବାର ଭିଜିଲାନ୍ସ ବିଭାଗକୁ ୧୭ ପଞ୍ଚାୟତର ୨୦୧୬-୧୭, ୨୦୧୭-୧୮ ଓ ୨୦୧୮-୧୯ ଆର୍ଥିକ ବର୍ଷର ସମସ୍ତ ଭତ୍ତା ସମ୍ପର୍କିତ ତଥ୍ୟ ଦିଆଯାଇଛି। ବଳକା ଅର୍ଥ ରଖୁଥିବା ବ୍ଲକ୍ କର୍ମଚାରୀଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ନିଆଯିବ।

## ହାଇୱା ପଛରେ ପିଟିହେଲା ସ୍କୁଟି

# ଯୁବତୀ ମୃତ, ଦୁଇ ଗୁରୁତର

**ଭୁବନେଶ୍ୱର, ୧୯।୭(ବ୍ୟୁରୋ)**

ଖଣ୍ଡଗିରି ଥାନା ଅନ୍ତର୍ଗତ ବରମୁଣ୍ଡା କାଳୀ ମନ୍ଦିର ସମ୍ମୁଖ ଜାତୀୟ ରାଜପଥରେ ଶୁକ୍ରବାର ସକାଳେ ଏକ ମର୍ମନ୍ତୁଦ ସଡ଼କ ଦୁର୍ଘଟଣା ଘଟିଛି। ରାସ୍ତା ପାର୍ଶ୍ୱରେ ରହିଥିବା ଏକ ହାଇୱା ପଛରେ ଏକ ସ୍କୁଟି ପିଟି ହୋଇଯିବାରୁ ଜଣେ ଯୁବତୀଙ୍କ ମୃତ୍ୟୁ ଘଟିଥିବାବେଳେ ଅନ୍ୟ ଦୁଇଜଣ ଯୁବତୀ ଗୁରୁତର ଆହତ ହୋଇଛନ୍ତି। ମୃତକ ହେଲେ ଭଦ୍ରକ ଜିଲା ଚାନ୍ଦବାଲି ଥାନା ଅନ୍ତର୍ଗତ ଯୋଗୀପୋଖରୀ ଅଞ୍ଚଳର ରଞ୍ଜିତା ସାମଲ (୨୧)। ଆହତମାନେ ହେଲେ ମାନସୀ ନାୟକ ଓ ଜାନକୀ ନାୟକ। ଦୁର୍ଘଟଣା ପରେ ଘଟଣାସ୍ଥଳରେ ଉତ୍ତେଜନା ପ୍ରକାଶ ପାଇଥିଲା। ଖବରପାଇ ଖଣ୍ଡଗିରି ଥାନା ପୋଲିସ ପହଞ୍ଚି ଲୋକଙ୍କୁ ବୁଝାଶୁଝା କରି ପରିସ୍ଥିତିକୁ ନିୟନ୍ତ୍ରଣ କରିଥିଲା। ଏନେଇ କେସ୍ ନଂ- ୩୮୨ ରୁଜୁ କରି ତଦନ୍ତ ଆରମ୍ଭ କରିବା ସହ ହାଇୱା ଜବତ କରି ଡ୍ରାଇଭର ଓ ହେଲ୍‌ପରଙ୍କୁ ଥାନାରେ ଅଟକ ରଖିଛି।

ସୂଚନା ଅନୁଯାୟୀ, ରଞ୍ଜିତା ପରିବାର ସହ କଟକ ମର୍କତନଗର ଥାନା ଅନ୍ତର୍ଗତ ସିଡିଏ ଫେଜ୍-୨ରେ ରୁହନ୍ତି। ସେ ଓ ଆହତ ହୋଇଥିବା ଦୁଇ ସାଙ୍ଗ ଭୁବନେଶ୍ୱରରେ ଏୟାରହୋଷ୍ଟେସ୍ ଟ୍ରେନିଂ ନେଉଥିଲେ। ଶୁକ୍ରବାର ଏକ ଇଣ୍ଟରଭ୍ୟୁ ଥିବାରୁ ସେ କଟକରୁ ଭୁବନେଶ୍ୱରକୁ ଆସିଥିଲେ। ପୂର୍ବାହ୍ନ ପ୍ରାୟ ୧୦ଟା ୩୦ରେ ସ୍କୁଟି(ଓଡି-୦୫ଜେଡ୍-୫୦୪୫)ରେ ୩ଜଣ ବସି ନୟାପଲ୍ଲୀ ଓଭରବ୍ରିଜ୍ ଦେଇ ବରମୁଣ୍ଡା ଅଭିମୁଖେ ଯାଉଥିଲେ। ରଞ୍ଜିତା ସ୍କୁଟି ଚଳାଉଥିବାବେଳେ ମାନସୀ ଓ ଜାନକୀ ବସିଥିଲେ। ବରମୁଣ୍ଡା କାଳୀ ମନ୍ଦିର ସମ୍ମୁଖରେ ଏକ ହାଇୱା ରାସ୍ତା ଉପରକୁ ମାଡ଼ି ପାର୍କିଂ ହୋଇ ରହିଥିଲା। ସ୍କୁଟିର ବେଗ ଅଧିକ ଥିବାରୁ ରଞ୍ଜିତା ଭାରସାମ୍ୟ ହରାଇ ହାଇୱା ପଛରେ ଜୋର୍‌ରେ ପିଟି ହୋଇଯାଇଥିଲେ। ତାଙ୍କ ମୁଣ୍ଡରେ ଶକ୍ତ ଆଘାତ ଲାଗିଥିବାବେଳେ ଦୁଇ ସାଙ୍ଗଙ୍କ ଶରୀରରେ ଗଭୀର ଆଘାତ ଲାଗିଥିଲା। ଖବର ପାଇ ଅଗ୍ନିଶମ ବିଭାଗ ତୁରନ୍ତ ସେଠାରେ ପହଞ୍ଚି ୩ଜଣଙ୍କୁ ଉଦ୍ଧାର କରି କ୍ୟାପିଟାଲ ହସ୍ପିଟାଲ ଆଣିଥିଲେ। ହେଲେ ସେଠାରେ ଡାକ୍ତର ରଞ୍ଜିତାଙ୍କୁ ମୃତ ଘୋଷଣା କରିଥିଲେ। ଅନ୍ୟ ଦୁଇ ଜଣଙ୍କ ସ୍ୱାସ୍ଥ୍ୟାବସ୍ଥା ଗୁରୁତର ହେବାରୁ ସେମାନଙ୍କୁ ପରିବାର ଲୋକେ ଘରୋଇ ହସ୍ପିଟାଲରେ ଭର୍ତ୍ତି କରିଥିବା ଜଣାପଡ଼ିଛି।

### ବେଆଇନ ପାର୍କିଂ ନେଉଛି ଜୀବନ

ଭୁବନେଶ୍ୱର ଦେଇ ଯାଇଥିବା ଜାତୀୟ ରାଜପଥ ସମେତ ସହରର ମୁଖ୍ୟ ରାସ୍ତାଗୁଡ଼ିକରେ ବେଆଇନ ଭାବେ ପାର୍କିଂ ହେଉଛି। ବିଶେଷକରି ଜାତୀୟ ରାଜପଥ ଓଭରବ୍ରିଜ୍ ଉପର ଓ ଆରମ୍ଭ ଓ ଶେଷ ମୁଣ୍ଡରେ ଟ୍ରକ୍‌ଗୁଡିକ ଘଣ୍ଟା ଘଣ୍ଟା ଧରି ଠିଆ ହୋଇ ରହୁଛି। ଜାତୀୟ ରାଜପଥରେ ଗାଡ଼ିଗୁଡ଼ିକ ଦ୍ରୁତଗତିରେ ଆସୁଥିବାରୁ ଜାଣି ନ ପାରି ସେଥିରେ ପିଟି ହୋଇ ଜୀବନ ଯାଉଛି। ଘଟଣା ଘଟିଲେ ପୋଲିସ କିଛିଦିନ ତତ୍ପରତା ଦେଖାଇ ଚୁପ୍ ବସୁଛି। ନିୟମିତ ପୋଲିସ ଚଢ଼ାଉ ସହ ଦୃଢ଼ କାର୍ଯ୍ୟାନୁଷ୍ଠାନର ଆବଶ୍ୟକତା ରହିଛି।

## ୧୭ ଫାଇଲ୍ ଗାଏବ ଚର୍ଚ୍ଚା: ଭିଜିଲାନ୍ସ ତଦନ୍ତ ଦାବି

**ଗୋପ, ୧୯।୭(ଡି.ଏନ୍.ଏ.)**

**ଫନୀ ସହାୟତା ରାଶି ବଣ୍ଟନରେ ଦୁର୍ନୀତି**

ଗୋପ ବ୍ଲକରେ ଫନୀ ସହାୟତା ରାଶି ବଣ୍ଟନରେ ବ୍ୟାପକ ଦୁର୍ନିତୀ ହୋଇଥିବା ନେଇ ଅଭିଯୋଗ ଆସିଛି। ସହାୟତା ରାଶି ବଣ୍ଟନରେ ଅନ୍ତର୍ଭୁକ୍ତ ୧୭ ଗୋଟି ଫାଇଲ୍ ଗାଏବ ହେବା ଘଟଣା ସାଧାରଣରେ ଚର୍ଚ୍ଚା ହେଉଥିବାବେଳେ ଭିଜିଲାନ୍ସ ତଦନ୍ତ କରାଗଲେ ଆହୁରି ଅଧିକ ଦୁର୍ନିତୀ ଘଟଣା ପଦାକୁ ଆସିବ ବୋଲି ଜଣାପଡ଼ିଛି। ଅପରପକ୍ଷରେ ଏହି ସହାୟତା ରାଶି ଫାଇଲ୍‌ଗୁଡ଼ିକ ଏବେ କେଉଁଠି ଓ କାହା ପାଖରେ ରହିଛି ତାହାର ତଦନ୍ତ ହେବା ଆବଶ୍ୟକ ବୋଲି ଲୋକେ ଦାବି କରିଛନ୍ତି। ଏହି ୧୭ ଫାଇଲ୍‌ରେ ଥିବା ହିତାଧିକାରୀମାନେ ଭୂତ ବୋଲି ଚର୍ଚ୍ଚା ହେଉଛି।

ଫନୀ ପରେ ରାଜ୍ୟ ସରକାରଙ୍କ ନିର୍ଦ୍ଦେଶରେ ଗୋପ ବ୍ଲକ୍‌ର ୩୬ ହଜାର ୩୨୩ ଜଣ ରାସନକାର୍ଡ଼ ହିତାଧିକାରୀଙ୍କୁ ପ୍ରଥମେ ୨ ହଜାର ଟଙ୍କା ଓ ପରେ ମୁଖ୍ୟମନ୍ତ୍ରୀଙ୍କ ନିର୍ଦ୍ଦେଶରେ ୧ ହଜାର ଟଙ୍କା ସହିତ ୫୦ କିଲୋ ଚାଉଳ ବଣ୍ଟନ କରାଯାଇଥିଲା। ପରବର୍ତ୍ତୀ ପର୍ଯ୍ୟାୟରେ ମୁଖ୍ୟମନ୍ତ୍ରୀଙ୍କ ନିର୍ଦ୍ଦେଶକ୍ରମେ ରାସନ କାର୍ଡ଼ ନ ଥିବା ହିତାଧିକାରୀଙ୍କ ତାଲିକା ପ୍ରସ୍ତୁତ କରାଯାଇ ୩ ହଜାର ଟଙ୍କା ସମେତ ୫୦ କିଲୋ ଚାଉଳ ପ୍ରଦାନ କରାଯାଇଥିଲା। ଗୋପ ବ୍ଲକ୍ ଅଧୀନରେ ଥିବା ୩୧ ପଞ୍ଚାୟତରେ ଏହି ସହାୟତା ରାଶି ପ୍ରଦାନ କରାଯିବା ପରେ ବ୍ଲକ୍ ପକ୍ଷରୁ ୩ ଜଣିଆ କମିଟି ମାଧ୍ୟମରେ ଏହି ଟଙ୍କା ବଣ୍ଟନ କରାଯାଇଥିଲା। ପରେ କର୍ମଚାରୀମାନେ ନେଇଥିବା ଅର୍ଥ ଓ ବଣ୍ଟନ ସମ୍ପର୍କିତ ଫାଇଲ୍ ବ୍ଲକରେ ଦାଖଲ କରିଥିଲେ। ମାତ୍ର ବଣ୍ଟନ ହେବାର ଦୁଇ ମାସ ବିତିଥିଲେ ମଧ ଏ ପର୍ଯ୍ୟନ୍ତ ବୀରତୁଙ୍ଗ ପଞ୍ଚାୟତର ଚାରିଗୋଟି ଫାଇଲ୍, ଧୂମାଳ ପଞ୍ଚାୟତର ତିନିଗୋଟି, ବଣିଆସାହି ପଞ୍ଚାୟତର ୨ ଗୋଟି, ବେଦପୁର ପଞ୍ଚାୟତର ଗୋଟିଏ, ପୟରା ପଞ୍ଚାୟତର ୨ଟି, ନୂଆ ଖୋଲମରା ପଞ୍ଚାୟତର ୨ଟି, ବନାଖଣ୍ଡି ପଞ୍ଚାୟତର ୨ଟି ଓ ରାହାଙ୍ଗଗୋରଡ଼ା ପଞ୍ଚାୟତର ଗୋଟିଏ ଫାଇଲ୍ ଏବେ ବ୍ଲକ୍ କାର୍ଯ୍ୟାଳୟରୁ ଉଭାନ ହୋଇଥିବା ଅଭିଯୋଗ ହୋଇଛି। ଏ ସମ୍ପର୍କରେ ଗୋପ ବ୍ଲକ୍ ବିଡିଓ ଦୀପ୍ତିରାଣୀ ଦାସଙ୍କୁ ପଚାରିବାରେ ୧୭ ଫାଇଲ୍ ଉଭାନ ହୋଇଥିବା କଥାକୁ ଅସ୍ୱିକାର କରିଥିଲେ।

## ଭରସା ସାଜିଛି ବିପଦସଙ୍କୁଳ ବାଉଁଶ ପୋଲ

**ସାକ୍ଷୀଗୋପାଳ, ୧୯।୭(ଡି.ଏନ୍.ଏ.)**

ରତ୍ନଚିରା ଖଲାସୀ ନାଳପାରି ହେବାପାଇଁ ସ୍ଥାୟୀ ସେତୁଟିଏ ନାହିଁ। ଫଳରେ ପୁରୀଜିଲା ସତ୍ୟବାଦୀ ବ୍ଲକ ଅନ୍ତର୍ଗତ ଶ୍ରୀରାମଚନ୍ଦ୍ରପୁର ଗ୍ରାମପଞ୍ଚାୟତ ମଧୁବନ ମାଳର ଲୋକମାନେ ବିପଦସଙ୍କୁଳ ଭାବେ ବାଉଁଶ ପୋଲରେ ପାରି ହେଉଛନ୍ତି। ବର୍ଷବର୍ଷ ଧରି ସେମାନେ ଏହି ଅସ୍ଥାୟୀ ପୋଲରେ ଯାତାୟାତ କରୁଥିଲେ ମଧ ସମସ୍ୟାର ସ୍ଥାୟୀ ସମାଧାନ ହୋଇ ପାରୁ ନ ଥିବାରୁ ସେମାନଙ୍କ ମଧରେ ଅସନ୍ତୋଷ ପ୍ରକାଶ ପାଇଛି। ୧୭ଟି ପରିବାରର ଲୋକଙ୍କର ଜୀବନ ଜୀବିକା ଏହି ବାଉଁଶ ପୋଲ ଉପରେ ନିର୍ଭର କରୁଛି। ବିପଦ ପୂର୍ଣ୍ଣ ଭାବରେ ପ୍ରତିଦିନ ପିଲାମାନେ ସ୍କୁଲ କଲେଜକୁ ଯିବା ଆସିବା କରୁଛନ୍ତି। ସେତୁଟିଏ ନିର୍ମାଣ କରିବାକୁ ପ୍ରଶାସନ ଠାରୁ ରାଜନେତାଙ୍କ ନିକଟରେ ଗ୍ରାମବାସୀ ବାରମ୍ବାର ଦାବି କରିଥିଲେ ମଧ କୌଣସି ସୁଫଳ ମିଳୁ ନ ଥିବା କ୍ଷୋଭର ସହ କହିଛନ୍ତି। ଜଳସମ୍ପଦ ବିଭାଗ ପକ୍ଷରୁ ସେଠାରେ ପାଦଚଲା ସେତୁଟିଏ ନିର୍ମାଣ ପାଇଁ ୨୦୧୨ ମସିହାରେ ଟେଣ୍ଡର ଡକାଯାଇଥିଲା। ମାତ୍ର ମଞ୍ଜୁର ହୋଇଥିବା ଅନୁଦାନରେ କାମ କରିବା ସମ୍ଭବ ନ ହେବାରୁ ଟେଣ୍ଡର ନେଇଥିବା ଠିକାଦାର ଏହି କାମଟି କରି ପାରି ନ ଥିଲେ। ସେବେଠାରୁ ପୂର୍ବପରି ସମସ୍ୟାଟି ପଡିରହିଥିବା ବେଳେ ଶ୍ରୀରାମଚନ୍ଦ୍ରପୁର ସରପଞ୍ଚ ମଳୟ ମଞ୍ଜରୀ ମୁଦୁଲି ବିଜୁ ସେତୁ ଯୋଜନାରେ ଏଠାରେ ଏକ ସ୍ଥାୟୀ ସେତୁ ନିର୍ମାଣ କରିବାକୁ ଗ୍ରାମ୍ୟ ଉନ୍ନୟନ ବିଭାଗକୁ ଦେଇଥିବା ପ୍ରସ୍ତାବ କେବଳ ପ୍ରସ୍ତାବରେ ସୀମିତ ରହିଥିବା ଜଣାପଡ଼ିଛି।




ବିପଦସଙ୍କୁଳ ବାଉଁଶ ପୋଲ ଉପରେ ଛାତ୍ରୀଛାତ୍ର ଓ ଲୋକମାନେ ଯାଉଛନ୍ତି।

ଧରିତ୍ରୀ
DHARITRI
ଭୁବନେଶ୍ୱର, ଶନିବାର, ୨୦ ଜୁଲାଇ, ୨୦୧୯



## ସଂକ୍ଷେପରେ

### ହଜାର କୋଟି ଟଙ୍କାର ଋଣ କରିବେ ସରକାର

**ଭୁବନେଶ୍ୱର, ୧୯।୭(ବ୍ୟୁରୋ):** ରାଜ୍ୟ ସରକାର ଖୁବ୍‌ଶୀଘ୍ର ୧ହଜାର କୋଟି ଟଙ୍କାର ଋଣ ଆଣିବାକୁ ନିଷ୍ପତ୍ତି ନେଇଥିବା ଜଣାପଡିଛି। ସରକାର ନିଜର ଷ୍ଟକ୍ ବିକ୍ରି କରି ଏହି ଋଣ ଆଣିବେ। ଶୁକ୍ରବାର ରାଜ୍ୟ ଅର୍ଥ ବିଭାଗ ପକ୍ଷରୁ ଜାରି ହୋଇଥିବା ବିଜ୍ଞପ୍ତିରୁ ଏହା ଜଣାପଡିଛି। ସରକାର ନିଜର ଷ୍ଟକକୁ ରିଜର୍ଭ ବ୍ୟାଙ୍କ ଜରିଆରେ ବିକ୍ରି କରି ଏହି ଋଣ ଆଣିବେ। ଆସନ୍ତା ୨୩ରେ ଏହି ଷ୍ଟକ୍‌ର ନିଲାମୀ ହେବ। ୧୦ବର୍ଷିଆ ଅବଧି ପାଇଁ ୫୦୦କୋଟି ଟଙ୍କାର ଋଣ ଆଣିବା ପାଇଁ ନିଷ୍ପତ୍ତି ହୋଇଛି। ୨୦୧୯-୨୦ ଆର୍ଥିକ ବର୍ଷରେ ଏହା ସରକାରଙ୍କ ପ୍ରଥମ ଋଣ ହେବ। ଚଳିତ ଆର୍ଥିକ ବର୍ଷ ରାଜ୍ୟ ସରକାର ୨୩ ହଜାର କୋଟି ଟଙ୍କା ଋଣ କରିବାକୁ ଧାର୍ଯ୍ୟ ଲକ୍ଷ୍ୟ ରଖିଥିବା କହିଛନ୍ତି। ୨୦୧୯ ମେ ସୁଦ୍ଧା ରାଜ୍ୟର ମୋଟ ଋଣ ଭାର ୮୨,୫୭୦.୬୮ କୋଟି ଟଙ୍କା ରହିଥିଲା ବୋଲି ବିଧାନସଭାର ଏକ ପ୍ରଶ୍ନ ଉତ୍ତରରୁ ଜଣାପଡିଛି।

### ଡାବର ଇଣ୍ଡିଆ ଅଧ୍ୟକ୍ଷ ହେଲେ ଅମିତ ବର୍ମନ



**ନୂଆଦିଲ୍ଲୀ,୧୯।୭:** ଦୈନନ୍ଦିନ ବ୍ୟବହାରରେ ଲାଗୁଥିବା ସାମଗ୍ରୀ ଉତ୍ପାଦକ ଡାବର ଇଣ୍ଡିଆର ଅଧ୍ୟକ୍ଷ ଭାବେ ଅମିତ ବର୍ମନଙ୍କୁ ନିଯୁକ୍ତ କରାଯାଇଛି। ଉତ୍ତରାଧିକାରୀ ପରମ୍ପରା ଅନୁଯାୟୀ ତାଙ୍କୁ ଏହି ପଦ ମିଳିଛି। କମ୍ପାନୀ ପକ୍ଷରୁ ଶୁକ୍ରବାର ଏ ସମ୍ପର୍କରେ ସୂଚନା ଦିଆଯାଇଛି। ଡାବର ଇଣ୍ଡିଆ ପକ୍ଷରୁ ଏକ ବିବୃତି ଜାରି କରି କୁହାଯାଇଛି ଯେ, ଆନନ୍ଦ ସି.ବର୍ମନଙ୍କ ସ୍ଥାନରେ ଅମିତ ବର୍ମନ କମ୍ପାନୀର ଅଧ୍ୟକ୍ଷ ହେବେ। ଆନନ୍ଦ ପୂର୍ବରୁ କମ୍ପାନୀର ସିଏମ୍‌ଡି ପଦ ଛାଡି ଦେଇଛନ୍ତି। ଅମିତ ପରଲୋକଗତ ଜ୍ଞାନ ସି.ବର୍ମନଙ୍କ ପୁତ୍ର। ଶୁକ୍ରବାର ଡାବର ବୋର୍ଡ ଅଫ୍ ଡାଇରେକ୍ଟର୍ସରେ ଅମିତଙ୍କ ନିଯୁକ୍ତିକୁ ସବୁଜ ସଙ୍କେତ ଦିଆଯାଇଛି। ଏହାବ୍ୟତୀତ ମୋହିତ ବର୍ମନଙ୍କୁ ଭାଇସ ଚେୟାରମ୍ୟାନ ଏବଂ ଆଦିତ୍ୟ ବର୍ମନଙ୍କୁ ଅଣ କାର୍ଯ୍ୟନିର୍ବାହୀ ଅତିରିକ୍ତ ନିର୍ଦ୍ଦେଶକ ଭାବେ ବୋର୍ଡରେ ସାମିଲ କରାଯାଇଛି। କମ୍ପାନୀର ପୂର୍ବତନ ମୁଖ୍ୟ କାର୍ଯ୍ୟନିର୍ବାହୀ ଅଧିକାରୀ ସୁନୀଲ ଦୁଗଲ ବୋର୍ଡରୁ ଇସ୍ତଫା ଦେଇଛନ୍ତି ବୋଲି ବିବୃତିରେ କୁହାଯାଇଛି।

### ଫନୀ ପାଇଁ ମୁଖ୍ୟମନ୍ତ୍ରୀ ରିଲିଫ ପାଣ୍ଠିକୁ ସହାୟତା

**ଭୁବନେଶ୍ୱର, ୧୯।୭(ବ୍ୟୁରୋ):** ବାତ୍ୟା ଫନୀ ଦୁର୍ଗତଙ୍କ ପାଇଁ ମୁଖ୍ୟମନ୍ତ୍ରୀଙ୍କ ରିଲିଫ ପାଣ୍ଠିକୁ ବିଭିନ୍ନ ସଂସ୍ଥା ଏବଂ ବ୍ୟକ୍ତି ବିଶେଷଙ୍କ ପକ୍ଷରୁ ସହାୟତା ପ୍ରଦାନ କରାଯାଇଛି। ଇନ୍‌ଫୋସିସ୍ ଏବଂ ଏହାର ଦୁଇଟି ସହଯୋଗୀ କମ୍ପାନୀ ଇଡଜେଭର୍ଭ ସିଷ୍ଟମ ଲିମିଟେଡ ଏବଂ ଇନଫୋସିସ୍ ବିପିଏମ୍ ପ୍ରାଇଭେଟ ଲିମିଟେଡର କର୍ମଚାରୀମାନଙ୍କ ପକ୍ଷରୁ ୮୪, ୯୨, ୭୦୮ ଟଙ୍କା ପ୍ରଦାନ କରାଯାଇଛି। ଇନଫୋସିସ୍ କର୍ମଚାରୀମାନେ ୭୯,୦୦,୩୨୧ ଟଙ୍କା ପ୍ରଦାନ କରିଛନ୍ତି। ସେହିପରି ଇଡଜଭରଭ ସିଷ୍ଟମ ଲିମିଟେଡ କର୍ମଚାରୀମାନଙ୍କ ପକ୍ଷରୁ ୨,୭୪,୪୮୬ ଏବଂ ଇନଫୋସିସ୍ ବିପିଏମ୍ ପ୍ରାଇଭେଟ ଲିମିଟେଡ କର୍ମଚାରୀଙ୍କ ପକ୍ଷରୁ ୩,୧୭,୯୦୩ ଟଙ୍କା ପ୍ରଦାନ କରାଯାଇଛି। କମ୍ପାନୀ ପ୍ରତିନିଧିମାନେ ସଚିବାଳୟଠାରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କୁ ଭେଟି ଏହି ପରିମାଣର ଚେକ୍ ପ୍ରଦାନ କରିଛନ୍ତି। ଏହାସହ ହିନ୍ଦୁସ୍ତାନ କୋଲ ପ୍ରାଇଭେଟ ଲିମିଟେଡ ପକ୍ଷରୁ ମଧ୍ୟ ମୁଖ୍ୟମନ୍ତ୍ରୀଙ୍କ ରିଲିଫ ପାଣ୍ଠିକୁ ୨୫ଲକ୍ଷ ଟଙ୍କା ପ୍ରଦାନ କରାଯାଇଛି।

■ ଅନୁଗୋଳ ଜିଲା ମୁଖ୍ୟ ଚିକିତ୍ସାଳୟରେ ଅଭାବନୀୟ ଘଟଣା

# ବ୍ୟବଚ୍ଛେଦ ପୂର୍ବରୁ ଶିଶୁକନ୍ୟାର ଆଖି ଗାଏବ

**ଅନୁଗୋଳ,୧୯।୭(ଡି.ଏନ.ଏ.)**

ଅନୁଗୋଳ ଜିଲା ମୁଖ୍ୟ ଚିକିତ୍ସାଳୟରେ ଶୁକ୍ରବାର ଘଟିଛି ଏକ ଅଭାବନୀୟ ଘଟଣା। ବ୍ୟବଚ୍ଛେଦ ପାଇଁ ଶବ ସଂରକ୍ଷଣ ଗୃହରେ ରଖାଯାଇଥିବା ଜଣେ ଶିଶୁକନ୍ୟାଙ୍କ ମୃତଦେହରୁ ଦୁଇ ଆଖି ଗାଏବ ହୋଇଯାଇଛି। ମଧ୍ୟାହ୍ନରେ ପରିବାର ଲୋକେ ଏହା ଦେଖିବା ପରେ ମେଡିକାଲ ପରିସରରେ ଉତ୍ତେଜନା ସୃଷ୍ଟି ହୋଇଥିଲା। ଝିଅର ଆଖି ଚୋରି ହୋଇଥିବା ଅଭିଯୋଗ କରି ପରିବାର ପକ୍ଷରୁ ଅନୁଗୋଳ ଥାନାରେ ଏତଲା ଦିଆଯିବା ସହ କ୍ଷତିପୂରଣ ଦାବିରେ ଧାରଣା ଦିଆଯାଇଥିଲା। ଉତ୍ତେଜନାକୁ ଦୃଷ୍ଟିରେ ରଖି ମେଡିକାଲ ପରିସରରେ ଏକ ପ୍ଲାଟୁନ ଫୋର୍ସ ମୁତୟନ କରାଯାଇଥିଲା। ୪୮ ଘଣ୍ଟା ମଧ୍ୟରେ ତଦନ୍ତ କରାଯାଇ ଦୋଷୀଙ୍କ ବରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ସିଡିଏମ୍‌ଓ ପ୍ରତାପ କୁମାର ବେହେରା ପ୍ରତିଶ୍ରୁତି ଦେବାରୁ ୫ ଘଣ୍ଟା ପରେ ଆନ୍ଦୋଳନ ପ୍ରତ୍ୟାହୃତ ହୋଇଥିଲା।

ପ୍ରକାଶ ଯେ, ବଆଁରପାଳ ଥାନା ନୂଆହତା ଗ୍ରାମର ଅଞ୍ଜନ ଗୋଛାୟତ ଗୁରୁବାର ରାତି ସାଢ଼େ ୯ଟାରେ ୪ ବର୍ଷର ଝିଅ ପ୍ରୀତିଙ୍କୁ ଅନୁଗୋଳ ମେଡିକାଲ ଆଣିଥିଲେ। ହେଲେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ଶୁକ୍ରବାର ବ୍ୟବଚ୍ଛେଦ କରାଯିବ ବୋଲି କହି ଡାକ୍ତର ମୃତଦେହକୁ ଶବ ସଂରକ୍ଷଣ ଗୃହକୁ ପଠାଇ ଦେଇଥିଲେ। ଶୁକ୍ରବାର ମଧ୍ୟାହ୍ନରେ ଶବ ସଂରକ୍ଷଣ ଗୃହ ଖୋଲାଯାଇ ମୃତଦେହ ବାହାର କରାଯିବା ବେଳେ ପ୍ରୀତିଙ୍କ ୨ ଆଖି ନ ଥିବା ଦେଖିବାକୁ ମିଳିଥିଲା। ନାକ ମଧ୍ୟ କ୍ଷତବିକ୍ଷତ ହୋଇଥିଲା। ଝିଅର ଆଖି ଚୋରି କରି ନିଆଯାଇଥିବା ବାପା ଅଞ୍ଜନ ଅଭିଯୋଗ କରିବା ପରେ ମେଡିକାଲ ପରିସରରେ ଉତ୍ତେଜନା ପ୍ରକାଶ ପାଇଥିଲା। ତେବେ ମୃତଦେହକୁ ମୂଷା ଏପରି କ୍ଷତବିକ୍ଷତ କରିଥିବା ମେଡିକାଲ କର୍ମଚାରୀମାନେ କହିବା ପରେ ଉତ୍ତେଜନା ଅଧିକ ବଢ଼ିଯାଇଥିଲା। ପରିବାର ଓ ଗାଁ ଲୋକେ ଶବ ବ୍ୟବଚ୍ଛେଦ କରାଇ ନ ଦେବା ସହ ମୃତକଙ୍କ ପରିବାରକୁ କ୍ଷତିପୂରଣ, ଜଣକୁ ଚାକିରି ଓ ଶବ ସଂସ୍କାର ପାଇଁ ସହାୟତା ଦାବିରେ ଧାରଣା ଦେଇଥିଲେ। ଏପରି କି ସେମାନେ ମୁଖ୍ୟ ଗେଟ୍‌ରେ ତାଲା ପକାଇଦେବା ସହ କାଜୁଆଲିଟିରେ ରୋଗୀ ସେବା ବନ୍ଦ କରିବାକୁ କହିଥିଲେ। ଜନୈକ ବ୍ୟକ୍ତିଙ୍କୁ ମାଡ଼ ମଧ୍ୟ ମାରିଥିଲେ। ପରିସ୍ଥିତି ଅଧିକ ଉତ୍ତେଜନାପୂର୍ଣ୍ଣ ହେଉଥିବାରୁ ଅନୁଗୋଳ ପୋଲିସ ପକ୍ଷରୁ ଗୋଟିଏ ପ୍ଲାଟୁନ ଫୋର୍ସ ମେଡିକାଲ ପରିସରରେ ମୁତୟନ କରାଯାଇଥିଲା। ସିଡିଏମ୍‌ଓଙ୍କ ସହ ୫ ଜଣିଆ ଟିମ୍ ଓ ଅନୁଗୋଳ ଏସ୍‌ଡିପିଓ ମୃତ ଶିଶୁକନ୍ୟାଙ୍କ ପରିବାର ଲୋକଙ୍କ ସହ ଏକ ବୈଠକ କରିବା ପରେ ପରିସ୍ଥିତି ଶାନ୍ତ ପଡ଼ିଥିଲା। ଅପରାହ୍ନରେ ମୃତଦେହ ବ୍ୟବଚ୍ଛେଦ କରାଯାଇ ପରିବାର ଲୋକଙ୍କୁ ହସ୍ତାନ୍ତର କରାଯାଇଛି।



ଉତ୍ତ୍ୟକ୍ତ ଲୋକଙ୍କୁ ପୋଲିସ ବୁଝାଶୁଝା କରୁଛି।

■ ମେଡିକାଲରେ ୫ ଘଣ୍ଟା ଉତ୍ତେଜନା, ଫୋର୍ସ ମୁତୟନ
■ ୪୮ ଘଣ୍ଟାରେ ତଦନ୍ତ ସାରିବାକୁ ସିଡିଏମ୍‌ଓଙ୍କ ନିର୍ଦ୍ଦେଶ

# ରାସ୍ତା ନାହିଁ, ଖଟିଆରେ ବୁହା ହେଲେ ଗର୍ଭବତୀ



ରୋଗୀଙ୍କୁ ଭାରରେ ବୋହି ଆମ୍ବୁଲାନ୍ସ ନିକଟକୁ ନିଆଯାଉଛି।

**ମାଲକାନଗିରି/ମାଥିଲି,୧୯।୭(ଡି.ଏନ.ଏ./ସ୍ୱ.ପ୍ର.)**

ମାଲକାନଗିରି ଜିଲାର ଅଧିକାଂଶ ଗ୍ରାମ୍ୟ ରାସ୍ତା ଶୋଚନୀୟ ହୋଇପଡ଼ିଛି। ଅନେକ ସମୟରେ ରୋଗୀ ଭାରରେ ବୁହାହୋଇ ଡାକ୍ତରଖାନା ଆସୁଥିବା ଦେଖିବାକୁ ମିଳୁଛି। ଏପରି ଏକ ଘଟଣା ମାଥିଲି ବ୍ଲକ ଅନ୍ତର୍ଗତ ବେଙ୍ଗପାଣି ଗ୍ରାମରେ ଦେଖିବାକୁ ମିଳିଛି। ଏହି ଗ୍ରାମର ମଙ୍ଗଳା ପାଙ୍ଗିଙ୍କ ସ୍ତ୍ରୀ ସୁରିଆ ପାଙ୍ଗି ଆସନ୍ନ ପ୍ରସବା ଥିଲେ। ଶୁକ୍ରବାର ତାଙ୍କର ପ୍ରସବ ଯନ୍ତ୍ରଣା ଆରମ୍ଭ ହୋଇଥିଲା। ପରିବାର ଲୋକେ ୧୦୮ ଆମ୍ବୁଲାନ୍ସକୁ ଫୋନ କରିଥିଲେ। ତେବେ ଆମ୍ବୁଲାନ୍ସ ଯିବା ବେଳେ ରାସ୍ତା ଖରାପ ଥିବାରୁ ଗ୍ରାମଠାରୁ ପ୍ରାୟ ୧ କିଲୋମିଟର ଦୂରରେ ଅଟକି ରହିଥିଲା। ଏ ସମ୍ପର୍କରେ ଆମ୍ବୁଲାନ୍ସର କର୍ମଚାରୀ କିରଣ ରାଓ ଗ୍ରାମକୁ ଚାଲିଚାଲି ଯାଇ ସମ୍ପୃକ୍ତ ପରିବାର ଲୋକଙ୍କୁ ଜଣାଇଥିଲେ। ପରେ ମଙ୍ଗଳା ଓ କିରଣ ଦୁହେଁ ଖଟିଆରେ ଭାର କରି ସୁରିଆଙ୍କୁ ଆମ୍ବୁଲାନ୍ସ ନିକଟକୁ ଆଣିଥିଲେ। ପରେ ତାଙ୍କୁ ଆମ୍ବୁଲାନ୍ସ ଯୋଗେ ମାଥିଲି ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ନିଆଯାଇଥିଲା। ଆମ୍ବୁଲାନ୍ସ କର୍ମଚାରୀ କିରଣଙ୍କ ଏଭଳି କାର୍ଯ୍ୟକୁ ସାଧାରଣରେ ପ୍ରଶଂସା କରାଯାଉଛି।

# ଏୟାରଟେଲ୍‌କୁ ପଛରେ ପକାଇ ଜିଓ ଦ୍ୱିତୀୟ

**ନୂଆଦିଲ୍ଲୀ,୧୯।୭**




ମୁକେଶ ଅମ୍ବାନୀଙ୍କ ମାଲିକାନାରେ ଥିବା ରିଲାଏନ୍ସ ଜିଓ ମେ’ରେ ଭାରତୀ ଏୟାରଟେଲକୁ ପଛରେ ପକାଇ ଦେଶର ଦ୍ୱିତୀୟ ସର୍ବବୃହତ ଟେଲିକମ କମ୍ପାନୀ ହେବାର ଗୌରବ ଅର୍ଜନ କରିଛି। ଭାରତୀୟ ଦୂରସଞ୍ଚାର ନିୟାମକ ପ୍ରାଧିକରଣ(ଟ୍ରାଇ) ପକ୍ଷରୁ ଶୁକ୍ରବାର ପ୍ରକାଶିତ ତଥ୍ୟ ଅନୁଯାୟୀ, ମେ’ରେ ଜିଓର ଗ୍ରାହକ ସଂଖ୍ୟା ୩୨.୨୯ କୋଟି ଓ ବଜାର ଅଂଶଧନ ୨୭.୮୦ ପ୍ରତିଶତରେ ପହଞ୍ଚିଯାଇଛି। ସୂଚନାଥାଉ କି, ୨୦୧୬ ସେପ୍ଟେମ୍ବରରେ ବଜାରରେ ପ୍ରବେଶ କରି ଜିଓ ଶସ୍ତା ଟାରିଫ ଜାରି କରି ବଜାରରେ ହଇଚଇ ସୃଷ୍ଟି କରିଛି। ପୂର୍ବରୁ ବଜାରରେ ଥିବା ଭୋଡାଫୋନ, ଆଇଡିଆ, ଏୟାରଟେଲ ଆଦି କମ୍ପାନୀ ଏହାକୁ ପ୍ରତିଯୋଗିତାରେ ଟକ୍କର ଦେବାକୁ ଯାଇ ପ୍ରଭୂତ କ୍ଷତି ସହି ଚାଲିଛନ୍ତି। ବସ୍ତୁତଃ ଜିଓ କାରଣରୁ ଟେଲିକମ୍ ସେକ୍ଟରରେ ମାନ୍ଦାବସ୍ଥା ସୃଷ୍ଟି ହୋଇଛି। ଟ୍ରାଇ ତଥ୍ୟ ଅନୁଯାୟୀ ଭୋଡାଫୋନ ଆଇଡିଆ ୩୯.୭୫ କୋଟି ଗ୍ରାହକ ଓ ୩୩.୩୬% ବଜାର ଅଂଶ ସହ ପ୍ରଥମ ସ୍ଥାନରେ ରହିଛି। ତେବେ ଏୟାରଟେଲ ୩୨.୦୩ କୋଟି ଗ୍ରାହକ ଓ ୨୭.୫୮ ପ୍ରତିଶତ ବଜାର ଅଂଶ ସହ ତୃତୀୟ ସ୍ଥାନକୁ ଖସି ଆସିଛି। ମେ’ରେ ଜିଓ ୮୧.୮୦ ଲକ୍ଷ, ଭୋଡାଫୋନ ଆଇଡିଆ ଓ ଏୟାରଟେଲ ଯଥାକ୍ରମେ ୫୬.୯୭ ଲକ୍ଷ ଏବଂ ୧୫.୦୮ ଲକ୍ଷ ନୂଆ ଗ୍ରାହକ ଯୋଡିପାରିଛି।

■ ଏଣ୍ଟ୍ରେପ୍ରେନ୍ୟୁରଶିପ୍‌କୁ ପ୍ରୋତ୍ସାହନ

# ସ୍ଥାପନ ହେବ ସେଣ୍ଟର ଅଫ୍ ଏକ୍ସିଲେନ୍ସ

**ନାଲ୍‌କୋ,ଏନ୍‌ଆଇଟି ରାଉରକେଲା, ଏନ୍‌ଆଇଟିଆର୍‌ଏଏ ମଧ୍ୟରେ ଚୁକ୍ତି**

**ଭୁବନେଶ୍ୱର, ୧୯।୭(ବ୍ୟୁରୋ)**

ଏଣ୍ଟ୍ରେପ୍ରେନ୍ୟୁରଶିପ୍‌କୁ ପ୍ରୋତ୍ସାହନ ଲାଗି ରାଜ୍ୟରେ ନୂଆ ସେଣ୍ଟର ଅଫ୍ ଏକ୍ସିଲେନ୍ସ ସ୍ଥାପନ କରାଯିବ। ଏହି ଧାରାକୁ ଆଗେଇ ନେବା ଲାଗି ରାଷ୍ଟ୍ରାୟତ୍ତ ଆଲୁମିନିୟମ କମ୍ପାନୀ ଲିମିଟେଡ୍(ନାଲ୍‌କୋ), ଏନ୍‌ଆଇଟି ରାଉରକେଲା ଏବଂ ଏନ୍‌ଆଇଟି ରାଉରକେଲା ଆଲୁମୁନାଇ ଆସୋସିଏଶନ(ଏନ୍‌ଆଇଟିଆର୍‌ଏଏ) ଚୁକ୍ତିରେ ସାମିଲ ହୋଇଛନ୍ତି। ଏହି ପଦକ୍ଷେପ ଅନ୍ତର୍ଗତ ଏକ ଇନ୍‌କୁବେଶନ ସେଣ୍ଟର ସ୍ଥାନୀୟ ଗୋଠପାଟଣାସ୍ଥିତ ନାଲ୍‌କୋ ରିସର୍ଚ୍ଚ ଏବଂ ଟ୍ରେନିଂ ସେଣ୍ଟରରେ ସ୍ଥାପନ କରାଯିବ। ଆଲୁମିନିୟମ କ୍ଷେତ୍ରର ବିକାଶ ଲାଗି ଏଠାରେ ନାଲ୍‌କୋ ଏକ ବିଶ୍ୱ ସ୍ତରୀୟ ଗବେଷଣା ଫାସିଲିଟି ଉନ୍ନତୀକରଣ କରୁଛି।

ଷ୍ଟାର୍ଟଅପ୍‌ଗୁଡିକର ଉତ୍ପାଦକତା ଏବଂ ସେବା ଯୋଗାଣରେ ପ୍ରତିଦ୍ୱନ୍ଦ୍ୱିତା ବୃଦ୍ଧି ଲକ୍ଷ୍ୟରେ ଏଭଳି ପଦକ୍ଷେପ ସହାୟକ ହେବ। ବୁଝାମଣାପତ୍ର ଦ୍ୱାରା ଆଇଆଇଟି, ଆଇସିଟି ଏବଂ ଡିଏସ୍‌ଟି ସହଯୋଗରେ ଉଦ୍ୟୋଗ ବିକାଶ ଲାଗି ଅନୁକୂଳ ବାତାବରଣ , ଗବେଷଣା ଅନୁଷ୍ଠାନ ଏବଂ ବିଶ୍ୱବିଦ୍ୟାଳୟ ସହ ସହଭାଗିତା ସୃଷ୍ଟି କରିବ। ଏହାଦ୍ୱାରା ସୃଜନଶୀଳତା, ନବୀନତା ସହ ବିଭିନ୍ନ ଉଦ୍ୟୋଗ ଏବଂ ଶିକ୍ଷାନୁଷ୍ଠାନଗୁଡିକରେ ବୈଷୟିକ ଆବଶ୍ୟକତା କ୍ଷେତ୍ରରେ ପ୍ରତିଦ୍ୱନ୍ଦ୍ୱିତା ବୃଦ୍ଧି ଘଟିବ। ଉକ୍ତ ପଦକ୍ଷେପକୁ କେନ୍ଦ୍ର ଖଣି ମନ୍ତ୍ରଣାଳୟର ଅତିରିକ୍ତ ସଚିବ କେ.ରାଜେଶ୍ୱର ରାଓ ପ୍ରଶଂସା କରିଛନ୍ତି। ନୂତନ ଚିନ୍ତାଧାରା ଏବଂ ଉଦ୍ଭାବନକୁ ପ୍ରୋତ୍ସାହନ ଲାଗି ୩ ଅଂଶୀଦାରଙ୍କୁ ରାଓ ଆହ୍ୱାନ ଜଣାଇଛନ୍ତି। ଏହି ଅବସରରେ ନାଲ୍‌କୋ ପକ୍ଷରୁ ୫୦ କର୍ମଚାରୀଙ୍କୁ ଉତ୍କର୍ଷତା ପୁରସ୍କାର ପ୍ରଦାନ କରାଯାଇଥିଲା। କଠିନ ଅଧ୍ୟବସାୟ ଏବଂ ନିଷ୍ଠା ଯୋଗୁ ନାଲ୍‌କୋ ଉତ୍ପାଦକତା ଏବଂ ଆର୍ଥିକ ଲାଭ କ୍ଷେତ୍ରରେ ସଫଳତା ହାସଲ କରିଥିବା କମ୍ପାନୀର ଅଧ୍ୟକ୍ଷ ତପନ କୁମାର ଚାନ୍ଦ କହିଛନ୍ତି।




# ଭୋଟ ପାଇଁ ଟଙ୍କା ବଣ୍ଟାକୁ କେନ୍ଦ୍ରକରି ରାସ୍ତାରେ ଟାୟାର ଜାଳିଲେ ଲୋକେ

**ମାର୍ଶାଘାଇ,୧୯।୭(ଡି.ଏନ୍.ଏ.)**

ଭୋଟ ପାଇଁ ଟଙ୍କା ବଣ୍ଟନକୁ କେନ୍ଦ୍ର କରି ମାର୍ଶାଘାଇ ବ୍ଲକର କରିଲୋପାଟଣା ଠାରେ ଶୁକ୍ରବାର ଲୋକେ ରାସ୍ତାରେ ଟାୟାର ଜାଳି ପ୍ରତିବାଦ କରିଛନ୍ତି ।

ପାଟକୁରା ବିଧାନସଭା ଆସନ ପାଇଁ ଶନିବାର ଭୋଟ ଗ୍ରହଣ କରାଯିବ । ଏଥିପାଇଁ ସମସ୍ତ ଦଳ ନିଜ ସପକ୍ଷରେ ଭୋଟ ହାତେଇବା ପାଇଁ ଭୋଟରଙ୍କୁ ବିଭିନ୍ନ ଉପାୟରେ ପ୍ରଭାବିତ କରିବାରେ ଲାଗିଛନ୍ତି । ମାତ୍ର ଭୋଟରମାନେ ସେମାନଙ୍କ ମନୋନୀତ ପ୍ରାର୍ଥୀ ଚୟନ କରି ସାରିଥିବାରୁ ଆଗ ଧାଡିର କେତେକ ଦଳୀୟ କର୍ମୀ ଏହାକୁ ସହଜରେ ହଜମ କରି ପାରି ନ ଥିଲେ । ପାଟକୁରା ନିର୍ବାଚନମଣ୍ଡଳୀ ଅଧୀନ ମାର୍ଶାଘାଇ ବ୍ଲକର କରିଲୋପାଟଣା ପଞ୍ଚାୟତରେ ଶୁକ୍ରବାର ଏକ ଦଳର କର୍ମୀମାନେ ନିଜ ଦଳ ସପକ୍ଷରେ ଭୋଟ ଦେବାକୁ ଭୋଟରଙ୍କୁ ପ୍ରବର୍ତ୍ତାଇବା ସହ ଟଙ୍କା ଦେଇ ଏବଂ ମହାପ୍ରସାଦ ଖୁଆଇ ଶପଥ କରାଇବାରୁ ଉତ୍ତେଜନାମୂଳକ ପରିସ୍ଥିତି ସୃଷ୍ଟି ହୋଇଥିଲା । ଟଙ୍କା ନେଇଥିଲେ ବି ଭୋଟ ଦେବାକୁ କେତେକ ଭୋଟର ଖୁଲମଖୁଲ୍ଲା ବିରୋଧ କରିବାରୁ ଘଟଣା ପ୍ରଘଟ ହୋଇଯାଇଥିଲା । କୌଣସି ସୂତ୍ରରୁ ଖବର ପାଇ ଏକ ବୈଦ୍ୟୁତିକ ଗଣମାଧ୍ୟମ ଟଙ୍କା ବଣ୍ଟନର ଚିତ୍ର ପ୍ରସାରଣ କରିବାରୁ ଏହାକୁ ନେଇ ଉକ୍ତ ଗଣମାଧ୍ୟମର ମହିଳା ପ୍ରତିନିଧି ଆକ୍ରୋଶର ଶିକାର ହୋଇଥିଲେ । ସ୍ଥାନୀୟ ଲୋକେ ଏହାର ପ୍ରତିବାଦ କରି ଅପରାହ୍ନରେ ପ୍ରାୟ ୪ ଘଣ୍ଟା କାଳ କରିଲୋପାଟଣା ହାଟ ରାସ୍ତାରେ ଟାୟାର ଜାଳି ରାସ୍ତା ରୋକୋ କରିଥିଲେ । ସନ୍ଧ୍ୟାରେ ପୋଲିସ ପହଞ୍ଚି ଉତ୍ତ୍ୟକ୍ତ ଲୋକଙ୍କୁ ବୁଝାଶୁଝା କରି ରାସ୍ତା ଅବରୋଧ ହଟାଇଥିଲା।

# ନକଲି ମୋବିଲ କାରଖାନା ଠାବ

**ବାଲେଶ୍ୱର ଅଫିସ,୧୯।୭**

ବାଲେଶ୍ୱର ଜିଲା ସହଦେବଖୁଣ୍ଟା ମଡେଲ ଥାନା ଅଧୀନ ଅରଡ଼ବଜାର ମସଜିଦ୍ ଗଳି ନିକଟରୁ ଶୁକ୍ରବାର ନକଲି ମୋବିଲ କାରଖାନା ଠାବ କରାଯାଇଛି। ଉକ୍ତ କାରଖାନାରୁ ୧୦ଲକ୍ଷ ଟଙ୍କାର ନକଲି ମୋବିଲ ଏବଂ ସାମଗ୍ରୀ ଜବତ କରାଯିବା ସହ ୨ଜଣଙ୍କୁ ଗିରଫ କରାଯାଇଛି। ସେମାନେ ହେଲେ ଅରଡ଼ବଜାରସ୍ଥିତ ଗଳାପୋଲର ସାହିଲ୍ ଓରଫ୍ ଇସୁବ ଖାନ୍ (୩୦) ଏବଂ ତାଙ୍କ ସାନ ଭାଇ ରାଜୁ ଓରଫ୍ ଇର୍ସାଦ ଖାନ୍ (୧୮)। ଏହି କାରଖାନା ଏକ ଭଡାଘରେ ଚାଲୁଥିଲା।

ସହଦେବଖୁଣ୍ଟା ଥାନାଠାରୁ ମାତ୍ର ଅଧା କି.ମି. ଦୂରରେ ଥିବା ସେକ୍ ଅବଦୁଲ ମଜିଦଙ୍କ ଘରେ ୨୦ବର୍ଷ ହେଲା ଇଦ୍ରିଶ ଖାନ୍ ଭଡାରେ ରହୁଥିଲେ। ସେଠାରେ ପୋଡ଼ା ମୋବିଲକୁ ଫିଲ୍ଟରିଂ କରି କିରୋସିନ ଏବଂ ରାସାୟନିକ ରଙ୍ଗ ବ୍ୟବହାର କରି ନକଲି ମୋବିଲ ତିଆରି କରି ବିଭିନ୍ନ ନାମୀଦାମୀ କମ୍ପାନୀର ଷ୍ଟିକର ଏବଂ ସିଲ୍ ଲଗାଇ ବାଲେଶ୍ୱର ଜିଲା ସମେତ ଭଦ୍ରକ, ମୟୂରଭଞ୍ଜ, ଯାଜପୁର, କେନ୍ଦୁଝର ଜିଲାକୁ ଚାଲାଣ କରୁଥିଲେ। କମ୍ପାନୀର ମୋବିଲ ୯୦୦ ଏମ୍‌ଏଲ୍‌କୁ ୩୨୦ଟଙ୍କା ଥିବାବେଳେ ଚୋରାରେ ଦୋକାନୀମାନେ ୧୮୦ଟଙ୍କାରେ ପାଇ ବେଶ୍ ସୁରୁଖୁରୁରେ ଗରାଖମାନଙ୍କୁ ବିକ୍ରି କରି ଚାଲିଥିଲେ। ଗଲ୍ଫ କମ୍ପାନୀର ସେଲ୍ କମିବାରୁ କଲିକତା ଗଲ୍ଫ ମୋବିଲ କମ୍ପାନୀର ଏକ ସ୍ୱତନ୍ତ୍ର ତଦନ୍ତକାରୀ ଦଳ ବିକ୍ରି କମିବା ଉପରେ ଓଡ଼ିଶାର ବିଭିନ୍ନ ଜିଲାରେ ଛାନଭିନ୍ ଆରମ୍ଭ କରିଥିଲେ। ୩ମାସ ପୂର୍ବରୁ ଏହି ଟିମ୍ ବାଲେଶ୍ୱର ମାର୍କେଟ୍‌ରେ ପହଞ୍ଚିଥିଲେ। ସହରରେ ଥିବା ବିଭିନ୍ନ ମୋବିଲ ବିକ୍ରି କରୁଥିବା ଦୋକାନୀମାନଙ୍କଠାରୁ ଗଲ୍ଫ କମ୍ପାନୀର ମୋବିଲ୍‌କୁ ସଂଗ୍ରହ କରି କଲିକତାରେ ଥିବା ବିଭାଗୀୟ କେମିକାଲ୍ ଲ୍ୟାବ୍‌କୁ ପରୀକ୍ଷା ପାଇଁ ପଠାଇଥିଲେ। ମିଳିଥିବା ରିପୋର୍ଟ ଅନୁସାରେ ମାର୍କେଟ୍‌ରେ ବିକ୍ରି ହେଉଥିବା ମୋବିଲ୍ ନକଲି ବୋଲି ଜାଣିବାକୁ ପାଇଥିଲେ। କମ୍ପାନୀର ଉକ୍ତ ଟିମ୍ ଦୋକାନୀମାନଙ୍କଠାରୁ ଚୋରା ମୋବିଲ ବ୍ୟବସାୟୀଙ୍କ ଠିକଣା ପାଇବା ପରେ ନିଜେ ଗରାଖ ଭାବେ ସେମାନଙ୍କୁ ଯୋଗାଯୋଗ କରିଥିଲେ। ଚତୁରତାର ସହ ସେମାନଙ୍କ ସହ କାରବାର କରିବାର ବାର୍ତ୍ତାଳାପରେ ନକଲି ମୋବିଲ କାରଖାନାର ଠିକଣା ଠାବ କରିଥିଲେ। ପରେ ଗଲ୍ଫ କମ୍ପାନୀର କର୍ମଚାରୀ ସନ୍ତୋଷ ଯାଦବ ସହଦେବଖୁଣ୍ଟା ଥାନାରେ ଲିଖିତ ଅଭିଯୋଗ କରିଥିଲେ। ଏ ନେଇ ସହଦେବଖୁଣ୍ଟା ଥାନାରେ ମାମଲା (ନଂ. ୧୯୮/୧୯) ରୁଜୁ କରି ଶୁକ୍ରବାର ପୂର୍ବ ପ୍ରସ୍ତୁତ ଅନୁସାରେ ଚଢ଼ାଉ କରାଯାଇଥିଲା। ଚଢାଉ ବେଳେ ୬ଟି ବଡ଼ ବ୍ୟାରେଲ୍‌ରେ ୧୨ଶହ ଲିଟର ନକଲି ମୋବିଲ, ବିଭିନ୍ନ କମ୍ପାନୀର ମୋବିଲ ଡବା, ଠିପି, ଲେବୁଲ୍ ପ୍ରାୟ ୫ଲକ୍ଷ ଟଙ୍କାର ସାମଗ୍ରୀ ଜବତ କରାଯାଇଛି।

ଏ ସମ୍ପର୍କରେ ଗଲ୍ଫ କମ୍ପାନୀର କର୍ମଚାରୀ ଯାଦବ କହିଛନ୍ତି, ଏହି ନକଲି କାରଖାନାରେ ସମସ୍ତ କମ୍ପାନୀର ନକଲି ମୋବିଲ ତିଆରି କରି ସବୁ କାଉଣ୍ଟରକୁ ଅଳ୍ପ ଦାମ୍‌ରେ ବିକ୍ରିକରିଥାନ୍ତି। ପୋଡ଼ା ମୋବିଲକୁ ସଂଗ୍ରହ କରି କିରୋସିନ ଏବଂ ରଙ୍ଗ ଦ୍ୱାରା ଫିଲ୍ଟରିଂ କରି ମୋବିଲ ପ୍ରସ୍ତୁତ କରିଥାନ୍ତି। ଏହି ର୍‍ୟାକେଟ୍‌ର ବହୁତ ଦୂର ପର୍ଯ୍ୟନ୍ତ ହାତ ରହିଛି ବୋଲି ପ୍ରକାଶ କରିଛନ୍ତି।



ଜବତ ହୋଇଥିବା ନକଲି ମୋବିଲ ସାମଗ୍ରୀ।



ଗିରଫ ୨ ଅଭିଯୁକ୍ତ।

■ ୧୦ଲକ୍ଷ ଟଙ୍କାର ସାମଗ୍ରୀ ଜବତ, ୨ ଗିରଫ
■ ଭଡ଼ାଘରେ ଚାଲୁଥିଲା ମୋବିଲ ତିଆରି

# ରାଜ୍ୟକୁ ଲୋଡ଼ା ଅଧିକ ଆଇପିଏସ୍ ଅଧିକାରୀ

**ଭୁବନେଶ୍ୱର, ୧୯।୭(ବ୍ୟୁରୋ)**

ରାଜ୍ୟରେ ଭାରତୀୟ ପୋଲିସ୍ ସେବା(ଆଇପିଏସ୍) ଅଫିସର ଅଭାବ ହେଲେଣି। ଏଥିଲାଗି ରାଜ୍ୟ ସରକାରଙ୍କ ପକ୍ଷରୁ ଚିଠି ଲେଖି କେନ୍ଦ୍ରକୁ ଜଣାଇ ଦିଆଯାଇଛି। ରାଜ୍ୟର ଆବଶ୍ୟକତା ଅନୁଯାୟୀ କେତେଜଣ ଆଇପିଏସ୍‌ଙ୍କୁ ଓଡିଶା କ୍ୟାଡରକୁ ପଠାଇବା ଲାଗି କେନ୍ଦ୍ରକୁ ଅନୁରୋଧ କରାଯାଇଥିବା ଜଣାପଡିଛି। ଗୃହ ବିଭାଗ ଅତିରିକ୍ତ ଶାସନ ସଚିବ ଅସୀତ୍ କୁମାର ତ୍ରିପାଠୀ ଏ ପ୍ରସ୍ତାବକୁ ନେଇ ସ୍ୱରାଷ୍ଟ୍ର ମନ୍ତ୍ରଣାଳୟ ସହ ଯୋଗାଯୋଗରେ ରହିଥିବା ସୂଚନା ମିଳିଛି। ରାଜ୍ୟରେ ୧୮୮ ଆଇପିଏସ୍ ଅଫିସର ପଦବୀ ରହିଛି, ଯେଉଁଥିରୁ ମାତ୍ର ୮୭ ଜଣ ଓଡିଶାରେ କାର୍ଯ୍ୟରତ ଅଛନ୍ତି। ଆସନ୍ତା ୭ରୁ ୮ ବର୍ଷ ପର୍ଯ୍ୟନ୍ତ କେତେଜଣ ଆଇପିଏସ୍ ଅଫିସରଙ୍କୁ ଓଡିଶାକୁ ଦେବା ପାଇଁ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ମଧ୍ୟ ସ୍ୱରାଷ୍ଟ୍ର ମନ୍ତ୍ରଣାଳୟକୁ ଅନୁରୋଧ କରିଥିବା ଜଣାପଡିଛି। ସେହିପରି ପ୍ରାୟ ୧୦ବର୍ଷ ହେବ ରାଜ୍ୟକୁ ଯେତିକି ଆଇପିଏସ୍ ଅଫିସର ଆସିଛନ୍ତି ସେମାନଙ୍କ ମଧ୍ୟରୁ ବହୁଜଣ ପଳାଇଛନ୍ତି। ୨୦୧୦ରୁ ୨୦୧୬ ମଧ୍ୟରେ ଏପରି ବହୁ ଘଟଣା ଦେଖିବାକୁ ମିଳିଛି। ୨୦୧୭ରେ ଓଡିଶାକୁ ୧୦ଜଣ ଆଇପିଏସ୍ ଅଫିସର ପଠାଇବା ଲାଗି ରାଜ୍ୟ ସରକାର ଅନୁରୋଧ କରିଥିଲେ। ସେତେବେଳେ କେନ୍ଦ୍ର ୪ଜଣଙ୍କୁ ପଠାଇଥିଲା। ସେମାନଙ୍କ ମଧ୍ୟରୁ ଜଣେ ଓଡିଶା କ୍ୟାଡର ଛାଡିଥିଲେ, ଯେଉଁଥିଲାଗି ରାଜ୍ୟରେ ମୁଖ୍ୟତଃ ଯୁବ ଆଇପିଏସ୍ ଅଫିସରଙ୍କ ଅଭାବ ବିଶେଷ ରହୁଛି। ଗୃହ ବିଭାଗ ସୂତ୍ରରୁ ମିଳିଥିବା ସୂଚନା ମୁତାବକ, ବର୍ତ୍ତମାନ ପଦୋନ୍ନତି ଭିତ୍ତିରେ ପୂରଣ ହେବାକୁ ଥିବା ସମସ୍ତ ପଦବୀ ଖାଲିପଡିଛି। ସିଧାସଳଖ ନିଯୁକ୍ତି ପଦବୀ ମଧ୍ୟରୁ ୧୫ଟି ଖାଲି ରହିଛି। ଏହି ପଦବୀ ପୂରଣ କରିବାକୁ କେନ୍ଦ୍ରକୁ ରାଜ୍ୟ ସରକାର ଅନୁରୋଧ କରିଛନ୍ତି। ଯେଉଁଥିଲାଗି ଆଇନ ଶୃଙ୍ଖଳା ଏବଂ ମାଓବାଦୀ ମୁକାବିଲା ଆଦି ପରିସ୍ଥିତିର ସମ୍ମୁଖୀନ ପାଇଁ ରାଜ୍ୟକୁ ବହୁ ଅସୁବିଧାର ସମ୍ମୁଖୀନ ହେବାକୁ ପଡୁଥିବା ଜଣେ ଆଇପିଏସ୍ ଅଧିକାରୀ ନିଜ ନାମ ଗୋପନ ରଖି କହିଛନ୍ତି।

ଲଙ୍କାଗୁଣ୍ଡ ପକାଇ ୧. ୬୬ ଲକ୍ଷ ଲୁଟ୍ ଘଟଣାର ପର୍ଦ୍ଦାଫାଶ

# ମହିଳା କର୍ମଚାରୀ ଓ ତାଙ୍କ ପ୍ରେମିକ ଗିରଫ

**ଚାନ୍ଦବାଲି, ୧୯।୭ (ଡି.ଏନ.ଏ.)**

ଭଦ୍ରକ ଜିଲା ମତୋ-ମାଧପୁର ରାସ୍ତାରେ ଏକ ଫାଇନାନ୍ସ କମ୍ପାନୀରେ କାମ କରୁଥିବା ଜଣେ ମହିଳା କର୍ମଚାରୀଙ୍କଠାରୁ ୧ ଲକ୍ଷ ୬୬ ହଜାର ଟଙ୍କା ଲୁଟ୍ ଘଟଣାର ୧୧ ଦିନ ପରେ ପର୍ଦ୍ଦାଫାଶ ହୋଇଛି। ଏକ ସ୍କୁଟି ଯୋଗେ ଟଙ୍କା ନେଇ ଯାଉଥିବା ମହିଳା କର୍ମଚାରୀ ନିଜ ପ୍ରେମିକଙ୍କ ସହାୟତାରେ ଏଭଳି ଲୁଟ୍ ନାଟକ ରଚିଥିବା ଚାନ୍ଦବାଲି ଥାନା ପୋଲିସ କହିଛି। ଏହି ଘଟଣାରେ ମହିଳା କର୍ମଚାରୀ ଓ ତାଙ୍କ ପ୍ରେମିକ ଗିରଫର ଅଭିଯୁକ୍ତ ମହିଳା କର୍ମଚାରୀ ଓ ତାଙ୍କ ପ୍ରେମିକଙ୍କୁ ପୋଲିସ ଶୁକ୍ରବାର ଗିରଫ କରି ରାତି ୮ଟାରେ କୋର୍ଟ ଚାଲାଣ କରିଥିଲା। ଜାମିନ ନାମଞ୍ଜୁର ହେବାରୁ ସେମାନଙ୍କୁ ଜେଲ୍ ହାଜତକୁ ପଠାଯାଇଛି।

# କ୍ଲିନିକାଲ ସାଇକୋଲୋଜି

**ଆଜିର ଉତ୍ତେଜନାପୂର୍ଣ୍ଣ, ଦ୍ରୁତଗତିର ଏବଂ ପ୍ରତିଯୋଗିତାପୂର୍ଣ୍ଣ ଜୀବନଶୈଳୀ ମଧ୍ୟରେ ମଣିଷଟିଏ ହସିବା, ଖେଳିବା ଭୁଲିଗଲାଣି। ସମୟକ୍ରମେ ସେ ଡିପ୍ରେସନର ଶିକାର ହୋଇ ଆତ୍ମହତ୍ୟା କରିବାକୁ ମଧ୍ୟ ପଛାଉ ନାହିଁ। ଏଭଳି କ୍ଷେତ୍ରରେ ମନୋବିଜ୍ଞାନ ବା ସାଇକୋଲୋଜି ମାଧ୍ୟମରେ ଜୀବନର କଠିନ ସମୟକୁ ସହଜ କରିବା ସହିତ ବୌଦ୍ଧିକ ବିକାଶରେ ସହାୟତା କରିଥାଏ କ୍ଲିନିକାଲ ସାଇକୋଲୋଜି। ସମ୍ବେଦନା ତଥା ଆକାଂକ୍ଷାକୁ ନିୟନ୍ତ୍ରିତ କରି ଏହାକୁ କିପରି ଉପଯୋଗୀ କରାଯାଇପାରିବ ସାଇକୋଲୋଜି ତାହା ଶିଖାଇ ଦିଏ। କ୍ଲିନିକାଲ ସାଇକୋଲୋଜି ଭୟ ଅଥବା ଉପହାସ କରିବାର ବିଷୟ ନୁହେଁ, ବରଂ ଏହାକୁ ନିଜର ଜୀବନଶୈଳୀରେ ସାମିଲ କରିବା ଆବଶ୍ୟକ। ଏହାଦ୍ୱାରା ସୁସ୍ଥ ସମାଜ ଓ ଉଚ୍ଚସ୍ତରର ମୌଳିକ ଶିକ୍ଷା ଏବଂ ଚରିତ୍ର ବିକାଶ ସମ୍ଭବ ହୋଇପାରିବ।**

ସାଇକୋଲୋଜି ଗ୍ରୀକ୍ ଭାଷାର ଦୁଇଟି ଶବ୍ଦ 'ସାଇକୋ' ଅର୍ଥାତ୍ ଆତ୍ମା ତଥା ଲୋଗୋସ୍ ଅର୍ଥାତ୍ ବିଜ୍ଞାନକୁ ମିଶାଇ ତିଆରି କରାଯାଇଛି। ଯାହାକୁ ଆଧୁନିକ ଯୁଗରେ ମନୋବିଜ୍ଞାନ କୁହାଯାଏ। ଏହାର ବ୍ୟବହାର ଜୀବନର ପ୍ରତ୍ୟେକ କ୍ଷେତ୍ରରେ, ପ୍ରତ୍ୟେକ ଦିଗରେ ଅତ୍ୟନ୍ତ ଉପଯୋଗୀ ସାବ୍ୟସ୍ତ ହୋଇଛି। କ୍ଲିନିକାଲ ସାଇକୋଲୋଜି ମଣିଷକୁ ନିଜର ବିଚାର ତଥା ବ୍ୟବହାରରେ ପରିବର୍ତ୍ତନ ଆଣିବାରେ ସହାୟତା କରିଥାଏ। ଜଣେ କ୍ଲିନିକାଲ ସାଇକୋଲୋଜିଷ୍ଟ ନିଜର କ୍ଲାଏଣ୍ଟଙ୍କ ବିଚାର ଏବଂ ବ୍ୟବହାରକୁ ଆଗୁଆ ବୁଝି ସମସ୍ୟାକୁ ଦୂର କରିଥାଏ।

ଆଜିକାଲି ମନୋବିଜ୍ଞାନ ଡାକ୍ତରଙ୍କୁ ସମାଜରେ ପାଗଳଙ୍କ ଡାକ୍ତର ବୋଲି ଧରିନିଆଯାଏ। ଏହା ନିଶ୍ଚିତଭାବେ ଭୁଲ୍। ଆମ ସମାଜରେ ଜାରି ରହିଥିବା ବିକୃତ ଚିନ୍ତାଧାରାକୁ ଏହାର କାରଣ ଧରାଯାଇପାରେ। ଜଣେ ମନୋବୈଜ୍ଞାନିକ କେବଳ ବ୍ୟକ୍ତିର ମାନସିକ ରୋଗର ଚିକିତ୍ସା କରେ ନାହିଁ, ବରଂ ତାଙ୍କ ଜୀବନରେ ଖୁସି ଭରିଦେବା ସହ ବଞ୍ଚିବାର କଳା ଶିଖାଇଦେଇଥାନ୍ତି। ନିଜର ସ୍ୱତନ୍ତ୍ର କଳା ମାଧ୍ୟମରେ ସେ ବ୍ୟକ୍ତିର ଉଦାସୀନତାରେ ଭରା ଜୀବନରେ ଖୁସି ଆଣିବାକୁ ଚେଷ୍ଟା କରିଥାଏ। ବ୍ୟକ୍ତିର ବ୍ୟକ୍ତିତ୍ୱକୁ ସଜାଡି ସମାଜ ପାଇଁ ଜଣେ ଭଲ ମଣିଷଟିଏ ଗଢ଼ିଥାଏ। ଜଣେ ମନୋବୈଜ୍ଞାନିକଙ୍କ ସହାୟତାରେ ବ୍ୟକ୍ତିଟିଏ ଚାପ ପରିଚାଳନା ତଥା ସମୟ ପରିଚାଳନା କରିବାର କ୍ଷମତା ହାସଲ କରିପାରେ।



## କ'ଣ କାମ କରିବାକୁ ପଡେ

କ୍ଲିନିକାଲ ସାଇକୋଲୋଜିଷ୍ଟଙ୍କୁ କୌଣସି ବିଶେଷ କ୍ଲାଏଣ୍ଟ ଗ୍ରୁପ୍ ସହିତ କାମ କରିବାକୁ ପଡିଥାଏ। ତାଙ୍କ ନିକଟରେ ସହାୟତା ନେବା ଲାଗି ପାଠ ପଢ଼ିବା ତଥା କିଛି ଶିଖିବାରେ ଅସମର୍ଥ ଲୋକ ଅଥବା ପିଲାଙ୍କୁ ଛାଡିଦିଆଯାଏ। ସେ ହସ୍ପିଟାଲ ଅଥବା ଅନ୍ୟ କୌଣସି ସ୍ଥାନରେ କାମ କରିବାକୁ ପଡିପାରେ। ତାଙ୍କୁ ସାଇକୋମେଟ୍ରିକ ଟେଷ୍ଟ, ଇଣ୍ଟରଭ୍ୟୁ ଓ ବ୍ୟବହାରର ପ୍ରତ୍ୟକ୍ଷ ଅବଲୋକନ ମାଧ୍ୟମରେ ଅନେକ କ୍ଲାଏଣ୍ଟଙ୍କ ଆବଶ୍ୟକତା, ଯୋଗ୍ୟତା ଏବଂ ବ୍ୟବହାରର ଆକଳନ କରିବାକୁ ପଡିଥାଏ। ଏହାପରେ ସେ ସମ୍ପୃକ୍ତ କ୍ଲାଏଣ୍ଟଙ୍କ ଲାଗି ଉପଚାର ବା ଚିକିତ୍ସା ପରାମର୍ଶ ଦେଇଥାନ୍ତି, ଯେଉଁଥିରେ ଥେରାପି, କାଉନ୍ସେଲିଂ ଆଦି ସାମିଲ ହୋଇଥାଏ। ମାନସିକ ସ୍ୱାସ୍ଥ୍ୟ ଯେପରିକି ଚିନ୍ତା, ଅବସାଦ, ସାମାଜିକ ଓ ବ୍ୟକ୍ତିଗତ ସମସ୍ୟାରୁ ମୁକ୍ତି ପାଇବା ଲାଗି ପରାମର୍ଶ ଦିଆଯାଇଥାଏ।

## କ୍ୟାରିୟର ସମ୍ଭାବନା

ସାଧାରଣତଃ କ୍ଲିନିକାଲ ସାଇକୋଲୋଜିଷ୍ଟ ନିଜସ୍ୱ କ୍ଲିନିକ ଚଳାଇଥାନ୍ତି ଅଥବା ଗ୍ରୁପ୍ ପ୍ରାକ୍ଟିସ କରିଥାନ୍ତି। କ୍ଲିନିକାଲ ସାଇକୋଲୋଜିଷ୍ଟ ଭାବେ ହସ୍ପିଟାଲରେ ମଧ୍ୟ କାର୍ଯ୍ୟ କରିହେବ। ସେଠାରେ ଶିଶୁ, କ୍ୟାନସର ପୀଡିତ ଅଥବା ବୃଦ୍ଧାବୃଦ୍ଧା ରୋଗୀଙ୍କୁ ଦେଖାଶୁଣା କରିବାର ଦାୟିତ୍ୱ ମିଳିପାରେ। ଏହାବ୍ୟତୀତ ଜଣେ କ୍ଲିନିକାଲ ସାଇକୋଲୋଜିଷ୍ଟ ଫରେନ୍ସିକ ଫିଲ୍ଡରେ ମଧ୍ୟ କ୍ୟାରିୟର କରିପାରିବେ। ଏଭଳି ପେସାଦାରଙ୍କୁ କ୍ଲିନିକାଲ ଫରେନ୍ସିକ ସାଇକୋଲୋଜିଷ୍ଟ କୁହାଯାଇଥାଏ। ସେମାନେ ଅପରାଧୀଙ୍କ ମାନସିକ ସ୍ଥିତିକୁ ଆକଳନ କରିପାରିବା ସାଙ୍ଗକୁ ପାଠ ପଢ଼ିଥାନ୍ତି।

ନେଇ ସ୍ୱତନ୍ତ୍ର ପାଠ ପଢ଼ିଥାନ୍ତି।

## କିଭଳି ପ୍ରବେଶ ମିଳିବ

କ୍ଲିନିକାଲ ସାଇକୋଲୋଜିରେ ନିଜର କ୍ୟାରିୟର କରିବାକୁ ଚାହୁଁଥିବା ଛାତ୍ରୀଛାତ୍ର ୩ ପ୍ରକାର ଭାବେ ଏହି ଫିଲ୍ଡରେ ପ୍ରବେଶ କରିପାରିବେ। ସେମାନେ ଏମ୍‌ବିବିଏସ୍ ଡିଗ୍ରୀ, ସାଇକୋଲୋଜିରେ ଏମ୍‌ଏ ଅଥବା ଏମ୍‌ଏସ୍‌ସି ଦ୍ୱାରା ଅଥବା ଡିପ୍ଲୋମା କୋର୍ସ କରି ଜଣେ କ୍ଲିନିକାଲ ସାଇକୋଲୋଜିଷ୍ଟ ହୋଇପାରିବେ। ଏଥିପାଇଁ ପ୍ରବେଶିକା ପରୀକ୍ଷା ଏବଂ ସାକ୍ଷାତକାର ଦ୍ୱାରା ଛାତ୍ରୀଛାତ୍ରଙ୍କୁ ଚୟନ କରାଯାଇଥାଏ।

## କୋର୍ସ

କ୍ଲିନିକାଲ ସାଇକୋଲୋଜିରେ ବିଭିନ୍ନ ପ୍ରକାର କୋର୍ସ ରହିଛି। ସେଗୁଡ଼ିକ ହେଲା: ଚାଇଲ୍ଡ ସାଇକୋଲୋଜି, ଫରେନ୍ସିକ ସାଇକୋଲୋଜି, ହସ୍ପିଟାଲରେ ସିନିୟର ସାଇକୋଲୋଜି, ଡୋମେଷ୍ଟିକ ଭାୟୋଲେନ୍ସ ସାଇକୋଲୋଜି, ଚାଇଲ୍ଡ ଆବ୍ୟୁଜ ସାଇକୋଲୋଜି, ହେଲ୍‌ଥ ସାଇକୋଲୋଜି, ମିଲିଟାରୀ ସାଇକୋଲୋଜି, ପ୍ରିଜନ ସାଇକୋଲୋଜି, ସବ୍‌ଷ୍ଟାନ୍ସ ଆବ୍ୟୁଜ ସାଇକୋଲୋଜି, ମୁଡ୍ ଡିସଅର୍ଡର ସାଇକୋଲୋଜି, ସ୍ପୋର୍ଟ୍ସ ସାଇକୋଲୋଜି, ରିସର୍ଚ୍ଚ ସାଇକୋଲୋଜି ଓ ପ୍ରଫେସର ଅଫ୍ ସାଇକୋଲୋଜି ଆଦି।

## ସ୍କିଲ୍

କ୍ଲିନିକାଲ ସାଇକୋଲୋଜିଷ୍ଟ ହେବା ଲାଗି ଜଣେ ବ୍ୟକ୍ତିଙ୍କ ନିକଟରେ ଚମତ୍କାର କମ୍ୟୁନିକେଶନ ଏବଂ ଶୁଣିବାର ସ୍କିଲ୍ ରହିଥିବା ଜରୁରୀ। ସଙ୍କଟରେ ଫସିଥିବା ବ୍ୟକ୍ତିଙ୍କୁ ଦୟା ପ୍ରଦର୍ଶନ ପୂର୍ବକ ଏଥିରୁ ତାଙ୍କୁ ବାହାରି ଆସିବାରେ ସାହାଯ୍ୟ କରିବାର କୌଶଳ ଜାଣିବା ଦରକାର। ଏହାଛଡା ନିଜ କାର୍ଯ୍ୟ ପ୍ରତି ଦାୟିତ୍ୱସମ୍ପନ୍ନ ହେବା ସହ ନିଷ୍ଠାବାନ ତଥା ସଚ୍ଚୋଟ ହେବାକୁ ପଡିବ। ଉତ୍ତେଜନାପୂର୍ଣ୍ଣ ସ୍ଥିତିରେ ଶାନ୍ତ ରହିବାର ଯୋଗ୍ୟତା ରହିଥିବା ଆବଶ୍ୟକ। ଟିମ୍‌ରେ ରହି କାମ କରିବାକୁ ଆଗ୍ରହୀ ହେବା ସହ ସମସ୍ୟାକୁ ତୁରନ୍ତ ସମାଧାନ କରିବାର ଜବରଦସ୍ତ କୌଶଳ ତାଙ୍କୁ ଜଣାଥିବ।

## ପ୍ରମୁଖ ଶିକ୍ଷାନୁଷ୍ଠାନ

ୟୁନିଭର୍ସିଟି ଅଫ୍ ମୁମ୍ବାଇ, ଦିଲ୍ଲୀ ୟୁନିଭର୍ସିଟି, ଏନ୍‌ଆଇଏମ୍‌ଏଚ୍‌ଏଏନ୍‌ଏସ୍, ବାଙ୍ଗାଲୋର, ଆମ୍ବେଡ୍‌କର ୟୁନିଭର୍ସିଟି, ଦିଲ୍ଲୀ, ଗୁଆହାଟୀ ୟୁନିଭର୍ସିଟି, ଆସାମ, ଡିପାର୍ଟମେଣ୍ଟ ଅଫ୍ ସାଇକୋଲୋଜି, ରାଞ୍ଚି ୟୁନିଭର୍ସିଟି, ରାଞ୍ଚି,ଝାଡ଼ଖଣ୍ଡ।

## ରୋଜଗାର ଅବସର

ଏହି କ୍ଷେତ୍ରରେ ରୋଜଗାର ଅବସର ଅଭାବ ନାହିଁ। ବିଷୟର ଉପଯୋଗିତାକୁ ଦୃଷ୍ଟିରେ ରଖିଲେ ଏଥିରେ ଅଧିକ ସମ୍ଭାବନା ରହିଛି। ଏକ ଅନୁମାନ ଅନୁଯାୟୀ, ୨୦୨୦-୨୧ ସୁଦ୍ଧା ଦେଶରେ ହୃଦ୍‌ରୋଗୀଙ୍କ ପରେ ମାନସିକ ରୋଗୀଙ୍କ ସଂଖ୍ୟା ପହଞ୍ଚିବ। ଅପରିଚ୍ଛନ୍ନ ଏବଂ ଅସ୍ୱାସ୍ଥ୍ୟକର ଜୀବନଶୈଳୀ, ସ୍ୱଳ୍ପ ନିଦ ହେବା ଅଥବା ନିଦ୍ରାହୀନତା, ବେଲଗାମ ପରିବାର, ଭାଙ୍ଗିପଡୁଥିବା ସମାଜ, ଖାଇବା ପିଇବା ପ୍ରତି ଅଯତ୍ନ, ଅତ୍ୟଧିକ ମାଦକ ପଦାର୍ଥର ସେବନ ବୃଦ୍ଧି ପାଉଥିବା ମାନସିକ ରୋଗର ପ୍ରମୁଖ କାରଣ ବୋଲି କୁହାଯାଉଛି।

# ଅଫିସରେ କେତେକ ପ୍ରସଙ୍ଗ ଆଲୋଚନା ବାରଣ

**ଅଫିସ୍‌ରେ କାମ ବ୍ୟତୀତ ସହକର୍ମୀଙ୍କ ସହ ଅନେକ ପ୍ରସଙ୍ଗରେ ଆଲୋଚନା ହେବା ସ୍ୱାଭାବିକ। ତେବେ ଏପରି କିଛି ପ୍ରସଙ୍ଗ ଅଛି, ଯାହାକୁ ନେଇ ଆଲୋଚନା କରିବା ଅପ୍ରାସଙ୍ଗିକ ହେବା ସହ ଅନ୍ୟର ମନରେ ଆଘାତ ଦେଇପାରେ। ଏଥିପାଇଁ କ୍ଷତି ସହିବାକୁ ପଡ଼ିପାରେ। ନିମ୍ନୋକ୍ତ ପ୍ରସଙ୍ଗ ପ୍ରତି ଧ୍ୟାନ ଦେଲେ ଏଥିରୁ ସହଜରେ ରକ୍ଷା ପାଇ ହେବ।**

## ଧର୍ମ

କର୍ମକ୍ଷେତ୍ରରେ ଏକାଧିକ ଧର୍ମର ସହକର୍ମୀ ଥିବା ଅସମ୍ଭବ ନୁହେଁ। କୌଣସି କଥାରେ ଅନ୍ୟ ଧର୍ମ ପ୍ରତି ଅଶାଳୀନ ମନ୍ତବ୍ୟ କରିବା, ଗାଳିଗୁଲଜ କରିବା ଦ୍ୱାରା ସେହି ଧର୍ମର ସହକର୍ମୀଙ୍କ ଭାବନା ଆହତ ହୋଇପାରେ। ଫଳରେ ସେହି ସହକର୍ମୀ ପ୍ରତି ସମ୍ପୃକ୍ତ ଧର୍ମର କର୍ମଚାରୀଙ୍କ ମନୋଭାବ ବଦଳି ଯାଇପାରେ ଓ ସେ ତାଙ୍କୁ ଅବଜ୍ଞା କରିବା, ଅଣଦେଖା କରିବା ଅଥବା ଅସମ୍ମାନ କରିପାରନ୍ତି। ଅଫିସ୍‌ରେ ଏହା ଆଦୌ ଗ୍ରହଣୀୟ ନୁହେଁ।

## ରାଜନୀତି

ରାଜନୀତିକୁ ନେଇ ଲୋକଙ୍କ ମଧ୍ୟରେ ସ୍ୱତନ୍ତ୍ର ଚିନ୍ତାଧାରା ରହିଛି। ବର୍ତ୍ତମାନ ସରକାରଙ୍କ କାର୍ଯ୍ୟଧାରାରେ ଜଣେ ଖୁସି ନ ଥାଇପାରେ। କିନ୍ତୁ ଅନ୍ୟ ଜଣେ ଏହାକୁ ପସନ୍ଦ କରିପାରନ୍ତି। ସହକର୍ମୀଙ୍କ କୌଣସି ପାର୍ଟି ବା ସରକାରଙ୍କୁ ଗାଳିକୁ ଅନ୍ୟ ଜଣେ ସହ୍ୟ କରି ନ ପାରନ୍ତି। ଏହାଦ୍ୱାରା ଉଭୟଙ୍କ ମଧ୍ୟରେ ଅଯଥା ବାକ୍‌ବିତଣ୍ଡା ଆରମ୍ଭ ହୋଇଯାଇପାରେ। ଫଳରେ ସେହି ସମୟରେ ଅଫିସ୍‌ର ପରିବେଶ ଖରାପ ହେବା ସହ ଏଭଳି କାର୍ଯ୍ୟ ପାଇଁ ସମସ୍ତେ ଆପଣଙ୍କୁ ଦାୟୀ କରିପାରନ୍ତି।

## ବ୍ୟକ୍ତିଗତ ସମସ୍ୟା

ପ୍ରତ୍ୟେକ ବ୍ୟକ୍ତିଙ୍କ ଜୀବନରେ ବ୍ୟକ୍ତିଗତ ସମସ୍ୟା ରହିଛି। ଏହା ପାରିବାରିକ, ବନ୍ଧୁତା ଅଥବା ଅଫିସ୍ ସମ୍ପର୍କିତ ହୋଇପାରେ। ସ୍ତ୍ରୀ, ପିଲାଙ୍କ ସମସ୍ୟା ଜଣେ ବ୍ୟକ୍ତିଙ୍କ ପାଇଁ ସବୁଠୁ ବଡ଼ ସମସ୍ୟା ହୋଇଥାଏ। ଅଫିସ୍‌ରେ ସହକର୍ମୀଙ୍କ ସହ ଏହାକୁ ନେଇ ଆଲୋଚନା କରିବା ଦ୍ୱାରା ନକାରାତ୍ମକ ଚିତ୍ର ସୃଷ୍ଟି ହୋଇଯାଏ। ସେହିସବୁ କାରଣ ଯୋଗୁ କାର୍ଯ୍ୟ ପ୍ରଭାବିତ ହେଉଛି ବୋଲି ଅଫିସ୍‌ରେ ବସ୍‌ଙ୍କ ଧାରଣା ସୃଷ୍ଟି ହୋଇପାରେ। ଅନ୍ୟ ସହକର୍ମୀ ଉପର ଦେଖାଣିଆ ସମବେଦନା ପ୍ରକାଶ କଲେ ମଧ୍ୟ ଆପଣଙ୍କଠାରୁ ଦୂରେଇ ରହିବାକୁ ଚେଷ୍ଟା କରିବେ।

## ନିଜର ସ୍ୱାସ୍ଥ୍ୟ ସମସ୍ୟା

ଆଜିର ଯୁଗରେ ନିରୋଗୀ ବ୍ୟକ୍ତିଟିଏ ପାଇବା କାଠିକର ପାଠ। ଯେକୌଣସି ବ୍ୟକ୍ତିଙ୍କୁ କିଛି ନା କିଛି ରୋଗ ହୋଇଥିବ। ତେବେ ଅଫିସ୍‌ରେ ନିଜର ରୋଗ ସମ୍ପର୍କରେ ଆଲୋଚନା କରିବା ବା ବଖାଣିବାଠାରୁ ଦୂରେଇ ରହିବା ଭଲ। କାରଣ ସମ୍ପୃକ୍ତ ରୋଗକୁ ନେଇ ସହକର୍ମୀ ଭୟଭୀତ ହୋଇପାରନ୍ତି ଏବଂ ଦୂରେଇ ରହିବାକୁ ଚେଷ୍ଟା କରିପାରନ୍ତି, ଯାହା କର୍ମଚାରୀଙ୍କୁ ଖରାପ ଲାଗିପାରେ।



# ରିଜ୍ୟୁମ୍‌ରୁ ହଟାନ୍ତୁ ଅଦରକାରୀ ତଥ୍ୟ




**କିଛି ଚାକିରି ପ୍ରାର୍ଥୀ ଆବେଦନପତ୍ର ବା ରିଜ୍ୟୁମରେ ଅଦରକାରୀ ତଥ୍ୟ ଲେଖିଦିଅନ୍ତି। ଉଲ୍ଲିଖିତ ଚାକିରି ପାଇଁ ସେ ହିଁ ଉପଯୁକ୍ତ ପ୍ରାର୍ଥୀ ବୋଲି ଏହା ମାଧ୍ୟମରେ ଜଣାଇବାକୁ ଚାହିଁଥାନ୍ତି। ବାସ୍ତବରେ ଏହି ପଦ୍ଧତି ଠିକ୍ ନୁହେଁ। ଅନେକ ସମୟରେ ଏହା ଓଲଟା ପ୍ରଭାବ ପକାଇଥାଏ।**

## ଟପ୍‌ରେ କିଛି ହେଡିଂ ଦିଅନ୍ତୁ ନାହିଁ

ଚାକିରି ପ୍ରାର୍ଥୀ ଖାଲି ପଦବୀ ପାଇଁ ଆବେଦନ କରିବେ ଏହା କମ୍ପାନୀ ବସ୍ ବା ନିଯୁକ୍ତି କର୍ତ୍ତା ଜାଣିଥାନ୍ତି। ଏଣୁ ଆବେଦନ ପତ୍ର ଉପରେ ରିଜ୍ୟୁମ, କରିକୁଲମ୍‌ଭାଇଟି (ସିଭି) ଲେଖିବା ଅନାବଶ୍ୟକ।

## ଉଦ୍ଦେଶ୍ୟ

ଖାଲିଥିବା ପଦବୀ ଲାଗି ଚାକିରି ପ୍ରାର୍ଥୀ ଆବେଦନ କରୁଥିବାରୁ ତାଙ୍କର ଉଦ୍ଦେଶ୍ୟ ଓ କୁଶଳତା,ଅଭିଜ୍ଞତା ସମ୍ପର୍କରେ ବସ୍ ଜାଣିବା ସ୍ୱାଭାବିକ। ଏଣୁ ସାଧାରଣ ବୋଲି ଲାଗୁଥିବା ନିଜର ଉଦ୍ଦେଶ୍ୟ ବିଷୟରେ ଲେଖିବାରୁ ଦୂରେଇ ରହିବା ବିଧେୟ।

## ହବି

ଯଦି ଚାକିରି ସହିତ ସମ୍ପୃକ୍ତ ଥିବ ତେବେ ହିଁ ନିଜର ହବି ସମ୍ପର୍କରେ ରିଜ୍ୟୁମରେ ଉଲ୍ଲେଖ କରନ୍ତୁ। ନଚେତ୍ ଏଥିରେ ଅଯଥା ନିଜର ହବି ସମ୍ପର୍କରେ ଉଲ୍ଲେଖ କରି ଖାଲି ସ୍ଥାନ ପୂରଣ କରିବାରୁ ଦୂରେଇ ରହିବା ଆବଶ୍ୟକ। ତା'ବଦଳରେ ଅନ୍ୟ କୌଣସି ଜରୁରୀ ତଥ୍ୟ ପ୍ରଦାନ କରାଯାଇପାରେ।

## ୱର୍କ ଗ୍ୟାପ୍

ଗୋଟିଏ ଚାକିରି ଛାଡ଼ିବା ଓ ଅନ୍ୟ ଏକ ଚାକିରି ପାଇଁ ଆବେଦନ କରିବା ଭିତରେ ଅତ୍ୟଧିକ ଗ୍ୟାପ୍ ରହିବା ଅନୁଚିତ। ମାସେ ଦୁଇମାସ ଚଳିବ। କିନ୍ତୁ ୬ ମାସ କିମ୍ବା ଏକ ବର୍ଷର ଲମ୍ବା ଗ୍ୟାପ୍ ରହିବା ନକାରାତ୍ମକ ପ୍ରଭାବ ବିସ୍ତାର କରିଥାଏ।

**LIC ଭାରତୀୟ ଜୀବନ ବୀମା ନିଗମ**
भारतीय जीवन बीमा निगम LIFE INSURANCE CORPORATION OF INDIA
**ଭୁବନେଶ୍ୱର ମଣ୍ଡଳ କାର୍ଯ୍ୟାଳୟ**
ଜୀବନ ପ୍ରକାଶ, ସୂର୍ଯ୍ୟନଗର, ୟୁନିଟ୍-୭, ଭୁବନେଶ୍ୱର-୭୫୧୦୦୧

**ନିଜର ଉଜ୍ଜ୍ୱଳ ଭବିଷ୍ୟତ ପାଇଁ ବାଛି ନିଅନ୍ତୁ LICରେ ଏକ ବୃତ୍ତି**

ଭାରତର ସର୍ବାଧିକ ବିଶ୍ୱାସଯୋଗ୍ୟ ସେବା ବ୍ରାଣ୍ଡ ଏବଂ ଅଗ୍ରଣୀ ଜୀବନ ବୀମା ସଂସ୍ଥା ଆପଣଙ୍କୁ ସହରୀ ବୃତ୍ତିକ ଅଭିକର୍ତ୍ତା (Urban Career Agent) ଭାବେ ବୃତ୍ତି ଆରମ୍ଭ କରିବା ପାଇଁ ଏକ ସ୍ୱର୍ଣ୍ଣିମ ଅବସର ପ୍ରଦାନ କରୁଅଛି।
ସହରାଞ୍ଚଳରେ ଯୁବକ/ଯୁବତୀଙ୍କ ପାଇଁ ନିଗମର ସ୍ୱରୋଜଗାର ଯୋଜନା ଆବେଦନ ପତ୍ର ଜମା କରିବାର ଶେଷ ତାରିଖ - ୨୯।୦୭।୨୦୧୯ ଏବଂ ପରୀକ୍ଷା ୧୧।୦୮।୨୦୧୯ରେ ଅନୁଷ୍ଠିତ ହେବ।

(କ) **ବୟସ ସୀମା:** ୦୧।୦୭।୨୦୧୯ ସୁଦ୍ଧା ୨୧ରୁ ୩୫ବର୍ଷ, ଶେଷ ଜନ୍ମଦିନ ପର୍ଯ୍ୟନ୍ତ (ଅନୁସୂଚିତ ଜାତି/ଜନଜାତି ଏବଂ ପୂର୍ବତନ ସୈନିକ ଏବଂ ବିକ୍ରୟ ଓ ବିପଣନରେ ଅଭିଜ୍ଞତା ଥିବା ପ୍ରାର୍ଥୀଙ୍କ ନିମନ୍ତେ ବୟସ ସୀମା ୪୦ବର୍ଷ ପର୍ଯ୍ୟନ୍ତ କୋହଳର ବ୍ୟବସ୍ଥା ଅଛି)।

(ଖ) **ଯୋଗ୍ୟତା ଏବଂ ସର୍ତ୍ତାବଳୀ:** ଦ୍ୱାଦଶ (HSC)
ନିଗମର କର୍ମଚାରୀ, ଅଭିକର୍ତ୍ତା, କେନ୍ଦ୍ର/ରାଜ୍ୟ ସରକାର ଏବଂ ରାଷ୍ଟ୍ରାୟତ୍ତ ଶିଳ୍ପର କର୍ମଚାରୀଙ୍କ ପତି/ପତ୍ନୀ ଯୋଗ୍ୟ ନୁହଁନ୍ତି। ଉନ୍ନୟନ ଅଧିକାରୀ/ଅଭିକର୍ତ୍ତାଗଣ/କର୍ମଚାରୀଙ୍କ ସମ୍ପର୍କୀୟ ଯୋଗ୍ୟ ନୁହଁନ୍ତି। ଅବସର ପ୍ରାପ୍ତ/ସେବା ନିବୃତ୍ତ କର୍ମଚାରୀ ପୂର୍ବତନ ଅଭିକର୍ତ୍ତାଙ୍କୁ UCA ନିମନ୍ତେ ଅନୁମତି ପ୍ରଦାନ କରାଯିବ ନାହିଁ।

(ଗ) **ସହରୀ ବୃତ୍ତିଧାରୀ ଅଭିକର୍ତ୍ତାଙ୍କ**
- ପ୍ରଥମ ଏଜେନ୍ସି ବର୍ଷରେ ପ୍ରତିମାସ ୧୦,୦୦୦ଟଙ୍କା, ଦ୍ୱିତୀୟ ଏଜେନ୍ସି ବର୍ଷରେ ପ୍ରତିମାସ ୯,୦୦୦ଟଙ୍କା ଏବଂ ତୃତୀୟ ଏଜେନ୍ସି ବର୍ଷରେ ପ୍ରତିମାସ ୮,୦୦୦ଟଙ୍କାର ନିର୍ଦ୍ଧାରିତ ବୃତ୍ତି ନିର୍ଦ୍ଧାରିତ ବୀମା ପୂରଣ କଲେ ମିଳିବ।
- ୭୫% ବୃତ୍ତି ମାସ ଶେଷରେ ପ୍ରଦାନ କରାଯିବ। ୨୫% ମାସିକ ବୃତ୍ତି ୧୨ମାସ ପାଇଁ ଏକକାଳୀନ ବର୍ଷ ଶେଷରେ ଦିଆଯିବ।
- ବିକ୍ରି କରିଥିବା ପଲିସୀ ଉପରେ ଆକର୍ଷଣୀୟ କମିଶନ।
- ଉତ୍ପାଦକତା ଉପରେ ଆଧାରିତ ଅତିରିକ୍ତ Incentive ଅର୍ଜନ କରନ୍ତୁ।
- ଉତ୍ତମ ବ୍ୟବସାୟ କରୁଥିବା ଅଭିକର୍ତ୍ତାଙ୍କୁ ଦୁଇଚକିଆଯାନ ନିମନ୍ତେ ଅଗ୍ରିମ ମିଳିବ।
- ସର୍ତ୍ତ ଅନୁସାରେ ତିନିବର୍ଷ ପୂର୍ତ୍ତି ପରେ ମୁଖ୍ୟ ଜୀବନ ବୀମା ଉପଦେଷ୍ଟା/CLIA ନିମନ୍ତେ ଯୋଗ୍ୟ ବିବେଚିତ ହେବେ।

(ଘ) **ଆବାସିକ ଅନୁବନ୍ଧ:** ନିଯୁକ୍ତି ନିମନ୍ତେ ପ୍ରକାଶିତ ବିଜ୍ଞାପନ ତାରିଖ ସୁଦ୍ଧା ବୃତ୍ତିଗତ, ଅଭିକର୍ତ୍ତା ଶାଖା କାର୍ଯ୍ୟାଳୟର କ୍ଷେତ୍ରାଧିକାର ମଧ୍ୟରେ ଅନ୍ୟୂନ ଏକ ବର୍ଷର ନିବାସୀ ହୋଇଥିବା ଆବଶ୍ୟକ।

ଇଚ୍ଛୁକ ବ୍ୟକ୍ତି ଭାରତୀୟ ଜୀବନ ବୀମା ନିଗମର ବୃତ୍ତିଗତ ଅଭିକର୍ତ୍ତା ଶାଖା କାର୍ଯ୍ୟାଳୟ/ CAB ଭୁବନେଶ୍ୱରର ଶାଖା ପରିଚାଳକଙ୍କ ନିକଟରୁ ସମ୍ପୂର୍ଣ୍ଣ ବିବରଣୀ ପ୍ରାପ୍ତ କରିପାରିବେ।

**ଶାଖା ପରିଚାଳକଙ୍କ ନାମ: ଶ୍ରୀଯୁକ୍ତ ଟି.ଆର୍. ଦୋରା, ମୋ: ୯୪୩୭୦୬୨୨୨୩**

**ଶାଖା କାର୍ଯ୍ୟାଳୟର ଠିକଣା**
**ଭଞ୍ଜ କମ୍ପ୍ଲେକ୍ସ, ପ୍ଲଟ୍ ନମ୍ବର- ୩୭୪(ଅଂଶ), ବମିଖାଲ, ବମିଖାଲ ଦୁର୍ଗାମଣ୍ଡପର ପଛପାର୍ଶ୍ୱ, ଭୁବନେଶ୍ୱର - ୧୦**
ବରିଷ୍ଠ ମଣ୍ଡଳ ପ୍ରବନ୍ଧକ

**ନୋଟିସ୍:** ନିଯୁକ୍ତି ଓ କ୍ୟାରିୟର ପୃଷ୍ଠାରେ ଅନେକ ନିଯୁକ୍ତି ସମ୍ବନ୍ଧୀୟ ବିଜ୍ଞାପନ ପ୍ରକାଶ ପାଉଛି। ସମସ୍ତ ବିଜ୍ଞାପନ ବା ବିଜ୍ଞାପନଦାତାଙ୍କ ସତ୍ୟାସତ୍ୟ ଅନୁସନ୍ଧାନ କରିବା ଆମ ପକ୍ଷରେ ସମ୍ଭବପର ନୁହେଁ। ତେଣୁ ଯେଉଁ ବିଜ୍ଞାପନକୁ ଦେଖି ଆପଣ ଆବେଦନ କରୁଛନ୍ତି ବା ପରବର୍ତ୍ତୀ ସମୟରେ କୌଣସି ସମ୍ପର୍କ ସ୍ଥାପନ କରୁଛନ୍ତି ତାହା କରିବା ବେଳେ ନିଜର ବିବେକ, ବୁଦ୍ଧି ଖଟାଇ କରନ୍ତୁ। ବିଜ୍ଞାପନକାରୀ କମ୍ପାନୀ ପକ୍ଷରୁ ଅର୍ଥ ଦାବି କରାଗଲେ ତାହା ଦେବା ପୂର୍ବରୁ ନିଜ ସ୍ତରରେ ଅନୁସନ୍ଧାନ କରନ୍ତୁ। କୌଣସି ଅର୍ଥ ନେଣଦେଣ ପାଇଁ 'ଧରିତ୍ରୀ' ଦାୟୀ ରହିବ ନାହିଁ।

See
**CAREER APPOINTMENT**
on every
**Wednesday & Saturday**

**WANTED**
VIGEN INDIA REQUIRED SMART **MALE / FEMALE** CANDIDATES FOR OFFICE JOB. EDU- **10th TO GRADUATE, AGE- 20-30.** FULLY OFFICE JOB AND FIX SALARY.
*JOB PLACE - SASTRI NAGAR & LEWIS ROAD*
CONTACT- 9348916882

**WANTED**
**WANTED A WORKS MANAGER TO MANAGE A SPONGE IRON PLANT NEAR CHOUDWAR**
Contact : 7381075901 9437021279

**REQUIRED**
CA (Inter)
**Experienced Accountant required**
Contact : 9437922131

**କୁଏତ୍ ତେଲ କମ୍ପାନୀରେ ଶ୍ରୀଘ୍ର ଆବଶ୍ୟକ**
**ଡ୍ରାଇଭର, ଅପରେଟର, ୱେଲ୍ଡର, ଇଲେକ୍ଟ୍ରିସିଆନ୍, ହେଲପର, ଫିଟର, ପେଣ୍ଟର, ପ୍ଲମ୍ବର, ସିକ୍ୟୁରିଟି ଗାର୍ଡ**
ଦରମା ୩୫,୦୦୦/-, ୨ ବର୍ଷ କଣ୍ଟ୍ରାକ୍ଟ, ଆଡଭାନ୍ସ ଟଙ୍କା ନାହିଁ
କମଲ ପ୍ଲେସ୍‌ମେଣ୍ଟ, ରଙ୍ଗିଲାପାର୍କ, ଦିଦ୍ଦୋଲି, ସୁରଟ, ଗୁଜୁରାଟ୍
ଶିଘ୍ର ଯିବେ ପାସ୍‌ପୋର୍ଟ ଜରୁରୀ
9157312448, 9157012447

**URGENT REQUIREMENT AT**
**PARAKRAM A Unit of Overfly Services Pvt Ltd**
1. **ACCOUNTANT (Male)**
Quali. B.Com with Tally.
2. **BACK OFFICE EXECUTIVE (Female)**
Good communication in odia, Hindi, English with Good computer Skill.
SALARY BEST IN INDUSTRY
**BHUBANESWAR**
**8249682173/9861921001**

**ଆବଶ୍ୟକ**
ଭୁବନେଶ୍ୱର, କଟକ, ବ୍ରହ୍ମପୁର, ରାଉରକେଲା ଏବଂ ବାଲେଶ୍ୱର ପାଇଁ Office Staff ଆବଶ୍ୟକ। **ଯୋଗ୍ୟତା:** 10th/ above. Monthly Salary upto **Rs.27,000/-.**
**(Part Time/Full Time)**
**Contact: 9938676412**

**OFFICIALLY JOB**
**ଯୋଗ୍ୟତା:** ଦଶମ ପାସ୍/ଫେଲ୍, **ବୟସ:** (18-35) yrs., Monthly salary upto Rs.25,000/-.
**Contact Immediately**
**Mob: 8763257042**

**WANTED**
For Pre-School and Kid School at Malkangiri and Jeypore.
**Female Teacher Wanted.**
Contact- Mob No.-
7750893821
7894796759

**URGENTLY REQUIRED (ADVERTISEMENT)**
Maheswari +2 Science & Arts College (HSS) required the following post on a regular basis.
**Post- 1.** Principal, **Qualification-** Post Graduate in Science / Arts With minimum 55% of marks (Higher qualification, Retired Lecturer, Reader will be given preference). **Experience-** More than 5years & above teaching experience
**Post- 2.** Marketing Manager (1) For Nursing Institutions) (ANM, GNM, B.Sc. Nursing DMLT, +2 Science & Arts), **Qualification-** Graduation in any discipline. 3. Salary is negotiable. A walk in interview for the said posts will be taken on date 20.07.2019 at 11.00am. Applicant is informed to come with certificates and Bio-data.
• No TA/DA will be provided for the interview. •Bio-data may also be send through our email: maheswarisciencecollege@gmail.com
**Contact No:- 9437158472, 9937693555**
Chairman Nursing Group of Institutions, At/Po-Sankara, Dist-Sundargarh

**CAREER OPPORTUNITIES IN HYDERABAD**
A prestigious construction company is looking for competent and dynamic candidates for following positions.
Candidates must have at least **4 years site experience.** Our smart construction standards will upgrade your knowledge, be best steps for your career.
- **Electrician**
- **Plumber**
- **Duct Fitter**
- **Unskilled Worker**

Please contact with following phone number/facebook page.
**Call: 09910195228**
/@hydhrmanagement

**OFFICE STAFF ଆବଶ୍ୟକ**
ଭୁବନେଶ୍ୱର officeରେ କାମ କରିବା ପାଇଁ 10th/ above candidates (M/F) ଆବଶ୍ୟକ। **ବୟସ:** (17-35) yrs. ରହିବା ସୁବିଧା ଅଛି। Monthly Salary upto Rs. 24,000/-.
**Mob:- 9938414918**

**Reputed Organisation dealing in Industrial Products REQUIRES Marketing Manager / Sales Engineer** with exp. of 4/5 yrs. Reqd. for different Branches in Odisha. **Sr. Accountant** : B.Com with Exp. 4/5 yrs., **Data Feeder/Office Asst.** : with computer knowledge. Apply within 7 days. Attractive Salary.
**SINGHEE TRADING COMPANY, 57, Budhanagar, BBSR- 6, Email : singhi.motor@gmail.com**
**Web : singheemotor.com**

REFCEM®
*Since 1983.....*
**Situation Vacant**
RRPL, Bhubaneswar invites application for the following Posts;

| Post | Qualification | Experience |
|---|---|---|
| 1. Accountant | B.com with Tally & above | 7 yrs min |
| 2. Supervisor | +2 & above | 10 yrs min |
| 3. Mechanical Fitter | ITI in Fitter trade | 10 yrs min |
| 4. Electrician | ITI in Elect. Trade | 10 yrs min |
| 5. Security Guard (M) | HSC PASS | |

**Salary is based on industry and experience. Mail your CV / Contact on : rrpl2019@rediffmail.com, Contact :** 7381095402 & 7381095422

**JAGANNATH GUPTA INSTITUTE OF MEDICAL SCIENCES AND HOSPITAL**
**(A UNIT OF B.B.I.T. & URMILA DEVI JAGANNATH GUPTA CHARITABLE TRUST)**
**BUDGE BUDGE, KOLKATA-700137**
Jagannath Gupta Institute of Medical Sciences & Hospital a 350 Bedded Medical College & Jagannath Gupta Institute of Nursing Sciences is looking for caring, compassionate and dedicated professionals to support its Medical College, Nursing College & Hospital in Kolkata, on full time basis under following positions:
**Principal & Medical Superintendent**
As per MCI guidelines.
**Professors, Associate Professors, Assistant Professors & Tutors (All Clinical / Pre & Para-clinical Subjects)**
(As per MCI Guidelines)
**Senior Residents & Junior Residents / Resident Medical Officers ( All Clinical Subjects)**
MD/MS/DNB for Senior Residents MBBS for Junior Residents
(As per the MCI Guidelines)
**Staff Nurses – Senior /Junior** (GNM/BSc only)
**Professor, Associate Professor, Assistant Professors & Tutors** for Nursing College (As per the guidelines of Nursing Council of India)
Interested candidates please mail your full biodata with particulars within seven days at **hr@jimsh.org** or drop your CV at JIMSH, KP Mondal Road, Buita Budge Budge, Kolkata-700137
**For any further queries please call at (0)8240765491/ (0)9831845422 | or Visit : www.jimsh.org**

**NEELAMADHAB MAHAVIDYALAYA, KANTILO**
Walk-In-Interview for the following posts
**1. LECTURER (1 each) : ODIA, POLITICAL SCIENCE, SOCIOLOGY, ECONOMICS, SANSKRIT, PSYCHOLOGY, LIBRARY & INFORMATION SCIENCE, PHYSICS, CHEMISTRY, BOTANY & ZOOLOGY.** * ***Qualification : 55% or more in the respective subject in PG***
**2. JUNIOR CLERK-CUM-D.E.O : Any Graduate with PGDCA and equivalent, 3. Lady Attendant & Sweeper (Male) (1 each) : Under matriculate.** Appointment will be on a purely contractual basis. Interested candidates have to reach the college before 11:00 A.M. on the 28th July 2019 with their complete BIODATA, Original Mark Sheets and Pass Certificates of their respective Qualifications and a Demand Draft of Rs.200/- drawn in favour of Principal, Neelamadhab Mahavidyalaya, Kantilo. The undersigned reserves all the right to reject any or all the interview without assigning any reason thereof.
Sd./- Principal

**JATNI COLLEGE, JATNI**
**WANTED**
Wanted Lecturers in Physics, Chemistry, Mathematics, Botany, Zoology, Computer Science, Commerce, Odia and Laboratory Assistant in Zoology on Contractual / Guest Faculty basis. Candidates having good academic record with 55% at PG for Lecturers and Hons in Zoology for Lab. Asst. may apply with full biodata along with all requisite and a B.D. for Rs. 250/- in favour of Principal, Jatni College, Jatni payable at Jatni on or before 3.08.2019. Details available in college office.
Sd./- Principal
Jatni College, Jatni

"ରିଲାଏନ୍ସ ରିଟେଲ ବ୍ୟବସାୟରେ ଅଭିବୃଦ୍ଧି ହାସଲ କରୁଥିବା ବେଳେ ଅଧିକ ଲାଭ କରୁଛି। କମ୍ପାନୀର ଡିଜିଟାଲ ସେବା ବ୍ୟବସାୟ କ୍ଷେତ୍ରରେ ଆଗେଇ ଚାଲିଛି।
– ମୁକେଶ ଅମ୍ବାନୀ, ରିଲାଏନ୍ସ ଇଣ୍ଡଷ୍ଟ୍ରିଜ ସିଏମ୍‌ଡି



"ଟାଟା ଷ୍ଟିଲ୍ ନଗଦ ଯୋଗାଡ କରିବା ସହ ଋଣ ସ୍ତର ହ୍ରାସ ପାଇଁ ଚେଷ୍ଟା ଚଳାଇଛି। ଅଦରକାରୀ ସମ୍ପତ୍ତି ବିକ୍ରି କରି ନଗଦ ଯୋଗାଡ କରାଯିବ।
– ଏନ୍. ଚନ୍ଦ୍ରଶେଖରନ, ଟାଟା ଷ୍ଟିଲ୍ ଗ୍ରୁପ୍ ଅଧ୍ୟକ୍ଷ



## ସଂକ୍ଷେପରେ

### ନିବେଶକ ହରାଇଲେ ୩.୭୯ ଲକ୍ଷ କୋଟି

**ମୁମ୍ବାଇ,୧୯-୭:** ବିଦେଶୀ ପୋର୍ଟଫୋଲିଓ ନିବେଶକ(ଏଫ୍‌ପିଆଇ)ଙ୍କ ପାଇଁ ଉଦ୍ଦିଷ୍ଟ ଟିକସ ହ୍ରାସ ଦାବିକୁ କେନ୍ଦ୍ର ଅର୍ଥମନ୍ତ୍ରୀ ନିର୍ମଳା ସୀତାରାମନ୍ ପ୍ରତ୍ୟାଖାନ କରିଦେଇଛନ୍ତି। ଫଳସ୍ୱରୂପ ଗୁରୁବାର ଓ ଶୁକ୍ରବାର ଦୁଇ ଦିନ ହେବ ବମ୍ବେ ଷ୍ଟକ୍ ଏକ୍ସଚେଞ୍ଜ ସେନ୍‌ସେକ୍ସ ଏବଂ ନ୍ୟାଶନାଲ ଷ୍ଟକ୍ ଏକ୍ସଚେଞ୍ଜ ନିଫ୍ଟି ହ୍ରାସ ପାଇଛି। ଗୁରୁବାର ସେନ୍‌ସେକ୍ସ ୩୧୮.୧୮ ଏବଂ ନିଫ୍ଟି ୯୦.୬୦ ପଏଣ୍ଟ ହ୍ରାସ ପାଇଥିଲା। ଶୁକ୍ରବାର ଏହି ଧାରା ଜାରି ରହିଥିଲା ଏବଂ ସେନ୍‌ସେକ୍ସ ୫୬୦.୪୫ ପଏଣ୍ଟ ହ୍ରାସ ପାଇ ୩୮,୩୩୭.୦୧ ଏବଂ ନିଫ୍ଟି ୧୭୭.୬୫ ପଏଣ୍ଟ କମି ୧୧,୪୧୯.୨୫ରେ ବନ୍ଦ ହୋଇଛି। ଫଳରେ ଗତ ଦୁଇ ଦିନରେ ନିବେଶକଙ୍କର ୩.୭୯ ଲକ୍ଷ କୋଟି ଟଙ୍କା ବୁଡ଼ି ଯାଇଛି। ଗୁରୁବାର ବଜେଟ ଆଲୋଚନାରେ ଅଂଶଗ୍ରହଣ କରି କେନ୍ଦ୍ର ଅର୍ଥମନ୍ତ୍ରୀ ନିର୍ମଳା ସୀତାରାମନ୍ ଅତି ଧନୀଙ୍କ ଠାରୁ ସରଚାର୍ଜ ଆଦାୟ କରିବା ନେଇ ସୃଷ୍ଟି ହୋଇଥିବା ଆଶଙ୍କାକୁ ଆଧାରହୀନ ଦର୍ଶାଇ ଖାରଜ କରିଦେଇଥିଲେ।

### ବନ୍ଦ ହେବନି ଗରିବ ରଥ

**ନୂଆଦିଲ୍ଲୀ,୧୯-୭:** ଗରିବ ରଥ ପୂର୍ବ ପରି ଚାଲିବ। ଏଥିରେ ଭଡ଼ା ବୃଦ୍ଧି କରାଯିବ ନାହିଁ ଏବଂ ଏଥିରେ କୌଣସି ପରିବର୍ତ୍ତନ କରାଯିବ ନାହିଁ ବୋଲି ଭାରତୀୟ ରେଳୱେ ପକ୍ଷରୁ ଶୁକ୍ରବାର ସ୍ପଷ୍ଟୀକରଣ ଦିଆଯାଇଛି। କମ୍ ଅର୍ଥରେ ଏସି ଟ୍ରେନରେ ଯାତ୍ରା କରିବାର ସୁବିଧା ଯୋଗାଉଥିବା ଗରିବ ରଥ ପ୍ରଚଳନକୁ ରେଳୱେ ବନ୍ଦ କରିଦେବେ ବୋଲି ମିଡିଆରେ ରିପୋର୍ଟ ପ୍ରକାଶ ପାଇଥିଲା। ଉତ୍ତରାଞ୍ଚଳ ରେଳୱେ ପକ୍ଷରୁ ଏକ ସ୍ପଷ୍ଟୀକରଣ ଦିଆଯାଇ କୁହାଯାଇଛି ଯେ, କୋଚ୍ ଅଭାବ କାରଣରୁ ଦୁଇ ଯୋଡା ସାପ୍ତାହିକ ଗରିବ ରଥ ସେବାକୁ ଅସ୍ଥାୟୀ ଭାବେ ଏକ୍ସପ୍ରେସ ସେବା ଭାବେ ପ୍ରଚଳନ କରାଯାଇଥିଲା। ରେଳ ମନ୍ତ୍ରଣାଳୟ ପକ୍ଷରୁ ଟୁଇଟ୍ ଯୋଗେ କୁହାଯାଇଛି ଯେ, ଟ୍ରେନ ନଂ ୧୨୨୦୭/୦୮ କାଠଗୋଦାମ-ଜମ୍ମୁ ତୱି ଏବଂ ଟ୍ରେନ ନଂ ୧୨୨୦୯/୧୦ କାଠଗୋଦାମ-କାନପୁର ମଧ୍ୟରେ ବନ୍ଦ କରାଯାଇଥିବା ଦୁଇଟି ଗରିବ ରଥକୁ ପୁନର୍ବାର ଅଗଷ୍ଟ ୪ରୁ ଆରମ୍ଭ କରାଯିବ। ଦେଶରେ ଏବେ ୨୬ ଯୋଡା ଗରିବ ରଥକୁ ବନ୍ଦ କରିଦେବା ଲାଗି ରେଳୱେର କୌଣସି ଯୋଜନା ନାହିଁ। ସୂଚନାଥାଉ କି, ଏହି ଦୁଇଟି ରୁଟ୍‌ରେ ଗରିବ ରଥକୁ ବନ୍ଦ କରାଯାଇ ତାହା ସ୍ଥାନରେ ମେଲ୍ ଏକ୍ସପ୍ରେସ ପ୍ରଚଳନ କରାଯାଇଥିଲା।

### ଷ୍ଟେଶନ, ରେଳରେ ସାମଗ୍ରୀ ବିକ୍ରି
### ବିଲ୍ ନାହିଁ ତ ମିଳିବନି ପଇସା

**ନୂଆଦିଲ୍ଲୀ,୧୯-୭:** ଭାରତୀୟ ରେଳୱେ ଯାତ୍ରୀଙ୍କ ଲାଗି ଏକ ନୂଆ ନୀତି ଆରମ୍ଭ କରିଛି। ଏଣିକି ଷ୍ଟେଶନ ହେଉ ଅଥବା ରେଳ, ଯାତ୍ରୀ ସାମଗ୍ରୀ କିଣିଲେ ଭେଣ୍ଡର ବିଲ୍ ଦେବା ବାଧ୍ୟତାମୂଳକ ହୋଇଛି। ବିଲ୍ ନ ଦେଲେ ଯାତ୍ରୀ ସେହି ସାମଗ୍ରୀର ମୂଲ୍ୟ ଦେବେ ନାହିଁ। ଅର୍ଥାତ ମାଗଣାରେ ସେହି ସାମଗ୍ରୀ ନେଇଯିବେ। ରେଳମନ୍ତ୍ରୀ ପୀୟୂଷ ଗୋୟଲ ଏ ସମ୍ପର୍କରେ ଟୁଇଟ୍ ଜରିଆରେ ଘୋଷଣା କରିଛନ୍ତି। ଗୋୟଲ ଏ ସମ୍ପର୍କରେ ସୂଚନା ଦେଇଛନ୍ତି ଏବଂ ଏକ ଭିଡ଼ିଓ ଜାରି କରିଛନ୍ତି। ଟ୍ରେନ ଅଥବା ଷ୍ଟେଶନରେ ଯଦି କୌଣସି ବିକ୍ରେତା ବିଲ୍ ନ ଦେଲେ, ତାଙ୍କୁ ସମ୍ପୃକ୍ତ ଦ୍ରବ୍ୟ ପାଇଁ କୌଣସି ଅର୍ଥ ଦେବାକୁ ପଡିବ ନାହିଁ।

# ବ୍ୟାଙ୍କ ଜାତୀୟକରଣକୁ ପୂରିଲା ୫୦ ବର୍ଷ

**ନୂଆଦିଲ୍ଲୀ,୧୯-୭**

ଆଜିଠୁ ଦୀର୍ଘ ୫୦ବର୍ଷ ପୂର୍ବେ ୧୯ ଜୁଲାଇ, ୧୯୬୯ରେ ପୂର୍ବତନ ପ୍ରଧାନମନ୍ତ୍ରୀ ଇନ୍ଦିରା ଗାନ୍ଧୀ ଦେଶର ୧୪ ପ୍ରମୁଖ ବ୍ୟାଙ୍କକୁ ପ୍ରଥମଥର ଜାତୀୟକରଣ କରିଥିଲେ। ୧୯୬୯ ପରେ ୧୯୮୦ରେ ପୁନର୍ବାର ୬ ବ୍ୟାଙ୍କର ଜାତୀୟକରଣ କରାଯାଇଥିଲା। ଶୁକ୍ରବାର ବ୍ୟାଙ୍କ ଜାତୀୟକରଣର ୫୦ ବର୍ଷ ପୂର୍ତ୍ତି ହୋଇଛି। ବ୍ୟାଙ୍କକୁ ଗରିବଙ୍କ ନିକଟରେ ପହଞ୍ଚାଇବା ଉଦ୍ଦେଶ୍ୟରେ ଏହାକୁ ଜାତୀୟକରଣ କରାଯାଇଥିଲା ବୋଲି ପ୍ରଧାନମନ୍ତ୍ରୀ ଗାନ୍ଧୀ ସେତେବେଳେ ଯୁକ୍ତି ଦର୍ଶାଇଥିଲେ। ତେବେ ଏହି ନିଷ୍ପତ୍ତି ନେବାକୁ ବହୁ ବର୍ଷ ଅପେକ୍ଷା କରିବାକୁ ପଡିଥିଲା।

### ଦ୍ୱିତୀୟ ବିଶ୍ୱଯୁଦ୍ଧରୁ ଆରମ୍ଭ ହୋଇଥିଲା ପ୍ରୟାସ

ଦ୍ୱିତୀୟ ବିଶ୍ୱଯୁଦ୍ଧ ପରେ ୟୁରୋପରେ କେନ୍ଦ୍ରୀୟ ବ୍ୟାଙ୍କକୁ ସରକାରଙ୍କ ଅଧୀନକୁ ଆଣିବା ଲାଗି ବିଚାର ଜନ୍ମ ନେଇଥିଲା। ଅନ୍ୟପକ୍ଷରେ ବ୍ୟାଙ୍କ ଅଫ୍ ଇଂଲଣ୍ଡର ଜାତୀୟକରଣ କରାଯାଇସାରିଥିଲା। ପରେ ୧୯୪୯ରେ ଭାରତୀୟ ରିଜର୍ଭ ବ୍ୟାଙ୍କର ଜାତୀୟକରଣ ହେବା ପରେ ୧୯୫୫ରେ ଇମ୍ପିରିୟାଲ ବ୍ୟାଙ୍କକୁ ଜାତୀୟକରଣ କରାଯାଇ ଷ୍ଟେଟ୍ ବ୍ୟାଙ୍କ ଅଫ୍ ଇଣ୍ଡିଆ ନାମ ଦିଆଯାଇଥିଲା।

### ସାମାଜିକ ଉତ୍ଥାନ ଲାଗି ନିଆଯାଇଥିଲା ନିଷ୍ପତ୍ତି

ଆର୍ଥିକ ଦୃଷ୍ଟିରୁ ସରକାରଙ୍କ ମନେ ହୋଇଥିଲା ଯେ, କମର୍ସିଆଲ ବ୍ୟାଙ୍କଗୁଡ଼ିକ ସାମାଜିକ ଉତ୍ଥାନ ପ୍ରକ୍ରିୟାରେ ସହାୟକ ହେଉନାହାନ୍ତି। ସେତେବେଳେ ଦେଶର ୧୪ ବଡ଼ ବ୍ୟାଙ୍କ ନିକଟରେ ଦେଶର ପ୍ରାୟ ୮୦ ପ୍ରତିଶତ ପୁଞ୍ଜି ଥିଲା। ଏଥିରେ ଜମା ଅର୍ଥକୁ ଲାଭକାରୀ ଯୋଜନାରେ ହିଁ ନିବେଶ କରାଯାଉଥିଲା। ତେବେ ସରକାର କୃଷି, ଲଘୁ ଉଦ୍ୟୋଗ ଏବଂ ରପ୍ତାନି ବୃଦ୍ଧିରେ ନିବେଶ କରିବାକୁ ଚାହୁଁଥିଲେ।

## ଅର୍ଡିନାନ୍ସ ଜରିଆରେ ହୋଇଥିଲା ଜାତୀୟକରଣ

ପ୍ରଧାନମନ୍ତ୍ରୀ ଇନ୍ଦିରା ଗାନ୍ଧୀ ଜୁଲାଇ ୧୯, ୧୯୬୯ ରାତି ୮.୩୦ରେ ଅର୍ଡିନାନ୍ସ ଜାରି କରି ୧୪ ବ୍ୟାଙ୍କର ଜାତୀୟକରଣ କରାଗଲା ବୋଲି ରାଷ୍ଟ୍ର ଉଦ୍ଦେଶ୍ୟରେ ଘୋଷଣା କରିଥିଲେ। ଏହାର ୭ ଦିନ ପୂର୍ବରୁ କଂଗ୍ରେସର ବାଙ୍ଗାଲୋର ଅଧିବେଶନରେ ଇନ୍ଦିରା ଘରୋଇ ବ୍ୟାଙ୍କଗୁଡ଼ିକୁ ଜାତୀୟକରଣ କରିବାର ସମୟ ଆସିଛି ବୋଲି ଉଲ୍ଲେଖ କରିଥିଲେ। ତେବେ କେବେ ସୁଦ୍ଧା ଏହା ହେବ ସେ ଜଣାଇ ନ ଥିଲେ। ଅତ୍ୟନ୍ତ ଗୋପନୀୟ ଭାବେ ସେ ଏହି କାର୍ଯ୍ୟରେ ଆଗେଇଥିଲେ। ଅଧ୍ୟାଦେଶ ଚିଠା ପ୍ରସ୍ତୁତ କରିବା ଲାଗି ଅର୍ଥ ମନ୍ତ୍ରଣାଳୟର ବ୍ୟାଙ୍କିଙ୍ଗ ବିଭାଗ ଡେପୁଟି ସେକ୍ରେଟାରୀ ଡି.ଏନ୍.ଘୋଷ, ଇନ୍ଦିରାଙ୍କ ପ୍ରମୁଖ ସଚିବ ପି.ଏନ୍.ହକ୍‌ସର ଏବଂ ଆର୍‌ବିଆଇ ଡେପୁଟି ଗଭର୍ନର ଏ.ବକ୍ସିଙ୍କୁ ଦାୟିତ୍ୱ ଦିଆଯାଇଥିଲା। ମାତ୍ର ୨୪ ଘଣ୍ଟା ମଧ୍ୟରେ ସେମାନଙ୍କୁ ଅଧ୍ୟାଦେଶ ପ୍ରସ୍ତୁତ କରିବାକୁ ନିର୍ଦ୍ଦେଶ ଦେଇଥିଲେ ଇନ୍ଦିରା। ଶେଷ ମୁହୂର୍ତ୍ତ ପର୍ଯ୍ୟନ୍ତ ତତ୍କାଳୀନ ଆର୍‌ବିଆଇ ଗଭର୍ନର ଏଲ୍.କେ.ଝା ଏବଂ ଅର୍ଥ ମନ୍ତ୍ରଣାଳୟର ଆର୍ଥିକ ବ୍ୟାପାର ସଚିବ ଆଇ.ଜି.ପଟେଲଙ୍କୁ ଏ ସମ୍ପର୍କରେ କିଛି କୁହାଯାଇ ନ ଥିଲା। ଗ୍ରାମାଞ୍ଚଳରେ ଅର୍ଥ ପହଞ୍ଚାଇବା ଲକ୍ଷ୍ୟରେ ଜାତୀୟକରଣ କରାଯାଉଥିବା ମୂଳ ଉଦ୍ଦେଶ୍ୟ ଥିଲା। ୨୪ଘଣ୍ଟା ମଧ୍ୟରେ ଅଧ୍ୟାଦେଶ ପ୍ରସ୍ତୁତ ହୋଇଯିବା ପରେ ପ୍ରଧାନମନ୍ତ୍ରୀ ଇନ୍ଦିରା ଜୁଲାଇ ୧୯ ସନ୍ଧ୍ୟା ୫ଟାରେ ତୁରନ୍ତ କ୍ୟାବିନେଟ ବୈଠକ ଡକାଇଥିଲେ। ଅଧ୍ୟାଦେଶକୁ ଏହି ବୈଠକରେ ଅନୁମୋଦନ କରାଯାଇଥିଲା। ଏହାର କିଛି ଘଣ୍ଟା ମଧ୍ୟରେ ରାଷ୍ଟ୍ରପତି ଭି.ଭି.ଗିରି ଏହାକୁ ଅନୁମୋଦନ କରିଥିଲେ। ରାତ୍ରି ସାଢ଼େ ୮ଟାରେ ପ୍ରଧାନମନ୍ତ୍ରୀ ଇନ୍ଦିରା ଗାନ୍ଧୀ ଜାତି ଉଦ୍ଦେଶ୍ୟରେ ଅଭିଭାଷଣ ଦେଇ ବ୍ୟାଙ୍କ ଜାତୀୟକରଣ ଘୋଷଣା କରିଥିଲେ। ଜାତୀୟକରଣ ହୋଇଥିବା ବ୍ୟାଙ୍କଗୁଡ଼ିକ ହେଲେ ସେଣ୍ଟ୍ରାଲ ବ୍ୟାଙ୍କ ଅଫ୍ ଇଣ୍ଡିଆ, ବ୍ୟାଙ୍କ ଅଫ୍ ଇଣ୍ଡିଆ, ପଞ୍ଜାବ ନ୍ୟାଶନାଲ ବ୍ୟାଙ୍କ, ବ୍ୟାଙ୍କ ଅଫ୍ ବରୋଦା, ଦେନା ବ୍ୟାଙ୍କ, ୟୁକୋ ବ୍ୟାଙ୍କ,କାନାରା ବ୍ୟାଙ୍କ, ୟୁନାଇଟେଡ ବ୍ୟାଙ୍କ ଅଫ୍ ଇଣ୍ଡିଆ, ସିଣ୍ଡିକେଟ ବ୍ୟାଙ୍କ, ୟୁନିୟନ ବ୍ୟାଙ୍କ ଅଫ୍ ଇଣ୍ଡିଆ, ଆଲ୍ଲାହାବାଦ୍ ବ୍ୟାଙ୍କ, ଇଣ୍ଡିଆନ ବ୍ୟାଙ୍କ,ଇଣ୍ଡିଆନ ଓଭରସିଜ ବ୍ୟାଙ୍କ ଏବଂ ବ୍ୟାଙ୍କ ଅଫ୍ ମହାରାଷ୍ଟ୍ର।




### ୧୯୫୫ ସୁଦ୍ଧା ୩୬୦ ବ୍ୟାଙ୍କ ବୁଡ଼ିଯାଇଥିଲା

ଏକ ରିପୋର୍ଟ ଅନୁଯାୟୀ, ୧୯୪୭ରୁ ୧୯୫୫ ସୁଦ୍ଧା ଦେଶର ୩୬୦ ଛୋଟ ବଡ଼ ବ୍ୟାଙ୍କ ବୁଡିଯାଇଥିଲା। ଏଥିରେ ଜମା କରିଥିବା କୋଟି କୋଟି ଲୋକ ନିଜର ଝାଳବୁହା ଧନ ହରାଇଥିଲେ। ସେହିପରି କେତେକ ବ୍ୟାଙ୍କ କଳାବଜାର ଧନ୍ଦାରେ ନିବେଶ କରୁଥିଲେ।

### ବିରୋଧ କରି ଇସ୍ତଫା ଦେଇଥିଲେ ମୋରାର୍‌ଜୀ ଦେଶାଇ

ପ୍ରଚଣ୍ଡ ରାଷ୍ଟ୍ରବାଦୀ ନେତା ତଥା ତତ୍କାଳୀନ କେନ୍ଦ୍ର ଅର୍ଥମନ୍ତ୍ରୀ ମୋରାରଜୀ ଭାଇ ଦେଶାଇ ବ୍ୟାଙ୍କ ଜାତୀୟକରଣକୁ ବିରୋଧ କରିଥିଲେ। କଂଗ୍ରେସ ଅଧିବେଶନରେ ଇନ୍ଦିରା ବ୍ୟାଙ୍କ ଜାତୀୟକରଣ ସମ୍ପର୍କରେ ଉଲ୍ଲେଖ କରିବା ମାତ୍ରେ ସେ ଏହା ବିରୋଧରେ ସ୍ୱର ଉତ୍ତୋଳନ କରିଥିଲେ। ତେବେ ଇନ୍ଦିରାଙ୍କ ୧୦ ସୂତ୍ରୀ କାର୍ଯ୍ୟକ୍ରମକୁ ଦଳରେ ଉପସ୍ଥାପନ କରିଥିବା ଦେଶାଇ ସାମାଜିକ ଦୃଷ୍ଟିରୁ ବ୍ୟାଙ୍କଗୁଡ଼ିକୁ ସରକାରୀ ନିୟନ୍ତ୍ରଣ ସପକ୍ଷରେ ଥିଲେ ସୁଦ୍ଧା ଜାତୀୟକରଣ ସପକ୍ଷରେ ନ ଥିଲେ। ଇନ୍ଦିରାଙ୍କ ଜିଦ୍ ନିକଟରେ ମୁଣ୍ଡ ନ ନୁଆଁଇ ସେ ଜୁଲାଇ ୧୬, ୧୯୬୯ରେ କେନ୍ଦ୍ର ଅର୍ଥମନ୍ତ୍ରୀ ପଦରୁ ଇସ୍ତଫା ଦେଇଥିଲେ।

### ବ୍ୟାଙ୍କ ଶାଖା ବୃଦ୍ଧି

ଜାତୀୟକରଣ ପରେ ବ୍ୟାଙ୍କ ଶାଖା ବୃଦ୍ଧି ପାଇଲା। ସହର ସହ ବ୍ୟାଙ୍କ ଗ୍ରାମାଞ୍ଚଳରେ ପାଦ ଥାପିଲା। ତଥ୍ୟ ଅନୁଯାୟୀ, ଜୁଲାଇ, ୧୯୬୯ରେ ଦେଶରେ ବ୍ୟାଙ୍କଗୁଡ଼ିକର ମୋଟ ୮୩୨୨ ଶାଖା ଥିଲା। ୧୯୮୦ରେ ଜାତୀୟକରଣର ଦ୍ୱିତୀୟ ପର୍ଯ୍ୟାୟ ଆରମ୍ଭ ହୋଇଥିଲା ଓ ଘରୋଇ ବ୍ୟାଙ୍କଗୁଡ଼ିକ ସରକାରଙ୍କ ନିୟନ୍ତ୍ରଣକୁ ଚାଲିଯାଇଥିଲା। ସେହି ସମୟରେ ୧୪ ବ୍ୟାଙ୍କର ମୋଟ ଲାଭ ୫.୭ କୋଟି ଟଙ୍କା ଥିଲା ବେଳେ ଆଜିର ଦିନରେ ସେମାନଙ୍କର ମୋଟ କ୍ଷତିର ପରିମାଣ ୪୯,୭୦୦ କୋଟି ଟଙ୍କା ରହିଛି।

---

୫ ଲକ୍ଷ କୋଟି ଡଲାର ଅର୍ଥନୀତି ନେଇ ପ୍ରଣବଙ୍କ ମନ୍ତବ୍ୟ

## କଂଗ୍ରେସ ସରକାର ଯୋଗୁ ଏହା ସମ୍ଭବ ହେବାକୁ ଯାଉଛି

**ନୂଆଦିଲ୍ଲୀ,୧୯-୭**

ମୋଦି ସରକାର ଦେଶର ଅର୍ଥନୀତିକୁ ୨୦୨୪-୨୫ ସୁଦ୍ଧା ୫ ଲକ୍ଷ କୋଟି ଡଲାରରେ ପହଞ୍ଚାଇବାର ଲକ୍ଷ୍ୟ ରଖିଛନ୍ତି। ଏହା ଉପରେ ପୂର୍ବତନ ରାଷ୍ଟ୍ରପତି ତଥା ବିଶିଷ୍ଟ ଅର୍ଥନୀତିଜ୍ଞ ପ୍ରଣବ ମୁଖାର୍ଜୀ ନିଜର ପ୍ରତିକ୍ରିୟା ପ୍ରକାଶ କରି ମୋଦି ସରକାରଙ୍କୁ କଟାକ୍ଷ କରିଛନ୍ତି। ଯୋଜନା ଆୟୋଗକୁ ଭାଙ୍ଗି ଦେଇଥିବା ସରକାର ମନେ ରଖିବା ଉଚିତ୍ ଯେ, ଯୋଜନାବଦ୍ଧ ଅର୍ଥନୀତି ପ୍ରତି ଭରସା ଥିବା ସରକାର ହିଁ ଆଧୁନିକ ଭାରତର ମୂଳଦୁଆ ପକାଇଥିଲେ। ଆଜିକାଲି ତାହା ଦେଖାଯାଉନାହିଁ। ୫ଲକ୍ଷ କୋଟି ଡଲାର ଅର୍ଥନୀତି ଆଡକୁ ଭାରତ ଅଗ୍ରସର ହେଉଛି ବୋଲି ଯେଉଁମାନେ କହୁଛନ୍ତି, ସେମାନେ ଜାଣନ୍ତୁ ଯେ, ସ୍ୱାଧୀନତା ପରେ କଂଗ୍ରେସ ସରକାର ଦ୍ୱାରା ଏହାର ଦୃଢ଼ ଭିତ୍ତି ସ୍ଥାପନ କରାଯାଇଥିଲା। ସ୍ଥାନୀୟ ମାଓ୍ୱଲକର ହଲ୍‌ସ୍ଥିତ କନଷ୍ଟିଚ୍ୟୁଶନ କ୍ଲବ ଅଫ୍ ଇଣ୍ଡିଆରେ ଆୟୋଜିତ ଏକ କାର୍ଯ୍ୟକ୍ରମରେ ଯୋଗ ଦେଇ ପ୍ରଣବ କହିଛନ୍ତି ଯେ, ଯେଉଁ ଲୋକମାନେ ୫୫ ବର୍ଷର କଂଗ୍ରେସ ଶାସନକୁ ସମାଲୋଚନା କରୁଛନ୍ତି, ସେମାନେ ଭୁଲିଯାଉଛନ୍ତି ଯେ, ଦେଶ ସ୍ୱାଧୀନ ବେଳେ ଭାରତ କେଉଁଠି ଥିଲା ଏବଂ ଆମେ ଏବେ କେଉଁଠି ପହଞ୍ଚିଛୁ। ଅଣ କଂଗ୍ରେସ ଶାସନର ମଧ୍ୟ ଦୃଢ଼ ଅର୍ଥନୀତିରେ ଯୋଗଦାନ ଥିଲା। ତେବେ ଯେଉଁମାନେ ୫୫ ବର୍ଷର କଂଗ୍ରେସ ଶାସନକୁ ସମାଲୋଚନା କରୁଛନ୍ତି, ସେମାନେ ଆମେ କେଉଁଠୁ ଆରମ୍ଭ କରିଥିଲୁ ଓ କେଉଁଠି ଛାଡିଲୁ।

---

# ସମାବେଶୀ, ସ୍ଥାୟୀ ଅଭିବୃଦ୍ଧି ଲାଗି ସରକାର ବଦ୍ଧପରିକର: ଧର୍ମେନ୍ଦ୍ର

**ନୂଆଦିଲ୍ଲୀ,୧୯-୭**

କେନ୍ଦ୍ର ସରକାର ସମାବେଶୀ, ସମଗ୍ର ତଥା ସ୍ଥାୟୀ ଅଭିବୃଦ୍ଧି ଲାଗି ବଦ୍ଧପରିକର ଏବଂ ୨୦୨୪ ସୁଦ୍ଧା ଦେଶର ଅର୍ଥନୀତିକୁ ୫ ଲକ୍ଷ କୋଟି ଡଲାରରେ ପହଞ୍ଚାଇବା ଲକ୍ଷ୍ୟରେ ଆଗେଇ ଚାଲିଛି ବୋଲି କେନ୍ଦ୍ର ପେଟ୍ରୋଲିୟମ ଏବଂ ପ୍ରାକୃତିକ ବାଷ୍ପ ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ କହିଛନ୍ତି।

ଏଠାରେ ଆୟୋଜିତ ଏନର୍ଜି ହରିଜନ, ୨୦୧୯ ସମ୍ମିଳନୀରେ ଉଦ୍‌ବୋଧନ ଦେଇ ସେ କହିଛନ୍ତି ଯେ, ଭାରତ ବିଶ୍ୱ ଶକ୍ତି ପରିବର୍ତ୍ତନ ପ୍ରକ୍ରିୟାକୁ ଆପଣାଇଛି ଏବଂ ବ୍ରିଟେନକୁ ପଛକୁ ପକାଇ ୫ମ ବୃହତ ଅର୍ଥନୀତି ଆଡକୁ ଅଗ୍ରସର ହେଉଛି। ଭାରତ ଏବଂ ବିଶ୍ୱ ପାଇଁ ନବୀକରଣୀୟ ଶକ୍ତି ଅତ୍ୟନ୍ତ ଶସ୍ତା ଏବଂ ଏହା ଶକ୍ତି ଚାହିଦାକୁ ମେଣ୍ଟାଇପାରିବ। ପ୍ରଧାନ କହିଛନ୍ତି ଯେ, ଦେଶ ପାଇଁ ଇଲେକ୍ଟ୍ରିକ ଗାଡ଼ି ଏବେ ପ୍ରାଥମିକତା ହୋଇଛି। ସମସ୍ତ ପ୍ରକାର ସ୍ୱଚ୍ଛ ଇନ୍ଧନ ସହ ପରିବହନ କ୍ଷେତ୍ରରେ ସମସ୍ତ ପ୍ରକାର ସମାଧାନ ଭାରତ ଆବଶ୍ୟକ କରୁଛି। ଦେଶରେ ଇଲେକ୍ଟ୍ରିକ ଗାଡ଼ିର ବିକାଶ ଏବଂ ସ୍ୱଚ୍ଛ ପରିବହନ ସୃଷ୍ଟି ହେବ ଏବଂ ଏଥିପାଇଁ ରୋଡମ୍ୟାପ୍ ପ୍ରସ୍ତୁତ ହେଉଛି। କ୍ଲାଉଡ ଟେକ୍ନୋଲୋଜି, ରୋବୋଟିକ୍ ଅଟୋମେଶନ, ବ୍ଲକ୍ ଚେନ୍ ଭଳି ବାଧା ଉତ୍ପନ୍ନକାରୀ ଡିଜିଟାଲ ଟେକ୍ନୋଲୋଜି ଆସିଥିବା ବେଳେ ଭାରତୀୟ କମ୍ପାନୀଗୁଡ଼ିକ ନିଜକୁ ଏହାସହ ଖାପ୍‌ଖୁଆଇବାକୁ ହେବ। ଏଭଳି ବାଧାକାରକ ଉଦ୍‌ଭାବନ ସହ ତାଳ ଦେବା ଲାଗି ପ୍ରତ୍ୟେକ ଦେଶ ଓ କମ୍ପାନୀ ନିଜର କାର୍ଯ୍ୟବଳ ପ୍ରସ୍ତୁତ କରିବାକୁ ସେ ଆହ୍ୱାନ ଦେଇଛନ୍ତି।

# ବଜାରରେ ସୋନିଅର୍ ପ୍ଲାଏଉଡ୍




**ଭୁବନେଶ୍ୱର, ୧୯-୭(ବ୍ୟୁରୋ)**

ସୋନିଅର୍ ପ୍ଲାଏଉଡ୍‌ର କଟକଠାରେ ବଜାର ପ୍ରବେଶ ହୋଇଛି। ଗତ ୩୦ ବର୍ଷ ଧରି କମ୍ପାନୀ ଗ୍ରାହକଙ୍କୁ ଏହାର ପ୍ରଡକ୍ଟ ଯୋଗାଇ ଆସୁଛୁ। ଏହା ପୂର୍ବରୁ ଡୋନିଅର ପ୍ଲାଏ କମ୍ପାନୀ ଭାବେ ପରିଚିତ ରହିଥିଲା। ଏହା ପ୍ଲାଏ,ଭିନିୟର, ସନମାଇକା, ଫ୍ଲସଡୋର ଇତ୍ୟାଦି ପ୍ରସ୍ତୁତ କରୁଛି। କଟକ ଲାଗି ପ୍ରଥମ ଡିଲର ଭାବେ ଭାରତ ପ୍ଲାଏଉଡ୍‌କୁ ନିଯୁକ୍ତ କରାଯାଇଛି। କମ୍ପାନୀର ପ୍ରଡକ୍ଟ ଲୋକମାନଙ୍କ ନିକଟରେ ପହଞ୍ଚାଇବା ସହ ଆଦୃତ କରାଇବା ଦିଗରେ ବିଭିନ୍ନ ପଦକ୍ଷେପ ଗ୍ରହଣ କରାଯାଉଥିବା ମୁଖ୍ୟ ତଥା ପ୍ରତିଷ୍ଠାତା ଜିତେନ୍ଦ୍ର କେଜ୍ରିୱାଲ ସୂଚନା ଦେଇଛନ୍ତି। କମ୍ପାନୀର ଓଡ଼ିଶା ମୁଖ୍ୟ ସିଦ୍ଧାର୍ଥ କୁମାର ମହାନ୍ତି, ଏଏସ୍‌ଏମ୍ ଗୌରଗୋପାଳ ସିଂହ, ଭାରତ ପ୍ଲାଏଉଡ ଡିଷ୍ଟ୍ରିବ୍ୟୁଟର ବ୍ରଜେନ୍ଦ୍ର କୁମାର ରାଏ, ପୀୟୂଷ ରାଏ, ଚିରଞ୍ଜୀବୀ ପଟ୍ଟନାୟକ, ରମାକାନ୍ତ ଜେନା, ଲକ୍ଷ୍ମୀ ନାରାୟଣ ସିଂ, ରୋହିତ ଶର୍ମା, ପ୍ରଭିନ ରଥ, ଜ୍ଞାନ ମହାନ୍ତି ପ୍ରମୁଖ ଏଥିରେ ଉପସ୍ଥିତ ଥିଲେ।

---

# ସବୁ ବର୍ଗଙ୍କୁ ପ୍ରଡକ୍ଟ ଯୋଗାଣ ତନିଷ୍କର ମୂଳ ଲକ୍ଷ୍ୟ



ଜୁଏଲେରି ଶିଳ୍ପରେ ଗ୍ରାହକଙ୍କ ପରିବର୍ତ୍ତିତ ଆବଶ୍ୟକତା ପୂରଣ ନେଇ ବ୍ରାଣ୍ଡଗୁଡିକ ଏବେ ବେଶ୍ ସଚେତନ। ବିକ୍ରୟରେ ସ୍ୱଚ୍ଛତା ପଦ୍ଧତି, କଷ୍ଟମାଇଜେଶନ, ଡେଲିଭରି, ପ୍ରଡକ୍ଟ ଗୁଣବତ୍ତା ଭଳି ବିଭିନ୍ନ ପ୍ରସଙ୍ଗକୁ ଗ୍ରାହକ ବର୍ତ୍ତମାନ ପ୍ରାଥମିକତା ଦେଉଛନ୍ତି। କଷ୍ଟମରଙ୍କୁ ଅଗ୍ରାଧିକାର ଦେଉଥିବା କମ୍ପାନୀ ମଧ୍ୟରେ ଟାଟା ଗ୍ରୁପର ତନିଷ୍କ ଏକ ଅନ୍ୟତମ ଲୋକପ୍ରିୟ ଜୁଏଲେରି ବ୍ରାଣ୍ଡ। ଗ୍ରାହକଙ୍କଠାରୁ ପ୍ରତ୍ୟକ୍ଷ ମତାମତ ସଂଗ୍ରହ ଏବଂ ସେମାନଙ୍କ ଅଭିଜ୍ଞତା ସମ୍ପର୍କରେ ଜାଣିବା ଲାଗି ଏହା ସ୍ୱତନ୍ତ୍ର କାର୍ଯ୍ୟକ୍ରମମାନ ଆୟୋଜନ କରୁଛି। ଭୁବନେଶ୍ୱରରେ ଶୁକ୍ରବାର ଆୟୋଜିତ କାର୍ଯ୍ୟକ୍ରମ ଅବସରରେ କମ୍ପାନୀର ରିଟେଲ୍ ମୁଖ୍ୟ ତଥା ଏଭିପି **ଅରୁଣ ନାରାୟଣ** 'ଧରିତ୍ରୀ'କୁ ଦେଇଥିବା ସାକ୍ଷାତ୍‌କାର...

■ **ଡିଜାଇନର ଗହଣା ପ୍ରତି ଗ୍ରାହକଙ୍କ ଚାହିଦା ବଢ଼ିଛି। ଏ କ୍ଷେତ୍ରରେ ଗ୍ରାହକଙ୍କ ଚାହିଦା ପୂରଣ ଦିଗରେ କମ୍ପାନୀ କ'ଣ ପଦକ୍ଷେପ ନେଉଛି?**

ଯୁବବର୍ଗଙ୍କ ଚାହିଦାକୁ ନଜରରେ ରଖି ପ୍ରଡକ୍ଟ ପ୍ରସ୍ତୁତ କରୁଛୁ। ସବୁବର୍ଗର ଗ୍ରାହକଙ୍କ ନିକଟରେ ପହଞ୍ଚିବାକୁ ସର୍ବଦା ପ୍ରୟାସ ଜାରି ରଖିଛୁ। ଟାଟାର ବ୍ରାଣ୍ଡ ଭାଲ୍ୟୁକୁ ନେଇ ଅଗ୍ରସର ହେଉଛୁ। ଲୋକଙ୍କର ସାଧାରଣ ବିଶ୍ୱାସ ଥାଏ ଯେ, ତନିଷ୍କ ବଡ ବ୍ରାଣ୍ଡ ହୋଇଥିବାରୁ ଏହାର ଗହଣା ବହୁତ ମହଙ୍ଗା ହୋଇଥିବ। ମାତ୍ର ଏହା ସତ ନୁହେଁ। ଗ୍ରାହକ ଶୋ'ରୁମ ଆସି ଦେଖିଲେ ପ୍ରକୃତ ସ୍ଥିତି ଜାଣିପାରିବେ। ଶୋ'ରୁମରେ ଏମିତି ଅନେକ କିଛି ଗହଣା ରହିଛି, ଯାହା ସବୁ ବର୍ଗକୁ ସୁହାଇବ। ସମସ୍ତଙ୍କ ପାଇଁ ପ୍ରଡକ୍ଟ ଯୋଗାଣ ତନିଷ୍କର ମୂଳ ଲକ୍ଷ୍ୟ। ସ୍ଥାନୀୟ ଲୋକଙ୍କର ଆବଶ୍ୟକତାକୁ ନଜରରେ ରଖି ପ୍ରଡକ୍ଟ ଡିଜାଇନ ହେଉଛି। ଏହାବାଦ ଜାତୀୟ ସ୍ତରର ଡିଜାଇନ ମଧ୍ୟ ରହିଛି। ପ୍ରତି ୩ ମାସରେ ନୂଆ କଲେକ୍ସନ ଆଣୁଛୁ। ଜୁଏଲେରୀ ୮ ହଜାର ଟଙ୍କାରୁ ଆରମ୍ଭ ହେଉଛି। ମେକିଂ ଚାର୍ଜ ୮% ରୁ ଆରମ୍ଭ ହେଉଛି।

■ **ପୂର୍ବାଞ୍ଚଳରେ କମ୍ପାନୀର କାରବାର ସ୍ଥିତି କିଭଳି ରହିଛି। ଓଡ଼ିଶା ବଜାରରେ ବ୍ରାଣ୍ଡ ପର୍‌ଫର୍ମାନ୍ସକୁ କେମିତି ବିଚାର କରୁଛନ୍ତି?**

ଗତ ବର୍ଷ ପୂର୍ବାଞ୍ଚଳ କମ୍ପାନୀର ମୋଟ ବାଣିଜ୍ୟକୁ ଯୋଗଦାନରେ ଶୀର୍ଷରେ ରହିଥିଲା। ଓଡ଼ିଶା ବଜାରରୁ ମଧ୍ୟ ଭଲ ରେସପନ୍ସ ପାଉଛୁ। ଗତ ୨୦ ବର୍ଷ ଧରି ତନିଷ୍କକୁ ଓଡ଼ିଶାର ଗ୍ରାହକ ବହୁତ ଭଲ ପାଇବା ଏବଂ ବିଶ୍ୱାସ ଦେଇଛନ୍ତି। ଏହି ଧାରା ଆଗକୁ ଜାରି ରହିବ ବୋଲି ଆଶାବାଦୀ। ଗତ ବର୍ଷ ଭଳି ଚଳିତ ବର୍ଷ ଅଭିବୃଦ୍ଧି ଉନ୍ନତ ରହିବ ବୋଲି ଆଶା ରହିଛି।

■ **ସମ୍ପ୍ରସାରଣ ନେଇ କିଛି ଯୋଜନା ରହିଛି କି?**

ପ୍ରତି ବର୍ଷ ପରି ଚଳିତ ବର୍ଷ ମଧ୍ୟ ରିଟେଲ ବ୍ୟବସାୟ ସମ୍ପ୍ରସାରଣ ନେଇ ଯୋଜନା ରଖିଛୁ। ନୂଆ ଷ୍ଟୋର ଆଣିବା ନେଇ ଯୋଜନା ରହିଛି। ମାତ୍ର ଦୀର୍ଘକାଳୀନ ଯୋଜନା ଉପରେ ଟାଟା ଗ୍ରୁପ ସର୍ବଦା ଫୋକସ ରଖିଛି। ଯେଉଁଠାରେ ସୁଯୋଗ ଦେଖୁଛୁ ନୂଆ ଷ୍ଟୋର ପାଇଁ ପଦକ୍ଷେପ ନେଉଛୁ।

■ **ଜିଡିପିକୁ ଜେମ୍‌ସ ଜୁଏଲେରି ଶିଳ୍ପର ଯୋଗଦାନ ବଢୁଛି। ଏହି ଶିଳ୍ପର ଅଭିବୃଦ୍ଧିକୁ କିଭଳି ଦେଖୁଛନ୍ତି। ଏଥିରେ ଟାଟାର ଯୋଗଦାନକୁ କିଭଳି ବିଚାର କରୁଛନ୍ତି?**

ବାଣିଜ୍ୟଠାରୁ ଗ୍ରାହକ ସେଗମେଣ୍ଟରେ କାର୍ଯ୍ୟ କରୁଛୁ। ଏ ଶିଳ୍ପର ଅଭିବୃଦ୍ଧି ନେଇ ବେଶ ଆଶାବାଦୀ। ଗ୍ରାହକ କ'ଣ ଚାହୁଛନ୍ତି, କ'ଣ କିଣିବେ, କ'ଣ ଦେଖିବାକୁ ଚାହୁଛନ୍ତି ଏହାକୁ ନିରନ୍ତର ବିଚାର କରୁଛୁ। କଲେକ୍ସନ ଏବଂ ଶୋ'ରୁମକୁ ଅପ୍‌ଡେଟ କରାଯାଉଛି। ବିଭିନ୍ନ ଗ୍ରାହକ କୈନ୍ଦ୍ରିକ ଯୋଜନା ହାତକୁ ନିଆଯାଉଛି। ଏହି ଆଧାରରେ ଗୋଲ୍‌ଡେନ ହାରଭେଷ୍ଟ ଜୁଏଲେରି କ୍ରୟ ଯୋଜନା ଆଣିଛୁ। ଆଗାମୀ ଦିନରେ ଜୁଏଲେରି କ୍ରୟ ନେଇ ଗ୍ରାହକ ଏହା ଦ୍ୱାରା ଯୋଜନା କରି ପାରିବେ। ଜୁଏଲେରି ଏକ୍ସଚେଞ୍ଜ ପ୍ରୋଗ୍ରାମ ଆଣିଛୁ। ଗ୍ରାହକ ସମ୍ମିଳନୀ ଆୟୋଜନ କରି ସେମାନଙ୍କ ଆବଶ୍ୟକତାକୁ ବିଚାର କରୁଛୁ। ସେହି ଆଧାରରେ ପଦକ୍ଷେପ ନିଆଯାଉଛି।

■ **ଟାଟା ଶାଢୀ ସେଗ୍‌ମେଣ୍ଟରେ ପ୍ରବେଶ କରିଛି। ନୂଆ ସେଗ୍‌ମେଣ୍ଟକୁ ନେଇ କ'ଣ ଆଶା ରଖିଛନ୍ତି?**

ତନେରା ବ୍ରାଣ୍ଡ ନାମରେ ଶାଢୀ ଶୃଙ୍ଖଳାରେ ଟାଟା ପ୍ରବେଶ କରିଛି। ଏହାର ନୂଆ ଷ୍ଟୋର ସ୍ଥାପନ ହୋଇଛି। ଗ୍ରାହକଙ୍କଠାରୁ ଭଲ ରେସପନ୍ସ ପାଉଛୁ। ନିରନ୍ତର ଗ୍ରାହକଙ୍କ ସଂଖ୍ୟା ଷ୍ଟୋରଗୁଡ଼ିକରେ ବଢୁଛି। ଭୁବନେଶ୍ୱରରେ ଏହାର ପ୍ରଦର୍ଶନୀ ଚାଲୁଛି। ଦିଲ୍ଲୀ,ବାଙ୍ଗାଲୋର ସହରରେ ଏହି ବ୍ରାଣ୍ଡରେ ଷ୍ଟୋର ରହିଛି। ଅନ୍ୟ କିଛି ସହରରେ ଏହାକୁ ଶୁଭାରମ୍ଭ କରିବାକୁ ଲକ୍ଷ୍ୟ ରଖାଯାଇଛି। ଭୁବନେଶ୍ୱରରେ ଏହାର ଏକ ନୂଆ ଷ୍ଟୋର ଖୋଲିବା ନେଇ ଯୋଜନା ରହିଛି।

**ରିପୋର୍ଟ: ସତ୍ୟାନନ୍ଦ ନାୟକ**



## ଅହଲ୍ୟା କଲେକ୍ସନ ଶୁଭାରମ୍ଭ

**ଭୁବନେଶ୍ୱର, ୧୯-୭(ବ୍ୟୁରୋ)**

ତନିଷ୍କ ପକ୍ଷରୁ ନୂଆ ଅହଲ୍ୟା କଲେକ୍ସନ ଓଡ଼ିଶାରେ ବଜାର ପ୍ରବେଶ କରିଛି। କମ୍ପାନୀର ଏଭିପି ତଥା ରିଟେଲ ମୁଖ୍ୟ ଅରୁଣ ନାରାୟଣ, ଆଞ୍ଚଳିକ ବାଣିଜ୍ୟ ପ୍ରବନ୍ଧକ ଅନିର୍ବାଣ ବାନାର୍ଜି, ଫ୍ରାଞ୍ଚାଇଜି ଓନର ମାନିକ ହଂସ ଏବଂ ଏବିଏମ୍ ପ୍ରଖର ପୁଲାଓ୍ୱତ ନୂଆ କଲେକ୍ସନର ବଜାର ପ୍ରବେଶ କରାଇଥିଲେ। ସେହିଭଳି ରିଭାହ ଗହଣା ସମ୍ଭାରକୁ ଏହି ଅବସରରେ ପ୍ରଦର୍ଶନ କରାଯାଇଥିଲା। ଅହଲ୍ୟାର ମୂଳମନ୍ତ୍ର ହେଲା ପ୍ରକୃତ ସୁନ୍ଦରତା। ଏହାର ମୂଲ୍ୟ ୩.୫ ଲକ୍ଷ ଟଙ୍କାରୁ ୧୫ ଲକ୍ଷ ଟଙ୍କା ପର୍ଯ୍ୟନ୍ତ ରହିଛି।



ବୁକ୍ସ କୋପ୍କାଙ୍କ ସହିତ ପାର୍ଟନର ହୋଇ ଖେଳିବା ଦ୍ୱାରା ମୋତେ ଅନେକ ଶିକ୍ଷା ମିଳିଛି । ମୋ ଭଳି ଖେଳାଳିଙ୍କ ଲାଗି ସେ ପ୍ରେରଣାଦାୟକ ।

–ଶୁଭଙ୍କର ଶର୍ମା, ଭାରତୀୟ ଗଲ୍ଫ ଖେଳାଳି



ମହେନ୍ଦ୍ର ସିଂ ଧୋନୀ ଅଧିନାୟକ ଥିବାବେଳେ ଯୁବ ଖେଳାଳିଙ୍କୁ ସୁଯୋଗ ଦେବା କଥା କହୁଥିଲେ, ବର୍ତ୍ତମାନ ନିଜେ କାମରେ କରି ତାହା ଦେଖାଇ ଦିଅନ୍ତୁ।

–ଗୌତମ ଗମ୍ଭୀର, ପୂର୍ବତନ ଭାରତୀୟ ଓପନର

## ସଂକ୍ଷେପରେ

### ଭାରତର ମିକ୍ସଡ ରିଲେ ରୌପ୍ୟ ସ୍ୱର୍ଣ୍ଣରେ ପରିଣତ ହେବ

ନୂଆଦିଲ୍ଲୀ, ୧୯।୭ (ପି.ଟି.)- ଡୋପ୍ ଟେଷ୍ଟରେ ଧରାପଡ଼ିବାରୁ ଆଥଲେଟିକ୍ସ ଇଣ୍ଟିଗ୍ରିଟି ୟୁନିଟ୍ (ଏଆଇୟୁ) ବାହାରିନ୍‌ର କେମି ଆଦେକୋୟାଙ୍କୁ ୪ ବର୍ଷ ବାସନ୍ଦ ଦଣ୍ଡରେ ଦଣ୍ଡିତ କରିଛି। ଫଳରେ ଭାରତ ଏସିଆନ ଗେମ୍ସରେ ୪x୪୦୦ ମିକ୍ସଡ ରିଲେ ସ୍ୱର୍ଣ୍ଣ ପଦକ ପାଇବା ସ୍ପଷ୍ଟ ହୋଇଛି। ଗତବର୍ଷ ଜାକର୍ତ୍ତାରେ ଅନୁଷ୍ଠିତ ଏସିଆନ ଗେମ୍ସରେ ମହମ୍ମଦ ଆନାସ, ହିମା ଦାସ, ଆରୋକିଆ ରାଜୀବ ଏବଂ ଏମ୍.ଆର. ପୁଭାମାଙ୍କୁ ନେଇ ଭାରତର ମିକ୍ସଡ ରିଲେ ଟିମ୍ ରୌପ୍ୟ ଜିତିଥିଲା। ମାତ୍ର ଆଦେକୋୟା ଏହି ଇଭେଣ୍ଟରେ ସ୍ୱର୍ଣ୍ଣ ଜିତିଥିବା ବାହାରିନ୍ ଦଳର ଅନ୍ୟତମ ସଦସ୍ୟା ହୋଇଥିବାରୁ ଭାରତ ସ୍ୱର୍ଣ୍ଣ ପାଇବା ଲାଗି ହକ୍‌ଦାର ହୋଇଛି। ୨୦୧୮ ଅଗଷ୍ଟ ୨୪ରୁ ୨୦୧୮ ନଭେମ୍ବର ୨୬ ପର୍ଯ୍ୟନ୍ତ ଆଦେକୋୟାଙ୍କ ସମସ୍ତ ଫଳାଫଳକୁ ଏଆଇୟୁ ଅଯୋଗ୍ୟ ଘୋଷଣା କରିଛି। ସୂଚନାଯୋଗ୍ୟ, ମିକ୍ସଡ ରିଲେ ରେସ୍ ବେଳେ ବାହାରିନ ବାଧା ସୃଷ୍ଟି କରିଥିଲା ବୋଲି ଭାରତ ପକ୍ଷରୁ ବିଧିବଦ୍ଧ ଅଭିଯୋଗ ହୋଇଥିଲା ମାତ୍ର ତାହା ଅଗ୍ରାହ୍ୟ ହୋଇଯାଇଥିଲା। ଆଦେକୋୟା ୪୦୦ ମିଟର ହର୍ଡଲ୍ସରେ ସ୍ୱର୍ଣ୍ଣ ଜିତିଥିବାବେଳେ ଭାରତର ଅନୁ ରାଘବନ ୪ର୍ଥ ହୋଇଥିଲେ। ଫଳରେ ବର୍ତ୍ତମାନ ରାଘବନ ବ୍ରୋଞ୍ଜ ପଦକ ପାଇବା ସମ୍ଭାବନା ସୃଷ୍ଟି ହୋଇଛି।

### ନ୍ୟୁଜିଲାଣ୍ଡର ଅଫ୍ ଦ ଇୟର ଲାଗି ଷ୍ଟୋକ୍ସଙ୍କ ନାମ ସୁପାରିସ

ଲଣ୍ଡନ,୧୯।୭(ପି.ଟି.): ଇଂଲଣ୍ଡର ଷ୍ଟାର ଅଲରାଉଣ୍ଡର ତଥା ବିଶ୍ୱକପ କ୍ରିକେଟର ପ୍ଲେୟର ଅଫ୍ ଦି ଫାଇନାଲ ବେନ ଷ୍ଟୋକ୍ସଙ୍କ ନାମ ଆସନ୍ତା ବର୍ଷ ମିଳିବାକୁ ଥିବା ସମ୍ମାନଜନକ 'ନ୍ୟୁଜିଲାଣ୍ଡର ଅଫ ଦି ଇଅର' ପୁରସ୍କାର ପାଇଁ ସୁପାରିସ କରାଯାଇଛି। ଷ୍ଟୋକ୍ସଙ୍କ ସହ ବିଶ୍ୱକପରେ ପ୍ଲେୟର ଅଫ ଦି ଟୁର୍ନାମେଣ୍ଟ ବିବେଚିତ ନ୍ୟୁଜିଲାଣ୍ଡ ଅଧିନାୟକ କେନ ୱିଲିୟମସନଙ୍କ ନାମ ମଧ ଏହି ସମ୍ମାନ ପାଇଁ ସୁପାରିସ ହୋଇଛି। ନ୍ୟୁଜିଲାଣ୍ଡ ସହ ଷ୍ଟୋକ୍ସଙ୍କ ସମ୍ପର୍କ ରହିଛି। ସେ ଇଂଲଣ୍ଡ ତରଫରୁ ଅନ୍ତର୍ଜାତୀୟ କ୍ରିକେଟ ଖେଳୁଥିଲେ ମଧ ତାଙ୍କ ମାତାପିତା ନ୍ୟୁଜିଲାଣ୍ଡର ବାସିନ୍ଦା ଏବଂ ସେମାନେ ଏବେ ନ୍ୟୁଜିଲାଣ୍ଡର ଖ୍ରୀଷ୍ଟଚର୍ଚ୍ଚରେ ରହୁଛନ୍ତି। ଏହି ପୁରସ୍କାରର ମୁଖ୍ୟ ବିଚାରକ କାମେରନ ବେନେଟ କହିଛନ୍ତି ଯେ, ଷ୍ଟୋକ୍ସ ଖ୍ରୀଷ୍ଟଚର୍ଚ୍ଚରେ ଜନ୍ମଗ୍ରହଣ କରିଥିବାରୁ ଅନେକେ ତାଙ୍କୁ ନ୍ୟୁଜିଲାଣ୍ଡର ବାସିନ୍ଦା ବୋଲି ଦାବି କରୁଛନ୍ତି। ନ୍ୟୁଜିଲାଣ୍ଡ ପାଇଁ ଖେଳୁ ନ ଥିଲେ ମଧ ସେ ଖ୍ରୀଷ୍ଟଚର୍ଚ୍ଚରେ ଜନ୍ମିତ ଏବଂ ଏଠାରେ ତାଙ୍କ ମାତାପିତା ଏବେ ବାସ କରୁଛନ୍ତି। ମାଓରି ସମ୍ପ୍ରଦାୟର ଷ୍ଟୋକ୍ସଙ୍କୁ ଆମେ ନିଜ ଦେଶର ବୋଲି ଦାବି କରିବାରେ କୌଣସି ଅସୁବିଧା ନାହିଁ ବୋଲି ବେନେଟ୍ କହିଛନ୍ତି। ଏହି ପୁରସ୍କାର ଲାଗି ଆସନ୍ତା ଡିସେମ୍ବରରେ ଶର୍ଟଲିଷ୍ଟ ହୋଇଥିବା ୧୦ଜଣ ପ୍ରାର୍ଥୀଙ୍କ ନାମ ବିଚାର କରାଯିବା ପାଇଁ ଘୋଷଣା କରାଯିବ। ପରେ ଆସନ୍ତା ବର୍ଷ ଫେବୃୟାରୀରେ ଅନୁଷ୍ଠିତ ଉତ୍ସବରେ ବିଜେତାଙ୍କୁ ପୁରସ୍କାର ପ୍ରଦାନ କରାଯିବ।

### ଆଜିଠାରୁ ପ୍ରୋ-କବାଡ଼ି ଲିଗ୍

ହାଇଦ୍ରାବାଦ,୧୯।୭(ପି.ଟି.): ଦେଶର ଅନ୍ୟତମ ଲୋକପ୍ରିୟ ଲିଗ୍ ପ୍ରୋ-କବାଡ଼ିର ୭ମ ସଂସ୍କରଣ ଶନିବାରଠୁ ଆରମ୍ଭ ହେବାକୁ ଯାଉଛି। ସ୍ଥାନୀୟ ଗାଚିବାଓ୍ୱଲି ଷ୍ଟାଡ଼ିୟମରେ ତେଲୁଗୁ ଟାଇଟନ୍ସ ଓ ୟୁ ମୁମ୍ବା ମଧରେ ଉଦ୍‌ଘାଟନୀ ଲଢ଼େଇ ଅନୁଷ୍ଠିତ ହେବ। ସେହିପରି ଡିଫେଣ୍ଡିଂ ଚାମ୍ପିଅୟନ ବେଙ୍ଗାଲୁରୁ ବୁଲ୍ସ ମଧ ଲଢ଼େଇରେ ଅବତୀର୍ଣ୍ଣ ହେବ। ଏହି ଟିମ୍ ଏହାର ପ୍ରଥମ ମ୍ୟାଚରେ ତିନିଥରର ବିଜେତା ପାଟନାକୁ ଭେଟିବ। ଏହି ପରିପ୍ରେକ୍ଷୀରେ ଶୁକ୍ରବାର ଆୟୋଜକଙ୍କ ପକ୍ଷରୁ ସମସ୍ତ ୧୨ଟି ଦଳର ଅଧିନାୟକଙ୍କ ଉପସ୍ଥିତିରେ ଟ୍ରଫି ଉନ୍ମୋଚନ କରାଯାଇଥିଲା। ୟୁ ମୁମ୍ବା ଅଧିନାୟକ ଫାଜଲ ଆଟ୍ରାଚାଲିଙ୍କ କହିବା ଅନୁଯାୟୀ ତାଙ୍କ ଦଳ ଯୁବ ଖେଳାଳିଙ୍କୁ ନେଇ ଚଳିତ ଥର ଭଲ ପ୍ରଦର୍ଶନ କରିବ। ଗତ ସିଜନରେ ଦଳ ଭଲ ଲଢ଼େଇ କରିଥିଲା ଏବଂ ଚଳିତବର୍ଷ ମଧ ସେହିଭଳି ଖେଳ ଜାରି ରଖିବ ବୋଲି ସେ କହିଛନ୍ତି। ଗତ ସିଜନରେ ସିଦ୍ଧାର୍ଥ ଦଳ ଲାଗି ସଫଳ ସାବ୍ୟସ୍ତ ହୋଇଥିଲେ। ମାତ୍ର ଚଳିତ ଥର ସିଦ୍ଧାର୍ଥଙ୍କ ଭଳି ଏକାଧିକ ଯୁବ ଖେଳାଳି ଦଳରେ ରହିଛନ୍ତି। ସିଦ୍ଧାର୍ଥ ଓ ମୁଁ ଦୁହେଁ ପରସ୍ପରକୁ ଭଲ ଭାବେ ଜାଣିଛୁ, ତେବେ ତାଙ୍କୁ ଟ୍ୟାକେଲ କରିବା ଲାଗି ଆମେ ସ୍ୱତନ୍ତ୍ର ରଣନୀତିରେ ଓହ୍ଲାଇବୁ ବୋଲି ଫାଜଲ କହିଛନ୍ତି।



କଟକରେ ଚାଲିଥିବା ରାଜ୍ୟଗୋଷ୍ଠୀ ଟେବୁଲ ଟେନିସ ଚାମ୍ପିୟନଶିପର ଶୁକ୍ରବାର ପଦକ ପ୍ରଦାନ ଉତ୍ସବ ସମାରୋହରେ ଅତିଥିଙ୍କ ସହ ବିଭିନ୍ନ ଦଳର ଖେଳାଳିମାନେ।

**ରାଜ୍ୟଗୋଷ୍ଠୀ ଟେବୁଲ ଟେନିସ**

# ଦଳଗତ ଇଭେଣ୍ଟରେ ଭାରତକୁ ଡବଲ ସ୍ୱର୍ଣ୍ଣ

କଟକ ଅଫିସ,୧୯।୭

ରାଜ୍ୟ ଗୋଷ୍ଠୀ ଟେବୁଲ ଟେନିସ କ୍ରୀଡ଼ାର ୨୧ ତମ ସଂସ୍କରଣରେ ଭାରତ ଦଳଗତ ଇଭେଣ୍ଟରେ ଡବଲ ସ୍ୱର୍ଣ୍ଣ ପଦକ ବିଜୟୀ ହୋଇଛି। ଜବାହରଲାଲ ନେହେରୁ ଇନ୍‌ଡୋର ଷ୍ଟାଡିୟମରେ ଚାଲିଥିବା ଏହି ମେଗା ପ୍ରତିଯୋଗିତାର ଶୁକ୍ରବାର ଉଭୟ ପୁରୁଷ ଓ ମହିଳା ବିଭାଗରେ ଭାରତୀୟ ଦଳ ଚାମ୍ପିୟନ ହୋଇଛି। ଉଭୟ ବିଭାଗର ଫାଇନାଲରେ ଭାରତୀୟ ଦଳର ପ୍ରତିଦ୍ୱନ୍ଦ୍ୱୀ ଥିଲା ଇଂଲଣ୍ଡ। ମହିଳା ବିଭାଗରେ ୩-୦ ସେଟରେ ସହଜ ବିଜୟ ହାସଲ କରି ଦଳ ଚାମ୍ପିୟନ ହୋଇଥିବା ବେଳେ ପୁରୁଷ ବିଭାଗର ମୁକାବିଲା ସଂଘର୍ଷପୂର୍ଣ୍ଣ ରହିଥିଲା। ପ୍ରାରମ୍ଭରୁ ପଛରେ ପଡ଼ିଥିବା ଭାରତୀୟ ପୁରୁଷ ଦଳ ୩-୨ ସେଟରେ ଇଂଲଣ୍ଡକୁ ଫାଇନାଲରେ ହରାଇଥିଲେ। ଉଭୟ ବିଭାଗରେ ଇଂଲଣ୍ଡ ରୌପ୍ୟ ଓ ସିଙ୍ଗାପୁର ବ୍ରୋଞ୍ଜ ପଦକ ବିଜୟୀ ହୋଇଛନ୍ତି। ହାଇକୋର୍ଟର ମୁଖ୍ୟ ବିଚାରପତି କେ.ଏସ୍. ଝାବେରୀ, ଅଲିମ୍ପିଆନ ଶୁଟର ଅଭିନବ ବିନ୍ଦ୍ରା ପୁରସ୍କାର ବିତରଣୀ ଉତ୍ସବରେ ଅତିଥି ଭାବେ ଯୋଗ ଦେଇଥିଲେ। ମିକ୍ସଡ ଡବଲ୍ସ ଇଭେଣ୍ଟ ମଧ ଶୁକ୍ରବାର ସନ୍ଧ୍ୟାରୁ ଆରମ୍ଭ ହୋଇଛି। ଶୁକ୍ରବାର ଉଭୟ ବିଭାଗର ସେମିଫାଇନାଲ ମୁକାବିଲା ହୋଇଥିଲା। ମହିଳା ବିଭାଗର ପ୍ରଥମ ସେମିଫାଇନାଲ ଇଂଲଣ୍ଡ ଓ ନାଇଜେରିଆ ଭିତରେ ହୋଇଥିବା ବେଳେ ଇଂଲଣ୍ଡ ୩-୦ ସେଟରେ ବାଜିମାତ କରିଥିଲା। ଦ୍ୱିତୀୟ ସେମି ମୁକାବିଲାରେ ଭାରତ ୩-୦ ସେଟରେ ସିଙ୍ଗାପୁରକୁ ହରାଇ ଫାଇନାଲରେ ପ୍ରବେଶ କରିଥିଲା। ସେହିପରି ପୁରୁଷ ବିଭାଗର ସେମିଫାଇନାଲରେ ମଧ ଭାରତର ମୁକାବିଲା ହୋଇଥିଲା ସିଙ୍ଗାପୁର ସହ। ୩-୦ ସେଟରେ ଭାରତ ଉକ୍ତ ମ୍ୟାଚ୍‌କୁ ଜିତିଥିଲା। ଅନ୍ୟ ଏକ ସେମିଫାଇନାଲରେ ଇଂଲଣ୍ଡ ୩-୧ ସେଟରେ ମାଲେସିଆକୁ ପରାସ୍ତ କରିଥିଲା।

**ପଦକ**

**ପୁରୁଷ ବିଭାଗ**
ସ୍ୱର୍ଣ୍ଣ: ଭାରତ
ରୌପ୍ୟ: ଇଂଲଣ୍ଡ
ବ୍ରୋଞ୍ଜ: ସିଙ୍ଗାପୁର, ମାଲେସିଆ

**ମହିଳା ବିଭାଗ**
ସ୍ୱର୍ଣ୍ଣ: ଭାରତ
ରୌପ୍ୟ: ଇଂଲଣ୍ଡ
ବ୍ରୋଞ୍ଜ: ସିଙ୍ଗାପୁର, ନାଇଜେରିଆ

## ଇଂଲଣ୍ଡ କବ୍‌ଜାରୁ ଟାଇଟଲ ଛଡ଼ାଇଲେ ଶରଥ

ଅଚନ୍ତ ଶରଥ କମଲ ଦମଦାର ପ୍ରଦର୍ଶନ କରି ଦଳକୁ ସ୍ୱର୍ଣ୍ଣିମ ଭେଟି ଦେଇଥିଲେ। ପ୍ରଥମ ସେଟରେ ଶରଥ କମଲ ଇଂଲଣ୍ଡର ଜାର୍ଭିସ ଥୋମାସଙ୍କୁ ଭେଟିଥିଲେ। ଜାର୍ଭିସ ୧୧-୭, ୧୧-୮ ଓ ୧୧-୪ ଗେମରେ ଜିତି ପ୍ରଥମ ସେଟ ପଏଣ୍ଟ ଇଂଲଣ୍ଡକୁ ପ୍ରଦାନ କରିଥିଲେ। ପରବର୍ତ୍ତୀ ସେଟ ମଧ ଇଂଲଣ୍ଡ ଅକ୍ତିଆରକୁ ଯାଇଥିଲା। ଏଥିରେ ସାମୁଏଲ ୱାକର ୫-୧୧, ୯-୧୧ ପ୍ରଥମ ଦୁଇ ଗେମରେ ଜି ସାଥିୟାନଙ୍କ ଠାରୁ ହାରିଥିଲେ ସୁଦ୍ଧା ବଳକା ୩ଟି ଗେମକୁ ୧୧-୪, ୧୧-୮ ଓ ୧୧-୮ ମେଗରେ ଜିତିଥିଲେ। ହରମିତ ଦେଶାଇ ୩ୟ ସେଟକୁ ଜିତି ଭାରତୀୟ ଶିବିରରେ ଆଶା ସଞ୍ଚାର କରିଥିଲେ। ହରମିତ ୪-୧୧, ୧୧-୫, ୮-୧୧, ୧୧-୮,୧୧-୮ ଗେମରେ ଡେଭିଡ ମ୍ୟାକବେଥଙ୍କୁ ହରାଇ ମ୍ୟାଚ୍ ସ୍ଥିତିକୁ ୨-୧ ସେଟରେ ପହଞ୍ଚାଇଥିଲେ। ୪ର୍ଥ ସେଟରେ ଜି ସାଥିୟାଁ ୧୧-୨, ୬-୧୧, ୧୧-୪, ୧୧-୪ ଗେମରେ ଜାର୍ଭିସ ଥୋମାସଙ୍କୁ ପରାସ୍ତ କରିଥିଲେ। ସେଟର ସ୍ଥିତି ୨-୨ରେ ପହଞ୍ଚିଥିଲା। ୫ମ ତଥା ନିର୍ଣ୍ଣାୟକ ସେଟରେ ଶରଥ କମଲଙ୍କର ମୁକାବିଲା ହୋଇଥିଲା ଇଂଲଣ୍ଡର ପ୍ରମୁଖ ଖେଳାଳି ସାମୁଏଲ ୱାକରଙ୍କ ସହ। ପ୍ରଥମ ମେଗରୁ ହିଁ ଏହି ସେଟ ରୋମାଞ୍ଚକର ହୋଇଥିଲା। ୱାକର ଅଗ୍ରଣୀ ନେଉଥିବା ବେଳେ ଶରଥ ଏହି ଗେମରେ ଦମ୍‌ଦାର ପ୍ରତ୍ୟାବର୍ତ୍ତନ କରିଥିଲେ। ପ୍ରଥମ ଗେମ ୧୫-୧୩ରେ ଶରଥ ବିଜୟୀ ହୋଇଥିଲେ। ପରବର୍ତ୍ତୀ ୨ଟି ଯାକ ଗେମ ୧୨-୧୦ ଓ ୧୧-୬ରେ ବିଜୟୀ ହୋଇ ଭାରତ ପାଇଁ ଦଳଗତ ଟାଇଟଲ ନିଶ୍ଚିତ କରିଥିଲେ ଶରଥ। ପୁରୁଷ ବିଭାଗରେ ଭାରତର ସ୍ୱର୍ଣ୍ଣ ପଦକ ଜିତିବାର ଆଶା କିଛି ସମୟ ପାଇଁ ମଉଳି ଯାଇଥିଲା। ପ୍ରାରମ୍ଭରୁ ଇଂଲଣ୍ଡ ଦମ୍‌ଦାର ପ୍ରଦର୍ଶନ କରୁଥିବା ଦେଖିବାକୁ ମିଳିଥିଲା। ହେଲେ ଅନ୍ତିମ ସେଟରେ ପୁରୁଷ ଦଳର ଅଧିନାୟକ ତଥା ଭେଟେରାନ ଖେଳାଳି

## ମନିକା ଓହରିଲେ

ଦଳଗତ ଇଭେଣ୍ଟରେ ଭାରତକୁ ଚାମ୍ପିୟନ କରାଇବାରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିଥିବା ମନିକା ବାତ୍ରା ଶେଷ ମୁହୂର୍ତ୍ତରେ ସିଙ୍ଗଲ୍ସ ଏବଂ ଡବଲ୍ସ ଇଭେଣ୍ଟରୁ ଓହରିଯାଇଛନ୍ତି। ଅସୁସ୍ଥ ଥିବାରୁ ସେ ଏଥିରୁ ଓହରିଯାଇଛନ୍ତି ଏବଂ ଶନିବାର ସୁଦ୍ଧା ଘରକୁ ଫେରିଯିବେ ବୋଲି ସୂଚନା ଦେଇଛନ୍ତି ମନିକା। ଏ ସମ୍ପର୍କରେ ସେ ଟେବୁଲ ଟେନିସ ଫେଡେରେଶନ ଅଫ୍ ଇଣ୍ଡିଆ(ଟିଟିଏଫଆଇ)କୁ ଜଣାଇ ଦେଇଛନ୍ତି। ମନିକାଙ୍କ ଅନୁପସ୍ଥିତିରେ ରେଫରିଙ୍କୁ ଆଉଥରେ ଖେଳାଳି ଲାଇନ୍‌ଅପ୍ କରିବାକୁ ପଡ଼ିଛି।

## ମହିଳା ଦଳକୁ ପ୍ରଥମ ଟାଇଟଲ

କଟକ ଅଫିସ,୧୯।୭

ସେମିଫାଇନାଲରେ ସିଙ୍ଗାପୁରକୁ ଓ ଫାଇନାଲରେ ଇଂଲଣ୍ଡକୁ ପରାସ୍ତ କରି ଭାରତୀୟ ମହିଳା ଦଳ ପ୍ରଥମଥର ପାଇଁ ରାଜ୍ୟଗୋଷ୍ଠୀ ଟେବୁଲ ଟେନିସ ଚାମ୍ପିୟନ ହେବାର ଗୌରବ ଅର୍ଜନ କରିଛି। ଶୁକ୍ରବାର ଭାରତ ପ୍ରଭାବ ବିସ୍ତାର କରି ଖେଳିବା ସହ ଗତଥରର ଚାମ୍ପିୟନ ସିଙ୍ଗାପୁର ମହିଳା ଦଳକୁ ୩-୦ରେ ପରାସ୍ତ କରି ଇତିହାସ ସୃଷ୍ଟି କରିଛି। ୧୯୯୭ରୁ ସିଙ୍ଗାପୁର ଚାମ୍ପିୟନ ହୋଇଆସୁଥିଲା। ତେବେ ଭାରତ ଏଥର ସିଙ୍ଗାପୁରର ବିଜୟ ରଥକୁ ଅଟକାଇବାରେ ସଫଳ ହୋଇଛି। ସିଙ୍ଗାପୁର କ୍ରମାଗତ ୮ଥର ଟାଇଟଲ ହାସଲ କରିଥିଲା। ଏହି ବିଜୟ ସହ ଭାରତୀୟ ମହିଳା ଟିଟି ଏକ ନୂଆ ଯୁଗରେ ପ୍ରବେଶ କରିଛି।

### ଗୋଲ୍ଡେନ ଗର୍ଲ

ମହିଳା ବିଭାଗର ଫାଇନାଲ ମ୍ୟାଚ୍‌ରେ ଭାରତର ବିଜୟ ଅତ୍ୟନ୍ତ ସହଜ ଥିଲା। ଭାରତ ପକ୍ଷରୁ ଇଂଲଣ୍ଡ ବିପକ୍ଷ ଫାଇନାଲକୁ ଓହ୍ଲାଇଥିଲେ ଅର୍ଚ୍ଚନା କାମଥ, ମନିକା ବାତ୍ରା ଓ ମାଧୁରିକା ପାଟେକର। ଅଭିଜ୍ଞ ଅର୍ଚ୍ଚନା-ମୋନିକା-ମାଧୁରିକା ଭାରତ ପାଇଁ ଉକ୍ତ ଟୁର୍ନାମେଣ୍ଟରେ ଗୋଲ୍ଡେନ ଗାର୍ଲ ପାଲଟିଛନ୍ତି। ମାତ୍ର ୩ଟି ସେଟରେ ଇଂଲଣ୍ଡକୁ ଧୂଳି ଚଟାଇ ଦେଇଥିଲା ଭାରତ। ପ୍ରଥମ ସେଟର ପ୍ରଥମ ଗେମରେ ଅର୍ଚ୍ଚନା ୮-୧୧ରେ ହୋ ଟିନଟିନଙ୍କ ଠାରୁ ପରାସ୍ତ ହୋଇଥିଲା। ମାତ୍ର ଏହା ପରବର୍ତ୍ତୀ ୩ଟି ଗେମରେ ଅର୍ଚ୍ଚନା ୧୩-୧୧, ୧୧-୯, ୧୧-୯ରେ ଜିତିଥିଲେ। ଦ୍ୱିତୀୟ ସେଟରେ ମୋନିକା ୧୧-୬, ୧୧-୪, ୧୧-୩ ଗେମରେ ପେୟେଟ ଡେନିସଙ୍କୁ ଓ ତୃତୀୟ ସେଟରେ ମାଧୁରିକା ୧୧-୯, ୧୧-୭, ୧୧-୬ ଗେମରେ ବୋଲ୍ଟନ ଏମିଲିଙ୍କୁ ପରାସ୍ତ କରିଥିଲେ।

### ଜନ୍ମଦିନର ଭେଟି ଦେଲେ ହରମିତ

ଭାରତୀୟ ଟିଟି କ୍ରୀଡ଼ାର ଯୁବ ତାରକା ହରମିତ ଦେଶାଇଙ୍କର ଶୁକ୍ରବାର ଜନ୍ମଦିନ ଥିଲା। ସୁରଟରେ ଜନ୍ମିତ ଏହି ପ୍ରତିଭାବାନ ଖେଳାଳି ୨୬ବର୍ଷରେ ପଦାର୍ପଣ କରିଛନ୍ତି। ତେବେ ଇଂଲଣ୍ଡ ବିପକ୍ଷ ଫାଇନାଲ ମୁକାବିଲାରେ ହରମିତଙ୍କ ପ୍ରଦର୍ଶନ ତାଙ୍କୁ ଚିରସ୍ମରଣୀୟ କରିବ। ତାରକା ଖେଳାଳି ଶରଥ କମଲ ଓ ଜି ସାଥିୟାନ ପ୍ରଥମ ଦୁଇଟି ସେଟ ହାରି ଭାରତ ପାଇଁ ନିରାଶାଜନକ ପରିସ୍ଥିତି ସୃଷ୍ଟି କରିଥିଲେ। ୩ୟ ସେଟରେ ଇଂଲଣ୍ଡ ବିଜୟୀ ହୋଇଥିଲେ ଘରୋଇ ଦଳ ଭାରତ ହାତରୁ ଟାଇଟଲ ଚାଲି ଯାଇଥାନ୍ତା। ହେଲେ ହରମିତ ଏହି ସେଟରେ ଡେଭିଡ ମ୍ୟାକବେଥଙ୍କୁ ପରାସ୍ତକରି ଟାଇଟଲ ଆଶା ଜୀବିତ ରଖିଥିଲେ। ଏହା ତାଙ୍କ କ୍ୟାରିୟରର ଶ୍ରେଷ୍ଠ ମ୍ୟାଚ୍ ବୋଲି ମଧ ସେ ପ୍ରତିକ୍ରିୟାରେ କହିଛନ୍ତି।






୧-ମାସ୍କଟ୍ ଓଲି ସହ ଭାରତର ଅଚନ୍ତ ଶରଥ କମଲ। ୨-ମହିଳା ଦଳଗତ ଫାଇନାଲରେ ଭାରତଠାରୁ ପରାଜିତ ହେବା ପରେ ଦୁଃଖାଭୀଭୂତ ଇଂଲଣ୍ଡର ଖେଳାଳିମାନେ।

## ସେମିଫାଇନାଲରେ ସିନ୍ଧୁ

ଜାକର୍ତ୍ତା,୧୯।୭(ପି.ଟି.)

ଏଠାରେ ଚାଲିଥିବା ଇଣ୍ଡୋନେସିଆ ଓପନ୍ ବ୍ୟାଡମିଣ୍ଟନ ଟୁର୍ନାମେଣ୍ଟରେ ଭାରତୀୟ ମହିଳା ତାରକା ପି.ଭି. ସିନ୍ଧୁ ସେମିଫାଇନାଲରେ ପ୍ରବେଶ କରିଛନ୍ତି। ଶୁକ୍ରବାର ସେ ଜାପାନର ନୋଜୋମି ଓକୁହାରାଙ୍କୁ ପରାସ୍ତ କରି ଅଗ୍ରଗତି କରିଛନ୍ତି। ଟୁର୍ନାମେଣ୍ଟରେ ପଞ୍ଚମ ସିଡ ମାନ୍ୟତା ପାଇଥିବା ଅଲିମ୍ପିକ୍ସ ରୌପ୍ୟପଦକ ବିଜୟିନୀ ସିନ୍ଧୁ ୨୧-୧୪, ୨୧-୭ରେ ତୃତୀୟ ସିଡ ଓକୁହାରାଙ୍କୁ ମାତ୍ର ୪୪ ମିନିଟ୍‌ରେ ପରାସ୍ତ କରିଛନ୍ତି। ସେମିରେ ସିନ୍ଧୁ ଦ୍ୱିତୀୟ ସିଡ ଚାଇନାର ଚେନ୍ ୟୁ ଫେଇଙ୍କୁ ଭେଟିବେ। ବିଶ୍ୱଚାମ୍ପିୟନଶିପ୍‌ରେ ଏକାଧିକ ପଦକ ହାସଲ କରିଥିବା ସିନ୍ଧୁ ମ୍ୟାଚ୍ ଆରମ୍ଭରୁ ଶେଷ ଯାଇ ପ୍ରଭାବବିସ୍ତାର କରି ଖେଳିଥିଲେ। ପ୍ରଥମ ଗେମ୍‌ରେ ସଂଘର୍ଷ ଦେଖିବାକୁ ମିଳିଥିଲା। ତେବେ ଦ୍ୱିତୀୟ ଗେମ୍‌ରେ ଏକପାଖିଆଭାବେ ସିନ୍ଧୁ ବିଜୟୀ ହୋଇଥିଲେ।

ଆଇଏସ୍‌ଏସ୍‌ଏଫ୍ ଜୁନିୟର ଓ୍ୱାର୍ଲ୍ଡ କପ

## ଐଶ୍ୱର୍ଯ୍ୟଙ୍କ ବିଶ୍ୱରେକର୍ଡ ସ୍ୱର୍ଣ୍ଣ

ନୂଆଦିଲ୍ଲୀ,୧୯।୭ (ପି.ଟି.)

ଭାରତର ଉଦୀୟମାନ ଯୁବ ଶୁଟର ଐଶ୍ୱର୍ଯ୍ୟ ପ୍ରତାପ ସିଂ ତୋମାର ପୁରୁଷ ରାଇଫଲ ୩ ପୋଜିଶନରେ ଜୁନିୟର ବିଶ୍ୱରେକର୍ଡ ପ୍ରତିଷ୍ଠା କରିବା ସହ ଆଇଏସ୍‌ଏସ୍‌ଏଫ୍ ଜୁନିୟର ବିଶ୍ୱକପ ଶୁଟିଂରେ ସ୍ୱର୍ଣ୍ଣ ପଦକ ହାସଲ କରିଛନ୍ତି। ଏଥିସହିତ ଜର୍ମାନୀର ସୁଲ୍‌ଠାରେ ଅନୁଷ୍ଠିତ ଏହି ପ୍ରତିଯୋଗିତାରେ ଭାରତୀୟ ଶୁଟରମାନେ ୧୦ ସ୍ୱର୍ଣ୍ଣ, ୯ ରୌପ୍ୟ ଏବଂ ୫ ବ୍ରୋଞ୍ଜ୍ ପଦକ ସହ ମୋଟ ୨୪ ପଦକ ସହ ଅଭିଯାନ ଶେଷ କରିଛନ୍ତି। ମଧ୍ୟପ୍ରଦେଶର ଖାରର୍ଗୋନର ଏହି ଯୁବ ଶୁଟର ୧୨୦ ଶଟ କ୍ୱାଲିଫିକେଶନ ରାଉଣ୍ଡରେ ମୋଟ ୧୧୭୧ ପଏଣ୍ଟ ହାସଲ କରିଥିଲେ। ଏହି ପର୍ଯ୍ୟାୟରେ ସେ ନିଲିଂ, ପ୍ରୋନ୍ ଏବଂ ଷ୍ଟାଣ୍ଡିଂ ପୋଜିଶନରେ ୪୦ଟି ଲେଖାଏଁ ଶୁଟ କରିଥିଲେ। ସେହିପରି ଫାଇନାଲ ରାଉଣ୍ଡରେ ଐଶ୍ୱର୍ଯ୍ୟ ୪୫ଟି ଶୁଟ୍‌ରୁ ୪୫୯.୩ ପଏଣ୍ଟ ହାସଲ କରି ନୂଆ ଜୁନିୟର ବିଶ୍ୱ ରେକର୍ଡ଼ ପ୍ରତିଷ୍ଠା କରି ସ୍ୱର୍ଣ୍ଣ ପଦକ ଜିତିପାରିଥିଲେ।

## ଓଡ଼ିଶାରେ କ୍ରୀଡ଼ା ଭିତ୍ତିଭୂମି ବଢ଼ୁଛି

**ସିଙ୍ଗଲ୍ସ ଇଭେଣ୍ଟରେ ଅଲିମ୍ପିକରେ ସ୍ୱର୍ଣ୍ଣ ପଦକ ବିଜୟୀ ହୋଇଥିବା ଭାରତର ଏକମାତ୍ର ଶୁଟର ଅଭିନବ ବିନ୍ଦ୍ରା ଶୁକ୍ରବାର ଜବାହରଲାଲ ନେହେରୁ ଇନ୍‌ଡୋର ଷ୍ଟାଡିୟମରେ ଅନ୍ୟତମ ଅତିଥି ଥିଲେ। ଏହି ଅବସରରେ ତାଙ୍କ ସହ ସାକ୍ଷାତକାର...**

**ଆଗାମୀ ଦିନରେ ବନ୍ଧୁକଚାଳନା କ୍ରୀଡ଼ାକୁ ନେଇ ଯୋଜନା କ'ଣ ରହିଛି?**

ଅବସର ନେଇ ସାରିଲିଣି। ଏଣୁ ମୋର ଯୋଜନା କିଛି ନାହିଁ। ଭାରତର ପ୍ରଦର୍ଶନକୁ କେବଳ ଟିଭି ମାଧ୍ୟମରେ ଦେଖୁଛି। ହେଲେ ବହୁ ମାତ୍ରାରେ ନୂଆମୁହଁ ଏବେ ବିଭିନ୍ନ କ୍ରୀଡ଼ାରେ ଦେଖିବାକୁ ମିଳୁଛନ୍ତି, ଯାହା ଭାରତରେ କ୍ରୀଡ଼ାର ବିକାଶ ହେଉଛି ବୋଲି କୁହାଯାଇପାରେ। ନବାଗତ ଆସିଲେ ହିଁ ଖେଳର ଢାଞ୍ଚା ବଦଳିବ। ସେମାନେ ଆସିବା ଉଚିତ ମଧ।

**ଆଗାମୀ ରାଜ୍ୟଗୋଷ୍ଠୀ କ୍ରୀଡ଼ାରେ ବନ୍ଧୁକଚାଳନା ବାଦ୍ ପଡ଼ିଛି। ଏହାକୁ ନେଇ ଆପଣଙ୍କ ମତ?**

ଦୁଃଖଦାୟକ ପ୍ରସଙ୍ଗ। ଭାରତୀୟ ବନ୍ଧୁକଚାଳନା ପ୍ରତିଯୋଗୀଙ୍କୁ ଅଧିକ ପରିଶ୍ରମ କରିବାର ଆବଶ୍ୟକତା ରହିଛି। ପରିଶ୍ରମ ଜାରି ରହିଲେ ସମସ୍ତ ଟୁର୍ନାମେଣ୍ଟରେ ଖେଳାଳିମାନେ ଦେଶକୁ ପ୍ରତିନିଧିତ୍ୱ କରିପାରିବେ।

**ଆଗାମୀ ଅଲିମ୍ପିକରେ ଭାରତୀୟ ବନ୍ଧୁକଚାଳନା ପ୍ରତିଯୋଗୀଙ୍କ ପ୍ରଦର୍ଶନ କିପରି ରହିବ ?**

ଭଲ ରହିବ ବୋଲି ମୋର ଆଶା। ଯେଉଁମାନେ ପ୍ରତିନିଧିତ୍ୱ କରିବେ ସେମାନଙ୍କୁ ମୋ ତରଫରୁ ଆଗୁଆ ଶୁଭେଚ୍ଛା ଜଣାଉଛି।

**ଓଡ଼ିଶାରେ କ୍ରୀଡାର ବିକାଶକୁ ନେଇ ଆପଣଙ୍କ ମତ?**

ଗତ କିଛିବର୍ଷ ହେବ ଭାରତୀୟ କ୍ରୀଡ଼ା କ୍ଷେତ୍ରରେ ଓଡ଼ିଶାର ନାଁ ବହୁତ ଶୁଣିବାକୁ ମିଳୁଛି। ଏଣୁ ଏଠାରେ ବିକାଶ ହେଉଛି ବୋଲି ଭାବୁଥିଲି, ଏବେ ଦେଖିବାକୁ ପାଉଛି। ଭିତ୍ତିଭୂମି ବହୁ ସୁନ୍ଦର ହୋଇଛି।



ଅଭିନବ ବିନ୍ଦ୍ରା

ସାକ୍ଷାତ: **କୁମାରଶ୍ରୀ**
ଫଟୋ: **ରାଜକିଶୋର ମହାନ୍ତି**



“ ଆଘାତଜନିତ ସମସ୍ୟା ଦେଇ ଗତି କରୁଥିବା ସାଇନା ନେହ୍ୱାଲ ୨୦୨୦ ଅଲିମ୍ପିକ୍ସ ବେଳକୁ ଫିଟ୍ ହୋଇଯାଇଥିବେ ବୋଲି ମୋର ବିଶ୍ୱାସ।

–ପୁଲେଲା ଗୋପୀଚାନ୍ଦ, ଭାରତୀୟ ବ୍ୟାଡ୍‌ମିଣ୍ଟନ କୋଚ୍



“ ଶନିବାର ଲଢ଼େଇରେ ମୁଁ ମ୍ୟାନି ପାକ୍ୱିଓଙ୍କୁ ପରାସ୍ତ କରିବି, ଯଦ୍ୱାରା ଫିଲିପାଇନ୍ସର ଏହି ବକ୍ସର ଅବସର ନେବାକୁ ବାଧ ହେବେ ।

–କିଥ୍ ଥରମ୍ୟାନ, ଆମେରିକୀୟ ବକ୍ସର

## ସଂକ୍ଷେପରେ

### ଗୋଟିଏ ନିଷ୍ପତ୍ତି ବହୁ କ୍ରିକେଟରଙ୍କ କ୍ୟାରିୟର ଶେଷ କରିଦେଲା

ହରାରେ,୧୯।୭- ଅନ୍ତର୍ଜାତୀୟ କ୍ରିକେଟ ପରିଷଦ (ଆଇସିସି) ଜିମ୍ବାୱେ କ୍ରିକେଟକୁ ସସ୍‌ପେଣ୍ଡ କରିଛି। ଆଇସିସିର ଏଭଳି ନିଷ୍ପତ୍ତି ଜିମ୍ବାୱେର ପ୍ରାୟ କ୍ରିକେଟରଙ୍କ କ୍ୟାରିୟରକୁ ଶେଷ କରି ଦେଇଛି। କ୍ରିକେଟର ସିକନ୍ଦର ରାଜା ଏ ସମ୍ପର୍କରେ ଟୁଇଟ୍ କରି କହିଛନ୍ତି, ଏଭଳି ଅନ୍ତର୍ଜାତୀୟ କ୍ରିକେଟ ଛାଡ଼ିବି ବୋଲି ଚିନ୍ତା କରି ନ ଥିଲି। କେଉଁ ଭଳି ଏକ ନିଷ୍ପତ୍ତି ଗୋଟିଏ ଦଳକୁ ଅଜଣା କରିଦେଲା। ଏହାଦ୍ୱାରା ବହୁ କ୍ରିକେଟର ଓ ଲୋକ ରୋଜଗାର ହରାଇ ବସିଲେ, ଯାହାକି ବହୁ ପରିବାରକୁ ପ୍ରଭାବିତ କରିବ। ଏହା ବହୁ କ୍ରିକେଟରଙ୍କ କ୍ୟାରିୟରର ଶେଷ କରିଦେଇଛି ବୋଲି ରାଜା ଟୁଇଟ୍ କରିଛନ୍ତି। ସେହିଭଳି ପୂର୍ବତନ ଅଧିନାୟକ ବ୍ରେଣ୍ଡନ ଟେଲର ଲେଖିଛନ୍ତି, ଜିମ୍ବାୱେ କ୍ରିକେଟକୁ ସସ୍‌ପେଣ୍ଡ କରିବା ଆଇସିସିର ନିଷ୍ପତ୍ତି ହୃଦୟବିଦାରକ। ଆମକୁ କୌଣସି ସରକାରୀ ସହାୟତା ମିଳୁନାହିଁ। ବହୁ ଖେଳାଳି, ସପୋର୍ଟ ଷ୍ଟାଫ, ଗ୍ରାଉଣ୍ଡ ଷ୍ଟାଫ ବେକାରି ହୋଇଗଲେ। ଉଲ୍ଲେଖଥାଉ କି, ଦୁର୍ନୀତି ଅଭିଯୋଗ ଆସିବା ପରେ ଜିମ୍ବାୱେ କ୍ରିକେଟର ସମସ୍ତ କର୍ମକର୍ତ୍ତାଙ୍କୁ ବହିଷ୍କୃତ କରିବା ସହ ଏକ ସରକାରୀ ଏଜେନ୍ସି ସ୍ପୋର୍ଟ୍ସ ଆଣ୍ଡ୍ ରିକ୍ରିଏଶନ କମିଟି (ଏସ୍‌ଆର୍‌ସି) ପରିଚାଳନା ଦାୟିତ୍ୱ ହାତକୁ ନେଇଛି। ଯାହାଫଳରେ ଦେଶ ଆଇସିସିର ଧାରା ୨.୪ (ସି) ଏବଂ ଡି'ର ଉଲ୍ଲଂଘନ କରିଛି।

### ଧିମା ବୋଲିଂ ହାର ପାଇଁ ସସ୍‌ପେଣ୍ଡ ହେବେ ନାହିଁ ଅଧିନାୟକ: ଆଇସିସି

ଲଣ୍ଡନ,୧୯।୭(ପି.ଟି.): ଏଣିକି ଟେଷ୍ଟ କ୍ରିକେଟରେ ଧୀମା ବୋଲିଂ ଲାଗି କୌଣସି ଅନ୍ତର୍ଜାତୀୟ ଅଧିନାୟକଙ୍କୁ ନିଲମ୍ବନ କରାଯିବ ନାହିଁ। ବରଂ ଏଭଳି ନିୟମ ଭଙ୍ଗକଲେ ପୂରା ଟିମ୍‌କୁ ଡକ ପଏଣ୍ଟ ଦିଆଯିବା ସହ ପ୍ରତ୍ୟେକ ଖେଳାଳିଙ୍କୁ ଦଣ୍ଡିତ କରାଯିବ ବୋଲି ଆଇସିସି ନିଷ୍ପତ୍ତି ନେଇଛି। ଆସନ୍ତା ଆଇସିସି ଟେଷ୍ଟ ଚାମ୍ପିୟନଶିପରୁ ଏହି ନିୟମ ଲାଗୁ କରାଯିବ। ଆଇସିସି କ୍ରିକେଟ କମିଟି ପକ୍ଷରୁ ଏହି ନୂଆ ନିୟମ ପାଇଁ ସୁପାରିସ କରାଯାଇଥିବା ବେଳେ ଆଇସିସି ବୋର୍ଡ ଏହାକୁ ସ୍ୱୀକୃତି ଦେଇଛି। ଆସନ୍ତା ଅଗଷ୍ଟ ୧ ତାରିଖରୁ ଆରମ୍ଭ ହେବାକୁ ଥିବା ଆସେସ ଟେଷ୍ଟରୁ ବିଶ୍ୱ ଟେଷ୍ଟ ଚାମ୍ପିୟନଶିପ ଆରମ୍ଭ ହୋଇ ୨୦୨୧ ପର୍ଯ୍ୟନ୍ତ ଅନୁଷ୍ଠିତ ହେବ। ବିଶ୍ୱ ଟେଷ୍ଟ ଚାମ୍ପିୟନଶିପ ମ୍ୟାଚ ଶେଷ ବେଳକୁ ଯେଉଁ ଟିମ୍ ନିର୍ଦ୍ଧାରିତ ସମୟଠୁ କମ୍ ଓଭର ବୋଲିଂ କରିଥିବ ସେହି ଟିମ୍‌କୁ କମ୍ ରହିଥିବା ପ୍ରତ୍ୟେକ ଓଭର ପିଛା ୨ଟି କମ୍ପିଟିସନ ପଏଣ୍ଟ ହରାଇବାକୁ ପଡ଼ିବ ବୋଲି ଆଇସିସି ପକ୍ଷରୁ କୁହାଯାଇଛି। ପୂର୍ବ ନିୟମାନୁଯାୟୀ ଗୋଟିଏ ବର୍ଷରେ ୨ଥର ସ୍ଲୋ ଓଭର ରେଟ୍ ଘଟଣାରେ ଜଡ଼ିତ ରହିଥିବା ଅଧିନାୟକଙ୍କୁ ପରବର୍ତ୍ତୀ ଗୋଟିଏ ମ୍ୟାଚରୁ ସସ୍‌ପେଣ୍ଡ କରାଯାଉଥିଲା। ଆହୁରି ମଧ ନୋ-ବଲ ଡାକିବା ଲାଗି ରି-ପ୍ଲେ'କୁ ନେଇ ଅଧିକ ତର୍ଜମା କରାଯିବା ଆବଶ୍ୟକତା ରହିଛି ବୋଲି କ୍ରିକେଟ କମିଟି ସୁପାରିସ କରିଥିବାବେଳେ ଆଇସିସି ଏହାକୁ ସମର୍ଥନ ଜଣାଇଛି।

# ଆଇସିସି ବାସନ୍ଦ ପରେ ଜିମ୍ବାୱେ କ୍ରିକେଟର ନିରାଶ

ହରାରେ, ୧୯।୭(ପି.ଟି.)

କ୍ରିକେଟ ବ୍ୟାପାରରେ ସରକାରଙ୍କ ଅବାଞ୍ଛିତ ହସ୍ତକ୍ଷେପ କାରଣରୁ ଅନ୍ତର୍ଜାତୀୟ କ୍ରିକେଟ କାଉନସିଲ (ଆଇସିସି) ଜିମ୍ବାୱେକୁ ବାସନ୍ଦ କରିଛି। ଆଇସିସିର ଏହି କଠୋର ପଦକ୍ଷେପରେ ଜିମ୍ବାୱେ ଓ ତା'ର ତାରକା କ୍ରିକେଟରମାନେ ଚକିତ ହେବା ସହ ନିରାଶ ହୋଇଛନ୍ତି। ଏହି ନିଷ୍ପତ୍ତି ସେମାନଙ୍କ କ୍ୟାରିୟରକୁ ଅନ୍ଧାରକୁ ଠେଲି ଦେଇଛି ଖେଳାଳିମାନେ ଅଭିଯୋଗ ଆଣିଛନ୍ତି।

ସରକାରଙ୍କ ପ୍ରଭାବ ଓ ହସ୍ତକ୍ଷେପ କାରଣରୁ ଆଇସିସି ସମ୍ବିଧାନର ଖୋଲାଖୋଲି ଉଲ୍ଲଂଘନ ହେଉଥିଲା। ଫଳରେ ଗୁରୁବାର ଜିମ୍ବାୱେ କ୍ରିକେଟକୁ ବାସନ୍ଦ କରାଯାଇଥିଲା। ଜିମ୍ବାୱେ ତାରକା କ୍ରିକେଟର ସିକନ୍ଦର ରାଜା ଏଥିରେ ନିରାଶ ବ୍ୟକ୍ତି କରିଛନ୍ତି। ଏ ଭଳି ଢ଼ଙ୍ଗରେ




କ୍ରିକେଟରୁ ବିଦାୟ ନେବାକୁ କେବେ ଭାବ ନ ଥିଲି ବୋଲି ବେଶ୍ ଭାବପ୍ରବଣ ହୋଇ ସେ ଟୁଇଟ୍ କରି ଜଣାଇଛନ୍ତି। ଗୋଟିଏ ନିଷ୍ପତ୍ତି ସାରା ଦଳକୁ ଏକଘରକିଆ କରିଦେଇଛି। ଏହା ଦ୍ୱାରା ବହୁ ଲୋକ ସେମାନଙ୍କ ଜୀବିକା ହରାଇଛନ୍ତି। ଏହାଦ୍ୱାରା ସେମାନଙ୍କ ପରିବାର ମଧ କ୍ଷତିଗ୍ରସ୍ତ ହେବ। ବାସନ୍ଦ ହେବା ଫଳରେ ଆଇସିସି ଜିମ୍ବାୱେ କ୍ରିକେଟକୁ



ଆଉ କୌଣସି ଅନୁଦାନ ଦେବନାହିଁ।

ପୂର୍ବତନ ଜିମ୍ବାୱେ ଅଧିନାୟକ ବ୍ରେଣ୍ଡନ ଟେଲର ଆଇସିସିର ଏଭଳି କଠୋର ନିଷ୍ପତ୍ତି କ୍ରିକେଟ ସହିତ ଜଡ଼ିତ ରହିଆସିଥିବା ବହୁ ଲୋକଙ୍କ କ୍ୟାରିୟରକୁ ଶେଷ କରିଦେଇଛି। ଶହଶହ ସଂଖ୍ୟାରେ ସଚ୍ଚୋଟ ଲୋକ, ଖେଳାଳି, ସପୋର୍ଟ ଷ୍ଟାଫ୍, ଗ୍ରାଉଣ୍ଡ ଷ୍ଟାଫ୍ ସେମାନଙ୍କ ଚାକିରି ହରାଇଛନ୍ତି ବୋଲି ଟେଲର ଟୁଇଟ କରି ଜଣାଇଛନ୍ତି। ଜିମ୍ବାୱେ ଦ୍ରୁତ ବୋଲର କାଇଲ ଜାର୍ଭିସ ମଧ ଏଥିରେ ନିରାଶ ବ୍ୟକ୍ତ କରିଛନ୍ତି। ଜିମ୍ବାୱେ ଅଲରାଉଣ୍ଡର ସୋଲୋମୋନ ମାଇର କ୍ରିକେଟର ସବୁ ଫର୍ମାଟରୁ ଅବସର ଘୋଷଣା କରିଛନ୍ତି। ଏ ସଂକ୍ରାନ୍ତରେ ଖେଳାଳି ଓ ଟେକ୍‌ନିକାଲ ଷ୍ଟାଫ୍‌ଙ୍କୁ ଜଣାଇଛି ବୋଲି ସେ ତାଙ୍କ ଇନ୍‌ଷ୍ଟାଗ୍ରାମ୍ ପେଜରେ ଉଲ୍ଲେଖ କରିଛନ୍ତି। ଆଇସିସିର ଏହି ନିଷ୍ପତ୍ତି ଦୁର୍ଭାଗ୍ୟଜନକ ବୋଲି ୨୯ ବର୍ଷୀୟ ସୋଲୋମୋନ କହିଛନ୍ତି। ସେ ଜିମ୍ବାୱେ ପାଇଁ ୪୭ଟି ଦିନିକିଆ ମ୍ୟାଚ୍ ଖେଳିଛନ୍ତି। ଉଲ୍ଲେଖଥାଉ କି, ଜିମ୍ବାୱେ ୨୦୨୦ ଜାନୁୟାରୀରେ ଭାରତ ଗସ୍ତ କରି ୩ଟି ଟି୨୦ ମ୍ୟାଚ୍ ଖେଳିବା କାର୍ଯ୍ୟକ୍ରମ ରହିଥିଲା। ଶେଷଥର ପାଇଁ ଜିମ୍ବାୱେ ୨୦୦୨ ଫେବୃୟାରୀ ଓ ମାର୍ଚ୍ଚରେ ଭାରତ ଗସ୍ତ କରିଥିଲା।

### ନିଷ୍ପତ୍ତି ଦୁଃଖଦାୟକ: ଅଶ୍ୱିନ

ନୂଆଦିଲ୍ଲୀ, ୧୯।୭(ପି.ଟି.)

ଆଇସିସି ଜିମ୍ବାୱେକୁ ବାସନ୍ଦ କରିବା ପରେ ଏହାର ପ୍ରଭାବ କ୍ରିକେଟ ପାୱାର ହାଉସ୍ କୁହାଯାଉଥିବା ଭାରତରେ ମଧ ଦେଖିବାକୁ ମିଳିଛି। ଅଭିଜ୍ଞ ଅଫ୍ ସ୍ପିନର ରବିଚନ୍ଦ୍ରନ ଅଶ୍ୱିନ୍ ମଧ ଆଇସିସିର ଏହି ନିଷ୍ପତ୍ତିକୁ ହୃଦୟ ବିଦାରକ ଓ କଠୋର ବୋଲି କହିଛନ୍ତି। ଏହା ଦ୍ୱାରା ଜିମ୍ବାୱେ କ୍ରିକେଟର ଓ କ୍ରିକେଟ ସହିତ ଜଡିତ ରହିଆସିଥିବା ବ୍ୟକ୍ତିମାନେ ସେମାନଙ୍କ ଜୀବିକା ହରାଇଛନ୍ତି। ସିକନ୍ଦର ରାଜାଙ୍କ ଟୁଇଟ୍ ପଢ଼ି ମୁଁ ନିରାଶ ହୋଇଛି। ଖୁବ୍ ଶୀଘ୍ର କ୍ରିକେଟକୁ ଭଲ ପାଉଥିବା ଏହି ଦେଶ ପୁଣି ଥରେ ଅନ୍ତର୍ଜାତୀୟ ସ୍ତରକୁ ପ୍ରତ୍ୟାବର୍ତ୍ତନ କରୁ ଅଶ୍ୱିନ ଟୁଇଟ କରି ଜଣାଇଛନ୍ତି।

ଉଲ୍ଲେଖଥାଉ କି, ଜିମ୍ବାୱେ ବୋର୍ଡର ନବନିର୍ବାଚିତ ସଭ୍ୟାଙ୍କୁ ସରକାରଙ୍କ ଏଜେନ୍ସି ସ୍ପୋର୍ଟ୍ସ ଆଣ୍ଡ ରିକ୍ରିଏସନ କମିଟି (ଏସ୍‌ଆରସି) ସସ୍‌ପେଣ୍ଡ କରିଛି। ଏହି ଆଇସିସିର ୨.୪ (ସି) ଓ ଡି ଅନୁଚ୍ଛେଦର ଉଲ୍ଲଂଘନ କରୁଛି ଓ ଏହା ଦ୍ୱାରା କ୍ରିକେଟ ବ୍ୟାପାରରେ ସରକାର ଖୋଲାଖୋଲି ହସ୍ତକ୍ଷେପ କରିଛନ୍ତି ବୋଲି ଆଇସିସି ତରଫରୁ କୁହାଯାଇଛି। ଜିମ୍ବାୱେ କ୍ରିକେଟକୁ ଆଇସିସି କୌଣସି ପାଣ୍ଠି ଦେବ ନାହିଁ। କେବଳ ସେତିକି ନୁହେଁ ଆଇସିସିର କୌଣସି ଇଭେଣ୍ଟରେ ଜିମ୍ବାୱେ ଏବେ ଅଂଶଗ୍ରହଣ କରିପାରିବ ନାହିଁ। ଆଗାମୀ ୩ ମାସ ମଧରେ ଜିମ୍ବାୱେ ବୋର୍ଡର ନିର୍ବାଚିତ ସଦସ୍ୟମାନଙ୍କୁ ପୁଣିଥରେ ସେମାନଙ୍କ ପଦରେ ଅବସ୍ଥାପିତ କରିବାକୁ ଆଇସିସି ନିର୍ଦ୍ଦେଶ ଦେଇଛି। ଅକ୍ଟୋବରରେ ହେବାକୁ ଥିବା ବୋର୍ଡ ବୈଠକରେ ଏ ନେଇ ହୋଇଥିବା ପ୍ରଗତି ସମ୍ପର୍କରେ ଆଲୋଚନା କରାଯିବ ବୋଲି କୁହାଯାଇଛି। ନିଷ୍ପତ୍ତି ନେବା ପୂର୍ବରୁ ଆଇସିସି ବୋର୍ଡ ଜିମ୍ବାୱେ ସରକାରଙ୍କ ସ୍ପୋର୍ଟ୍ସ ଓ ରିକ୍ରିଏସନ କମିଟି ଓ ଜିମ୍ବାୱେ ବୋର୍ଡର ପ୍ରତିନିଧିଙ୍କ ସହ ଆଲୋଚାନ କରିବା ପରେ ଯାଇ ଏହି ନିଷ୍ପତ୍ତି ନେଇଥିଲା।

### ଅକ୍ଟୋବର ପରେ ବିସିସିଆଇ ନିଷ୍ପତ୍ତି ନେବ

ନୂଆଦିଲ୍ଲୀ, ୧୯।୭(ପି.ଟି.)– ଜିମ୍ବାୱେକୁ ଆଇସିସି ବାସନ୍ଦ କରିବା ପରେ ଆସନ୍ତା ଜାନୁୟାରୀରେ ଖେଳାଯିବାକୁ ଥିବା ଭାରତ- ଜିମ୍ବାୱେ ସୀମିତ ଓଭର ସିରିଜ ନେଇ ଆଶଙ୍କା ପ୍ରକାଶ ପାଇଛି। ତେବେ ବିକଳ୍ପ ପଦକ୍ଷେପ ବା ନିଷ୍ପତ୍ତି ନେବା ପାଇଁ ଭାରତୀୟ କ୍ରିକେଟ କଣ୍ଟ୍ରୋଲ ବୋର୍ଡ (ବିସିସିଆଇ) ଆସନ୍ତା ଅକ୍ଟୋବର ପର୍ଯ୍ୟନ୍ତ ଅପେକ୍ଷା କରିବ। ଜାନୁୟାରୀରେ ଘରୋଇ ପରିବେଶରେ ଭାରତ ଜିମ୍ବାୱେ ବିପକ୍ଷରେ ଏକ ୩ ମ୍ୟାଚ୍ ବିଶିଷ୍ଟ ଟି୨୦ ସିରଜ ଖେଳିବାର କାର୍ଯ୍ୟକ୍ରମ ରହିଛି। ଗୁଆହାଟୀରେ ପ୍ରଥମ ଟି୨– ଜାନୁୟାରୀ ୫ ତାରିଖରେ ଖେଳାଯିବାର କାର୍ଯ୍ୟକ୍ରମେ ରହିଛି। ସେହିପରି ୭ରେ ଇନ୍ଦୋରରେ ଓ ୧୦ରେ ପୁଣେରେ ଯାଥାକ୍ରମ ଦ୍ୱିତୀୟ ଓ ତୃତୀୟ ଟି୨୦ ଖେଳାଯିବାର କାର୍ଯ୍ୟକ୍ରମ ଥିଲା। ତେବେ ଜିମ୍ବାୱେ ବାସନ୍ଦ ହେବା ପରେ ଏହି ସିରିଜ୍ ଆୟୋଜନ ନେଇ ଆଶଙ୍କା ପ୍ରକାଶ ପାଇଛି।

ଏବେ କୌଣସି ବିକଳ୍ପ ଯୋଜନା ନେଇ ଆମେ ଚିନ୍ତା କରୁନାହୁଁ। ଅକ୍ଟୋବର ୧୬ରେ ଆଇସିସିର କ୍ୱାର୍ଟଲି ମିଟିଂ ଆୟୋଜନ ହେବ। ଆଇସିସି ମଧ ଜିମ୍ବାୱେକୁ ପରିସ୍ଥିତି ସୁଧାରିବା ପାଇଁ ୩ ମାସ ସମୟ ଦେଇଛି। ତେଣୁ ସେ ପର୍ଯ୍ୟନ୍ତ ଆମକୁ ଅପେକ୍ଷା କରିବାକୁ ହେବ ବୋଲି ବିସିସିଆଇର ଜଣେ ବରିଷ୍ଠ ଅଧିକାରୀ କହିଛନ୍ତି। ତେବେ ଯଦି ଜିମ୍ବାୱେ କ୍ରିକେଟ ଆଇସିସିଠାରୁ ସବୁଜ ସଙ୍କେତ ନ ପାଏ ତାହେଲେ ଆମକୁ କିଛି ଯୋଜନା ଆପଣାଇବାକୁ ହେବ। ଆଇସିସିର ଫୁଲ ମେମ୍ବର ଯଥା ଆଫଗାନିସ୍ତାନ, ଶ୍ରୀଲଙ୍କା ଓ ୱେଷ୍ଟଇଣ୍ଡିଜ୍ ଯଦି ସେତେବେଳେ କୌଣସି ସିରିଜ ଖେଳୁ ନ ଥାନ୍ତି ତାହେଲେ ଭାରତ ଆସି ସିରିଜ ଖେଳିବା ନେଇ ସମ୍ଭାବନା ରହିବ। ତେବେ ଅକ୍ଟୋବର ପରେ ଯାଇ ସ୍ଥିତି ସ୍ପଷ୍ଟ ହେବ ବୋଲି ସେ କହିଛନ୍ତି।

## ଓମିନ୍ଦରଙ୍କୁ ଡବଲ ଟାଇଟଲ

ଭୁବନେଶ୍ୱର, ୧୯।୭(କ୍ରୀଡ଼ା ପ୍ରତିନିଧି)

ରାଜ୍ୟ କ୍ରୀଡ଼ା ଓ ଯୁବସେବା ବିଭାଗ ଆନୁକୂଲ୍ୟରେ ମେଣ୍ଢାଶାଳସ୍ଥିତ ଗୁରୁକୁଳ ରିସର୍ଟ ଟେନିସ କମ୍ପ୍ଲେକ୍ସରେ ଏଆଇଟିଏ-ଓଟିଏ ପୁରୁଷ ଟେନିସ ଟୁର୍ନାମେଣ୍ଟ ଶୁକ୍ରବାର ଶେଷ ହୋଇଛି। ଗତ ୧୫ ତାରିଖରୁ ଆରମ୍ଭ ହୋଇଥିବା ଏହି ପ୍ରତିଯୋଗିତାର ଉଭୟ ସିଙ୍ଗଲ୍ସ ଓ ଡବଲ୍ସରେ ଚାମ୍ପିୟନ ହୋଇ ଡବଲ ଟାଇଟଲ ହାସଲ କରିଛନ୍ତି ହରିୟାଣାର ଓମିନ୍ଦର ବୈସୋୟା। ସର୍ବଭାରତୀୟ ର୍‍ୟାଙ୍କ୍‌ର ୯୨ ନମ୍ବର ସ୍ଥାନରେ ଥିବା ଓମିନ୍ଦର ଏଠାରେ ୩ୟ ସିଡ୍‌ଭାବେ ଖେଳିଥିଲେ। ସିଙ୍ଗଲ୍ସ ଫାଇନାଲରେ ସେ ସର୍ବଭାରତୀୟ ର୍‍ୟାଙ୍କ୍‌ର ୮୯ତମ ସ୍ଥାନରେ ଥିବା ତଥା ଟପ୍ ସିଡ୍ ଦିଲ୍ଲୀର ଶୁଭମ୍ ମାଲହୋତ୍ରାଙ୍କୁ ୭-୫, ୬-୪ ସେଟ୍‌ରେ ପରାସ୍ତ କରିଥିଲେ। ଡବଲ୍ସରେ ମହାରାଷ୍ଟ୍ରର ମୈତ୍ରେୟ ଭଗତଙ୍କ ପାର୍ଟନର ହୋଇଥିଲେ ଓମିନ୍ଦର। ଏହି ଯୋଡ଼ି ଫାଇନାଲରେ ରାଜସ୍ଥାନର ଆୟୁଷ ଶର୍ମା ଓ ହରିୟାଣାର ମନଦୀପ ଯାଦବ ଯୋଡ଼ିଙ୍କୁ ୬-୪, ୬-୪ ସେଟ୍‌ରେ ହରାଇ ଟାଇଟଲ ହାସଲ କରିଥିଲେ। ଏହି ପ୍ରତିଯୋଗିତାରେ ପଶ୍ଚିମବଙ୍ଗ, ତାମିଲନାଡୁ, ତେଲେଙ୍ଗାନା, ଆନ୍ଧ୍ର ପ୍ରଦେଶ, ମହାରାଷ୍ଟ୍ର, ରାଜସ୍ଥାନ, ଛତିଶଗଡ଼, ଗୁଜରାଟ, ଉତ୍ତର ପ୍ରଦେଶ, ଦିଲ୍ଲୀ, ହରିୟାଣା, ବିହାର ଓ ଆୟୋଜକ ଓଡ଼ିଶା ଆଦି ୧୩ ରାଜ୍ୟର ୪୪ ପ୍ରତିଯୋଗୀ ଅଂଶଗ୍ରହଣ କରିଥିଲେ। ଚାମ୍ପିୟନ୍ସ ଓ ରନର୍ସଅପ୍ ପ୍ରତିଯୋଗୀ ଯଥାକ୍ରମେ ୨୦ ଓ ୧୫ ର୍‍ୟାଙ୍କିଙ୍ଗ୍ ପଏଣ୍ଟ ପାଇବା ସହ ୧୨,୫୦୦ ଓ ୮,୪୦୦ ଟଙ୍କା ପୁରସ୍କାର ଆକାରରେ ପାଇଛନ୍ତି। ଡବଲ୍ସ ଚାମ୍ପିୟନ ଓ ରନର୍ସଅପ୍ ଯଥାକ୍ରମେ ୧୫ ଓ ୧୦ ର୍‍ୟାଙ୍କିଙ୍ଗ୍ ପଏଣ୍ଟ ପାଇଛନ୍ତି। ପୁରସ୍କାର ଆକାରରେ ଏମାନଙ୍କୁ ୬,୨୦୦ ଓ ୩,୮୦୦ଟଙ୍କା ମିଳିଛି। ଉଦ୍‌ଯାପନୀ ଉତ୍ସବରେ ଗୁରୁକୁଳ ରିସର୍ଟର ନିର୍ଦ୍ଦେଶକ ଚିନ୍ମୟ ପ୍ରଧାନ, ଟୁର୍ନାମେଣ୍ଟ ରେଫରି ଜତୀନ ବୈଶ୍ୟ, ଓଡ଼ିଶା ଟେବୁଲ ଟେନିସ ଆସୋସିଏଶନ ମ୍ୟାନେଜର ପ୍ରକାଶ ପଟ୍ଟନାୟକ ପ୍ରମୁଖ ଉପସ୍ଥିତ ଥିଲେ। ଚିନ୍ମୟଙ୍କ ମା' ଡକ୍ଟର ଜେ. ନାୟକ ଅତିଥିଭାବେ ଯୋଗଦେଇ ପୁରସ୍କାର ପ୍ରଦାନ କରିଥିଲେ।

ଗୁରୁକୁଳ ଟେନିସ



ଓମିନ୍ଦର ବୈସୋୟା ଓ ଶୁଭମ୍ ମାଲହୋତ୍ରା

## ରଣଜୀ ଟ୍ରଫି ନକ୍‌ଆଉଟରେ ବ୍ୟବହାର ହେବ ଡିଆରଏସ୍

ନୂଆଦିଲ୍ଲୀ,୧୯।୭(ପିଟି)

ଭାରତୀୟ କ୍ରିକେଟ କଣ୍ଟ୍ରୋଲ ବୋର୍ଡ (ବିସିସିଆଇ) ଆଗାମୀ ରଣଜୀ ଟ୍ରଫିରେ ସୀମିତ ସଂଖ୍ୟକ ଡିଆରଏସ୍ (ଅମ୍ପାୟରଙ୍କ ନିଷ୍ପତ୍ତିର ପୁନଃ ବିଚାର) ବ୍ୟବହାର କରିବାକୁ ନିଷ୍ପତ୍ତି ନେଇଛି। ତେବେ ଏହା କେବଳ ରଣଜୀ ଟ୍ରଫିର ନକ୍‌ଆଉଟ୍ ପର୍ଯ୍ୟାୟରେ ବ୍ୟବହାର ହେବ। ଗତ ସିଜନରେ ବହୁ ଗୁରୁତ୍ୱପୂର୍ଣ୍ଣ ରଣଜୀ ମ୍ୟାଚ୍‌ରେ ଅମ୍ପାୟରଙ୍କ ବହୁ ତ୍ରୁଟିପୂର୍ଣ୍ଣ ଓ ବିବାଦୀୟ ନିଷ୍ପତ୍ତି ନଜିର ଆସିଥିଲା। କର୍ଣ୍ଣାଟକ ଓ ସୌରାଷ୍ଟ୍ର ମଧ୍ୟରେ ଖେଳାଯାଇଥିବା ସେମିଫାଇନାଲରେ ଭାରତୀୟ ଦଳର ଟେଷ୍ଟ ସ୍ପେଶାଲିଷ୍ଟ ଚେତେଶ୍ୱର ପୂଜାରା ଦୁଇଟି ଇନିଂସରେ ଦୁଇ ଥର ଆଉଟ୍ ହେବାରୁ ବର୍ତ୍ତି ଯାଇଥିଲେ। ଗୋଟିଏ ଇନିଂସରେ ସେ ଶତକ ମଧ ଲଗାଇଥିଲେ। ଏଥିଯୋଗୁ କର୍ଣ୍ଣାଟକ ଫାଇନାଲରେ ପ୍ରବେଶ କରିପାରି ନ ଥିଲା। ଭବିଷ୍ୟତରେ ଏଭଳି ପରିସ୍ଥିତିରୁ ବର୍ତ୍ତିବା ଲାଗି ଡିଆରଏସ୍ ବ୍ୟବହାର କରାଯିବା ନିଷ୍ପତ୍ତି ନିଆଯାଇଛି। ଉପଲବ୍ଧ ଥିବା ସମସ୍ତ ଟେକନୋଲୋଜି ଆମେ ବ୍ୟବହାର କରିବୁ। ଏହା ଦ୍ୱାରା ଅନ୍ ଫିଲ୍ଡ ଅମ୍ପାୟରଙ୍କୁ ନିଷ୍ପତ୍ତି ପରିବର୍ତ୍ତନ କରିବାକୁ ସୁଯୋଗ ମିଳିବ।

## ଆଇସିସି ହଲ୍ ଅଫ୍ ଫେମ୍‌ରେ ସଚିନ

ନୂଆଦିଲ୍ଲୀ,୧୯।୭

କିମ୍ବଦନ୍ତୀ ଭାରତୀୟ ବ୍ୟାଟ୍ସମ୍ୟାନ ସଚିନ ତେନ୍ଦୁଲକରଙ୍କୁ ଅନ୍ତର୍ଜାତୀୟ କ୍ରିକେଟ ପରିଷଦ (ଆଇସିସି)ର ହଲ୍ ଅଫ୍ ଫେମ୍‌ରେ ସାମିଲ କରାଯାଇଛି। ପୂର୍ବତନ ଭାରତୀୟ ଅଧିନାୟକଙ୍କ ବ୍ୟତୀତ ଦକ୍ଷିଣ ଆଫ୍ରିକୀୟ କିମ୍ବଦନ୍ତୀ ପେସର ଆଲାନ ଡୋନାଲ୍ଡ ଓ ଦୁଇ ଥର ମହିଳା ବିଶ୍ୱକପ୍ ଚାମ୍ପିୟନ ଅଷ୍ଟ୍ରେଲିଆନ କ୍ରିକେଟର କାଥରିନ ଫିଜପାର୍ଟିକଙ୍କୁ ମଧ ଏହି ସମ୍ମାନଜନକ ତାଲିକାରେ ସ୍ଥାନ ମିଳିଛି। ହଲ ଅଫ୍ ଫେମ୍‌ରେ ସାମିଲ ହେବା ମୋ ପାଇଁ ବଡ଼ ସମ୍ମାନ ବୋଲି ସଚିନ କହିଛନ୍ତି। ଏହି ତାଲିକାରେ ସ୍ଥାନ ପାଇବାରେ ସେ ୬ଷ୍ଠ ଭାରତୀୟ। ତାଙ୍କ ପୂର୍ବରୁ ବିଶେନ ସିଂ ବେଦି (୨୦୦୯), ସୁନୀଲ ଗାଭାସ୍କର (୨୦୦୯), କପିଳ ଦେବ (୨୦୦୯), ଅନିଲ କୁମ୍ବଲେ (୨୦୧୫) ଓ ରାହୁଲ ଦ୍ରାବିଡ (୨୦୧୮) ତାଲିକାରେ ସ୍ଥାନ ପାଇସାରିଛନ୍ତି। ୪୬ ବର୍ଷୀୟ ସଚିନ ସର୍ବକାଳୀନ ଶ୍ରେଷ୍ଠ ବ୍ୟାଟ୍ସମ୍ୟାନ। କ୍ରିକେଟର ପ୍ରାୟ ସମସ୍ତ ବ୍ୟାଟିଂ ରେକର୍ଡ ତାଙ୍କ ନାମରେ ରହିଛି। ଅନ୍ତର୍ଜାତୀୟ କ୍ରିକେଟରେ ଏକମାତ୍ର ବ୍ୟାଟ୍ସମ୍ୟାନ ଭବେ ୧୦୦ ଶତକ ଲଗାଇଛନ୍ତି। ଟେଷ୍ଟ ଓ ଦିନିକିଆ ଫର୍ମାଟରେ ସର୍ବାଧିକ ସଂଖ୍ୟକ ଶତକ ଓ ରନ୍ କରିବାର ରେକର୍ଡର ଅଧିକାରୀ ସଚିନ ମୋଟ ଉପରେ ଅନ୍ତର୍ଜାତୀୟ ଫର୍ମାଟରେ ୩୪,୩୫୭ ରନ୍ କରିଛନ୍ତି। ତାଙ୍କ ସଫଳତା ନେଇ ଆଇସିସି ଏକ ଭିଡିଓ ମଧ ଅପଲୋଡ କରିଛି। ଅନ୍ୟପକ୍ଷରେ ୫୨ ବର୍ଷୀୟ ଡୋନାଲ୍ଡ ଅନ୍ୟତମ ସଫଳତମ ଅନ୍ତର୍ଜାତୀୟ ବୋଲର। ତାଙ୍କ ନାମରେ ୩୩୦ ଟେଷ୍ଟ ଓ ୨୭୨ ଦିନିକିଆ ଉଇକେଟ ରହିଛି। ଅନ୍ତର୍ଜାତୀୟ ମହିଳା କ୍ରିକେଟରେ ଦ୍ୱିତୀୟ ସର୍ବାଧିକ ଉଇକେଟ ନେଇଥିବା ବୋଲର ଫିଜପାର୍ଟିକ (ଦିନିକିଆରେ ୧୮୦ ଓ ଟେଷ୍ଟରେ ୬୦ ଉଇକେଟ) କୋଚ୍ ଭାବେ ଅଷ୍ଟ୍ରେଲିଆ ଦଳକୁ ୩ ଥର ବିଶ୍ୱକପ୍ ଚାମ୍ପିୟନ କରାଇସାରିଛନ୍ତି।



ଆଇସିସି ହଲ୍ ଅଫ୍ ଫେମ୍‌ରେ ସମ୍ମାନିତ ହେବା ଅବସରରେ ସଚିନ ତେନ୍ଦୁଲକର।

## ଡୋପିଂ: ସଞ୍ଜୀବନୀ ଯାଦବ ୨ବର୍ଷ ସସ୍‌ପେଣ୍ଡ

ନୂଆଦିଲ୍ଲୀ, ୧୯।୭ (ପି.ଟି.)

ଡୋପିଂ ନିୟମ ଉଲ୍ଲଂଘନ କରିଥିବାରୁ ଲଙ୍ଗ୍ ଡିଷ୍ଟାନ୍ସ ଧାବିକା ସଞ୍ଜୀବନୀ ଯାଦବ ଇଣ୍ଟରନ୍ୟାଶନାଲ ଆସୋସିଏଶନ ଅଫ୍ ଆଥଲେଟିକ୍ସ ଫେଡେରେଶନ୍ସ (ଆଇଏଏଏଫ୍)ର ଆଥଲେଟିକ୍ସ ଇଣ୍ଟିଗ୍ରିଟି ୟୁନିଟ୍ (ଏଆଇୟୁ) ଦ୍ୱାରା ଦୁଇ ବର୍ଷ ସସ୍‌ପେଣ୍ଡ ହୋଇଛନ୍ତି। ଏହି ୨୩ ବର୍ଷୀୟା ଆଥଲେଟ୍ ୨୦୧୯ ଏସିଆନ ଚାମ୍ପିୟନଶିପ୍ ୧୦,୦୦୦ ମିଟର ଏବଂ ୨୦୧୭ ସଂସ୍କରଣ ୫୦୦୦ ମିଟର ରେସ୍‌ରେ ଗୋଟିଏ ଲେଖାଏଁ ବ୍ରୋଞ୍ଜ ପଦକ ହାସଲ କରିଥିଲେ। ସସ୍‌ପେଣ୍ଡ ଆଦେଶ ପିଛିଲା ୨୦୧୮ ଜୁନ୍ ୨୯ରୁ ଲାଗୁ ହେବ। ଏହାପରେ ସେ ଅଂଶଗ୍ରହଣ କରିଥିବା ପ୍ରତିଯୋଗିତାରେ ତାଙ୍କ ଫଳାଫଳ ରେକର୍ଡରୁ ବାଦ୍ ଦିଆଯିବ। ଭାରତର ନ୍ୟାଶନାଲ ଆଣ୍ଟି ଡୋପିଂ ଏଜେନ୍ସି(ନାଡା) ଚାହିଁଲେ ନିଷ୍ପତ୍ତି ବିରୋଧରେ ସୁଇଜରଲାଣ୍ଡର ଲାଉସାନେସ୍ଥିତ କ୍ରୀଡ଼ାର ସର୍ବୋଚ୍ଚ ନ୍ୟାୟାଳୟ କୋର୍ଟ ଅଫ୍ ଆର୍ବିଟ୍ରେଶନ ଫର ସ୍ପୋର୍ଟ୍ସ (କାସ୍)ରେ ଆବେଦନ କରିପାରିବ। ସୂଚନାଯୋଗ୍ୟ, ୨୦୧୮ ନଭେମ୍ବରରେ ଜାତୀୟ ଆନ୍ତଃ ରାଜ୍ୟ ଆଥଲେଟିକ୍ସ ଚାମ୍ପିୟନଶିପ୍ ବେଳେ ଡୋପ୍ ଟେଷ୍ଟ ସମୟରେ ସଞ୍ଜୀବନୀଙ୍କଠାରୁ ସାମ୍ପଲ ସଂଗ୍ରହ କରାଯାଇଥିଲା। ସେଥିରେ ନିଷିଦ୍ଧ ଦ୍ରବ୍ୟ ପ୍ରୋବେନ୍‌ସିଡ୍‌ର ମାତ୍ରା ଠାବ କରାଯାଇଥିଲା। ତାଙ୍କୁ ଗତ ଜୁନ୍‌ରେ ସାମୟିକ ସସ୍‌ପେଣ୍ଡ କରାଯାଇଥିଲା। ସଞ୍ଜୀବନୀଙ୍କଠାରୁ ସଂଗ୍ରହ କରାଯାଇଥିବା ସାମ୍ପଲର ପ୍ରଥମେ ସ୍ଥାନୀୟ ନ୍ୟାଶନାଲ ଡୋପ୍ ଟେଷ୍ଟିଂ ଲାବୋରେଟୋରିରେ ପରୀକ୍ଷା କରାଯାଇଥିଲା। ଏଥିରେ ଫଳାଫଳ ନେଗେଟିଭ ଆସିଥିଲା। ମାତ୍ର ପରବର୍ତ୍ତୀ କାଳରେ ୱାର୍ଲ୍ଡ ଆଣ୍ଟି ଡୋପିଂ ଏଜେନ୍ସି (ୱାଡା)ର ମଣ୍ଟ୍ରିଲ ଲାବୋରେଟୋରିରେ ସାମ୍ପଲର ପୁନଃ ପରୀକ୍ଷାବେଳେ ଏଥିରେ ନିଷିଦ୍ଧ ଦ୍ରବ୍ୟର ମାତ୍ରା ରହିଥିବା ଦେଖିବାକୁ ମିଳିଥିଲା।



ସଞ୍ଜୀବନୀ ଯାଦବ

## 'ଧୋନୀଙ୍କର ଏବେ ଅବସର ଯୋଜନା ନାହିଁ'

ନୂଆଦିଲ୍ଲୀ,୧୯।୭(ପି.ଟି.)

ଭାରତୀୟ ପୂର୍ବତନ ଅଧିନାୟକ ତଥା ଅଭିଜ୍ଞ ଉଇକେଟକିପର ବ୍ୟାଟ୍ସମ୍ୟାନ ମହେନ୍ଦ୍ର ସିଂ ଧୋନୀଙ୍କର ଏବେ ଅବସର ନେଇ କୌଣସି ଯୋଜନା ନାହିଁ। ଏ ସଂକ୍ରାନ୍ତରେ ସୂଚନା ଦେଇଛନ୍ତି ତାଙ୍କ ଦୀର୍ଘଦିନର ବନ୍ଧୁ ତଥା ବିଜ୍‌ନେସ୍ ପାର୍ଟନର ଅରୁନ ପାଣ୍ଡେ। ବିଶ୍ୱକପ୍‌ରେ ଭାରତ ସେମିଫାଇନାଲରେ ନ୍ୟୁଜିଲାଣ୍ଡଠାରୁ ପରାସ୍ତ ହେବା ପରେ ଧୋନୀଙ୍କ ଅବସର ନେଇ ଚର୍ଚ୍ଚା ଓ କଳ୍ପନାଜଳ୍ପନା ଚାଲିଛି। ତେବେ ଧୋନୀଙ୍କର ଏବେ ଏ ନେଇ କୌଣସି ଯୋଜନା ନାହିଁ ବୋଲି ପାଣ୍ଡେ ସ୍ପଷ୍ଟ କରିଛନ୍ତି। ରବିବାର ଭାରତ ୱେଷ୍ଟଇଣ୍ଡିଜ୍ ଗସ୍ତ ପାଇଁ ଦଳ ଘୋଷଣା କରାଯିବାର କାର୍ଯ୍ୟକ୍ରମ ଥିବା ବେଳେ ପାଣ୍ଡେ ଏପରି କହିଛନ୍ତି। ଦଳ ଘୋଷଣା ପରେ ଯାଇ ଧୋନୀ କୌଣସି ନିଷ୍ପତ୍ତି ନେବେ। ଏସଂକ୍ରାନ୍ତରେ ଭାରତୀୟ କ୍ରିକେଟ କଣ୍ଟ୍ରୋଲ ବୋର୍ଡ (ବିସିସିଆଇ) ଅଧିକାରୀମାନେ ଧୋନୀଙ୍କ ସହ ଆଲୋଚନା କରିବେ ବୋଲି ଆଶା କରାଯାଉଛି। ୩୮ ବର୍ଷରେ ପଦାର୍ପଣ କରିଥିବା ଧୋନୀଙ୍କୁ ଆଗାମୀ ୱେଷ୍ଟଇଣ୍ଡିଜ ଗସ୍ତ ପାଇଁ ଦଳରେ ସାମିଲ କରା ନ ଯାଇପାରେ।

## ହକି ଇଣ୍ଡିଆ କୋଚିଂ ଏଜୁକେଶନ ପାଥ୍‌ୱେ ପାଇଁ ପଞ୍ଜୀକରଣ ଆରମ୍ଭ




ଭୁବନେଶ୍ୱର, ୧୯।୭ (ସ୍ପୋର୍ଟ୍ସ ବ୍ୟୁରୋ)

ଚଳିତ ବର୍ଷ ଏପ୍ରିଲରେ ହକି ଇଣ୍ଡିଆ କୋଚିଂ ଏଜୁକେଶନ ପାଥ୍‌ୱେର ପ୍ରଥମ ପର୍ଯ୍ୟାୟ ସଫଳତାର ସହିତ ଅନୁଷ୍ଠିତ ହୋଇଯାଇଛି। ଆସନ୍ତା ଅଗଷ୍ଟ-ସେପ୍ଟେମ୍ବରରେ ଏହାର ଦ୍ୱିତୀୟ ପର୍ଯ୍ୟାୟ ଅନୁଷ୍ଠିତ ହେବ। ଏଥିଲାଗି ହକି ଇଣ୍ଡିଆ ପକ୍ଷରୁ ଲାଗି ପଞ୍ଜୀକରଣ କାର୍ଯ୍ୟ ଆରମ୍ଭ ହୋଇଛି। ଦିନକୁ ଦିନ ଅନ୍ତର୍ଜାତୀୟ ହକିର ଚାହିଦା ବୃଦ୍ଧି ପାଇବାରେ ଲାଗିଛି। ସହଜ ଓ ସରଳ ଶିକ୍ଷା ପଦ୍ଧତିରେ ତୃଣମୂଳ ସ୍ତରର କୋଚ୍‌ମାନଙ୍କୁ ଅନ୍ତର୍ଜାତୀୟମାନର କୋଚ୍‌ରେ ପରିଣତ କରିବା ଏହି କାର୍ଯ୍ୟକ୍ରମର ମୂଳ ଲକ୍ଷ୍ୟ।

ଏହି କାର୍ଯ୍ୟକ୍ରମରେ ସାମିଲ ହେବାକୁ ଚାହୁଁଥିବା ବ୍ୟକ୍ତି ହକି ଇଣ୍ଡିଆ ସହ ଅନୁବନ୍ଧିତ ରାଜ୍ୟ ସଂଘ କିମ୍ବା ଆସୋସିଏଟ ମେମ୍ବର ୟୁନିଟ ଜରିଆରେ କୋଚ୍ ରେଜିଷ୍ଟ୍ରେସନ ଫର୍ମ ପୂରଣକରି ନାମ ପଞ୍ଜୀକୃତ ପାଇଁ ଆବେଦନ କରିପାରିବେ। ଆସନ୍ତା ୨୫ତାରିଖ ସନ୍ଧ୍ୟା ୫ଟା ପଞ୍ଜୀକରଣ ଲାଗି ଶେଷ ସମୟ ଧାର୍ଯ୍ୟ କରାଯାଇଛି। ସେହିପରି ହାଇ ଲେଭଲ 'ବେସିକ', ହାଇ ଲେଭଲ '୧' ଓ ହାଇ ଲେଭଲ '୨' ପାଠ୍ୟକ୍ରମ ପାଇଁ ପାଠ୍ୟକ୍ରମ ଫି ପୈଠ କରିବା ଶେଷ ତାରିଖ ମଧ ସେହିଦିନ ଅର୍ଥାତ୍ ଜୁଲାଇ ୨୫ ତାରିଖ ଧାର୍ଯ୍ୟ କରାଯାଇଛି।

ଧରିତ୍ରୀ
DHARITRI
www.orissakhabar.com/ www.dharitri.com ପୃଷ୍ଠା ୨୦ Press Regd. No. R.N. 21326/74 Postal Regd. No. BN/42/18-20. ଭୁବନେଶ୍ୱର, ଶନିବାର, ଜୁଲାଇ ୨୦/୨୦୧୯ Bhubaneswar, Saturday, July 20/2019

## ସଂକ୍ଷେପରେ

### ଆୟ ବହିର୍ଭୂତ ସମ୍ପତ୍ତି ଠୁଳ ଅଭିଯୋଗ
## ଡିଏଫ୍‌ଓଙ୍କ ଘରେ ଭିଜିଲାନ୍ସ ଯାଞ୍ଚ

**କଟକ ଅଫିସ,୧୯।୭:** ବ୍ରହ୍ମପୁର ବନଖଣ୍ଡ ଅଧିକାରୀ (ଡିଏଫ୍‌ଓ) ଆଶିଷ କୁମାର ବେହେରାଙ୍କ ବିରୋଧରେ ଆୟ ବହିର୍ଭୂତ ସମ୍ପତ୍ତି ଠୁଳ ଅଭିଯୋଗ ହୋଇଛି। ଭୁବନେଶ୍ୱର ସ୍ୱତନ୍ତ୍ର ଭିଜିଲାନ୍ସ ଅଦାଲତ ପକ୍ଷରୁ ତଲାସି ୱାରେଣ୍ଟ ଜାରି କରାଯାଇଥିଲା। ଏହି ୱାରେଣ୍ଟ ବଳରେ ଭିଜିଲାନ୍ସ ସେଲ୍ ପକ୍ଷରୁ ଶୁକ୍ରବାର ଡିଏଫ୍‌ଓ ବେହେରାଙ୍କ ଘର, ଅଫିସ ସମେତ ୬ରୁ ଊର୍ଦ୍ଧ୍ୱ ସ୍ଥାନରେ ଏକକାଳୀନ ଯାଞ୍ଚ କରାଯାଇଛି। ଯାଞ୍ଚ ହୋଇଥିବା ସ୍ଥାନ ମଧ୍ୟରେ ଭୁବନେଶ୍ୱରର ମଣିତ୍ରିଭୁବନ ଆପାର୍ଟମେଣ୍ଟରେ ଥିବା ଫ୍ଲାଟ୍, ବ୍ରହ୍ମପୁର ସରକାରୀ ବାସଭବନ, ବ୍ରହ୍ମପୁରସ୍ଥିତ ବନଖଣ୍ଡ କାର୍ଯ୍ୟାଳୟ, ବେହେରାଙ୍କ ଭଞ୍ଜନଗରସ୍ଥିତ ଘର, ବ୍ରହ୍ମପୁର ଆମ୍ବପୁଆଠାରେ ଥିବା ଶ୍ୱଶୁରଘର, ଦିଗପହଣ୍ଡି ରେଞ୍ଜର ପ୍ରେମାନନ୍ଦ ପାଣିଗ୍ରାହୀଙ୍କ ବ୍ରହ୍ମପୁର ସହରର ଜୟଶ୍ରୀ ଏନ୍‌କ୍ଲେଭ ପରିସରରେ ଥିବା ଆବାସିକ ଘର, ଖଲ୍ଲିକୋଟ୍ ରେଞ୍ଜର ଦିଲୀପ କୁମାର ମାର୍ଥାଙ୍କ କୋଟେପେଟାଠାରେ ଥିବା ଘର ଓ ଅଫିସକୁ ଭିଜିଲାନ୍ସ ଯାଞ୍ଚ କରିଛି। ତେବେ ଯାଞ୍ଚରୁ ଠାବ ସମ୍ପତ୍ତିଗୁଡ଼ିକର ଆକଳନ ଚାଲିଥିବା ଭିଜିଲାନ୍ସ ନିର୍ଦ୍ଦେଶାଳୟ ପକ୍ଷରୁ ସୂଚନା ଦିଆଯାଇଛି।

### ଟ୍ରେନ୍ ଭିତରେ ଚା ବିକି ୨ ଗିରଫ
## ଅଖା ଭିତରେ ରଖି ବିକୁଥିଲେ

**ଭୁବନେଶ୍ୱର,୧୯।୭(ବ୍ୟୁରୋ):** କିଛିଦିନ ପୂର୍ବରୁ ରେଲୱେ ପକ୍ଷରୁ ନିର୍ଦ୍ଦେଶ ଜାରି ହୋଇଥିଲା ଯେ, କୌଣସି ବୁଲା ବିକାଳୀ ଟ୍ରେନ ଭିତରେ କିଛି ସାମଗ୍ରୀ ବିକ୍ରି କରିପାରିବେ ନାହିଁ। ଏହାସତ୍ତ୍ୱେ ବୁଧବାର ଭୁବନେଶ୍ୱର ଷ୍ଟେଶନରେ ଦୁଇ ଟା ବିକାଳୀ ଏକ ଟ୍ରେନ ଭିତରେ ବେଆଇନ ଭାବେ ଚା ବିକ୍ରି କରୁଥିବାବେଳେ ଆର୍‌ପିଏଫ ସେ ଦୁହିଁଙ୍କୁ ଧରିଛି। ପରେ ଆରପିଏଫ ମାମଲା ରୁଜୁ କରିବା ଲାଗି ଦୁଇଜଣଙ୍କୁ ଜିଆରପିକୁ ହସ୍ତାନ୍ତର କରିଛି। ଜିଆରପି ଥାନାରେ କେସ୍ ନଂ.୧୯୬୨/୧୯, ୧୯୬୩/୧୯ରେ ମାମଲା ରୁଜୁ କରି ଗିରଫ କରିଛି। ସେମାନେ ହେଲେ ଜଟଣୀ ଥାନା ଅନ୍ତର୍ଗତ ଭଗବତୀ ନଗରର ସିଏଚ. ରାହୁଲ କୁମାର ରେଡ୍ଡି ଓ ଅଜୟ ନାୟକ। ସୂଚନା ଅନୁଯାୟୀ, ଅଭିଯୁକ୍ତ ଦୁଇଜଣ ଜଟଣୀ ଷ୍ଟେଶନରୁ ହୀରାଖଣ୍ଡ ଟ୍ରେନରେ ଚଢ଼ି ଚା ବିକୁଥିଲେ। ଭୁବନେଶ୍ୱର ଷ୍ଟେଶନରେ ପ୍ଲାଟଫର୍ମରେ ନ ଓହ୍ଲାଇ ଅନ୍ୟ ରେଲଟ୍ରାକ ପଟେ ଓହ୍ଲାଉଥିବା ବେଳେ ଆରପିଏଫ କନେଷ୍ଟବଳ ଏଲ.କେ ମହାପାତ୍ର ସେମାନଙ୍କୁ ଧରିଥିଲେ। ଏହି ଦୁଇଜଣ ଜରି ଅଖା ଭିତରେ ଚା କ୍ୟାଟେଲ ଭର୍ତ୍ତି କରି ସୁରକ୍ଷାକର୍ମୀଙ୍କଠାରୁ ଲୁଚି ଲୁଚି ଚା ବିକୁଥିଲେ। ସେମାନେ ଧରିଥିବା ଅଖା ଭିତରେ ନିଶାଦ୍ରବ୍ୟ ସନ୍ଦେହ କରି ଧରିବା ପରେ ଅଖା ଖୋଲି ଦେଖିବାରୁ ଚା କ୍ୟାଟେଲ ବାହାରିଥିଲା। ଧରିବାପରେ ଉଭୟ ବିକାଳି ଜାମିନ୍‌ରେ ମୁକୁଳି ଯାଇଛନ୍ତି। ଅଭିଯୁକ୍ତ ଦୁଇ ଜଣ ୫-୬ ଦିନ ହେବ ଏଭଳି ଉପାୟରେ ଚା ବିକି ଆସୁଥିଲେ ବୋଲି ଭୁବନେଶ୍ୱର ଷ୍ଟେଶନ ରେଳ ସୁରକ୍ଷା ବଳ ଥାନାଧିକାରୀ କେ. ସେଠୀ ସୂଚନା ଦେଇଛନ୍ତି।

## ପୁରୀରେ ରିଟ୍ରିଟ୍ ଭବନ ଲାଗି ରାଷ୍ଟ୍ରପତିଙ୍କୁ ଅନୁରୋଧ

**କଟକ ଅଫିସ, ୧୯।୭:** ଭାରତର ରାଷ୍ଟ୍ରପତିଙ୍କୁ ନିଜର ଆଉ ଏକ ରିଟ୍ରିଟ୍ ଭବନ ଦିବ୍ୟ ଭୂମି ପୁରୀଠାରେ କରିବାକୁ ଓଡ଼ିଶା ସୁରକ୍ଷା ସେନାର ମୁଖ୍ୟ ଅଭିଷେକ ଯୋଶୀ ଅନୁରୋଧ କରିଛନ୍ତି। ବର୍ତ୍ତମାନ ସମୟରେ ଦିଲ୍ଲୀଠାରେ ଅବସ୍ଥିତ ରାଷ୍ଟ୍ରପତି ଭବନ ପରେ ରାଷ୍ଟ୍ରପତିଙ୍କର ଦୁଇଟି ରିଟ୍ରିଟ୍ ଭବନ ହାଇଦ୍ରାବାଦ ଓ ଶିମ୍‌ଲାଠାରେ ଅବସ୍ଥିତ। ପ୍ରଚଳିତ ବ୍ୟବସ୍ଥା ଅନୁସାରେ ଦିଲ୍ଲୀର ରାଷ୍ଟ୍ରପତି ଭବନ ପରେ ଏହି ଦୁଇଟି ସ୍ଥାନରେ ରାଷ୍ଟ୍ରପତି ଏକ ମାସର ଆବାସ କରିଥାନ୍ତି। ଉତ୍ତର, ଦକ୍ଷିଣ ଓ ପଶ୍ଚିମ ଦିଗର ପରିବେଶକୁ ଧ୍ୟାନ ଦେଇ ଏଭଳି ଆବାସ ବ୍ୟବସ୍ଥା ରହି ଆସିଛି। ଏହି ବ୍ୟବସ୍ଥାକୁ ଆଧାର କରି ପୂର୍ବ ଉପକୂଳରେ ଅବସ୍ଥିତ ପୁରୀଠାରେ ଆଉ ଏକ ରିଟ୍ରିଟ୍ ଭବନ କରାଯାଉ ବୋଲି ଯୋଶୀ ରାଷ୍ଟ୍ରପତିଙ୍କୁ ଅନୁରୋଧ କରିଛନ୍ତି।

### କଳିଙ୍ଗ ଲିଟେରାରି ଫେଷ୍ଟିଭାଲ ଆରମ୍ଭ
# କର୍ଣ୍ଣାଟକ ରାଜନୀତି ଗଣତନ୍ତ୍ର ପାଇଁ ବିପଦ

- ୩ଜଣଙ୍କୁ 'କଳିଙ୍ଗ ସାହିତ୍ୟ ପୁରସ୍କାର', ଜଣଙ୍କୁ 'ଯୁବ ପୁରସ୍କାର'
- ଆରମ୍ଭ ହେବ 'କେଏଲ୍‌ଏଫ୍ ଲିଟିଲ୍ସ'

ଭୁବନେଶ୍ୱର,୧୯।୭(ବ୍ୟୁରୋ)

ସମୟ ଆସିବ ଭାରତରେ ରୁଷ୍ ଭଳି ଗୋଟିଏ ଗଣତନ୍ତ୍ର ଦେଖିବାକୁ ମିଳିବ। ଶାସନ ବ୍ୟବସ୍ଥାରେ ଅନେକ ଦଳ ଭାଗନେଲେ ମଧ୍ୟ ଗୋଟିଏ ଦଳ ଶାସନ କରିପାରିବ। ଭାଜପା ଏବଂ ନରେନ୍ଦ୍ର ମୋଦି ସରକାର ଏଥିପାଇଁ ପଥ ପ୍ରସ୍ତୁତ କରୁଛନ୍ତି। କର୍ଣ୍ଣାଟକରେ ଭାଜପା ଶାସନ କ୍ଷମତା ହାତେଇବାକୁ ଯେଉଁ ଘୃଣ୍ୟ ଉଦ୍ୟମ କରୁଛି ତାହା ନିନ୍ଦନୀୟ। କେବଳ ନୈତିକତାର ଅଭାବରେ ଏହା ସମ୍ଭବ ହୋଇପାରେ ବୋଲି ପୂର୍ବତନ କେନ୍ଦ୍ର ଅର୍ଥମନ୍ତ୍ରୀ ଯଶବନ୍ତ ସିହ୍ନା କହିଛନ୍ତି। ଦେଶର ଅନ୍ୟତମ ପ୍ରମୁଖ ସାହିତ୍ୟ ମହୋତ୍ସବ ଓଡ଼ିଶା ଟୁରିଜମ୍ କଳିଙ୍ଗ ଲିଟେରାରି ଫେଷ୍ଟିଭାଲ(କେଏଲ୍‌ଏଫ୍)ର ଉଦ୍‌ଘାଟନୀ ସମାରୋହରେ ଯୋଗଦେଇ ସିହ୍ନା କହିଥିଲେ, ନୈତିକତାର ଅଭାବ କେବଳ ଭାଜପାରେ ନୁହେଁ, ଆମ ଜନସମାଜରେ ମଧ୍ୟ ରହିଛି। ଗାନ୍ଧୀଙ୍କ ଭାରତ ପରିକଳ୍ପନାଠାରୁ ଆମେ ଦିନକୁ ଦିନ ଦୂରେଇ ଯାଉଛେ। ଲୋକଙ୍କ ଭିଡ଼ ମଧ୍ୟରେ କୌଣସି ବ୍ୟକ୍ତିଙ୍କୁ ହତ୍ୟା କରାଗଲେ ଏହାକୁ ଏକ ଆତଙ୍କବାଦୀ କାର୍ଯ୍ୟକଳାପ ଭାବି ଆମେ ଆଜି ଭୁଲିଯାଉଛୁ। ହେଲେ ଆଗକୁ ଏହା ଆମ ପାଇଁ ବଡ଼ ବିପଦ ଆଣିବ ବୋଲି ସିହ୍ନା କହିଥିଲେ।

କିଟ୍ କନ୍‌ଭେନଶନ୍‌ଠାରେ ଶୁକ୍ରବାରଠାରୁ ଆରମ୍ଭ ହୋଇଥିବା ଏହି ସାହିତ୍ୟ ମହୋତ୍ସବର ଉଦ୍‌ଘାଟନୀ ସମାରୋହରେ ଜେଡିୟୁ ନେତା ପବନ କୁମାର ସିହ୍ନା କହିଲେ, କର୍ଣ୍ଣାଟକ ରାଜନୀତିରେ ବର୍ତ୍ତମାନ ଯାହା ଘଟୁଛି ଆଗାମୀ ଦିନରେ ମଧ୍ୟପ୍ରଦେଶରେ ତାହାର ପୁନରାବୃତ୍ତି ହେବାକୁ ଯାଉଛି। ଏଭଳି କୁରାଜନୀତି କେବଳ ଦେଶର ନୁହେଁ, ସମଗ୍ର ଗଣତନ୍ତ୍ର ପାଇଁ ବିପଦ ଡାକିଆଣୁଛି ବୋଲି ସେ କହିଥିଲେ। ମହୋତ୍ସବର ମୁଖ୍ୟ ବିଷୟ 'ଗାନ୍ଧୀଙ୍କ ଭାରତ' ଉପରେ ମତରଖି ସେ କହିଲେ, ବର୍ତ୍ତମାନର ମଧ୍ୟବିତ୍ତ ଶ୍ରେଣୀ ସମାଜକୁ ଏକ ଭୁଲ୍ ଦିଗରେ ନେବାରେ ପ୍ରମୁଖ ଭୂମିକା ଗ୍ରହଣ କରୁଛନ୍ତି। ଶୀତତାପ ନିୟନ୍ତ୍ରିତ ଶପିଂ ମଲ୍‌ରେ ଶପିଂ କରିବାର ମୋହ ସେମାନଙ୍କୁ ଆଜି ମାନବିକତାର ମନ୍ତ୍ରକୁ ଭୁଲିଯିବାକୁ ବାଧକରୁଛି। ଫୁଟ୍‌ପାଥ୍‌ରେ ଶୋଉଥିବା ଲୋକ ସେମାନଙ୍କୁ ତୁଚ୍ଛ ମନେହେଉଛି। ଗାନ୍ଧିଜୀ ଗରିବଙ୍କ ପ୍ରତି ସମବେଦନା ଦେଖାଇବାର ଯେଉଁ ବାର୍ତ୍ତା ଦେଇଯାଇଥିଲେ ବର୍ତ୍ତମାନର ସମାଜ ତାହାକୁ ସମ୍ପୂର୍ଣ୍ଣ ଭୁଲିଯାଇଛି ବୋଲି ସେ କହିଥିଲେ।

ବିଶିଷ୍ଟ ଐତିହାସିକ ସୁଧୀର ଚନ୍ଦ୍ର ମୁଖ୍ୟବକ୍ତା ଭାବେ ଯୋଗଦେଇ କହିଲେ, ସ୍ୱାଧୀନତା ପରବର୍ତ୍ତୀ ସମୟରେ ଯେତେ ବି ସରକାର ଆସିଛନ୍ତି ସେମାନେ ମହାତ୍ମା ଗାନ୍ଧୀଙ୍କ ସ୍ୱପ୍ନକୁ ଭୁଲି ଯାଇଛନ୍ତି। ତାଙ୍କ ମନ୍ତ୍ରକୁ କେହି ବି ମାନିନାହାନ୍ତି। ପଣ୍ଡିତ ଜବାହରଲାଲ ନେହେରୁ ପ୍ରଥମ ବ୍ୟକ୍ତି ଯିଏକି ଗାନ୍ଧିଜୀଙ୍କ ଚିନ୍ତାଧାରାକୁ ପ୍ରତ୍ୟାଖ୍ୟାନ କରିଥିଲେ। ଅନ୍ୟତମ ଐତିହାସିକ ରାଜଶେଖର ଭୁନ୍ଦୁ ଗାନ୍ଧୀଙ୍କ ଭାରତ ସମ୍ପର୍କରେ ମତ ରଖିଥିଲେ।

ଏହି ଅବସରରେ ସାହିତ୍ୟ କ୍ଷେତ୍ରରେ ଅବଦାନ ନିମନ୍ତେ ପବନ କୁମାର ବର୍ମା, ରାଜେନ୍ଦ୍ର କିଶୋର ପଣ୍ଡା, ପାରୋ ଆନନ୍ଦଙ୍କୁ 'କଳିଙ୍ଗ ସାହିତ୍ୟ ପୁରସ୍କାର-୨୦୧୯' ଓ ଯୁବ ଲେଖକ କେଦାର ମିଶ୍ରଙ୍କୁ 'କଳିଙ୍ଗ ସାହିତ୍ୟ ଯୁବ ପୁରସ୍କାର ୨୦୧୯'ରେ ସମ୍ମାନିତ କରାଯାଇଥିଲା। ପୁରୀ-ଭୁବନେଶ୍ୱର-କୋଣାର୍କ ସ୍ୱର୍ଣ୍ଣ ତ୍ରିଭୁଜ ପର୍ଯ୍ୟଟନର ପ୍ରଚାର ପ୍ରସାର ନିମନ୍ତେ କେଏଲ୍‌ଏଫ୍ ଚଳିତବର୍ଷ ସ୍ୱତନ୍ତ୍ର କାର୍ଯ୍ୟକ୍ରମ ଆୟୋଜନ କରୁଛି। ଓଡ଼ିଶା ପର୍ଯ୍ୟଟନ ଏବଂ କେଏଲ୍‌ଏଫ୍ ଚଳିତବର୍ଷ ପିଲାମାନଙ୍କ ନିମନ୍ତେ ଏକ ସ୍ୱତନ୍ତ୍ର ମହୋତ୍ସବ 'କେଏଲ୍‌ଏଫ୍ ଲିଟିଲ୍ସ'ର ଶୁଭାରମ୍ଭ କରିବାକୁ ଯାଉଥିବା ମହୋତ୍ସବ ନିର୍ଦ୍ଦେଶକ ରଶ୍ମିରଞ୍ଜନ ପରିଡ଼ା ସୂଚନା ଦେଇଥିଲେ।

### ଓଡ଼ିଶା ପାଇଁ ଆଣ୍ଠୁଲୁଚା କପଡ଼ା ପିନ୍ଧିଥିଲେ ଗାନ୍ଧୀ

'ଓଡ଼ିଶାରେ ଗାନ୍ଧୀ' ଶୀର୍ଷକ ଆଲୋଚନାଚକ୍ରରେ ଭାଗନେଇ ଐତିହାସିକ ତଥା 'ଗାନ୍ଧୀ ଇନ୍ ଓଡ଼ିଶା' ପୁସ୍ତକର ରଚୟିତା ସଂଗ୍ରାମ ଜେନା କହିଥିଲେ, ମହାତ୍ମା ଗାନ୍ଧୀ ଓଡ଼ିଶାକୁ ପ୍ରାୟ ୮ଥର ଆସିଥିଲେ। ବିଭିନ୍ନ ସ୍ଥାନରେ ତାଙ୍କୁ ପ୍ରବଳ ବିରୋଧ ସତ୍ତ୍ୱେ ତାଙ୍କର ଓଡ଼ିଶା ପ୍ରତି ପ୍ରଗାଢ଼ ସ୍ନେହ ଥିଲା। ସେ ଗୋପବନ୍ଧୁଙ୍କ ସେବାଭାବ ଓ ମଧୁସୂଦନ ଦାସଙ୍କ ଉଦ୍ୟୋଗ ପ୍ରତିଷ୍ଠା ଦେଖି ଅଭିଭୂତ ହେଇଥିଲେ। ଓଡ଼ିଶା ଗାନ୍ଧୀଙ୍କ ଉପରେ ଗଭୀର ପ୍ରଭାବ ପକାଇଥିଲା। ଓଡ଼ିଶାର ଉତ୍କଟ ଦାରିଦ୍ର୍ୟ ଦେଖି ଗାନ୍ଧୀ ଲମ୍ବା ଲୁଗା ପରିତ୍ୟାଗ କରି ଆଣ୍ଠୁଲୁଚା କପଡା ପିନ୍ଧିବାକୁ ମନସ୍ଥ କରିଥିଲେ।



ପୂର୍ବତନ କେନ୍ଦ୍ର ଅର୍ଥମନ୍ତ୍ରୀ ଯଶବନ୍ତ ସିହ୍ନା ଓ ଅନ୍ୟ ଅତିଥିଙ୍କ ଗହଣରେ ପୁରସ୍କୃତ ବ୍ୟକ୍ତିତ୍ୱମାନେ।




# ମଧୁର ମାଛ ଆବଶ୍ୟକତା ପୂରଣ କରିପାରୁନି ଓଡ଼ିଶା

- ପ୍ରତିବର୍ଷ ପଡ଼ୋଶୀ ରାଜ୍ୟରୁ ଆସୁଛି ମାଛ
- ୨୦୧୮-୧୯ରେ ଆସିଛି ୪୯୬୦୭ ମେଟ୍ରିକ ଟନ୍

ଭୁବନେଶ୍ୱର, ୧୯।୭(ବ୍ୟୁରୋ)

ପ୍ରତିବର୍ଷ ରାଜ୍ୟରେ ମାଛ ଉତ୍ପାଦନ ବୃଦ୍ଧିପାଉଛି। ହେଲେ ଏପର୍ଯ୍ୟନ୍ତ ମଧୁର ମାଛ ଆବଶ୍ୟକତା ପୂରଣ କରିପାରୁନି ଓଡ଼ିଶା। ତେଣୁ ପ୍ରତିବର୍ଷ ପଡ଼ୋଶୀ ରାଜ୍ୟରୁ ମଧୁର ମାଛ ଆମଦାନୀ ହେଉଛି। ୨୦୧୩-୧୪ରେ ରାଜ୍ୟରେ ମୋଟ ୨୬୩୮୬୨ ମେଟ୍ରିକ ଟନ୍ ମଧୁରମାଛ ଉତ୍ପାଦନ ହୋଇଥିବାବେଳେ ୨୦୧୪-୧୫ରେ ୩୦୦୯୬୪ ମେଟ୍ରିକ ଟନ୍, ୨୦୧୫-୧୬ରେ ୩୩୬୨୧୬ ମେଟ୍ରିକ ଟନ୍, ୨୦୧୬-୧୭ରେ ୩୯୩୭୩୦ ମେଟ୍ରିକ ଟନ୍, ୨୦୧୭-୧୮ରେ ୪୫୪୧୮୯ ମେଟ୍ରିକ ଟନ୍ ମଧୁର ମାଛ ଉତ୍ପାଦନ ହୋଇଛି। ସେହିଭଳି ୨୦୧୮-୧୯ରେ ରାଜ୍ୟରେ ମୋଟ ୭୫୮୯୬୨ ମେଟ୍ରିକ ଟନ୍ ମାଛ ଉତ୍ପାଦନ ହୋଇଥିବାବେଳେ ସେଥିରେ ମଧୁର ମାଛ ରହିଛି ୫୦୬୬୦୮ ମେଟ୍ରିକ ଟନ୍। ଏହି ୬ ବର୍ଷରେ ମଧୁର ମାଛ ଉତ୍ପାଦନ ବୃଦ୍ଧି ପାଇଥିଲେ ମଧ୍ୟ ଆବଶ୍ୟକତା ମଧ୍ୟ ବଢ଼ି ଚାଲିଛି। ତେଣୁ ବାହାର ରାଜ୍ୟରୁ ମଧୁର ମାଛ ଓଡ଼ିଶାକୁ ଆସୁଛି। ଆବଶ୍ୟକତା ପୂରଣ ପାଇଁ ୨୦୧୩-୧୪ରେ ୨୬୫୦୨ ମେଟ୍ରିକ ଟନ୍ ମଧୁର ମାଛ ଆମଦାନୀ ହୋଇଛି। ସେହିପରି ୨୦୧୪-୧୫ରେ ୩୮୧୧୮ ମେଟ୍ରିକ ଟନ୍, ୨୦୧୫-୧୬ରେ ୪୬୨୭୫ ମେଟ୍ରିକ ଟନ୍, ୨୦୧୬-୧୭ରେ ୩୫୧୫୬ ମେଟ୍ରିକ ଟନ୍, ୨୦୧୭-୧୮ରେ ୪୦୭୪୨ ଓ ୨୦୧୮-୧୯ରେ ୪୯୬୦୭ ମେଟ୍ରିକ୍ ଟନ୍ ଆମଦାନୀ ହୋଇଛି।

ଅନ୍ୟପକ୍ଷରେ ଗତବର୍ଷ ଅପେକ୍ଷା ଚଳିତବର୍ଷ ସମୁଦ୍ର ମାଛ ଉତ୍ପାଦନ ବୃଦ୍ଧି ପାଇଛି। ୨୦୧୭-୧୮ରେ ରାଜ୍ୟରେ ମୋଟ ୧୫୦୮୩୯ ମେଟ୍ରିକ ଟନ୍ ସମୁଦ୍ର ମାଛ ଉତ୍ପାଦନ ହୋଇଥିବା ବେଳେ ୨୦୧୮-୧୯ରେ ଏହା ବୃଦ୍ଧି ପାଇ ୧୫୮୩୨୧ ମେଟ୍ରିକ୍ ଟନ୍ ହୋଇଛି। ରାଜ୍ୟରେ ବାଲେଶ୍ୱର, ଭଦ୍ରକ, ଜଗତ୍‌ସିଂହପୁର, କେନ୍ଦ୍ରାପଡ଼ା, ପୁରୀ ଓ ଗଞ୍ଜାମ ଆଦି ୬ ଜିଲାରେ ସମୁଦ୍ର ମାଛ ଉତ୍ପାଦନ କରାଯାଉଛି। ତେବେ ପୁରୀ ଜିଲାରେ ଗତ ଦୁଇବର୍ଷରେ ୧୫୬୫ ମେଟ୍ରିକ୍ ଟନ୍ ସମୁଦ୍ର ମାଛ ଉତ୍ପାଦନ ହ୍ରାସ ପାଇଛି। ୨୦୧୬-୧୭ରେ ପୁରୀରେ ୩୯୫୯୮ମେଟ୍ରିକ୍ ଟନ୍ ଉତ୍ପାଦନ ହୋଇଥିବାବେଳେ ୨୦୧୭-୧୮ରେ ଏହା ହ୍ରାସ ପାଇ ୩୮୯୦୬ ମେଟ୍ରିକ୍ ଟନ୍ ହୋଇଥିଲା। ୨୦୧୮-୧୯ରେ ସମୁଦ୍ର ମାଛ ଉତ୍ପାଦନରେ ଆହୁରି ହ୍ରାସ ପାଇ ୩୮୦୩୩ ମେଟ୍ରିକ ଟନ୍‌ରେ ପହଞ୍ଚିଛି। ତେବେ ବାକି ଅନ୍ୟ ଜିଲାରେ ସମୁଦ୍ର ମାଛ ଉତ୍ପାଦନ ବୃଦ୍ଧି ପାଇଚାଲିଛି। ରାଜ୍ୟ ମତ୍ସ୍ୟ ଓ ପଶୁ ସମ୍ପଦ ବିକାଶ ବିଭାଗର ବିଧାନସଭା ଷ୍ଟାଣ୍ଡିଂ କମିଟି ରିପୋର୍ଟରୁ ଏହି ସୂଚନା ମିଳିଛି।

### କମିଶନରେଟ ପୋଲିସର ଚଢ଼ାଉ ଜାରି
# ଦମ୍ପତି ସମେତ ୯ ବ୍ରାଉନ୍‌ସୁଗାର ବେପାରୀ ଗିରଫ



ଗିରଫ ଅଭିଯୁକ୍ତ ଏବଂ ଜବତ ଟଙ୍କା, ମୋବାଇଲ୍ ଓ ଅନ୍ୟାନ୍ୟା ସାମଗ୍ରୀ।

- ଲକ୍ଷାଧିକ ଟଙ୍କାର ବ୍ରାଉନସୁଗାର, ବାଇକ୍, ଟଙ୍କା ଜବତ
- ଛୋଟା ସାମ୍ରାଜ୍ୟର ସମ୍ପୃକ୍ତି ରହିଥିବା ସୂଚନା

ଭୁବନେଶ୍ୱର, ୧୯।୭(ବ୍ୟୁରୋ)/ ଜଟଣୀ(ଡି.ଏନ.ଏ.)

ବ୍ରାଉନସୁଗାର ଓ ଅନ୍ୟ ବେଆଇନ ନିଶା କାରବାର ବନ୍ଦ ପାଇଁ କମିଶନରେଟ ପୋଲିସ ପକ୍ଷରୁ ସ୍ୱତନ୍ତ୍ର ଡ୍ରାଇଭ ଚାଲିଛି। ଶୁକ୍ରବାର ଜଟଣୀ, ନୟାପଲ୍ଲୀ, ଲକ୍ଷ୍ମୀସାଗର, ଶହୀଦନଗର ଥାନା ଅଞ୍ଚଳରେ ଚଢାଉ କରାଯାଇ ୯ଜଣ ବ୍ରାଉନସୁଗାର ବେପାରୀଙ୍କୁ ଗିରଫ କରାଯାଇଛି। ଗିରଫ ଅଭିଯୁକ୍ତମାନେ ହେଲେ ଜଟଣୀ ଥାନା ଅନ୍ତର୍ଗତ ନୂଆଗାଁ ନଟିମଙ୍ଗଳା ସାହିର ଜଗମୋହନ ପଟ୍ଟନାୟକ ଓରଫ ଫେଲୁ ଓ ତାଙ୍କ ସ୍ତ୍ରୀ ସନ୍ଧ୍ୟାରାଣୀ ଓରଫ ମାନୁ। ସେମାନଙ୍କଠାରୁ ୮ ଗ୍ରାମ ଓଜନର ବ୍ରାଉନ୍‌ସୁଗାର, ଗୋଟିଏ ବାଇକ୍, ୧୨ଶହ ଟଙ୍କା, ମୋବାଇଲ୍ ଫୋନ୍ ଜବତ କରିଛି ପୋଲିସ। ଜଟଣୀ ପୋଲିସ ସେମାନଙ୍କ ଘର ଉପରେ ଚଢ଼ାଉ କରି ସେମାନଙ୍କୁ ଧରିଥିବାବେଳେ ୧୦ରୁ ଅଧିକ ଗ୍ରାହକ ଖସିଯାଇଛନ୍ତି। ତେବେ ଜେଲ୍ ଯାଇ ଏବେ ରିମାଣ୍ଡରେ ଆସିଥିବା ବ୍ରାଉନସୁଗାର କାରବାରର ମାଷ୍ଟରମାଇଣ୍ଡ୍ ଖୋର୍ଦ୍ଧାର ସୁଧାଂଶୁ ପରିଡ଼ା ଓରଫ ଛୋଟା ସାମ୍ରାଜ୍ୟର ଲିଙ୍କ୍‌ରେ ଥିବା ପୋଲିସ ଜାଣିବାକୁ ପାଇଛି। ସେମାନେ ପ୍ରାୟତଃ ଛୋଟାଙ୍କଠାରୁ ବ୍ରାଉନସୁଗାର ଆଣୁଥିବାବେଳେ ବାଲେଶ୍ୱର ଓ ଜଳେଶ୍ୱରରୁ ମଧ୍ୟ ଆଣିଥାନ୍ତି। ଏ ନେଇ ସେମାନଙ୍କ ନାମରେ ପୋଲିସ ମାମଲା ନଂ. ୨୫୦/୧୯ ରୁଜୁ କରିଛି। ସେହିପରି ଲକ୍ଷ୍ମୀସାଗର ଥାନା ପୋଲିସ ଜଣେ ଅଟୋ ଚାଳକଙ୍କୁ ଗିରଫ କରିବା ସହ ୬.୩୫ ଗ୍ରାମ ବ୍ରାଉନସୁଗାର ଓ ଅଟୋକୁ ଜବତ କରିଛି। ସେ ହେଲେ ଖୋର୍ଦ୍ଧା ଜିଲା ଟାଙ୍ଗୀ ଥାନା ଅଧୀନ ଭୁଷଣ୍ଡପୁର ଅଞ୍ଚଳର ମଙ୍ଗଳ ଦାସ। ମଙ୍ଗଳ ଝାରପଡା ଓଭରବ୍ରିଜ ତଳେ ଓଡି ୩୩ଏମ୍ ୯୨୩୯ ନମ୍ବର ବିଶିଷ୍ଟ ଅଟୋରେ ବସି ବ୍ରାଉନସୁଗାର ବିକ୍ରି କରୁଥିବା ନେଇ ଖବର ପାଇବା ପରେ ପୋଲିସ ସେଠାରେ ଚଢାଉ କରିଥିଲା। ଏ ନେଇ ମଙ୍ଗଳଙ୍କ ନାମରେ ମାମଲା ନଂ.୧୯୩/୧୯ ରୁଜୁ କରାଯାଇଛି। ନୟାପଲ୍ଲୀ ଥାନା ପୋଲିସ ସାଲିଆ ସାହିରୁ ୨ଜଣଙ୍କୁ ଗିରଫ କରିବା ସହ ସେମାନଙ୍କ ନିକଟରୁ ୧୨ ଗ୍ରାମ ବ୍ରାଉନସୁଗାର ଓ ବାଇକ ଜବତ କରିଛି। ସେମାନେ ହେଲେ ସାଲିଆ ସାହି ନୟାଗଡ଼ ବସ୍ତି ଅଞ୍ଚଳରେ ରହୁଥିବା ଦିଲୀପ କୁମାର ପ୍ରଧାନ ଓ ଗଣେଶ ଜେନା। ଏମାନେ ବାଇକରେ ବୁଲି ବ୍ରାଉନସୁଗାର ବିକ୍ରି କରନ୍ତି। ଏ ନେଇ ନୟାପଲ୍ଲୀ ଥାନାରେ ମାମଲା ନଂ.୩୨୫/୧୯ ରୁଜୁ ହୋଇଛି। ସେହିପରି ଶହୀଦନଗର ପୋଲିସ ୪ଜଣ ବ୍ରାଉନସୁଗାର ବେପାରୀଙ୍କୁ ଗିରଫ କରିଛି। ସେମାନଙ୍କ ନିକଟରୁ ୧୭ ଗ୍ରାମ ବ୍ରାଉନସୁଗାର, ୨ ମୋବାଇଲ ଫୋନ୍, ଦୁଇଟି ସ୍କୁଟି ଓ ୬ହଜାର ଟଙ୍କା ଜବତ କରିଛି। ସେମାନେ ହେଲେ ଖୋର୍ଦ୍ଧା ମଡେଲ ଥାନା ଅଞ୍ଚଳରେ ରହୁଥିବା ଲିଟୁ ଖଟେଇ, ଶରତ ବେହେରା, ଆକାଶ ଅନୁପମ ଓ ସବ୍ୟସାଚୀ ବିଶ୍ୱାଳ। ଏହି ଥାନା ଅଧୀନ ପଣ୍ଡା ପାର୍କ ନିକଟରେ ବ୍ରାଉନସୁଗାର କାରବାର ନେଇ ଖବର ପାଇ ପୋଲିସ ସାଦା ପୋଷାକରେ ସେଠାରେ ଚଢ଼ାଉ କରିଥିଲା। ୨ଟି ସ୍କୁଟି ଧରି ଗ୍ରାହକଙ୍କୁ ଅପେକ୍ଷା କରିଥିବା ଏହି ଅଭିଯୁକ୍ତଙ୍କୁ କାବୁ କରିଥିଲା। ଏ ନେଇ ପୋଲିସ ମାମଲା ନଂ.୩୨୬/୧୯ରେ ରୁଜୁ କରିଛି।




1-Printed and published by Tathagata Satpathy on behalf of Navajat Printers & Media Pvt. Ltd. and printed at Navajat Printers, B-15, Industrial Estate, Rasulgarh, Bhubaneswar, Editor - Tathagata Satpathy, ସମ୍ପାଦକ- ତଥାଗତ ସତପଥୀ



ସନ୍ତୋଷ ହେଉଛି ପ୍ରକୃତିଦତ୍ତ ସମ୍ପଦ, ଆଉ ବିଳାସ ଅନ୍ୟନାମ ହେଉଛି କୃତ୍ରିମ ଦାରିଦ୍ର୍ୟ।
-ସକ୍ରେଟିସ



## ସଂକ୍ଷେପରେ

### କାଠଖୁଣ୍ଟ ପଞ୍ଚାୟତରେ ଅନିୟମିତତା ଅଭିଯୋଗ

**ନରସିଂହପୁର,୧୯।୭(ସ୍ୱ.ପ୍ର.):** ନରସିଂହପୁର ବ୍ଲକ ଅଧୀନ କାଠଖୁଣ୍ଟ ଗ୍ରାମ ପଞ୍ଚାୟତରେ ବିଭିନ୍ନ ଅନିୟମିତତା ହେଉଥିବା ଅଭିଯୋଗ ହୋଇଛି। ଏ ନେଇ ପଞ୍ଚାୟତର ୨ନଂ ୱାର୍ଡ ସଭ୍ୟା ମଣିମାଳା ପୁହାଣ ଏ ସମ୍ପର୍କରେ ବିଡିଓଙ୍କୁ ଲିଖିତଭାବେ ଜଣାଇଛନ୍ତି। ସେ ତାଙ୍କ ଅଭିଯୋଗ ପତ୍ରରେ ଦର୍ଶାଇଛନ୍ତି ଯେ, ୨୦୧୭ଠାରୁ ଗଠନ ହୋଇଥିବା ଏହି ପଞ୍ଚାୟତରେ ନିୟମିତ ବୈଠକ ବସୁନାହିଁ। ଉନ୍ନୟନ କାର୍ଯ୍ୟଗୁଡ଼ିକୁ ପଞ୍ଚାୟତରେ ଆଲୋଚନା କରା ନ ଯାଇ ଓ ଏବଂ ୱାର୍ଡ ସଭ୍ୟାସଭ୍ୟଙ୍କୁ ନ ଜଣାଯାଇ କରାଯାଉଛି। ୪ର୍ଥ ଅର୍ଥ କମିଶନ ଓ ଚତୁର୍ଦ୍ଦଶ ଅର୍ଥ କମିଶନଙ୍କ ସୁପାରିସ କ୍ରମେ ଆସୁଥିବା ଅର୍ଥକୁ ଚଞ୍ଚକତା କରି ଦୁର୍ନୀତି କରାଯାଉଛି। ସରପଞ୍ଚଙ୍କ ସ୍ୱାମୀ, ପଞ୍ଚାୟତ କାର୍ଯ୍ୟନିର୍ବାହୀ ଅଧିକାରୀ ଓ ବ୍ଲକର ବିଭାଗୀୟ ଯନ୍ତ୍ରୀମାନେ ଏହି କାର୍ଯ୍ୟ କରୁଥିବା ସେ ଅଭିଯୋଗ କରିଛନ୍ତି। ଅଭିଯୋଗ ଗ୍ରହଣ କରିବା ପରେ ବିଡିଓ ଆସନ୍ତା ୩ଦିନ ମଧ୍ୟରେ ତଦନ୍ତ କରିବେ ବୋଲି ପ୍ରତିଶ୍ରୁତି ଦେଇଛନ୍ତି।

### ଟେଲିଫୋନ ଅଦାଲତ

**ବାଙ୍କୀ,୧୯।୭(ସ୍ୱ.ପ୍ର.):** ବାଙ୍କୀ ଟେଲିଫୋନ ଭବନଠାରେ ଶୁକ୍ରବାର ଟେଲିଫୋନ ଅଦାଲତ ଅନୁଷ୍ଠିତ ହୋଇଯାଇଛି। ଏଥିରେ ମୋଟ୍ ୫୧ ଅଭିଯୋଗ ବିଚାର କରାଯାଇ ୪୬ହଜାର ୯୦୨ଟଙ୍କା ଆଦାୟ କରାଯାଇଥିଲା। ଏଥିସହିତ ସମସ୍ତ ୫୧ଜଣ ହିତାଧିକାରୀଙ୍କୁ ସେମାନଙ୍କ ଟେଲିଫୋନ ପୁନଃସଂଯୋଗ କରାଯିବା ବ୍ୟବସ୍ଥା କରାଯାଇଥିଲା। ବରିଷ୍ଠ ଏସ୍‌ସିଓ ଉତ୍ତମ ଚରଣ ଦାଶ, ଜେଟିଓ ସମୀର ଦଳେଇ, ଡିଓ କିଶୋର ରଣା, ନାରାୟଣ ବେହେରା ଓ ସଞ୍ଜୟ ତ୍ରିପାଠୀ ପ୍ରମୁଖ ଯୋଗଦେଇ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

### ବାଙ୍କୀ କେନ୍ଦ୍ର ସମବାୟ ବ୍ୟାଙ୍କ ପରିସରରେ ଚାରାରୋପଣ

**ବାଙ୍କୀ,୧୯।୭(ସ୍ୱ.ପ୍ର.):** ବାଙ୍କୀ କେନ୍ଦ୍ର ସମବାୟ ବ୍ୟାଙ୍କ ପରିସରରେ ଶୁକ୍ରବାର ଚାରାରୋପଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଛି। କେନ୍ଦ୍ର ସମବାୟ ବ୍ୟାଙ୍କ ସଭାପତି ସୁବାସ ଚନ୍ଦ୍ର ପାଢ଼ୀ, କଟକ ଡିଭିଜନ ସମବାୟ ବିଭାଗ ଉପନିବନ୍ଧକ ଲକ୍ଷ୍ମୀଧର ସୁବୁଦ୍ଧି, ବାଙ୍କୀ ସମବାୟ ସର୍କଲ ସହକାରୀ ସମବାୟ ନିବନ୍ଧକ ସରୋଜକାନ୍ତ ଜେନା, ରାଜ୍ୟ ସମବାୟ ବ୍ୟାଙ୍କ ନିର୍ଦ୍ଦେଶକ ଗତିକୃଷ୍ଣ ସ୍ୱାଇଁ, କେନ୍ଦ୍ର ସମବାୟ ସମ୍ପାଦକ ପ୍ରଶାନ୍ତ ପରିଡ଼ା, ଓକିଲ ସଂଘ ସଭାପତି ଗୌରୀଶଙ୍କର ନନ୍ଦ, ଗୃହ ନିର୍ମାଣ ସମବାୟ ସମିତି ସଭାପତି ସନ୍ତୋଷ ରଣା, ବ୍ୟାଙ୍କ ମୁଖ୍ୟ ପରିଚାଳକ ଅମ୍ବରିସ୍ ଦାଶ୍, କଟକ ଜିଲା ବିଜେଡି ସାଧାରଣ ସମ୍ପାଦକ ସନାତନ ବେହେରା, କେନ୍ଦ୍ର ସମବାୟ ବ୍ୟାଙ୍କ ନିର୍ଦ୍ଦେଶକ ଗଗନ ବିହାରୀ ରାଉତ, ଭୂମିକା ଚେରିଟେବୁଲ୍ ଟ୍ରଷ୍ଟ ମୁଖ୍ୟ ପରିଚାଳକ ପ୍ରଦୀପ ସାହୁ ଓ ରବି ନାରାୟଣ ମଙ୍ଗରାଜ ପ୍ରମୁଖ ଯୋଗଦେଇ ଚାରାରୋପଣ କରିଥିଲେ। ବାଙ୍କୀ କଲେଜ ଜାତୀୟ ସେବା ଅଧିକାରୀ ଅଧ୍ୟାପକ ଡ.ସତ୍ୟଜିତ୍ ଦାସଙ୍କ ନେତୃତ୍ୱରେ ସେବା ସଂସ୍ଥାର ଛାତ୍ରଙ୍କ ସହାୟତାରେ ଚାରାରୋପଣ କରାଯାଇଥିଲା।

### ସିପିଆଇ ନେତାଙ୍କ ବିୟୋଗରେ ସ୍ମୃତିସଭା

**ନିଶ୍ଚିନ୍ତକୋଇଲି,୧୯।୭(ସ୍ୱ.ପ୍ର.):** ନିଶ୍ଚିନ୍ତକୋଇଲି ଅଞ୍ଚଳର ସିପିଆଇନେତା କମ୍ରେଡ୍ ଦଧିବାମନ ନାୟକଙ୍କ ବିୟୋଗରେ ଏକ ସ୍ମୃତିସଭା ତାଙ୍କ ବାସଭବନରେ ଶୁକ୍ରବାର ଶ୍ରମିକନେତା ରଞ୍ଜନ ଓଝାଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇଯାଇଛି। ଏଥିରେ ପୂର୍ବତନ ବିଚାରପତି କୁଞ୍ଜବିହାରୀ ସ୍ୱାଇଁ ଉପସ୍ଥିତ ରହି ସ୍ୱର୍ଗତ ନାୟକଙ୍କୁ ଶ୍ରଦ୍ଧାଞ୍ଜଳି ଜଣାଇଥିଲେ। କମ୍ରେଡ ଆଦିକନ୍ଦ ମଲିକ, ରାମଚନ୍ଦ୍ର ବେହେରା, ବିନୋଦ ବେହେରା, କସ୍ତୁରୀ ପାତ୍ର, ଷ୍ଟାଲିନ ରାଉତ, ଶ୍ରମିକ ନେତା ବାବାଜୀ ଚରଣ ସ୍ୱାଇଁ, ସରୋଜ ପଣ୍ଡା, ହରିହର ମହାନ୍ତି ଓ ପ୍ରଭାତ ସାହୁ ପ୍ରମୁଖ ଯୋଗଦେଇ ଦଧିବାମନଙ୍କ ସଂଗ୍ରାମୀ ଜୀବନ ଉପରେ ଆଲୋକପାତ କରିଥିଲେ। ସେ ନିଶ୍ଚିନ୍ତକୋଇଲି ବ୍ଲକରେ ଚାଷୀ, ମୁଲିଆ, ଦଳିତ ଓ ପଛୁଆ ବର୍ଗଙ୍କ ସମସ୍ୟାକୁ ନେଇ ବାରମ୍ବାର ପ୍ରଶାସନର ଦ୍ୱାରସ୍ଥ ହୋଇଥିଲେ। ତାଙ୍କ ଆବର୍ତ୍ତମାନରେ ସଂଘ ଜଣେ ଦକ୍ଷ ନେତାଙ୍କୁ ହରାଇଥିବା ମଞ୍ଚସୀନ ଅତିଥି ମତବ୍ୟକ୍ତ କରିଥିଲେ। ସଭାରେ ଆଇନଜୀବୀ ଦେବରାଜ ନାୟକ ଓ ମୋନାଲିସା ନାୟକଙ୍କ ସମେତ ବହୁ ଲୋକପ୍ରତିନିଧି ଏବଂ ବୁଦ୍ଧିଜୀବୀ ଉପସ୍ଥିତ ଥିଲେ।

■ ଆଜି ସରିବ ଶ୍ରୀକୃଷ୍ଣପୁର ଗ୍ରାମ ସେତୁ ନିର୍ମାଣ ଅବଧି

# କାର୍ଯ୍ୟ ଅଧାରେ ଠପ୍

**ମାହାଙ୍ଗା,୧୯।୭(ସ୍ୱ.ପ୍ର.)**



ଶ୍ରୀକୃଷ୍ଣପୁର ଗ୍ରାମ ସେତୁ କାର୍ଯ୍ୟ ଅଧା ହୋଇ ବନ୍ଦ ରହିଛି।

- ■ଅନିୟମିତତା ହେଉଥିବା ଅଭିଯୋଗ
- ■ଉଚ୍ଚସ୍ତରୀୟ ତଦନ୍ତ ପାଇଁ ସାଧାରଣରେ ଦାବି
- ■ସୂଚନା ଫଳକ ଲଗାଯାଇ ପାରିଲାନି

ଜଗତପୁର ଜଳସମ୍ପଦ ନର୍ଥ ଡିଭିଜନର ନୁର୍ତ୍ତାଙ୍ଗ ଜଳସମ୍ପଦ ବିଭାଗ ଅଧୀନ ପଟ୍ଟାମୁଣ୍ଡାଇ କେନାଲ ଉପରେ ମାହାଙ୍ଗା ବ୍ଲକ ଶ୍ରୀକୃଷ୍ଣପୁରଠାରେ ଏକ ସେତୁ ନିର୍ମାଣ ହେଉଛି। ଏହି ସେତୁ ନିର୍ମାଣର ଅବଧି ଶନିବାର ହେଉଛି। ଅବଧି ସିନା ଶେଷ ହେଉଛି। ହେଲେ ସେତୁ କାର୍ଯ୍ୟ ଶେଷ ହୋଇ ପାରୁନାହିଁ। ଏବେ ତାହା ଅଧାରେ ଠପ୍ ହୋଇଛି। ସେହିପରି ଯେତିକି କାର୍ଯ୍ୟ ହୋଇଛି ସେଥିରେ ବ୍ୟାପକ ଅନିୟମିତତା ହେଉଥିବା ଅଭିଯୋଗ ହୋଇଛି। ତେଣୁ ଏହାର ଉଚ୍ଚସ୍ତରୀୟ ତଦନ୍ତ ପାଇଁ ସାଧାରଣରେ ଦାବି ହୋଇଛି।

ପ୍ରକାଶଯେ, ଶ୍ରୀକୃଷ୍ଣପୁର ଗ୍ରାମରେ ପ୍ରାୟ ୧ ହଜାରରୁ ଊର୍ଦ୍ଧ୍ୱ ଜନସାଧାରଣ ବସବାସ କରୁଛନ୍ତି। ସେମାନଙ୍କୁ ଗ୍ରାମର ମୁଖ୍ୟରାସ୍ତାକୁ ଯିବାକୁ ହେଲେ ପଟ୍ଟାମୁଣ୍ଡାଇ କେନାଲ ଦେଇ ଯିବାକୁ ପଡୁଛି। ଏଥିପାଇଁ ନାନା ସମସ୍ୟା ସୃଷ୍ଟି ହେଉଛି। ଏହାକୁ ଦୃଷ୍ଟିରେ ରଖି ସେଠାରେ ଏକ ପୋଲ ନିର୍ମାଣ ପାଇଁ ଦୀର୍ଘ ଦିନ ହେବ ଦାବି ହୋଇ ଆସୁଥିଲା। ଏପରି କି ସ୍ଥାନୀୟ ବିଧାୟକ ତଥା ପଞ୍ଚାୟତିରାଜ ମନ୍ତ୍ରୀ ପ୍ରତାପ ଜେନାଙ୍କ ନିକଟରେ ଗ୍ରାମବାସୀ ସେତୁ ନିର୍ମାଣ ପାଇଁ ଦାବି କରିଥିଲେ। ପରେ ମନ୍ତ୍ରୀ ଜେନା ଜଳସମ୍ପଦ ବିଭାଗ ମାଧ୍ୟମରେ ଅର୍ଥ ମଞ୍ଜୁର କରି ୨୦୧୯ ମାର୍ଚ୍ଚ ୭ରେ ଏହି ସେତୁର ଶିଳାନ୍ୟାସ କରିଥିଲେ। ଜୁଲାଇ ୨୦ ମଧ୍ୟରେ ସେତୁ କାର୍ଯ୍ୟ ସାରିବାକୁ ନିର୍ଦ୍ଦେଶ ଥିଲା। ଶୀଘ୍ର କାର୍ଯ୍ୟ ଆରମ୍ଭ ହୋଇଥିଲେ ମଧ୍ୟ ଅବଧି ସମୟ ମଧ୍ୟରେ ତାହା ସମ୍ପୂର୍ଣ୍ଣ ହୋଇପାରିନାହିଁ। ଫଳରେ ଏବେ କେନାଲରେ ପାଣି ଆସି ଯାଇଥିବାରୁ ସେତୁ କାର୍ଯ୍ୟ ବନ୍ଦ ରହିଛି। ଏହାକୁ ନେଇ ସାଧାରଣରେ ତୀବ୍ର ଅସନ୍ତୋଷ ପ୍ରକାଶ ପାଇଛି। ଅନ୍ୟପକ୍ଷରେ କାର୍ଯ୍ୟସ୍ଥଳରେ ସୂଚନା ଫଳକ ଲଗାଯିବା ବ୍ୟବସ୍ଥା ଥିଲେ ମଧ୍ୟ କୌଣସି ସୂଚନା ଫଳକ ଲଗାଯାଇ ନାହିଁ। ଯାହାକୁ ନେଇ କାର୍ଯ୍ୟର ସ୍ୱଚ୍ଛତା ଉପରେ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି। ସେହିପରି ସେତୁରେ ବ୍ୟବହୃତ ସାମଗ୍ରୀଗୁଡିକ ନିମ୍ନମାନର ହୋଇଥିବାବେଳେ ଖୁଣ୍ଟରେ ଆବଶ୍ୟକ ରଡ୍ ଲଗାଯାଇ ନ ଥିବା ଅଭିଯୋଗ ହୋଇଛି। ତେଣୁ ପ୍ରଶାସନ ଏ ଦିଗରେ ଦୃଷ୍ଟି ଦେଇ ତୁରନ୍ତ କାର୍ଯ୍ୟ ସାରିବାକୁ ଗ୍ରାମବାସୀ ଅନୁରୋଧ କରିଛନ୍ତି। ଏ ସମ୍ପର୍କରେ ନୁର୍ତ୍ତାଙ୍ଗ ଜଳସମ୍ପଦ ବିଭାଗ କନିଷ୍ଠଯନ୍ତ୍ରୀ ବୈକୁଣ୍ଠ ଭୋଇଙ୍କୁ ପଚାରିବାରୁ ସେ କହିଛନ୍ତି, କାର୍ଯ୍ୟସ୍ଥଳରେ ସୂଚନା ଫଳକ ଲଗାଇବା ପାଇଁ ଠିକାଦାରଙ୍କୁ ନିର୍ଦ୍ଦେଶ ଦିଆଯାଇଥିଲା। ସେ କ'ଣ ପାଇଁ ଲଗାଇ ନାହାନ୍ତି ତାହା ମୁଁ ପଚାରି ବୁଝିବି। କାର୍ଯ୍ୟ ବିଳମ୍ବ ସମ୍ପର୍କରେ କହିଥିଲେ, ସମ୍ପୃକ୍ତ ଠିକାସଂସ୍ଥା ଠିକ୍ ସମୟରେ କାର୍ଯ୍ୟ ସାରି ପାରି ନ ଥିବାରୁ ଅବଧି ବଢ଼ାଇବାକୁ ବିଭାଗକୁ ଅନୁରୋଧ କରିଛନ୍ତି। ଏବେ କେନାଲରେ ପାଣିଥିବାରୁ କାର୍ଯ୍ୟ ହୋଇ ପାରୁନାହିଁ। ପାଣିଛାଡ଼ିଲା ପରେ କାର୍ଯ୍ୟ ହେବ। ଅନିୟମିତତା ସମ୍ପର୍କରେ କହିଥିଲେ, ତଦନ୍ତ କରାଯିବ। ଯଦି କିଛି ଅନିୟମିତତା ହୋଇଥିବା ଜଣାପଡ଼ିବ ତେବେ ସମ୍ପୃକ୍ତ ଠିକା ସଂସ୍ଥା ଉପରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ।



ଡାକ୍ତରଖାନା ପରିସରରେ ଅଗ୍ନି ନିରାପତ୍ତା ସଚେତନ କରାଯାଉଛି।

## ଡାକ୍ତରଖାନାରେ ଅଗ୍ନି ନିରାପତ୍ତା ସଚେତନତା

**ଆଠଗଡ଼,୧୯।୭(ସ୍ୱ.ପ୍ର.)**

ଡାକ୍ତରଖାନାରେ ଆକସ୍ମିକ ଅଗ୍ନିକାଣ୍ଡ ଘଟିଲେ କିପରି ତା'ର ମୁକାବିଲା କରାଯିବ ସେ ସମ୍ପର୍କରେ ଏକ ସଚେତନତା ଓ ଅଭ୍ୟାସ ଶିବିର ଶୁକ୍ରବାର ଆଠଗଡ଼ ଉପଖଣ୍ଡ ଡାକ୍ତରଖାନା ପରିସରରେ ଅନୁଷ୍ଠିତ ହୋଇଯାଇଛି। ଡାକ୍ତରଖାନା ଅଧୀକ୍ଷକ ଡା. ବିଜୟ ମିଶ୍ରଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଶିବିରରେ ଆଠଗଡ ଦମକଳକେନ୍ଦ୍ରର ସହକାରୀ ଅଗ୍ନିଶମ ଅଧିକାରୀ ଦୁଷ୍ମନ୍ତ ସ୍ୱାଇଁ ଯୋଗଦେଇ ଅଗ୍ନିକାଣ୍ଡବେଳେ କିପରି ରୋଗୀ ଏବଂ କର୍ମଚାରୀଙ୍କ ସୁରକ୍ଷା କରାଯାଇପାରିବ ସେ ସମ୍ପର୍କରେ ଆଲୋକପାତ କରିଥିଲେ। ଏହାପରେ ଡାକ୍ତରଖାନାରେ ଲାଗିଥିବା ଅଗ୍ନି ନିର୍ବାପକ ଯନ୍ତ୍ରର ବ୍ୟବହାର, ରୋଗୀ, ସେମାନଙ୍କ ସମ୍ପର୍କୀୟ ଓ ଡାକ୍ତରଖାନା କର୍ମଚାରୀଙ୍କୁ କିପରି ସୁରକ୍ଷିତ ଭାବେ ଉଦ୍ଧାର କରାଯାଇପାରିବ ସେ ସମ୍ପର୍କରେ ବୁଝାଇଥିଲେ। ଆଗ୍ନିକ ପବିତ୍ର ସିଂହ, ହିରଣ୍ୟ ରଣା ଓ ଧନେଶ୍ୱର ନାୟକ ପ୍ରମୁଖ ଅଭ୍ୟାସ ଡ୍ରିଲ ମାଧ୍ୟମରେ ଅଗ୍ନି ନିର୍ବାପକ ଯନ୍ତ୍ରର ବ୍ୟବହାର ଏବଂ ଅଗ୍ନିକାଣ୍ଡ ସମୟରେ ଫସି ରହିଥିବା ଲୋକଙ୍କୁ କିପରି ସୁରକ୍ଷିତ ଭାବେ ଉଦ୍ଧାର କରାଯିବ ତାହା ପ୍ରଦର୍ଶନ କରିଥିଲେ। ଡାକ୍ତରଖାନାରେ କାର୍ଯ୍ୟରତ ସମସ୍ତ କର୍ମଚାରୀ ଉପସ୍ଥିତ ଥିଲେ। ଡାକ୍ତରଖାନା ପରିଚାଳକ ପୂଜାଲିନ ରାଉତ କାର୍ଯ୍ୟକ୍ରମ ସଂଯୋଜନା କରିବା ସହ ଧନ୍ୟବାଦ ଦେଇଥିଲେ।

## ପ୍ରଧାନମନ୍ତ୍ରୀ ଫସଲବୀମା ସମ୍ପର୍କିତ କର୍ମଶାଳା



ଫସଲବୀମା ଯୋଜନା ସମ୍ପର୍କିତ କର୍ମଶାଳାରେ ଯୋଗଦେଇଥିବା ଅଧିକାରୀ ଓ ଅନ୍ୟମାନେ।

**ବାଙ୍କୀ,୧୯।୭(ବି.ପ୍ର.)**

ବାଙ୍କୀ ବ୍ଲକ ସମ୍ମିଳନୀ ପ୍ରକୋଷ୍ଠରେ ଶୁକ୍ରବାର ବାଙ୍କୀ କୃଷି ସୂଚନା କେନ୍ଦ୍ର ପକ୍ଷରୁ ପ୍ରଧାନମନ୍ତ୍ରୀ ଫସଲବୀମା ଯୋଜନା ସମ୍ପର୍କିତ କର୍ମଶାଳା ଅନୁଷ୍ଠିତ ହୋଇଯାଇଛି। କାର୍ଯ୍ୟକ୍ରମରେ ବିଡିଓ ପ୍ରଭାତ ସାହୁ, ବାଙ୍କୀ ତହସିଲଦାର ପଦ୍ମଚରଣ ସାହୁ, ସହକାରୀ କୃଷି ଅଧିକାରୀ ସ୍ମୃତିଝରା ସାହୁ, ସହକାରୀ ଉଦ୍ୟାନ ଅଧିକାରୀ ସୁବାସ ପଣ୍ଡା, ରିଲିୟାନ୍ସ ଜେନେରାଲ ଇନ୍ସୁରାନ୍ସ କମ୍ପାନୀର ବ୍ଲକ ସଂଯୋଜକ ପୂର୍ଣ୍ଣଚନ୍ଦ୍ର ପ୍ରଧାନ ପ୍ରମୁଖ ଯୋଗଦେଇ କୃଷକଙ୍କ ଉନ୍ନତି ଓ ପ୍ରଧାନମନ୍ତ୍ରୀ ଫସଲ ବୀମା ଯୋଜନାର ଲକ୍ଷ୍ୟ ସମ୍ପର୍କରେ ଆଲୋଚନା କରିଥିଲେ। ଦୈବଦୁର୍ବିପାକ ଓ ମରୁଡ଼ିର ଆଂଶିକ କ୍ଷତିଭରଣ ପାଇଁ ପ୍ରଧାନମନ୍ତ୍ରୀ ଫସଲବୀମା ଯୋଜନା ସହାୟକ ହେବ ବୋଲି ଅଧିକାରୀମାନେ ମତ ରଖିଥିଲେ। ତେଣୁ ପ୍ରତ୍ୟେକ ଚାଷୀ ଫସଲ କରିବାକୁ ସେମାନେ ଅନୁରୋଧ କରିଥିଲେ। ଏ ଦିଗରେ ସରକାରୀ ସ୍ତରରେ କାର୍ଯ୍ୟ କରୁଥିବା ଗ୍ରାମ୍ୟ କୃଷି କର୍ମଚାରୀ, କୃଷକ ସାଥୀ ସକ୍ରିୟ ଭାବରେ ନିଜ ନିଜ ଅଞ୍ଚଳରେ ଚାଷୀଙ୍କୁ ସଚେତନ କରି ପ୍ରଧାନମନ୍ତ୍ରୀ ଫସଲବୀମା ଯୋଜନାରେ ପଞ୍ଜୀକରଣ କରିବା ପାଇଁ କୁହାଯାଇଥିଲା। ସମବାୟ ସମ୍ପ୍ରସାରଣ ଅଧିକାରୀ ଅଜୟ ରାଉତ କାର୍ଯ୍ୟକ୍ରମର ଆଭିମୁଖ୍ୟ ସମ୍ପର୍କରେ ଆଲୋକପାତ କରିବା ସହ ଅତିଥି ପରିଚୟ ଏବଂ ସ୍ୱାଗତ ଭାଷଣ ଦେଇଥିଲେ।

## ମୋବାଇଲ ଷ୍ଟୋର କର୍ମଚାରୀଙ୍କୁ ମାଡ଼ମାରି ଜଣେ ଗିରଫ

**କଟକ ଅଫିସ୍, ୧୯।୭**

ଏକ ମୋବାଇଲ ଷ୍ଟୋର କର୍ମଚାରୀଙ୍କୁ ମରଣାନ୍ତକ ଆକ୍ରମଣ କରିବା ଅଭିଯୋଗରେ ଲାଲବାଗ ପୋଲିସ ଜଣଙ୍କୁ ଶୁକ୍ରବାର ଗିରଫ କରି କୋର୍ଟଚାଲାଣ କରିଛି। ଅଭିଯୁକ୍ତ ଜଣକ ହେଲେ ଡଗରପଡା ହାଟଗଡିଆ ସାହିର ହୁଲିଆ ଓରଫ ଅଜୟ ଦାସ(୪୦)। ସୂଚନା ମୁତାବକ, ଲାଲବାଗ୍ ଥାନା ଅନ୍ତର୍ଗତ ଡଗରପଡା ଅଞ୍ଚଳରେ ଏକ ମୋବାଇଲ କମ୍ପାନୀର ଷ୍ଟୋର ରହିଛି। ଉକ୍ତ ଷ୍ଟୋରରେ ମୋବାଇଲ ବିକ୍ରି କରାଯିବା ସହିତ ଖରାପ ମୋବାଇଲକୁ ମରାମତି କରାଯାଇଥାଏ। ତେବେ ଶୁକ୍ରବାର ମଧ୍ୟାହ୍ନରେ ହଠାତ୍ ଅଭିଯୁକ୍ତ ହୁଲିଆ ନିଶାସକ୍ତ ଅବସ୍ଥାରେ ସେଠାରେ ପହଞ୍ଚି କୌଣସି କାରଣ ନ ଥାଇ ଷ୍ଟୋରର କର୍ମଚାରୀଙ୍କୁ ଗାଳିଗୁଲଜ କରିଥିଲେ।

ଏହାକୁ ବିରୋଧ କରିବାରୁ ଅଭିଯୁକ୍ତ ଜଣକ ଉକ୍ତ ଷ୍ଟୋର ଭିତରେ ପଶି ଭଙ୍ଗାରୁଜା କରିବା ସହିତ କର୍ମଚାରୀଙ୍କୁ ଧମକଚମକ ଦେବା ସହ ମାଡ ମାରିଥିଲେ। ଏପରି କି ଷ୍ଟୋର ଚାଲୁଥିବା ଘରର ମାଲିକ ଅଟକାଇବାରୁ ତାଙ୍କୁ ଏକ ବାଡିରେ ଆକ୍ରମଣ କରିଥିଲେ। ଏହି ଘଟଣା ପରେ ଉକ୍ତ ଷ୍ଟୋରର କର୍ମଚାରୀ ସଞ୍ଜୟ ସିଂ ଲାଲବାଗ ଥାନାରେ ଲିଖିତ ଅଭିଯୋଗ କରିଥିଲେ। ପୋଲିସ ଆଇପିସି ୩୦୭ ଦଫାରେ ଏକ ମାମଲା ରୁଜୁ କରି ଅଭିଯୁକ୍ତ ହୁଲିଆଙ୍କୁ ଗିରଫ କରିଥିଲା।

## ସ୍ୱାଧୀନତା ଦିବସ ପ୍ରସ୍ତୁତି ବୈଠକ



ପ୍ରସ୍ତୁତି ବୈଠକରେ ଉପଜିଲାପାଳ ଓ ଅନ୍ୟ ଅଧିକାରୀ ଉପସ୍ଥିତ।

**ବାଙ୍କୀ,୧୯।୭(ସ୍ୱ.ପ୍ର.)**

ବାଙ୍କୀ ଉପଖଣ୍ଡସ୍ତରରେ ସ୍ୱାଧୀନତା ଦିବସ ପାଳନ ପାଇଁ ପ୍ରଶାସନ ପକ୍ଷରୁ ଏକ ପ୍ରସ୍ତୁତି ବୈଠକ ଶୁକ୍ରବାର ଉପଜିଲାପାଳଙ୍କ ସମ୍ମିଳନୀ କକ୍ଷରେ ଅନୁଷ୍ଠିତ ହୋଇଛି। ବୈଠକରେ ଉପଜିଲାପାଳ ଅରୁଣ ବିଶ୍ୱାଳ ଅଧ୍ୟକ୍ଷତା କରିଥିଲେ। ସୂଚନା ଓ ଲୋକସମ୍ପର୍କ ଅଧିକାରୀ ଶାରଦା ପ୍ରସାଦ ମହାନ୍ତି କାର୍ଯ୍ୟକ୍ରମ ସମ୍ପର୍କରେ ସୂଚନା ଦେଇଥିଲେ। କଚେରି ପଡ଼ିଆରେ ଉପଖଣ୍ଡସ୍ତରୀୟ ସ୍ୱାଧୀନତା ଦିବସ ପାଳନ କରାଯିବ। ଉପଜିଲାପାଳ ମୁଖ୍ୟଅତିଥିଭାବେ ମିଳିତ ପ୍ୟାରେଡ୍‌ରେ ଅଭିବାଦନ ଗ୍ରହଣ କରି ଜାତୀୟ ପତାକା ଉତ୍ତୋଳନ କରିବେ। ଏହି ଅବସରରେ ପ୍ରାଥମିକ, ଉଚ୍ଚପ୍ରାଥମିକ, ହାଇସ୍କୁଲ ଓ ମହାବିଦ୍ୟାଳୟସ୍ତରରେ ଅନୁଷ୍ଠିତ ହୋଇଥିବା ବିଭିନ୍ନ ପ୍ରତିଯୋଗିତାର କୃତୀ ଛାତ୍ରୀଛାତ୍ରଙ୍କୁ ପୁରସ୍କୃତ କରାଯିବ। ଉତ୍ସବରେ ହାଇସ୍କୁଲ ସାର୍ଟିଫିକେଟ୍ ପରୀକ୍ଷା, ଯୁକ୍ତ ଦୁଇ ଓ ତିନି ପରୀକ୍ଷାରେ ସର୍ବୋଚ୍ଚ ନମ୍ବର ରଖିଥିବା ଛାତ୍ରୀଛାତ୍ରଙ୍କୁ ସମ୍ବର୍ଦ୍ଧିତ କରାଯିବା ସହିତ ଉପଖଣ୍ଡର ଜଣେ ଶ୍ରେଷ୍ଠ ଚାଷୀ ଓ ଜଣେ ସାମାଜିକ କର୍ମୀଙ୍କୁ ପୁରସ୍କୃତ କରାଯିବ। ଅପରାହ୍ନରେ ବାଙ୍କୀ କ୍ରୀଡ଼ା ସଂସଦ ଆନୁକୂଲ୍ୟରେ ବନ୍ଧୁତ୍ୱପୂର୍ଣ୍ଣ କ୍ରିକେଟ୍ ଓ ଫୁଟ୍ ବଲ୍‌ମ୍ୟାଚ ହେବ। ବୈଠକରେ ବାଙ୍କୀ କଲେଜର ଗୁରୁବାରୀ ସାହୁ, ସନ୍ଧ୍ୟାରାଣୀ ମହାନ୍ତି, ଭୂପତି ଭୂଷଣ ପ୍ରଧାନ, ଉପଖଣ୍ଡ ପୋଲିସ୍ ଅଧିକାରୀ ପ୍ରସନ୍ନ ବିଶ୍ୱାଳ, ତହସିଲଦାର ପଦ୍ମ ଚରଣ ସାହୁ, ବିଡିଓ ପ୍ରଭାତ ସାହୁ, ଉପକାରାଗାର ଅଧୀକ୍ଷକ ସ୍ମିତା ମହାନ୍ତି, ପ୍ରମୁଖ ଯୋଗ ଦେଇଥିଲେ।

## ହାଇକୋର୍ଟ ଭିତରକୁ ପଶିବାକୁ ଉଦ୍ୟମ, ଜଣେ ଗିରଫ

**କଟକ ଅଫିସ୍, ୧୯।୭**

ହାଇକୋର୍ଟ ଭିତରକୁ ଜୋର ଜବରଦସ୍ତ ପଶିବାକୁ ଉଦ୍ୟମ କରୁଥିବା ବେଳେ ଶୁକ୍ରବାର ଜଣେ ଯୁବକଙ୍କୁ ଗିରଫ କରିଛି ଲାଲବାଗ ପୋଲିସ। ଅଭିଯୁକ୍ତ ଜଣକ ହେଲେ ହାଇଦ୍ରାବାଦର ଦାଉଦ ହୁସେନ(୨୫)। ମିଳିଥିବା ସୂଚନା ମୁତାବକ, ଅଭିଯୁକ୍ତ ଦାଉଦ ଶୁକ୍ରବାର ଦିନ ୧୧ଟା ସମୟରେ ହାଇକୋର୍ଟ ଭିତରକୁ ପ୍ରବେଶ କରିବାକୁ ଉଦ୍ୟମ କରୁଥିଲେ। ଏହାଦେଖି ହାଇକୋର୍ଟ ପରିସରରେ ନିୟୋଜିତ ସୁରକ୍ଷା କର୍ମୀମାନେ ତାଙ୍କୁ ଅଟକାଇ ପଚରାଉଚରା କରିଥିଲେ। ତାଙ୍କର ଜଣେ ସମ୍ପର୍କୀୟ ହାଇକୋର୍ଟରେ ଚାକିରି କରିଥିବା ବେଳେ ସେ ତାଙ୍କୁ ଦେଖା କରିବାକୁ ଆସିଥିବା ଦାଉଦ ସୁରକ୍ଷାକର୍ମୀଙ୍କୁ କହିଥିଲେ। ସୁରକ୍ଷା କର୍ମୀମାନେ ଦାଉଦଙ୍କ କହିବା ଅନୁସାରେ ଯାଞ୍ଚ କରିବା ପରେ ତାଙ୍କ କଥାର କୌଣସି ସତ୍ୟାସତ ନ ଥିବା ଜାଣିବାକୁ ପାଇଥିଲେ। ଏହାପରେ ସୁରକ୍ଷାକର୍ମୀମାନେ ଦାଉଦଙ୍କୁ ସେଠାରୁ ଚାଲିଯିବାକୁ କହିଥିଲେ ମଧ୍ୟ ସେ ବାହାରକୁ ନ ଯାଇ ଜୋରଜବରଦସ୍ତ ହାଇକୋର୍ଟ ଭିତରକୁ ପ୍ରବେଶ କରିବାକୁ ଉଦ୍ୟମ କରିଥିଲେ। ଏହାକୁ ନେଇ ହାଇକୋର୍ଟ ପରିସରରେ କିଛି ସମୟ ପାଇଁ ସୁରକ୍ଷାକର୍ମୀଙ୍କ ସହ ତାଙ୍କର ଠେଲାପେଲା ହୋଇଥିଲା। ଖବର ପାଇ ଲାଲବାଗ ଥାନା ପୋଲିସ ପହଞ୍ଚି ଉକ୍ତ ଯୁବକଙ୍କୁ କାବୁ କରି ଥାନାକୁ ଆଣିଥିଲା। ପରେ ସୁରକ୍ଷାକର୍ମୀଙ୍କ ଏତଲା ଆଧାରରେ ପୋଲିସ ଏକ ମାମଲା ରୁଜୁ କରି ଅଭିଯୁକ୍ତ ଦାଉଦଙ୍କୁ କୋର୍ଟଚାଲାଣ କରିଛି।

## ଜେଏନ୍ କଲେଜରେ ଆଲୋଚନାଚକ୍ର

**ଲଳିତଗିରି,୧୯।୭(ସ୍ୱ.ପ୍ର.)**

ମାହାଙ୍ଗା ବ୍ଲକ ଅନ୍ତର୍ଗତ କୁଆଁପାଳସ୍ଥିତ ଜେ.ଏନ୍. କଲେଜ ଓଡ଼ିଆ ବିଭାଗର ଏକ ଆଲୋଚନାଚକ୍ର ଓ ସମ୍ବର୍ଦ୍ଧନା ସଭା ଅନୁଷ୍ଠିତ ହୋଇଛି। ଓଡ଼ିଆ ଭାଷା ସାହିତ୍ୟ ବିଭାଗ ମୁଖ୍ୟ କବି ଡ. ନିଖିଳେଶପଦ ମହାନ୍ତିଙ୍କ ସଭାପତିତ୍ୱରେ ଆୟୋଜିତ ସଭାରେ ମୁଖ୍ୟଅତିଥିଭାବେ କଲେଜ ଅଧ୍ୟକ୍ଷ ପଲ୍ଲବ ଚକ୍ରବର୍ତ୍ତୀ, ମୁଖ୍ୟବକ୍ତା ଅଧ୍ୟାପକ କୁମୁଦ ଚନ୍ଦ୍ର ସିଂହ, ସମ୍ମାନିତ ବକ୍ତା ଅଧ୍ୟାପକ ଶରତ ଚନ୍ଦ୍ର ପ୍ରଧାନ, ସମ୍ମାନିତ ଅତିଥିଭାବେ ଅଧ୍ୟାପକ ଅଜୟ ଚନ୍ଦ୍ର ସାହୁ, ଅଧ୍ୟାପକ ରବି ନାରାୟଣ ବାରିକ ଓ ଅଧ୍ୟାପକ ବସନ୍ତ ସେଠୀ ପ୍ରମୁଖ ଯୋଗଦେଇ ଓଡ଼ିଆ ପ୍ରାଚୀନ ସାହିତ୍ୟର ଶବ୍ଦ ସମ୍ଭାର ସମ୍ପର୍କରେ ଆଲୋଚନା କରିଥିଲେ। ପରେ କଳା ବର୍ଷର ଛାତ୍ରୀଛାତ୍ରଙ୍କୁ ବିଦାୟୀ ସମ୍ବର୍ଦ୍ଧନା ଦିଆଯାଇଥିଲା। ଶେଷରେ ଅଧ୍ୟାପିକା କନକପ୍ରଭା ମନ୍ତ୍ରୀ ଧନ୍ୟବାଦ ଦେଇଥିଲେ।



ଆଲୋଚନାଚକ୍ରରେ ଯୋଗଦେଇଥିବା ଅତିଥି।

■ ଦୂର ହେଉନି ପାନୀୟ ଜଳ ସମସ୍ୟା

## ଉପଜିଲାପାଳଙ୍କୁ ଅଭିଯୋଗ କଲେ ବଜ୍ରକୋଟ ବାସିନ୍ଦା

**ଆଠଗଡ଼,୧୯।୭(ସ୍ୱ.ପ୍ର.)**



ଉପଜିଲାପାଳଙ୍କୁ ଅଭିଯୋଗ କରିବାକୁ ଆସିଥିବା ବଜ୍ରକୋଟ ସାହି ବାସିନ୍ଦା।

ମହାନଦୀ କୂଳରେ ଅବସ୍ଥିତ ଆଠଗଡ଼ ବ୍ଲକ ଅଧୀନ କନ୍ଦରପୁର ପଞ୍ଚାୟତର ବଜ୍ରକୋଟ ସାହିରେ ଦୀର୍ଘଦିନ ହେବ ପାନୀୟଜଳ ସମସ୍ୟା ଲାଗିରହିଛି। ଫଳରେ ସାହିରେ ପ୍ରାୟ ୧ଶହ ପରିବାରର ୫୦୦ରୁ ଊର୍ଦ୍ଧ୍ୱ ଜନସାଧାରଣ ପାନୀୟ ଜଳ ପାଇଁ ନାନା ସମସ୍ୟାରେ ସମ୍ମୁଖୀନ ହେଉଛନ୍ତି। ଏ ସମ୍ପର୍କରେ ସେମାନେ ବାରମ୍ବାର ପଞ୍ଚାୟତ ପ୍ରତିନିଧି, ବ୍ଲକ୍ ପ୍ରଶାସନ ଏବଂ ଗ୍ରାମ୍ୟ ପାନୀୟ ଜଳ ଯୋଗାଣ ବିଭାଗ ଦୃଷ୍ଟି ଆକର୍ଷଣ କରିଥିଲେ ମଧ୍ୟ ସମସ୍ୟାର ସମାଧାନ ହେଉନାହିଁ। ଫଳରେ ବାଧ୍ୟହୋଇ ଶୁକ୍ରବାର ବଜ୍ରକୋଟ ସାହିବାସିନ୍ଦା ଆଠଗଡ଼ ଉପଜିଲାପାଳଙ୍କୁ ସାକ୍ଷାତ କରି ସେମାନଙ୍କ ସମସ୍ୟା ସମ୍ପର୍କରେ ଫେରାଦ ହୋଇଛନ୍ତି। ସେମାନେ ଉପଜିଲାପାଳଙ୍କୁ ଏକ ଦାବିପତ୍ର ଦେଇ ଗ୍ରାମରେ ନୂତନ ଭାବେ ଖୋଳା ହେବାକୁ ଥିବା ଗଭୀର କୂପଟିକୁ ସ୍ଥାନୀୟ ବାଉତୀ ମନ୍ଦିର ନିକଟରେ ଖୋଳାଇବାକୁ ଅନୁରୋଧ କରିଛନ୍ତି। ପୂର୍ବରୁ ଉକ୍ତ ସାହିକୁ ପାନୀୟ ଜଳ ଯୋଗାଣ ହେଉଥିବା ଗଭୀର କୂପଟି ୪ବର୍ଷ ହେଲା ପୋତି ହୋଇପଡ଼ିଛି। ତେଣୁ ବିଭାଗୀୟ କର୍ତ୍ତୃପକ୍ଷ ବାଉତୀ ମନ୍ଦିର ନିକଟରେ ନୂତନ ଗଭୀର କୂପ ଖୋଳିଲେ ସେମାନଙ୍କ ଜଳ ଯୋଗାଣ ସମସ୍ୟା ଦୂର ହୋଇପାରିବ ବୋଲି ଆଶା ପ୍ରକାଶ କରିଛନ୍ତି। ଉପଜିଲାପାଳ ଅମୀୟ ସାହୁ ସେମାନଙ୍କ ସମସ୍ୟା ବିଷୟରେ ଅବଗତ ହେବାପରେ ଗ୍ରାମ୍ୟ ପାନୀୟଜଳ ଓ ପରିମଳ ବିଭାଗର ନିର୍ବାହୀ ଯନ୍ତ୍ରୀଙ୍କୁ ଶନିବାର ତାଙ୍କ କାର୍ଯ୍ୟାଳୟକୁ ଡାକି ଆଲୋଚନା କରିବା ସହ ସମସ୍ୟାର ସମାଧାନ କରିବେ ବୋଲି କହିଛନ୍ତି। ସରପଞ୍ଚ ପରମାନନ୍ଦ ବେହେରା, ଦୀପକ କୁମାର ରାଉତ, ପ୍ରଫୁଲ୍ଲ ନାଏକ, କୌଶଲ୍ୟା ନାଏକ, ଦିବାକର ନାୟକ ଓ ପ୍ରମୋଦ ନାଏକ ପ୍ରମୁଖଙ୍କ ନେତୃତ୍ୱରେ ୫୦ରୁ ଊର୍ଦ୍ଧ୍ୱ ସାହିବାସିନ୍ଦା ଉପଜିଲାପାଳଙ୍କୁ ସାକ୍ଷାତ କରି ଅଭିଯୋଗ ପତ୍ର ଦେଇଥିଲେ।



ସନ୍ତୋଷ ହେଉଛି ପ୍ରକୃତିଦତ୍ତ ସମ୍ପଦ, ଆଉ ବିଳାସ ଅନ୍ୟନାମ ହେଉଛି କୃତ୍ରିମ ଦାରିଦ୍ର୍ୟ
- ସକ୍ରେଟିସ



## ସଂକ୍ଷେପରେ

### ମୋବାଇଲ ଷ୍ଟୋର କର୍ମଚାରୀଙ୍କୁ ମାଡ଼ମାରି ଜଣେ ଗିରଫ

**କଟକ ଅଫିସ୍,୧୯।୭:** ଏକ ମୋବାଇଲ ଷ୍ଟୋର କର୍ମଚାରୀଙ୍କୁ ମରଣାନ୍ତକ ଆକ୍ରମଣ କରିବା ଅଭିଯୋଗରେ ଲାଲବାଗ ପୋଲିସ ଜଣଙ୍କୁ ଶୁକ୍ରବାର ଗିରଫ କରି କୋର୍ଟଚାଲାଣ କରିଛି। ଅଭିଯୁକ୍ତ ଜଣକ ହେଲେ ଡଗରପଡା ହାଟଗଡିଆ ସାହିର ହୁଲିଆ ଓରଫ ଅଜୟ ଦାସ(୪୦)। ସୂଚନା ମୁତାବକ, ଲାଲବାଗ୍ ଥାନା ଅନ୍ତର୍ଗତ ଡଗରପଡା ଅଞ୍ଚଳରେ ଏକ ମୋବାଇଲ କମ୍ପାନୀର ଷ୍ଟୋର ରହିଛି। ଶୁକ୍ରବାର ମଧ୍ୟାହ୍ନରେ ହଠାତ୍ ଅଭିଯୁକ୍ତ ହୁଲିଆ ନିଶାସକ୍ତ ଅବସ୍ଥାରେ ସେଠାରେ ପହଞ୍ଚି କୌଣସି କାରଣ ନ ଥାଇ ଷ୍ଟୋରର କର୍ମଚାରୀଙ୍କୁ ଗାଳିଗୁଲଜ କରିଥିଲେ। ଏହାକୁ ବିରୋଧ କରିବାରୁ ଅଭିଯୁକ୍ତ ଜଣକ ଉକ୍ତ ଷ୍ଟୋର ଭିତରେ ପଶି ଭଙ୍ଗାରୁଜା କରିବା ସହିତ କର୍ମଚାରୀଙ୍କୁ ଧମକଚମକ ଦେବା ସହ ମାଡ ମାରିଥିଲେ। ଆହତ ସଞ୍ଜୟ ସିଂଙ୍କ ଅଭିଯୋଗ କ୍ରମେ ପୋଲିସ ଆଇପିସି ୩୦୭ ଦଫାରେ ଏକ ମାମଲା ରୁଜୁ କରିଥିଲା।

### ଦୋକାନରୁ ମାଛଚୋରି ଅଭିଯୋଗ

**ଚୌଦ୍ୱାର,୧୯।୭(ଡି.ଏନ୍.ଏ.):** ଚୌଦ୍ୱାର ବ୍ୟାରେଜ ରୋଡରେ ଥିବା ଏକ ଦୋକାନରୁ ଗୁରୁବାର ବିଳମ୍ବିତ ରାତିରେ ପ୍ରାୟ ୫୦ହଜାର ଟଙ୍କାର ମାଛ ଚୋରି ହୋଇଥିବା ନେଇ ଶୁକ୍ରବାର ଥାନାରେ ଅଭିଯୋଗ ହୋଇଛି। ଦୋକାନୀ ବିଜୟ କୁମାର ବେହେରା ଓ ବିକାଶ କୁମାର ବେହେରା କରିଥିବା ଅଭିଯୋଗ ଅନୁଯାୟୀ ସେମାନେ ଗୁରୁବାର ରାତିରେ ଦୋକାନରେ ମାଛରଖି ଦୋକାନ ବନ୍ଦ କରି ଘରକୁ ଯାଇଥିଲେ। ଶୁକ୍ରବାର ସକାଳେ ସେମାନେ ଦୋକାନ ଖୋଲିବାକୁ ଆସି ଦେଖନ୍ତି କ୍ୟାବିନ୍ ଭାଙ୍ଗି ଦୋକାନ ଭିତରେ ଗଚ୍ଛିତ ଥିବା ସମସ୍ତ ମାଛ ଚୋରି ହୋଇଯାଇଛି। ଅଭିଯୋଗ ପାଇ ପୋଲିସ ଘଟଣାର ତଦନ୍ତ ଆରମ୍ଭ କରିଛି।

### ଦୁର୍ଘଟଣାରେ ଜଣେ ଗୁରୁତର

**ଚୌଦ୍ୱାର,୧୯।୭(ଡି.ଏନ୍.ଏ.):** ୫୫ନଂ ଜାତୀୟ ରାଜପଥର ନୁନଟିକିରୀଠାରେ ଶୁକ୍ରବାର ଅପରାହ୍ନରେ ଏକ ସଡକ ଦୁର୍ଘଟଣାରେ ଜଣେ ବାଇକ୍ ଆରୋହୀ ଗୁରୁତର ଆହତ ହୋଇଛନ୍ତି। ସେ ହେଲେ ଟାଙ୍ଗୀ ଥାନା ମଣିଆ ଗ୍ରାମର ଗଣେଶ୍ୱର ଖିଲାର। ଚୌଦ୍ୱାର ପୋଲିସ ଗଣେଶ୍ୱରଙ୍କୁ ସ୍ଥାନୀୟ ଏକ ଚିକିତ୍ସାଳୟରେ ଭର୍ତ୍ତି କରଛି। ମଙ୍ଗୁଳି ଛକରୁ ଏକ ଟ୍ରକ୍ ଅନୁଗୋଳ ଅଭିମୁଖେ ଯାଉଥିବା ବେଳେ ଜଗତପୁରସ୍ଥିତ ଗଣେଶ୍ୱର ବାଇକ୍‌ରେ ଟ୍ରକ୍ ପଛରେ ଯାଉଥିଲେ। ଟ୍ରକ୍‌ଟି ହଠାତ୍ ବ୍ରେକ୍ ମାରିବାରୁ ଗଣେଶ୍ୱର ଟ୍ରକ୍ ପଛରେ ପିଟିହୋଇ ରାସ୍ତା ଉପରକୁ ଛିଟିକି ପଡିଥିଲେ। ଫଳରେ ତାଙ୍କର ଗୋଡରେ ଗଭୀର ଆଘାତ ଲାଗି ସେ ଆହତ ହୋଇଥିଲେ।

### ଭାଜପା ପକ୍ଷରୁ ସଦସ୍ୟତା ସଂଗ୍ରହ ଅଭିଯାନ

**ଖୁଣ୍ଟୁଣୀ,୧୯।୭(ଡି.ଏନ୍.ଏ.):** ଖୁଣ୍ଟୁଣୀ ମଣ୍ଡଳ ଭାଜପା ପକ୍ଷରୁ ଶୁକ୍ରବାର ନୂତନ ସଦସ୍ୟ ସଂଗ୍ରହ ଅଭିଯାନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ବରିଷ୍ଠ ଭାଜପା ନେତା ବ୍ରଜେନ୍ଦ୍ର ରାୟଙ୍କ ନେତୃତ୍ୱରେ ଅନୁଷ୍ଠିତ ଏହି ସଦସ୍ୟ ସଂଗ୍ରହ ଅଭିଯାନ ଖୁଣ୍ଟୁଣୀ ରାମ ମନ୍ଦିରଠାରେ ଅନୁଷ୍ଠିତ ହୋଇ ପ୍ରଥମ ଦିନରେ ବହୁ ନୂତନ ସଦସ୍ୟଙ୍କୁ ବିଧିବଦ୍ଧ ଭାବେ ଭାଜପାର ସଦସ୍ୟତା ପଦ ପ୍ରଦାନ କରି ସମ୍ବର୍ଦ୍ଧିତ କରାଯାଇଛି। ଏହି ଅଭିଯାନରେ ପ୍ରମୁଖ ସୁକନ୍ତ ଦଳେଇ ଓ ସହ ପ୍ରମୁଖ କରୁଣାକର ସାହୁଙ୍କୁ ବିଧାୟକ ପ୍ରାର୍ଥୀ ରାୟ ଚୟନ କରାଯାଇଛି। ମଣ୍ଡଳ ସଭାପତି ଉମେଶଚନ୍ଦ୍ର ସାମଲଙ୍କ ସଂଯୋଜନାରେ ଖୁଣ୍ଟୁଣୀ ମଣ୍ଡଳ ଅନ୍ତର୍ଗତ କଣ୍ଡରେଇ, ଖୁଣ୍ଟୁଣୀ, ଗୁରୁଡିଝାଟିଆ, ଗୋବରା, ଓରଳା, କୁସପଙ୍ଗି, କୁମାରପୁର, ଛଅଗାଁ ଆଦି ଗ୍ରାମରୁ କର୍ମକର୍ତ୍ତା ଯୋଗଦେଇଥିଲେ।

## ■ ସିପିଆଇ(ଏମ୍)ର ଜିଲା କମିଟି ବୈଠକ

# ସିଏମ୍‌ସିର ଜନବିରୋଧୀ ପଦକ୍ଷେପ ଉଦ୍‌ବେଗଜନକ

**କଟକ ଅଫିସ,୧୯।୭**

ସିପିଆଇ(ଏମ୍)ର କଟକ ଜିଲା କମିଟି ବୈଠକ ପିଲିଗ୍ରୀମ ରୋଡ୍‌ସ୍ଥିତ ଜିଲା ଅଫିସରେ ଗୁରୁବାର ଅନୁଷ୍ଠିତ ହୋଇଯାଇଛି। ଏଥିରେ ରାଜ୍ୟ କମିଟିର ବରିଷ୍ଠ ନେତା ଜନାର୍ଦ୍ଦନ ପତି, ପୁଷ୍ପା ଦାସ ପ୍ରମୁଖ ଉପସ୍ଥିତ ଥିଲେ। ବରିଷ୍ଠ ନେତା ରବି ନାରାୟଣ ମଲ୍ଲିକଙ୍କ ସଭାପତିତ୍ୱରେ ଅନୁଷ୍ଠିତ ବୈଠକରେ ନିର୍ବାଚନ ପରବର୍ତ୍ତୀ ଦେଶର ଅବସ୍ଥା ସମ୍ପର୍କରେ ଆଲୋଚନା ହୋଇଥିଲା। ଦେଶର ଜାତୀୟ ସମ୍ପତ୍ତିଗୁଡ଼ିକୁ ବିକ୍ରି କରିବା କେନ୍ଦ୍ର ସରକାରଙ୍କ ପ୍ରାଥମିକ କାର୍ଯ୍ୟରେ ପରିଣତ ହୋଇଛି। କେନ୍ଦ୍ର ବଜେଟ୍‌ରେ କୃଷି ଓ ବେକାରି ସମସ୍ୟାର ସମାଧାନ ପାଇଁ କୌଣସି ଅର୍ଥ ବରାଦ କରାଯାଇନାହିଁ। ଏହା ସାଙ୍ଗକୁ ଦୈନନ୍ଦିନ ରାଜନୈତିକ ଘୋଡ଼ାବେପାରରେ ବିଶ୍ୱାସ ରଖୁଥିବା ଶାସକ ଦଳ ଏକ ଦେଶ ଏକ ନିର୍ବାଚନ ଭଳି ଶସ୍ତା ସ୍ଲୋଗାନ ଦେଉଛନ୍ତି। ଏହା ମାଧ୍ୟମରେ ତାଙ୍କର ଦେଶ ବିରୋଧୀ କାର୍ଯ୍ୟଗୁଡ଼ିକରୁ ଲୋକଙ୍କ ଦୃଷ୍ଟି ଏଡାଇବା ପାଇଁ ଉଦ୍ୟମ ସହିତ ସାମ୍ପ୍ରଦାୟିକତାବାଦ କାର୍ଯ୍ୟକ୍ରମକୁ ଅଗ୍ରାଧିକାର ଦେଇ ଚାଲିଛନ୍ତି। ବିଶେଷକରି ଏହି ବୈଠକରେ କମିଟିର ସଦସ୍ୟମାନେ ସିଏମ୍‌ସି କର୍ତ୍ତୃପକ୍ଷଙ୍କ ଜନବିରୋଧୀ କାର୍ଯ୍ୟ ଯଥା ନାଳ ନର୍ଦ୍ଦମାଗୁଡ଼ିକ ଫେବୃୟାରୀ ଓ ମାର୍ଚ୍ଚରେ ସଫା ନ କରି ଜୁଲାଇରେ ସଫା କରିବା, ଜୁଲାଇରେ ନୂତନ ଭାବେ ନିର୍ମାଣ କରାଯାଉଥିବା ନାଳଗୁଡ଼ିକ ଅତ୍ୟନ୍ତ ନିମ୍ନମାନର କରିବା, ମହାନଦୀ ବିହାର ସମେତ ପ୍ରାୟ ୫ଟି ୱାର୍ଡର ଜଳ ନିଷ୍କାସନର ଏକମାତ୍ର ଆଉଟଲେଟ ସମ୍ପୂର୍ଣ୍ଣ ଜାମ ରହିବା ଯୋଗୁ ଜଳ ନିଷ୍କାସନର ସମସ୍ୟା ବୃଦ୍ଧି ପାଇବା ଏବଂ ୧୫ ବର୍ଷ ଧରି ଜମି ଅଧିଗ୍ରହଣ କରାଯାଇଥିଲେ ମଧ୍ୟ ସ୍ଥାୟୀ ନିର୍ମାଣ କରା ନ ଯିବା ପ୍ରସଙ୍ଗରେ ଉଦ୍‌ବେଗ ପ୍ରକାଶ ପାଇଥିଲା। ଆବର୍ଜନା ଉଠାଇବା ପାଇଁ ବ୍ୟବହୃତ ଗାଡ଼ିକୁ ଜିପିଏସ୍ ମନିଟରିଂ ବ୍ୟବସ୍ଥାରୁ ବାଦ ଦେବା ଦ୍ୱାରା ଏହା ଦୁର୍ନୀତିକୁ ଉତ୍ସାହିତ କରୁଛି ବୋଲି ବୈଠକରେ ମତପ୍ରକାଶ ପାଇଥିଲା। ଅଧିକ କ୍ଷମତାସମ୍ପନ୍ନ ଅଫିସରଙ୍କୁ ନିଯୁକ୍ତି ଦିଆଯାଇଥିଲେ ମଧ୍ୟ ସେ ଯେଉଁ ଅଞ୍ଚଳକୁ ଗସ୍ତ କରୁଛନ୍ତି ସେଠାକାର ଜନସାଧାରଣଙ୍କୁ ଆଗରୁ ଅବଗତ କରାଯାଉନାହିଁ। ପୂର୍ବରୁ ଅବଗତ କରାଗଲେ ଅସମାହିତ ସମସ୍ୟାଗୁଡ଼ିକ ସମ୍ପର୍କରେ ଜନଗଣ ଅଧିକାରୀମାନଙ୍କୁ ଅବଗତ କରାଇପାରନ୍ତେ। କିନ୍ତୁ କେବଳ ଗଣମାଧ୍ୟମରେ ପ୍ରଚାର ଉଦ୍ଦେଶ୍ୟରେ ଏହି ଗସ୍ତ କରାଯାଉଛି ବୋଲି ସିପିଆଇ(ଏମ୍) ପକ୍ଷରୁ ଅଭିଯୋଗ କରାଯାଇଛି। ରାଜନୈତିକ ଦଳ, ଅନୁଷ୍ଠାନ ଏବଂ ସହରର ବରିଷ୍ଠ ନାଗରିକମାନଙ୍କୁ ବିଶ୍ୱାସକୁ ନେଇ ଆଲୋଚନା ନ କରି କେବଳ ପ୍ରଚାର ପାଇଁ ବୁଲିଲେ ସମସ୍ୟାର ସମାଧାନ ହୋଇପାରିବ ନାହିଁ ବୋଲି ଦଳ ପକ୍ଷରୁ କୁହାଯାଇଛି। ଜଳ ନିଷ୍କାସନ, ନାଳନର୍ଦ୍ଦମା ସଫେଇ ଜନିତ ସମସ୍ୟା ସମ୍ପୂର୍ଣ୍ଣ ମନୁଷ୍ୟକୃତ। ସିଏମ୍‌ସି କର୍ତ୍ତୃପକ୍ଷଙ୍କର ଜନବିରୋଧୀ ଓ ଦୁର୍ନୀତିପୂର୍ଣ୍ଣ ମାନସିକତାର ପ୍ରତିଫଳନ ବୋଲି ଦଳ କହିଛି। ଏହି ବୈଠକରେ ଜିଲା ସମ୍ପାଦକ ବଦ୍ରିନାରାୟଣ ଦାସଙ୍କ ଦ୍ୱାରା ଉପସ୍ଥାପିତ ରାଜନୈତିକ ଓ ସାଙ୍ଗଠନିକ ପ୍ରସ୍ତାବ ସର୍ବସମ୍ମତିକ୍ରମେ ଗୃହୀତ ହୋଇଥିଲା। କଟକ ଆଞ୍ଚଳିକ କମିଟି ସମ୍ପାଦକ ପ୍ରତାପ ମହାପାତ୍ର, ଚୌଦ୍ୱାର ଆଞ୍ଚଳିକ କମିଟି ସମ୍ପାଦକ ବିଷ୍ଣୁ ବେହେରା, କୃଷକ ସଭାର ଜିଲା ସଭାପତି ମଧୁସୂଦନ ପତି, ସମ୍ପାଦକ ଦମ୍ବରୁଧର ସାହୁ, ସିଆଇଟିୟୁର ଜିଲା ସମ୍ପାଦକ ଅଭୟ ସ୍ୱାଇଁ, ନିର୍ମାଣ ଶ୍ରମିକ ନେତା ପୀତାମ୍ବର ଲେଙ୍କା ପ୍ରମୁଖ ଯୋଗଦେଇଥିଲେ। କେନ୍ଦ୍ର ସରକାରଙ୍କ ଜନବିରୋଧୀ ନୀତି ବିରୋଧରେ ଜିଲାରେ ୩ଟି ଆଞ୍ଚଳିକ ଆଲୋଚନାଚକ୍ରରେ ବିଭିନ୍ନ ବର୍ଗର ବୁଦ୍ଧିଜୀବୀମାନଙ୍କୁ ସାମିଲ କରିବା ପାଇଁ ନିଷ୍ପତ୍ତି କରାଯାଇଛି।

## ଡି. ପ୍ରକାଶ ରାଓଙ୍କୁ ଭେଟିଲା ସମ୍ବାଦପତ୍ର ବିକ୍ରେତା ସଂଘ



ପଦ୍ମଶ୍ରୀ ଡି. ପ୍ରକାଶ ରାଓଙ୍କୁ ଭେଟିବାକୁ ଆସିଥିବା ସଂଘର କର୍ମକର୍ତ୍ତାମାନେ।

**କଟକ ଅଫିସ, ୧୯।୭**

ଏସ୍‌ସିବି ମେଡିକାଲରେ ଚିକିତ୍ସିତ ହେଉଥିବା ପଦ୍ମଶ୍ରୀ ଡି. ପ୍ରକାଶ ରାଓଙ୍କୁ ଶୁକ୍ରବାର ଭେଟିଛି ସମ୍ବାଦପତ୍ର ବିକ୍ରେତା ସଂଘ। ସଂଘର କର୍ମକର୍ତ୍ତାମାନେ ତାଙ୍କର ସ୍ୱାସ୍ଥ୍ୟାବସ୍ଥା ବିଷୟରେ ବୁଝିଥିଲେ। ସଂଘର ଉପସଭାପତି ସିନୁ ରେଡ଼ି, ସାଧାରଣ ସମ୍ପାଦକ ଦୁର୍ଗା ପ୍ରସାଦ ଛାଟୋଇ, ସହସମ୍ପାଦକ ରତ୍ନାକର ପ୍ରଧାନ, କୋଷାଧ୍ୟକ୍ଷ ଅକ୍ଷୟ ମହାନ୍ତି, କମିଟି ସଭ୍ୟ ମନୋଜ ପାଲ, ପ୍ରଶାନ୍ତ ସାହୁ, ହିମାଂଶୁ ମହାପାତ୍ର, ସନ୍ତୋଷ ମହାନ୍ତି, ପ୍ରଭାସ ପ୍ରଧାନ ଓ ହାଡିବନ୍ଧୁ ବେହେରା ଉପସ୍ଥିତ ଥିଲେ।

## ହାଇକୋର୍ଟ ଭିତରକୁ ପଶିବାକୁ ଉଦ୍ୟମ, ଜଣେ ଗିରଫ

**କଟକ ଅଫିସ୍, ୧୯।୭**

ହାଇକୋର୍ଟ ଭିତରକୁ ଜୋର ଜବରଦସ୍ତ ପଶିବାକୁ ଉଦ୍ୟମ କରୁଥିବା ବେଳେ ଶୁକ୍ରବାର ଜଣେ ଯୁବକଙ୍କୁ ଗିରଫ କରିଛି ଲାଲବାଗ ପୋଲିସ। ଅଭିଯୁକ୍ତ ଜଣକ ହେଲେ ହାଇଦ୍ରାବାଦର ଦାଉଦ ହୁସେନ (୨୫)। ମିଳିଥିବା ସୂଚନା ମୁତାବକ, ଅଭିଯୁକ୍ତ ଦାଉଦ ଶୁକ୍ରବାର ଦିନ ୧୧ଟା ସମୟରେ ହାଇକୋର୍ଟ ଭିତରକୁ ପ୍ରବେଶ କରିବାକୁ ଉଦ୍ୟମ କରୁଥିଲେ। ଏହାଦେଖି ହାଇକୋର୍ଟ ପରିସରରେ ନିୟୋଜିତ ସୁରକ୍ଷା କର୍ମୀମାନେ ତାଙ୍କୁ ଅଟକାଇ ପଚରାଉଚରା କରିଥିଲେ। ତାଙ୍କର ଜଣେ ସମ୍ପର୍କୀୟ ହାଇକୋର୍ଟରେ ଚାକିରି କରିଥିବା ବେଳେ ସେ ତାଙ୍କୁ ଦେଖା କରିବାକୁ ଆସିଥିବା ଦାଉଦ ସୁରକ୍ଷାକର୍ମୀଙ୍କୁ କହିଥିଲେ। ସୁରକ୍ଷା କର୍ମୀମାନେ ଦାଉଦଙ୍କ କହିବା ଅନୁସାରେ ଯାଞ୍ଚ କରିବା ପରେ ତାଙ୍କ କଥାର କୌଣସି ସତ୍ୟାସତ ନ ଥିବା ଜାଣିବାକୁ ପାଇଥିଲେ। ଏହାପରେ ସୁରକ୍ଷାକର୍ମୀମାନେ ଦାଉଦଙ୍କୁ ସେଠାରୁ ଚାଲିଯିବାକୁ କହିଥିଲେ ମଧ୍ୟ ସେ ବାହାରକୁ ନ ଯାଇ ଜୋରଜବରଦସ୍ତ ହାଇକୋର୍ଟ ଭିତରକୁ ପ୍ରବେଶ କରିବାକୁ ଉଦ୍ୟମ କରିଥିଲେ। ଏହାକୁ ନେଇ ହାଇକୋର୍ଟ ପରିସରରେ କିଛି ସମୟ ପାଇଁ ସୁରକ୍ଷାକର୍ମୀଙ୍କ ସହ ତାଙ୍କର ଠେଲାପେଲା ହୋଇଥିଲା। ଖବର ପାଇ ଲାଲବାଗ ଥାନା ପୋଲିସ ପହଞ୍ଚି ଉକ୍ତ ଯୁବକଙ୍କୁ କାବୁ କରି ଥାନାକୁ ଆଣିଥିଲା। ପରେ ସୁରକ୍ଷାକର୍ମୀଙ୍କ ଏତଲା ଆଧାରରେ ପୋଲିସ ଏକ ମାମଲା ରୁଜୁ କରି ଅଭିଯୁକ୍ତ ଦାଉଦଙ୍କୁ କୋର୍ଟଚାଲାଣ କରିଛି।

## ଶ୍ରୀରାମଚନ୍ଦ୍ର ଭବନର ଶତବାର୍ଷିକ ସମାରୋହ




କାର୍ଯ୍ୟକ୍ରମରେ ମଞ୍ଚାସୀନ ଅତିଥିମାନେ।

**କଟକ ଅଫିସ, ୧୯।୭**

ଶ୍ରୀରାମଚନ୍ଦ୍ର ଭବନ ଏ ଜାତିର ସାରସ୍ୱତ ତୀର୍ଥକ୍ଷେତ୍ର। ସ୍ୱତନ୍ତ୍ର ଉତ୍କଳ ପ୍ରଦେଶ ଗଠନ, ଭାଷା-ସାହିତ୍ୟର ସୁରକ୍ଷା ଓ ବିକାଶ, ପ୍ରାଚୀନ ସାହିତ୍ୟର ପୁନରୁଦ୍ଧାର ପରି ମହାନ୍ ଲକ୍ଷ୍ୟ ପୂରଣ ପାଇଁ ଏହି ସାରସ୍ୱତ ମନ୍ଦିର ନିର୍ମାଣ ପାଇଁ ପୂର୍ବପୁରୁଷମାନେ ଅନେକ ତ୍ୟାଗ ସ୍ୱୀକାର କରିଛନ୍ତି। ଉତ୍କଳ ସାହିତ୍ୟ ସମାଜର ସ୍ମାରକ ସୌଧ ଶ୍ରୀରାମଚନ୍ଦ୍ର ଭବନ ଅବସରରେ ଏହାର ସଭାପତି ଡ.ବିଜୟାନନ୍ଦ ସିଂ ଏହି କଥା କହିଛନ୍ତି। ୧୯୧୯ ଜୁଲାଇ ୧୯ତାରିଖ ସକାଳ ୮ଟା ସମୟରେ ଶ୍ରୀରାମଚନ୍ଦ୍ର ଭବନର ଭିତ୍ତିପ୍ରସ୍ତର ସ୍ଥାପନ କରାଯାଇଥିଲା। ଏହି ଦିବସର ମହାନ୍ ଲଗ୍ନକୁ ସ୍ମରଣ କରିବା ପାଇଁ ଉତ୍କଳ ସାହିତ୍ୟ ସମାଜ ପକ୍ଷରୁ ଶୁକ୍ରବାର ଶ୍ରୀରାମଚନ୍ଦ୍ର ଭବନ ଶତବାର୍ଷିକ ସମାରୋହ ଆୟୋଜନ କରାଯାଇଥିଲା। ପ୍ରାରମ୍ଭରେ ଉତ୍ସବର ଆଭିମୁଖ୍ୟ ସମ୍ପର୍କରେ ଉଲ୍ଲେଖ କରି ସାଧାରଣ ସମ୍ପାଦକ ଡ. ଗୋବିନ୍ଦ ଚନ୍ଦ୍ର ଚାନ୍ଦ କହିଥିଲେ ଯେ, ଉତ୍କଳ ସାହିତ୍ୟ ସମାଜ ଓ ଶ୍ରୀରାମଚନ୍ଦ୍ର ଭବନ ପ୍ରତିଷ୍ଠା ପଛରେ ସମୟର ଆହ୍ୱାନ ରହିଥିଲା। ଭାଷା-ଭିତ୍ତିକ ସ୍ୱତନ୍ତ୍ର ଉତ୍କଳ ପ୍ରଦେଶ ଗଠନ ଓ ଓଡ଼ିଆ ସାହିତ୍ୟର ସୁରକ୍ଷା ପାଇଁ ଏହା ନିରବଚ୍ଛିନ୍ନ କାର୍ଯ୍ୟ କରିଆସିଛି। ଏହି ସ୍ମରଣୀୟ ଲଗ୍ନରେ ଏହି ମହାନ୍ ଅନୁଷ୍ଠାନର ଲକ୍ଷ୍ୟ ଓ ଉଦ୍ଦେଶ୍ୟକୁ ସ୍ମରଣ କରିବାର ଆବଶ୍ୟକତା ରହିଛି ବୋଲି ଚାନ୍ଦ କହିଥିଲେ। ସଭାପତି ଡ. ବିଜୟାନନ୍ଦ ସିଂହ ଶ୍ରୀରାମଚନ୍ଦ୍ର ଭବନ ନିର୍ମାଣ ଦୀର୍ଘ ତଥ୍ୟନିଷ୍ଠ ଇତିହାସର ଅବତାରଣା କରିଥିଲେ। ଶେଷରେ ଧନ୍ୟବାଦ ଅର୍ପଣ କରିଥିଲେ ଉପସଭାପତି ମନୋଜ ପଟ୍ଟନାୟକ। ଏହି ସ୍ମରଣୀୟ ଉତ୍ସବରେ ଉତ୍କଳ ସାହିତ୍ୟ ସମାଜର କର୍ମକର୍ତ୍ତା, କାର୍ଯ୍ୟନିର୍ବାହିକା ସମିତି ସଭ୍ୟ, ସଭ୍ୟାସଭ୍ୟମାନେ ଉପସ୍ଥିତ ଥିଲେ।

## ଏନ୍‌ଇଟିରେ କୃତକାର୍ଯ୍ୟ ହେଲେ ରେଭେନ୍‌ଶାର ୨୨ ବିଦ୍ୟାର୍ଥୀ

**କଟକ ଅଫିସ୍, ୧୯।୭**

ରେଭେନ୍‌ଶା ବିଶ୍ୱବିଦ୍ୟାଳୟରେ ସ୍ନାତକୋତ୍ତର ଅର୍ଥଶାସ୍ତ୍ର ବିଭାଗର ୨୨ଜଣ ବିଦ୍ୟାର୍ଥୀ ନ୍ୟାଶନାଲ ଏଲିଜିବିଲିଟି ଟେଷ୍ଟ (ଏନ୍‌ଇଟି)ରେ କୃତକାର୍ଯ୍ୟ ହୋଇଛନ୍ତି। ଗୋଟିଏ ବିଭାଗର ଏତେ ସଂଖ୍ୟକ ଛାତ୍ରୀଛାତ୍ର ଜାତୀୟ ସ୍ତରର ପରୀକ୍ଷାରେ ଉତ୍ତୀର୍ଣ୍ଣ ହେବା ବିଶ୍ୱବିଦ୍ୟାଳୟ ନିମନ୍ତେ ମଧ୍ୟ ଗୌରବର ବିଷୟ। ଉକ୍ତ ୨୨ଜଣଙ୍କ ମଧ୍ୟରୁ ଛାତ୍ର ମହମ୍ମଦ ନାଜମୁଲ ହୁଡ଼ା ଫେଲୋଶିପ ମଧ୍ୟ ପାଇଛନ୍ତି। ବିଭାଗର ପ୍ରାଧ୍ୟାପକ ପ୍ରଫେସର ଚିତ୍ତରଞ୍ଜନ ନାୟକ ବିଦ୍ୟାର୍ଥୀମାନଙ୍କୁ ଶୁଭେଚ୍ଛା ଜଣାଇଛନ୍ତି।

## ନିର୍‌ତାର ପରିସରରେ ଚାରା ରୋପଣ

**କଣ୍ଟାପଡା, ୧୯।୭(ଡି.ଏନ୍.ଏ.)**



ନିର୍‌ତାର ନିର୍ଦ୍ଦେଶକ ଡା. ଶକ୍ତିପ୍ରସାଦ ଦାସ ଚାରାରେ ପାଣି ଦେଉଛନ୍ତି।

ଫନୀ ପ୍ରଭାବରେ ଶ୍ରୀହୀନ ହୋଇ ପଡିଥିବା ଓଲଟପୁରସ୍ଥିତ ସ୍ୱାମୀ ବିବେକାନନ୍ଦ ଜାତୀୟ ପୁନର୍ବାସ ଓ ପ୍ରଶିକ୍ଷଣ ଦିବ୍ୟାଙ୍ଗ ଅନୁଷ୍ଠାନ ପରିସରରେ କର୍ମଚାରୀମାନେ ଶୁକ୍ରବାର ବିଭିନ୍ନ ପ୍ରକାର ବୃକ୍ଷରୋପଣ କରିଛନ୍ତି। ଅନୁଷ୍ଠାନର ନିର୍ଦ୍ଦେଶକ ଡାକ୍ତର ଶକ୍ତିପ୍ରସାଦ ଦାସଙ୍କ ଅଧକ୍ଷତାରେ ଏହି ବୃକ୍ଷରୋପଣ କାର୍ଯ୍ୟକ୍ରମ ଆୟୋଜନ କରାଯାଇଥିଲା। ବୈଷୟିକ ଉପନିର୍ଦ୍ଦେଶକ ଡା.କେ.ସି.ମହାପାତ୍ର, ଜନମଙ୍ଗଳ କମିଟିର ଚେୟାରମ୍ୟାନ ରଶ୍ମିରଞ୍ଜନ ସେଠୀଙ୍କ ତତ୍ତ୍ୱାବଧାନରେ କର୍ମଚାରୀମାନେ ନିର୍‌ତାର ପରିସରରେ କୃଷ୍ଣଚୂଡ଼ା, ବଉଳ, ଆମ୍ବ ଆଦି ବିଭିନ୍ନ ପ୍ରକାରର ପ୍ରାୟ ୧୫୦ଟି ଚାରା ଲଗାଇଥିଲେ। ସୂଚନାଯୋଗ୍ୟ ଯେ, ବାତ୍ୟାରେ ନିର୍‌ତାର ପରିସରରେ ଥିବା ବହୁଗଛ ଉପୁଡି ଯିବାସହ ଭାଙ୍ଗିରୁଜି ଯାଇଥିଲା।

## ମେଧାବୀ ଅଭିନନ୍ଦନ କାର୍ଯ୍ୟକ୍ରମ



ଅତିଥିଙ୍କ ଗହଣରେ କୃତୀ ଛାତ୍ରୀଛାତ୍ର।

**କଟକ ଅଫିସ, ୧୯।୭**

ମହାନଦୀବିହାରସ୍ଥିତ ସରସ୍ୱତୀ ଶିଶୁବିଦ୍ୟାମନ୍ଦିରରେ ଶୁକ୍ରବାର ଏକ ମେଧାବୀ ଅଭିନନ୍ଦନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଏଥିରେ ୨୦୧୮-୧୯ ଶିକ୍ଷା ବର୍ଷରେ ଶତକଡା ୯୦ ପ୍ରତିଶତରୁ ଅଧିକ ନମ୍ବର ରଖିଥିବା ଛାତ୍ରୀଛାତ୍ର, ଓଡ଼ିଶା ସରକାରଙ୍କ ପଠାଣି ସାମନ୍ତ ଗଣିତ ମେଧା ପରୀକ୍ଷା ଓ ଶ୍ରୀ ଭାରତୀକୃଷ୍ଣ ଗଣିତ ପ୍ରତିଭା ପରୀକ୍ଷାରେ କୃତିତ୍ୱ ହାସଲ କରିଥିବା ଛାତ୍ରୀଛାତ୍ରଙ୍କୁ ବିଦ୍ୟାଳୟ ପକ୍ଷରୁ ସମ୍ବର୍ଦ୍ଧିତ କରାଯାଇଥିଲା। ପରିଚାଳନା ସମିତିର ସଭାପତି ପ୍ରତିମା ଶତପଥୀ ଏହି କାର୍ଯ୍ୟକ୍ରମରେ ଅଧକ୍ଷତା କରିଥିଲେ। ପ୍ରଧାନ ଆଚାର୍ଯ୍ୟ ହୃଷୀକେଶ ସ୍ୱାଇଁ ଅତିଥି ପରିଚୟ ଓ ସ୍ୱାଗତ ଭାଷଣ ପ୍ରଦାନ କରିଥିଲେ। ବିଦ୍ୟାଳୟ ସମ୍ପାଦକ ବିଷ୍ଣୁଚରଣ ନାୟକ ମେଧାବୀ ଛାତ୍ରୀଛାତ୍ରଙ୍କୁ ଉଦ୍‌ବୋଧନ ଦେଇଥିଲେ। ସମୀର ମହାନ୍ତି କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ଏଥିରେ ବିଦ୍ୟାଳୟର ସମସ୍ତ ଆଚାର୍ଯ୍ୟ ଉପସ୍ଥିତ ଥିଲେ।

## ଫନୀକୁ ବିତିଲା ୨ମାସ, ସଳଖିପାରୁନି ସୂଚନାଫଳକ

**ନରାଜ,୧୯।୭(ଡି.ଏନ୍.ଏ.)**

ବାରଙ୍ଗ ଅଞ୍ଚଳରେ ବିଭିନ୍ନ ଅଞ୍ଚଳକୁ ରାସ୍ତା ଜଣାଇବା ପାଇଁ ଥିବା ସୂଚନାଫଳକଗୁଡିକ ଭାଙ୍ଗିଯାଇଥିବା ବାତ୍ୟା ଫନୀରେ ଭାଙ୍ଗି ଯାଇଥିଲା। ଫନୀ ଯିବାର ଦୁଇମାସରୁ ଊର୍ଦ୍ଧ୍ୱଦିନ ହୋଇଯାଇଥିଲେ ବି ଭଙ୍ଗା ସୂଚନାଫଳକଗୁଡିକ ଏପର୍ଯ୍ୟନ୍ତ ଠିକ କରାଯାଇନାହିଁ। ତ୍ରିଶୁଳିଆ ଛକରୁ ବାଙ୍କୀ ଓ ଭୁବନେଶ୍ୱର ରାସ୍ତାର ପାର୍ଶ୍ୱରେ ଥିବା ବହୁ ଦାମୀ ଷ୍ଟିଲ ସୂଚନାଫଳକଗୁଡିକ ସେଭଳି ଭଙ୍ଗା ଅବସ୍ଥାରେ ପଡିରହିଛି। କିଛି ଚୋରି ହୋଇଯାଇଥିଲେ ମଧ୍ୟ ବିଭାଗୀୟ ଅଧିକାରୀଙ୍କ ଦୃଷ୍ଟିରେ ଏସବୁ ପଡୁନାହିଁ। ଏହି ଅଞ୍ଚଳକୁ ବାହାରୁ ପର୍ଯ୍ୟଟକ ନନ୍ଦନକାନନ ଓ ବାଙ୍କୀରେ ଚର୍ଚ୍ଚିକା ଭଳି ପର୍ଯ୍ୟଟନସ୍ଥଳୀକୁ ବୁଲିବାକୁ ଆସିଥାନ୍ତି। ଏହି ରାସ୍ତାରେ ରାଜ୍ୟ ତଥା ରାଜ୍ୟ ବାହାରୁ ବହୁ ପର୍ଯ୍ୟଟକ ଯିବା ଆସିବା କରୁଥିବାରୁ ସୂଚନାଫଳକର ନିହାତି ଆବଶ୍ୟକତା ରହିଛି। ଆଗକୁ ପର୍ଯ୍ୟଟନ ଋତୁ ଥିବାରୁ ଶୀଘ୍ର ସଜାଡ଼ିବାକୁ ଦାବି ହୋଇଛି।

## ଖବରଦାତାଙ୍କୁ ସୁରକ୍ଷା ଦାବିରେ ମଶାଲ ଶୋଭାଯାତ୍ରା

**ଚୌଦ୍ୱାର, ୧୯।୭(ଡି.ଏନ୍.ଏ.)**

ଜଣେ କର୍ତ୍ତବ୍ୟରତ ବୈଦ୍ୟୁତିକ ଗଣମାଧ୍ୟମର ପ୍ରତିନିଧିଙ୍କୁ କେନ୍ଦ୍ରାପଡା ଏସ୍‌ପିଙ୍କ ଦୁର୍ବ୍ୟବହାର ପ୍ରତିବାଦରେ ଟାଙ୍ଗୀ-ଚୌଦ୍ୱାର ସାମ୍ବାଦିକ ସଂଘ ପକ୍ଷରୁ ଏକ ମଶାଲ ଶୋଭାଯାତ୍ରା ଅନୁଷ୍ଠିତ ହୋଇଯାଇଛି। ଶୋଭାଯାତ୍ରା ଗାନ୍ଧୀଛକସ୍ଥିତ ମହାତ୍ମା ଗାନ୍ଧୀଙ୍କ ପ୍ରତିମୂର୍ତ୍ତି ନିକଟରୁ ବାହାରି ଚୌଦ୍ୱାର ଥାନା ପର୍ଯ୍ୟନ୍ତ ଆସିଥିଲା। ସଂଘ ସଭାପତି ଦୀପକ କୁମାର ମଙ୍ଗରାଜଙ୍କ ପରିଚାଳନାରେ ଆୟୋଜିତ ଏହି ଶୋଭାଯାତ୍ରାରେ ବହୁ ଗଣମାଧ୍ୟମର ପ୍ରତିନିଧି ଯୋଗଦେଇ ସାମ୍ବାଦିକଙ୍କୁ ସୁରକ୍ଷା ଦାବିରେ ଏକ ସ୍ମାରକପତ୍ର ଡିଜିପିଙ୍କ ଉଦ୍ଦେଶ୍ୟରେ ଚୌଦ୍ୱାର ଥାନା ଭାରପ୍ରାପ୍ତ ଅଧିକାରୀଙ୍କୁ ପ୍ରଦାନ କରିଥିଲେ। ସେହିପରି ଶୁକ୍ରବାର ଟାଙ୍ଗୀ-ଚୌଦ୍ୱାର ବ୍ଲକର କର୍ତ୍ତବ୍ୟରତ ଖବରଦାତାମାନଙ୍କ ତରଫରୁ ବିକ୍ଷୋଭ ପ୍ରଦର୍ଶନ କରାଯାଇଛି। ଏହି ବ୍ଲକ ଅଧୀନରେ କାର୍ଯ୍ୟ କରୁଥିବା ସମସ୍ତ ବୈଦ୍ୟୁତିକ ଓ ଛାପା ଗଣମାଧ୍ୟମର ପ୍ରତିନିଧି ଏକାଠି ହୋଇ ଡିଜିପିଙ୍କ ଉଦ୍ଦେଶ୍ୟରେ ଏକ ଦାବିପତ୍ର ଚୌଦ୍ୱାର ଥାନା କର୍ତ୍ତୃପକ୍ଷଙ୍କୁ ପ୍ରଦାନ କରିଥିଲେ। ଉକ୍ତ ଅଧିକାରୀଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ସହିତ ଖବରଦାତାଙ୍କୁ ସୁରକ୍ଷା ପ୍ରଦାନ କରିବା ବ୍ୟବସ୍ଥା ଆଦି ପାଇଁ ଦାବିପତ୍ରରେ ଉଲ୍ଲେଖ କରାଯାଇଛି। ଏଥିରେ ଖବରଦାତା କମଳାକାନ୍ତ ନାୟକ, ସତ୍ୟବ୍ରତ ଦାସ, ଚିତ୍ତରଞ୍ଜନ ସାହୁ, ମହେନ୍ଦ୍ର କୁମାର ବିଶ୍ୱାଳ, ପ୍ରକାଶ କୁମାର ନାୟକ, ପଦ୍ମନାଭ ବରାଳ ଓ ସ୍ୱାଧୀନ ଦାସ ଉପସ୍ଥିତ ଥିଲେ।

## ■ କେନ୍ଦ୍ରାପଡ଼ାରେ ଖବରଦାତାଙ୍କୁ ଦୁର୍ବ୍ୟବହାର ଘଟଣା

# ଏସ୍‌ପିଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ପାଇଁ ଓଏଚ୍‌ଆରସିରେ ଅଭିଯୋଗ

**ଭୁବନେଶ୍ୱର,୧୯।୭(ବ୍ୟୁରୋ)**




କେନ୍ଦ୍ରାପଡାରେ କାର୍ଯ୍ୟରତ ଜଣେ ଟିଭି ଖବରଦାତାଙ୍କୁ ଏସ୍‌ପି ନୀତି ଶେଖର ହାତ ଉଠାଇବା ସହ ଦୁର୍ବ୍ୟବହାର କରିଥିଲେ। ଏହି ଘଟଣାକୁ ନେଇ ରାଜ୍ୟବ୍ୟାପୀ ତୀବ୍ର ପ୍ରତିକ୍ରିୟା ପ୍ରକାଶ ପାଇଥିବାବେଳେ ଶୁକ୍ରବାର ଓଡ଼ିଶା ବିକାଶ ପରିଷଦ ପକ୍ଷରୁ ରାଜ୍ୟ ମାନବାଧିକାର କମିଶନ (ଓଏଚଆରସି)ଙ୍କ ନିକଟରେ ଅଭିଯୋଗ ହୋଇଛି। ସଂଗଠନ ସଭାପତି ସୁଶାନ୍ତ କୁମାର ପାଢ଼ୀ ଦେଇଥିବା ପିଟିଶନ୍‌ରେ ଉଲ୍ଲେଖ କରିଛନ୍ତି ଯେ, ମୁଖ୍ୟମନ୍ତ୍ରୀଙ୍କ କାର୍ଯ୍ୟକ୍ରମରେ ଖବରଦାତା ଜଣକ ଖବର ସଂଗ୍ରହ ପାଇଁ ଯାଇଥିଲେ। ସେ କୌଣସି ବିଶୃଙ୍ଖଳା କରି ନ ଥିଲେ ମଧ୍ୟ ମୁଖ୍ୟମନ୍ତ୍ରୀଙ୍କୁ ସୁରକ୍ଷା ଦେବା ଆଳରେ ଏସ୍‌ପି ତାଙ୍କୁ ଦୁର୍ବ୍ୟବହାର କରିଥିଲେ। ଗୋଟିଏ ହାତରେ ଖବରଦାତାଙ୍କ ଶାର୍ଟ କାଲର ଭିଡି ଅନ୍ୟ ହାତ ମାରିବା ପାଇଁ ଉଠାଇବା ଏସ୍‌ପିଙ୍କ ଗୁଣ୍ଡାରାଜର ପ୍ରମାଣ କରୁଛି। ତେଣୁ ରାଜ୍ୟରେ ଚତୁର୍ଥସ୍ତମ୍ଭ ଗଣମାଧ୍ୟମ ମଧ୍ୟ ସୁରକ୍ଷିତ ନାହିଁ। ଗଣତନ୍ତ୍ର ବଦଳରେ ପୋଲିସତନ୍ତ୍ର ଚାଲିଛି। ଏହାଦ୍ୱାରା ଖବରଦାତାଙ୍କ ମାନବିକ ଅଧିକାର ଉଲ୍ଲଂଘନ ହୋଇଛି। ତେଣୁ ଏସ୍‌ପିଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ପାଇଁ ଗୃହ ବିଭାଗର ମୁଖ୍ୟ ଶାସନ ସଚିବ,ପୋଲିସ ଡିଜି ଓ କେନ୍ଦ୍ରାପଡା ଜିଲାପାଳଙ୍କୁ ତଦନ୍ତ ନିର୍ଦ୍ଦେଶ ଦେବା ପାଇଁ କମିଶନରଙ୍କୁ ପାଢୀ ନିବେଦନ କରିଛନ୍ତି।

# କନ୍ଦରପୁର ଲେଭେଲକ୍ରସିଂ ଓଭରବ୍ରିଜ୍ ନିର୍ମାଣ ବିଳମ୍ବ

**କଟକସଦର, ୧୯।୭(ଡି.ଏନ୍.ଏ.)**

କଟକ-ପାରାଦୀପ ରେଳପଥରେ ପ୍ରତି ୧୦ମିନିଟ୍ ଅନ୍ତରାଳରେ ମାଲ ଓ ଯାତ୍ରୀବାହୀ ଗାଡ଼ି ଚଳାଚଳ କରୁଛି। ସେଥିପାଇଁ କଟକ-ଏରସମା ନୂଆଗାଁ ଏନ୍‌ଏଚ୍ ଜାତୀୟ ରାଜପଥ ନଂ ୫୫ରେ ଯାନବାହନ ଚଳାଚଳରେ ବାଧା ସୃଷ୍ଟି ହୋଇଛି। କନ୍ଦରପୁର ନିକଟରେ ଏନ୍‌ଏଚଟି କେଉଁସ୍ଥାନରେ ରେଳପଥକୁ ଅତିକ୍ରମ କରିବ ସେନେଇ ଆଜି ପର୍ଯ୍ୟନ୍ତ ନିଷ୍ପତ୍ତି ହୋଇପାରିନାହିଁ। ଫଳରେ କନ୍ଦରପୁର ଲେଭେଲକ୍ରସିଂ ଓଭରବ୍ରିଜ୍ ନିର୍ମାଣରେ ବିଳମ୍ବ ଘଟୁଛି। ଏ କଥା ଚଳିତ ପାର୍ଲାମେଣ୍ଟ ଅଧିବେଶନରେ ଜଗତ୍‌ସିଂହପୁର ଏମ୍‌ପି ରାଜଶ୍ରୀ ମଲ୍ଲିକ ଉଠାଇ ସାରିଛନ୍ତି। ତଥାପି ଏହା ଉପରେ ଚୂଡ଼ାନ୍ତ ନିର୍ଣ୍ଣୟରେ ବିଳମ୍ବ ଘଟୁଥିବାରୁ କଟକସଦର ଏବଂ ଜଗତ୍‌ସିଂହପୁର ସଦର ମହକୁମାବାସୀଙ୍କ ମଧ୍ୟରେ ଅସନ୍ତୋଷ ଦେଖାଦେଇଛି।

ପ୍ରଥମେ ଉକ୍ତ ରାସ୍ତାଟି ରାଜ୍ୟ ରାଜପଥ ନଂ ୪୩ କନ୍ଦରପୁର-ମାଛଗାଁ ଭାବେ ପରିଚିତ ଥିଲା। ତେଣୁ କନ୍ଦରପୁର ଲେଭେଲକ୍ରସିଂ ନିକଟରେ ଏକ ଓଭରବ୍ରିଜ୍ ନିର୍ମାଣ ପାଇଁ ରେଲୱେ ଓ ପୂର୍ତ୍ତ ବିଭାଗ ମଧ୍ୟରେ ୨୦୧୪ରେ ଚୁକ୍ତି ସ୍ୱାକ୍ଷରିତ ହୋଇଥିଲା। ହଠାତ୍ ଏହାକୁ କଟକ-ନୂଆଗାଁ ଏନ୍‌ଏଚ୍ ୫୫ଭାବରେ ୨୦୧୬ରେ ଘୋଷଣା କରାଗଲା। ମୋଟ ୯୪କିମି ୧୩୯ମିଟର ମଧ୍ୟରୁ କଟକ ଜିଲାରେ ୧୫କିମି ୩୩୯ ମିଟର ରହିଛି। ଜଗତ୍‌ସିଂହପୁର ଜିଲାରେ ଥିବା ୭୮କିମି ୮୦୦ମିଟର ପାଇଁ ଯୋଜନା ପ୍ରସ୍ତୁତ ହୋଇସାରିଛି। ମାତ୍ର କଟକ ଜିଲାର ଓଏମ୍‌ପି-କନ୍ଦରପୁର ମଧ୍ୟରେ କେମିତି ରାସ୍ତା ତିଆରି ହେବ ସେନେଇ କିଛି ସ୍ଥିର ହୋଇପାରୁନାହିଁ। ଏହି କାର୍ଯ୍ୟ ଅସମ୍ପୂର୍ଣ୍ଣ ରହିବା ଫଳରେ କନ୍ଦରପୁର ଓଭରବ୍ରିଜ୍ କାମ ଆରମ୍ଭ ହୋଇପାରୁନାହିଁ ବୋଲି କନ୍ଦରପୁର ପଞ୍ଚାୟତର ପୂର୍ବତନ ସରପଞ୍ଚ ପ୍ରମୋଦ ରାଉତ କହିଛନ୍ତି। ଓଏମ୍‌ପିରୁ ଫକୀରପଡ଼ା ମଧ୍ୟରେ ଜନବସତି ସହିତ ବଡ଼ବଡ଼ କୋଠା ରହିଛି। ଚାଉଳିଆଗଞ୍ଜ, ନୂଆବଜାର, ବିଦ୍ୟାଧରପୁର ଭଳି ସିଏମ୍‌ସି ଅଞ୍ଚଳ ମଧ୍ୟ ଏଥିରେ ସାମିଲ ରହିଛି। ଓଭରବ୍ରିଜ୍ ନିର୍ମାଣରେ ବିଳମ୍ବ ସମ୍ବନ୍ଧରେ କଟକସ୍ଥିତ ଜାତୀୟ ରାଜପଥ ପ୍ରାଧିକରଣ ନିର୍ବାହୀ ଯନ୍ତ୍ରୀଙ୍କ କାର୍ଯ୍ୟାଳୟ ସହ ଯୋଗାଯୋଗ କରାଯାଇଥିଲା। ମାତ୍ର ବିଳମ୍ବ ଖବର ପାର୍ଲାମେଣ୍ଟରେ ଆଲୋଚନା ହୋଇସାରିଥିବାରୁ ଏହା ଉପରେ କେନ୍ଦ୍ର ସରକାରଙ୍କ ମନ୍ତ୍ରୀ ଯାହାକିଛି ପଦକ୍ଷେପ ନେଇ ପାରିବେ ବୋଲି ପ୍ରାଧିକରଣର ଜଣେ ବରିଷ୍ଠ ଯନ୍ତ୍ରୀ ନିଜ ନାମ ଗୋପନ ରଖି କହିଛନ୍ତି।



ସନ୍ତୋଷ ହେଉଛି ପ୍ରକୃତିଦତ୍ତ ସମ୍ପଦ, ଆଉ ବିଳାସ ଅନ୍ୟନାମ ହେଉଛି କୃତ୍ରିମ ଦାରିଦ୍ର୍ୟ।

-ସକ୍ରେଟିସ



## ସଂକ୍ଷେପରେ

### ଦୋକାନରୁ ଚୋରି

**ଜଟଣୀ,୧୯।୭(ଡି.ଏନ୍.ଏ.):** ଜଟଣୀ ମୁଖ୍ୟ ରାସ୍ତାର ସୀତାରାମ ଛକରେ ଥିବା ସନାତନ ସାହୁଙ୍କ ପାନ ଦୋକାନ କବାଟ ତାଡ଼ି କେତେଜଣ ଦୁର୍ବୃତ୍ତ ୯ହଜାର ଟଙ୍କା ଓ ୫ ହଜାରରୁ ଊର୍ଦ୍ଧ୍ୱ ଟଙ୍କାର ମିକ୍ସଚର, ବିସ୍କୁଟ, ସିଗାରେଟ୍ ପ୍ୟାକେଟ୍ ଆଦି ସାମଗ୍ରୀ ଚୋରି କରିନେଇଛନ୍ତି। ଗୁରୁବାର ବିଳମ୍ବିତ ରାତିରେ ଏହି ଚୋରି ହୋଇଥିବା ନେଇ ସନାତନ ଥାନାରେ ଅଭିଯୋଗ କରିଛନ୍ତି।

### ଘରୁ ବୁଲେଟ୍ ଚୋରି

**ଝାଁଳା,୧୯।୭(ଡି.ଏନ.ଏ):** ଝାଁଳା ଫାଣ୍ଡି ଅନ୍ତର୍ଗତ ଦକ୍ଷିଣ ମୁଣ୍ଡମୁହାଣ ଗ୍ରାମର ତ୍ରୈଲୋକ୍ୟପ୍ରସାଦ ଦାସଙ୍କ ଘରୁ ଗୁରୁବାର ବିଳମ୍ବିତ ରାତିରେ କେହି ଦୁର୍ବୃତ୍ତ ବୁଲେଟ ଚୋରି କରିନେଇଛନ୍ତି। ତ୍ରୈଲୋକ୍ୟପ୍ରସାଦଙ୍କ ଅଭିଯୋଗକୁ ଭିତ୍ତିକରି ପୋଲିସ ତଦନ୍ତ ଚଳାଇଛି। ଭାଙ୍ଗି ଯାଇଥିବା ପାଚେରି ବାଟ ଦେଇ ବୁଲେଟକୁ ଦୁର୍ବୃତ୍ତମାନେ ନେଇଯାଇଥିବା ଅଭିଯୋଗ ହୋଇଛି।

### ବିଶ୍ୱଭୂଷଣଙ୍କୁ ସମ୍ବର୍ଦ୍ଧନା

**ଖୋର୍ଦ୍ଧା ଅଫିସ,୧୯।୭:** ଆନ୍ଧ୍ରପ୍ରଦେଶର ନବ ନିଯୁକ୍ତ ରାଜ୍ୟପାଳ ବିଶ୍ୱ ଭୂଷଣ ହରିଚନ୍ଦନଙ୍କୁ ଜାଗ ଓଡ଼ିଶା ଜାଗ ରାଜ୍ୟ ଶାଖା ପକ୍ଷରୁ ସମ୍ବର୍ଦ୍ଧନା ଦିଆଯାଇଛି। ରାଜ୍ୟ ସଭାପତି ନାରାୟଣ ମହାନ୍ତି, ଉପଦେଷ୍ଟା ସୁଧୀର ମାନସିଂହ, ଆଇନ୍ ଉପଦେଷ୍ଟା ଭବାନୀ ପ୍ରସାଦ ଦାସ, ପ୍ରଭାକର ସାହୁ, ଅମୃତ ଦାଶ ଓ ସଙ୍ଗଠନର ଅନ୍ୟ ସଦସ୍ୟମାନେ ବାସଭବନରେ ସମ୍ବର୍ଦ୍ଧନା ପ୍ରଦାନ କରିଥିଲେ।

### ୩୫ ମୌଜା ପରିଚାଳନା କମିଟି କର୍ମକର୍ତ୍ତା ଚୟନ

**କୃଷ୍ଣପ୍ରସାଦ,୧୯।୭(ଡି.ଏନ.ଏ.)-** କୃଷ୍ଣପ୍ରସାଦ ବ୍ଲକ ଅନ୍ତର୍ଗତ ଦେଉଳପଡାସ୍ଥିତ ଶ୍ରୀ କମଳେଶ୍ୱର ଦେବ ୩୫ମୌଜା ପରିଚାଳନା କମିଟିର ନୂତନ କର୍ମକର୍ତ୍ତା ଚୟନ ଶୁକ୍ରବାର ଅନୁଷ୍ଠିତ ହୋଇଯାଇଛି। ସଂଘ ବୈଠକ ଗୃହରେ ଆୟୋଜିତ ସଭାରେ ତିତିପ ଗ୍ରାମର ଦାମୋଦର ବିଶ୍ୱାଳଙ୍କୁ ସଭାପତି ଏବଂ ସିପିଆ ଗ୍ରାମର ବଟକୃଷ୍ଣ ତରେଇଙ୍କୁ ସମ୍ପାଦକ ଭାବେ ସର୍ବ ସମ୍ମତିକ୍ରମେ ମନୋନୀତ କରାଯାଇଥିଲା। ସଭାରେ କମିଟିର ୧୪୪ଜଣ ସଦସ୍ୟ ଉପସ୍ଥିତ ଥିଲେ । ସଂଘର ଉନ୍ନତି ସହ ପଣା ଯାତ୍ରା ମହୋତ୍ସବ, ରାମଚରିତ ମାନସ ନବାହ୍ନ ପାରାୟଣ, ବିଶ୍ୱ ଶାନ୍ତି ମହାଯଜ୍ଞକୁ କିଭଳି ଉତ୍ତମ ହୋଇପାରିବ ସେଥିପ୍ରତି ଗୁରୁତ୍ୱ ଦିଆଯିବ ବୋଲି ସଭାପତି ବିଶ୍ୱାଳ କହିଥିଲେ।

### ମହିଳାଙ୍କ ଝୁଲନ୍ତା ମୃତଦେହ ଉଦ୍ଧାର

**ବାଲିଅନ୍ତା,୧୯।୭(ଡି.ଏନ୍.ଏ.)-** ବାଲିଅନ୍ତା ଥାନା ଅଧୀନ ପରିଆପାଟପୁର ଗ୍ରାମରେ ଲକ୍ଷ୍ମୀପ୍ରିୟା ଭୋଇଙ୍କ ମୃତଦେହ ଶୁକ୍ରବାର ଝୁଲନ୍ତା ଅବସ୍ଥାରେ ଉଦ୍ଧାର କରାଯାଇଛି। ସୂଚନାଯୋଗ୍ୟ, ଅପରାହ୍ନ ୧ଟା ରେ ଘରଠାରୁ କିଛିବାଟ ଦୂରରେ ଥିବା ଏକ ଆମ୍ବଗଛରେ ଲୁଗା ବାନ୍ଧି ଝୁଲୁଥିବା ଅବସ୍ଥାରେ ସ୍ଥାନୀୟ ଲୋକେ ଦେଖିଥିଲେ। ପରେ ପରିବାର ଲୋକେ ଜାଣିବା ପରେ ସେଠାରୁ ତାଙ୍କୁ ଉଦ୍ଧାର କରି କ୍ୟାପିଟାଲ ହସ୍ପିଟାଲ ନେଇଥିଲେ। କିନ୍ତୁ ସେଠାରେ ଡାକ୍ତର ତାଙ୍କର ମୃତ ଘୋଷଣା କରିଥିଲେ। ଏ ନେଇ ଥାନାରେ ଏକ ଅପମୃତ୍ୟୁ ମାମଲା (ନଂ ୨୬/୧୯) ରୁଜୁ ହୋଇଛି।

■ ରାଶନ ସାମଗ୍ରୀ ବଣ୍ଟନରେ ସରକାରୀ ଗାଇଡଲାଇନକୁ ଅଣଦେଖା

# ମନଇଚ୍ଛା ବଦଳାଯାଉଛି ତାରିଖ, ସମୟ

**ଖୋର୍ଦ୍ଧା ଅଫିସ,୧୯।୭**

ଖୋର୍ଦ୍ଧା ଜିଲା ଚିଲିକା ବ୍ଲକ ସୋରଣ ପଞ୍ଚାୟତରେ ସରକାରୀ ଗାଇଡ୍‌ଲାଇନକୁ ଅଣଦେଖା କରି ରାଶନ ସାମଗ୍ରୀ ବଣ୍ଟନରେ ବାରମ୍ବାର ସମୟ ଓ ତାରିଖ ବଦଳାଯାଉଥିବା ଅଭିଯୋଗ ହେଉଛି। ସରକାରଙ୍କ ପକ୍ଷରୁ ଧାର୍ଯ୍ୟ କରିଥିବା ସମୟ ଓ ତାରିଖକୁ ବଦଳାଇ ପଞ୍ଚାୟତର ଯୋଗାଣ ସହାୟକ ମନଇଚ୍ଛା ବଣ୍ଟନ କରୁଛନ୍ତି। ଫଳରେ ହିତାଧିକାରୀ ରାଶନ ସାମଗ୍ରୀ କେତେବେଳେ ବଣ୍ଟନ ହେବ ସେ ନେଇ ଅବଗତ ନ ହୋଇ ବାରମ୍ବାର ଫେରିବାକୁ ପଡୁଛି। ବେଳେ ବେଳେ ଧାଡିରେ ଛିଡା ହୋଇ ରହିଥିଲେ ମଧ୍ୟ ସମୟ ଶେଷ ହୋଇଗଲା ବୋଲି ଫେରାଇ ଦିଆଯାଉଛି। ପୁଣି ଭୋର ୫ଟା ଓ ୬ଟାରୁ ବଣ୍ଟନ ହେଉଥିବାରୁ ସମସ୍ତ ହିତାଧିକାରୀ ଆସି ପାରୁନାହାନ୍ତି। ପ୍ରତି ମାସରେ ରାଶନ ସାମଗ୍ରୀ ବଣ୍ଟନରେ ଅବ୍ୟବସ୍ଥା ଦେଖାଦେଉଥିବାବେଳେ ପଞ୍ଚାୟତର କାର୍ଯ୍ୟନିର୍ବାହୀ ଅଧିକାରୀ, ବ୍ଲକ ଯୋଗାଣ ଅଧିକାରୀଙ୍କୁ ଅବଗତ କରାଇଥିଲେ ମଧ୍ୟ ସୁଫଳ ମିଳୁ ନ ଥିବା ଅଭିଯୋଗ ହେଉଛି।

ସରକାରଙ୍କ ଗାଇଡ୍‌ଲାଇନ ଅନୁଯାୟୀ ପ୍ରତି ମାସର ୧ ତାରିଖରୁ ୨୫ ତାରିଖ ମଧ୍ୟରେ କୋଟା ଉଠାଣ କରାଯାଇ ରାଶନ ସାମଗ୍ରୀ ବଣ୍ଟନ କରାଯିବ। ମାସର ୨୫ ତାରିଖ ବଣ୍ଟନ ନିଶ୍ଚିତ ହେବ। ସକାଳ ୭ଟାରୁ ପୂର୍ବାହ୍ନ ୧୧ଟା ଓ ଅପରାହ୍ନ ୪ଟାରୁ ରାତ୍ର ୮ଟା ପର୍ଯ୍ୟନ୍ତ ସମୟ ନିର୍ଘଣ୍ଟ ରହିଛି। ତେବେ ସୋରଣ ପଞ୍ଚାୟତରେ ୧୭ରୁ ୨୨ ତାରିଖ ପର୍ଯ୍ୟନ୍ତ ଭୋର ୫ଟାରୁ ପୂର୍ବାହ୍ନ ୧୦ଟା ଏବଂ ଅପରାହ୍ନ ୪ଟାରୁ ରାତି ୭ଟା ପର୍ଯ୍ୟନ୍ତ ଚାଉଳ ଓ ଗହମ ବଣ୍ଟନ କରାଯିବାକୁ ନୋଟିସ୍ ମରାଯାଇଛି। ସେହିଭଳି ୨୪ ଓ ୨୫ ତାରିଖରେ କିରୋସିନ ବଣ୍ଟନ ଭୋର ୬ଟାରୁ ପୂର୍ବାହ୍ନ ୧୦ଟା ଏବଂ ଅପରାହ୍ନ ୪ଟାରୁ ରାତି ୭ଟା ପର୍ଯ୍ୟନ୍ତ ବଣ୍ଟନ କରାଯିବାକୁ ଅନୁରୂପ ନୋଟିସ ମରାଯାଇଛି। କିନ୍ତୁ ନୋଟିସରେ କାହାର ଦସ୍ତଖତ ନାହିଁ। ଏ ନେଇ ସରପଞ୍ଚ ସୁଜାତା ବିଶ୍ୱାଳ କୁହନ୍ତି, ଯୋଗାଣ ସହାୟକ ମନଇଚ୍ଛା ରାଶନ ସାମଗ୍ରୀ ବଣ୍ଟନ କରୁଛନ୍ତି। କେଉଁ ମାସରେ କେଉଁ ତାରିଖ ଓ ସମୟରେ ରାଶନ ସାମଗ୍ରୀ ବଣ୍ଟନ ହେବ କେବଳ ସେ ହିଁ ସ୍ଥିର କରିଥାନ୍ତି। ରାଶନ ସାମଗ୍ରୀ ବଣ୍ଟନରେ ଅବ୍ୟବସ୍ଥା ନେଇ ବିଭିନ୍ନ ସମୟରେ ହିତାଧିକାରୀମାନେ ମୋତେ ଅଭିଯୋଗ କରିଛନ୍ତି। ସରକାରୀ ଗାଇଡଲାଇନ ଅନୁସାରେ ରାଶନ ସାମଗ୍ରୀ ବଣ୍ଟନ କରିବାକୁ କହୁଥିଲେ ମଧ୍ୟ ସୁଫଳ ମିଳୁନି। ଯୋଗାଣ ସହାୟକ କୁହନ୍ତି, ସେ ସରକାରୀ ଲୋକ। ତାଙ୍କୁ ସରପଞ୍ଚ କିଛି କହିପାରିବେନି। ତାଙ୍କ ମନ ସେ ଯେତେବେଳେ ବଣ୍ଟନ କରିପାରିବେ। ଅନ୍ୟପକ୍ଷରେ ଘଟଣା ସମ୍ପର୍କରେ ବ୍ଲକ ଯୋଗାଣ ଅଧିକାରୀ, ପଞ୍ଚାୟତ କାର୍ଯ୍ୟ ନିର୍ବାହୀ ଅଧିକାରୀ, ଉପଜିଲାପାଳଙ୍କୁ ଅବଗତ କରାଯାଇଥିଲେ ମଧ୍ୟ କିଛି ସୁଫଳ ମିଳୁନାହିଁ। ବ୍ଲକ ଯୋଗାଣ ଅଧିକାରୀ ତ୍ରିଲୋଚନ ସାହୁ କୁହନ୍ତି, ଯୋଗାଣ ସହାୟକ ମନଇଚ୍ଛା ସମୟ ଓ ତାରିଖ ବଦଳାଇ ପାରିବେନାହିଁ। ତାଙ୍କୁ ଏପରି ନ କରିବାକୁ କୁହାଯାଇଛି। ଜିଲା ଯୋଗାଣ ଅଧିକାରୀ କୁହନ୍ତି, ସେ ଘଟଣାର ଅନୁଧ୍ୟାନ କରିବେ। ଯୋଗାଣ ସହାୟକ ରଞ୍ଜିତା ସାହୁ କୁହନ୍ତି, ମୁଁ ନୋଟିସ କରିଥିଲି। ହେଲେ ଏହା ହିତାଧିକାରୀଙ୍କ କିଛି ଅସୁବିଧା ହେବ ନାହିଁ ବୋଲି ଅନୁଭବ କରିଥିଲି। ଅଭିଯୋଗ ଆସିଲେ ପରିବର୍ତ୍ତନ କରାଯିବ ବୋଲି କହିଥିଲେ।



ସୋରଣ ପଞ୍ଚାୟତ କାର୍ଯ୍ୟାଳୟରେ ଲଗାଯାଇଥିବା ନୋଟିସ।

# ମଣ୍ଡିରେ ଧାନ ବିକ୍ରି ନ ହେବାରୁ ଚାଷୀ ଅସନ୍ତୋଷ

**ମିଳିନି ଶସ୍ୟବୀମା ସହାୟତା ରାଶି**

**ବୋଲଗଡ଼,୧୯।୭(ଡି.ଏନ.ଏ.)**

ବୋଲଗଡ଼ ବ୍ଲକ ସଂପୁର ପ୍ରାଥମିକ ସେବା ସମବାୟ ସମିତି ଧାନ ମଣ୍ଡିରେ ଧାନ ବିକ୍ରି ହୋଇ ନ ପାରିବାରୁ ଚାଷୀଙ୍କ ମଧ୍ୟରେ ଅସନ୍ତୋଷ ଦେଖାଯାଇଛି । ସମିତିରେ ଧାନ ବିକ୍ରି ହୋଇ ପାରି ନ ଥିବା ଓ ବିଗତ ବର୍ଷର ଶସ୍ୟବୀମା ସହାୟତା ରାଶି ୯୦ଜଣ ଚାଷୀ ପାଇପାରି ନ ଥିବା ନେଇ ଅଭିଯୋଗ ହୋଇଛି । ଏଥିପାଇଁ ସମିତି ସମ୍ପାଦକ ଏବଂ କର୍ମଚାରୀଙ୍କ ମନମୁଖି କାର୍ଯ୍ୟକଳାପ ହିଁ ଦାୟୀ ବୋଲି କେତେଜଣ ଚାଷୀ କହିଛନ୍ତି। ଚାଷୀମାନେ ବହୁ ପରିଶ୍ରମ କରି ଋଣ ଆଣି ଫସଲ କରିଥିଲେ ମଧ୍ୟ ମଣ୍ଡିରେ ଧାନ ବିକ୍ରୟ ନ ହେବାରୁ ଅଭାବୀ ବିକ୍ରି ଦ୍ୱାରା କ୍ଷତି ସହୁଛନ୍ତି ବୋଲି ପୂର୍ବତନ ସରପଞ୍ଚ ଜଳଧର ମହାନ୍ତି ମତ ପ୍ରକାଶ କରିଛନ୍ତି। ଯେଉଁ ଚାଷୀ ସେମାନଙ୍କ ବୀମା ସହାୟତା ପାଇ ପାରିନାହାନ୍ତି ସେମାନଙ୍କୁ ଏହା କିପରି ମିଳିବ ସେଥିପ୍ରତି ମଧ୍ୟ ଦୃଷ୍ଟି ଦିଆଯାଉନି। ସେମାନଙ୍କର ଧାନ ବିକ୍ରୟ ନ ହେବାରୁ ସମିତିର କୃଷିଋଣ ପରିଶୋଧ କରି ନ ପାରି ବହୁ ଅସୁବିଧାର ସମ୍ମୁଖୀନ ହେଉଛନ୍ତି ବୋଲି ଚାଷୀ ନିରଞ୍ଜନ ନାୟକ କହିଛନ୍ତି । ଚାଷୀମାନଙ୍କ ଏଭଳି ଦୁର୍ଦ୍ଦଶା ପାଇଁ ଯେଉଁମାନେ ଦାୟୀ ସେମାନଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ମଧ୍ୟ ଗ୍ରହଣ କରିବାକୁ ସେ ଦାବି କରିଛନ୍ତି। ସେହିଭଳି ବିଭିନ୍ନ ସମସ୍ୟା ଭୋଗୁଥିବା ବିଶ୍ୱନାଥ ଲେଙ୍କାଙ୍କ ସମେତ ଅନ୍ୟ ଚାଷୀମାନେ ତୁରନ୍ତ ସମାଧନ ପାଇଁ ଦାବି କରିଛନ୍ତି । ଏ ସମ୍ପର୍କରେ ସମିତି ସମ୍ପାଦକ ଜ୍ଞାନରଞ୍ଜନ ବେହେରାଙ୍କୁ ପଚାରିବାରୁ ସେ କହିଥିଲେ, ୧୯୦ ଚାଷୀ ମଣ୍ଡିରେ ଧାନ ବିକ୍ରୟ ପାଇଁ ଆମ ସମିତିରେ ନାମ ପଞ୍ଜୀକରଣ କରିଥିଲେ। ୯,୭୦୦ କୁଇଣ୍ଟାଲ ଧାନ ବିକ୍ରୟ ନିମନ୍ତେ ଲକ୍ଷ୍ୟଧାର୍ଯ୍ୟ ରହିଥିଲା। ତେବେ ସରକାରଙ୍କ ପକ୍ଷରୁ କେବଳ ଜଣେ ମିଲରଙ୍କୁ ମଣ୍ଡିରୁ ଧାନ କ୍ରୟ କରିବା ପାଇଁ ନିଯୁକ୍ତି ଦିଆଯାଇଥିଲା । ଅଧିକ ସଂଖ୍ୟକ ମିଲର ବଦଳରେ ଜଣେ ମିଲର ସମସ୍ତ ଧାନ କ୍ରୟ କରି ନ ପାରି କେବଳ ୪,୫୦୦ କୁଇଣ୍ଟାଲ ଧାନ କିଣିଥିଲେ। ତେଣୁ ମଣ୍ଡିରେ ପଞ୍ଜୀକୃତ ହୋଇଥିବା ଚାଷୀମାନଙ୍କ ସମସ୍ତ ଧାନ ବିକ୍ରି ହୋଇପାରି ନ ଥିଲା। ଧାନ ବିକ୍ରି ନ ହେବାରୁ ଚାଷୀମାନେ ଅସନ୍ତୋଷ ପ୍ରକାଶ କରିଛନ୍ତି।



ସମିତି କାର୍ଯ୍ୟାଳୟରେ ଚାଷୀମାନେ ଅଭିଯୋଗ କରୁଛନ୍ତି।

### ଚାକରାଣୀଙ୍କ ଛୁରା ମାଡ଼ରେ ବୃଦ୍ଧ ଗୁରୁତର

**ଭୁବନେଶ୍ୱର, ୧୯।୭(ବ୍ୟୁରୋ)**

ଏୟାରଫିଲ୍ଡ ଥାନା ଅନ୍ତର୍ଗତ କପିଳପ୍ରସାଦ ଅଞ୍ଚଳରେ ଚାକରାଣୀଙ୍କ ଛୁରା ମାଡ଼ରେ ଜଣେ ୯୦ ବର୍ଷୀୟ ବୃଦ୍ଧ ଗୁରୁତର ଆହତ ହୋଇଛନ୍ତି। ତାଙ୍କ ବେକ, ହାତ, ନାକ ଆଦି ଶରୀରର ବିଭିନ୍ନ ସ୍ଥାନରେ ଗଭୀର କ୍ଷତ ସୃଷ୍ଟି ହୋଇଛି। ଆହତ ବୃଦ୍ଧ ଜଣକ ହେଲେ ଧରଣୀଧର ରାଉତରାୟ। ତାଙ୍କୁ ଗୁରୁତର ଅବସ୍ଥାରେ କ୍ୟାପିଟାଲ ହସ୍ପିଟାଲରେ ଭର୍ତ୍ତି କରାଯାଇଛି। ଅଭିଯୋଗ ପରେ ପୋଲିସ ଘଟଣାର ଖୋଳତାଡ଼ ଆରମ୍ଭ କରିଛି। ତେବେ ରେ ଏକ ଅଭିଯୋଗ ହେବା ପରେ ପୋଲିସ ଘଟଣାର ଖୋଳତାଡ଼ ଚଳାଇଛି। ମହିଳା ଜଣକ ତାଙ୍କ ଘରୁ ଚୋରି କରିବା ଉଦ୍ଦେଶ୍ୟରେ ଆସିଥିଲେ। ବୃଦ୍ଧ ଜଣକ ବିରୋଧ କରିବାରୁ ଆଣିଥିବା ଛୁରିରେ ବେକକୁ କାଟିଦେବା ସହ ଶରୀର ବିଭିନ୍ନ ଜାଗାରେ ଭୁଷିଦେଇ ଫେରାର ହୋଇଥିଲେ ବୋଲି ପରିବାର ଲୋକେ ଅଭିଯୋଗ ଆଣିଛନ୍ତି।

### ଚୋରି ମୋବାଇଲ, ଟଙ୍କା ଜବତ: ୩ ଗିରଫ

**ଭୁବନେଶ୍ୱର, ୧୯।୭(ବ୍ୟୁରୋ)**

ଶହୀଦନଗର ଥାନା ଅଞ୍ଚଳରେ ଘରେ ପଶି ଚୋରି କରୁଥିବା ୩ଜଣ ଅଭିଯୁକ୍ତଙ୍କୁ ପୋଲିସ ଗିରଫ କରିବା ସହ ସେମାନଙ୍କଠାରୁ ମୋବାଇଲ ଫୋନ ଓ ୪ ହଜାର ଟଙ୍କା ଜବତ କରିଛି। ସେମାନେ ହେଲେ ଏହି ଥାନା ଅନ୍ତର୍ଗତ ପଥରବନ୍ଧ ବସ୍ତି ଅଞ୍ଚଳର ଦୀପକ ମୁଦୁଲି, କବି ବିଶ୍ୱାଳ ଓ ଚନ୍ଦ୍ର ଶେଖରପୁର ଥାନା ବିଡିଏ କଲୋନୀ ଅଞ୍ଚଳର ଅମିତ ସ୍ୱାଇଁ। ପଥରବନ୍ଧ ବସ୍ତି ଅଞ୍ଚଳରେ ସୁଲୋଚନା ସାହୁ ପରିବାର ସହ ରୁହନ୍ତି। ଗୁରୁବାର ରାତିରେ ସେମାନେ ସୁଲୋଚନାଙ୍କ ଘରେ ପଶି ଚୋରି କରି ଫେରାର ହୋଇଯାଇଥିଲେ। ଏ ନେଇ ଥାନାରେ ୩୨୫/୧୯ନଂ ରେ ଏକ ମାମଲା ରୁଜୁ ହୋଇଛି ।

# ରେଲୱେର ବିଭିନ୍ନ ଶ୍ରମିକ ସଙ୍ଗଠନ ନେତା, ସଦସ୍ୟଙ୍କ ମିଶ୍ରଣ ପର୍ବ

**ଜଟଣୀ,୧୯।୭(ଡି.ଏନ.ଏ):** ଇଷ୍ଟକୋଷ୍ଟ ରେଲୱେରେ ବିଭିନ୍ନ ଶ୍ରମିକ ସଙ୍ଗଠନର କେତେଜଣ କର୍ମକର୍ତ୍ତା ଓ ସଦସ୍ୟଙ୍କ ସଙ୍ଗଠନ ବଦଳକୁ ନେଇ ଚର୍ଚ୍ଚା ଜୋର୍ ଧରିଛି। ରେଲୱେରେ ସ୍ୱୀକୃତିପ୍ରାପ୍ତ ସଙ୍ଗଠନର ମାନ୍ୟତା ପାଇଁ ନିୟମ ଅନୁଯାୟୀ, ଚଳିତବର୍ଷ ଅଗଷ୍ଟ ଶେଷ ସପ୍ତାହରେ ନିର୍ବାଚନ ଅନୁଷ୍ଠିତ ହେବାର ରହିଛି। ଏହା ପୂର୍ବରୁ ସଙ୍ଗଠନ ବଦଳ ବା ମିଶ୍ରଣ ପର୍ବ ଆରମ୍ଭ ହୋଇଯାଇଛି। ଏହି ପରିପ୍ରେକ୍ଷୀରେ ଇଷ୍ଟକୋଷ୍ଟ ରେଲୱେ ଶ୍ରମିକ କଂଗ୍ରେସ ପକ୍ଷରୁ ଜଟଣୀସ୍ଥିତ କାର୍ଯ୍ୟାଳୟରେ ଏକ ମିଶ୍ରଣ ପର୍ବ ଅନୁଷ୍ଠିତ ହୋଇଯାଇଛି। ଏଥିରେ ଇଷ୍ଟକୋଷ୍ଟ ରେଲୱେ ଶ୍ରମିକ ୟୁନିୟନର ୩ଜଣ ଶ୍ରମିକ ନେତା ବିନୟ ଶଙ୍କର ମିଶ୍ର, ରଶିଦ ବାଦଶାହ, ପି. ଶାନ୍ତିକୁମାରୀ ଓ ସେମାନଙ୍କର ବହୁ ସମର୍ଥକ ଶ୍ରମିକ କଂଗ୍ରେସରେ ଯୋଗଦେଇଛନ୍ତି। ଏହି ପରିପ୍ରେକ୍ଷୀରେ ଶ୍ରମିକ କଂଗ୍ରେସର ସାଧାରଣ ସମ୍ପାଦକ ରମେଶଚନ୍ଦ୍ର ସାହୁ ଯୋଗଦେଇଥିବା ଶ୍ରମିକନେତାମାନଙ୍କୁ ଫୁଲତୋଡ଼ା ଦେଇ ସ୍ୱାଗତ କରିଥିଲେ । ଏହି ମିଶ୍ରଣ ପର୍ବରେ ଶ୍ରମିକ କଂଗ୍ରେସର ମଣ୍ଡଳ ସଂଯୋଜକ ପି.କେ. ସାହାଣୀ, ସହ ସଂଯୋଜକ ସୁନୀଲ ଭଞ୍ଜ, ଏମ୍‌ଜିକେ. ରାଓ, ଓପନଲାଇନ୍ ବ୍ରାଞ୍ଚ ସମ୍ପାଦକ ଏଲ୍‌ଡି ମହାନ୍ତି, ପ୍ରଫୁଲ୍ଲ ବେହେରା, ରଜତ ମହାନ୍ତି, ଉଲ୍ଲାସ ସାହୁ, ରୁନି ବେହେରା, ବିଜୟଲକ୍ଷ୍ମୀ ଦାଶଙ୍କ ସମେତ ଶ୍ରମିକ କଂଗ୍ରେସର ବହୁ କର୍ମକର୍ତ୍ତା ଓ ସଦସ୍ୟ ଉପସ୍ଥିତ ଥିଲେ। ଅନ୍ୟପକ୍ଷରେ ଶ୍ରମିକ କଂଗ୍ରେସର ସୁବାସଚନ୍ଦ୍ର ସାହୁ ଓ ପିଭିଏନ୍ ରାଓ ଶ୍ରମିକ ୟୁନିୟନ୍‌ରେ ଯୋଗଦେଇଛନ୍ତି। ଶ୍ରମିକ ୟୁନିୟନର ବରିଷ୍ଠ ନେତା ପି.କେ.ପାଟଶାଣୀଙ୍କ ଉପସ୍ଥିତିରେ ଏହି ଦୁଇ ଶ୍ରମିକ କଂଗ୍ରେସ ନେତା ୟୁନିୟନରେ ଯୋଗଦେଇଛନ୍ତି।

■ ଡକାୟତି ଯୋଜନା ପଣ୍ଡ

# ଜେଲ ଗଲେ ୫ ଅଭିଯୁକ୍ତ

**ଖଣ୍ଡା, ଭୁଜାଲି, ଅଟୋ ଜବତ**

**ଖୋର୍ଦ୍ଧା ଅଫିସ,୧୯।୭:**

ଡକାୟତି ଯୋଜନା କରୁଥିବା ବେଳେ ଶୁକ୍ରବାର ଖୋର୍ଦ୍ଧା ଆଦର୍ଶ ଥାନା ପୋଲିସ ୫ଜଣ ଅଭିଯୁକ୍ତଙ୍କୁ ଗିରଫ କରି ଖୋର୍ଦ୍ଧା ଏଡିଜେ କୋର୍ଟକୁ ଚାଲାଣ କରିଥିଲା। ଜାମିନ ନାମଞ୍ଜୁର ହେବାରୁ ସେମାନଙ୍କୁ ଖୋର୍ଦ୍ଧା ସବ୍‌ଜେଲକୁ ପଠାଇ ଦିଆଯାଇଥିବା ପୋଲିସ କହିଛି। ଅଭିଯୁକ୍ତମାନେ ହେଲେ ବ୍ରାଉନସୁଗାର କାରବାରର ମାଷ୍ଟରମାଇଣ୍ଡ ତଥା ଖୋର୍ଦ୍ଧା ପଥରଖଣି ଉପତ୍ୟକାରେ ରାଜ କରୁଥିବା ସୁଧାଂଶୁ ପରିଡା ଓରଫ ଛୋଟାଙ୍କ ଭାଇ ଗୋପୀନାଥ ସାହିର ଶୁଭେନ୍ଦୁ ପରିଡା(୩୭), ଯାଜପୁର ଜିଲା ସୁକିନ୍ଦା ଥାନା ହରିପୁର ଗ୍ରାମର ଦୀପକ ପ୍ରଧାନ(୨୭), ଜଟଣୀ ଥାନା ଉତ୍ତର ମୁଣ୍ଡମାଳ ଗ୍ରାମର ଦିଲ୍ଲୀପ ପ୍ରଧାନ(୩୨), ଝାଁଳା ଫାଣ୍ଡି ଅଞ୍ଚଳର ଅଭୟ ନାୟକ ଓ ସୁମନ ନାୟକ(୨୬)। ଏମାନଙ୍କଠାରୁ ଗୋଟିଏ ଅଟୋ, ୧ଖଣ୍ଡା, ୨ଭୁଜାଲି, ୨ଟି ଆଇରନ ରଡ ଜବତ ହୋଇଛି। ସୂଚନାଥାଉ କି, କୋଲକାତା-ମାଡ୍ରାସ ୧୬ନଂ. ଜାତୀୟ ରାଜପଥ ଏସ୍‌ପିଙ୍କ କାର୍ଯ୍ୟାଳୟ ନିକଟସ୍ଥ ସତ୍‌ସଙ୍ଗ ମନ୍ଦିର ନିକଟରେ ଅଭିଯୁକ୍ତମାନେ ଡକାୟତି ପାଇଁ ଯୋଜନା କରୁଥିବାବେଳେ ଖବରପାଇ ପୋଲିସ ସେମାନଙ୍କୁ କାବୁ କରିଥିଲା।

■ ଖବରଦାତାଙ୍କୁ ଦୁର୍ବ୍ୟବହାର ଘଟଣା

# ଚିଲିକା ପ୍ରେସ୍ କ୍ଲବର ନିନ୍ଦା



ଚିଲିକା ପ୍ରେସ କ୍ଲବ ପକ୍ଷରୁ ବାଲୁଗାଁ ଏସଡିପିଓ ସୁନୀଲ ମହାନ୍ତିଙ୍କୁ ସ୍ମାରକପତ୍ର ପ୍ରଦାନ କରାଯାଉଛି।

**ବାଲୁଗାଁ,୧୯।୭(ଡି.ଏନ.ଏ.)**

କେନ୍ଦ୍ରାପଡ଼ା ଜିଲା ପାଟକୁରାଠାରେ ନିର୍ବାଚନୀ ସଭା ଅବସରରେ ଜଣେ କର୍ତ୍ତବ୍ୟରତ ଖବରଦାତାଙ୍କୁ ଏସ୍‌ପିଙ୍କ ଦୁର୍ବ୍ୟବହାର ଘଟଣା ସମସ୍ତଙ୍କୁ ଚକିତ କରିଛି । ଖୋର୍ଦ୍ଧା ଜିଲା ଚିଲିକା ପ୍ରେସ୍ କ୍ଲବ ପକ୍ଷରୁ ଏହି ଘଟଣାକୁ ଦୃଢ଼ ନିନ୍ଦା ଓ ପ୍ରତିବାଦ କରାଯାଇଛି। ଶୁକ୍ରବାର ଅପରାହ୍ନରେ ଏ ନେଇ ବାଲୁଗାଁସ୍ଥିତ ଶ୍ରୀ ଶ୍ରୀ ଉମାମହେଶ୍ୱର ଦେବଙ୍କ ମନ୍ଦିର ପ୍ରାଙ୍ଗଣରେ ଏକ ବୈଠକ ଅନୁଷ୍ଠିତ ହୋଇଥିଲା । ଏଥିରେ କର୍ତ୍ତବ୍ୟରତ ଖବରଦାତା ତଥା ଗଣତନ୍ତ୍ରର ଚତୁର୍ଥ ସ୍ତମ୍ଭର କଣ୍ଠରୋଧ ନିମନ୍ତେ ପୋଲିସର ଦୁର୍ବ୍ୟବହାର ପ୍ରଦର୍ଶନକୁ ତୀବ୍ର ସମାଲୋଚନା କରାଯାଇଥିଲା । ବାରମ୍ବାର ଏହି ଘଟଣା ଘଟୁଥିବାରୁ ଖବରଦାତାଙ୍କ ସୁରକ୍ଷା ସାଙ୍ଗକୁ ସମ୍ପୃକ୍ତ ପୋଲିସ ଅଧିକାରୀଙ୍କ ବିରୋଧରେ ଆଇନଗତ କାର୍ଯ୍ୟାନୁଷ୍ଠାନ ଗ୍ରହଣ ନିମନ୍ତେ ଏକ ସ୍ମାରକପତ୍ର ପୋଲିସ ମହାନିର୍ଦ୍ଦେଶକଙ୍କ ଉଦ୍ଦେଶ୍ୟରେ ବାଲୁଗାଁ ଏସ୍‌ଡ଼ିପିଓ ସୁନୀଲ ମହାନ୍ତିଙ୍କୁ ପ୍ରଦାନ କରାଯାଇଛି।

# ଗ୍ରୀନ୍ ପାରିକୁଦ ପକ୍ଷରୁ ଚାରାରୋପଣ



ଚାରାରୋପଣ କାର୍ଯ୍ୟକ୍ରମରେ ସାମିଲ ହୋଇଥିବା ମହିଳାମାନେ ।

**କୃଷ୍ଣପ୍ରସାଦ,୧୯।୭(ଡି.ଏନ.ଏ.)**

ପୁରୀ ଜିଲା କୃଷ୍ଣପ୍ରସାଦ ବ୍ଲକକୁ ସବୁଜ ସୁନ୍ଦର କରିବା ଲକ୍ଷ୍ୟରେ ଯୁବ ଶିକ୍ଷାବିତ୍ ତଥା ସାମାଜିକ କର୍ମୀ ହିମାଂଶୁ ଶେଖର ନାୟକ ଶୁକ୍ରବାର ଗ୍ରୀନ୍ ପାରିକୁଦ ଅଭିଯାନ ଆରମ୍ଭ କରିଛନ୍ତି । କୁରୁପାଳ ଆଞ୍ଚଳିକ ମଞ୍ଚର ସଦସ୍ୟାମାନେ ଏହି କାର୍ଯ୍ୟକ୍ରମରେ ସାମିଲ ହୋଇ ବ୍ଲକର ମୁଖ୍ୟରାସ୍ତା କୁରୁପାଳଠାରୁ ଅଁଳାକୁଦା ପର୍ଯ୍ୟନ୍ତ ଉଭୟ ପାର୍ଶ୍ୱରେ ଚାରାରୋପଣ କରିଛନ୍ତି । ୫ଶହରୁ ଊର୍ଦ୍ଧ୍ୱ ଚାରାରୋପଣ କରି ସୁରକ୍ଷା ନିମନ୍ତେ ଚାରାଗୁଡ଼ିକର ଚତୁଃପାର୍ଶ୍ୱ ବେଢ଼ାଯାଇଥିବା ମଞ୍ଚର ସଭାନେତ୍ରୀ କୁନିରାଣୀ ଜେନା କହିଛନ୍ତି । ସଭ୍ୟା ଅମିତା ତରେଇ କାର୍ଯ୍ୟକ୍ରମର ନେତୃତ୍ୱ ନେଇଥିଲେ । ଅଭିଯାନର ଆବାହକ ନାୟକ ମଞ୍ଚ ସଦସ୍ୟାମାନଙ୍କୁ ଶୁଭେଚ୍ଛା ଜଣାଇବା ସହିତ ସମସ୍ତଙ୍କ ଉଦ୍ୟମ ଦ୍ୱାରା ପାରିକୁଦକୁ ସବୁଜ ସୁନ୍ଦର କରି ଗଢ଼ି ତୋଳିବାକୁ ପରାମର୍ଶ ଦେଇଥିଲେ।

# ଖବରଦାତାଙ୍କୁ ଦୁର୍ବ୍ୟବହାର ପ୍ରତିବାଦରେ ସ୍ମାରକପତ୍ର

**ଖୋର୍ଦ୍ଧା ଅଫିସ,୧୯।୭**

ବୈଦ୍ୟୁତିକ ଗଣମାଧ୍ୟମରେ କାର୍ଯ୍ୟରତ ଖବରଦାତା ଅଜେଶ ମଲ୍ଲିକଙ୍କୁ କେନ୍ଦ୍ରାପଡ଼ା ଆରକ୍ଷୀ ଅଧୀକ୍ଷକଙ୍କ ଦୁର୍ବ୍ୟବହାରର ପ୍ରତିବାଦ କରାଯାଇଛି। ଓ.ୟୁ.ଜେ. ଖୋର୍ଦ୍ଧା ଜିଲା ସାମ୍ବାଦିକ ୟୁନିୟନ ପକ୍ଷରୁ ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଏକ ତିନି ଦଫା ସମ୍ବଳିତ ସ୍ମାରକପତ୍ର ଅତିରିକ୍ତ ଜିଲାପାଳ ମନୋରଞ୍ଜନ ମଲ୍ଲିକଙ୍କୁ ପ୍ରଦାନ କରାଯାଇଛି। ଜିଲା ସଭାପତି ଉମାଶଙ୍କର ପ୍ରସାଦଙ୍କ ନେତୃତ୍ୱରେ ସମ୍ପାଦକ ପ୍ରସନ୍ନ ପାଇକରାୟ, ଉପସଭାପତି ରାଜେଶ ଚନ୍ଦ୍ର ମହାନ୍ତି ପ୍ରମୁଖ ଉପସ୍ଥିତ ରହି ଏହାର ଉଚ୍ଚସ୍ତରୀୟ ତଦନ୍ତ ଦାବି କରିଥିଲେ।



ଖୋର୍ଦ୍ଧା ପ୍ରାଣନାଥ ସ୍ୱୟଂଶାସିତ ମହାବିଦ୍ୟାଳୟରେ ଶୁକ୍ରବାର ଆୟୋଜିତ ବନମହୋତ୍ସବ କାର୍ଯ୍ୟକ୍ରମରେ ଜିଲାପାଳ, ବିଧାୟକ ଓ ଅନ୍ୟମାନେ।

# ପୋଲିସ ପାରିଲାନି, ଲୋକେ ତାଡ଼ିଲେ

**୧୫ଜଣ ବ୍ରାଉନସୁଗାର ଗ୍ରାହକଙ୍କୁ ନିସ୍ତୁକ ପିଟିଲେ**

**ଖୋର୍ଦ୍ଧା ଅଫିସ,୧୯।୭**

ଖୋର୍ଦ୍ଧା ଆଦର୍ଶ ଓ ସଦର ଥାନା ଅଞ୍ଚଳର ଗଳିକନ୍ଦିରେ ବ୍ରାଉନସୁଗାର(ପାଉ)ର ଅବାଧ କାରବାର ଚାଲିଛି। ହାତଗୁଞ୍ଜା ଓ ଉପହାର ନେଇ ଅବକାରୀ ଓ ପୋଲିସ ଚୁପ ରହିଥିବା ଅଭିଯୋଗ ହେଉଛି। ଖୋର୍ଦ୍ଧା ଜିଲାରେ କ୍ରାଇମବ୍ରାଞ୍ଚର ଏସ୍‌ଟିଏଫ୍ ଚଢ଼ାଉ, ଏନ୍‌କାଉଣ୍ଟର ପରେ ଲୋକେ ପ୍ରତିବାଦ ଆରମ୍ଭ କରିଛନ୍ତି। ବ୍ରାଉନସୁଗାର କାରବାରରେ ଲଗାମ ଲଗାଇବା ପାଇଁ ଥାନା, ଅବକାରୀ ବିଭାଗ, ଜିଲାପାଳଙ୍କ ଅଫିସକୁ ବାରମ୍ବାର ଅଭିଯୋଗ କରି ଅସଫଳ ହେବା ପରେ ଆଇନକୁ ହାତକୁ ନେବାରେ ଲାଗିଛନ୍ତି। ଗୁରୁବାର ବରୁଣେଇସାହି ଓ ଉପରସାହିରେ କେତେଜଣ ଅଜଣା ଯୁବକଙ୍କୁ ଦେଖିବାକୁ ମିଳିଥିଲା। କେତେଜଣ ଯୁବକ ପାଉ ଖାଇବାକୁ ବିଭିନ୍ନ ଲୋକଙ୍କ ଘରକୁ ଯାଇ କେତେ ରେଟ୍ ଅଛି ପଚାରି ଥିଲେ। ଆଉ କିଛି ପାଉ ବିକ୍ରି କରିବାକୁ ଗରାଖଙ୍କୁ ଖୋଜୁଥିଲେ। ଏଭଳିସ୍ଥଳେ ସ୍ଥାନୀୟ ଲୋକ ପ୍ରାୟ ୭ଜଣଙ୍କୁ କାବୁ କରି ମାଡ଼ମାରି ତଡି ଦେଇଥିଲେ। ସେହିଭଳି ଶୁକ୍ରବାର ପୁଣି ୮ଜଣଙ୍କୁ ମାଡ଼ମାରି ତଡି ଦିଆଯାଇଥିଲା। ଉପରସାହି ଓ ତଳସାହିରେ ପାଉ ବ୍ୟବସାୟ ନ କରିବାକୁ ଅଞ୍ଚଳବାସୀ ପରାମର୍ଶ ଦେଇଛନ୍ତି। ଅନ୍ୟପକ୍ଷରେ ଖୋର୍ଦ୍ଧା ସହରର ୬ନଂ. ୱାର୍ଡ ସ୍ୱପ୍ନେଶ୍ୱରସାହିର ମହିଳାମାନେ ଆଦର୍ଶ ଥାନା, ଏସ୍‌ପି ଓ ଜିଲାପାଳଙ୍କୁ ଭେଟି ପାଉ ବ୍ୟବସାୟ ଉପରେ ଲଗାମ ଲଗାଇବାକୁ ନିବେଦନ କରିଥିଲେ। ସୁଫଳ ନ ମିଳିବାରୁ ମହିଳାମାନେ ଗୁରୁବାର ୪ଜଣ ଓ ଶୁକ୍ରବାର ୭ଜଣଙ୍କୁ ପୋଲିସକୁ ହସ୍ତାନ୍ତର କରିଛନ୍ତି। ପୋଲିସ ୫ଜଣଙ୍କୁ କୋର୍ଟ ଚାଲାଣ କରିଥିବା ବେଳେ ୬ଜଣଙ୍କୁ ପୋଲିସ ଅଟକ ରଖିଥିବା ଜଣାପଡିଛି।

### ପୂର୍ବତନ କାଉନ୍‌ସିଲର, ଖବରଦାତାଙ୍କ ଗିରଫ ଦାବି

ବ୍ରାଉନସୁଗାର କାରବାରର ମାଷ୍ଟରମାଇଣ୍ଡ ତଥା ଖୋର୍ଦ୍ଧା ପଥରଖଣି ଉପତ୍ୟକାରେ ରାଜ କରୁଥିବା ସୁଧାଂଶୁ ପରିଡା ଓରଫ ଛୋଟା ଏସ୍‌ଟିଏଫ୍‌ଙ୍କ ରିମାଣ୍ଡରେ ରହିଛି। ଶନିବାର ଏସ୍‌ଟିଏଫ୍‌ର ରିମାଣ୍ଡ ଶେଷ ହେବ। ଦୁଇ ଦିନରେ ଛୋଟାଠାରୁ ଏସ୍‌ଟିଏଫ୍ ଅନେକ ତଥ୍ୟ ହାସ କରିଛି। ଏକଥା ଜଣାପଡିବା ପରେ ଛୋଟାଙ୍କ ସହ ସମ୍ପର୍କ ରଖିଥିବା ଲୋକେ ଭୟଭୀତ ହୋଇ ରହିଛନ୍ତି। ଛୋଟାର ରିଙ୍ଗ ମାଷ୍ଟର ପୂର୍ବତନ କାଉନସିଲ୍‌ର ଓ ସହଯୋଗୀ ଖବରଦାତାଙ୍କୁ ଏସ୍‌ଟିଏଫ୍ ତୁରନ୍ତ ଗିରଫ କରିବାକୁ ଦାବି ହେଉଛି। ଖୋର୍ଦ୍ଧାକୁ ନିଶାମୁକ୍ତ କରିବାକୁ ହେଲେ ଏହି ଦୁଇଜଣଙ୍କୁ ପ୍ରଥମେ ଗିରଫ କରାଯାଉ ବୋଲି ବୁଦ୍ଧିଜୀବୀ ମହଲରେ ମତ ପ୍ରକାଶ ପାଇଛି।

### ଟାର୍ଗେଟରେ ଛୋଟାଙ୍କ ପରିବାର

ଟାର୍ଗେଟରେ ଛୋଟାଙ୍କ ପରିବାର। ଛୋଟାଙ୍କ ବାପା ପାଉ ବ୍ୟବସାୟ କରି ଜେଲରେ ଥିବା ବେଳେ ଭାଇ ଶୁଭେନ୍ଦୁ ପରିଡା ଶୁକ୍ରବାର ଡକାୟତି ଉଦ୍ୟମରେ ଗିରଫ ହୋଇ ଜେଲ ଯାଇଛନ୍ତି। ଛୋଟାଙ୍କ ଭଉଣୀ ମଧ୍ୟ ପୋଲିସ ଟାର୍ଗେଟରେ ରହିଛନ୍ତି। ପାଉ ବ୍ୟବସାୟର ଅନେକ ଗୁମର କୁଆଡେ ଭଉଣୀଙ୍କ ପାଖରେ ରହିଛି ବୋଲି ବିଶ୍ୱସ୍ତ ସୂତ୍ରରୁ ଜଣାପଡିଛି। ଗତ କିଛି ମାସ ତଳେ ଜଣେ ପୋଲିସ କର୍ମଚାରୀଙ୍କୁ ଛୋଟାର ପରିବାର ଲୋକ ଅଶ୍ଳୀଳ ଭାଷାରେ ଗାଳିଗୁଲଜ କରି ଘଉଡାଇ ଦେଇଥିଲେ ମଧ୍ୟ ପୋଲିସର ନୀରବତା ସମାଲୋଚନାର ଶିକାର ହୋଇଆସୁଛି।



ସନ୍ତୋଷ ହେଉଛି ପ୍ରକୃତିଦତ୍ତ ସମ୍ପଦ, ଆଉ ବିଳାସ ଅନ୍ୟନାମ ହେଉଛି କୃତ୍ରିମ ଦାରିଦ୍ର୍ୟ ।
- ସକ୍ରେଟିସ



## ସଂକ୍ଷେପରେ

### ଅଙ୍ଗନୱାଡ଼ି କେନ୍ଦ୍ର ତଦନ୍ତ ବେଳେ ଉତ୍ତେଜନା, ଜଣେ ଆହତ

ବ୍ରହ୍ମଗିରି, ୧୯।୭(ଡି.ଏନ୍.ଏ.): ବ୍ରହ୍ମଗିରି ଥାନା ଅନ୍ତର୍ଗତ ମନାପୁର ଗ୍ରାମରେ ଶୁକ୍ରବାର ଏକ ଅଙ୍ଗନୱାଡ଼ି କେନ୍ଦ୍ର ତଦନ୍ତ ବେଳେ ଦୁଇଗୋଷ୍ଠୀ ମଧ୍ୟରେ ମୁହାଁମୁହିଁ ହୋଇ ଜଣେ ଆହତ ହୋଇଛନ୍ତି। ସୂଚନା ଅନୁଯାୟୀ, ମନାପୁରସ୍ଥିତ ଅଙ୍ଗନୱାଡି କେନ୍ଦ୍ରରେ ପ୍ରାୟ ଏକ ସପ୍ତାହ ଧରି ଶିଶୁଙ୍କୁ ରନ୍ଧା ଖାଦ୍ୟ ଦିଆଯାଇନାହିଁ । ଏନେଇ ପୁରୀ ଜିଲାପାଳଙ୍କ ନିକଟରେ ଅଭିଯୋଗ ହୋଇଥିଲା। ଶୁକ୍ରବାର ବ୍ରହ୍ମଗିରି ବ୍ଲକ ସିଡିପିଓ ସଂଯୁକ୍ତା ମହାରଣା ଘଟଣାର ତଦନ୍ତ ପାଇଁ ଉକ୍ତ ଗ୍ରାମକୁ ଯାଇଥିଲେ। ତଦନ୍ତ ବେଳେ ଦୁଇ ଗୋଷ୍ଠୀଙ୍କ ମଧ୍ୟରେ ମୁହାଁମୁହିଁ ପରିସ୍ଥିତ ସୃଷ୍ଟି ହୋଇଥିଲା। ଏକ ଗୋଷ୍ଠୀର ଆକ୍ରମଣରେ ବିକ୍ରମ ସାହୁ ନାମକ ଜଣେ ଅଭିଭାବକ ଆହତ ହୋଇଥିଲେ। ଏ ନେଇ ବ୍ରହ୍ମଗିରି ଥାନାରେ ଏକ ଲିଖିତ ଅଭିଯୋଗ ହୋଇଛି।

### ଅଟୋ ଧକ୍କାରେ ବାଇକ୍ ଆରୋହୀ ଗୁରୁତର

ନିମାପଡ଼ା,୧୯।୭(ଡି.ଏନ୍.ଏ.): ନିମାପଡ଼ା-ବାମନାଳ ରାସ୍ତାର ପାଟପୁର ଗ୍ରାମଠାରେ ଶୁକ୍ରବାର ଏକ ଅଟୋ ଧକ୍କାରେ ଜଣେ ବାଇକ୍ ଆରୋହୀ ଗୁରୁତର ହୋଇଛନ୍ତି। ସେ ହେଲେ ଗୋପ ଥାନା ଅନ୍ତର୍ଗତ ଆମ୍ବେଲିହଣା ଗ୍ରାମର ଲିଙ୍ଗରାଜ ଭୋଇ। ଗୁରୁତର ଅବସ୍ଥାରେ ଲିଙ୍ଗରାଜଙ୍କୁ ପ୍ରଥମେ ନିମାପଡ଼ା ଡାକ୍ତରଖାନା ଓ ପରେ କ୍ୟାପିଟାଲ ହସ୍ପିଟାଲକୁ ସ୍ଥାନାନ୍ତର କରାଯାଇଥିଲା। ସୂଚନା ଅନୁଯାୟୀ, ନିମାପଡ଼ାରୁ ଲିଙ୍ଗରାଜ ବାଇକ୍(ଓଡି ୧୩ ଏଫ୍ ୦୯୫୧)ରେ ଆମ୍ବେଲିହଣା ଗ୍ରାମକୁ ଫେରୁଥିଲେ। ଏହି ସମୟରେ ବିପରୀତ ଦିଗରୁ ଏକ ଅଟୋ ତାଙ୍କ ବାଇକ୍‌କୁ ଧକ୍କା ଦେଇଥିଲା। ଖବରପାଇ ନିମାପଡ଼ା ପୋଲିସ ଦୁର୍ଘଟଣାଗ୍ରସ୍ତ ବାଇକକୁ ଜବତ କରି ଘଟଣାର ତଦନ୍ତ ଚଳାଇଛି।

### ଯୁବକ ନିଖୋଜ ନେଇ ଥାନାରେ ଅଭିଯୋଗ

ଡେଲାଙ୍ଗ, ୧୯।୭(ଡି.ଏନ୍.ଏ.): ଡେଲାଙ୍ଗ ଥାନା ଖେଲାଉର ପଞ୍ଚାୟତ ବ୍ରାହ୍ମଣ ତରାବୋଇ ଗ୍ରାମର ସୋମନାଥ ବେହେରା (୩୬) ଗତ ୧୬ ତାରିଖ ଭୋର ୪ଟାରୁ ନିଖୋଜ ହୋଇଯାଇଥିବା ତାଙ୍କ ପିତା ଭାସ୍କର ବେହେରା ଡେଲାଙ୍ଗ ଥାନାରେ ଅଭିଯୋଗ କରିଛନ୍ତି। ସୋମନାଥ ନାଲି ଗାମୁଛା ପିନ୍ଧିଥିଲା ବେଳେ ଗାମୁଛା କାନ୍ଧରେ ପକାଇଥିଲେ। ୧୬ତାରିଖ ସନ୍ଧ୍ୟା ପର୍ଯ୍ୟନ୍ତ ସୋମନାଥ ଘରକୁ ଫେରି ନ ଥିଲେ। ଖୋଜାଖୋଜି ପରେ ନିରାଶ ହୋଇ ଥାନାରେ ଅଭିଯୋଗ କରିଥିଲେ। ସୋମନାଥଙ୍କର ସ୍ତ୍ରୀ, ଗୋଟିଏ ଝିଅ ଓ ୨ଟି ପୁତ୍ର ସନ୍ତାନ ଅଛନ୍ତି।

### ଖବରଦାତାଙ୍କୁ ଦୁର୍ବ୍ୟବହାର ଘଟଣାର ନିନ୍ଦା

ପୁରୀ ଅଫିସ,୧୯।୭:କେନ୍ଦ୍ରାପଡ଼ା ଜିଲା ବାରିମୂଳ ହେଲିପ୍ୟାଡଠାରେ ଜଣେ ଖବରଦାତାଙ୍କୁ ଏସ୍‌ପି ନୀତିଶେଖର ଦୁର୍ବ୍ୟବହାର କରିବା ଘଟଣାକୁ ଓଡ଼ିଶା ପ୍ରାଥମିକ ଶିକ୍ଷକ ସଂଘ ନିନ୍ଦା କରିଛି। ସଂଘ ସଭାପତି ବ୍ରହ୍ମାନନ୍ଦ ମହାରଣା ଓ ସମ୍ପାଦକ ବିଭୂପ୍ରସାଦ ସାହୁ କହିଛନ୍ତି, ଖବରଦାତାଙ୍କ ପ୍ରତି ଏସ୍‌ପିଙ୍କ ଏପରି ବ୍ୟବହାର ଠିକ୍ ହୋଇନାହିଁ। ତାଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ ପାଇଁ ସେମାନେ ଦାବି କରିଛନ୍ତି।

### ମୋବାଇଲ ଚୋରି କରି ୩ ଗିରଫ

ପୁରୀ ଅଫିସ, ୧୯।୭: ମୋବାଇଲ ଚୋରି ଅଭିଯୋଗରେ ସମୁଦ୍ରକୂଳ ଥାନା ପୋଲିସ ଶୁକ୍ରବାର ୩ଜଣଙ୍କୁ ଗିରଫ କରିଛି। ସେମାନେ ହେଲେ ନବକଳେବର ରୋଡ୍‌ର କାଳି ପ୍ରଧାନ, ବଳିଆପଣ୍ଡା ଅଞ୍ଚଳର ବିକି ବିଶ୍ୱାସ, ଧୋବାଖାଲର ବାବୁ ଓରଫ ବିଶ୍ୱଜିତ ଦାସ। ସୂଚନା ଅନୁଯାୟୀ, କଟକ ଚୌଦ୍ୱାର ଅଞ୍ଚଳର ନାରାୟଣ ବେହେରା ଓ ତାଙ୍କ ଭାଇ ଗୁରୁବାର ପୁରୀ ବୁଲିବାକୁ ଆସିଥିଲେ। ବେଳାଭୂମିରେ ସାର୍ଟ, ପ୍ୟାଣ୍ଟ ରଖି ସମୁଦ୍ରରେ ଗାଧୋଉଥିଲେ। ଏହି ସମୟରେ ଗିରଫ ଅଭିଯୁକ୍ତମାନେ ସେମାନଙ୍କ ପକେଟରୁ ଦୁଇଟି ମୋବାଇଲ ଚୋରି କରି ନେଇଯାଇଥିଲେ।

### ଶିକ୍ଷାନୁଷ୍ଠାନରୁ ଚୋରି

ପୁରୀ ଅଫିସ, ୧୯।୭: ୱାଟର ୱାକ୍ସ ରୋଡ୍‌ସ୍ଥିତ ଏକ ଘରୋଇ ଶିକ୍ଷାନୁଷ୍ଠାନରୁ ଗୁରୁବାର ବିଳମ୍ବିତ ରାତିରେ ଚୋରି ହୋଇଛି। ଏ ନେଇ ଶୁକ୍ରବାର ସ୍କୁଲ କର୍ତ୍ତୃପକ୍ଷ ଥାନାରେ ଲିଖିତ ଅଭିଯୋଗ କରିଛନ୍ତି। ପୋଲିସ ଏକ ମାମଲା ରୁଜୁ କରି ତଦନ୍ତ ଆରମ୍ଭ କରିଛି। ସିସିଟିଭି ଫୁଟେଜ ଯାଞ୍ଚ କରାଯାଉଛି।

■ ବ୍ରହ୍ମଗିରି ବ୍ଲକରେ ସରକାରୀ ଯୋଜନାର ବାସ୍ତବ ଚିତ୍ର

# କାମରେ ଆସୁନି ବିଜୁ ସ୍ୱାସ୍ଥ୍ୟ କଲ୍ୟାଣ ଯୋଜନା

ବ୍ରହ୍ମଗିରି, ୧୯।୭(ଡି.ଏନ୍.ଏ.)

ସରକାର ଜନସାଧାରଣଙ୍କ ପାଇଁ ଯୋଜନା ପରେ ଯୋଜନା କରିଚାଲିଛନ୍ତି। କେତକ ବିଭାଗୀୟ ଅଧିକାରୀଙ୍କ ଉଦାସୀନତା ଯୋଗୁ ଏହି ଯୋଜନା ସାଧାରଣ ଲୋକଙ୍କ ନିକଟରେ ଅପହଞ୍ଚ ହୋଇପଡିଛି। ରୋଗୀଙ୍କ ସ୍ୱାସ୍ଥ୍ୟ ସେବା ପାଇଁ ସରକାର ବିଜୁ ସ୍ୱାସ୍ଥ୍ୟ କଲ୍ୟାଣ ଯୋଜନା, ଆୟୁଷ୍ମାନ, ନିରାମୟ ଭଳି ଅନେକ ଯୋଜନା କରିଛନ୍ତି। ମାତ୍ର ବ୍ରହ୍ମଗିରି ବ୍ଲକରେ ବିଜୁ ସ୍ୱାସ୍ଥ୍ୟ କଲ୍ୟାଣ ଯୋଜନା (ବିଏସ୍‌କେୱାଇ) ରୋଗୀଙ୍କ କାମରେ ଲାଗୁନି। ସାତମାସ ଧରି ଏହି ଯୋଜନାରେ କୌଣସି ରୋଗୀ ସହାୟତା ପାଇ ନ ନ ଥିବା ଜଣାପଡ଼ିଛି।

ପ୍ରକାଶ ଥାଉକି ବ୍ରହ୍ମଗିରି ବ୍ଲକରେ ରହିଛି ରେବଣାନୂଆଗାଁ ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ର। ଏହି ସ୍ୱାସ୍ଥ୍ୟ କେନ୍ଦ୍ର ଉପରେ ବ୍ରହ୍ମଗିରି ବ୍ଲକର ୨୫ଟି, କୃଷ୍ଣପ୍ରସାଦ ବ୍ଲକର ୭ଟି ଗ୍ରାମପଞ୍ଚାୟତର ଜନସାଧାରଣ ନିର୍ଭର କରନ୍ତି। କିନ୍ତୁ ଏହି ସ୍ୱାସ୍ଥ୍ୟ କେନ୍ଦ୍ରଟି ସବୁବେଳେ ଅବ୍ୟବସ୍ଥା ମଧ୍ୟଦେଇ ଗତିକରୁଛି। ଏହି ସ୍ୱାସ୍ଥ୍ୟ କେନ୍ଦ୍ରଟି ୧୬ ଶଯ୍ୟା ବିଶିଷ୍ଟ ହୋଇଥିଲେ ମଧ୍ୟ ଏହାର ସୁଫଳ ପାଇ ପାରୁ ନାହାନ୍ତି ବ୍ରହ୍ମଗିରିବାସୀ। ୨୦୧୨ରୁ ଆରମ୍ଭ ହୋଇଥିବା ବିଜୁ ସ୍ୱାସ୍ଥ୍ୟ କଲ୍ୟାଣ ଯୋଜନା ୨୦୧୮ ଡିସେମ୍ବର ପର୍ଯ୍ୟନ୍ତ ଠିକ୍‌ଠାକ ଚାଲିଥିବା ସମୟରେ ଏବେ ୭ମାସ ହେବ ଏହା ଠପ୍ ହୋଇଯାଇଛି। ଏହି ବିଭାଗକୁ ଇଣ୍ଟରନେଟ ସେବା ଯୋଗାଇ ଦିଆଯାଉ ନାହିଁ। ଫଳରେ ଏହି ବିଭାଗଟି ଏବେ ସମ୍ପୂର୍ଣ୍ଣ କୋମାରେ ରହିଛି। ଏହି ସ୍ୱାସ୍ଥ୍ୟ କେନ୍ଦ୍ରରେ ପ୍ରତି ମାସରେ ହାରାହାରି ୧୦୦ରୁ ଊର୍ଦ୍ଧ୍ୱ ମହିଳା ପ୍ରସବ କରିଥାନ୍ତି। ଅନେକ ଦାରିଦ୍ର୍ୟ ସୀମାରେଖା ତଳେ ଥିବା ମହିଳାମାନଙ୍କ ପାଇଁ ଏହି ଯୋଜନାରେ ସହାୟତା ଆବଶ୍ୟକତା ରହିଛି। କିନ୍ତୁ ଏହାକୁ ଯୋଜନାବଦ୍ଧ ଭାବେ କରାଯାଇ ରୋଗୀଙ୍କୁ ସମସ୍ୟା ଭିତରକୁ ଠେଲିଦିଆଯାଉଥିବା ଅଭିଯୋଗ କରନ୍ତି ବ୍ରହ୍ମଗିରିର ଭଗବାନ ନାୟକ। ହାତପାହାନ୍ତାରେ ସରକାରଙ୍କ ଏହି ଯୋଜନାରୁ ରୋଗୀ ବଞ୍ଚିତ ହେବା ସହ ବାହାରକୁ ଯାଇ ଚିକିତ୍ସିତ ହୋଇ ବିଭିନ୍ନ ସମସ୍ୟାର ସମ୍ମୁଖୀନ ହେଉଛନ୍ତି। ଏପଟେ ରୋଗୀଙ୍କୁ ସ୍ୱାସ୍ଥ୍ୟ କେନ୍ଦ୍ର ତରଫରୁ ଯୋଗାଇ ଦିଆଯାଉଥିବା ଖାଦ୍ୟ ମିଳୁ ନ ଥିବା ଅଭିଯୋଗ ହେଉଛି। ଏ ସମ୍ପର୍କରେ ରେବଣାନୂଆଗାଁ ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ର ଅଧିକାରୀ ପ୍ରଣବ ପ୍ରକାଶ ପୂର୍ଣ୍ଣଙ୍କୁ ପଚାରିବାରେ ଏଠାକାର ଲୋକେ ସଚେତନ ନୁହନ୍ତି। ସେମାନେ ତାଙ୍କର ଚିକିତ୍ସା ବାବଦକୁ ହେଉଥିବା ଖର୍ଚ୍ଚ ଠିକ୍‌ରେ ଜେନେରଟ ହୋଇପାରୁ ନ ଥିବାରୁ ଟଙ୍କା ନେଇ ପାରୁ ନାହାନ୍ତି। ଏଣୁ ଏହା କାମରେ ଆସୁ ନ ଥିବାରୁ ଏହା ବର୍ତ୍ତମାନ ବନ୍ଦ ରହିଛି ବୋଲି କହିଥିଲେ।

# ଅଭିଯୁକ୍ତଙ୍କ ଗିରଫ ଦାବିରେ ଥାନା ସମ୍ମୁଖରେ ଧାରଣା



ଧାରଣାରେ ବସିଥିବା ଗ୍ରାମବାସୀ ।

ଗୋପ, ୧୯।୭(ଡି.ଏନ୍.ଏ.)

ଗଛକଟାକୁ କେନ୍ଦ୍ର କରି ଦୀର୍ଘ ୪୬ ଦିନ ପରେ ଗୋପ ପୋଲିସି ଅଭିଯୁକ୍ତମାନଙ୍କୁ ଗିରଫ ନ କରିବା ପ୍ରତିବାଦରେ ଶୁକ୍ରବାର ଥାନା ସମ୍ମୁଖରେ ନୟାହାଟ ଫାଣ୍ଡି ଅଧୀନ ସିରେଇ ଗ୍ରାମର ଶତାଧିକ ଦଳିତ ବ୍ୟକ୍ତି ଧାରଣା ଦେଇଥିବାବେଳେ ତାଙ୍କୁ ସମର୍ଥନ ଜଣାଇ ଈଶାଣପୁର ଗ୍ରାମପଞ୍ଚାୟତର ସରପଞ୍ଚ ସୁଲୋଚନା ସେଠୀ, ସମିତିସଭ୍ୟା ରୀତା ଭୋଇ ମଧ୍ୟ ଏହି ଧାରଣାରେ ସାମିଲ ହୋଇଥିଲେ। ମାତ୍ର ପରେ ଗୋପ ଥାନାଧିକାରୀ ଟେଲିଫୋନ୍ ମାଧ୍ୟମରେ ଖୁବ୍ ଶୀଘ୍ର ଅଭିଯୁକ୍ତମାନଙ୍କୁ ଗିରଫ କରାଯିବାର ପ୍ରତିଶ୍ରୁତି ମିଳିବା ପରେ ଧାରଣା ପ୍ରତ୍ୟାହୃତ ହୋଇଥିଲା। ପ୍ରକାଶ ଯେ, ଗୋପ ଥାନା ତଥା ନୟାହାଟ ଫାଣ୍ଡି ଅଧୀନ ସିରେଇ ଗ୍ରାମର ଗଛକଟାକୁ କେନ୍ଦ୍ର କରି ଦଳିତ ଓ ସାଧାରଣ ବର୍ଗ ଲୋକଙ୍କ ମଧ୍ୟରେ ଗଣ୍ଡଗୋଳ ହୋଇଥିଲା। ସାଧାରଣ ବର୍ଗର ବ୍ୟକ୍ତିମାନେ ଦଳିତ ପରିବାରର ଦୁଇଜଣଙ୍କୁ ମାଡ଼ ମାରି ଏକ ଘରେ ବାନ୍ଧି ରଖିବା ନେଇ ଅଭିଯୋଗ ଆସିବା ପରେ ପୋଲିସ ସେମାନଙ୍କୁ ଉଦ୍ଧାର କରିଥିଲା। ପରେ ଏ ସଂକ୍ରାନ୍ତରେ କୈଳାସ ଭୋଇଙ୍କ ଅଭିଯୋଗକୁ ନେଇ ଗୋପ ଥାନାରେ ମାମଲା ନଂ ୭୧/୧୯ ରୁଜୁ କରାଯାଇଥିଲା। ମାତ୍ର ପୋଲିସ ଦୀର୍ଘଦିନ ଧରି ଅଭିଯୁକ୍ତମାନଙ୍କୁ ଗିରଫ ନ କରିବାରୁ ଦଳିତଙ୍କ ପକ୍ଷରୁ ମୁଖ୍ୟମନ୍ତ୍ରୀଙ୍କ ସହିତ ପୋଲିସ ମହାନିର୍ଦ୍ଦେଶକଙ୍କୁ ଅଭିଯୋଗ ହେବା ସହ ଧାରଣା ଦିଆଯିବ ବୋଲି ଜଣାଇ ଦିଆଯାଇଥିଲା। ଗୋପ ପୁଲିସ ଏହି ଅଭିଯୋଗ ସମ୍ପର୍କରେ ଅବଗତ ହେବା ପରେ ଗୁରୁବାର ରାତିରେ ୯ ଜଣ ଅଭିଯୁକ୍ତଙ୍କ ମଧ୍ୟରୁ ଅଜୟ ଶାସମଲ ନାମଙ୍କ ଜଣେ ଯୁବକଙ୍କୁ ଗିରଫ କରି ଶୁକ୍ରବାର କୋର୍ଟଚାଲାଣ କରିଥିଲେ। ପୂର୍ବାହ୍ନ ୧୧ ଘଟିକା ସମୟରେ ପ୍ରଦେଶ ବିଶ୍ୱାଳଙ୍କ ନେତୃତ୍ୱରେ ଶତାଧିକ ଦଳିତ ବର୍ଗର ଲୋକ ଗୋପ ଥାନା ସମ୍ମୁଖରେ ଧାରଣାରେ ବସିଥିଲେ। ଥାନାଧିକାରୀ ଦିଲୀପ କୁମାର ସ୍ୱାଇଁ ପୁରୀ ଯାଇଥିବାରୁ ଟେଲିଫୋନ୍ ମାଧ୍ୟମରେ ଖୁବ୍‌ଶୀଘ୍ର ମୁଖ୍ୟ ଅଭିଯୁକ୍ତଙ୍କ ସହ ଅନ୍ୟ ଅଭିଯୁକ୍ତମାନଙ୍କୁ ଗିରଫ କରାଯିବ ବୋଲି ପ୍ରତିଶ୍ରୁତି ଦେବା ପରେ ଧାରଣା ପ୍ରତ୍ୟାହୃତ ହୋଇଥିଲା।

### ଚାଷୀଙ୍କୁ ମିଳିନି ଧାନ ବିକ୍ରି ଟଙ୍କା ସବୁଠି ନିରାଶ ପରେ ରାଜ୍ୟପାଳଙ୍କୁ ଗୁହାରି

ପୁରୀ ଅଫିସ, ୧୯।୭:

ମଣ୍ଡିରେ ଧାନ ବିକି ଜଣେ ଚାଷୀ ୫ମାସରୁ ଊର୍ଦ୍ଧ୍ୱ ହେବ ପ୍ରାପ୍ୟ ପାଇନାହାନ୍ତି। ଏ ନେଇ ସେ ଜିଲାପାଳ, ମୁଖ୍ୟ ଶାସନ ସଚିବ ଓ ମୁଖ୍ୟମନ୍ତ୍ରୀଙ୍କ ନିକଟରେ ଅଭିଯୋଗ କରିଥିଲେ ମଧ୍ୟ ତାଙ୍କୁ ଏ ପର୍ଯ୍ୟନ୍ତ ନ୍ୟାୟ ମିଳିନାହିଁ। ସବୁଠି ନିରାଶ ହୋଇ ଶେଷରେ ରାଜ୍ୟପାଳଙ୍କୁ ଗୁହାରି ଜଣାଇଛନ୍ତି। ଏ ନେଇ ସେ ଗତ ୧୧ତାରିଖରେ ଡାକ ଯୋଗେ ରାଜ୍ୟପାଳଙ୍କ ନିକଟକୁ ଅଭିଯୋଗପତ୍ର ପଠାଇଛନ୍ତି। ଧାନ ବିକି ପ୍ରାପ୍ୟ ପାଇବାରୁ ବଞ୍ଚିତ ହୋଇଥିବା ଏହି ଚାଷୀ ଜଣଙ୍କ ହେଲେ ପିପିଲି ବ୍ଲକ କମାକଣ୍ଠିଆର ଧୂମସେନ ବରାଳ।

ରାଜ୍ୟପାଳଙ୍କୁ ପଠାଇଥିବା ଅଭିଯୋଗପତ୍ରରେ ସେ ଦର୍ଶାଇଛନ୍ତି, ଗତ ଫେବୃୟାରୀ ୧ରେ ପିପିଲି ବ୍ଲକର ରୂପଦେଇପୁର ସେବା ସମବାୟ ସମିତି ମଣ୍ଡିରେ ୫୩ ବସ୍ତା ଧାନ ବିକ୍ରି କରିଥିଲେ। ତାଙ୍କ ଧାନ ପରିମାଣ ୪୬ କୁଇଣ୍ଟାଲ ୨୯ କେଜି ହୋଇଥିଲା। ମିଲର ତାଙ୍କର ସବୁ ପୁରୁଣା ବସ୍ତା ନେଇଥିଲେ। ମାତ୍ର ପ୍ରତି ବଦଳରେ ନୂଆ ବସ୍ତା କିମ୍ବା ମୂଲ୍ୟ ଦେଇ ନ ଥିଲେ। ଧାନର ରସିଦ୍ ମଧ୍ୟ ଦିଆଯାଇ ନ ଥିଲା। ରସିଦ୍ ମାଗିବାରୁ କୁଇଣ୍ଟାଲ ପିଛା ୩ କିଲୋଗ୍ରାମ୍ ଧାନ କାଟି ଦେବାକୁ କୁହାଯାଇଥିଲା। କିନ୍ତୁ ଏଥିରେ ସେ ରାଜି ନ ହେବାରୁ ଆଜିପର୍ଯ୍ୟନ୍ତ ଧାନ ବିକ୍ରିର ରସିଦ୍ ମିଳିନାହିଁ କି ତାଙ୍କ ବ୍ୟାଙ୍କ ଆକାଉଣ୍ଟକୁ ଟଙ୍କା ଆସିନାହିଁ। ଏ ସଂକ୍ରାନ୍ତରେ ସେ ପ୍ରଥମେ ଜିଲାପାଳଙ୍କୁ ଜଣାଇଥିଲେ। ଜିଲାପାଳ ଏହାର ତଦନ୍ତ ନିର୍ଦ୍ଦେଶ ଦେଇଥିଲେ ହେଁ ୩ ମାସ ଧରି ଫାଇଲ ଚାପି ଦିଆଯାଇଥିଲା। ଏହାପରେ ସେ ମୁଖ୍ୟ ଶାସନ ସଚିବ, ମୁଖ୍ୟମନ୍ତ୍ରୀଙ୍କ ନିକଟକୁ ପତ୍ର ପଠାଇ ଗୁହାରି ଜଣାଇଥିଲେ ମଧ୍ୟ ନିରାଶ ହେବାକୁ ପଡ଼ିଛି ବୋଲି ଧୂମସେନ ପ୍ରକାଶ କରିଛନ୍ତି।

# ପାର୍କିଂ, ଥଇଥାନ ପାଇଁ ଜାଗା ଖୋଜା

**ନୋ ପାର୍କିଂ ଓ ନୋ ଭେଣ୍ଡିଂ ଜୋନ ପ୍ରସଙ୍ଗ**

ପୁରୀ ଅଫିସ,୧୯।୭:

ବଡ଼ଦାଣ୍ଡରେ ନୋ ପାର୍କିଂ ଓ ନୋ ଭେଣ୍ଡିଂ ଜୋନ୍ ପ୍ରସଙ୍ଗ ନେଇ ଅସନ୍ତୋଷ ଲାଗି ରହିଛି। ଉଠାଦୋକାନୀମାନେ କିପରି ପରିବାର ପ୍ରତିପୋଷଣ କରିବେ ସେହି ଚିନ୍ତାରେ ପଡ଼ିଛନ୍ତି। ତେବେ ଏହାକୁ ବ୍ୟବସ୍ଥିତ କରିବା ପାଇଁ ଜିଲା ପ୍ରଶାସନ ଉଦ୍ୟମ ଚଳାଇଛି। ମନ୍ଦିର ପାଖାପାଖି କେଉଁଠାରେ ପାର୍କିଂ କରାଯାଇପାରିବ ଏବଂ ପ୍ରଭାବିତ ଉଠାଦୋକାନୀଙ୍କୁ କେଉଁ ସ୍ଥାନରେ ଥଇଥାନ କରିହେବ, ୱାନ୍ ୱେ କେଉଁବାଟ ଦେଇ ଗଲେ ସୁବିଧା ହେବ ସେ ନେଇ ଶୁକ୍ରବାର ପ୍ରଶାସନର ପକ୍ଷରୁ ଜାଗା ଖୋଜା ଯାଇଛି। ଜିଲାପାଳ ବଲୱନ୍ତ ସିଂଙ୍କ ନିର୍ଦ୍ଦେଶ ମୁତାବକ ଉପଜିଲାପାଳ ଭବତାରଣ ସାହୁ, ଏନ୍‌ଫୋର୍ସମେଣ୍ଟ ଅଧିକାରୀ ଶ୍ୟାମସୁନ୍ଦର ମହାପାତ୍ର ପ୍ରମୁଖ ଶ୍ରୀମନ୍ଦିର ଚତୁଃପାର୍ଶ୍ୱ ଏବଂ ଏହାର ଆଖପାଖ ବୁଲି କେଉଁଠି ପାର୍କିଂ ହୋଇପାରିବ, ଉଠାଦୋକାନୀଙ୍କୁ ଥଇଥାନ କରିହେବ ଏବଂ ୱାନ୍ ୱେ ଟ୍ରାଫିକ କେଉଁବାଟ ଦେଇଯିବ ତାହା ବୁଲି ଦେଖିଥିଲେ। ସେହିପରି ପ୍ରଶାସନ ଉଠାଦୋକାନୀଙ୍କ ଥଇଥାନ ଲାଗି ତାଲିକା ମାଗିଥିଲା। ଶୁକ୍ରବାର ୨୩୩ ଉଠାଦୋକାନୀଙ୍କ ତାଲିକା ଉପଜିଲାପାଳଙ୍କୁ ପ୍ରଦାନ କରାଯାଇଛି। ଏ ସମ୍ପର୍କରେ ଉପଜିଲାପାଳ ସାହୁ କହିଛନ୍ତି, ପାର୍କିଂ ସୁବିଧା, ଉଠାଦୋକାନୀଙ୍କ ଥଇଥାନ ଏବଂ ଭକ୍ତଙ୍କ ପାଇଁ ୱାନ୍ ୱେ କେଉଁବାଟ ଦେଇଗଲେ ଠିକ୍ ହେବ ତାହା ଅନୁଧ୍ୟାନ କରିଛୁ। ସେହିପରି ୨୩୩ ଜଣ ଉଠାଦୋକାନୀଙ୍କ ତାଲିକା ହସ୍ତଗତ ହୋଇଥିବା ସେ ସୂଚନା ଦେଇଥିଲେ।

## ଆବର୍ଜନା ସଫେଇ କଲେ କିନ୍ନର



ସଫେଇ କାର୍ଯ୍ୟରେ କିନ୍ନରମାନଙ୍କୁ ଗ୍ରାମର ମହିଳାମାନେ ସହଯୋଗ କରୁଛନ୍ତି।

ପୁରୀ ଅଫିସ, ୧୯।୭:

ପୁରୀ ଜିଲା କିନ୍ନର ସଂଘ ପକ୍ଷରୁ ଶୁକ୍ରବାର ମଙ୍ଗଳାଘାଟ ପାଇକ ସାହିରେ ସଫେଇ କରାଯାଇଛି। ବାତ୍ୟାରେ ଭାଙ୍ଗିପଡ଼ିଥିବା ଗଛ ସମେତ ଅନାବନା ଗଛଲତା କାଟି ସଫା କରିଛନ୍ତି ୨୨ଜଣ କିନ୍ନର। ସଂଘର ମା’ ଦେବକୀ କିନ୍ନର କହିଛନ୍ତି,ସଫେଇ ପାଇଁ ଗାଁକୁ କେହି ଆସୁନାହାନ୍ତି। ତେଣୁ ସହର ଉପକଣ୍ଠ ବିଭିନ୍ନ ଗାଁକୁ ଯାଇ ସଫେଇ କରିବା ଲାଗି ନିଷ୍ପତ୍ତି ନେଇଛୁ। ଏହାଦ୍ୱାରା ଗ୍ରାମବାସୀଙ୍କ ସହିତ ସମ୍ପର୍କ ସୃଷ୍ଟି ସହ ଲୋକଙ୍କ ଦୃଷ୍ଟି ବଦଳିପାରିବ। ପାଇକସାହି ସଫେଇ କାମରେ ଗାଁ ଲୋକେ ସହଯୋଗ କରିଥିଲେ।

## ‘ତରବରିଆ ନିଷ୍ପତ୍ତି ଠିକ୍ ହୋଇନାହିଁ’

ପୁରୀ ଅଫିସ, ୧୯।୭

ଶ୍ରୀମନ୍ଦିର ଚତୁଃପାର୍ଶ୍ୱକୁ ନୋ ପାର୍କିଂ ଓ ନୋ ଭେଣ୍ଡିଂ ଜୋନ ଘୋଷଣା କରାଯାଇଛି। ଏଥିସହ ଶ୍ରୀମନ୍ଦିର ପ୍ରଶାସନ କାର୍ଯ୍ୟାଳୟଠାରୁ ସିଂହଦ୍ୱାର ପର୍ଯ୍ୟନ୍ତ ବ୍ୟାରିକେଡ କରାଯାଇ ୱାନ୍ ୱେ ଟ୍ରାଫିକ ବ୍ୟବସ୍ଥା ଲାଗୁ ହୋଇଛି। ଭକ୍ତଙ୍କ ଶୃଙ୍ଖଳିତ ଦର୍ଶନ ଓ ସୁବିଧାଜନକ ଯାତାୟାତ ଲାଗି ଏଭଳି ପଦକ୍ଷେପ ନିଆଯାଇଥିବା ପ୍ରଶାସନ କହିଛି। ତେବେ ଏହାକୁ ନେଇ ଅସନ୍ତୋଷ ବଢ଼ିବାରେ ଲାଗିଛି। ଏ ନେଇ ମତାମତ ଭିତ୍ତିକ ଉପସ୍ଥାପନା...



ଶ୍ରୀମନ୍ଦିର ଚାରିପାଖରେ ଓ ସିଂହଦ୍ୱାରଠାରୁ ଶ୍ରୀନଅର ପର୍ଯ୍ୟନ୍ତ ବହୁ ଉଠାଦୋକାନୀ ଦୀର୍ଘବର୍ଷ ହେଲା ବିଭିନ୍ନ ପ୍ରକାର ବେପାର କରି ଆସୁଛନ୍ତି। ଜିଲା ପ୍ରଶାସନ ତରବରିଆ ଭାବେ ଏହି ବ୍ୟବସ୍ଥା ଲାଗୁ କରିବା ସହ ସେମାନଙ୍କୁ ହଟାଇବା ଠିକ୍ ହୋଇନାହିଁ। ପ୍ରଥମେ ଉଠାଦୋକାନୀଙ୍କୁ ଥଇଥାନ କରିବା ଉଚିତ ଥିଲା।

**–ପ୍ରିୟଦର୍ଶନ ପଟ୍ଟନାୟକ, ଆବାହକ, ଶ୍ରୀଜଗନ୍ନାଥ ସେନା।**



ଉଠାଦେକାନୀମାନଙ୍କ ପେଟପାଟଣା କଥା ଚିନ୍ତା ନ କରି ପ୍ରଶାସନ ଏଭଳି ନିଷ୍ପତ୍ତି ନେବା ଠିକ୍ ହୋଇନାହିଁ। ରାସ୍ତା ଅବରୋଧ କଲେ ଆନ୍ଦୋଳନକାରୀଙ୍କ ବିରୋଧରେ ପୋଲିସ କେସ୍ ରୁଜୁ କରୁଛି। ତେବେ ଏକ ସର୍ବସାଧାରଣ ରାସ୍ତାକୁ ପ୍ରଶାସନ କିଭଳି ଭାବେ ବନ୍ଦ କରିଛନ୍ତି, ତାହାକୁ ନେଇ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି। ପ୍ରଶାସନ ନିଜ ନିଷ୍ପତ୍ତିର ତର୍ଜମା କରିବା ଉଚିତ।

**– ପ୍ରସନ୍ନ ଦାଶ, ଆବାହକ, ସଚେତନ ନାଗରିକ ମଞ୍ଚ।**



ଆଇନ ସମସ୍ତଙ୍କ ଲାଗି ସମାନ ହେବା ଆବଶ୍ୟକ। ଯଦି ଭକ୍ତଙ୍କ ସୁବିଧା ଦୃଷ୍ଟିରୁ ଏଭଳି ନିଷ୍ପତ୍ତି ନିଆଯାଇଛି, ତାହା ସ୍ୱାଗତଯୋଗ୍ୟ। ଯଦି ସିଂହଦ୍ୱାର ନିକଟରେ ଲୋକଙ୍କ ବାଇକ ପାର୍କିଂ ହୋଇପାରିବ ନାହିଁ, ତେବେ ଭିଆଇପି ଏବଂ ଭିଭିଆଇପିଙ୍କ ପାର୍କିଂକୁ ମଧ୍ୟ ନିଷେଧ କରାଯାଉ। ପ୍ରଶାସନିକ ଅଧିକାରୀ ଅଥବା ପୋଲିସର ଗାଡ଼ି ମଧ୍ୟ ସେଠାକୁ ଛଡ଼ା ନ ଯାଉ। ଉଠାଦୋକାନୀଙ୍କୁ ଥାଇଥାନ କରାଯାଉ।

**– ସ୍ୱାଧୀନ ପଣ୍ଡା, ଯୁବ ସଂଗଠକ**



ପ୍ରଶାସନର ମନମୁଖୀ କାର୍ଯ୍ୟକୁ ଆମେ ବିରୋଧ କରୁଛୁ। ଉଠାଦୋକାନୀମାନଙ୍କୁ ପ୍ରଶାସନ କୌଣସି ନୋଟିସ ଜାରି ନ କରି ହଠାତ ହଟାଇ ଦେବା ଉଚିତ ହୋଇନାହିଁ। ଏଥିପ୍ରତି ପ୍ରଶାସନ ଦୃଷ୍ଟି ଦେଇ ପଦକ୍ଷେପ ନେବା ଜରୁରୀ।

**–ଅନିଲ କୁମାର ସାହୁ, ଆବାହକ, ପୁରୀ ଜିଲା ଯୁବ ଅଧିବକ୍ତା ସଂଘ।**



ଜିଲା ପ୍ରଶାସନର ପଦକ୍ଷେପ ସ୍ୱାଗତଯୋଗ୍ୟ। ଏହାଦ୍ୱାରା ଭକ୍ତମାନେ ଉପକୃତ ହେବେ। ଅନ୍ୟପକ୍ଷରେ ଉଠାଦେକାନୀ ପ୍ରଭାବିତ ହେଉଥିବାରୁ ସେମାନଙ୍କ କଥା ଚିନ୍ତା କରାଯିବା ଉଚିତ।

**– ରମେଶ ପ୍ରସାଦ ସିଂ, ଯୁବ ସାମାଜିକ କର୍ମୀ।**



ଜିଲା ପ୍ରଶାସନ ଏଭଳି ନିଷ୍ପତ୍ତି ନେବା ପୂର୍ବରୁ ସ୍ଥାନୀୟ ବୁଦ୍ଧିଜୀବୀ, ସାମାଜିକ କର୍ମୀ, ଉଠାଦୋକାନୀମାନଙ୍କ ସହ ଆଲୋଚନା କରିବାର ଥିଲା। ତେବେ ଭକ୍ତଙ୍କ ସ୍ୱାର୍ଥ ଦୃଷ୍ଟିରୁ ପ୍ରଶାସନର ନିଷ୍ପତ୍ତି ଗ୍ରହଣୀୟ। ପ୍ରଶାସନ ଲାଗି ଅଲଗା ଏବଂ ଲୋକଙ୍କ ଲାଗି ଅଲଗା ନିୟମ ଠିକ୍ ନୁହଁ।

**– ସୂର୍ଯ୍ୟନାରାୟଣ ରଥ, ଆବାହକ, ଶ୍ରୀଜଗନ୍ନାଥ ଭକ୍ତ ପରିଷଦ।**

■ ପୁରୀ ଜିଲାରେ ଦୂରହେବ ଜଳକଷ୍ଟ

# ପ୍ରଶାସନକୁ ମିଳିଲା ଜଳ ବିଶୋଧନ ଯନ୍ତ୍ର

ପୁରୀ ଅଫିସ, ୧୯।୭:



ବାତ୍ୟା ପ୍ରପୀଡ଼ିତ ପୁରୀ ଜିଲାବାସୀଙ୍କ ଜଳକଷ୍ଟକୁ ଦୂର କରିବା ଲାଗି ଜେକେ ପେପର ଲିମିଟେଡର ସହଯୋଗୀ ସଂସ୍ଥା ସ୍ୱର୍ଶ ପକ୍ଷରୁ ଜିଲା ପ୍ରଶାସନକୁ ଏକ ୱାଟର ପ୍ୟୁରିଫାୟର ବା ଜଳ ବିଶୋଧନ ଯନ୍ତ୍ର ପ୍ରଦାନ କରାଯାଇଛି। ଗ୍ରାମ୍ୟ ଜଳ ଯୋଗାଣ ଓ ପରିମଳ (ଆରଡବ୍ଲ୍ୟୁଏସ୍‌ଏସ୍) କାର୍ଯ୍ୟାଳୟଠାରେ ଜେକେ ପେପର ଲିମିଟେଡର ସିଏସ୍‌ଆର ମୁଖ୍ୟ ପ୍ରଫୁଲ୍ଲଧଳ ଏବଂ ଉପଦେଷ୍ଟା କପିଳ କଲଙ୍କଠାରୁ ଏହି ୱାଟର ପ୍ୟୁରିଫାୟରକୁ ଆରଡବ୍ଲ୍ୟୁଏସ୍‌ଏସ୍‌ର କାର୍ଯ୍ୟନିର୍ବାହୀ ଯନ୍ତ୍ରୀ ବସନ୍ତ କୁମାର ନାୟକ ଗ୍ରହଣ କରିଥିଲେ। ଏହି ଅବସରରେ ଧଳ କହିଥିଲେ, ଏହି ମେଶିନ ୱାଟର ଏଟିଏମ୍ ଭଳି କାର୍ଯ୍ୟ କରିବ। ଏହା ପୋଖରୀ ଓ ନଦୀ ପାଣିକୁ ମଧ୍ୟ ବିଶୋଧନ କରି ପାନୀୟ ଉପଯୋଗୀ କରିବ। ଏପରି କି ଲୁଣି ପାଣିକୁ ମଧୁର ଜଳରେ ରୂପାନ୍ତରିତ କରିପାରୁଛି। ଘଣ୍ଟାକୁ ପ୍ରାୟ ୧ ହଜାର ଲିଟରରୁ ଊର୍ଦ୍ଧ୍ୱ ଜଳକୁ ଏହା ବିଶୋଧନ କରିପାରୁଥିବାବେଳେ ଦୈନିକ ପ୍ରାୟ ୧୦ହଜାର ଲିଟର ଶୁଦ୍ଧ ପାଣି ଏଥିରୁ ମିଳିପାରିବ। ବାତ୍ୟା ପରେ ପ୍ରାୟ ଦେଢ ମାସ ହେଲା ଏହି ଭ୍ରାମ୍ୟମାଣ ମେଶିନ ପୁରୀ ଜିଲାର କଣାସ, ପୁରୀ ସଦର ପ୍ରଭୃତି ବ୍ଲକରେ ଲୋକଙ୍କୁ ପାନୀୟଜଳ ଯୋଗାଇଥିବା ବେଳେ ଶୁକ୍ରବାର ବିଧିବଦ୍ଧ ଭାବେ ଜିଲା ପ୍ରଶାସନକୁ ଏହା ହସ୍ତାନ୍ତର କରାଯାଇଛି ବୋଲି ଧଳ ସୂଚନା ଦେଇଥିଲେ। ସେହିପରି ଆରଡବ୍ଲ୍ୟୁଏସ୍‌ଏସ୍‌ର କାର୍ଯ୍ୟନିର୍ବାହୀ ଯନ୍ତ୍ରୀ ନାୟକ କହିଥିଲେ, ଦୁର୍ବିପାକ ସମୟରେ ଏହି ମେଶିନ ସାହାଯ୍ୟରେ ପୋଖରୀ ହେଉ ଅବା ନଦୀର ପ୍ରଦୂଷିତ ପାଣିକୁ ଶୁଦ୍ଧ କରାଯାଇ ପାରିବ। ଏହି ପାଣିକୁ ଟ୍ୟାଙ୍କର ଯୋଗେ ନେଇ ଆଖପାଖ ଗାଁ ଲୋକଙ୍କୁ ପିଇବା ପାଇଁ ଦିଆଯାଇପାରିବ। ପୁରୀ ଜିଲାର ଅଧିକାଂଶ ଅଞ୍ଚଳରୁ ଲୁଣିପାଣି ବାହାରୁଥିବାବେଳେ ଖରାଦିନେ ବିଭିନ୍ନ ଅଞ୍ଚଳରେ ଜଳକଷ୍ଟ ଦେଖା ଦେଇଥାଏ। ଜଳକଷ୍ଟ ଦୂରେଇବାରେ ଏହି ମେଶିନ ସହାୟକ ହୋଇପାରିବ ବୋଲି ନାୟକ ପ୍ରକାଶ କରିଥିଲେ।

■ ଭାର୍ଗବୀ-ଖୁରୁଖୁରୀ ସେତୁ: ଉଦ୍‌ଘାଟନକୁ ୭ ମାସ ପୂରିନି

# ଭୁଶୁଡ଼ି ପଡ଼ିଲାଣି ସଂଯୋଗୀକରଣ ରାସ୍ତା

ପୁରୀ ଅଫିସ, ୧୯।୭:



ଭାର୍ଗବୀ-ଖୁରୁଖୁରୀ ସେତୁର ସଂଯୋଗୀକରଣ ରାସ୍ତା ଭୁଶୁଡ଼ି ପଡିଛି ।

ବ୍ରିଜ୍ ତିଆରି ହେଲେ ଦୁଇଟି ବ୍ଲକକୁ ଯୋଗାଯୋଗ ସୁଗମ ହେବ। ପ୍ରାୟ ୩୦ ହଜାରରୁ ଊର୍ଦ୍ଧ୍ୱ ଗ୍ରାମବାସୀ ଉପକୃତ ହେବେ। ଏମିତି ଲକ୍ଷ୍ୟ ନେଇ ଭାର୍ଗବୀ-ଖୁରୁଖୁରୀ ସେତୁର ପରିକଳ୍ପନା କରାଯାଇଥିଲା। ସେତୁ ତିଆରି ହେଲା ସିନା ହେଲେ ଉଦ୍‌ଘାଟନକୁ ୭ମାସ ପୂରିନି ଏହାର ଉଭୟ ପାର୍ଶ୍ୱ ସଂଯୋଗୀକରଣ ରାସ୍ତା ଭୁଶୁଡ଼ି ପଡ଼ିଲାଣି। ବର୍ତ୍ତମାନ ବର୍ଷାଋତୁରେ ଯଦି ଏହାର ମରାମତି ପ୍ରତି ଦୃଷ୍ଟି ଦିଆ ନ ଯାଏ ତେବେ ମାଟି ଧୋଇଯାଇ ସଂଯୋଗୀକରଣ ରାସ୍ତା ବ୍ରିଜ୍‌ଠାରୁ ସମ୍ପୂର୍ଣ୍ଣ ଅଲଗା ହୋଇଯିବ। ତେବେ ନିମ୍ନମାନର କାମ ଯୋଗୁ ରାସ୍ତା ଉଭୟ ପାର୍ଶ୍ୱରୁ ଭୁଶୁଡ଼ି ପଡ଼ିଥିବା ଅଞ୍ଚଳବାସୀ ଅଭିଯୋଗ କରିଛନ୍ତି।

ପୁରୀ ସଦର ବ୍ଲକ ଓ ସତ୍ୟବାଦୀ ବ୍ଲକକୁ ଯୋଡ଼ିବା ଲକ୍ଷ୍ୟ ନେଇ ୨୦୧୧ ଅକ୍ଟୋବର ୭ତାରିଖରେ ପୁରୀ ସଦର ବ୍ଲକ ଅଧୀନ ବାଳିପଡ଼ା ପଞ୍ଚାୟତର ବାଙ୍ଗୁରୁବା ଗଦାଧରପୁରଠାରେ ଭାର୍ଗବୀ ନଦୀ ଉପରେ ଭାର୍ଗବୀ-ଖୁରୁଖୁରୀ ସେତୁର ଶିଳାନ୍ୟାସ କରାଯାଇଥିଲା। ତତ୍କାଳୀନ ବିଧାୟକ ମହେଶ୍ୱର ମହାନ୍ତି ଓ ମନ୍ତ୍ରୀ ବିକ୍ରମ କେଶରୀ ଆରୁଖଙ୍କ ଦ୍ୱାରା ବିଜୁ ସେତୁ ଯୋଜନା ମାଧ୍ୟମରେ ଏହାର ଶିଳାନ୍ୟାସ ହୋଇଥିଲା। ୨୧୫ ମିଟର ଲମ୍ବ ଏବଂ ୮.୩୫ ମିଟର ପ୍ରସ୍ଥ ବିଶିଷ୍ଟ ଏହି ସେତୁ ଲୋକାର୍ପିତ ହେଲେ ଉପରୋକ୍ତ ୨ଟି ବ୍ଲକର ବିଭିନ୍ନ ଗାଁର ପ୍ରାୟ ୩୦ହଜାର ଲୋକ ଉପକୃତ ହେବେ ଏବଂ ୨୨ମାସ ମଧ୍ୟରେ ଏହା ଶେଷ ହେବ ବୋଲି ଗ୍ରାମ୍ୟ ଉନ୍ନୟନ ବିଭାଗ ପକ୍ଷରୁ କୁହାଯାଇଥିଲା। ଆରମ୍ଭରୁ ଏହାର ଅଟକଳ ମୂଲ୍ୟ ଥିଲା ୫କୋଟି ୭୪ ଲକ୍ଷ ଟଙ୍କା। କିନ୍ତୁ ସେତୁ ନିର୍ମାଣ ସମୟରେ ଅଧିକ ୨ଟି ସ୍ପାନ ନିର୍ମାଣର ଆବଶ୍ୟକତା ପଡ଼ିଲା। ଫଳରେ ନିର୍ମାଣ କାର୍ଯ୍ୟ ବିଳମ୍ବ ହେଲା ଏବଂ ଏହା ଶେଷ ହେବାକୁ ଦୀର୍ଘ ୮ବର୍ଷ ଲାଗିଗଲା। ଏଥିସହ ଅଟକଳ ମୂଲ୍ୟ ବୃଦ୍ଧି ପାଇ ୭କୋଟି ୫୧ ଲକ୍ଷ ୨୫ ହଜାର ଟଙ୍କାରେ ପହଞ୍ଚିଥିଲା। ସବୁଠୁ ଆଶ୍ଚର୍ଯ୍ୟର କଥା ହେଉଛି ୨୦୧୭ ମସିହାରେ ସେତୁ ନିର୍ମାଣ ସରିଥିବାବେଳେ ଏହାର ସଂଯୋଗୀକରଣ ରାସ୍ତା ନିର୍ମାଣକୁ ୧ବର୍ଷ ଲାଗିଯାଇଥିଲା। ଏହାପରେ ଚଳିତବର୍ଷ ଜାନୁୟାରୀ ୧୧ତାରିଖରେ ଏହି ସେତୁ ଲୋକାର୍ପଣ ହୋଇଥିଲା। ତତ୍କାଳୀନ ମନ୍ତ୍ରୀ ମହେଶ୍ୱର ମହାନ୍ତି, ଏମ୍‌ପି ପିନାକୀ ମିଶ୍ର, ସତ୍ୟବାଦୀ ବିଧାୟକ ଉମାକାନ୍ତ ସାମନ୍ତରାୟ ଅତିଥି ଭାବେ ଯୋଗଦେଇ ଏହା ଦୁଇ ବ୍ଲକ ମଧ୍ୟରେ ଗମନାଗମନ କ୍ଷେତ୍ରରେ ବେଶ୍ ସହାୟକ ହେବ ବୋଲି କହିଥିଲେ। ହେଲେ ଉଦ୍‌ଘାଟନକୁ ୭ ମାସ ପୂରିନି ସଂଯୋଗୀକରଣ ରାସ୍ତା ଦୁଇପାର୍ଶ୍ୱରୁ ଭୁଶୁଡ଼ିଲାଣି। ସିମେଣ୍ଟ ବାଡ଼ା ଭାଙ୍ଗିଯାଇଥିବାବେଳେ ମାଙ୍କଡ଼ା ପଥର ଧସି ନଦୀକୁ ଖସିଲାଣି। ନିମ୍ନମାନର କାମ ଯୋଗୁ ସଂଯୋଗୀକରଣ ରାସ୍ତା ଭୁଶୁଡ଼ିଥିବା ବାଳିପଡ଼ା ପଞ୍ଚାୟତ ବାଙ୍ଗୁରୁବା ଗାଁର ସୁରେଶ ଖୁଣ୍ଟିଆ ଅଭିଯୋଗ କରିଛନ୍ତି। ସେ କହିଛନ୍ତି, ସାଧାରଣ ନିର୍ବାଚନ ଥିବାରୁ ତରବରିଆ ଭାବେ ସଂଯୋଗୀକରଣ ରାସ୍ତା ତିଆରି କରାଯାଇଥିଲା। ଫଳରେ ୭ମାସ ପୂରିନି ଏବେ ବ୍ରିଜ୍ ଉଭୟ ପାର୍ଶ୍ୱ ସଂଯୋଗୀକରଣ ରାସ୍ତା ଭୁଶୁଡ଼ି ପଡ଼ିଲାଣି। ଯଦି ବଡ଼ ବର୍ଷା ହୁଏ ତେବେ ମାଟି ଧୋଇଯିବ ଏବଂ ବ୍ରିଜ୍‌ଠାରୁ ସଂଯୋଗୀକରଣ ରାସ୍ତା ସମ୍ପୂର୍ଣ୍ଣ ଅଲଗା ହୋଇଯିବ। ବିଭାଗୀୟ କର୍ତ୍ତୃପକ୍ଷ ତୁରନ୍ତ ଏ ଦିଗରେ ପଦକ୍ଷେପ ନେବା ଉଚିତ। ଏ ସମ୍ପର୍କରେ ପୁରୀ ଗ୍ରାମ୍ୟ ଉନ୍ନୟନ ବିଭାଗର କାର୍ଯ୍ୟନିର୍ବାହୀ ଯନ୍ତ୍ରୀଙ୍କୁ ପଚାରିବାରୁ କହିଛନ୍ତି, ଭାର୍ଗବୀ-ଖୁରୁଖୁରୀ ସେତୁର ସଂଯୋଗୀକରଣ ରାସ୍ତା ଭୁଶୁଡ଼ି ପଡ଼ିବା ନେଇ ଆମ ପାଖରେ କୌଣସି ଖବର ନ ଥିଲା। କ’ଣ ହୋଇଛି ପଚାରି ବୁଝିବି।